ମାର୍ଚ୍ଚ ୨୦୨୪ • ୫୦ ଟଙ୍କା

# ରେବତୀ

ଆମ ମାଟିର ସ୍ୱର

website : www.rebatee.in



ପ୍ରସଙ୍ଗ :

## ପର୍ଯ୍ୟଟନ


SUPRATIK INFRAVENTURES
LIFESTYLE Project - II
Limited 2 & 3 BHK
Flat Available
RERA
APPROVED
7205330222
sales@supratikinfraventures.com
Follow us on :
/ supratikinfraventures
www.supratikinfraventures.com
Branch Office : Alupur, Near Laxminarayan Temple
O. T. Road, Balasore - 756001

RNI Registration No. : ODIODI / 2018 / 78444

# REBATI AMA MATIRA SWARA

*a monthly family feature Odia Journal on Life & Literature*

# ରେବତୀ
## ଆମ ମାଟିର ସ୍ୱର

ଷଷ୍ଠ ବର୍ଷ : ୫ମ ସଂଖ୍ୟା, ମାର୍ଚ୍ଚ ୨୦୨୪ ■ Vol-6, Issue : 05, March 2024



ମାର୍ଗଦର୍ଶକ | Advisor
ଇଂ. ରବୀନ୍ଦ୍ର କୁମାର ଜେନା | **Er. Rabindra Kumar Jena**



ସମ୍ପାଦିକା | Editor
ଶ୍ରୀମତୀ ସୁବାସିନୀ ଜେନା | **Mrs. Subasini Jena**

ଆରାଧ୍ୟ
**ଫକୀରମୋହନ ସେନାପତି**
କଥାସମ୍ରାଟ ଓ ବ୍ୟାସକବି

■

ଉପଦେଷ୍ଟା
**ଡକ୍ଟର ପ୍ରହ୍ଲାଦ ଚରଣ ମହାନ୍ତି**
ବିଶିଷ୍ଟ ଶିକ୍ଷାବିତ୍ ଓ ସାହିତ୍ୟିକ

ସହଯୋଗୀ ସମ୍ପାଦକ
**କୃଷ୍ଣ କୁମାର ମହାନ୍ତି**

ପ୍ରସାରଣ ଓ ବିଜ୍ଞାପନ ବିଭାଗ ମୁଖ୍ୟ
**ରବୀନ୍ଦ୍ର କୁମାର ବିଶ୍ୱାଳ**

ଅଳଂକରଣ ବିଭାଗ

- ଗ୍ରାଫିକ୍ ଡିଜାଇନ୍ : ଶିବରାଜ କର୍ମ
- ଚିତ୍ରକଳା : ସୁସ୍ମିତା ମିଶ୍ର, ସଞ୍ଜୟ ରାଉଳ
- ଲେ-ଆଉଟ୍ : ଦିଲ୍ଲୀପ କୁମାର ସେଣ
- ଅକ୍ଷର : ନିରଞ୍ଜନ ସାହୁ
- ରେବତୀ ନାମାଙ୍କନ : ଶିଳ୍ପୀ ଶଶିକାନ୍ତ ରାଉତ

**Bhubaneswar Office**

**Rebatee Media House Pvt. Ltd.**
Plot No. 432, 1st Floor
Lewis Road
Bhubaneswar-751002
Phone : 9937288554
E-mail
*rebatimedia@gmail.com*

**Editorial Office**

Editor : **Rebati Ama Matira Swara**
O.T. Road, Balasore
Pin - 756001, Odisha
Phone : 9437080003
7008845920
E-mail :
*rebati.rebati2018@gmail.com*

Printed by **Subasini Jena**, Published by **Subasini Jena**, Owned by **Subasini Jena** and Printed at Print-Tech Offset Pvt. Ltd., F-66/1 & F-66/2, Chandaka Industrial Area, P.O. KIIT, Bhubaneswar-751024, Odisha and Published at Mansingh Bazar, P.O. Motiganj, Dist. Balasore-756003, Odisha. Editor : **Subasini Jena**

■ ମୂଲ୍ୟ : ୫୦ ଟଙ୍କା ମାତ୍ର ■ Price : **INR 50/-**
■ ବାର୍ଷିକ : ୭୯୦ ଟଙ୍କା ମାତ୍ର ■ Annual : **INR 790/-**

# ରେବତୀ
ଆମ ମାଟିର ସର


୪
ସମ୍ପାଦକୀୟ : ଆନନ୍ଦ ଅନ୍ୱେଷଣର ମାର୍ଗ : ସୁବାସିନୀ ଜେନା

୯ ପର୍ଯ୍ୟଟନ-୧ : ମାଧବ ମହାତ୍ମ୍ୟ: ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ

୧୫ ପର୍ଯ୍ୟଟନ-୨ : ମନାଲିର ମହାଦେବ: ରୋଜାଲିନି ମିଶ୍ର

୨୦ ପର୍ଯ୍ୟଟନ-୩: କେରଳର କିମିଆଁ: ପ୍ରଜ୍ଞାଶ୍ରୀ ରଥ

୨୮ ପର୍ଯ୍ୟଟନ-୪: ପ୍ରେମମୟୀ ପେନାଙ୍ଗ୍: ବୀଣାପାଣି ପ୍ରଧାନ

୩୪ ପର୍ଯ୍ୟଟନ-୫: ରାଜଭୂମି ରାଜଶାହୀ: ପ୍ରଫେସର ଦାଶରଥି ଭୂୟାଁ

୪୧ ପର୍ଯ୍ୟଟନ-୬ : ନିଆରା ନେପାଳ: ଅଜିତ ପାତ୍ର






୫୦ ପର୍ଯ୍ୟଟନ-୭ : ଲିପିକା ମହାପାତ୍ର

୫୪ ଦ୍ୱି-ପ୍ରଚ୍ଛଦ : ସିମୁନ୍ ଲେଙ୍କା

ଧାରାବାହିକ କାବ୍ୟ

୫୬ : ଡକ୍ଟର ପ୍ରଫୁଲ୍ଲ କୁମାର ମହାନ୍ତି

ସମକାଳ କବିତା

୫୭ : ବିଜୟ ମହାପାତ୍ର
ଅନ୍ନପୂର୍ଣ୍ଣା ମହାନ୍ତି

୫୮ : ଯଶୋଧାରା ଦାସ
ଛବିରାଣୀ ପତି

୫୯ : କିଶୋର ପାଣିଗ୍ରାହୀ
ଯାଦବେନ୍ଦ୍ର ସାହା




## ସମ୍ପାଦକୀୟାଂଶ...

××× ଗୋଟିଏ କଥା ସ୍ପଷ୍ଟ ଯେ, 'ଆନନ୍ଦ' ଅବଶ୍ୟ ଆନନ୍ଦବଜାରରେ ନଥାଏ କି, ନଥାଏ ମଧ୍ୟ ଘରର ଠାକୁରଘର ଭିତରେ । ପ୍ରକୃତ ଆନନ୍ଦଟି କିନ୍ତୁ କସ୍ତୁରୀ ମୃଗ ସମ ଥାଏ ଆମରି ଅନ୍ତଃକରଣରେ । ଆମେ କିନ୍ତୁ ଚାରିପାଖରେ ଖୋଜିବୁଲୁ ଓ ହତାଶ ହେଉ । କେବେ କେବେ ତ ଅନ୍ୟର ଆନନ୍ଦ ଆମକୁ ଅସହିଷ୍ଣୁତା ଆଡ଼କୁ ଘେନିଯାଏ । ଆମେ ଅନ୍ୟର ଆନନ୍ଦରେ ନିଜକୁ ସାମିଲ୍ ତ କରାଇ ପାରୁନା, ଅଧିକନ୍ତୁ ଈର୍ଷା ପରାୟଣ ହୋଇଉଠୁ ବେଶି । ଏହା ହିଁ ଆମର 'ଆନନ୍ଦ-ଶୂନ୍ୟତା'ର ହେତୁ । ଏହାକୁ ବୁଝିବା ପାଇଁ ଚେତନା ସ୍ତରରେ ଯେଉଁ ଉତ୍ତରଣର ଆବଶ୍ୟକତା ରହିଛି, ଆମକୁ ପ୍ରଥମେ ସେ ଦିଗରେ ଭାବିବାକୁ ପଡ଼ିବ । ଆସନ୍ତୁ, ଆମେ ସଭିଏଁ ନୂଆର ସ୍ୱାଗତିକାରେ ଆନନ୍ଦ ସାଉଁଟିବା ଓ ନିଜେ ବି ଅପର ପାଇଁ ଆନନ୍ଦର ହେତୁ ହେବା । ଆନନ୍ଦର ଅନ୍ୱେଷଣରେ ଆମେ ବାହାରିଲେ ହିଁ ଆମକୁ ଆନନ୍ଦମୟ ଲାଗିବ ଜୀବନ ଓ ସମୟ ।

ସୁବାସିନୀ ଜେନା














ନିୟମିତ ବିଭାଗ

ରୋଷେଇଶାଳ
୧୦୨ : ସଙ୍ଗୀତା ଦାସ
୧୦୩ : ପ୍ରଣତି ଆଚାର୍ଯ୍ୟ ମିଶ୍ର
୧୦୪ : ରତିକାନ୍ତ ପାତ୍ର





୧୦୫: ଶେଷପୃଷ୍ଠା : ସଜା ଆନନ୍ଦ ଓ ସୃଜନାନନ୍ଦ
କୃଷ୍ଣ କୁମାର ମହାନ୍ତି

୬୦ : ସ୍ମୃତିସୁଧା ସାହୁ
ଶ୍ରୀଗୋବିନ୍ଦ
୬୧ : ରଂଜନ ବାଗ
ଶିବଶଙ୍କର ଦାସ
୬୨ : ଶବନମ୍ ଆଦେନି
୬୩ : ରଜନୀ ଶତପଥୀ
ଆରତୀ ସାହୁ
୬୪ : ଦେବଯାନୀ ରାୟ
କିରଣ ମନୀଷା ମହାନ୍ତି
୬୫ : ଡ. କଲ୍ୟାଣ ସୌରଭ ଦାଶ
୬୬ କଥା-କାହାଣୀ-୧ : ମନୋଜ କୁମାର ମହାପାତ୍ର
୭୦ କଥା-କାହାଣୀ-୨ : ସ୍ୱାଗତିକା ବେହେରା
୭୪ ପର୍ଯ୍ୟଟନ-୮ : ଲକ୍ଷ୍ମୀପ୍ରିୟା ଓଝା
୮୦ ପର୍ଯ୍ୟଟନ-୯ : ଡ. ଫକୀରମୋହନ ନାହାକ
୮୫ ସଂସ୍ମରଣ : ପ୍ର. ମଣୀନ୍ଦ୍ର କୁମାର ମେହେର
୮୯ ପୁଷ୍ପବିତାନ : ଶ୍ୱେତା ରାଉତ
୯୩ ଗୃହ ସମସ୍ୟା : ଡକ୍ଟର ହରପ୍ରସନ୍ନ ଦାସ
୯୬ ଧାରାବାହିକ : ଜୟନ୍ତୀ ରଥ
୯୯ ସୌନ୍ଦର୍ଯ୍ୟ-ଚର୍ଚ୍ଚା : ଡକ୍ଟର ପ୍ରୀତିପଦ୍ମା ପଣ୍ଡା





ପ୍ରଚ୍ଛଦ ଭାବନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ମଧୁସ୍ମିତା ଜେନା, ମଡ଼େଲ
ଉଚ୍ଚତା : ୫ ଫୁଟ୍ ୪ ଇଞ୍ଚ୍
ବୃତ୍ତି : ମଡେଲ
ରୁଚି : ମଡ଼େଲିଂ
ଶିକ୍ଷା : ସ୍ନାତକ
ପ୍ରଚ୍ଛଦ ଫଟୋଗ୍ରାଫି : ଚନ୍ଦନ ପ୍ରଧାନ, ସିପି ଫଟୋଗ୍ରାଫି, ବାରିପଦା
ମେକ୍‌ଅପ୍ : ମଧୁସ୍ମିତା
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କମ୍ପ, ସୋନପୁର
ଫଟୋଶୁଟ୍ ସ୍ଥାନ : ପାଲବଣି, ବାରିପଦା

**ମଲାଟ କଥା :** ହୋଲି ସାରା ଭାରତରେ ଅତି ଲୋକପ୍ରିୟ ପର୍ବ । ବସନ୍ତ ଋତୁର ଏଇ ପର୍ବକୁ ଭାଷା, ବର୍ଣ୍ଣ, ଲିଙ୍ଗ, ପ୍ରାନ୍ତ, ଧର୍ମ ନିର୍ବିଶେଷରେ ସମସ୍ତେ ଉପଭୋଗ କରିଥାନ୍ତି । ଏଇ ପର୍ବରେ ଲୋକମାନେ ରାଧା ଦାମୋଦରଙ୍କୁ ସୁସଜ୍ଜିତ ବିମାନରେ ବସାଇ ଘରକୁ ଘର ବୁଲିଥାନ୍ତି । ଫଗୁ ପୁନେଇଁଦିନ ସବୁ ବିମାନଙ୍କୁ ଦୋଳ ମଣ୍ଡପରେ ବସାଇ ପାଞ୍ଚଦିନ ବ୍ୟାପି ପୂଜାର୍ଚ୍ଚନା କରାଯାଏ । ପୁନେଇଦିନ ବିଭିନ୍ନ ଗ୍ରାମରୁ ଆସିଥିବା ବିମାନମାନଙ୍କର ମନୋରମ ଶୋଭାଯାତ୍ରାକୁ ମେଲଣ କୁହାଯାଏ । ଏହାର ପରଦିନ ରଙ୍ଗଖେଳ ହୋଇଥାଏ । ଏଇ ରଙ୍ଗଖେଳ ଏତେ ଲୋକପ୍ରିୟ ଯେ ଆବାଳବୃଦ୍ଧବନିତା ଏହାର ଆନନ୍ଦ ଉଠାଇଥାନ୍ତି । ସେଇ ରଙ୍ଗଖେଳର ପ୍ରତୀକ ଆମର ଏ ମାସର ପ୍ରଚ୍ଛଦ ।

# ଆନନ୍ଦ ଅନ୍ୱେଷଣର ମାର୍ଗ

ଆମ ପରିବାରମାନଙ୍କରେ ନବଜାତ ଶିଶୁଟିଏ ଜନ୍ମ ଗ୍ରହଣ କଲେ, ଆନନ୍ଦମୁଖର ହୋଇଉଠେ ଘର । ଠିକ୍ ସେହିପରି ଘରକୁ ନବବଧୂ ଆସିବାର ମୁହୂର୍ତ୍ତଟିକୁ ବି ଆମେ ଆନନ୍ଦମୁଖର କରି ତୋଳୁ । କେବେ ନୂଆଘରକୁ 'ଗୃହପ୍ରବେଶ'ର ଆନନ୍ଦଦାୟୀ ମୁହୂର୍ତ୍ତ ଆସେ ତ କେବେ ପୁଣି ଘରେ କୌଣସି ସଦସ୍ୟର ନୂଆ ସଫଳତାରେ 'ଆନନ୍ଦ'ଟି ଆସେ ଅଚିରେ । ପ୍ରକୃତରେ ଏ 'ଆନନ୍ଦ'ଟି ଥାଏ କୋଉଠି ? ଯଦି ଏହା ଆମ ଭିତରେ ଥାଏ, ତେବେ କାହିଁକି ଆମେ ଏତେ ଏତେ ଦୁଃଖବିଷାଦ ଭିତରେ ଘାଣ୍ଟି ହେଉ ଅହରହ ! କାହିଁକି ଦିନର ଅଧିକାଂଶ ସମୟ ଆମେ ଏପରି 'ଭାବ' ପ୍ରକଟ କରୁ, ଯେପରିକି ଆମର ବଞ୍ଚିବା ନିରର୍ଥକ । ଆମେ ଜନ୍ମବେଳେ ଆଣିଥିଲୁ ଅନେକ କିଛି, କିଏ ଯେପରି ଆମ ଠୁ ଲୁଟି ନେଇଛି ସବୁକିଛି- ଏପରି ଏକ ମନୋସ୍ଥିତିରେ ଆମେ ଚଳପ୍ରଚଳ ହେଉ କାହିଁକି ସତେ !

ଗୋଟିଏ କଥା ସ୍ପଷ୍ଟ ଯେ, 'ଆନନ୍ଦ' ଅବଶ୍ୟ ଆନନ୍ଦବଜାରରେ ନଥାଏ କି, ନଥାଏ ମଧ୍ୟ ଘରର ଠାକୁରଘର ଭିତରେ । ପ୍ରକୃତ ଆନନ୍ଦଟି କିନ୍ତୁ କସ୍ତୁରୀ ମୃଗ ସମ ଥାଏ ଆମରି ଅନ୍ତଃକରଣରେ । ଆମେ କିନ୍ତୁ ଚାରିପାଖରେ ଖୋଜିବୁଲୁ ଓ ହତାଶ ହେଉ । କେବେ କେବେ ତ ଅନ୍ୟର ଆନନ୍ଦ ଆମକୁ ଅସହିଷ୍ଣୁତା ଆଡ଼କୁ ଘେନିଯାଏ । ଆମେ ଅନ୍ୟର ଆନନ୍ଦରେ ନିଜକୁ ସାମିଲ୍ ତ କରାଇ ପାରୁନା, ଅଧିକନ୍ତୁ ଈର୍ଷା ପରାୟଣ ହୋଇଉଠୁ ବେଶି । ଏହା ହିଁ ଆମର 'ଆନନ୍ଦ-ଶୂନ୍ୟତା'ର ହେତୁ । ଏହାକୁ ବୁଝିବା ପାଇଁ ଚେତନା ସ୍ତରରେ ଯେଉଁ ଉତ୍ତରଣର ଆବଶ୍ୟକତା ରହିଛି, ଆମକୁ ପ୍ରଥମେ ସେ ଦିଗରେ ଭାବିବାକୁ ପଡ଼ିବ ।

ଆମେ ସବୁବେଳେ ନୂତନତା ଖୋଜୁ । ସବୁ କଥାରେ ନୂଆ କିଛି ଘଟିଲେ ଆମେ ଆନନ୍ଦିତ ହେଉ । କିନ୍ତୁ ଏଇ ନୂଆଟି ପ୍ରକୃତରେ କ'ଣ ? ନୂଆ ଚେତନା ନା ନୂଆ ଜାଗରଣ ? ନୂତନ ଚଳଣି ନା ନୂତନ ଜୀବନାଦର୍ଶ ? କଣ ପ୍ରକୃତରେ ନୂଆ ହୋଇ ଦିଶେ ଆମକୁ ! କ'ଣ ଆବୋରି ବସେ ଆମର ଚିନ୍ତା ଓ ଚେତନାକୁ । କେବେ ସେ ବିଷୟରେ ଆମେ ଭାବୁ ନାହୁଁ ଭଲ କରି । ଗୋଟିଏ ବର୍ଷ ଶେଷ ହୋଇଯାଏ । ଆଉ ଗୋଟିଏ ବର୍ଷ ନୂଆ ହୋଇ ପ୍ରବେଶ କରେ ଆମର ଜୀବନଚର୍ଯ୍ୟାକୁ । ସେ ବି ଚାଲିଯାଏ । ପୁଣି ଆସେ ନୂଆ । ଅଥଚ କେବେ ଆମେ ଚିନ୍ତା କରିଛେ ଯେ, ଏ ନୂଆର ଆସିବା ଯିବା ଭିତରେ କ'ଣ ବଦଳିଛି ଆମ ଜୀବନରେ । କ'ଣ ବଦଳିଛି ଆମ ଆଚରଣରେ । କ'ଣ ବଦଳିଛି ଆମ ନୀତି ଓ ଆଦର୍ଶରେ । କିଛି ବି ନୁହେଁ । କେବଳ ନୂତନତାକୁ ପାଳିବାର ଏକ ପ୍ରଖର ଆକାଂକ୍ଷା ଭିତରେ ହିଁ ସବୁକିଛି ଶେଷ ହୋଇଯାଏ ।

ଗୋଟେ ପରିବାରର ଆନନ୍ଦ ଭିତରେ ଆମେ ଯେତେବେଳେ ନିଜକୁ ସମର୍ପି ଦେଇଥାଉଁ, ସେତେବେଳେ ପରିବାରର ପ୍ରତିଟି ସଦସ୍ୟଙ୍କ ମନପ୍ରାଣରେ ଖୁସି ହିଁ ଖେଳୁଥାଏ । କିନ୍ତୁ ଠିକ୍ ଅପର ପାର୍ଶ୍ୱରେ ଅନ୍ୟ ଏକ ପରିବାରରେ ହୁଏତ ଏହାର ବିପରୀତ କିଛି ଘଟୁଥାଇ ପାରେ । ଆମେ ସେ ବିଷୟରେ ଜାଣୁ । କିନ୍ତୁ ତାହା ଆମର ପ୍ରସଙ୍ଗ ନୁହେଁ ଭାବି, ଆମେ ନିଜ ନିଜର ଆନନ୍ଦରେ ହେଉ ଆତ୍ମହରା । ଆମକୁ ଆଉ କାହାର ଦୁଃଖ କାତର କରି ପାରେନା । ଏମିତି ଅନେକ କଥାକୁ ଆମେ ଅଣଦେଖା କରିପାରୁ ବୋଲି ଜୀବନକୁ ନେଇ ଆଗେଇ ପାରୁ ଆମେ । ଏ ହେଉଛି ଆଜିର 'ନୂଆ-ମଣିଷ'ଙ୍କ ଜୀବନାଦର୍ଶ ।

ସତକଥା କହିଲେ, ନୂଆ ବୋଲି କିଛି ନଥାଏ । ଆମର ଦୃଷ୍ଟିଭଙ୍ଗୀକୁ ଟିକିଏ ବଦଳେଇ ଦେଲେ ଆମେ ଜାଣି ପାରିବା ଯେ, ନୂଆ ବୋଲି ଯାହା ଆମ ପାଖକୁ ଆସେ, ତାହା ଆଉ କାହା ପାଇଁ ହୁଏତ ପୁରୁଣା ହୋଇପାରେ । ଏମିତିରେ ନୂଆକୁ ସ୍ୱାଗତ କରିବାର ଏକ ଉଚ୍ଚ ପରମ୍ପରାରେ ବିଶ୍ୱାସୀ ଆମେ । ତେଣୁ 'ପରିବାର' ଠୁ ଆରମ୍ଭ କରି 'ସମାଜ' ପର୍ଯ୍ୟନ୍ତ, ସବୁଠି ନୂଆକୁ ଆମେ ସ୍ୱାଗତ କରୁ । ଭଲ ପାଇବା ଦେଉ । ଏଇ ସ୍ୱାଗତିକାରେ ହିଁ ସବୁଜ ହୋଇ ଉଠେ 'ନୂଆ'ର ଆଗମନ । ପ୍ରତିଟି ପରିବାରରେ ଏଇ ସ୍ୱାଗତିକା ହିଁ ଆନନ୍ଦର ଆଉ ଏକ ମାର୍ଗ । ଆମେ ଆମର ପରିବାରଟିକୁ ଯଦି ନୂଆର ସ୍ୱାଗତିକାରେ 'ଆନନ୍ଦମୟ' କରି ତୋଳିବା, ତେବେ ସବୁ ସମସ୍ୟାର ହିଁ ସମାଧାନ ଅଚିରେ ହୋଇ ପାରିବ । କାରଣ ଏଇ ପରିବାରକୁ ନେଇ ହିଁ ସମାଜ । ସମାଜକୁ ନେଇ ଦେଶ, ପ୍ରଦେଶ, ପୁରପଲ୍ଲୀ । ସୁତରାଂ ପରିବାର ଭିତରେ ନୂଆ ଚେତନାଟିଏର ମଂଜି ପୋତିବା ଏକାନ୍ତ ଅପରିହାର୍ଯ୍ୟ । ଏପରି ହେଲେ ହିଁ ଯେଉଁ ନକାରାତ୍ମକ ଚେତନାଶକ୍ତି ଆମର ମନୋବଳକୁ ଦୁର୍ବଳ ଓ ବିପଥଗାମୀ କରାଏ, ତାହା କ୍ରମଶଃ ଲୋପ ପାଇବ । ଏକ ସକରାତ୍ମକ ଉର୍ଜାରେ ପ୍ରତିଭାତ ହେବ ନୂଆ ସକାଳ । ସେଇ ସକାଳର ନୂଆ କିରଣରେ ବିଞ୍ଚି ହୋଇ ପଡ଼ିବ ନୂଆ ଧରିତ୍ରୀର ବୀଜମନ୍ତ୍ର । 'ଆନନ୍ଦ' ଆଉ କ'ଣ କି ? ଆତ୍ମଶୋଧନର ପରବର୍ତ୍ତୀ ପର୍ଯ୍ୟାୟ । ଆତ୍ମନିରୀକ୍ଷଣ କଲେ ହିଁ ଜଣେ ଜାଣି ପାରିବ ତା' ଭିତରେ ଆନନ୍ଦ କେତେ ଭରି ହୋଇ ରହିଛି । ଆମ ଚାରିପାଖରେ ବି ଆନନ୍ଦ ସାଉଁଟିବାର ଅନେକ ମାଧ୍ୟମ ରହିଛି । ତେବେ ଏଥିପାଇଁ ପ୍ରାଥମିକ ଭାବରେ ଆମକୁ ଖୋଲା ରଖିବାକୁ ହେବ ଆମର ଚେତନାର ଦ୍ୱାର ।

ଆସନ୍ତୁ, ଆମେ ସଭିଏଁ ନୂଆର ସ୍ୱାଗତିକାରେ ଆନନ୍ଦ ସାଉଁଟିବା ଓ ନିଜେ ବି ଅପର ପାଇଁ ଆନନ୍ଦର ହେତୁ ହେବା । ଆନନ୍ଦର ଅନ୍ୱେଷଣରେ ଆମେ ବାହାରିଲେ ହିଁ ଆମକୁ ଆନନ୍ଦମୟ ଲାଗିବ ଜୀବନ ଓ ସମୟ । ଆମେ କିନ୍ତୁ ନିରାନନ୍ଦରେ ରହି ଆନନ୍ଦକୁ ଖୋଜୁଥାଉ ସବୁବେଳେ, ତେଣୁ ତ ପାଖରେ ଥାଇ ବି ଆନନ୍ଦ ଥାଏ ଅପହଞ୍ଚ ଦୂରତାରେ । ହୋଲିର ଆଗମନରେ ଆସନ୍ତୁ ରଙ୍ଗ ଖେଳି ଆନନ୍ଦ ଉଠାଇବା । ସମସ୍ତଙ୍କୁ ହୋଲିର ଶୁଭେଚ୍ଛା ।

ସ୍ନେହଲତା ଦେଓ

**ସମ୍ପାଦିକା**







## ସରୋଜ ରଞ୍ଜନ ମହାନ୍ତି: ଏକ ସୁନ୍ଦର ଆଲେଖ

● 'ରେବତୀ' ପ୍ରକାଶ ପାଇବାର ଅନେକ ବର୍ଷ ହୋଇଗଲାଣି । ମୁଁ ଗତ ଜାନୁଆରୀ ୨୦୨୪ରୁ ନିୟମିତ ପୁରୁଣା ବସ୍‌ଷ୍ଟାଣ୍ଡରୁ ନାରାୟଣ ଦୋକାନରୁ କିଣି ପଢୁଛି । ସମ୍ପାଦକୀୟ ଉଚ୍ଚକୋଟୀର । ଏଥର ଫେବୃଆରୀ ସଂଖ୍ୟା ପଢ଼ିଲି: 'ସରୋଜ ରଂଜନ କବିତା ଓ ସମ୍ପାଦନାର ଅମୀୟ ସୃଜନ' । ଗାଳ୍ପିକ ରବି ପଣ୍ଡା, ସରୋଜ ରଞ୍ଜନ ମହାନ୍ତିଙ୍କ ଜନ୍ମମାସ ଫେବୃଆରିରେ ତାଙ୍କୁ ନେଇ ଏକ ସୁନ୍ଦର ଓ ବିଶେଷ ଆଲେଖ୍ୟ ପ୍ରସ୍ତୁତ କରିଛନ୍ତି । ତାକୁ ପଢ଼ି ମୋର ଅତୀତ ମନେ ପଡ଼ିଗଲା । ଜଣେ ବରିଷ୍ଠ କବି ଓ ସୁଦକ୍ଷ ସମ୍ପାଦକଙ୍କ ସହିତ ରବି ବାବୁଙ୍କର ପ୍ରଥମ ସାମ୍ନାସାମ୍ନି ଓ ପରିଚୟ । 'ଝଙ୍କାର' ସମ୍ପାଦକ ସରୋଜ ବାବୁ ମୋ ସହିତ ବାଣୀବିହାରରେ ପଲିଟିକାଲ୍ ସାଇନ୍ସ ଏମ.ଏ. ଏକାଠି କରିଥିଲେ । ଦେବଦାସ ଛୋଟରାୟ ମୋ ଠାରୁ ବର୍ଷେ ଜୁନିୟର ହେଲେ ମଧ୍ୟ ତାଙ୍କର ସହିତ ଚିଠିପତ୍ରର ଆଦାନ ପ୍ରଦାନ ରହିଛି । ମୁଁ ଏପରି ଜଣେ ବିଦ୍ୱାନଙ୍କ ସହ ପାଠ ପଢ଼ିଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛି । ପଢ଼ି ସାରିଲା ପରେ ମୁଁ ଗାଳ୍ପିକ ରବି ପଣ୍ଡାଙ୍କ ସାଙ୍ଗରେ ଯୋଗାଯୋଗ କରିଥିଲି । ଆସନ୍ତାକାଲି ସରୋଜ ବାବୁଙ୍କୁ ପରିଚୟ ଦେବି ।

**ରମେଶ ଚନ୍ଦ୍ର ପାତ୍ର,** ଭୁବନେଶ୍ୱର-୨

## ପ୍ରୀତିପଦ୍ମା ପଣ୍ଡାଙ୍କ ଲେଖା ଖୁବ୍ ତଥ୍ୟୋପଯୋଗୀ

● ଫେବୃଆରୀ 'ରେବତୀ'ର ପ୍ରସଙ୍ଗ ଜନଜାତି ଅତ୍ୟନ୍ତ ଉଚ୍ଚକୋଟୀର । ସମ୍ପାଦକୀୟରେ ନାରୀ ସଚେତନତା ଉପରେ ସମ୍ପାଦିକାଙ୍କର ଦୃଷ୍ଟିଭଙ୍ଗୀ ଖୁବ୍ ପ୍ରଶଂସନୀୟ । 'ତିତିକ୍ଷାର ତପସ୍ୱୀ'ରେ ବର୍ଷୀୟାନ କବି ତଥା ସାରସ୍ୱତ ସାଧକ ସରୋଜ ରଞ୍ଜନ ମହାନ୍ତିଙ୍କ ସହ ଲେଖକ ରବି ପଣ୍ଡାଙ୍କ ବାର୍ତ୍ତାଳାପ ମର୍ମସ୍ପର୍ଶୀ ତଥା ଶିକ୍ଷଣୀୟ । ଜନଜାତିର ଯୋଦ୍ଧା, ବାରଥାଳିରୁ ବାଥୁଡ଼ି, ଅମର ଶହୀଦ ବିର୍ସା ମୁଣ୍ଡାରୁ ଅନେକ ଅଜଣା ତଥ୍ୟ ଜାଣିହେଲା । ସମରେନ୍ଦ୍ରନାଥ ମହାପାତ୍ରଙ୍କ ଲିଖିତ 'ଝୁମେଇଦିଏ ଝୁମର' ସତରେ ଝୁମେଇ ଦେଲା । ସମସ୍ତ ଗଳ୍ପ ଓ କବିତା ମନଛୁଆଁ । 'ହୋ' ଜନଜାତି, କନ୍ଧଙ୍କ କାନ୍ଥଚିତ୍ର, ମନଛୁଆଁ ଛେର୍ ଛେରା- ସବୁକିଛି ନିଆରା । ଡକ୍ଟର ପ୍ରୀତିପଦ୍ମା ପଣ୍ଡାଙ୍କ 'ନୀଳ ରଶ୍ମୀର ବିଷ' ଖୁବ୍ ତଥ୍ୟୋପଯୋଗୀ । ମୋର ସବୁଠୁ ପ୍ରିୟପୃଷ୍ଠା 'ଶେଷପୃଷ୍ଠା'ରେ 'ଲେଖକର ଲୋକପ୍ରିୟତା' ଉପରେ କୃଷ୍ଣ କୁମାର ମହାନ୍ତି ସାର୍ ଅତି ସୁନ୍ଦର ଭାବରେ ଆଲୋକପାତ କରିଛନ୍ତି ।

**ଶୁଭଶ୍ରୀ ଦାଶ,** ଶ୍ରୀକଣ୍ଠପୁର, ବାଲେଶ୍ୱର

## ଆକର୍ଷଣର କେନ୍ଦ୍ର ବିନ୍ଦୁ ରଜନୀକାନ୍ତ ମହାନ୍ତିଙ୍କ ଗଳ୍ପ

● 'ରେବତୀ' ଫେବୃଆରୀ-୨୦୨୪ ସଂଖ୍ୟା ମୋତେ ଅଭିଭୂତ କଲା । ଏହା ଜନଜାତି ପ୍ରସଙ୍ଗକୁ ନେଇ ଗଢ଼ି ଉଠିଛି । ମୁଁ ପ୍ରତ୍ୟେକ ଜନଜାତିଙ୍କ ଉପରେ ସନ୍ନିବେଶିତ ନିବନ୍ଧ ପାଠ କରି ସାରସ୍ୱତ ସୁଖରେ ତଲ୍ଲୀନ ହେଲି । ତେବେ ମୁଁ ପ୍ରଥମେ ଏଇ ଜନଜାତି ଲେଖା ଉପରେ ମୋର ପାଠକୀୟ ଅଭିବ୍ୟକ୍ତି ରଖୁଛି । ପତ୍ରିକାର ପ୍ରଥମ ନିବନ୍ଧ ହେଉଛି ଡକ୍ଟର ଦେବାଶିଷ ପାତ୍ରଙ୍କ ଲେଖା 'ସ୍ୱାଧୀନତା ପାଇଁ ଶିଳାର ସଙ୍ଗୀତ' । ଏଥିରେ କେତେଜଣ ଆଦିବାସୀ ସଂଗ୍ରାମୀଙ୍କ କଥା ମୋତେ ପ୍ରଭାବିତ କଲା । ତିଲକା ମାଝୀଙ୍କ ସାହସ ଏମିତି ଥିଲା ଯେ ସେ ଜିଲ୍ଲାପାଳଙ୍କୁ ବି ଗୁଳି କରି ମାରି ଦେଇଥିଲେ । ତାଙ୍କ ମୁକ୍ତି ଦଳ ଓ ଦିକୁରାଜ ଆନ୍ଦୋଳନ କଥା ଖୁବ୍ ଚମକପ୍ରଦ । ଏହା ପରକୁ ଆସନ୍ତି ବୁଧ ଭଗତ । ତାଙ୍କ ନେତୃତ୍ୱରେ ବ୍ରିଟିଶ ବାହିନୀ ସହିତ ସଂଗ୍ରାମ କରି ସେ, ତାଙ୍କ ପରିବାର ସମେତ ୧୫୦ଜଣ ନିହତ ହେଲେ । ସେମାନଙ୍କ ସଂଗ୍ରାମର ପଟାନ୍ତର ନାହିଁ । ସେ ପୁଣି ସିଧୁ, କାହ୍ନୁ, ଚାନ୍ଦ, ଭୈରବ, ବିର୍ସା ମୁଣ୍ଡା, ତମଦୋରା ଓ ଲକ୍ଷ୍ମଣ ନାୟକଙ୍କ ପରି ବୀର ଆଦିବାସୀ ନେତାଙ୍କ କଥା ପ୍ରସଙ୍ଗକୁ ଆଣିଛନ୍ତି । ଅଭୟ ଦ୍ୱିବେଦୀଙ୍କ ବିର୍ସା ମୁଣ୍ଡାଙ୍କ ସଂଗ୍ରାମ ଜୀବନର ଭିନ୍ନ ଉପାଦାନ ମୋତେ ବିସ୍ମିତ କଲା । ସେ କିପରି ନିଜ ଧର୍ମକୁ ରକ୍ଷା କରିବା ପାଇଁ ସଂଗ୍ରାମ କରିଛନ୍ତି ଓ ସେ ତାଙ୍କ ସଂପ୍ରଦାୟର ଲୋକଙ୍କ ପାଇଁ ଈଶ୍ୱର ହେଇ ଯାଇଛନ୍ତି-ଏସବୁ ଭାବିଲେ ହୃଦୟ ପ୍ରକମ୍ପିତ ହୁଏ । ଏଇ ସଂଖ୍ୟାରେ ବାଥୁଡ଼ି, ଜୁଆଙ୍ଗ, ଇଡତାଲ୍, ହୋ, କନ୍ଧଙ୍କ ଚିତ୍ର, ଡଙ୍ଗରିଆ ଚିତ୍ର, ଛେର୍‌ଛେରା, ଭୁଞ୍ଜିଆକଥାକୁ ମୁଁ ଗୋଟେ ନିଶ୍ୱାସରେ ପଢ଼ିଗଲି । ଖୁବ୍ ସୁନ୍ଦର ବିଷୟ ସଂଗ୍ରହ କରିଛନ୍ତି ଲେଖକମାନେ । ସେମାନଙ୍କୁ ମୋର ଆନ୍ତରିକ ଅଭିନନ୍ଦନ । ପୁଣି ସେସବୁକୁ ସଂଗ୍ରହ କରି ଏଥିରେ ସଂଯୋଜିତ କରିଥିବାର ସେ ଶ୍ରମକୁ ପାଶୋରି ହେବ ନାହିଁ । ହଁ ଆଉ ଏକ ସ୍ୱତନ୍ତ୍ର ଆଦିବାସୀ ନାଚ ଉପରେ ଲେଖିଛନ୍ତି ପ୍ରିୟ କବି ସମରେନ୍ଦ୍ରନାଥ ମହାପାତ୍ର । ସେ ଝୁମର ନାଚ ଉପରେ ଏକ ବିଶ୍ଳେଷଣାତ୍ମକ ଲେଖା ଉପସ୍ଥାପନ କରିଛନ୍ତି । ଏଥିରେ ଅନେକ କଥା ସେ ଉଲ୍ଲେଖ କରିଛନ୍ତି । କବିତା ବିଭାଗର ଚମତ୍କାରିତା ଏଥର ବି ପରିସ୍ଫୁଟିତ ହୁଏ । ଏ ବିଭାଗରେ ମୋତେ ଉଦ୍‌ବେଳିତ କଲେ କବି ଦିଲୀପ ସ୍ୱାଇଁ, ମନୋଜ ମେହେର, ସୁକୁମାର ଦାସ, ବବୁଲୁ ପଧାନ, ସୁଶାନ୍ତ ଜେନା ଇତ୍ୟାଦି । ଏ ସଂଖ୍ୟାର ସବୁଠୁ ବେଶି ଆକର୍ଷଣୀୟ ମୋ ପାଇଁ ଗାଳ୍ପିକ ରଜନୀକାନ୍ତ ମହାନ୍ତିଙ୍କ ଗଳ୍ପ 'ମାୟା ପୁରୁଷ' । ଏହା ମୋ ହୃଦୟରେ ଏକ ଅପୂର୍ବ ସ୍ପନ୍ଦନ ସୃଷ୍ଟି କଲା । ବାସ୍ତବିକ ଏହା ଗୋଟେ ଭଲ ଗପ । ଗଳ୍ପର ଶେଷ ଭାଗରେ ଗଳ୍ପ ନାୟକ ଗୋଟେ ଆଲେଖା କାଗଜ ନେଇ ବାନ୍ଧବୀଙ୍କ ଭବନକୁ ଫେରାଇବାକୁ ଯାଉଛି । ତାଙ୍କ ଅନୁପସ୍ଥିତିରେ ଦରୁଆନକୁ କାଗଜଟା ଦେଲେ ସେ ରଖିବ ଓ ଚିରିଦେବ । ପୁଣି ସେଇ ଲୋକ ଚିଠିଟି ଫେରାଇ ବାକୁ ଆସିଲେ ସେ ବିରକ୍ତ ହେଇ କହିବ ତୁମେ ଜଣେ ଯାଦୁଗର । ମୁଁ ବିସ୍ମରି ପାରୁନାହିଁ ଏଇ ଉପସ୍ଥାପନା । 'ଝଙ୍କାର'ର ସୁନାମଧନ୍ୟ ସମ୍ପାଦକ ସରୋଜରଞ୍ଜନ ମହାନ୍ତିଙ୍କ ସାକ୍ଷାତକାର ଖୁବ୍ ଚାମତ୍କର । ବହୁ ଅଜ୍ଞାତ କଥା ତାଙ୍କ ବିଷୟରେ ଜାଣି ହେଲା । ତାଙ୍କ ପାଠ ପଢା ଠୁଁ ସମ୍ପାଦନା ଯାଏଁ । କେତେ କର୍ତ୍ତବ୍ୟନିଷ୍ଠ ସମ୍ପାଦକ । ପଢ଼ିଲେ ସ୍ୱପ୍ନ ସ୍ୱପ୍ନ ଲାଗେ । ମୁଁ ସରୋଜ ସାର୍ ଓ ରଜନୀ ମହାନ୍ତିଙ୍କୁ ମୋ ପାଠକୀୟ ଆବେଗ ଜଣାଇଥିଲି, ଫୋନ୍‌ରେ । କେତେ ମାର୍ଜିତ ଓ ମଧୁର ସେମାନଙ୍କ କଥା । ହେଲେ ଆଉ ଜଣେ ବିଜ୍ଞ ନିବନ୍ଧ ଲେଖାଳିଙ୍କୁ ମଧ୍ୟ ଫୋନ୍ କରିଥିଲି । ସେ ଫୋନ୍ ଧରିଲେ ତ ନାହିଁ କିନ୍ତୁ କଲ୍ ବ୍ୟାକ୍ ସୁଦ୍ଧା କଲେ ନାହିଁ । ଆଶ୍ଚର୍ଯ୍ୟ । ସୌନ୍ଦର୍ଯ୍ୟ ବିଭାଗରେ ନୀଳ ରଶ୍ମିର ବିଷ, ହସଖୁସିର ପରିବାର, ରାନ୍ଧିବାର ନୂଆ ନୂଆ ବ୍ୟଞ୍ଜନ ମୁଁ ଆଗ୍ରହ ସହକାରେ ପଢିଲି । ସମ୍ପାଦକୀୟରେ ମୁଖ୍ୟ ସମ୍ପାଦିକାଙ୍କ ନାରୀ ସ୍ୱାଧୀନତାର କଥା ଖୁବ୍ ସ୍ୱାଗତଯୋଗ୍ୟ ଓ ମୁକ୍ତିର ଆନନ୍ଦ ଅନୁଭବ୍ୟ । ନାରୀ ସ୍ୱାଧୀନ ହେଲେ ସମାଜ ଅଗ୍ରଗତି ହେବ । ଏବେ 'ଶେଷପୃଷ୍ଠା' କଥା କହି ଶେଷ କରିବି । କବି କୃଷ୍ଣ କୁମାର ମହାନ୍ତି ପ୍ରତିଥର ପରି 'ଲେଖକର ଲୋକପ୍ରିୟତା' କଥା ଲେଖିଲା ବେଳେ, ଲୋକପ୍ରିୟ ଲେଖକ ଓ ଲେଖକୀୟ ଲୋକପ୍ରିୟତାର ବିଭାଗୀକରଣ ଖୁବ୍ ସୁନ୍ଦର ଚିନ୍ତନରେ ବ୍ୟାଖ୍ୟା କରିଛନ୍ତି । ଲେଖକ ସତ୍ ସାହିତ୍ୟ ଲେଖି ଲୋକପ୍ରିୟତା ଅର୍ଜନ କରୁ ବୋଲି ସେ ଶେଷମତ ରଖିଛନ୍ତି ।

**ଉଦୟ ନାରାୟଣ ଦାସ,** ଚୂନଭାଟି କଲୋନୀ, ଗୋପାଳଗାଁ, ବାଲେଶ୍ୱର

**ଭୁଲ ସଂଶୋଧନ:** ଆମର ଫେବୃଆରୀ ସଂଖ୍ୟାର କବିତା ପୃଷ୍ଠା ୬୨ରେ କବି ବିଶ୍ୱଜିତ ନାୟକଙ୍କ 'ବାପା ହେବା ପରେ' ଶୀର୍ଷକ କବିତାଟି ପ୍ରକାଶିତ ହୋଇଛି । କିନ୍ତୁ ବିଶ୍ୱଜିତ ନାୟକଙ୍କ ଫଟୋ ବଦଳରେ ଭୁଲବଶତଃ ଏଥିରେ କବି ବିଶ୍ୱନାଥ ନାୟକଙ୍କର ଫଟୋଟି ସ୍ଥାନିତ ହୋଇଛି । ସେହିପରି ପୃଷ୍ଠା ୮୫ରେ ଦ୍ୱିତୀଚନ୍ଦ୍ର ସାହୁଙ୍କ 'କନ୍ଧଙ୍କ କାନ୍ଥଚିତ୍ର' ସୂଚୀପତ୍ରରେ ଉଲ୍ଲେଖ ହୋଇନାହିଁ । ଏ ପ୍ରକାର ଅନିଚ୍ଛାକୃତ ଅସାବଧାନତା ପାଇଁ ଆମେ ଦୁଃଖ ପ୍ରକାଶ କରୁଛୁ ।


SMILE GOLD
100% Hall Marked Jewellery
BIS
Desire meets
A New Style
Mob: +91-9438019696/ 9438029797
Plot No: B-38,Fancy Market,Saheed Nagar,Bhubaneswar

## ଶସ୍ତା ସୁନ୍ଦର ଓ ଗୁଣାତ୍ମକ ପତ୍ରିକା : ରେବତୀ

● ‘ରେବତୀ’ ନାଁଟିରେ ଏମିତି କି ଅଦ୍ଭୁତ ଆକର୍ଷଣ ଅଛି, ତାହା ଆମ ଓଡ଼ିଆ ଭାଷା ଆଉ ସାହିତ୍ୟକୁ ପ୍ରେମ କରୁଥିବା ଶରୀର ଆଉ ଆତ୍ମାଟିଏ ହିଁ ଜାଣିପାରିବ । ସାମାଜିକ ଗଣମାଧ୍ୟମରେ ଏହି ‘ରେବତୀ’କୁ ମୁଁ ବହୁତ ଶୁଣିଥିଲି ଆଉ ଦେଖିଥିଲି । କିନ୍ତୁ ଅନୁଭବ କରିବାକୁ ସମୟ ପାଇ ପାରିନ ଥିଲି । ଏବେ କିନ୍ତୁ ଏଇ ‘ରେବତୀ’କୁ ମୁଁ ପାଇଛି, ଆଉ ପଢ଼ିଛି ମଧ୍ୟ । ଧନ୍ୟବାଦ ଦେବି ମୁଁ କୃଷ୍ଣ ସାର୍‌ଙ୍କୁ ଯେ, ତାଙ୍କରି ପ୍ରେରଣା ମୋତେ ଏଇ ମାସିକ ପତ୍ରିକା ଟିକୁ ପଢିବା ପାଇଁ ଉତ୍ସାହିତ କରିଛି । ପତ୍ରିକାଟି ସବୁ ଦୃଷ୍ଟିରୁ ଉଚ୍ଚକୋଟୀର ହୋଇ ପାଠକ/ପାଠିକାମାନଙ୍କର ମନକୁ ଛୁଇଁ ପାରିଛି । ଗୋଟିଏ ବାକ୍ୟରେ କହିବି, ‘ରେବତୀ’ ହେଉଛି ‘ଶସ୍ତା, ସୁନ୍ଦର ଆଉ ଗୁଣାତ୍ମକ’ ମାନର ମାସିକ ପତ୍ରିକାଟିଏ, ଯିଏ ନୂଆ ଲେଖକ ଆଉ କବିମାନଙ୍କୁ ଦେଇଛି ସେମାନଙ୍କ ଅସଲ ପରିଚୟ । ଓଡିଶାରେ ଥିବା ସମସ୍ତ ସାହିତ୍ୟପ୍ରେମୀଙ୍କୁ ମୁଁ ଅନୁରୋଧ କରିବି ଆପଣମାନେ ନିଶ୍ଚିତ ପଢନ୍ତୁ । ଧନ୍ୟବାଦ ।

**ରଶ୍ମିରେଖା ବେହେରା,**
ଟାଟାଷ୍ଟିଲ ଅଫିସର୍ସ କଲୋନୀ,
ମଧୁବନ, ପାରାଦ୍ୱୀପ
ଦୂରଭାଷ: ୭୬୮୨୯୬୫୨୩୫

## ସମରେନ୍ଦ୍ରନାଥ ମହାପାତ୍ର ଝୁମେଇ ଦେଲେ

● ସାରସ୍ୱତ ପ୍ରଣାମ ପ୍ରିୟ ସମ୍ପାଦକ ଓ ସମ୍ପାଦିକା । ଅନେକ ଦିନରୁ ସ୍ୱପ୍ନଟିଏ ଦେଖୁଥିଲି ମୋର ଷଢ଼େଇକଳା ବିଷୟରେ କିଛି ବି କୌଣସି ଏକ ପତ୍ରିକାରେ ଛପା ହେଉ । ସେହି ମହାର୍ଘ ମୁହୂର୍ତ୍ତ ମୋତେ ଦେଲା ମୋର ପ୍ରିୟ ‘ରେବତୀ’ । ଆଜି ମୋ ହାତରେ ଫେବୃଆରୀ ମାସର ‘ରେବତୀ’ । ‘ରେବତୀ’ ପରି ଉତ୍କୃଷ୍ଟ ପତ୍ରିକାରେ ଷଢ଼େଇକଳାର ଜନଜାତିଙ୍କ ବିଷୟରେ, ସେ ପୁଣି ମୋ ଲେଖନୀରୁ । ସୁଖଦ ଆଶ୍ଚର୍ଯ୍ୟର ଏକ ନିଆରା ଅନୁଭବ । ଏହିପରି ଷଢ଼େଇକଳା ସମ୍ପର୍କିତ କିଛି ଲେଖା ଯଦି ପତ୍ର ପତ୍ରିକାରେ ପ୍ରକାଶିତ ହୁଏ ତେବେ ଷଢ଼େଇକଳା ବାସୀ ଗର୍ବ ଓ ଆନନ୍ଦରେ ଫାଟି ପଡ଼ନ୍ତି ଏୟା ଭାବି ଯେ- “ନା, ଓଡ଼ିଶାବାସୀ ଆମକୁ ଭୁଲି ନାହାଁନ୍ତି । ଆମେ ଏବେ ବି ଯୋଡ଼ି ହେଇ ରହିଛୁ ତାଙ୍କ ସହିତ । ଆମେ ବିଚ୍ଛିନ୍ନ ନୋହୁଁ ।” ତା ଛଡ଼ା, ଏ ମାସର ‘ରେବତୀ’ରେ ଜନଜାତିଙ୍କର ବହୁବିଧ ଆଲୋଚନା ହେଇଛି । ସମରେନ୍ଦ୍ରନାଥ ସାର୍‌ଙ୍କର ‘ଝୁମରର ଝଙ୍କାର’ ସତରେ ଝୁମେଇ ଦେଲା । ଡକ୍ଟର ରଞ୍ଜନ ପ୍ରଧାନଙ୍କ ଜୁଆଙ୍ଗ ବିବାହ ସମ୍ପର୍କିତ ଫିଚର୍‌ରେ ବହୁତ ବିଶ୍ଳେଷଣାତ୍ମକ ତଥ୍ୟ ପ୍ରକାଶିତ ହୋଇଛି । କବିତା ସବୁ ସୁଖପାଠ୍ୟ ହେଇଛି । ବିଶେଷ ଭାବେ ମନୋଜ ମେହେର୍ ଆଜ୍ଞାଙ୍କର ପିମ୍ପୁଡ଼ି ସନେଟ୍ ଖୁବ୍ ପ୍ରଭାବଶାଳୀ । ପତ୍ରିକାଟିକୁ ଅନେକ ସୁମନାସ ।

**ଆରତୀ ସାହୁ (ଆଶା),** ବସନ୍ତ ବିହାର,
ନୂଆଦିଲ୍ଲୀ, ଫୋନ:୯୮୬୮୪୬୩୪୫୮

# ଲେଖକଲେଖିକାଙ୍କ ପାଇଁ ନିୟମାବଳୀ

● ‘ରେବତୀ ଆମ ମାଟିର ସ୍ୱର’ ରେବତୀ ମିଡିଆ ହାଉସ୍ ପ୍ରା. ଲିଃ.ର ଏକ ଉପକ୍ରମ । ଏହା ଏକ ମାସିକ ପାରିବାରିକ ଫିଚର୍ ପତ୍ରିକା । ବିଶେଷ ଅସୁବିଧା ନଥିଲେ ବର୍ଷରେ ଏହାର ୧୨ଟି ସୁଚିନ୍ତିତ ସଂଖ୍ୟା ପ୍ରକାଶ ପାଏ । ବେଶ୍ କିଛି ସଂଖ୍ୟା ପାଇଁ ରଖା ଯାଇଥାଏ ବିଶେଷ ପ୍ରସଙ୍ଗମାନ ।

● ଏହା ଘର ଓ ପରିବାରର ପ୍ରତ୍ୟେକଟି ସଦସ୍ୟଙ୍କ ପତ୍ରିକା । ସୁତରାଂ ଏଥିରେ ପରିବାର ଓ ଜନଜୀବନ ଉପଯୋଗୀ ସକାରାତ୍ମକ ଲେଖାମାନ, ସଚିତ୍ର ସ୍ଥାନିତ ହୁଏ । ସାହିତ୍ୟ ଏହାର ଏକ ଅଂଶ ମାତ୍ର ।

● ‘ରେବତୀ’ ମୁଖ୍ୟତଃ ତରୁଣ ଲେଖକ/ଲେଖିକାଙ୍କର କଳ୍ପିତ ମଞ୍ଚ । କିନ୍ତୁ କେବଳ ଲେଖାର ଅଭିନବତ୍ୱ ହିଁ ଚୟନର ମାନକ । ଲେଖକମାନେ ଗୋଟିଏ ନୂଆ ଦିଗ୍‌ବଳୟ ସୃଷ୍ଟି କରି ପାରିଲେ ‘ରେବତୀ’ ସେଇମାନଙ୍କର ହେବ, ସବୁବେଳେ ।

● ଏଥିପାଇଁ ଫିଚରଧର୍ମୀ ଲେଖା (ଜେରକ୍ସ କପି ନୁହେଁ) ବର୍ଷସାରା ଗ୍ରହଣ କରାଯାଏ । ଲେଖା ସହିତ ନିଜର ଏବଂ ଲେଖା-ସମ୍ବନ୍ଧିତ ଫଟୋଗ୍ରାଫ୍ ସଂଲଗ୍ନ କରିବା ବିଧେୟ । ଉତ୍ତମ ରିଜୋଲ୍ୟୁସନ୍ ଥିବା ଭଲ ଫଟୋ ହିଁ ଗ୍ରହଣୀୟ । ଅନ୍ୟଥା ଖରାପ ଗୁଣବତ୍ତା ବିଶିଷ୍ଟ ଫଟୋ କାରଣରୁ ସମ୍ପୂର୍ଣ୍ଣ ଲେଖାଟି ଅପ୍ରକାଶ୍ୟ ରହିପାରେ । ଏଥିପ୍ରତି ବିଶେଷ ଧ୍ୟାନ ଦେବାକୁ ‘ରେବତୀ’ କହି ରଖୁଛି ।

● କେଉଁ ବିଷୟରେ ଫିଚର୍ ପ୍ରସ୍ତୁତ କରିବେ, ସେ ସମ୍ବନ୍ଧିତ ସବିଶେଷ କଥା ସମ୍ପାଦକୀୟ କାର୍ଯ୍ୟାଳୟରୁ ଆଗ ଜାଣିନେବେ । ସେଠାରୁ ସବୁଜ ସଂକେତ ପାଇଲେ ନିର୍ଦ୍ଧାରିତ ସମୟସୀମା ଭିତରେ ଲେଖା ପଠାଇବେ । ପଠାଇବାର ଛଅମାସ (କିମ୍ବା ଅଧିକ ସମୟ)ପର୍ଯ୍ୟନ୍ତ ଅପେକ୍ଷା କରନ୍ତୁ । ମନୋନୀତ ଲେଖାଟି ସମ୍ପାଦିତ/ସଂଶୋଧିତ/ସଂକ୍ଷିପ୍ତ ହୋଇ ପ୍ରକାଶ ପାଇପାରେ ।

● ଗଳ୍ପ, କବିତା କିମ୍ବା କବିତା ଜାତୀୟ ଯେକୌଣସି ଲେଖା ପଠାଇବା ପୂର୍ବରୁ ପଚାରି ନିଅନ୍ତୁ । କାରଣ ଏଥିପାଇଁ ‘ରେବତୀ’ ପକ୍ଷରୁ ହିଁ ଅନୁରୋଧ କରାଯାଏ । ଗଳ୍ପ/କବିତା ଜଣେ ଲେଖକର ବର୍ଷକରେ ଦୁଇଥର ପ୍ରକାଶ ପାଇବ । ଲଗାତାର କବିତା ଗଳ୍ପ ପଠାଇବେ ନାହିଁ ।

● ଅନୁବାଦ ଲେଖା ପ୍ରକାଶ ପାଏ ନାହିଁ କି ପୁସ୍ତକ ସମୀକ୍ଷା ବା ପୁସ୍ତକ ଆଲୋଚନା ମଧ୍ୟ ପ୍ରକାଶ ହୁଏନା । ଏଥିପାଇଁ ଅନୁରୋଧ ନ କରିବାକୁ ଅନୁରୋଧ ।

● ‘ରେବତୀ’ ପାଇଁ ଯେଉଁମାନେ ଫିଚର୍ ଲେଖିବାକୁ ଆଗ୍ରହୀ ସେମାନେ ଏଥିପାଇଁ ପ୍ରଥମେ ସମ୍ପାଦକଙ୍କ ସହ ଆଲୋଚନା କରିନେବା ବିଧେୟ । ଫିଚର୍ ସହିତ ଆନୁଷଙ୍ଗିକ ଉନ୍ନତମାନର ବା ଛପା-ଉପଯୋଗୀ ରଙ୍ଗୀନ ଫଟୋଗ୍ରାଫ୍ (ଫଟୋ କ୍ୟାପ୍‌ସନ୍ ସହ) ଦେବାକୁ ହେବ । ଫଟୋଗ୍ରାଫ୍‌ଗୁଡ଼ିକର କେବଳ ସଫ୍ଟ କପି ଇ-ମେଲ୍ ମାଧ୍ୟମରେ ପଠାଇବେ । ହ୍ୱାଟ୍ସଆପ୍ କି ଫେସ୍‌ବୁକ୍‌ରେ ବ୍ୟବହୃତ ଫଟୋ ଆଦୌ ପଠାଇବେ ନାହିଁ । ଏସବୁରେ ଫଟୋର ଗୁଣବତ୍ତା ହ୍ରାସ ପାଇଥାଏ । ଫିଚର୍‌ରେ କୌଣସି ବ୍ୟକ୍ତି/ଅନୁଷ୍ଠାନ/ଘଟଣା ସମ୍ପର୍କରେ ଅମୂଳକ ପ୍ରଶସ୍ତି / ନିନ୍ଦା ବା ଅତିରଞ୍ଜିତ ବର୍ଣ୍ଣନା ଥିଲେ ତାହା ହୁଏତ ଅଗ୍ରାହ୍ୟ ହେବ ନଚେତ୍ ସଂପାଦିତ ହୋଇ ପ୍ରକାଶିତ ହେବ ।

● ସହଜରେ ପଢ଼ିଲା ଭଳି ହାତ ଲେଖାକୁ ପିଡ଼ିଏଫ୍ ଫାଇଲ୍ କରି କିମ୍ବା ନିଜ ସ୍ୱାକ୍ଷର ଥାଇ କେବଳ ଓଡ଼ିଆ ଆକୃତି ଶାରଳା ଲିପିରେ ଡି.ଟି.ପି. ହୋଇଥିବା ଲେଖା ପେଜ୍‌ମେକର୍ କିମ୍ବା ଓ୍ୱାର୍ଡ଼ ଫାଇଲ୍ କରି ଇ-ମେଲ୍ କରିପାରିବେ । ଲେଖା ସହିତ ସବୁବେଳେ ଆତ୍ମ-ବିବରଣୀ, ଭଲ ଭଙ୍ଗୀର ରଙ୍ଗିନ ଫଟୋ, ସମ୍ପୂର୍ଣ୍ଣ ଡାକ ଠିକଣା, ଦୂରଭାଷା ନମ୍ବର ଓ ଇ-ମେଲ୍ (ଯଦି ଥାଏ) ଉଲ୍ଲେଖ କରନ୍ତୁ । ଲେଖାକୁ ଡି.ଟି.ପି. କରି ପଠାଉଥିଲେ, ବନାନ ପ୍ରୁଫ୍‌ରିଡ଼ିଂ ପରେ ହିଁ ପଠାନ୍ତୁ । ଲେଖା ୟୁନିକୋଡ୍‌ରେ ପଠାଉଥିଲେ ଦୟାକରି ଆକୃତି ଶାରଳା ଲିପିରେ କନ୍‌ଭର୍ଟ କରି ଆବଶ୍ୟକୀୟ ସଂଶୋଧନ ପରେ ହିଁ ମେଲ୍‌କୁ ପଠାନ୍ତୁ । ହ୍ୱାଟ୍ସଆପ୍‌ରେ ଲେଖା କି ଫଟୋ ଗ୍ରହଣୀୟ ନୁହେଁ । e-mail: **rebati.rebati2018@gmail.com**

● ପ୍ରତିଟି ପ୍ରକାଶିତ ଲେଖା ପାଇଁ ଲେଖକୀୟ ଉପହାର ସ୍ୱରୂପ ପତ୍ରିକା ପଠାଯିବାର ବ୍ୟବସ୍ଥା ଅଛି ।

● ‘ରୋଷେଇ’ ପାଇଁ ଯେକୌଣସି ଆଗ୍ରହୀ ମହିଳା/ପୁରୁଷ, ସେ ଲେଖିକା/ଲେଖକ ହୋଇନଥିଲେ ମଧ୍ୟ ୩ଟି ରାନ୍ଧଣା ଲେଖା ତଥା ଲେଖା ସମ୍ବନ୍ଧିତ ରଙ୍ଗୀନ ଫଟୋ (ଫଟୋର ମାନ ଉତ୍ତମ ହେବା ଦରକାର) ଏବଂ ନିଜର ଏକ ରଙ୍ଗୀନ ଫଟୋ ପଠାଇ ପାରିବେ ସିଧାସଳଖ ଇ-ମେଲ୍‌ରେ ।

● ଲେଖା ଚୟନ, ପ୍ରକାଶନ ବା ଅମନୋନୀତର କାରଣ ଦୟାକରି ଫୋନ୍ ଯୋଗେ ବା ବ୍ୟକ୍ତିଗତ ଭାବେ ପଚାରନ୍ତୁ ନାହିଁ । ପ୍ରକାଶିତ ଲେଖା/ଫଟୋ ପାଇଁ କୌଣସି ପାରିତୋଷିକ ଦିଆଯାଏ ନାହିଁ ।

● ପ୍ରକାଶିତ ଲେଖାରେ ପ୍ରତିଫଳିତ ମତ, ବିଚାର ଓ ଦୃଷ୍ଟିକୋଣ ‘ରେବତୀ’ର ବୋଲି ଧରାଯିବ ନାହିଁ । ଏହା ସଂପୃକ୍ତ ଲେଖକଙ୍କର ନିଜସ୍ୱ ମତ ଓ ବିଚାର । ପ୍ରକାଶକ, ସମ୍ପାଦକ କିମ୍ବା ‘ରେବତୀ’ର କର୍ତ୍ତୃପକ୍ଷ ସେଥିପାଇଁ ଉତ୍ତରଦାୟୀ ରହିବେ ନାହିଁ । ପୁନଶ୍ଚ କୌଣସି ଲେଖକୀୟ ମନ୍ତବ୍ୟ, ଟୀକା-ଟିପ୍ପଣୀ ଓ ଭ୍ରମାତ୍ମକ ମତାମତ ତଥା କୌଣସି ବିଜ୍ଞାପନର ଦାବି ବା ବୈଧତା ପାଇଁ ପ୍ରକାଶକ ଓ ସମ୍ପାଦକ ଦାୟୀ ନୁହନ୍ତି । କବିତା ବା କଥାସାହିତ୍ୟରେ ଉଲ୍ଲେଖ ଥିବା ନାମ, ଘଟଣା ବା ସଂସ୍ଥା ସମ୍ପୂର୍ଣ୍ଣ କାଳ୍ପନିକ ଏବଂ କୌଣସି ବ୍ୟକ୍ତି, ସଂସ୍ଥା ବା ଘଟଣା ସହ କୌଣସି ପ୍ରକାର ସମାନତା କେବଳ ସଂଯୋଗ ମାତ୍ର ବୋଲି ଧରାଯିବ ।

● ‘ରେବତୀ’ ସମ୍ପର୍କୀୟ ସମସ୍ତ ଦେୟ **Rebati Media House Pvt. Ltd.**ସପକ୍ଷରେ ହେବ ।

ସମ୍ପର୍କ: ସମ୍ପାଦିକା : ‘ରେବତୀ’, ଓ.ଟି. ରୋଡ୍, ଲକ୍ଷ୍ମୀନାରାୟଣ ମନ୍ଦିର ପାଖ, ବାଲେଶ୍ୱର-୧, ଫୋନ: ୭୦୦୮୮୪୫୯୨୦
ଇ-ମେଲ୍:rebati.rebati2018@gmail.com

ଅଧ୍ୟାୟ-୧

# ମାଧବ ମହାତ୍ମ୍ୟ



# ଅନନ୍ୟ ପ୍ରାଚୀନ ଉପତ୍ୟକାର ଐତିହ୍ୟ : ଶ୍ରୀମାଧବାନନ୍ଦ ମନ୍ଦିର

**ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ**
କୃପାସିନ୍ଧୁ ମଣ୍ଡପ, ନିଆଳୀ, କଟକ-୭୫୪୦୦୪
ଫୋନ: ୯୪୩୭୩୦୦୪୩୬

ଫଟୋ ସୌଜନ୍ୟ : ଲେଖିକା

ପ୍ରାଚୀ ତୀରର ଅକ୍ଷୟ କୀର୍ତ୍ତିମାନଙ୍କ ମଧ୍ୟରୁ ଶ୍ରୀମାଧବାନନ୍ଦ ମନ୍ଦିରଟି ଅନ୍ୟତମ। ଏହି ଉପତ୍ୟକାରେ ଥିବା ବିଷ୍ଣୁ ମନ୍ଦିରମାନଙ୍କ ଭିତରେ ଏହି ମନ୍ଦିରଟି ସବୁଠାରୁ ବୃହତ୍ ମନ୍ଦିର ଭାବେ ପରିଲକ୍ଷିତ। ଶ୍ରୀମାଧବଙ୍କ ନାମାନୁସାରେ ସ୍ଥାନର ନାମ ମଧ୍ୟ ମାଧବ ହୋଇଛି। କଟକ ଜିଲ୍ଲାରେ ନିଆଳି ନାମକ ସ୍ଥାନଟିଏ ରହିଛି। ସ୍ଥାନଟି ବେଶ୍ ଗହଳିପୂର୍ଣ୍ଣ ଓ କ୍ଷୁଦ୍ର ସହରଟିଏ କହିଲେ ଅତ୍ୟୁକ୍ତି ହେବ ନାହିଁ। ନିଆଳିରୁ କିଛିବାଟ ଆଗକୁ ଗଲେ ପଡ଼େ ପନିମାଳ ବୋଲି ସ୍ଥାନଟିଏ। ପନିମାଳରୁ ବାମକୁ ରାସ୍ତାଟିଏ ଲମ୍ବିଛି ଶ୍ରୀମାଧବଙ୍କ ମନ୍ଦିର ଯାଏଁ। ଥରେ ଆସି ବୁଲିଯାଆନ୍ତୁ।


▲ ଲେଖିକା ଶ୍ରଦ୍ଧାଞ୍ଜଳି କାନୁନ୍‌ଗୋ

ପୁରାଣ ପ୍ରସିଦ୍ଧ ପ୍ରାଚୀନଦୀ ଧର୍ମୀୟ ମହିମାରେ ମହିମାନ୍ୱିତ ଏକ ପବିତ୍ର ନଦୀ। ଅତୀତରେ କୃଷି, ବାଣିଜ୍ୟ ତଥା ଆଧ୍ୟାତ୍ମିକତାର ଧାରାରେ ଉଦ୍‌ଭାସିତ ହେଉଥିଲା ଏହାର ତଟଦେଶ। ଏକ ସମୃଦ୍ଧ ସଭ୍ୟତାର ପ୍ରତୀକ ଥିଲା ପବିତ୍ର ପ୍ରାଚୀ ଉପତ୍ୟକା। ଧାର୍ମିକ ପରମ୍ପରା ଓ ଐଶ୍ୱରିକ ଚେତନାର ସ୍ୱାକ୍ଷର ବହନକରି ବହୁ ଐତିହ୍ୟ ସଂପନ୍ନ ମଠ, ମନ୍ଦିର ଓ ତୀର୍ଥ ଆଦି ଏହାର ତୀର ମଣ୍ଡନ କରିଛନ୍ତି ଏବଂ ଏହି ପୂଣ୍ୟତୋୟା ନଦୀଟିକୁ ମହିମାମୟୀ କରିଛନ୍ତି। ସମୟର ପ୍ରବାହଧାରା କ୍ରମରେ ଏମାନଙ୍କ ମଧ୍ୟରୁ ଅନେକ ଜୀର୍ଣ୍ଣପ୍ରାୟ ହୋଇଯାଇଥିଲେ ମଧ୍ୟ ଏହାର ପୌରାଣିକ ଆଧାର ଆଜି ବି ଅମ୍ଳାନ ରହିଛି। ଶୈବ-ଶାକ୍ତ-ବୈଷ୍ଣବ ଉପାସନା ଏହି ନଦୀ ସଂସ୍କୃତିର ଏକ ମହାନ ପରମ୍ପରା ଭାବେ ଆଜି ମଧ୍ୟ ସ୍ୱୀକୃତ।

ପ୍ରାଚୀ ତୀରର ସେଇ ଅକ୍ଷୟ କୀର୍ତ୍ତିମାନଙ୍କ ମଧ୍ୟରୁ ଶ୍ରୀମାଧବାନନ୍ଦ ମନ୍ଦିରଟି ଅନ୍ୟତମ। ଏହି ଉପତ୍ୟକାରେ ଥିବା ବିଷ୍ଣୁ ମନ୍ଦିରମାନଙ୍କ ଭିତରେ ଏହି ମନ୍ଦିରଟି ସବୁଠାରୁ ବୃହତ୍ ମନ୍ଦିର ଭାବେ ପରିଲକ୍ଷିତ ହୋଇଥାଏ। ଶ୍ରୀମାଧବଙ୍କ ନାମାନୁସାରେ ସ୍ଥାନର ନାମ ମଧ୍ୟ ମାଧବ ହୋଇଛି।

କଟକ ଜିଲ୍ଲାରେ ନିଆଳି ନାମକ ସ୍ଥାନଟିଏ ରହିଛି। ସ୍ଥାନଟି ବେଶ୍ ଗହଳିପୂର୍ଣ୍ଣ ଓ କ୍ଷୁଦ୍ର ସହରଟିଏ କହିଲେ ଅତ୍ୟୁକ୍ତି ହେବ ନାହିଁ। ନିଆଳିରୁ କିଛିବାଟ ଆଗକୁ ଗଲେ ପଡ଼େ ପନିମାଳ ବୋଲି ସ୍ଥାନଟିଏ। ପନିମାଳରୁ ବାମକୁ ରାସ୍ତାଟିଏ ଲମ୍ବିଛି ଶ୍ରୀମାଧବଙ୍କ ମନ୍ଦିର ଯାଏଁ।

ପୌରାଣିକ କଥାବସ୍ତୁ ଅନୁସାରେ ଦ୍ୱାପର ଯୁଗରେ, ପାଣ୍ଡବଙ୍କ ବନବାସ ସମୟରେ ଏହିଠାରେ ଯୁଧିଷ୍ଠିର ମାଧବଙ୍କ ଅନିନ୍ଦ୍ୟ ରୂପ ସନ୍ଦର୍ଶନ କରି ଅଭିଭୂତ ହୋଇଥିଲେ ଓ ତାଙ୍କର ଆରାଧନା କରିଥିଲେ। ପୁଣି ମଧ୍ୟ ପୌରାଣିକ ଆଖ୍ୟାନ ରହିଛି ଅଗଦୈତ୍ୟ ନାମକ ଏକ ଅସୁର ଶ୍ରୀ ମାଧବଙ୍କର ଆରାଧନା କରୁଥିଲେ। ତେଣୁ ଏହି ପୌରାଣିକ ଉପାଖ୍ୟାନ ଅନୁସାରେ ଲୋକେ ଏହାଙ୍କୁ ଯୁଧେଷ୍ଠି ମାଧବ ବୋଲି କହିବା ସହିତ ଅଗଦୈତ୍ୟର ନାମାନୁସାରେ ଏହି ତୀର୍ଥର ନାମ 'ଅଗରବ ତୀର୍ଥ' ବୋଲି ମଧ୍ୟ କହିଥାନ୍ତି।

ମାଘମାସ ଶୁକ୍ଳପକ୍ଷ ଭୌମୀ ଏକାଦଶୀ ତିଥିରେ ଭୀମ ଅଗଦୈତ୍ୟକୁ ବଧ କରି ଶ୍ରୀ ଜୀଉଙ୍କ ବିଗ୍ରହଙ୍କୁ ବିଧିବଦ୍ଧ ଭାବରେ ଏହି ସ୍ଥାନରେ ପ୍ରତିଷ୍ଠା କରିଥିବାର କିମ୍ବଦନ୍ତୀ ରହିଛି। ତେଣୁ ଏହି ତିଥିଟିକୁ ଶ୍ରୀମାଧବଙ୍କର ଏକ ବିଶେଷ ପର୍ବ ଭାବରେ ଏଠାରେ ପାଳନ କରାଯାଏ।

କାରୁକାର୍ଯ୍ୟ ପୂର୍ଣ୍ଣ ଏହି ମନ୍ଦିରଟିର ନିର୍ମାଣକାଳ ଯଦିଓ ନିର୍ଦ୍ଦିଷ୍ଟ ଭାବେ ନିରୂପିତ ହୋଇ ପାରିନାହିଁ ତେବେ ଐତିହାସିକମାନଙ୍କ ସୂଚନା ଅନୁସାରେ ଏହା ଦ୍ୱାଦଶ ଶତାବ୍ଦୀରେ ଦ୍ୱିତୀୟ ଅନଙ୍ଗ ଭୀମଦେବଙ୍କ ସମୟର ବୋଲି ଧାରଣା କରାଯାଏ।

ଦ୍ୱାଦଶ ଶତାବ୍ଦୀ ବେଳକୁ ମନ୍ଦିରମାଳିନୀ ଓଡ଼ିଶାର ଭାସ୍କର୍ଯ୍ୟଶିଳ୍ପ ସମୃଦ୍ଧ ହୋଇ ସାରିଥିଲା। ଅନେକ ଗବେଷକ ଏହି ମନ୍ଦିରଟି ବ୍ରହ୍ମେଶ୍ୱର ଓ ରାଜାରାଣୀ ମନ୍ଦିର ଶୈଳୀରେ ଗଠିତ ବୋଲି ଉଲ୍ଲେଖ କରିଛନ୍ତି।

ତେବେ କଳା ଓ ଭାସ୍କର୍ଯ୍ୟ ଦୃଷ୍ଟିରୁ ନିଃସନ୍ଦେହରେ କୁହାଯାଇପାରେ ଯେ ନିଆଳିମାଧବ ସ୍ଥିତ ଏହି ପ୍ରାଚୀନ ମନ୍ଦିର ଏକାଦଶ ଦ୍ୱାଦଶ ଶତାବ୍ଦୀର ପୁରାତନ ମନ୍ଦିରମାନଙ୍କ ସହିତ ସମକକ୍ଷ ହୋଇ ପ୍ରାଚୀ ଉପତ୍ୟକାର ଶୋଭାବର୍ଦ୍ଧନ କରିବା ସହିତ ଏକ ପ୍ରସିଦ୍ଧ ବିଷ୍ଣୁ ପୀଠ ରୂପେ ପ୍ରସିଦ୍ଧି ଲାଭ କରିଛି।

ମନ୍ଦିରଟି ସମୁଦ୍ର ପତନ ଠାରୁ ବହୁ ଉଚ୍ଚରେ ଅବସ୍ଥିତ ଓ ପଥର ପାଚେରୀ ଦ୍ୱାରା ବେଷ୍ଟିତ। ଶିଳ୍ପଶାସ୍ତ୍ର ଅନୁସାରେ ଏହା ମୁଖ୍ୟ ମନ୍ଦିର, ମୁଖଶାଳା ଓ ନାଟ ମନ୍ଦିରକୁ ନେଇ ତ୍ରିଧା-ବିଭକ୍ତ। ନାଟମଣ୍ଡପ ସଂଲଗ୍ନ ଖୋଲା ମଣ୍ଡପଟିକୁ ଭୋଗମଣ୍ଡପ ରୂପେ ଗ୍ରହଣ କରାଯାଇଥାଏ।

ମାଙ୍କଡ଼ା ପଥର ଘେରା ଏହି ମନ୍ଦିରଟିର ପୂର୍ବ ଓ ଦକ୍ଷିଣରେ ଦୁଇଟି ଦ୍ୱାର ରହିଛି। ଯାହାକୁ ସିଂହଦ୍ୱାର ଓ ବ୍ୟାଘ୍ରଦ୍ୱାର ନାମରେ ନାମିତ କରାଯାଇଛି। ମନ୍ଦିରଟିର ପ୍ରବେଶ ପଥ ତଥା ସିଂହଦ୍ୱାରର ଦୁଇପଟେ ରହିଛି ଦୁଇଟି ଗଜ ଉପରେ ବସିଥିବା ଦୁଇଟି ପ୍ରତୀକାତ୍ମକ ସିଂହମୂର୍ତ୍ତି। ବହୁ ହିନ୍ଦୁ ମନ୍ଦିରରେ ଏଇ ପ୍ରକାରର ହସ୍ତୀ ଉପରେ ସିଂହମୂର୍ତ୍ତି ବ୍ରାହ୍ମଣ୍ୟ ଧର୍ମର ଉତ୍ଥାନ ଓ ବୌଦ୍ଧଧର୍ମର ପତନକୁ ସୂଚିତ କରିଥାଏ ବୋଲି ଐତିହାସିକ ତଥା ଗବେଷକମାନେ ମତବ୍ୟକ୍ତ କରିଥାନ୍ତି।

ସବୁ ଯୁଗରେ ଯେକୌଣସି ଅଞ୍ଚଳର ବା ସ୍ଥାନର ସାମାଜିକ ପରିବର୍ତ୍ତନ ସହିତ ଜଡ଼ିତ ଥାଏ ଧର୍ମୀୟ ପରିବର୍ତ୍ତନର ଧାରା। ମଣିଷର ମନସ୍ତାତ୍ତ୍ୱିକ ଚିନ୍ତା ଓ ଚେତନା ଏହି ପରିବର୍ତ୍ତନ ସହିତ ଆଙ୍ଗିକ ଭାବେ ବିଜଡ଼ିତ। ଏକଦା କଳିଙ୍ଗ ତଥା ସମଗ୍ର ଭାରତବର୍ଷ ଓ ପୃଥିବୀର କିଛି କିଛି



ଅଞ୍ଚଳରେ ବୌଦ୍ଧଧର୍ମ ବିଶେଷ ଭାବେ ପରିବ୍ୟାପ୍ତ ଥିଲା । ମାତ୍ର ସମୟକ୍ରମେ ବ୍ରାହ୍ମଣ୍ୟ ଧର୍ମର ପ୍ରାଧାନ୍ୟ ସହିତ ବୌଦ୍ଧ ଦର୍ଶନ ମ୍ଳାନ ହୋଇ ଆସିଥିଲା । ଶାକ୍ତ, ଶୈବ ଓ ବୈଷ୍ଣବୀୟ ଚେତନାରେ ଉଦ୍ଦୀପ୍ତ ହୋଇଥିଲା ଧର୍ମ ଓ ସାମାଜିକତା । ସିଂହ ଶାକ୍ତ ଧର୍ମର ପ୍ରତୀକ ହେତୁ ସମ୍ଭବତଃ ମନ୍ଦିରମାନଙ୍କର ମୁଖ୍ୟ ଦ୍ୱାରଦେଶରେ ସିଂହମୂର୍ତ୍ତି ମାନ ନର୍ମାଣ କରାଯାଇଥିଲା ।

କ୍ଷେତ୍ରର ମଝିରେ ରହିଛି ଶ୍ରୀମାଧବାନନ୍ଦ ଜୀଉଙ୍କର ମୁଖ୍ୟ ମନ୍ଦିର । ମୁଖ୍ୟ ମନ୍ଦିରର ବେଦୀ ଉପରେ ପୂଜା ପାଉଛନ୍ତି ପୀଠର ମୁଖ୍ୟ ଦେବତା ଶ୍ରୀମାଧବାନନ୍ଦ । କଳାମୁଗୁନି ପଥରରେ ନିର୍ମିତ ଏହା ଏକ ଅନୁପମ ମୂର୍ତ୍ତି ଭାବେ ବିରାଜମାନ କରିଛନ୍ତି । ଏହାଙ୍କ ହସ୍ତରେ ରହିଛି ଶଂଖ, ଚକ୍ର, ଗଦା ଓ ପଦ୍ମ । ଶ୍ରୀ ମାଧବାନନ୍ଦଙ୍କ ଦକ୍ଷିଣରେ ରହିଛନ୍ତି ଅଷ୍ଟଧାତୁ ନିର୍ମିତ ଆଣ୍ଠୁଆ ଗାପାଳ । ସିଂହାସନରେ ଶାଳଗ୍ରାମ ପୂଜିତ ହୁଅନ୍ତି ଓ ସିଂହାସନ ତଳକୁ ଭୈରବଙ୍କର ମୁର୍ତ୍ତି ରହିଛି ।

ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରି ଶ୍ରୀମାଧବାନନ୍ଦ ମନ୍ଦିରର ବୈଶିଷ୍ଟ୍ୟ ହେଉଛି ଦୁର୍ଗାମାଧବ ଉପାସନା । ପ୍ରାଚୀ ଉପତ୍ୟକାର ଏହି ପ୍ରସିଦ୍ଧ ବୈଷ୍ଣବ ପୀଠଟିରେ ମାଧବଙ୍କ ସହିତ ଦୁର୍ଗା ଉପାସିତ ହେବାର ପରମ୍ପରାଟି ସୂଚିତ କରେ ଯେ ଏହି ପୀଠଟି ବହୁ ପୁରାତନ କାଳରୁ ଶୈବ, ଶାକ୍ତ ଓ ବୈଷ୍ଣବ ଉପାସନାର ସମନ୍ୱୟ ପୀଠ ରୂପେ ସ୍ୱୀକୃତ ହୋଇ ଆସୁଅଛି ।

ଶ୍ରୀମାଧବଙ୍କ ନିକଟରେ ପୂଜା ପାଉଛନ୍ତି ଅଷ୍ଟଭୁଜା ଦୁର୍ଗାଙ୍କର ପାଷାଣ ମୂର୍ତ୍ତି ଓ ଅଷ୍ଟଧାତୁ ନିର୍ମିତ ଚତୁର୍ଭୁଜା ଦୁର୍ଗା ମୂର୍ତ୍ତି । ଏହି ପୂଜାବେଦୀରେ ଉପାସିତ ହୁଅନ୍ତି ଦୁର୍ଗାଙ୍କ ସହିତ ମିଳିତ ରୂପ ନେଇ ପ୍ରତୀକାତ୍ମକ ଶ୍ରୀମାଧବଙ୍କ ବିଗ୍ରହ । ଏହି ମୂର୍ତ୍ତିଟି ଶ୍ରୀ ଦୁର୍ଗା ମାଧବଙ୍କର ମିଳିତ ମୂର୍ତ୍ତି । ଏହାଙ୍କର ଅର୍ଦ୍ଧାଂଶ ପୁରୁଷ ଓ ଅର୍ଦ୍ଧାଂଶ ନାରୀ । ମାଧବଙ୍କ ହାତରେ ରହିଛି ଶଂଖ, ଚକ୍ର, ଗଦା ଓ ପଦ୍ମ । ମା'ଙ୍କ ହାତରେ ତ୍ରିଶୂଳ, ଗଜୁଁ ଓ ଖଡ଼୍‌ଗ । ଏପରି ମୂର୍ତ୍ତି ଓଡ଼ିଶାର କୌଣସି ସ୍ଥାନରେ ଦୃଷ୍ଟିଗୋଚର ହୁଏନାହିଁ । ପ୍ରତିଦିନ ବଡ଼ସିଂହାର ସମୟରେ ଏହି ମୂର୍ତ୍ତି ପୂଜା ପାଇଥାନ୍ତି ଓ ଏଠାରେ ବଡ଼ସିଂହାର ସମୟରେ ପ୍ରତ୍ୟହ ଗୀତଗୋବିନ୍ଦ ଗାନ କରାଯାଏ ।

ଶ୍ରୀମାଧବ ମନ୍ଦିରର ଅନ୍ୟତମ ଆକର୍ଷଣ ହେଉଛନ୍ତି ଗରୁଡ଼ ବିଗ୍ରହ । ମୁଖଶାଳାରେ ଗରୁଡ଼ ସ୍ତମ୍ଭ ଉପରେ ଉପବେଶନ କରିଛନ୍ତି କଳାମୁଗୁନି ପଥର ନିର୍ମିତ ଶ୍ରୀଗରୁଡ଼ ବିଗ୍ରହ । ଏହି ଦିବ୍ୟ ବିଗ୍ରହଙ୍କ ଶରୀରରେ ରହିଛି ଉପବୀତ, ବସନ ଓ କଟିମେଖଳା ଏବଂ ବାଜୁବନ୍ଧ ପରି ଅଳଙ୍କାର ସହିତ ସର୍ପ ଆଭୂଷଣ, ବିଶେଷ କରି ଏହାଙ୍କର ମସ୍ତକ ସହସ୍ର ଫଣା ଯୁକ୍ତ ନାଗ ବିମଣ୍ଡିତ ।

ଶ୍ରୀ ମାଧବାନନ୍ଦଙ୍କର ସେବାପୂଜାର ପରମ୍ପରା ଓ ଶ୍ରୀମନ୍ଦିରର ସେବାପୂଜାର ପରମ୍ପରାରେ ଅନେକ ସାମଞ୍ଜସ୍ୟ ରହିଥିବାର ପରିଲକ୍ଷିତ ହୁଏ ।

କିମ୍ବଦନ୍ତୀ ଅନୁସାରେ ପୂର୍ବେ ପ୍ରଥମାଷ୍ଟମୀ ଦିନ ଶ୍ରୀମାଧବଙ୍କ ମନ୍ଦିରରୁ ଆଜ୍ଞାମାଳ ଓ ଯୋଡ଼ବସ୍ତ୍ର ଆଣି ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଠାରେ ଲାଗି କରାଯାଉଥିଲା । ଏହି କାରଣରୁ ସ୍ଥାନୀୟ ଲୋକେ ଶ୍ରୀମାଧବ ମନ୍ଦିରକୁ ଶ୍ରୀ ଜଗନ୍ନାଥଙ୍କର ମାମୁଘର ବୋଲି କହିଥାନ୍ତି । ସମୟକ୍ରମେ ଏହି ପରମ୍ପରା ଲୁପ୍ତ ହୋଇଯାଇଛି, ମାତ୍ର ଏଇ କିଛିବର୍ଷ ହେବ ପୁଣିଥରେ ସେହି ପରମ୍ପରାକୁ ଉଦ୍‌ଜୀବିତ କରିବା ପାଇଁ ସ୍ଥାନୀୟ ଲୋକେ ଭାର ନେଇ ମହାଆଡ଼ମ୍ବର ସହକାରେ ପ୍ରଥମାଷ୍ଟମୀ ଦିନ ଶ୍ରୀମନ୍ଦିରରେ ଶ୍ରୀ ଜୀଉଙ୍କ ପାଖରେ ଲାଗି କରିବାକୁ ଯାଉଛନ୍ତି । ଶ୍ରୀମାଧବ ମନ୍ଦିରର ଅନ୍ୟାନ୍ୟ ପୂଜାବିଧି ଓ ରୀତିନୀତି ଶ୍ରୀମନ୍ଦିର ସହିତ ଅନେକାଂଶରେ ସାମଞ୍ଜସ୍ୟ ରଖି ଅଦ୍ୟାବଧି ପ୍ରଚଳିତ । ଏହାର ଏକ ବିବରଣୀ ନିମ୍ନରେ ପ୍ରଦାନ କରାଯାଉଛି ।

## ନିତ୍ୟପୂଜା

ପ୍ରତିଦିନ ପ୍ରାତଃ କାଳରେ ଶ୍ରୀଜୀଉଙ୍କର ସ୍ନାନ ଅବକାଶ କରାଯାଏ ଏବଂ ସକାଳର ପ୍ରଥମ ପୂଜା ସୂର୍ଯ୍ୟଦେବଙ୍କୁ ନିବେଦନ କରାଯାଏ । ଏହି ପୂଜାରେ ପ୍ରତଦିନ ଦହି ଓ ଖଇ ଭୋଗ ଲାଗିଥାଏ । ସୂର୍ଯ୍ୟପୂଜା ପରେ ଏହି ଦହି ଓ ଖଇ ଦ୍ୱାରପାଳଙ୍କୁ ଲାଗିହୁଏ ଓ ଏହାପରେ ଶ୍ରୀମାଧବାନନ୍ଦଙ୍କ ନିକଟରେ ଭୋଗ

ନୈବେଦ୍ୟ ବଢ଼ାଯାଏ । ଏହି ଭୋଗକୁ ବଲ୍ଲଭ କୁହାଯାଏ ।

ଏହାପରେ ହୁଏ ଶ୍ରୀ ମାଧବାନନ୍ଦଙ୍କର ସାଧାରଣ ଦର୍ଶନ ବା ସାହାଣ ମେଲା ।

ଦୈନିକ ପୂଜାରେ ସକାଳଧୂପରେ ଲାଗିହୁଏ ଅନ୍ନଡାଲମା ଓ ବିରିରୁ ପ୍ରସ୍ତୁତ ଚନ୍ଦ୍ରକାନ୍ତି ।

ଦ୍ୱିପ୍ରହର ଧୂପରେ ଲାଗିହୁଏ ଅନ୍ନ, ଡାଲମା, ଖିରି ଓ କାକରା । ଦିପହର ଧୂପ ପରେ ଠାକୁରଙ୍କର ପହଡ଼ ପଡ଼େ ଓ ସନ୍ଧ୍ୟା ଆଳତୀ ପୂର୍ବରୁ ପହଡ଼ ଖୋଲା ହୁଏ । ସନ୍ଧ୍ୟା ଆଳତୀ ପରେ ବେଶ କରାହୁଏ ।

ରାତ୍ରୀ ୮ଟାରୁ ୯ଟା ଭିତରେ ସନ୍ଧ୍ୟା ଧୂପର ବ୍ୟବସ୍ଥା କରାଯାଏ । ସନ୍ଧ୍ୟା ଧୂପରେ ଲାଗିହୁଏ ଅନ୍ନ, ଡାଲମା, ଦହିପଖାଳ ଓ ମାଠପୁଳି ।

ଏହାପରେ ହୁଏ ବଡ଼ ସିଂହାର ଧୂପ । ବଡ଼ସିଂହାର ପରେ ସଂପନ୍ନ ହୁଏ ପୁଷ୍ପାଞ୍ଜଳି ଓ ପୂଜା ।

ଏହି ଦୈନିକ ପୂଜା ପଦ୍ଧତିକୁ ଛାଡ଼ିଦେଲେ ଶ୍ରୀ ମାଧବାନନ୍ଦଙ୍କର ବର୍ଷର ଅନ୍ୟାନ୍ୟ ପର୍ବପର୍ବାଣି ଗୁଡ଼ିକ ଏହିମତେ ସଂପନ୍ନ ହୁଏ ।

## ଚନ୍ଦନଯାତ୍ରା

ବୈଶାଖ ସଂକ୍ରାନ୍ତିରେ ପାଳିତ ହୁଏ ମହାବିଷୁବ ସଂକ୍ରାନ୍ତି । ଉତ୍କଳରେ ନବବର୍ଷର ଏହା ଅୟମାରମ୍ଭ । ବୈଶାଖ ଶୁକ୍ଳ ତୃତୀୟ ହେଉଛି ଅକ୍ଷୟ ତୃତୀୟା । ଏହି ସମୟରେ ଆରମ୍ଭ ହୁଏ ଶ୍ରୀଜଗନ୍ନାଥଙ୍କର ଚନ୍ଦନଯାତ୍ରା ଓ ରଥ ଅନୁକୂଳ । ସେହିଦିନ ମଧ୍ୟ ଅନୁରୂପ ଭାବେ ଶ୍ରୀମାଧବାନନ୍ଦ ଜୀଉଙ୍କ ମନ୍ଦିରରେ ହୋଇଥାଏ ଏକୋଇଶ ଦିନ ବ୍ୟାପୀ ଚନ୍ଦନ ଯାତ୍ରା ।



ଏହି ସମୟରେ ଶ୍ରୀମାଧବଙ୍କ ବିଜେ ପ୍ରତିମା ମନ୍ଦିରରୁ ବାହାରି ବିମାନରେ ବିଜେ ହୋଇ ଘଣ୍ଟ, ଢୋଲ, ମହୁରୀ ଇତ୍ୟାଦି ବାଦ୍ୟାଡ଼ମ୍ବର ମଧ୍ୟରେ ଚନ୍ଦନ ମଣ୍ଡପକୁ ବିଜେ କରନ୍ତି ଓ ମଣ୍ଡପ ନିକଟରେ ଥିବା ଚନ୍ଦନ ପୋଖରୀରେ ଚାପ ଖେଳନ୍ତି ।

ଜ୍ୟୋଷ୍ଠ ପୂର୍ଣ୍ଣମୀରେ ଶ୍ରୀଜଗନ୍ନାଥଙ୍କର ସ୍ନାନଯାତ୍ରା ପରି ଶ୍ରୀମାଧବଙ୍କର ମଧ୍ୟ ସ୍ନାନଯାତ୍ରା ଅନୁଷ୍ଠିତ ହୁଏ । ଶ୍ରୀମାଧବଙ୍କର ବିଜେ ପ୍ରତିମା ମନ୍ଦିର ବେଦୀରେ ଥିବା ସ୍ନାନବେଦୀକୁ ବିଜେ କରନ୍ତି । ସେଠାରେ ତାଙ୍କୁ ୧୦୮ ଗରା ପାଣି ଓ ପଞ୍ଚତୀର୍ଥ ଜଳରେ ସ୍ନାନ କରାଯାଇ ଭୋଗ, ଆଳତୀ ଆଦି ଲାଗି ପରେ ସେ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରନ୍ତି ।

ଆଷାଢ଼ ଶୁକ୍ଳ ଏକାଦଶୀ ଦିନ ଶ୍ରୀଜଗନ୍ନାଥଙ୍କ ଶୟନ ଏକାଦଶୀ ପାଳିତ ହୁଏ । ସେଦିନ ଶ୍ରୀମାଧବଙ୍କ ମନ୍ଦିରରେ ମଧ୍ୟ ପାଳିତ ହୋଇଥାଏ ବଡ଼ ଏକାଦଶୀ । ଏହାକୁ ହରିଶୟନ ଏକାଦଶୀ କୁହାଯାଏ ।

ଶ୍ରୀମନ୍ଦିର ରୀତି ପରି ଶ୍ରାବଣ ଅମାବାସ୍ୟାକୁ ଚିତାଲାଗି ଅମାବାସ୍ୟା ରୂପେ ପାଳନ କରାଯାଏ । ସେହିଦିନ ଚିତଉପିଠା ଭୋଗ ସହିତ ଠାକୁରଙ୍କୁ ସୁବର୍ଣ୍ଣ ଚିତା ଲାଗି କରାଯାଏ ।

ଶ୍ରୀମାଧବାନନ୍ଦଙ୍କ ମନ୍ଦିରରେ ଝୁଲଣ ଯାତ୍ରା ମଧ୍ୟ ଅତି ଆଡ଼ମ୍ବର ସହକାରେ ପାଳିତ ହୁଏ । ଶ୍ରାବଣ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଛଅ ଦିନ ବ୍ୟାପୀ ପାଳିତ ଉତ୍ସବରେ ମଦନମୋହନ ଓ ଶ୍ରୀଦେବୀ, ଭୂଦେବୀଙ୍କ ପରି ଶ୍ରୀମାଧବାନନ୍ଦ ମଧ୍ୟ ଲକ୍ଷ୍ମୀ ଓ ସରସ୍ୱତୀଙ୍କୁ ନେଇ ଝୁଲଣମଣ୍ଡପରେ ବସନ୍ତି ଓ ପାରମ୍ପରିକ ରୀତିରେ ଉପାସିତ ହୁଅନ୍ତି ।

ଗହ୍ମାପୂର୍ଣ୍ଣିମା, ଜନ୍ମାଷ୍ଟମୀ, ନନ୍ଦୋତ୍ସବ, ଭାଦ୍ରବଶୁକ୍ଳ ଏକାଦଶୀ, ଦ୍ୱାଦଶୀ ଆଦି ପର୍ବପର୍ବାଣି ଶ୍ରୀମନ୍ଦିରର ରୀତି ପରି ଯଥାସମ୍ଭବ ଆଡ଼ମ୍ବର ସହକାରେ ପାଳିତ ହୋଇଥାଏ ଶ୍ରୀମାଧବଙ୍କ ମନ୍ଦିରରେ ।

ସୁନିଆଁ ବା ବାମନଦ୍ୱାଦଶୀ ଦିନ ପୁରୀରେ ଗଜପତି ମହାରାଜାଙ୍କର ନୂତନ ଅଙ୍କ ଆରମ୍ଭ ହେବାର ସ୍ୱତନ୍ତ୍ର ବିଧି ପାଳିତ ହୁଏ । ତାତ୍ପର୍ଯ୍ୟପୂର୍ଣ୍ଣ ବିଷୟ ହେଉଛି ନିଆଳିର ଶ୍ରୀମାଧବଙ୍କ ମନ୍ଦିରରେ ମଧ୍ୟ ପୁରୀ ଶ୍ରୀନଅର ଧାରା ଅନୁସାରେ ଗଜପତି ମହାରାଜାଙ୍କର ଅଙ୍କ କଟା ହୋଇଥାଏ ।

ସେହିପରି ଶ୍ରୀମନ୍ଦିର ପରି ଶ୍ରୀ ମାଧବାନନ୍ଦଙ୍କ ମନ୍ଦିର ପାଇଁ ମଧ୍ୟ ଦଶହରା ପର୍ବଟି ଗୁରୁତ୍ୱପୂର୍ଣ୍ଣ । ଆଶ୍ୱିନ ଶୁକ୍ଳ ଦଶମୀ ତିଥିରେ ପାଳିତ ହୁଏ ଦଶହରା ପର୍ବ ।

ଶ୍ରୀମନ୍ଦିରର ମା' ବିମଳାଙ୍କ ଶରତକାଳୀନ ଷୋଳପୂଜା ପରି ଏଠାରେ ମଧ୍ୟ ପାଳିତ ହୁଏ ମୂଳାଷ୍ଟମୀ ଠାରୁ ମହାଷ୍ଟମୀ ପର୍ଯ୍ୟନ୍ତ ୧୬ଦିନ ବ୍ୟାପୀ ଦଶହରା ପର୍ବ ।

ସପ୍ତମୀ, ଅଷ୍ଟମୀ ଓ ନବମୀ ତିଥିରେ ଶ୍ରୀମନ୍ଦିରରେ ମା' ବିମଳାଙ୍କ ନିକଟରେ ନିଶାର୍ଦ୍ଧରେ ପଶୁବଳି ଦିଆହୁଏ । ଏଠାରେ ମଧ୍ୟ ସପ୍ତମୀ, ଅଷ୍ଟମୀ ଓ ନବମୀ ତିନିଦିନ ଧରି ଯଜ୍ଞ କରାଯାଏ ଓ ନିଶାର୍ଦ୍ଧରେ ଏହି ଯଜ୍ଞରେ ବେଲପତ୍ର ଆହୁତି ଦିଆଯାଏ- ଯାହାକୁ ବଳିରୂପେ ସ୍ୱୀକାର କରାଯାଏ । ଦଶହରା ଦିନ ଏଠାରେ ମଧ୍ୟ ପାଳିତ ହୁଏ ବିଜୟା ଦଶମୀ ପର୍ବ । ବୀରବେଶରେ ଶ୍ରୀମାଧବ ଓ ମା'ଦୁର୍ଗା ଦଶହରା ଖଳାକୁ ଯାଇ ମହିଷାସୁର ବଧ କରନ୍ତି ।

ପୁରୁଷୋତ୍ତମ ଶ୍ରୀମାଧବ ଓ ମା'ଦୁର୍ଗାଙ୍କର ଏହି ମିଳିତ ଉପାସନା ଉତ୍କଳୀୟ ପରିବାରର ମାଙ୍ଗଳିକ କର୍ମମାନଙ୍କରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ଓ ସର୍ବବିଘ୍ନ ଖଣ୍ଡନ ହୋଇଥାଏ ବୋଲି ବିଶ୍ୱାସ ରହିଛି ।


ଏଠାରେ ପାଳିତ ହେଉଥିବା ଅନ୍ୟାନ୍ୟ ପୂଜାପର୍ବ ଗୁଡ଼ିକଯଥା: ପଞ୍ଚୁକ, ଦେବୋତ୍ଥାପନ ଏକାଦଶୀ, ଓଢଣ ଷଷ୍ଠୀ, ଧନୁ ସଂକ୍ରାନ୍ତି, ମକର ସଂକ୍ରାନ୍ତି ଆଦି ସମସ୍ତ ସର୍ବ ପ୍ରାୟତଃ ଶ୍ରୀମନ୍ଦିର ଅନୁକରଣରେ ହିଁ ପାଳିତ ହୁଏ ।

ଏପରିକି ଓଢ଼ଣ ଷଷ୍ଠୀରେ ଘୋଡ଼ଲାଗିର ରଙ୍ଗରେ ମଧ୍ୟ ସାମ୍ୟ ପରିଲକ୍ଷିତ ହୁଏ ଏହି ଦୁଇ ମନ୍ଦିର ମଧ୍ୟରେ ।

ମାର୍ଗଶିର ଶୁକ୍ଳଷଷ୍ଠୀରେ ଘୋଡ଼ଲାଗି ଆରମ୍ଭ ହୋଇ ବସନ୍ତପଞ୍ଚମୀ ପୂର୍ବଦନ ଶେଷ ହୁଏ ।

କାରଣ ଏହାପର ଠାରୁ ଋତୁରାଜ ବସନ୍ତର ଆଗମନ ଘଟେ । ଶୀତର ପ୍ରକୋପ ସରି ସରି ଆସେ । ଏହି ସମୟରେ ଶ୍ରୀମନ୍ଦିରରେ ଠାକୁରଙ୍କୁ ଅଳଙ୍କାରାଦି ସହିତ ଯେଉଁ ଘୋଡ଼ ଲାଗି କରାଯାଏ ତାହା ବିଭିନ୍ନ ବାର ସହିତ ଭିନ୍ନ ଭିନ୍ନ ହୋଇଥାଏ ।

ଯଥା: ରବିବାର-ଲାଲ, ସୋମବାର-କଳାମିଶା ଶୁକ୍ଳ, ମଙ୍ଗଳବାର-ପାଞ୍ଚବର୍ଣ୍ଣମିଶା, ବୁଧବାର-


Ambruta™
Pyaas Zaroori Hai
WATER WITH ADDED MINERALS
PYASS
ZAROORI HAI
100%
Trust
Call Us Tollfree
1800 123 6373
/AmbrutaWater
Ambruta



ନୀଳରଙ୍ଗ, ଗୁରୁବାର-ବାସନ୍ତୀ ବା ହଳଦିଆ,ଶୁକ୍ରବାର-ଧଳ. ଶନିବାର-କଳା ।

ଶ୍ରୀମାଧବାନନ୍ଦ ଜୀଉଙ୍କ ମନ୍ଦିରରେ ଓଢ଼ଣ ଷଷ୍ଠୀରେ ବାର ଅନୁସାରେ ଘୋଡ଼ଲାଗି ଏହିପରି: ରବିବାର-ଲାଲ, ସୋମବାର- ଶୁକ୍ଳ, ମଙ୍ଗଳବାର ବାରପଟିଆ, ବୁଧବାର-ସବୁଜ, ଗୁରୁବାର-ହଳଦିଆ, ଶୁକ୍ରବାର-ଧଳା, ଶନିବାର-କଳା/ ନୀଳ

ସେହିପରି ଦମନକ ଚତୁର୍ଦ୍ଦଶୀ ବା ଦୟଣାଚୋରି ପର୍ବ ମଧ୍ୟ ଉଭୟ ଶ୍ରୀମନ୍ଦିର ଓ ଶ୍ରୀମାଧବାନନ୍ଦ ମନ୍ଦିରର ଏକ ବିଶେଷ ପର୍ବ । ଚୈତ୍ର ଶୁକ୍ଳ ତ୍ରୟୋଦଶୀ ଓ ଚତୁର୍ଦ୍ଦଶୀ ତିଥିରେ ଏହି ପର୍ବ ପାଳିତ ହୁଏ । ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଆଜ୍ଞାମାଳ ନେଇ ଶ୍ରୀରାମକୃଷ୍ଣ ଜଗନ୍ନାଥବଲ୍ଲଭକୁ ଯାଆନ୍ତି ଏବଂ ଦୟଣା ବଗିଚାରୁ ଦୟାଣା ଚୋରି କରିଥାନ୍ତି ।

ଦୟଣା ଏକ ସୁବାସିତ ଗୁଳ୍ମ ବିଶେଷ । ଏହା ବିଷ୍ଣୁ ତଥା ଶ୍ରୀଜଗନ୍ନାଥଙ୍କର ଅତ୍ୟନ୍ତ ପ୍ରିୟ । ତେଣୁ ମହାପ୍ରଭୁଙ୍କୁ ମାଳି ବଗିଚାକୁ ଯାଇ ସେହି ନୀତି ସମ୍ପାଦନ କରିବାକୁ ପଡ଼େ ।



ଶ୍ରୀ ମାଧବାନନ୍ଦଙ୍କ ମନ୍ଦିରରେ ଦୟଣା ଚୋରି ପର୍ବ ବେଶ୍ ରସାତ୍ମକ ଭାବେ ପାଳିତ ହୋଇଥାଏ । କଥିତ ଅଛି ଯେ ଲକ୍ଷ୍ମୀଙ୍କର ଦୟଣାରେ ଶ୍ରଦ୍ଧା ଥିବାରୁ ଏଠାରେ ମଧ୍ୟ ଠାକୁର ମାଳିଘରକୁ ଦୟଣା ଚୋରି ପାଇଁ ଯାଇଥାନ୍ତି । ସେଦିନ ଶ୍ରୀଜୀଉଙ୍କୁ ଆଡ଼ମ୍ବର ସହକାରେ ଫୁଲ ବଗିଚାକୁ ନିଆ ଯାଇଥାଏ ଏବଂ ସେବକ ଦୟଣା ଚୋରି କରି ଆଣି ପ୍ରଭୁଙ୍କୁ ଅର୍ପଣ କରିଥାନ୍ତି ।

ଶ୍ରୀଜଗନ୍ନାଥଙ୍କ ମନ୍ଦିର ପରି ଏଠାରେ ମଧ୍ୟ ରହିଛି ଛତିଶା ନିଯୋଗର ବ୍ୟବସ୍ଥା । ଶ୍ରୀକ୍ଷେତ୍ରକୁ ଯେପରି ଭକ୍ତମାନସରେ ମର୍ତ୍ତ୍ୟ ବୈକୁଣ୍ଠ କୁହାଯାଏ, ଶ୍ରୀମାଧବଙ୍କ କ୍ଷେତ୍ରକୁ ମଧ୍ୟ ଭକ୍ତ ଓ ସେବକମାନେ ଗୋଲକପୁରୀ ବୋଲି ଭାବିଥାନ୍ତି ।

ଏହିପରି ଭାବରେ ଶ୍ରୀ ମନ୍ଦିର ଓ ଶ୍ରୀମାଧବାନନ୍ଦ ମନ୍ଦିରର ପରମ୍ପରାକୁ ଅନୁଧ୍ୟାନ କଲେ ମନେହୁଏ, ହୁଏତ ଶ୍ରୀମାଧବଙ୍କ ମନ୍ଦିର କୌଣସି ଏକ ସମୟରେ ଶ୍ରୀ ଜଗନ୍ନାଥଙ୍କର ମାମୁଘର ରୂପେ ଆଦୃତ ଥିଲା, ଏହି କିମ୍ବଦନ୍ତୀରେ ସତ୍ୟତା ରହିଛି । ଦୁଇ ମନ୍ଦିର ମଧ୍ୟରେ ଥିବା ସଂପର୍କ ଅତୀବ ପ୍ରାଚୀନ ଏକଦା ନିଗୂଢ଼ ଥିଲା ବୋଲି ମନେହୋଇଥାଏ ।

ଶ୍ରୀମାଧବ ହେଉଛନ୍ତି ଉତ୍କଳୀୟଙ୍କର ଆଦିଦେବତା । ବିଷ୍ଣୁଙ୍କର ଅନ୍ୟଏକ ନାମ ବିଶେଷ । ସେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରିଥିବା ପରଂବ୍ରହ୍ମ ପରମେଶ୍ୱର । 'ମୁଣ୍ଡକ ଉପନିଷଦ'ରେ ତାଙ୍କୁ ପରାଶକ୍ତି ସଂପନ୍ନ ନିର୍ଗୁଣାତ୍ମିକଶକ୍ତିର ଅଧିପତି ବୋଲି କୁହାଯାଇଛି ।

'ଅଗ୍ନିପୁରାଣ'ରେ ଏହାଙ୍କୁ ଚତୁର୍ବର୍ଗଫଳ ପ୍ରଦାୟକ ଭାବେ ବର୍ଣ୍ଣନା କରା ଯାଇଛି । 'ବିଷ୍ଣୁ' ଶବ୍ଦର ବ୍ୟାଖ୍ୟା କରିବାକୁ ଯାଇ ଶାସ୍ତ୍ରଜ୍ଞମାନେ ଲେଖିଛନ୍ତି- ଯିଏ ବିଶ୍ୱବ୍ୟାପ୍ତ ଅର୍ଥାତ୍ ସଚରାଚର ପ୍ରାଣୀ ଓ ବସ୍ତୁଙ୍କ ମଧ୍ୟରେ ଯାହାଙ୍କର ଅସ୍ତିତ୍ୱ ନିହିତ, ସେ ହିଁ 'ବିଷ୍ଣୁ' । ତେଣୁ ବିଷ୍ଣୁ ବା ମାଧବ ବାସ୍ତବରେ ବିଶ୍ୱପତି ଅଟନ୍ତି । ସେ ଉତ୍କଳର ମଙ୍ଗଳମୟ ଆଦିଦେବ ।

ଏଣୁ ଏକଦା ସରସ୍ୱତୀ ନଦୀ ସମ ପବିତ୍ର ବିବେଚିତ ପ୍ରାଚୀ ତଟରେ ଅବସ୍ଥିତ ଶ୍ରୀମାଧବାନନ୍ଦଙ୍କ ମନ୍ଦିରଟି ଅବହେଳିତ ଅବସ୍ଥାରେ ରହିଥିଲେ ମଧ୍ୟ ସେବକମାନେ ଏହାର ପରମ୍ପରା ବଜାୟ ରଖିବା ସହିତ ଶ୍ରୀମାଧବାନନ୍ଦଙ୍କର ଭକ୍ତି ଓ ଭାବଧାରାକୁ ଅକ୍ଷୁର୍ଣ୍ଣ ରଖି ଆସିଛନ୍ତି । ଏହା ହିଁ ଶ୍ରୀମାଧବଙ୍କର ବୈଶିଷ୍ଟ୍ୟ ଓ ମହାତ୍ମ୍ୟ ।

ସୁତରାଂ ଆଜି ମଧ୍ୟ ସେଇ ପ୍ରାଚୀତଟର ଅଧିପତି ଭାବେ ସ୍ୱୀକୃତ । ଶ୍ରୀ ଶ୍ରୀ ମାଧବାନନ୍ଦଙ୍କର ମନ୍ଦିରଟି ପ୍ରାଚୀ ଉପତ୍ୟକାର ତଥା ଓଡ଼ିଶାର ଏକ ଦର୍ଶନୀୟ ତଥା ଐତିହ୍ୟପୂର୍ଣ୍ଣ ସ୍ଥାନ ଭାବରେ ପରିଗଣିତ ହୁଏ । ଓଡ଼ିଶାର ପ୍ରାଚୀନ କୀର୍ତ୍ତିମାନଙ୍କ ଭିତରେ ଏହାର ସ୍ୱତନ୍ତ୍ର ସ୍ଥାନ ଓ ବିଶେଷତ୍ୱ ରହିଛି ।



# ମନାଲିର ମହାଦେବ

## ମନାଲିର ଅମରନାଥ : ଅଞ୍ଜନୀ ମହାଦେବ


**ରୋଜାଲିନି ମିଶ୍ର**

ଏଇ-୨୫୦, ଭି.ଏସ.ଏସ. ନଗର, ଭୁବନେଶ୍ୱର-୭୫୧୦୦୭

ଫୋନ : ୮୮୯୫୩୨୬୪୩୪


ଫଟୋ ସୌଜନ୍ୟ : ଲେଖିକା



▲ ଲେଖିକା ରୋଜାଲିନି ମିଶ୍ର

ବୁଲାବୁଲି ସାରି ଫେରିଲା ବେଳକୁ ଲାଗୁଥାଏ ଯେମିତି ଦେହରେ ଆଉ କାଣି କଉଡ଼ିର ବଳ ନାହିଁ । ଆସିଲା ଦିନ ଠାରୁ ରାତିରାତି ଟ୍ରାଭେଲିଂ ଆଉ ବୁଲାବୁଲିରୁ ଫୁର୍‌ସତ୍ ହିଁ ନାହିଁ । ସେଦିନ ଆମେ ବୁଲି ବୁଲି ଫେରିଥିଲୁ ହିଡିମ୍ବା ଦେବୀଙ୍କ ମନ୍ଦିର ସହିତ ପାଖାପାଖି ଅନ୍ୟାନ୍ୟ ଦର୍ଶନୀୟ ସ୍ଥାନ ସବୁ । ଭାରି ଥକ୍କା ଲାଗୁଥାଏ । ହୋଟେଲ୍‌ର ଡ଼ାଇନିଂ ଯାଏ ଯିବାକୁ ବି ଇଚ୍ଛା ହେଉ ନଥାଏ ଆଉ । ରୁମ୍‌କୁ ଖାଇବା ମଗେଇ ଦେଇ ଗାଧୁଆ ପାଧୁଆରେ ଲାଗି ପଡିଲୁ ସବୁ । ଭଉଣୀ ଭଉଣୀ-ଜ୍ୱାଇଁ ପାଖ ରୁମ୍‌ରେ ରହୁଥାନ୍ତି । ଆମର ଲଗେଜ୍‌ଟା ଖାଲି ଅଲଗା ଅଲଗା ରୁମ୍‌ରେ ରହେ ସିନା କିନ୍ତୁ ଖାଇବା ପିଇବା ଗପସପ ସବୁ ଗୋଟିଏ ଜାଗାରେ । ସେ ଦିନ ଯାକର ଘଟଣା ଅଘଟଣା ଉପରେ ମିଶିକି ଆଲୋଚନା କରୁକରୁ ଖାଇବା ପିଇବା ସରିଗଲା । ଏବେ ଟିକେ ଟିକେ ରେଷ୍ଟ୍ ନେଲେ ପୁଣି ରାତି ପାହୁ ପାହୁ ବାହାରିଯିବୁ ଆମେ ସୋଲାଙ୍ଗ ଭ୍ୟାଲି (ଉପତ୍ୟକା)କୁ ଯେଉଁଠି ବିରାଜିଛନ୍ତି ପ୍ରଭୁ ଅଞ୍ଜନୀ ମହାଦେବ ।

ସେଦିନ ଫେରିବା ବାଟରେ ଆମେ କିଛି କିଛି ତଥ୍ୟ ବୁଝି ନେଇଥିଲୁ ଡ୍ରାଇଭର୍ ପାଖରୁ ଜାଗାଟି ବିଷୟରେ । ସେ ହିଁ କହିଥିଲା ଯେ ଏଇ ଉପତ୍ୟକାରେ ବିରାଜମାନ ହୋଇଥିବା ପ୍ରଭୁ ଅଞ୍ଜନୀ ମହାଦେବ ଏଠାରେ 'ମନାଲିର ଅମରନାଥ' ଭାବରେ ମଧ ଖ୍ୟାତ । ଆଗ୍ରହ ବଢି ବଢି ଯାଉଥିଲା ଜାଣିବା ପାଇଁ ଏ ବିଷୟରେ ଅଧିକ କିଛି ।

ମୋବାଇଲ୍‌ରେ ଆଲାର୍ମ ବାଜିଲା । ସମୟ ଭୋର୍ ଚାରିଟା ବାଜି ପଇଁଚାଳିଶ ମିନିଟ । ଆଖି ଖୋଲୁନି । ଶରୀର କହୁଛି, ଜମା ଉଠୁନା ତୁ ଶୋଇ ପଡ଼ ଏମିତି ପୁରା ଦିନଟା । ମନ କହୁଛି, 'ଉଠ୍ ଉଠ୍ ....ଲେଟ୍ ନାହିଁ ଆଉ । ଜଲ୍‌ଦି ରେଡି ହୋଇଯା, ବହୁତ ଜାଗା ବୁଲିବାର ଅଛି ।' ଅଗତ୍ୟା ବାହାରି ପଡ଼ିଲୁ ସମସ୍ତେ ।

ପର୍ବତରାଜ ହିମାଳୟର ହିମାଦ୍ରୀ ଆଉ ସିୱାଲିକ୍ ରେଞ୍ଜ୍‌ର ମଧ୍ୟବର୍ତ୍ତୀ ଭାଗରେ ଅବସ୍ଥିତ ଦେବଭୂମି ହିମାଚଳ ପ୍ରଦେଶ । ହିମାଚଳର ପର୍ଯ୍ୟଟନ ନଗରୀ ମନାଲିରୁ ରୋହତଙ୍ଗ ପାସ୍ ଯିବା ବାଟରେ ପଡେ ସୌନ୍ଦର୍ଯ୍ୟମୟୀ ସୋଲାଙ୍ଗ ଭ୍ୟାଲି (ଉପତ୍ୟକା) । ମନାଲିରୁ ଏହାର ଦୂରତା ମାତ୍ର ଚଉଦ କିଲୋମିଟର । ଏଠାରୁ ପାଞ୍ଚ କିଲୋମିଟର ପାହାଡ଼ି ରାସ୍ତାରେ ଉପରକୁ ଗଲେ କୁଲୁ ଘାଟିର ଶୀର୍ଷ ଦେଶରେ ବିରାଜମାନ ହୋଇଛନ୍ତି ପ୍ରଭୁ ଅଞ୍ଜନୀ ମହାଦେବ । ଏଇ ଅଞ୍ଜନୀ ମହାଦେବ ହିଁ ଖୁବ୍ ପ୍ରସିଦ୍ଧ ମନାଲିର ଅମରନାଥ ଭାବରେ ।



କେମିତି ସେ ଜାଗା, କାହିଁକି ସେ ଅମରନାଥ ଭାବରେ ଜଣା, କାହିଁକି ତାଙ୍କର ନାମ ଅଞ୍ଜନୀ ମହାଦେବ .... ଏମିତି ଅନେକ ପ୍ରଶ୍ନ ଆଉ ଅନେକ କୌତୁହଳକୁ ମନରେ ଧରି ଆମେ ବାହାରି ପଡିଥିଲୁ ସେଦିନ ପ୍ରଭୁଙ୍କ ଦର୍ଶନ ଉପଲକ୍ଷେ ।

ପାହାଡୀ ରାସ୍ତାରେ ଗାଡ଼ି ଆମର ଚାଲିଥିଲା ଆଗକୁ ଆଗକୁ ସୋଲାଙ୍ଗ ଘାଟି ଅଭିମୁଖେ । କେହି କେହି ଏହାକୁ ସ୍ନୋ ପଏଣ୍ଟ୍ ବୋଲି ମଧ କୁହନ୍ତି ଆଉ ଆମ ପରି ଗ୍ରୀଷ୍ମ ପ୍ରଧାନ ସ୍ଥାନର ଅଧିବାସୀ ମାନଙ୍କ ମନରେ ଥଣ୍ଡା ଜାଗା ଆଉ ବରଫ ପାଇଁ ସବୁବେଳେ ଥାଏ ଗୋଟେ ବିଶେଷ ଆକର୍ଷଣ ଆଉ ଦୁର୍ବଳତା । କିଛି ବାଟ ଯାଏଁ ରାସ୍ତାର ଦୁଇ କଡରେ ପାଇନ୍, ଓକ୍, ଦେବଦାରୁ, ମେପଲ ଆଦି ଗଛମାନଙ୍କର ଭିଡ । ଠାଏ ଠାଏ ରାସ୍ତାକୁ ଟିକିଏ ଛାଡି ବାଡ଼ ଘେରା ସେଓ ବଗିଚା । ବଗିଚା ଭିତରେ ଥିବା ଗଛମାନଙ୍କରେ ଲାଲ ଲାଲ ଆଉ କିଛି ସବୁଜ ମିଶା ଫଳର ସମ୍ଭାର । ଆମ ପରି ଓଡିଶାରୁ ଯାଇଥିବା ପର୍ଯ୍ୟଟକମାନେ କଣ କେବେ ବି ଏମିତି ସୌନ୍ଦର୍ଯ୍ୟକୁ ଅଣଦେଖା କରି ଆଗକୁ ଯାଇ ପାରିବେ !





ଏମିତି ଫଳଭର୍ତ୍ତି ସେଓ ବଗିଚା ପାଖରେ ଦଣ୍ଡେ ଠିଆ ନ ହୋଇ ରହି ପାରିବେ ! ଅଗତ୍ୟା ଗାଡି ରହିଲା ସେଠି କିଛି ସମୟ ପାଇଁ ଆମମାନଙ୍କର ଅନୁରୋଧ କ୍ରମେ ।

କାଠର ବାଡ଼ ଦ୍ୱାରା ଘେରା ହୋଇଛି ବଗିଚା । ଭିତରେ ଧାଡି ଧାଡି ଫଳଭର୍ତ୍ତି ସେଓ ଗଛ । ବାଡ଼ ଡେଇଁ ଭିତରକୁ ପ୍ରବେଶ କିମ୍ୱା ଗଛରୁ ଡାଳପତ୍ର ଫଳ ଆଦି ଛିଣ୍ଡେଇବା ଏକ ଦଣ୍ଡନୀୟ ଅପରାଧ । ତେଣୁ ବାହାରେ ଠିଆ ହୋଇ ଯାହା ଦେଖିବା କଥା ଆଉ ବାଡ଼ ବାହାରକୁ ନଇଁ ଆସିଥିବା ଡାଳରେ ଝୁଲୁଥିବା ସେଓକୁ ଟିକେ ଆଉଁସି ଦେବା କଥା । ଭୂଇଁ ଉପରେ ଏଣେତେଣେ ହୋଇ ଗଦା ହୋଇଥାଏ ଅନେକ ଗଛଝଡା ସେଓ । ଆମ ଓଡିଶାରେ ଏମିତି ହିଁ ଗଦା ହୋଇଥାଏ ରାସ୍ତା ଉପରେ ସବୁ ଗଛଝଡା ପିଜୁଳି, ଜାମୁକୋଳି କିମ୍ୱା ବରକୋଳି ।

ବେଶୀ ସମୟ ଏଠି ନଷ୍ଟ ନକରି ଆମେ ଆମ ଗନ୍ତବ୍ୟସ୍ଥଳକୁ ବାହାରିଯିବା ଉଚିତ ବୋଲି ସୂଚେଇ ଦେଲା ଡ୍ରାଇଭର୍ । ଆଗକୁ ଆଗକୁ ରାସ୍ତା ବେଶୀ ବେଶୀ ପଥୁରିଆ । ପାହାଡର ଛାତି ଚିରି ଉପରକୁ ଲମ୍ୱି ଯାଇଛି ଧୂସରିଆ ରଙ୍ଗର ରାସ୍ତାଟିଏ । ରାସ୍ତାର ଦୁଇ ପାଖରେ ଛୋଟ ବଡ଼ ପାର୍ବତ୍ୟମାଳା ସହ ଛୋଟବଡ଼ ଗୁଳ୍ମ ସବୁ । ସେଇ ଗୁଳ୍ମମାନଙ୍କ ଭିତରୁ ନାଲି, ନେଳି କି ହଳଦିଆ ବଣୁଆ ଫୁଲ ସବୁ ମୁଣ୍ଡ ହଲେଇ ସତେକି ଜାହିର କରୁଛନ୍ତି ନିଜ ଉପସ୍ଥିତିକୁ । କେଉଁଠି କେଉଁଠି ପଥରର ଅନ୍ଧିସନ୍ଧି ଦେଇ ବହି ଆସିଛି ତନୁପାତେଳି ନିର୍ମଳ ସରୁ ଜଳ ପ୍ରପାତର ଧାରାଟିଏ ନିଜର କ୍ଷୀଣ କଟିକୁ ଅଙ୍କେଇ ବଙ୍କେଇ ।

ଏବେ ଆମେ ପହଞ୍ଚି ସାରିଥିଲୁ ସୋଲାଙ୍ଗ ଉପତ୍ୟକାରେ । ଆଗକୁ ଚାହିଁଲେ ଦୂରରୁ ଦିଶୁଥିଲା ଗିରିରାଜ ହିମାଳୟଙ୍କ ଚୂଡା । ସୂର୍ଯ୍ୟଙ୍କ ସୁନେଲି କିରଣରେ ଚିକ୍‌ଚିକ୍ କରୁଥିଲେ ଗିରିରାଜ । ସତେକି ମଝିରେ ମଝିରେ ସୁନା ଛାଉଣୀ ହୋଇଥିବା ରୂପାର ମୁକୁଟଟିଏ ପିନ୍ଧି ରାଜକୀୟ ଠାଣିରେ ସେ ସ୍ୱାଗତ କରୁଛନ୍ତି ଆମ ପରି ପର୍ଯ୍ୟଟକମାନଙ୍କୁ । ଆଉ ତଳକୁ ଚାହିଁଲେ ଦିଶୁଥିଲା ପାହାଡ଼ ଛାତିରେ ମୋଡିମାଡି ହୋଇ ଆଗକୁ ବଢିଥିବା ଘାଟିରାସ୍ତା ଠିକ୍ ଗୋଟିଏ ଜଙ୍ଗଲୀ ଧୂସରିଆ ସାପ ପରି । ନିର୍ମଳ ଆକାଶରେ ଠାଏ ଠାଏ ମେଘମାଳା । ହାଲ୍‌କା ହାଲ୍‌କା ଶୀତୁଆ ପବନ । ସତରେ ଅପୂର୍ବ ଆଉ ନୈସର୍ଗିକ ସେ ସୌନ୍ଦର୍ଯ୍ୟ ।

ଆମେ ପହଞ୍ଚିବା ବେଳକୁ ସମୟ ହୋଇଥିଲା ପାଖାପାଖି ସାଢ଼େ ଗୋଟାଏ । ଆହୁରି ଜଲ୍‌ଦି ପହଞ୍ଚି ପାରିଥାନ୍ତୁ । କିନ୍ତୁ ବାଟରେ ସେଓ ବଗିଚା ପାଖରେ ଅଟକିବା ଆଉ ପିଲାମାନେ ପାରାଗ୍ଲାଇଡିଂର ମଜା ନେବା କାରଣରୁ ବିଳମ୍ୱ ଘଟିଲା ।

ହିମାଚଳର ସୋଲାଙ୍ଗ ଘାଟିରୁ ଅଞ୍ଜନୀ ମହାଦେବଙ୍କ ମନ୍ଦିରର ଦୂରତା



ମାତ୍ର ପାଞ୍ଚ କିଲୋମିଟର । କିନ୍ତୁ ଏହି ପାଞ୍ଚ କିଲୋମିଟର ରାସ୍ତାକୁ ଅତିକ୍ରମ କରିବା ପାଇଁ ଆପଣଙ୍କୁ ସେଠାରେ ଉପଲବ୍ଧ ଥିବା ଏକ ସ୍ୱତନ୍ତ୍ର ପ୍ରକାରର ଗାଡି କିମ୍ବା ଘୋଡାର ସାହାଯ୍ୟ ନେବାକୁ ପଡିବ । ନଚେତ ପାଦରେ ଚାଲି ଚାଲି ମଧ୍ୟ ଯାଇ ପାରିବେ ଆପଣ । ଏକଦମ ଛୋଟବଡ଼ ପଥର, ଗୋଡି ଏବଂ ଧୂଳିରେ ଭର୍ତ୍ତି ପାହାଡିଆ ରାସ୍ତା । ପାଦରେ ଚାଲି ଚାଲି ଯିବା ଖୁବ୍ କଷ୍ଟସାଧ୍ୟ ଆଉ ସମୟ ସାପେକ୍ଷ ମଧ୍ୟା । ଆମେ ଯେହେତୁ ଶିମ୍ଲାରେ କୁଫ୍ରି ବୁଲିବା ପାଇଁ ଘୋଡାରେ ବସି ପାହାଡ଼ ଉପରକୁ ଉଠିବାର ମଜା ନେଇ ସାରିଥିଲୁ ତେଣୁ ଏଠାରେ ସେହି ସ୍ୱତନ୍ତ୍ର ଗାଡିର ସୁବିଧା ଉଠେଇବା ପାଇଁ ଚାହିଁଲୁ । ଡ୍ରାଇଭର୍‌କୁ ମିଶାଇ ସେଥିରେ ଚାରିଜଣ ବସି ପାରିବେ ବାଇକ୍‌ରେ ବସିଲା ପରି । ଏଥିପାଇଁ ଆପଣଙ୍କୁ ୨୦୦୦ ରୁ ୨୫୦୦ ଭିତରେ ଖର୍ଚ୍ଚ କରିବାକୁ ପଡିବ । ଗାଡ଼ିରେ ଗଲା ପରେ ମଧ୍ୟ ପାଖାପାଖି ଅଧକିଲୋମିଟର ରାସ୍ତା ଆପଣଙ୍କୁ ପାଦଚଲା ରାସ୍ତାରେ ଚାଲି ଚାଲି ଯିବାକୁ ପଡ଼ିବ । ତା ପରେ ଅନେକ ଗୁଡିଏ ପାହାଚ ଚଢି ଉପରକୁ ଉଠିଲା ପରେ ଆପଣଙ୍କୁ ଦର୍ଶନ ଦେବେ ପ୍ରଭୁ ଅଞ୍ଜନୀ ମହାଦେବ । ଉପରେ ପହଞ୍ଚିଲା ପରେ ସବୁ ଥକାପଣ ଆଉ କ୍ଳାନ୍ତି ଯେମିତି ଉଭେଇ ଯାଇଥିଲା ଆମର । ସେ ଯେଉଁ ସ୍ୱର୍ଗୀୟ ଅନୁଭବ ତାକୁ ଶବ୍ଦରେ କୁହାଯାଇ ପାରେନା କି କାହାକୁ ବୁଝେଇ ହୁଏନା । ତାକୁ କେବଳ ନିଜର ମନ ଆଉ ଅନ୍ତର ଭିତରୁ ଅନୁଭବ କରିହୁଏ ।

ଘଞ୍ଚ ବନାନୀ ଆଉ ପାର୍ବତ୍ୟମାଳାର ବେଷ୍ଟନୀ ଭିତରେ ମୁକ୍ତ ଆକାଶ ତଳେ ବିରାଜିଛନ୍ତି ଏକ ଶିବଲିଙ୍ଗ । ଆଉ ଆଗରେ ଜଗି ରହିଛନ୍ତି ତାଙ୍କର ବୃଷଭ । ପ୍ରଭୁଙ୍କର ଗୋଟିଏ ପାଖରେ ରହିଛି ଆବୁଡା ଖାବୁଡା ଦନ୍ତୁରିତ ଏକ ପାହାଡ଼ । ସେହି ପାହାଡ଼ର ଶୀର୍ଷରୁ ଦିନରାତି ବର୍ଷବର୍ଷ ଧରି କେଜାଣି କେଉଁ ଆବାହମାନ କାଳରୁ ଝରି ଚାଲିଛି ସ୍ୱଚ୍ଛ ଝରଣାର ଏକ ଅବାରିତ ବାରିଧାରା । ଯାହାକି ପାହାଡ଼ ଉପରୁ ଖସି ଏକଦମ ସିଧା ଭାବରେ ପଡୁଛି ଶିବଲିଙ୍ଗ ଉପରେ । ଦେଖିଲେ ଲାଗିବ ଯେମିତି ପ୍ରକୃତି ମାତା ଦିନରାତି ପ୍ରଭୁଙ୍କର ଜଳାଭିଷେକ କରି ଚାଲିଛନ୍ତି ନିରନ୍ତର ଭାବରେ । କିମ୍ବା ସ୍ୱର୍ଗରୁ ଖସି ଆସୁଛନ୍ତି ଆକାଶଗଙ୍ଗା ପ୍ରଭୁଙ୍କ ଜଟାରେ ନିଜକୁ ଲୀନ କରିଦେବା ପାଇଁ । ପ୍ରକୃତି ଆଉ ଈଶ୍ୱରଙ୍କର ଏ ଯେଉଁ ନୈସର୍ଗିକ ମିଳନ ଆଖିରେ ନ ଦେଖିଲେ ବିଶ୍ୱାସ କରି ହୁଏନା । ଥରେ କେବେ ଦେଖିଲେ ଗୋଟେ ଦେଖାରେ ଆପଣଙ୍କ ଆଖି ଛାଡିବନି କି ମନ ପୂରିବନି । ପ୍ରକୃତିର ବେଷ୍ଟନୀ ଭିତରେ ଏମିତି ଅନେକ ଜାଗାରେ ନିଜକୁ ହଜେଇଛି ମୁଁ । ବିଭୋର ହୋଇଛି କିଛି କ୍ଷଣ । କିନ୍ତୁ ସତ କହୁଛି, ଏଠୁ ଫେରିବା ବେଳେ ଲାଗୁଥିଲା ଯେମିତି ମୋ ମନ ବନ୍ଧା ପଡିଗଲା ଏଇଠି, ଏଇ ପ୍ରଭୁଙ୍କ ପାଖରେ । ଆଜି ଏତେ ବର୍ଷ ପରେ ବି ମନେ ପଡନ୍ତି ପ୍ରଭୁ ଅଞ୍ଜନୀ ମହାଦେବ । ଇଚ୍ଛା ହୁଏ ପୁଣି ଟିକିଏ ଦର୍ଶନ କରି ପାରନ୍ତି କି । କିନ୍ତୁ କାହିଁ ଓଡିଶା ଆଉ କାହିଁ ହିମାଳୟ !

ଏବେ ଜାଣିବା ଏହି ଜାଗାରେ ପ୍ରଭୁ ଅଞ୍ଜନୀ ମହାଦେବ ଭାବରେ କାହିଁକି ପୂଜା ପାଉଛନ୍ତି ଏବଂ ତାଙ୍କୁ ମନାଲିର ଅମରନାଥ କାହିଁକି କୁହାଯାଏ । କିମ୍ବଦନ୍ତୀ କୁହେ ଯେ ପବନଦେବଙ୍କ ଧର୍ମପତ୍ନୀ ମାତା ଅଞ୍ଜନା ପୁତ୍ରପ୍ରାପ୍ତି ଆଶାରେ ହିମାଳୟରେ ତପସ୍ୟା କରିବାକୁ ଆସିଥିଲେ । ଏଠି ସେଠି ଅନେକ ଜାଗା ବିଚରଣ କରିବା ପରେ ଏହି ସୋଲାଙ୍ଗ ଉପତ୍ୟକାରେ ହିଁ ତାଙ୍କୁ ଶାନ୍ତି ମିଳିବା ପରି ଅନୁଭୂତ ହେଲା । ଯେଉଁଠି କି ସେ ନିରୋଳରେ ନିଜ ତପସ୍ୟାରେ ମଗ୍ନ ରହି ପାରିବେ । ସୋଲାଙ୍ଗ ଘାଟିର ଏଇ ମୁକ୍ତ ଆକାଶ ତଳେ ସେ ଏକ ଶିବଲିଙ୍ଗ ସ୍ଥାପନା କରି ପୂଜାର୍ଚ୍ଚନା ପୂର୍ବକ ତପସ୍ୟା ଆରମ୍ଭ କରି ଦେଇଥିଲେ । ଏବଂ ପାଖରେ ଥିବା ଏକ ଛୋଟ ଗୁମ୍ଫାରେ ସର୍ବଦା ଧ୍ୟାନରତ ରହୁଥିଲେ । ଯାହାକି ଆଜି ଅଞ୍ଜନୀ ଗୁମ୍ଫା ଭାବରେ ବିଦିତ । ଏହି ପୂଜାର ଫଳସ୍ୱରୂପ ତାଙ୍କୁ ହନୁମାନ ଜୀ ପୁତ୍ର ରୂପରେ ପ୍ରାପ୍ତ ହୋଇଥିଲେ । ମାତା ଅଞ୍ଜନୀଙ୍କ ଦ୍ୱାରା ସ୍ଥାପିତ ତଥା ପୂଜିତ ହୋଇଥିବାରୁ ସେହି ଶିବଲିଙ୍ଗଟି ଅଞ୍ଜନୀ ମହାଦେବ ଭାବରେ ପରିଚିତ ହୋଇଛନ୍ତି । ତେବେ ସେବେଠାରୁ ଏହା ଲୋକଲୋଚନରୁ ଦୂରରେ ଥିଲା । ଅନେକ ଅନେକ ବର୍ଷ ପରେ ବାବା ପ୍ରକାଶ ପୁରୀ ମହାରାଜଙ୍କ ଦ୍ୱାରା ଆବିଷ୍କୃତ ହୋଇଥିଲା ଏହି ଅଞ୍ଜନୀ ଗୁମ୍ଫା ଆଉ ଶିବଲିଙ୍ଗ । ମହାରାଜଜୀ ବି ଦିନେ ଶାନ୍ତିର ସନ୍ଧାନରେ ହିମାଳୟର ଏଠି ସେଠି ଘୁରୁ ଘୁରୁ ଦର୍ଶନ ପାଇଥିଲେ ଏହି ଅଞ୍ଜନୀ ମହାଦେବଙ୍କର । ତା ପର ଠାରୁ ଧୀରେ ଧୀରେ ଏହା ଲୋକଲୋଚନକୁ ଆସିଲା । ଏବେ ସେଠିକୁ ଯିବା ପାଇଁ ସ୍ୱତନ୍ତ୍ର ଗାଡି ଆଉ ପାହାଡ଼ କଟା ହୋଇ ପାହାଚର ବ୍ୟବସ୍ଥା ହୋଇ ସାରିଛି । କିନ୍ତୁ ଯେତେବେଳେ ଆଦୌ ଏ ସବୁର ସୁବିଧା ନଥିଲା ..... ସେତେବେଳେ !!! ଧନ୍ୟ କହିବ ମହାରାଜଜୀଙ୍କୁ ଯିଏ ଏ ଅଗ୍ନାଅଗ୍ନି ଜଙ୍ଗଲ ଡେଇଁ ପାହାଡ଼ର ଶୀର୍ଷରେ ଠାବ କରିଥିଲେ ପ୍ରଭୁଙ୍କୁ । ଭାବିଲେ ଆଶ୍ଚର୍ଯ୍ୟ, ଅଦ୍ଭୁତ ଆଉ ଅସମ୍ଭବ ଲାଗେ ।

ଅଞ୍ଜନୀ ମହାଦେବଙ୍କ ଉପରେ ପାହାଡ଼ ଶୀର୍ଷରୁ ଅବିରତ ଭାବରେ ପଡୁଥିବା ପାଣି ନଭେମ୍ବରରୁ ଜାନୁଆରୀ ଭିତରେ ଧୀରେ ଧୀରେ ବରଫରେ ପରିଣତ ହୁଏ । ମନାଲିରେ ଯେତେବେଳେ ତୁଷାରପାତ ଆରମ୍ଭ ହୁଏ ସେତେବେଳେ ଏହି ଶିବଲିଙ୍ଗ ଉପରେ ମଧ୍ୟ ଧୀରେ ଧୀରେ ବରଫ ଜମିବା ଆରମ୍ଭ ହୋଇଯାଏ । ଉପରୁ ପଡୁଥିବା ପାଣି ମଧ୍ୟ ପ୍ରଥମେ ପତଳା ବରଫ ରୂପରେ ଖସି ଧୀରେ ଧୀରେ କଠିନ ଅବସ୍ଥାକୁ ରୂପାନ୍ତରିତ ହୋଇଯାଏ । ଏମିତି ଭାବରେ ସେହି ଶିବଲିଙ୍ଗ ଉପରେ ବରଫ ଜମିଜମି ତାହା ଅମରନାଥଙ୍କ ପରି ଏକ ବିରାଟ ବରଫ ଶିବଲିଙ୍ଗ ଆକାର ଧାରଣ କରେ । ବେଳେବେଳେ ଏହି ବରଫ ଜମିଜମି ତିରିଶ ଫୁଟରୁ ଊର୍ଦ୍ଧ୍ୱ ମଧ୍ୟ ହୋଇଯାଏ । ସେଥିପାଇଁ ଭକ୍ତ ମାନେ ତାଙ୍କୁ ମନାଲିର ଅମରନାଥ ଭାବରେ ଜାଣନ୍ତି । ଆମେ ଯାଇଥିଲୁ ଅକ୍ଟୋବର ମାସରେ । ନିୟମିତ ତୁଷାରପାତ ଯେହେତୁ ଆରମ୍ଭ ହୋଇ ନଥିଲା ସେହେତୁ ଅଞ୍ଜନୀ ମହାଦେବଙ୍କୁ ଆମେ ଅମରନାଥଙ୍କ ରୂପରେ ଦର୍ଶନ କରି ପାରି ନଥିଲୁ । ମନରେ ଅବଶୋଷ ରହିଗଲା ଟିକିଏ । କିନ୍ତୁ ଏ ଦର୍ଶନ ବି ଥିଲା ଖୁବ୍ ମନ ମୁଗ୍ଧକର । ସେମିତି ରୂପରେ ଦର୍ଶନ କରିଥିଲେ ପ୍ରଭୁଙ୍କୁ ପ୍ରକୃତିର ଏ ଅପୂର୍ବ ଜଳାଭିଷେକ ଦୃଶ୍ୟରୁ ବଞ୍ଚିତ ହୋଇଥାନ୍ତୁ । ସେ କାହାକୁ କେମିତି ଦର୍ଶନ ଦେବେ ସବୁ ତାଙ୍କରି ଇଚ୍ଛା ।

ଏବେ ଖସୁଥିଲୁ ଆମେ ପାହାଡ଼ ତଳକୁ । ସନ୍ଧ୍ୟା ଆଗତ ପ୍ରାୟ । ଲକ୍ଷ୍ୟସ୍ଥଳ ଏବେ ହୋଟେଲ । ଭାଗ୍ୟ ଭଲ ବର୍ଷା ନଥିଲା । ହୋଟେଲକୁ ଫେରିବା ବାଟରେ ମଲ୍ ରୋଡରୁ ଆମର କିଛି ଫଳ କିଣିବାର ଥିଲା । ଏଇ ଫଳ କିଣା ସମୟର ଗୋଟେ ମଜାଳିଆ ଅନୁଭୂତି ଆପଣ ମାନଙ୍କ ସହ ନ ବାଣ୍ଟିଲେ ମୋ ଭ୍ରମଣ କାହାଣୀ ଅଧା ରହିଗଲା ପରି ଲାଗିବ ମୋତେ ।


ଧାଡି ଧାଡି ଫଳ ଦୋକାନ । ବହୁତ ଶସ୍ତା । ୧୦ କେଜି ଆପଲ ପେଟିର ଦାମ୍ ୪୦୦ ରୁ ୫୦୦ ଭିତରେ । ଇଚ୍ଛା ହେଉଥିଲା ଘରକୁ ଦୁଇ ତିନି ପେଟି ବୋହି ଆଣି ପାରନ୍ତି କି ! ଏମିତି ଭାବିବା ଭିତରେ ପଛରୁ ଶୁଭିଲା, 'ଯୁଆଡେ ତ ଗଲ ଗୋଟେ ଲେଖା ଗଣ୍ଠିଲି ବାନ୍ଧିଲ । ଏଗୁଡା ସବୁ ବୋହିବ କିଏ', ଆମେ

ସବୁ ଧଡ଼ଧାଡ଼୍ କରି ଯନ୍ତ୍ରବତ ବୁଲି ପଡ଼ିଲୁ ପଛକୁ । ଏତେ ସୁନ୍ଦର ଖାଣ୍ଟି ଓଡ଼ିଆ କହିଲା କିଏ ? ପୁଣି ଏଠି ବାହାର ଜାଗାରେ ନିଜ ଭାଷାଟି କାନରେ ବାଜିଲେ କେତେ ଯେ ଶ୍ରୁତିମଧୁର ମନେହୁଏ .... ସେ ହେଉ ପଛେ ଗାଳି, ଜଣେ ଅନୁଭବୀ ହିଁ କହି ପାରିବ ଏ କଥା ।

ବୁଲି ଦେଖିଲୁ ଯେ ଚନ୍ଦା ମୁଣ୍ଡିଆ ସ୍ୱାମୀ ଜଣଙ୍କ ତାଙ୍କ ସ୍ତ୍ରୀଙ୍କୁ କହୁଛନ୍ତି, ଦି'ପେଟି ଆପଲ୍ ନେଇ କଣ କଟକର ଘରେ ଘରେ ବାଣ୍ଟିବ ? ସ୍ତ୍ରୀଜଣଙ୍କ ବି ବିରକ୍ତ ହୋଇ କିଛି ଗୋଟେ କହୁଥାନ୍ତି ଧୀରେ ଧୀରେ । ଆମ ସମସ୍ତଙ୍କ ଓଠରେ ଧାଡିଏ ଲେଖା ସରୁ ହସ ଖେଳି ଗଲାଣି ସେତେବେଳକୁ ଆପେ ଆପେ । ଆହାଃ.... ଏମିତିଆ ମଧୁର ଦାମ୍ପତ୍ୟ କଳହ କେବଳ ଆମ ଓଡ଼ିଆଙ୍କ ପାଖରେ ଦେଖିବାକୁ ମିଳେ ନିଶ୍ଚୟ । ସେମାନଙ୍କ ପାଖକୁ ଯାଇ ପରିଚୟ ଦେବାକୁ ଇଚ୍ଛା ହେଉଥିଲା ଯେ ଆମେ ଭୁବନେଶ୍ୱର ବାସିନ୍ଦା ବୋଲି । କିନ୍ତୁ ହଠାତ ଦାଉ ସାଧିଲା ପାଣିପାଗ । ଝିପି ଝିପି ହୋଇ ଆରମ୍ଭ ହୋଇଗଲା ବର୍ଷା । ଏପଟେ ଶୀତ ଯେ ମଞ୍ଜକୁ ଥରେଇ ଦେଉଛି ଏକଦମ । ସେଥିରେ ପୁଣି ବର୍ଷା ! ଯିଏ ଯାହାର ସୁବିଧା ଆଶ୍ରୟ ଖୋଜି ନେଲା ବେଳକୁ ଆମେ ବି ଜଲ୍‌ଦି ଜଲ୍‌ଦି କିଣାକିଣି ସାରି ଧାଇଁଲୁ ଆମ ଗାଡି ପାଖକୁ ।

ଏବେ ଆମେ ହୋଟେଲ୍ ଆଡକୁ ମୁହାଁଇଥିଲୁ । ହସଖୁସି, ଗପସପ ଆଉ ଆସନ୍ତା ଦିନର ପ୍ଲାନିଂ ବିଷୟରେ କଥା ହେଉ ହେଉ ସମୟ କୁଆଡେ ସରିଗଲା ଜଣା ପଡ଼ିଲାନି । ପରଦିନ ଆମର ଯିବାର ଥିଲା ରୋହତଙ୍ଗ ପାସ୍ ଅଭିମୁଖେ । ତେବେ ସମସ୍ତ ପାଠକ ମାନଙ୍କୁ ଅନୁରୋଧ ଯେ ଯଦି କେହି କେବେ ହିମାଚଳ ପ୍ରଦେଶ ବୁଲିବାର ପ୍ଲାନିଂ କରନ୍ତି ତେବେ ନିଶ୍ଚୟ ଥରେ ଯାଇ ମୁଣ୍ଡ ନୁଆଇଁ ଆସିବେ ଅଞ୍ଜନୀ ମହାଦେବଙ୍କ ପାଖରେ ଆଉ କିଛି ସମୟ ହଜେଇ ଦେବେ ନିଜକୁ ପ୍ରକୃତିର ସେଇ ମାୟାଜାଲ ଭିତରେ ।

## ପାଖାପାଖି ଆଉ କ'ଣ ଦେଖିବେ



**ରୋହତଙ୍ଗ ପାସ:** ହିମାଚଳ ପ୍ରଦେଶର ମନାଲିରୁ ଲେହ-ଲଦାଖ ଯାଏଁ ଲମ୍ବିଥିବା ମୁଖ୍ୟ ସଡକ ମାର୍ଗରେ ପଡେ ଏହି ରୋହତଙ୍ଗ ପାସ୍ । ମନାଲିରୁ ଏହାର ଦୂରତା ମାତ୍ର ପଚାଶ କିଲୋମିଟର । ଏଠାରେ ପର୍ଯ୍ୟଟକମାନଙ୍କ ପାଇଁ ସ୍କିଇଙ୍ଗ୍, ଟ୍ରାକିଂ, ସ୍କେଟିଂର ରହିଛି ପର୍ଯ୍ୟାପ୍ତ ସୁବିଧା ଆଉ ଅନେକ ନିଆରା ଅନୁଭବ ।

**ବ୍ୟାସ ନଦୀ:** ରୋହତାଙ୍ଗ ପାସ୍‌ର ଦକ୍ଷିଣ ଦିଗରୁ ବ୍ୟାସ ନଦୀ (Beas River)ର ଉତ୍ପତ୍ତି ହୋଇଛି । ଏହି ନଦୀ କୂଳରେ ଋଷି ବେଦବ୍ୟାସ ତପସ୍ୟା କରି ସିଦ୍ଧି ପ୍ରାପ୍ତି ହୋଇଥିଲେ । ସେଥିପାଇଁ ଏହାର ନାଁ ବ୍ୟାସ ନଦୀ । ଏହି ନଦୀ କୂଳରେ ଋଷି ବେଦବ୍ୟାସଙ୍କର ମନ୍ଦିରଟିଏ ମଧ୍ୟ ଅଛି । ବ୍ୟାସ ନଦୀ କୁଲୁ ଆଉ କାଙ୍ଗଡ଼ା ଘାଟି ଦେଇ ବହି ଯାଇଛି ପଞ୍ଜାବ ଯାଏଁ । ପଞ୍ଜାବରୁ ପୁଣି ୪୭୦ କିଲୋମିଟର ବହିଲା ପରେ ସତଲେଜ୍ ନଦୀ ସହ ମିଳିତ ହୋଇ ପ୍ରବେଶ କରିଛି ପାକିସ୍ତାନରେ । ଏହି ଜୀବନ ଦାୟିନୀ ନଦୀ କେବଳ କୁଲୁ ଆଉ ମନାଲିର ନୁହେଁ ବରଂ ପଞ୍ଜାବ ଆଉ ପାକିସ୍ତାନର ମାଟିକୁ ମଧ୍ୟ ଶସ୍ୟ ଶ୍ୟାମଳା କରି ମିଶିଛି ଯାଇ ଆରବ ସାଗରରେ ।

**ମନୁ ମନ୍ଦିର:** ବ୍ୟାସ ନଦୀ କୂଳରେ ରହିଛି ମନୁ ମନ୍ଦିର । କିମ୍ବଦନ୍ତୀ ଅନୁସାରେ ମନୁ ହେଉଛନ୍ତି ସଂସାରର ପ୍ରଥମ ମନୁଷ୍ୟ ଯାହାଙ୍କୁ ବ୍ରହ୍ମା ସୃଷ୍ଟି କରିଥିଲେ । କୁହାଯାଏ ଯେ ମନୁ ଏହିଠାରେ ବସି ତପସ୍ୟା କରୁଥିଲେ । ମନ୍ଦିର ଭିତରେ ମନୁଙ୍କର ପ୍ରଥମ ପାଦ ଚିହ୍ନ ଅଛି ବୋଲି ବିଶ୍ୱାସ କରାଯାଏ ।

**ବଶିଷ୍ଠ କୁଣ୍ଡ :** କୁହାଯାଏ ଯେ ଏହା ଚାରି ହଜାର ବର୍ଷ ପୁରୁଣା । ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ଗୁରୁ ଋଷି ବଶିଷ୍ଠଙ୍କର ପ୍ରତିମୂର୍ତ୍ତି ଏଠାରେ ପୂଜା ପାଉଛନ୍ତି । ମନ୍ଦିର ଭିତରେ ରହିଛି ଦୁଇଟି ଗାଧୁଆ କୁଣ୍ଡ । ଗୋଟିଏ ପୁରୁଷ ଆଉ ଅନ୍ୟଟି ମହିଳାମାନଙ୍କ ପାଇଁ ଉଦ୍ଦିଷ୍ଟ । ଏହି ଗାଧୁଆ କୁଣ୍ଡରୁ ଆମର ଅଟ୍ରି ଉଷ୍ଣ ପ୍ରସବଣ ପରି ଗରମ ପାଣି ନିର୍ଗତ ହୁଏ । ଏହି ମନ୍ଦିର ସଂଲଗ୍ନ ହୋଇ ରହିଛି ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ପଥର ନିର୍ମିତ ଏକ ମନ୍ଦିର ।

## ଚୁମ୍ବକରେ ଆଉ କିଛି ତଥ୍ୟ

ଏଠାରେ ପାଣିପାଗର କିଛି ଧରାବନ୍ଧା ନିୟମ ନ ଥାଏ । ଦିନ ତିନିଟା ପରେ ସାଧାରଣତଃ ପାଗ ହଠାତ ଖରାପ ହୋଇଯାଏ । ଝିପିଝିପି ବର୍ଷା ସାଙ୍ଗକୁ ସଞ୍ଜ ନଇଁଲା ପରି କୁହୁଡି ଘନେଇ ଆସେ ।

ଆପଣ ମାନେ ଏଠାକୁ ଗଲେ ଭାଷାକୁ ନେଇ କିଛି ବି ଅସୁବିଧାରେ ପଡିବେନି । ଏଠାକାର ଅଧିବାସୀ ମାନେ ସାଧାରଣତଃ ହିନ୍ଦୀ, ହିମାଚଳୀ ଏବଂ ଆଉ କିଛି ସ୍ଥାନୀୟ ପାହାଡୀ ଭାଷାର ବ୍ୟବହାର କରନ୍ତି । ଆପଣ ହିନ୍ଦୀ ଭାଷାରେ ନିଜର ଭାବ ବିନିମୟ କରି ପାରିବେ । ପ୍ରାୟ ପ୍ରତ୍ୟେକ ଖାଇବା ଦୋକାନରେ ଆପଣଙ୍କୁ ଗରମ ଗରମ ଚା, କଫି ସହ ବିସ୍କୁଟ, ଚିପ୍ସ ଆଉ ବାମ୍ଫଉଠା ମ୍ୟାଗି ଖାଇବା ପାଇଁ ମିଳିଯିବ । ବିଭିନ୍ନ ବର୍ଗର ହୋଟେଲ୍ ସେଠାରେ ଉପଲବ୍ଧ । ଆପଣ ଆରାମରେ ଅନ୍ ଲାଇନ ବୁକିଙ୍ଗ୍‌ର ସୁବିଧା ନେଇ ପାରିବେ । ଅଞ୍ଜନୀ ମହାଦେବଙ୍କ ମନ୍ଦିରଟି ସକାଳ ଦଶରୁ ସନ୍ଧ୍ୟା ପାଞ୍ଚଟା ଯାଏଁ ଖୋଲା ରହେ ପର୍ଯ୍ୟଟକ ମାନଙ୍କ ପାଇଁ ।

## କେମିତି ଯିବେ

ସୋଲାଙ୍ଗ ଉପତ୍ୟକାର ପାଖ ରେଳ ଷ୍ଟେସନ ହେଉଛି ଯୋଗୀନ୍ଦର ନଗର ରେଳ ଷ୍ଟେସନ । ଯେଉଁଠାରୁ ଏହି ଉପତ୍ୟକାର ଦୂରତା ହେଉଛି ୧୭୫ କିଲୋମିଟର । ଅମ୍ବାଲାରୁ ଏହା ୩୪୭ ଏବଂ ଚଣ୍ଡୀଗଡ଼ରୁ ୩୨୭ କିଲୋମିଟର । କୁଲୁ ମନାଲି ଏୟାରପୋର୍ଟରୁ ଏହାର ଦୂରତା ୬୫ କିଲୋମିଟର । ଆପଣ ଏୟାରପୋର୍ଟରୁ ଟାକ୍ସି ଧରି ଗଲେ ଆପଣଙ୍କୁ ଦୁଇରୁ ଅଢେଇ ଘଣ୍ଟା ଲାଗିବ । କିମ୍ବା ଆପଣ ଦିଲ୍ଲୀ ଯାଏଁ ଟ୍ରେନ୍ କିମ୍ବା ଫ୍ଲାଇଟ୍‌ରେ ଗଲା ପରେ ସେଠାରୁ ନିଜର ଏକ ପର୍ସନାଲ୍ ଗାଡି ବୁକ୍ କରି ଏକଥରରେ ଶିମଳା, କୁଲୁ, ମନାଲି ବୁଲି ଫେରି ପାରିବେ ।

## କ'ଣ କିଣିବେ

ଖୁବ ସୁନ୍ଦର ସୁନ୍ଦର ଶୀତ ବସ୍ତ୍ର ସେଠାରେ ଉପଲବ୍ଧ । ଉଲ୍ ତିଆରି ବିଭିନ୍ନ ଡିଜାଇନର ଟୋପି, ଜ୍ୟାକେଟ୍ ସବୁ ମଧ୍ୟ ବିଭିନ୍ନ ଦାମ୍‌ରେ ଉପଲବ୍ଧ । ମଲ୍ ରୋଡ଼ର କଡେ କଡେ ସୁନ୍ଦର ସୁନ୍ଦର କାଠ ତିଆରି ଗହଣା, ଘରସଜ୍ଜା ଜିନିଷ ସହ ଆଣ୍ଟିକ୍ ଜିନିଷର ସମ୍ଭାର ମଧ୍ୟ ଆପଣ ସେଠି ଦେଖିବାକୁ ପାଇବେ ଦୋକାନ ମାନଙ୍କରେ । ଆମର ଏଠି ଅପେକ୍ଷା କମ ଦାମରେ ବିଭିନ୍ନ ପ୍ରକାର ଡ୍ରାଇଫ୍ରୁଟ୍‌ସ୍ ମଧ୍ୟ ସେଠାରେ ମିଳି ପାରିବ ।

Ohm
PVC HDPE Pipes & Fittings

OHM PIPES PVT. LTD.




"An ISO 9001-2015 Certified Company"

**OHM PIPES, Symbol of Trust**

A leading manufacturer of
PVC & HDPE Pipes & Fittings

Works: D - 7, 8, 49 & 50, Somnathpur, IID Centre, Odisha 756019
Sales Enquiry Odisha: +91 - 7008869992, 8280956445
West Bengal: +91- 9433094332
info@ohmpipes.com
www.ohmpipes.com

# କେରଳର କିମିଆଁ



## ଈଶ୍ୱରଙ୍କ ନିଜ ରାଜ୍ୟ : କେରଳ

**ପ୍ରଜ୍ଞାଶ୍ରୀ ରଥ**

ମାର୍ଫତ : ପ୍ରକାଶ କୁମାର ନନ୍ଦ,
ବି-୨୦୧, ଡୁମୁଡୁମା, ଫେଜ୍-୬,
ଏଚ୍ଆଇଜି ଫ୍ଲାଟ୍ସ(ଓଏସ୍ ଏଚ୍ବି) ଭୁବନେଶ୍ୱର-୭୫୧୦୧୯
ଫୋନ: ୮୧୧୪୩୫୧୨୧୦

ଫଟୋ ସୌଜନ୍ୟ: ଲେଖିକା/ଗୁଗୁଲ୍



▲ ଲେଖିକା ପ୍ରଜ୍ଞାଶ୍ରୀ ରଥ

ଭାରତମାତାଙ୍କ ମଥାମଣି ଯଦି କାଶ୍ମୀର ହୁଏ, ତେବେ କେରଳ ହେବ ତାଙ୍କ ଜଳନୂପୁର ।

ଆରବସାଗର କୂଳରେ, ଭାରତର ଦକ୍ଷିଣ-ପଶ୍ଚିମ ଉପକୂଳର ଶେଷଭାଗରେ ସବୁଜ ନାରିକେଳକୁଞ୍ଜବେଷ୍ଟିତ ଏହି ପ୍ରଦେଶଟି ଶତକଡା ଶହେ ଭାଗ ସାକ୍ଷର ଜନସଂଖ୍ୟା ଥିବା ଅଞ୍ଚଳ । 'ମାଲାୟଲମ୍' ହେଉଛି ଏମାନଙ୍କର ମାତୃଭାଷା । ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିଆନ, ବୌଦ୍ଧ ଆଦି ଭିନ୍ନ ଭିନ୍ନ ସମ୍ପ୍ରଦାୟର ଲୋକ ଏଠାରେ ବସତି ସ୍ଥାପନ କରି ରହିଥିଲେ ହେଁ, ସାମ୍ପ୍ରଦାୟିକ ସଦ୍‌ଭାବ ତଥା ସମାନ ମାତୃଭାଷାର ବ୍ୟବହାର ଏଠିକା ଲୋକଙ୍କ ସଂପ୍ରୀତିର ଆଧାର ।



ଐତିହାସିକ ମାନଙ୍କ ମତରେ 'ଚେର' ରାଜବଂଶ ହେଉଛନ୍ତି କେରଳର ପ୍ରଥମ ଶାସକ, ସମ୍ରାଟ ଅଶୋକଙ୍କ ଶିଳାଲେଖ ଅନୁସାରେ ଏହି ରାଜ୍ୟର ନାମ 'ଚେରଳପୁଟ', ଅର୍ଥାତ୍ 'ଚେରଙ୍କର ପୁତ୍ର'। ମାଲାୟଲମ୍ ଭାଷାରେ 'କେର'ର ଅର୍ଥ ନଡ଼ିଆ ଓ 'ଅଲମ୍'ର ଅର୍ଥ ଭୂମି, ତେଣୁ 'କେରଳମ୍' ହେଉଛି 'ନଡ଼ିଆର ଭୂମି'। ପର୍ଯ୍ୟଟନ ଉଦ୍ୟୋଗରେ କେରଳର ସଫଳତା ଈର୍ଷଣୀୟ। ରାଜ୍ୟର ପର୍ଯ୍ୟଟନ ବିଭାଗ ଏହାକୁ 'ଈଶ୍ୱରଙ୍କ ନିଜ ରାଜ୍ୟ' ବୋଲି ଦାବୀ କରନ୍ତି। ପୁରାଣ, ଇତିହାସ, ସାହିତ୍ୟ, କିମ୍ବଦନ୍ତୀ ତଥା ଅଲୌକିକ ଭୌଗୋଳିକ ଅବସ୍ଥିତି ଯୋଗୁଁ ଏହା ସତରେ ଈଶ୍ୱରଙ୍କ ନିଜ ରାଜ୍ୟ ପରି ମନେହୁଏ।

ପ୍ରସଙ୍ଗ କ୍ରମେ ଠିକେ ଠିକେ ଏକଥା ଲେଖିବି। କେରଳ ବୁଲିଯିବା ଆଗରୁ ଗୋଟେ ଛୋଟକାଟିଆ ଗବେଷଣା କରି ପକେଇଥିଲି। ଆମର ଛୁଟି ମାତ୍ର ଦଶଦିନର ଥିଲା ଓ ପୂରା ରାଜ୍ୟକୁ ବୁଲି ଦେଖିବାର ଇଚ୍ଛା ଥିଲା। ସମୟ ଥିଲା ଅନୁକୂଳ, ଆମେ 'ଓଣମ୍' ସମୟରେ ହିଁ କେରଳ ଯିବାକୁ ସ୍ଥିର କରି ତଦନୁଯାୟୀ ଟୁର୍ ଅପରେଟର୍‌ଙ୍କୁ ଯୋଗାଯୋଗ କଲୁ। 'ଆଇରିସ-ହଲିଡେଜ୍' ଥିଲେ ଆମର ଟୁର୍ ଅପରେଟର୍ ଓ ଯାତ୍ରାସହାୟକ ବା ଗାଇଡ୍ ତଥା ଡ୍ରାଇଭର ଥିଲେ ରାଜୁ। ଦଶଦିନରେ କେରଳ ବୁଲିବାକୁ ଯାଇଁ ପ୍ରଥମ ଦିନ ପ୍ରଥମ ବିଡମ୍ବନା ଘଟିଲା, ଫ୍ଲାଇଟ୍ ସାଢେ ଚାରି ଘଣ୍ଟା ଡେରିରେ ଭୁବନେଶ୍ୱର ବିମାନବନ୍ଦର ଛାଡିଲା, ଚେନ୍ନାଇ ଦେଇ ଆମେ କୋଚିନ୍ ବିମାନବନ୍ଦରରେ ପହଞ୍ଚି ସେଠାରୁ ନିର୍ଦ୍ଧାରିତ ଗାଡ଼ିରେ ଯାଇଁ ଆମର ହୋଟେଲ ଟ୍ରାଇଡେଣ୍ଟ୍‌ରେ ପହଞ୍ଚିଲା ବେଳକୁ ମଧ୍ୟାହ୍ନ ହେଇସାରିଥିଲା। ପଞ୍ଚତାରକା ବିଶିଷ୍ଟ ଏହି ହୋଟେଲର ଆରାମଦାୟକ କୋଠରୀରେ ଜିନିଷପତ୍ର ରଖି ତରବର ହୋଇ ଓଣମ୍ ପୂଜା ଅନୁକୂଳ ଧଳାପୋଷାକ ପିନ୍ଧି ତ୍ରିକ୍କକରା ମନ୍ଦିର ଆଡେ ଚାଲିଲୁ। ଏଇ ମନ୍ଦିରରେ ଓଣମ୍ ପର୍ବର ପ୍ରଥମ ଅନୁକୂଳ ହୁଏ। ପୂର୍ବ କାଳରେ ଏହା ତ୍ରାଭାଙ୍କୋର୍ ରାଜ୍ୟର ମହାରାଜାଙ୍କ ଇଷ୍ଟଦେବ ବାମନବିଷ୍ଣୁଙ୍କ ମୁଖ୍ୟ ମନ୍ଦିର ଥିଲା। ଏବେ ଏହା ଏର୍ଣ୍ଣାକୁଲମ୍ ଜିଲ୍ଲାରେ ଅବସ୍ଥିତ। ଏଠାରୁ ସାତ କିଲୋମିଟର ଦୂରରେ ଅଛି 'ପଥାଲମ୍' ବା ପାତାଳପୁର, ଯେଉଁଠାରେ ଭଗବାନ ବିଷ୍ଣୁଙ୍କର ପଞ୍ଚମ ଅବତାର ଭଗବାନ ବାମନବିଷ୍ଣୁ, କେରଳର ମହାଦାନୀ ମହାରାଜ ମହାବଳୀଙ୍କୁ ତାଙ୍କର ତୃତୀୟ ପାଦରେ ପାତାଳକୁ ଚାପି ଦେଇଥିଲେ। ମହାବଳୀଙ୍କ ପ୍ରଜା ବତ୍ସଳତାରେ, ଭକ୍ତି ଓ ଦାନଶୀଳତାରେ ମୁଗ୍ଧ ହୋଇ ବାମନ ଭଗବାନ ତାଙ୍କୁ ବର୍ଷକରେ ଥରେ ନିଜ ରାଜ୍ୟକୁ ଆସି ନିଜ ପ୍ରଜାଙ୍କୁ ଭେଟିବାକୁ ଅନୁମତି ଦେଇଥିଲେ, ତଦନୁଯାୟୀ ମାଲାୟାଲୀ କ୍ୟାଲେଣ୍ଡରର ପ୍ରଥମ ମାସ 'ଚିଙ୍ଗମ୍'ର ଅମାବାସ୍ୟା ବା ପ୍ରତିପଦାକୁ ପୃଥିବୀକୁ ଆସନ୍ତି ମହାରାଜା ମହାବଳୀ ଓ ତାଙ୍କର ସ୍ୱାଗତ ପାଇଁ ସଜେଇହୁଏ ସମଗ୍ର କେରଳ। ଭଗବାନ ବାମନବିଷ୍ଣୁଙ୍କର ନିବିଡ଼ ପୂଜା ଆରାଧନା ମଧ୍ୟ ହୁଏ। ଅଟ୍ଟଚାୟଂମ ବା ପାରମ୍ପରିକ ପ୍ୟାରେଡ୍‌ରେ ରାଜବଂଶର ସୁସଜ୍ଜିତ ହାତୀମାନେ ଶୋଭାଯାତ୍ରାରେ ବାହାରନ୍ତି, ଢୋଲ, ତୁରୀ, କାହାଳୀରେ ଫାଟି ପଡେ ବ୍ରାହ୍ମମୁହୂର୍ତ୍ତ। ଏସବୁ କିଛି ଆମେ ଦେଖିପାରିଲୁ ନାହିଁ, ତେବେ ଉତ୍ସବର ବାକି ଅଂଶତକ ଦେଖି ବିଶେଷ ଆନନ୍ଦିତ ହେଲୁ। ପ୍ରଥା ଅନୁସାରେ ମନ୍ଦିର ଭିତରକୁ ପୁରୁଷମାନେ କେବଳ ମୁଣ୍ଡୁମ /ଧୋତି ଓ ନେର୍ୟାଥମ୍/ ଚାଦର ବା ଅଙ୍ଗବସ୍ତ୍ରମ୍ ପିନ୍ଧିକି ଯାଆନ୍ତି। ମୋର ଧଳା ସଲ୍‌ୱାର୍ ସୁଟ୍, ଓଢଣୀ ବିଶେଷ ଭାବରେ ପର୍ବ ଅନୁକୂଳ ଥିଲା, କିନ୍ତୁ ସ୍ୱାମୀଙ୍କୁ ପେଣ୍ଟ୍, ସାର୍ଟ ପାଲଟି ମୁଣ୍ଡୁ ପିନ୍ଧିକି ଯିବାକୁ ହେଲା। ଦେବ ଦର୍ଶନ, ଦୀପଦାନ, ନୈବେଦ୍ୟ ଉତ୍ସର୍ଗ ପରେ ଓଣମ୍ ସଂଧ୍ୟା ବା ଭୋଜିରେ ବସିଲୁ। ମନ୍ଦିର ଭିତରେ ମୋବାଇଲ ବା କ୍ୟାମେରା ମନା ଥିଲା, ତେଣୁ ମନ୍ଦିର ଭିତରର ଦୃଶ୍ୟ କେବଳ ଶବ୍ଦରେ ବର୍ଣ୍ଣନା କରିବି। ଅଥବା କୋଉ ଭାଷାରେ କହିବି ଏଭଳି ଅନିର୍ବଚନୀୟ ଦିବ୍ୟ ଆନନ୍ଦମୟ ମୁହୂର୍ତ୍ତକୁ। ପଥର ଚଟାଣ ଉପରେ କଦଳୀପତ୍ର ଉପରେ ପରଷା ଯାଇଥିବା ବିଭିନ୍ନ ଅନ୍ନ, ବ୍ୟଞ୍ଜନ, ସପୁରୀର ତରକାରୀ, ଆଖୁର ଖଟା, କେତେ ପ୍ରକାରର ଚଟଣୀ, ଭିନ୍ନ ଭିନ୍ନ ଅନ୍ନ, ପାୟସମ୍, ପିଠା, ପାମ୍ପଡ଼, ଫଳ, ଦହି, ଚହ୍ଲା, ମୋଦକ ପରି ମିଷ୍ଟାନ୍ନ କାହାର ବର୍ଣ୍ଣନା କରିବି। ସେଦିନ ସେସବୁ ଖାଦ୍ୟ ନୁହେଁ ସାକ୍ଷାତ ମା ଅନ୍ନପୂର୍ଣ୍ଣାଙ୍କ ରୂପ ପରି ଦିଶୁଥିଲେ, ଖାଇସାରି ଅନ୍ନଦେବତାଙ୍କୁ ମୁଣ୍ଡିଆ ମାରି ପତ୍ରକୁ ନିଜେ ଉଠେଇବାକୁ ହୁଏ।

'ପ୍ରାଚ୍ୟର ମୁକ୍ତା' କୁହା ଯାଉଥିବା କୋଚିନ ସହରକୁ ସ୍ୱାମୀ ପୂର୍ବରୁ ଥରେ କୌଣସି କାର୍ଯ୍ୟ ଉପଲକ୍ଷେ ଆସିଥିଲେ। ସହରର ଯେତିକି ବର୍ଣ୍ଣନା ମୁଁ ତାଙ୍କ ଠାରୁ ଶୁଣିଥିଲି, ସେଇ ଅନୁସାରେ ବୁଲିଯିବାର ଯୋଜନା କରିଥିଲୁ ମାତ୍ର ପ୍ରଥମଦିନର ଅନିଚ୍ଛାକୃତ ବିଳମ୍ବ ହେତୁ ଆମ କାର୍ଯ୍ୟକ୍ରମରେ ବହୁତ କାଣ୍ଟଛାଣ୍ଟ କରିବାକୁ ପଡିଲା। ତ୍ରିକ୍କକରା ମନ୍ଦିର ପରେ ଫୋର୍ଟ କୋଚି ଆସିଲୁ, ପ୍ରଥମେ ଭାରତୀୟ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାର ମ୍ୟୁଜିଅମ୍ ବୁଲି ଦେଖିବାର ଥିଲା କିନ୍ତୁ ଓଣମ୍ ସେଠିକାର ସରକାରୀ ଛୁଟିଦିବସ ଥିବାରୁ ତାହା ବନ୍ଦ ଥିଲା, ଗେଟ୍ ଆଗରେ ଫଟୋଟିଏ ଉଠେଇକି ସେଠୁ ଆସିଲୁ। ଫୋର୍ଟ କୋଚି ହେଉଚି ଏକ ପ୍ରାଚୀନ ସମୁଦ୍ରତଟୀୟ ସହର ଯେଉଁଠି ବିଶେଷ ଭାବରେ ପର୍ତ୍ତୁଗାଲୀ ବାସ୍ତୁକଳା ସଜ୍ଜିତ ଆଠଟି ଗୀର୍ଜାଘର ବା କ୍ୟାଥେଡ୍ରାଲ୍ ପାଇଁ ପ୍ରସିଦ୍ଧ। ଆମେ ପ୍ରଥମେ ଦେଖିଲୁ ମଟ୍ଟନଚେରି ପ୍ୟାଲେସ୍, ପର୍ଯ୍ୟଟକ ମାନଙ୍କର ଗହଳଚହଳ ବିଶେଷ ନଥିଲା, ଡଚ୍ ବାସ୍ତୁକଳା ଓ ପୁରୁଣାଦିନର ଚିହ୍ନସବୁ ସୁସଜ୍ଜିତ ହୋଇ ରହିଚି ସେଠି। ପରେ ପରେ ଆସିଲୁ ସାନ୍ତାକ୍ରୁଜ୍ ବାସିଲିକା, ଏଠି ପ୍ରଭୁ ଯୀଶୁଙ୍କର କୃଶବିଦ୍ଧ ମୂର୍ତ୍ତି ଆଗରେ ଦଣ୍ଡେ ଅଟକିଲି। ମୋର ଉପନ୍ୟାସ






'ବର୍ଗାକାର ହୃଦୟ'ରେ ଏହି ସ୍ଥାନଟିର ବର୍ଣ୍ଣନା କରିଛି । ବସ୍ତୁତଃ କୋଚିନ ହେଉଛି ସେ ଉପନ୍ୟାସର ଭୂମି । ଈଶ୍ୱର ସବୁ ଧର୍ମରେ ସର୍ବାନ୍ତର୍ଯ୍ୟାମୀ ଓ ନିରପେକ୍ଷ ବୋଲି ମୋର ଧାରଣା, ସେଠି କ୍ୟାଣ୍ଡେଲ୍ ଜଳାଇଲୁ ଓ ସନ୍ଧ୍ୟା ହୋଇ ଆସୁଥିବାରୁ ବ୍ୟାକ୍‌ୱାଟର୍ କୂଳରେ ଥିବା 'ଚାଇନିଜ୍ ଫିଶିଙ୍ଗ୍ ନେଟ୍' ସବୁ ଦେଖିବାକୁ ଗଲୁ । ନାଁଟା ଚାଇନିଜ୍ ହେଲେ ବି ଏଗୁଡ଼ିକ ପର୍ତ୍ତୁଗାଲି କେଉଟ ମାନଙ୍କର ଆବିଷ୍କାର, କମ୍ ସମୟରେ ସମୁଦ୍ର ଭିତରୁ ବେଶି ବେଶି ମାଛ ଉଠେଇବାର ଉପକରଣଟି ଏବେ ଦର୍ଶନୀୟ ବସ୍ତୁ । ଆଗରୁ ଚବିଶଟି ଥିଲା, ଝଡ଼ବାତ୍ୟାର ମାଡ଼ ଖାଇ ଖାଇ ଆଉ ମାତ୍ର ସାତଟି ଅଛି ସେ ଉପକୂଳରେ, ତା ସାମ୍ନାରେ ଫଟୋ ଉଠେଇ ସାରି କିଛି ସମୟ ଅସ୍ତଗାମୀ ସୂର୍ଯ୍ୟଙ୍କର ସିନ୍ଦୂରୀ ଛଟା ଦେଖି ଆନମନା ହେଲୁ ।

ହୋଟେଲ ଫେରିଆସିଲା ବେଳକୁ ସେଠି ନାଚ ଗୀତର ଆୟୋଜନ ଚାଲିଥାଏ । କଥାକଲୀ ନୃତ୍ୟ ଆମେ ଶେଷ ପର୍ଯ୍ୟନ୍ତ ବସି ଦେଖିଲୁ ଓ ତା ପରେ ତଳେ ଥିବା ବିଶାଳ ଭୋଜନାଳୟରେ ଆୟୋଜିତ ଭୋଜିସଭାରେ ପାରମ୍ପରିକ ମାଲାୟାଲୀ ଖାଦ୍ୟର ମଜା ନେଲୁ ।

ପରଦିନ ନିତ୍ୟକର୍ମ ସାରି ଜଳଖିଆ ଇତ୍ୟାଦି ଖାଇ ବାହାରିଲୁ 'କେରଳ ଲୋକକଳା ମିଉଜିୟମ୍' ଦେଖିବାକୁ । ମୁଁ ଭାବେ କୌଣସି ରାଜ୍ୟ ବା ଦେଶର ସାରକଥା ବା summary ହେଉଚି ସେଠିକାର ମିଉଜିୟମ୍ । ତେଣୁ କମ୍ ସମୟରେ ପୂରା ଜାଗାଟିକୁ ଜାଣିବାକୁ ମିଉଜିୟମ୍ ଭିତରେ ପଶିଲୁ । ଓଣମ୍‌ର ସ୍ୱାଗତ ସରୁନଥାଏ, କପାଳରେ ଚନ୍ଦନତିଳକ ଲଗେଇ, ଫୁଲମାଳ ଦେଇ ଭିତରକୁ ପାଛୋଟି ନେଲେ ପରିଚାରିକା । ଏନି ଜର୍ଜଙ୍କର ବ୍ୟକ୍ତିଗତ ସଂଗ୍ରହାଳୟ ଯେ, ପ୍ରାଚୀନ ମୂର୍ତ୍ତି, ପୋଥି, ବାଦ୍ୟଯନ୍ତ୍ର, ପୋଷାକ, ପାଣ୍ଡୁଲିପି, ଗୃହ ଉପକରଣ ସବୁ ସଜା ହେଇକି ଥାଆନ୍ତି । ମତେ ଆକର୍ଷିନେଲା ମୁଖା । ମଣିଷର ମୁଖାବରଣ କେତେ ଅଦ୍ଭୁତ ସତେ !!!

ପ୍ରାଚ୍ୟର ମୁକ୍ତା ଉତ୍ତୋଳନ କ୍ଷେତ୍ରରେ କୋଚିନର ସ୍ଥାନ ପ୍ରଥମ, ସ୍କୁବା ଡ଼ାଇଭିଂ, ସ୍ନର୍କେଲିଙ୍ଗ୍ ଇତ୍ୟାଦି ପାଇଁ ବି ସମୟ ପାଇଲୁ ନାହିଁ ।

ଆମର ପରବର୍ତ୍ତୀ ଗନ୍ତବ୍ୟସ୍ଥଳୀ ଥିଲା ମୁନ୍ନାର । ସମୟ ଅଭାବ ଯୋଗୁଁ କୋଚିନରେ ଚେରାଇ ସମୁଦ୍ରକୂଳ, ୱଣ୍ଡେଲା ପାର୍କ, ବୋଲଗଟ୍ଟୀ ପ୍ୟାଲେସ୍, ହିଲ୍ ପ୍ୟାଲେସ୍, ରେନ୍‌ବୋ ହ୍ୟାଙ୍ଗିଙ୍ଗ୍ ବ୍ରିଜ୍ ଛାଡ଼ିଦେଲୁ ।

ଅର୍ଣ୍ଣାମୁଲା ବୋଟ୍ ଫେଷ୍ଟିଭାଲ୍ ବିଷୟରେ ଗାଇଡ଼ ରାଜୁ ଠାରୁ ଶୁଣିଲୁ । ସ୍ନେକ୍ ବୋଟ୍ ବା ଭଲ୍ଲମ୍ ଗୁଡ଼ିକ ସୁସଜ୍ଜିତ ହୋଇଥିଲେ । ଓଣମ୍‌ରେ ଭଲ୍ଲମ୍‌କଲ୍ଲୀ ବା ବୋଟ୍ ରେସ୍‌ର ପରମ୍ପରା କାହିଁ କେଉଁ କାଳରୁ ପ୍ରଚଳିତ । ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ନାମରେ ନାମିତ ଅଲପୁଝାର 'ନେହେରୁ ଟ୍ରଫି ଭଲ୍ଲମ୍‌କଲୀ' ବି ଆମେ ଯିବା ବେଳକୁ ସରି ଯାଇଥିଲା । ସେକଥା ପରେ, ଏବେ ଆସିବା ମୁନ୍ନାର ରାସ୍ତାରେ ।

ଆମର ବିଶେଷ ଆଗ୍ରହ ହେତୁ ଡ୍ରାଇଭର୍ ରାଜୁ ଆମକୁ ଅଦ୍ୱୈତଦର୍ଶନର ପ୍ରଥମ ଉଦ୍‌ଘୋଷକ ଶ୍ରୀମଦ୍ ଆଦି ଶଙ୍କରାଚାର୍ଯ୍ୟଙ୍କର ଜନ୍ମସ୍ଥଳୀ କଲାଡି ନେଇଗଲେ । 'କଲାଡି'ଶବ୍ଦର ଅର୍ଥ ହେଉଚି ପଦଚିହ୍ନ । ଭାରତୀୟ ଜ୍ଞାନଜଗତର ବିସ୍ମୟ ପ୍ରତିଭା ଆଦିଶଙ୍କରଙ୍କର ଏ ବାସସ୍ଥଳୀ ଟୁର୍ ଅପରେଟରଙ୍କ ତାଲିକାରେ ନଥିଲେ ବି ଆମେ ଏଠିକୁ ଉଜାଣି ଆସିଲୁ । କୋଚିନ ବିମାନବନ୍ଦର ଠାରୁ ମାତ୍ର ଛଅ କିଲୋମିଟର ଦୂର ଏହି ସ୍ଥାନରେ ଶାରଦାମ୍ବା ଓ ଦକ୍ଷିଣାମୂର୍ତ୍ତି ଶିବଙ୍କର ମନ୍ଦିର ରହିଛି । 'କଲାଡି କଦାଓ୍'ବା କଲାଡିଘାଟକୁ ଆରତ୍ତୁକଦାଓ୍ ବା ଆଳତୀଘାଟ କୁହାଯାଏ । ଜନ୍ମାଷ୍ଟମୀରେ ଏଠି ଭଗବାନ କୃଷ୍ଣଙ୍କ ପାଇଁ ଦୀର୍ଘ ଆଳତୀ ଉତ୍ସବ ପାଳିତ ହୁଏ । ମୁଥାଲାକଦାଓ୍ ବା କୁମ୍ଭୀରଘାଟ ବି ଦେଖିଲୁ । ଏହି ସ୍ଥାନରେ ଶଙ୍କରଙ୍କ ଜୀବନରେ ବୈରାଗ୍ୟ ଉଦିତ ହୋଇଥିଲା । ତାଙ୍କୁ ସ୍ନାନ ସମୟରେ କୁମ୍ଭୀରଟିଏ ଟାଣିନେଲା, ମା ଆର୍ଯ୍ୟାମ୍ବାଙ୍କୁ ଶଙ୍କର କହିଲେ 'ମତେ ଜୀବିତ ଦେଖିବାକୁ ଚାହୁଁଥିଲେ ସନ୍ନ୍ୟାସ ପାଇଁ ଅନୁମତି ଦିଅ' । ଅଗତ୍ୟା ମା ରାଜିହେଲେ ଓ ଜଣେ ମହାମାନବଙ୍କର ଜୀବନରେ ଏକ ଅଦ୍ଭୁତ ପରିବର୍ତ୍ତନ ଘଟିଲା । କଲାଡିର ଇଷ୍ଟଦେବ 'ଥିରୁ କଲାଡି ଅପ୍ପନ' ବା ଶ୍ରୀକୃଷ୍ଣଙ୍କର ମନ୍ଦିରଟି ମଧ ଦେଖିଲୁ । ବିଶେଷ ଭ୍ରମଣ ପାଇଁ ସମୟ ନଥିଲା । ଆମେ ମଧ୍ୟାହ୍ନ ହେଉ ହେଉ ମୁନ୍ନାର ଅଭିମୁଖେ ଯାତ୍ରା ଆରମ୍ଭ କଲୁ ।

ମୁନ୍ନାର ହେଉଚି କେରଳର ପାର୍ବତ୍ୟ ଇଲାକା । ମୁଦ୍ରାପୁଝା, ନଲ୍ଲାଥାନୀ, କୁଣ୍ଡାଲେ ଏଇ ତିନି ପର୍ବତଶୃଙ୍ଖଳା ଭିତର ଦେଇ ଆମେ ଗତି କରୁଥାଉ । ବାଟରେ ପେରିୟାର ନଦୀ ଉପରେ ଥିବା ନେରୀୟାମଙ୍ଗଳମ୍ ବ୍ରିଜ ଉପରେ ଅଟକିଲୁ । ଏଇ ଜାଗାରେ ସିନେମା 'ଚେନ୍ନାଇ ଏକ୍ସପ୍ରେସ୍'ର ଗୋଟିଏ ଦୃଶ୍ୟ ଚିତ୍ରାଙ୍କିତ ହୋଇଥିଲା । ସେଠି ଫଟୋ ଉଠେଇଲୁ । ତାପରେ ଯଥାକ୍ରମେ ୱାଲାରା ଓ ଚିୟାପାରା ଜଳପ୍ରପାତ ପଡ଼ିଲା, ରାସ୍ତାରେ ଥାଇ ଏହି ସୁନ୍ଦର ପ୍ରପାତଗୁଡ଼ିକ ଦେଖିହେଲା । ଅନତି ଦୂରରେ ଥିଲା ମଟ୍ଟୁପେଟୀ ହ୍ରଦ ଓ ତତ୍ ସଂଲଗ୍ନ ଏକ ସୁନ୍ଦର ବଣଭୋଜି ଇଲାକା । ଆମେ






କେବଳ ଟିକେ ଅଟକି ଦେଖିଲୁ ଓ ଫଟୋ ଉଠେଇ ଉଠେଇ ଆଗକୁ ଆଗକୁ ବଢ଼ିଚାଲିଲୁ । ରାତି ଆଠଟା ପରେ ପହଞ୍ଚିଲୁ ଆମର ରିସର୍ଟ 'ଦ ଲିଫ୍'ରେ । ଏହି ରିସର୍ଟର ମାଲିକଙ୍କ ସହ ପୂର୍ବରୁ ଯୋଗାଯୋଗ ଥିଲା । ସେ ଜଣେ ଗ୍ରାଜୁଏଟ୍ ଇଞ୍ଜିନିୟର୍ ଓ ସ୍ଥପତି, ତାଙ୍କର ମା ଓ ବାପା ଦୁହେଁ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟାପକ । ମା ଦୀପାଙ୍କ ମୋର ଗପସପ ଜମିଗଲା । ରାତ୍ରି ଭୋଜନରେ ସେ ଦୁହେଁ ଆମ ସହ ସାମିଲ ହେଲେ ଓ ଆମର ଗ୍ରୁପ୍ ଫଟୋ ଉଠାଇ ତାଙ୍କ ଆଲବମ୍‌ରେ ସ୍ଥାନିତ କଲେ ।

ଆମ ପାଇଁ ଉଦ୍ଦିଷ୍ଟ କଟେଜ୍‌ଟି ବାଉଁଶ ବଗିଚା ପାଖରେ ଥିଲା । ଭୋର୍‌ରୁ ଉଠି ଚଢ଼େଇଙ୍କ କାକଳି ଶୁଣିବା ଓ ବଣୁଆ ଫୁଲଙ୍କ ବାସ୍ନାରେ ହଜିଯିବା ପରି ଅନୁଭୂତି ଭୁଲି ହୁଏ ନାହିଁ ।

ସେଦିନ ଆମେ ମୁନ୍ନାରର ଚା' ବଗିଚା ଦେଖିବାକୁ ଗଲୁ । ଟାଟା ଟି ଇଷ୍ଟେଟ୍ ଓ ଟି ଫାର୍ମରେ ଦିନଟି ସୁନ୍ଦର ବିତିଲା, ଚା ବଗିଚା ମଝିରେ ମଝିରେ ଗୋଟେ ଗୋଟେ ଓକ୍ ଗଛ ଅଛି, ଏହି ଗଛ ବହୁତ ପାଣି ସଂଗ୍ରହ କରି ରଖିପାରେ, ବର୍ଷା କମିଲେ ଓକ୍ ଗଛରୁ ପାଣି ବାହାରି ଚା ବଗିଚାରେ ପାଣି ମାଡ଼େ । ଏହି ସୁନ୍ଦର ଇଲାକାରେ ସନ୍ଧ୍ୟା ପାଞ୍ଚଟା ବେଳକୁ ଅନ୍ଧାର ଓ କୁହୁଡ଼ି ଘୋଟି ଆସେ, ତେଣୁ ବେଳ ଥାଉଁ ଥାଉଁ ବୁଲିଆସିବା ଭଲ ।

ଟାଟା ଟି ଫାର୍ମରେ କଞ୍ଚା ଚା ପତ୍ରରୁ କିପରି ଚା ଗୁଣ୍ଡ ପ୍ରସ୍ତୁତ ହୁଏ, ତାହା ଦେଖିଲୁ । କେରଳର ପ୍ରସିଦ୍ଧ ମସଲା ବଗିଚାରେ ମଧ ବୁଲିଲୁ । ଗୋଲମରିଚ ପରି ଗୋଟିଏ ଅତ୍ୟାବଶ୍ୟକୀୟ ମସଲା ପାଇଁ ଇଉରୋପୀୟ ବଜାରରେ ମୁନ୍ନାରର ନାଁ ଡାକ । ଏହା ଛଡ଼ା ଇନ୍‌ସୁଲିନ୍ ପ୍ଲାଣ୍ଟ୍, ସଂଜୀବନୀ ବୁଟି ଦେଖିଲୁ । ଡାଲ୍‌ଚିନି, ତେଜପତ୍ର ଗୋଟିଏ ଗଛରେ ହୁଏ । ଜାବିତ୍ରୀ, ଜାଇଫଳ, କୋକୋଆ ବା ଚକ୍‌ଲେଟ୍ ଫଳ ବି ଦେଖିଲୁ । ଉପହାର ଦେବା ପାଇଁ କେତେ ଗୁଡ଼ିଏ ଚା' ଡବା ଓ ମସଲା ଡବା ଏଇଠୁ କିଣିଲୁ ।

ମୁନ୍ନାରରେ କେବଳ ଓଣମ୍ ସମୟରେ ଫୁଟୁଥିବା ଓଣାସ୍ମ ଫୁଲର ବର୍ଣ୍ଣନା ବିନା ମୋର ମୁନ୍ନାର ଡାଏରୀ ସମ୍ପୂର୍ଣ୍ଣ ହେବ ନାହିଁ । ଏହା କେରଳର ଜାତୀୟ ଫୁଲ । ବାରବର୍ଷରେ ଥରେ ଫୁଟୁଥିବା ଫୁଲ ନିଲକୁରୁଞ୍ଜି କଥା ଶୁଣିଥିଲୁ, ଦେଖିପାରିଲୁ ନାହିଁ । ମୁନ୍ନାରର ଆଉ ଗୋଟିଏ ସୁନ୍ଦର ଫୁଲ ହେଉଚି ଇମପେସେଣ୍ଟ, ବିଭିନ୍ନ ଇଉରୋପିୟ ସମୁଦାୟ ଭିନ୍ନ ଭିନ୍ନ ସମୟରେ ଆସି ଏଠାରେ ବିରାଟ ବିରାଟ ଶୈଳନିବାସ କରେଇଛନ୍ତି । ଏହା ଏର୍ଣ୍ଣାକୁଲମ ରାଜ୍ୟର ରାଜାଙ୍କର ଶୈଳନିବାସ ପାଇଁ ମଧ ପ୍ରସିଦ୍ଧ । ଇକୋପଏଣ୍ଟ ଅନ୍ୟ ଏକ ସୁନ୍ଦର ସ୍ଥାନ ମୁନ୍ନାରର ଶୋଭା ବଢ଼ାଇବାକୁ । କୁହୁଡିମଖା ପର୍ବତ ଆଢୁଆଳରେ ସୂର୍ଯ୍ୟାସ୍ତର ଛଟା ଭୁଲିନହେବା ପରି । ଆମେ ଚା ବଗିଚାରେ, ଫୁଲ ବଗିଚାରେ ବୁଲୁ ବୁଲୁ ଦୁଇଦିନ କେମିତି କଟିଗଲା ଜଣା ପଡିଲା ନାହିଁ । ତା ପରେ ବାହାରି ପଡ଼ିଲୁ ପେରିୟାର୍ ନଦୀ କୂଳରେ ଥିବା ଅପୂର୍ବ ସହର ଠେକ୍କଡ଼ି ଦେଖିବାକୁ ।

ମୁନ୍ନାରରୁ ଠେକ୍କଡ଼ିର ରାସ୍ତା ସତେ ଯେମିତି ପରୀକହାଣୀର ଅଂଶ । ନୀଳସବୁଜ ପର୍ବତଶୃଙ୍ଖଳା, ଝର୍ଝରନାଦିନୀ ଝରଣାସବୁ, ମେଘ ଓ ସୂର୍ଯ୍ୟକିରଣର ଲୁଚକାଳି ଖେଳ, ଚା ବଗିଚାର ସବୁଜଶାଢ଼ୀ, ଫୁଲଙ୍କ ଚାଦରଢଙ୍କା ଉପତ୍ୟକା ସମୂହ ଦେଖି ଦେଖି ଆଖି ପଲକ ପକେଇବା ଭୁଲି ଯାଉଥାଏ । ଏହି ଉପତ୍ୟକରେ ଅନେକ ସିନେମାର ସୁଟିଂ ହୋଇଛି । ଯଥାର୍ଥରେ ଠେକ୍କଡ଼ି ହେଉଚି ପ୍ରକୃତିର ଅନୁପମ ଉପହାର, ମାଲାୟଲୀ ଭାଷାରେ 'ଠେକ୍କୁ' । ଠେକ୍କଡ଼ି ଯିବା ବାଟରେ ସୁନ୍ଦର ସୁନ୍ଦର ଚର୍ଚ୍ଚ, ବାସିଲିକା, ଛୋଟ ବଡ଼ ମନ୍ଦିର ସବୁ ପଡିଲା । ଗୋଟେ ଗୁଳୁରାତି କାରଖାନା ପାଖରେ ଓହ୍ଲେଇଲୁ । ଅପୂର୍ବ ଅପୂର୍ବ ପ୍ରକୃତି ଓ ଅପୂର୍ବ ତାର ଛଟା । ଆମର ରହଣିସ୍ଥଳ 'ଫରେଷ୍ଟ କନୌପି' ବାସ୍ତବରେ ଗୋଟିଏ ସାନ ପାହାଡ଼କୁ କାଟି ଥାକ ଥାକ ପାହାଚ ଉପରେ ତିଆରି ହୋଇଚି । ପ୍ରତି ରୁମ୍‌କୁ ଯିବାକୁ ବ୍ୟାଟେରୀ ଚାଳିତ ଗାଡ଼ିର ବନ୍ଦୋବସ୍ତ ହୋଇଚି । ବିରାଟ ବିରାଟ ବଖରାରେ କାଠର ଚଟାଣ, ସିଡ଼ି ଓ ଅତ୍ୟାଧୁନିକ ତାଲା ପଡ଼ିଥିବା କାଚର କାନ୍ଥ, ରୁମ୍‌ର ପରଦା ହଟେଇଲେ ଲାଗିବ ଜଙ୍ଗଲ ଭିତରେ ତମେ ବସିଚ । ଏଠି ଆମକୁ ବହୁ ସ୍ୱାଦିଷ୍ଟ ଆମିଷ ଖାଦ୍ୟ ମିଳିଥିଲା । ରାତ୍ରିଭୋଜନ ପରେ ସୁମଧୁର ଯନ୍ତ୍ରସଙ୍ଗୀତ ଓ ବଂଶୀଧ୍ୱନିରେ ପ୍ରାଣ ତୃପ୍ତ ହେଇଗଲା । ପରଦିନ ସକାଳୁ ଜଳଖିଆ ଖାଇ ବାହାରିଲୁ ପେରିୟାର୍ ବନ୍ୟପ୍ରାଣୀ ଅଭୟାରଣ୍ୟ । ପେରିୟାର ନଦୀ ଓ ମୁଲ୍ଲାପେରିୟାର ବନ୍ଧର ଜଳଭଣ୍ଡାର ମିଶି ଏକ ବିରାଟ ହ୍ରଦ ଭଳି ଦିଶୁଥାଆନ୍ତି । ଏଠି ମୋଟରଲଞ୍ଚ ଯୋଗେ ବୁଲିବାକୁ ଆମେ ଅନ୍ ଲାଇନ୍ ବୁକିଂ କରିଥିଲୁ, ତେଣୁ ଧାଡ଼ିରେ ଛିଡା ହୋଇ ଟିକେଟ୍ କାଟିବାକୁ ପଡିଲାନି । ଲାଇଫ୍ ଜ୍ୟାକେଟ୍ ପିନ୍ଧି ପ୍ରାୟ ଚାରିଘଣ୍ଟାର ଜଳଯାତ୍ରା କରିବା ଏକ ଅବିସ୍ମରଣୀୟ ଅନୁଭୂତି । ମୋଟରଲଞ୍ଚ ଭିତରେ ଥାଇ ପଶୁ ପକ୍ଷୀମାନଙ୍କର ଫଟୋ ଉଠେଇ ଉଠେଇ ଖୁସି ହେଉଥାଉ । ତେବେ ଡର ଲାଗୁଥାଏ ଖୁବ୍ । 'ନିଜ ଗାଁ ମଶାଣି, ପର ଗାଁ ପାଣିକି ଡର' ତ ସ୍ୱାଭାବିକ କଥା । ସେଦିନ କେବଳ ସାଣ୍ଡୱିଚ୍‌ରେ ମଧ୍ୟାହ୍ନଭୋଜନ ଚଳିଲା । ସେଠୁ ଗଲୁ ଜୀପ୍ ରାଇଡ଼ରେ ଓଟ୍ଟାକୋଥଲମେଡୁ, ମୁରିକ୍କଡ଼ି, ଚେଲ୍ଲୁରକୋବିଲ୍ ଇତ୍ୟାଦି ପାହାଡ଼ିଆ ଇଲାକାକୁ । ଜଙ୍ଗଲର ରୁଦ୍ରରୂପ ଦେଖି ଖୁସି ହେଲୁ ।

ସବୁଠୁ ବେଶି ଆଖିରେ ପଡିଲା ପେରିୟାର୍ ନଦୀ ।

ପେରିୟାର୍ ହେଉଚି ତାମିଲନାଡୁର ନଦୀ କିନ୍ତୁ ବହିଯାଇଚି ପୂରାକୁ ପୂରା କେରଳ ଭିତର ଦେଇ, ଜଳସେଚନ, ବିଦ୍ୟୁତ ଉତ୍ପାଦନ, ମତ୍ସ୍ୟସମ୍ପଦ ସବୁ ପାଇଁ କେରଳ ପେରିୟାର୍ ନଦୀ ପାଖରେ ଋଣୀ । ଠେକ୍କଡ଼ିରୁ କେରଳ ରାଜ୍ୟର ସୀମା ମାତ୍ର ୪କିଲୋମିଟର । ତାମିଲନାଡୁ ଜଳସମ୍ପଦ ବିଭାଗର କିଛି କର୍ମକର୍ତ୍ତାଙ୍କ ସହ ସ୍ୱାମୀଙ୍କର କିଛି ସରକାରୀ କାର୍ଯ୍ୟ ବି ଠେକ୍କଡ଼ିରେ ଥିବାବେଳେ ସମ୍ପନ୍ନ ହୋଇଥିଲା ।

ଏଠି ସନ୍ଧ୍ୟାଟି ବିତିଲା ନବରସର କଳାକାର ମୁତ୍ତୁସ୍ୱାମୀ ଓ ତାଙ୍କର



ସହକର୍ମୀଙ୍କ ସହ କଥାକଳୀ ନୃତ୍ୟ ଦେଖିବାରେ । ଆମେ ଦ୍ରୌପଦୀଙ୍କ ରୂପରେ ଭେଟିଲୁ ପୁରୁଷ କଳାକାରଙ୍କୁ । ଚିନିଅଖା ଉପରେ ଚିନିଅଖା ଅଣ୍ଟାରେ ବେଢେଇ ତା ଉପରେ ମଖମଲୀ ପୋଷାକ ପିନ୍ଧି, ଅଦ୍ଭୁତ ବେଶଭଙ୍ଗିମାରେ ସଜେଇହେଲେ କଳାକାରମାନେ । ଆଗରୁ ଗ୍ରାମର ମନ୍ଦିର ଅଥବା ମୁଖିଆଙ୍କ ଘର ଅଗଣାରେ ଲଣ୍ଠନ ଜାଳି ପରିବେଷଣ କରୁଥିଲେ କଥାକଳୀ, କଥା ଅର୍ଥାତ ଗଳ୍ପ ଓ କଲୀ ଅର୍ଥାତ ନୃତ୍ୟ, ଏପରି ସଜେଇ ହୋଇ ପୌରାଣିକ ବିଷୟବସ୍ତୁ, ପ୍ରାୟ ମହାଭାରତ କାହାଣୀ କଥାକଳୀର ମୁଖ୍ୟ ଉପଜୀବ୍ୟ । ପ୍ରାକୃତିକ ରଙ୍ଗରେ ମୁହଁ ଓ ମୁଖା ସଜାହୁଏ, ଆଗରୁ କେବଳ ପୁରୁଷ କଳାକାରମାନେ ଏଥିରେ ସାମିଲ ହେଉଥିଲେ, ଏବେ ଏବେ ନାରୀମାନେ ବି ଏହି ନୃତ୍ୟରେ ପ୍ରବେଶ କଲେଣି । ଆମେ ନାଚ ଦେଖିଲା ପରେ କଳାକାର ମାନଙ୍କୁ କିଛିଟା ପ୍ରଣାମୀ ଦେଇ ତାଙ୍କ ସହ ଫଟୋ ଉଠେଇଲୁ ଓ କଥା ହେଲୁ ।



ନାରୀ ବେଶରେ ପୁରୁଷ ନିଜକୁ କେମିତି ନିଜକୁ ଦେଖିପାରେ ? ମୁତ୍ତୁସ୍ୱାମୀ କହିଲେ, 'ହେ ମା, ତୁମେ କିଏ ମୁଁ ଚିହ୍ନିନି, କିନ୍ତୁ ତୁମ ପ୍ରଶ୍ନର ଉତ୍ତର ନିଶ୍ଚୟ ଦେବି, ନାରୀ ବେଶରେ ମୁଁ ସହଜରେ ଭରାସଭାରେ କାନ୍ଦିପାରେ, ପରଦିନ ପୁଣି ନାରୀ ହୁଏ, ଏ ଭୂମିକା ମୋ ଜୀବନକୁ ସହଜ କରିଚି' । ତାଙ୍କ ଉତ୍ତର ମତେ ଚମକୃତ କଲା । ଏହାପରେ କେରଳର ମାର୍ଶାଲ ଆର୍ଟ ବା ସମରନୃତ୍ୟ କଲାରିପାୟଟ୍ଟୁ ଦେଖିଲୁ । ଯୁବକମାନଙ୍କର ଶୌର୍ଯ୍ୟ ଓ ଧୈର୍ଯ୍ୟ ଏହି ନୃତ୍ୟକଳାର ଆଧାର । ରାତି ନଇଁ ଆସୁଥିଲା, ଆମେ ଫେରିଲୁ । ଠେକ୍କଡ଼ିର ଫରେଷ୍ଟ କ୍ୟାନୋପି ମନେରହିବ ଯାର ଅପୂର୍ବ ଜାଙ୍ଗଲିକ ସୁଷମା ପାଇଁ । ପରଦିନ ଯାତ୍ରା ଆରମ୍ଭ ହେଲା କୁମରକୋମ୍ । କେରଳର ଆୟୁର୍ବେଦ ସଦନ ଓ ସୁନ୍ଦର ବ୍ୟାକ୍ ୱାଟର୍ ପରିଦର୍ଶନ ପାଇଁ ଏଇ ଜାଗାଟି ବିଖ୍ୟାତ ।

କେରଳର କୋଟାୟାମ ଜିଲ୍ଲାରେ ଅବସ୍ଥିତ କୁମରକୋମ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଜୀଙ୍କର ପ୍ରିୟ ଅବସରକାଳୀନ ସ୍ଥାନର ମାନ୍ୟତା ପାଇଛି । ଏହି ଜାଗାଟି ପ୍ରସିଦ୍ଧ ଲେଖିକା ଅରୁନ୍ଧତୀ ରାୟଙ୍କ ଉପନ୍ୟାସ God of small thingsର ଭୂମି ଅଟେ । ଏହାର ଅୟେମେନନ୍ ଗାଁ ଉପନ୍ୟାସର ପୃଷ୍ଠଭୂମି । ବିସ୍ତୀର୍ଣ୍ଣ ଲୁଣାଜଙ୍ଗଲ ଓ ଘଞ୍ଚ ନଡ଼ିଆବଗିଚା ବେଷ୍ଟିତ କୁମରକୋମରେ ଆମେ ପହଞ୍ଚିଲା ବେଳକୁ ଅପରାହ୍ନ ହୋଇ ସାରିଥିଲା, ତେଣୁ କୁମରକୋମ ପକ୍ଷୀ ଅଭୟାରଣ୍ୟ ପରିସରକୁ ଯିବା ଠିକ୍ ଲାଗିଲାନି । ଭେମ୍ବନାଦ ହ୍ରଦ ନିକଟରେ ଅବସ୍ଥିତ କୁମରକୋମ ଲେକ୍ ଭିଉ ହୋଟେଲ ରେ ଆମର ଲେକ୍‌ସାଇଡ୍ କଟେଜ୍ ସଂରକ୍ଷିତ ହୋଇ ରହିଥିଲା । ସେଠି ଜିନିଷପତ୍ର ରଖି ଟିକେ ବିଶ୍ରାମ ନେଇ ହୋଟେଲ ପରିସରରେ ଥିବା ଆୟୁର୍ବେଦଶାଳାକୁ ଆସିଲୁ । ପୂର୍ବରୁ ମୋର ସିରୋଧାରା ଉପଚାର ପାଇଁ ସମୟ ନିର୍ଦ୍ଧାରିତ ହୋଇଥିଲା, ତଦନୁଯାୟୀ ଶାନ୍ତ ସ୍ଥିର ବାତାବରଣରେ ତୈଳ ଓ ଔଷଧ ମିଶ୍ରିତ ଉପଚାରର ଆନନ୍ଦ ଅନୁଭବ କଲି । ହାଲ୍‌କା ରାତ୍ରିଭୋଜନ ପରେ ଜଣେ ଉଦୀୟମାନ ଯୁବ ଭାରତନାଟ୍ୟମ୍ ଶିଳ୍ପୀ ଚିତ୍ରାଙ୍ଗଦାଙ୍କର ପ୍ରଥମ ମଞ୍ଚପ୍ରବେଶ କ୍ରମେ ଗଣପତିବନ୍ଦନା ଓ ଗଙ୍ଗାବତରଣ ଅଭିନୟ ଦେଖି ବହୁତ ଖୁସି ହେଲୁ । ପରଦିନ ଭୋରରୁ ଉଠି ପାରମ୍ପରିକ ନୌକାରେ ହ୍ରଦ ଭିତରେ ପ୍ରାକୃତିକ ପରିବେଶରେ କିଛି ସମୟ ବୁଲିଲୁ । ତାପରେ ପ୍ରାତଃଭୋଜନ ସାରି ଆଲିପି ବା ଆଲପୁଝା ଅଭିମୁଖେ ବାହାରିଲୁ ।

ଆଲିପିରେ ନୌକାଘର ବା ହାଉସ୍‌ବୋଟ୍ ରହଣୀ ଏକ ବିଳାସମୟ ଅନୁଭବ ଆଣିଦେଲା । ଆମେ ଦୁଇଜଣ କେବଳ ସେ ସୁସଜ୍ଜିତ ହାଉସ୍‌ବୋଟ୍‌ରେ, ସବୁ ପଞ୍ଚତାରକା ସୁବିଧା ତା ଭିତରେ । ଟିଭି ବି ଲାଗିଥିଲା ଯେ କିଏ ଦେଖୁଚି ସେଠି ଟିଭି । ଆମେ ବାତାନୁକୂଳିତ ହାଉସ୍‌ବୋଟ୍‌ର କାଚ ଦେଇ ଦେଖୁଥାଉ ଜଳମୟ ସ୍ୱର୍ଗ ପରି ବ୍ୟାକ୍‌ୱାଟର୍‌ର ଶୋଭା । ଛୋଟ ଛୋଟ ଡଙ୍ଗାରେ ଆସୁଥାଏ ପନିପରିବା, ଫୁଲ, ଶସ୍ୟ, ମାଛର ପସରା । ଭାସମାନ ବଜାର ପରି । ଆମ ହାଉସ୍‌ବୋଟ୍‌ରେ ବାପପୁଅ ତତ୍ତ୍ୱାବଧାରକ ଥାଆନ୍ତି, ପ୍ରଥମେ ପଇଡ଼ ପାଣି, ତାପରେ ସୁପ୍, ତାପରେ ଗରିଷ୍ଠ ମଧ୍ୟାହ୍ନଭୋଜନ, ଆମେ ଅଧାରୁ ଅଧିକ ଖାଦ୍ୟ





# ସ୍ୱୟଂଭୂ

## ଶିବକଥା ଓ ଶିବଗାଥାରେ ବର୍ଣ୍ଣିତ ଏକ ମହାର୍ଘ୍ୟ ସଂକଳନ

ଚତୁର୍ଦ୍ଦଶ ଭୁବନର ସଦା ମଙ୍ଗଳମୟ କର୍ତ୍ତା ତୁମେ,
ହେ ମହାଶିବ ।
ତୁମେ ଓଁ କାର, ଅନଘ, ଅଗାଧ, ଆଶୁତୋଷ ଆଦିନାଥ ।
ତୁମେ ବି ନଟରାଜ, ନୀଳକଣ୍ଠ, ନାଗଭୂଷଣ, ନୃତ୍ୟପ୍ରିୟ ।
ତୁମେ ମଧ୍ୟ ପରମଜ୍ୟୋତି, ପରମେଶ୍ୱର, ପଶୁପତି, ପିନାକି ।
ତୁମେ ନିତ୍ୟ, ତୁମେ ଚନ୍ଦନ, ଏକ ଅନୁପମ ସାଧନ ।
ତୁମେ ପ୍ରାଣର ପ୍ରାଣସ୍ୱରୂପ, ଜୀବନ ଓ ଜଗତର କାରଣ ।
ତୁମେ ସତ୍ୟ, ଶିବ ଓ ସୁନ୍ଦର ।
ସଂସାରର ସଂଚାଳକ, ସଂସ୍ଥାପକ ଓ ପରିପାଳକ ମଧ୍ୟ ତୁମେ ।
ନର-ସୁର-ଅସୁର-ଦାନବ-ଯକ୍ଷ-ପିଶାଚ, ସବୁରି ଦେବାଧିଦେବ ।
ସକଳ ଇନ୍ଦ୍ରିୟ ଶକ୍ତିର ପ୍ରକାଶକ ।

ତୁମେ ବେଦର ଓଁ କାର, ଶବ୍ଦର ଝଙ୍କାର ।
ସବୁ ମାୟା ଓ ଛାୟାର ଅତୀତ ।
ତ୍ୟାଗ ତୁମର ଭୂଷଣ, ଆଶୁ ଆଶୀର୍ବାଦ ତୁମର ସଂପତ୍ତି ।
ସଂସାରର ସକଳ ଭୟ ଓ ବିପତ୍ତି ନାଶ କରୁଥିବାରୁ ତୁମେ ଶିବ ।
ତୁମେ ତର୍କ ଓ ସ୍ତବର ଉର୍ଦ୍ଧ୍ୱରେ ।
ନିତ୍ୟ ଆନନ୍ଦର ଅପାର ମହାସିନ୍ଧୁରେ
ସକଳ ପ୍ରାଣର ପ୍ରାଣସ୍ୱରୂପ ତୁମେ ।
ସବୁ ସୁଖ, ସଂପଦ ଓ ଐଶ୍ୱର୍ଯ୍ୟକୁ ତୁଚ୍ଛ କରି
ଜୀବଙ୍କ ଅକ୍ଷୟାନନ୍ଦ ପାଇଁ ତୁମେ ସାଜିଛ ନୀଳକଣ୍ଠ ।
ତୁମେ କାହା ଠାରୁ ଜାତ ନୁହେଁ, ନିଜେ ହିଁ ଭୂମିରୁ ପରିପ୍ରକାଶ
ହୋଇଥିବାରୁ ତୁମେ - **ସ୍ୱୟଂଭୂ** ॥

ଅନୁପମ ଶିବକଥା, ଶିବଗାଥା ଏବଂ ଓଡ଼ିଶା - ଓଡ଼ିଶା ବାହାରର ବହୁ ପ୍ରସିଦ୍ଧ ଶୈବପୀଠଗୁଡ଼ିକ ଉପରେ
ଆଲେଖ୍ୟକୁ ନେଇ ପ୍ରକାଶ ପାଇଛି ଏହି ସଂଗ୍ରହଣୀୟ ସଂକଳନ : **ସ୍ୱୟଂଭୂ** ।
**୮୦ ଜଣ ବିଶିଷ୍ଟ ଲେଖକ/ଲେଖିକାଙ୍କ ଲେଖାରେ ସମୃଦ୍ଧ ହୋଇଛି ଏହାର ପୃଷ୍ଠା ।**

**ହାଡ଼ବୋର୍ଡ଼ ବାଇଣ୍ଡିଂ ସହ ୩୮୮ + ୪୦ ପୃଷ୍ଠା ରଙ୍ଗୀନ ଫଟୋଚିତ୍ର ସହିତ**
**ମୂଲ୍ୟ : ୬୦୦ ଟଙ୍କା**

**ପ୍ରାପ୍ତିସ୍ଥାନ :**
**ଏ.କେ. ନାୟକ ଏଜେନ୍ସି,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୮୬୧୦୪୬୧୭୯)
**ନାରାୟଣୀ ବୁକ୍ ଷ୍ଟଲ୍,** ପୁରୁଣା ବସଷ୍ଟାଣ୍ଡ, ଭୁବନେଶ୍ୱର (୯୬୬୮୧୮୬୯୨୬)
**ମାଧବ ବୁକ୍ ଷ୍ଟୋର୍,** ଭରତିଆ ଟାୱାର, ବାଦାମବାଡ଼ି, କଟକ (୯୩୪୮୮୨୮୭୮୩)
**ନିରଂଜନ ବେହେରା,** BSNL ଅଫିସ୍ ସାମ୍ନା, ଲିଙ୍କରୋଡ଼, କଟକ (୯୪୩୭୨୫୫୭୪୪)
**ଲୋକସଂପର୍କ ବିଭାଗ,** ରୁଚି ଉଦ୍ୟୋଗ, ମଧୁପାଟଣା, କଟକ (୮୧୧୪୩୭୪୭୦୫)

**ପ୍ରକାଶକ:**
**ଶ୍ରୀ ଶ୍ରୀ ଲକ୍ଷେଶ୍ୱର ମନ୍ଦିର**
**ରଜତ ଜୟନ୍ତୀ ମହୋତ୍ସବ କମିଟି**
ରୁଚି ପରିସର, ଶିଳ୍ପାଂଚଳ
ମଧୁପାଟଣା, କଟକ-୭୫୩୦୧୦
ଯୋଗାଯୋଗ: ୯୪୩୭୨୨୬୭୯୭

*** ରୁଚି ଅନୁଷ୍ଠାନରୁ ବିଶେଷ ରିହାତି ମୂଲ୍ୟରେ ପୁସ୍ତକ ଉପଲବ୍ଧ ***



ଫେରେଇଦେଲୁ, ଖାଇ ହେଲାନି ଏତେ । ଫଟୋ ଉଠେଇଲୁ ଅନେକ, ପାଣି ଭିତରେ ଆମ ସାମ୍ରାଜ୍ୟ ଚାଲିଥାଏ ସତେ କି । ସନ୍ଧ୍ୟାରେ ଗୋଟେ ଗାଁ ପାଖରେ ବୋଟ୍ ଭିଡାହେଲା ଓ ଆମେ ମୋବାଇଲ୍ ନେଟଓ୍ୱାର୍କ ପାଇଲୁ । ରାତ୍ରିଭୋଜନ ପରଷି ସାରି ବାପପୁଅ ଗଲେ । ପରବର୍ତ୍ତୀ ସକାଳ ପୁଣି ଫିଟିଲା ଉଦୟସୂର୍ଯ୍ୟର ସୁନେଲି କିରଣରେ । ପକ୍ଷୀଙ୍କ କିଚିରିମିଚିରିରେ । ମଧ୍ୟାହ୍ନ ବେଳକୁ ଆମେ ପହଞ୍ଚିଗଲୁ କୋଭଲାମ ବିଚ୍‌ରେ । ହାଉସ୍‌ବୋଟ୍‌ର ଅନନ୍ୟ ଅବସର ଭୁଲିନହେବା ପରି ।



କୋଭଲମ୍‌ରେ ଆମର ରହଣିସ୍ଥଳ ଥିଲା ଉଦୟ ସମୁଦ୍ର ବିଚ୍ ରିସର୍ଟ, ଯାହାକି କୋଭଲମ୍ ଲାଇଟ୍‌ହାଉସ୍ ବିଚ୍ ନିକଟରେ ଅବସ୍ଥିତ । ଏହାର ଅପୂର୍ବ ସ୍ଥାପତ୍ୟକଳା, ଅନ୍ତରୀଣ ସାଜସଜ୍ଜା, ପାରମ୍ପରିକ ଖାଦ୍ୟପସରା, ଅଭୂତପୂର୍ବ ଆତିଥ୍ୟ ମନେରହିବ ସବୁଦିନ । ଜିନିଷପତ୍ର ରୁମ୍‌ରେ ରଖି ଆମେ ଟିକେ ବୁଲି ବାହାରିଲୁ । କୋଭଲମ୍ ବିଚ୍‌ରେ ସୂର୍ଯ୍ୟାସ୍ତ ଦେଖିବା ସେଦିନର ସବୁଠୁ ସୁନ୍ଦର ଅନୁଭୂତି । ସେଦିନ ସଅଳ ରାତ୍ରିଭୋଜନ ସାରି ଶୋଇପଡିଲୁ । ପରଦିନ ବ୍ରାହ୍ମମୁହୂର୍ତ୍ତରୁ ବାହାରିଲୁ କନ୍ୟାକୁମାରୀ । ଭାରତ ମହାସାଗର, ବଙ୍ଗୋପସାଗର ଓ ଆରବସାଗରର ମିଳନସ୍ଥଳୀ ଓ ଭାରତମାତାର ପାଦ ଦେଶ ପରି ଏହି ଭୂମି । ପ୍ରଥମେ ମାତା କନ୍ୟାକୁମାରୀଙ୍କ ଦର୍ଶନ କଲୁ । ଏଠି ପୁରୁଷମାନେ କେବଳ ମୁଣ୍ଡୁ ପିନ୍ଧି ପ୍ରବେଶ କରିବା ନିୟମ । ମାଙ୍କର ଦିବ୍ୟ ବଧୂବେଶ, ବ୍ରହ୍ମଚାରିଣୀ ରୂପ ଦେଖିଲେ ଆଖିରେ ପଲକ ପକେଇବା ଭୁଲିଯିବେ । ମା ବରପୂର୍ବା କନ୍ୟାବେଶରେ ସମୁଦ୍ର ପଟକୁ ମୁହଁ କରି ଛିଡା ହୋଇଛନ୍ତି । ତାଙ୍କ ନାକରେ ଲାଗିଚି ଏକ ଦିବ୍ୟ ହୀରା, ଯାହା ସୂର୍ଯ୍ୟକିରଣ ପଡିଲେ ଏତେ ଉଜ୍ଜ୍ୱଳ ଦିଶୁଥିଲା ଯେ କୁଆଡେ ସମୁଦ୍ରର ଜାହାଜମାନେ ଦିଗଭ୍ରଷ୍ଟ ହୋଇ କୂଳରେ ପିଟି ହୋଇ ଯାଉଥିଲେ । ଏବେ ସେହି ପୂର୍ବଦ୍ୱାରଟି ବନ୍ଦ ରହିଚି । ମାଙ୍କ ନିକଟକୁ ସ୍ତ୍ରୀଲୋକମାନେ ନାଲି ଲୁଗା ପିନ୍ଧି ଗଲେ ସେ ପ୍ରସନ୍ନ ହୁଅନ୍ତି ବୋଲି ବିଶ୍ୱାସ ରହିଚି । ହଳଦୀ, କୁଙ୍କୁମରେ ମାଙ୍କ ମାଜଣା ସାରି ବେଢା ବୁଲି କିଛି ଫଳାହାର କରି ମୋଟର ଲଞ୍ଚରେ ବସିକି ଗଲୁ ବିବେକାନନ୍ଦ ରକ୍ ମେମୋରିଆଲ, ସେତେବେଳେ ଉତ୍କଟ ଖରାଧାସ ବାଜି ଅବସ୍ଥା ଖରାପ, ତେଣେ ମୋଟରଲଞ୍ଚରୁ ଓହ୍ଲଉ ଓହ୍ଲଉ ଜୋତା, ଚପଲ ଗୁଡିକ ଜୋତାଷ୍ଟାଣ୍ଡରେ ରଖିବାକୁ ହେଲା । ଖାଲି ପାଦରେ ତାତିଲା ପଥର ଚଟାଣରେ ଚାଲି ମୋର ପାଦସାରା ଫୋଟକା ହେଇଗଲା । ସେଠି ପ୍ଲାଷ୍ଟିକ୍ ପାଣିବୋତଲ ମନା, ପାଣି ମିଳୁନଥାଏ, ମୋ ପର୍ସରେ ଥିବା ଛୋଟ ପାଣିବୋତଲ ସରିଗଲା, ଖରା, ଶୋଷ ଓ ପାଦଫୋଟକାରେ ଆକ୍ରାନ୍ତ ହୋଇ ମୁଁ ଛାଇ ଦେଖି ଗୋଟେ ଜାଗାରେ ବସି ରହିଲି ଓ ସ୍ୱାମୀ ସବୁ ଜାଗା ଏକୁଟିଆ ବୁଲିବୁଲି ଦେଖିଲେ । ଧ୍ୟାନମନ୍ଦିର, ପୁସ୍ତକାଳୟ ଇତ୍ୟାଦି ଦେଖି ସେ ଫେରିଲା ପରେ ଆମେ ଫେରିଲୁ, ତ୍ରିକୂରାଲର ରଚୟିତା ତାମିଲ ସନ୍ଥକବି ତିରୁବଲ୍ଲୁରଙ୍କ ବିଶାଳ ଭବ୍ୟ ପ୍ରତିମା ସମୁଦ୍ର କୂଳରେ କି ମହିମାରେ ଛିଡା ହୋଇଚି ଦେଖି ଆଖି ନଇଁଆସିଲା । କନ୍ୟାକୁମାରୀରୁ ଫେରିବା ବାଟରେ ଶୁଚୀନ୍ଦ୍ରମ ମହାଦେବଙ୍କୁ ଦର୍ଶନ କରିବା ବିଧି । ସେ ମାଙ୍କର ଭାବୀପତି ଭାବରେ ପୂଜା ପାଉଚନ୍ତି । ତାଙ୍କ ମନ୍ଦିରରେ ସବୁ ଓଲଟା, ଗଣପତିଙ୍କୁ ସବା ଶେଷରେ ଦର୍ଶନ କରାହୁଏ ସେଠି । ଅନେକ ପୌରାଣିକ କିମ୍ବଦନ୍ତୀ ମୂର୍ତ୍ତି ଛଳରେ ସଜ୍ଜିତ ହୋଇଛନ୍ତି ଦେଖିଲୁ । ସେଠୁ ଆସିଲୁ ପଦ୍ମନାଭପୁରମ୍ ପୁରାତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥାନର ମିଉଜିୟମ । ସେତେବେଳେ ସେ ବନ୍ଦ ହେବାକୁ ଯାଉଥାଏ, ଆମେ ଅଳ୍ପ ସମୟ ଖାଲି ବୁଲିଦେଇ ପୁଣି ହୋଟେଲ ଫେରିଆସିଲୁ । ପାଦର ଫୋଟକା ଯୋଗୁଁ ମୁଁ ଥିରୁଅନନ୍ତପୁରମ ସହର ବୁଲିବାକୁ ଯାଇପାରିଲିନି, ସ୍ୱାମୀ ଏକୁଟିଆ ଗଲେ ଓ ଅପରାହ୍ନରେ ଫେରିଲେ । ହୋଟେଲ୍‌ର ଜଣେ ପରିଚାରିକା ମୋ ପାଦରେ କିଛି ଆୟୁର୍ବେଦ ଉପଚାର କରିଦେଲେ ଓ ମୁଁ ଭଲରେ ଚାଲିପାରିଲି । ସେଇଟା ଆମର ଶେଷରାତି ଥିଲା କେରଳରେ । ଫେରିବା ବାଟରେ ପଦ୍ମନାଭସ୍ୱାମୀ ମନ୍ଦିରରେ ଦର୍ଶନ ସାରି, ନେପିୟର ମିଉଜିୟମ୍‌ରେ କିଛି ସମୟ କଟାଇ ଏୟାରପୋର୍ଟରେ ପହଞ୍ଚିଲୁ । ଡ୍ରାଇଭର ରାଜୁକୁ ଅନେକ ଧନ୍ୟବାଦ ଦେଇ ଆସିଲୁ । କେରଳର ଆତିଥ୍ୟ ଓ ଦକ୍ଷିଣ ଭାରତୀୟ ଖାଦ୍ୟ ଆମର ସବୁଦିନ ମନେରହିବ ।

ଥିରୁଅନନ୍ତପୁରମ ଏୟାରପୋର୍ଟରେ ଆମକୁ ମାଲାୟାଲୀ ଉଚ୍ଚାରଣରେ ସଂସ୍କୃତ ଶୁଣିବାକୁ ମିଳିଲା । ବିମାନ ପରିଚାରିକାମାନେ ଅଭିବାଦନ କଲାବେଳେ ମତେ ମୋ ଘର ଭାରି ମନେପଡୁଥିଲା ।




**Jayadurga Homecare Products Pvt. Ltd.**
**Mancheswar, Bhubaneswar**
**Customer Care : 9861049796, 9238349796**



# ପ୍ରେମମୟୀ ପେନାଙ୍ଗ୍


## ପ୍ରକୃତି କୋଳରେ ପେନାଙ୍ଗ୍

ସତରେ ବିଭୋର କରେ ସମୁଦ୍ର । ବିରହର ବେସୁରା ଗୀତ ଗାଏ ତାର ବେଳାଭୂମି । ଲହରୀ ଲୋଟେଇ ଦେଇ ଯାଏ ଚୁନା ଚୁନା ଆଶ୍ୱାସନା ବେଳାଭୂମିର ବାଲିବନ୍ତ ଛାତି ଉପରେ ତ କେବେ ମୁକୁଳା ତାର ପାଦ ଦେଶରେ । ସମୁଦ୍ର ଓ ବେଳାଭୂମି କଳ୍ପନାମନସ୍କ କରେ ମଣିଷକୁ, ରାଶି ରାଶି ଜଳ ଉପରେ ଆବିଷ୍କାର କରେ ଜୀବନର ସୂକ୍ଷ୍ମ ଚେତନାକୁ, ପ୍ରତିଫଳିତ କରାଏ ପ୍ରକୃତିର ବ୍ୟାପକତାକୁ ।

ସୁଉଚ୍ଚ ପର୍ବତମାଳାର ସବୁଜ ଓଢଣା ତଳୁ ଦିଶେ 'ପେନାଙ୍ଗ' ଯେମିତି ସାଗର ବେଳା ଓ ଦ୍ୱୀପ ସମୂହର ତୋଫା ଚିତ୍ରଟିଏ । ଆଖି ସାମ୍ନାରେ କେବଳ ସମୁଦ୍ର, ବେଳା ଓ ସବୁଜିମା । ଯାହାର ମାଟି ପାଣି ପବନରୁ ବାରିହୋଇ ପଡେ ଏହା ଗୋଟିଏ ଦ୍ୱୀପର ଭୂଖଣ୍ଡ । ହଁ ମାଲେସିଆ ମାନଚିତ୍ରର ଭୂ-ଅଂଶ । ଢେଉ, ତରଙ୍ଗ, ସ୍ଥାୟୀ ଅସ୍ଥାୟୀ ମେଘର ଆକାଶ ତଳେ ନିଜର ଅସ୍ତିତ୍ୱ ଜାହିର କରୁଥିବା ଏହି ଦ୍ୱୀପଟି ବିଷୁବ ମଣ୍ଡଳୀୟ ଅରଣ୍ୟ ପାଇଁ ବେଶୀ ଦୃଷ୍ଟି ଆକର୍ଷଣ କରେ । ଏମିତି ବ୍ୟାପ୍ତି ଓ ପ୍ରକୃତିର ବୈଭବକୁ କିଏ ବା ଦେଖିବାକୁ ନଚାହେଁ । ଏହି ବର୍ଣ୍ଣବିଭାକୁ ଆଖିରେ ତୋଳି ଧରିବାର ସୁଯୋଗଟି ମୁଁ ବି ହାତଛଡା କରି ପାରିନଥିଲି । ବନ୍ଧୁମାନଙ୍କ ପରାମର୍ଶ କ୍ରମେ ଆମେ ଗତ ଜୁଲାଇ ମାସରେ ପେନାଙ୍ଗ୍ ଯିବା ବ୍ୟବସ୍ଥା କରିଥିଲୁ । ଏହି ପେନାଙ୍ଗ୍ ପରିଭ୍ରମଣର ସ୍ମୃତିରେ ମୁଁ ଆଜି ବି ଅନ୍ୟମନସ୍କା ।

ମାଲେସିଆର ଏତେ ଦିନ ରହଣି ଭିତରେ ଅନେକ ସମୁଦ୍ର ବେଳା ଓ ଅରଣ୍ୟର ଅନେକ ଜୀବନ୍ତ କାହାଣୀକୁ ଗୋଟେଇଥିଲେ ବି ପେନାଙ୍ଗ୍ କାହାଣୀ ଏକ ସ୍ୱତନ୍ତ୍ର ସ୍ଥାନ ରଖେ । ମୁଁ ମୋ ପରିବାର କିଛି ବନ୍ଧୁ ମାନଙ୍କ ସହ ପେନାଙ୍ଗ ଭ୍ରମଣ ଯୋଜନାରେ ଲାଗି ପଡିଥିଲୁ, ଘର ବୁକିଂ, ଯିବା ବ୍ୟବସ୍ଥା ଓ ବୁଲିବା ବ୍ୟବସ୍ଥା ପାଇଁ ଆଗରୁ ସ୍ଥିର କଲୁ ଜୁନ ମାସ ସୁଦ୍ଧା ।

କୁଆଲାଲାମ୍ପୁରରୁ ପେନାଙ୍ଗ୍ ପାଖାପାଖି ୩୦୦ କିଲୋମିଟର ଦୂର, ଯଦିବା ଫ୍ଲାଇଟ୍‌ର ସୁବିଧା ରହିଛି, କିନ୍ତୁ ଚିକ୍କଣ ପିଚୁରାସ୍ତା ଦେଇ ପେନାଙ୍ଗ୍ ଭ୍ରମଣ କିଛି ନିଆରା ଅନୁଭୂତି ଯୋଡ଼ିଥାଏ । ଆମେ ସେଦିନ ଜୁଲାଇ ମାସର ଉଦିତ ସୂର୍ଯ୍ୟଙ୍କୁ ପ୍ରଣାମ ଜଣାଇ ଯାତ୍ରା ଆରମ୍ଭ କଲୁ । ସକାଳର ସୂର୍ଯ୍ୟ ମାଲେସିଆରେ ପ୍ରାୟତଃ ଦୁଇଟି ରୂପରେ ଆବିର୍ଭାବ ହୁଏ । କେବେ ସୂର୍ଯ୍ୟ ନୀଳ ଉପତ୍ୟକାରୁ ନିଜର ପୂର୍ଣ୍ଣ ଆଧିପତ୍ୟ ଜାହିର କରେ, ନହଲେ ବର୍ଷାର ଉପଦ୍ରବ ଥିଲେ କୃଷ୍ଣକାୟ ମେଘ ତଳୁ ଆଖି ମଳି ମଳି ଆବିର୍ଭାବ ହୁଏ । ବିଷୁବ ମଣ୍ଡଳୀୟ ଏହି ପରିବେଶରେ ସୂର୍ଯ୍ୟାସ୍ତ ଓ ସୂର୍ଯ୍ୟୋଦୟ ପ୍ରତ୍ୟେକ ଦିନ ଭିନ୍ନ ଭିନ୍ନ ରୂପ ନିଏ । ସୂର୍ଯ୍ୟୋଦୟର ବର୍ଷୁକୀ ଆକାଶ ଅପରାହ୍ନରେ ଅପସରି ଯାଏ । କେବେ ପୁଣି ମେଘାଚ୍ଛନ୍ନ ଅପରାହ୍ନ ପରଦିନର ଫର୍ଚ୍ଚା ସୂର୍ଯ୍ୟୋଦୟରେ ଆକାଶର ରଙ୍ଗ ବଦଳାଏ । ଏହି ପରିବର୍ତ୍ତନଟି ଏଠାକାର ସ୍ଥାନୀୟ ସ୍ୱତନ୍ତ୍ରତା । ଏହାକୁ ବିଚାର





▶ଲେଖିକା ବୀଣାପାଣି ପ୍ରଧାନ


**ବୀଣାପାଣି ପ୍ରଧାନ**

୨୬୦୨,ବ୍ଲକ-ଏ, ସୁଆସନା ସେଣ୍ଟ୍ରାଲ୍
କେଆଇ ସେଣ୍ଟ୍ରାଲ୍, କ୍ୱାଲାଲାମ୍ପୁର, ମାଲେସିଆ
ଫୋନ: +୬୦୧୭-୨୫୩୭୪୧୯


ଫଟୋ ସୌଜନ୍ୟ: ଲେଖିକା

କରି ଆମେ ଜାଣି ସାରିଥିଲୁ ସକାଳର ଝାଇଁ ଝାଇଁ ଖରା ରାସ୍ତାରେ ଆମକୁ ନିଶ୍ଚିତ ବର୍ଷା ଭେଟି ଦେବ । ରାସ୍ତାରେ ଆମେ ଥଣ୍ଡା ପାଗର ଆନନ୍ଦ ନେବୁ । ଘରୁ ବିସ୍କୁଟ, ଚାହା ବ୍ୟବସ୍ଥା ହେଇଥିଲା, ଆମେ ହାଇୱେରେ ପ୍ରାୟ ଏକ ଘଣ୍ଟା ଯାତ୍ରା ପରେ ଚାହା-ବିସ୍କୁଟ୍ ସମସ୍ତେ ଏକତ୍ର ଖାଇଥିଲୁ । ସେତିକି ବେଳେ ଆମେ ବାଁମ୍ବୁ ରାଇସ୍, ପଇଡ଼ ପାଣି ମଧ୍ୟ କିଣିବାକୁ ଭୁଲିନଥିଲୁ । ଏଠାକାର ପଇଡ଼ ପାଣିର ସ୍ୱାଦ ଟିକେ ନିଆରା, ଆକାର ଆମ ଭାରତୀୟ ପଇଡ଼ଠୁ ପ୍ରାୟତଃ ତିନିଗୁଣ ଅଧିକ । ମୋଟ ଉପରେ ଗୋଟିଏ ପଇଡ଼ ପାଣି ପିଇବା ଜଣକ ପକ୍ଷେ କଷ୍ଟକର ହୋଇପଡେ ।

ଏମିତି ଗପସପ ଭିତରେ ଆମ ଗାଡି ସର୍ପିଳ ପାମ୍ ବନ ରାସ୍ତା ଦେଇ ଗତି କରୁଥାଏ । ସୁଦୀର୍ଘ ପାମ୍ ବନର ଉପତ୍ୟକା, ଆକାଶ ସହ ମିଶିଗଲା ପରି ଭ୍ରମ ସୃଷ୍ଟି କରୁଥାଏ । ଠିକ୍ ଦିନ ୧୨ଟା ପାଖାପାଖି ଆକାଶ ରଙ୍ଗ ବଦଳାଇବା ଆରମ୍ଭ କରିଥିଲା । ହଠାତ ମେଘ ଫୁଲରେ ସଜେଇ ହୋଇଗଲା ଆକାଶ । କ୍ରମେ ଆକାଶରେ ଏହି ଶ୍ୱେତ ଫୁଲର ଧାଡିବନ୍ଧା ଆଗମନ ଆମକୁ ସାମ୍ନା କାଚରୁ ଫର୍ଚ୍ଚା ଦିଶିଲା । ଆକାଶ ସହ ମିଶିଥିବା ପରି ଏ ଲମ୍ୱା ରାସ୍ତାଟି ମେଘର ଥାକ ଥାକ ତୋରଣ ଦେଇ ଗତି କରିବା ପରି ମନେ ହେଲା । କାଚ ଝର୍କାରୁ ସବୁଜ ଧାନ ପଟାଳୀ ସବୁ ଅନେଇ ରହିଲେ ମେଘର ଏ ଧାଡି ଧାଡି ସମାବେଶ ଆଡ଼କୁ । ରାସ୍ତାର ଦୁଇ ପାଖରୁ ଏଇ ମନୋରମ ଦୃଶ୍ୟ ଦେଖି ମନେ ହେଉଥିଲା ଆମେ ମେଘଙ୍କ ମହୋତ୍ସବକୁ ପଶି ଆସିଛୁ । ଏକ ବିସ୍ତିର୍ଣ୍ଣ ସମତଳ ରାସ୍ତା ଦେଇ ଆମ ଗାଡି ଛୁଟି ଚାଲିଥିଲା । ଦୂରରୁ ଦିଶୁଥିଲା ମେଘମାଳାଙ୍କ କାଉଁରୀ ଛୁଆଁରେ ସବୁଜ ପାହାଡ଼ର ଧୂଆଁଳିଆ ଉନ୍ନତ ଶିଖର । ଆମେ ଜାଣି ପାରୁଥିଲୁ ଆଗକୁ ଘାଟିରାସ୍ତା । ଝାପ୍‌ସା ବର୍ଷାରେ ଆମେ ପର୍ବତର ପାଦଦେଶ ଛୁଇଁଥିଲୁ, ଆଗକୁ ଦିଶୁଥିଲା ଝୋ ଝୋ ବର୍ଷାରେ ତିନ୍ତୁଥିବା ପୃଥିବୀ । କିଛି ରାସ୍ତା ଅତିକ୍ରମ କଲା ପରେ ଆମେ ଘାଟିର ମଝା ମଝି ପହଞ୍ଚିଥିଲୁ । ବର୍ଷା ଅଳ୍ପ ଛାଡି ଆସିଥିଲା । ସେଇଠୁ କେବଳ ଏକ ସବୁଜ ଗୋଲାର୍ଦ୍ଧ ଦିଶୁଥିଲା ଆଖି ସାମ୍ନାରେ । ତଳକୁ ଚାହିଁଲେ ସବୁଜିମା, ଦୁଇ ପାର୍ଶ୍ୱରେ ପର୍ବତମାନ ବୃକ୍ଷ ରାଜିରେ ଆପାଦମସ୍ତକ ମଣ୍ଡିତ । ଆମେ ଏଥର ପର୍ବତର ଉପର ଭାଗରୁ ଏ ଦୃଶ୍ୟ ଉପଭୋଗ କରୁଥିଲୁ । ଏଇ ଘଞ୍ଚ ଅରଣ୍ୟ ଗୁଡିକ ନୂତନ ପତ୍ରରେ ପଲ୍ଲବିତ ହୋଉ ଏକ ଅପୂର୍ବ ଅନୁଭବ ଦେଉଥାନ୍ତି । ଗଛବୃଛର ଥାକ ଥାକ ସମାହାର, ଭିନ୍ନ ଭିନ୍ନ ରୂପ ରଙ୍ଗ ନେଇ ପ୍ରକୃତି କୋଳରେ ଅନନ୍ୟ ଦୃଶ୍ୟପଟ ସୃଷ୍ଟି କରୁଥାଏ । ଆକାଶରେ ଏଥର ଦିଶୁଥିଲେ ଭସା ମେଘଙ୍କ ଲୁଚକାଳି । ମେଘର ଫାଙ୍କ ଦେଇ ସୂର୍ଯ୍ୟକିରଣ ଦେଖାଉଥାଏ ମୁହଁ । ସବୁଜ ବନାନୀରେ ଓଦା ଜୁଡୁବୁଡୁ ପତ୍ରମାନେ ଯେମିତି ଲାଜ ଜୁଡୁବୁଡୁ । ପାହାଡ଼ ଶିଖର ଗୁଡିକ ଏବେ ବି ତିନ୍ତୁଥାନ୍ତି ଧୂସର ମେଘର କାଳୁଆ ଛୁଆଁରେ ।




ରାସ୍ତା ସାରା ଏ ଦୃଶ୍ୟ ଆମ ପାଇଁ ଉପଭୋଗ୍ୟ ଥିଲା । ପ୍ରଶାନ୍ତି ଓ ନୀରବତା ଭରା ଏକ ଭିନ୍ନ ପୃଥିବୀରେ ଆମେ ଥିବା ପରି ଲାଗୁଥିଲା । ଲାଗୁଥିଲା ସହରୀ କୋଳାହଳକୁ ଛାଡ଼ି ଆସିଛୁ ଅନେକ ଦୂରରେ । ଯେମିତି ପ୍ରକୃତି ଏଠାରେ ସ୍ଥିର ଓ ଧ୍ୟାନମଗ୍ନ, ନିଜର ନୈସର୍ଗିକ ସୌନ୍ଦର୍ଯ୍ୟର ଅପୂର୍ବ ରାଗରେ ନିର୍ଜନତାକୁ କୋଳେଇ ଧରିଛି । କିଛି ରାସ୍ତା ଏମିତି ଗଲା ପରେ ଆମେ ଶୁଣିଲୁ ନଦୀର କୁଳୁ କୁଳୁ ଗୀତ, ଲାଇମ୍ ଷ୍ଟୋନ୍ ପଥରର ଧଳା ଧୂସର ପାହାଡ଼, କିଛି ଶାନ୍ତ ସଂଯତ ମନୁଷ୍ୟକୃତ ସବୁଜିମା ।

ଆମେ ପ୍ରକୃତିସ୍ଥ ହେଲୁ, ପଛରେ ଛାଡ଼ିଲୁ ବର୍ଷା ଭିଜା ଜଙ୍ଗଲ, ମେଘଫୁଲା ଆକାଶ ଓ ପ୍ରକୃତିର ପ୍ରାଣବନ୍ତ ଦୃଶ୍ୟ । ଆମେ ପେନାଙ୍ଗ ସ୍ଥଳ ଭାଗକୁ ସଂଯୁକ୍ତ କରୁଥିବା ବିଶାଳ ପୋଲ ଉପର ଦେଇ ଗତି କରୁଥିଲୁ ସେତେବେଳେ । ଏହା ସମୁଦ୍ରର ଜଳଭାଗ ଉପରେ ନିର୍ମିତ ଏକ ଭାସମାନ ବିଶାଳ ପୋଲ ପରି ଦୃଶ୍ୟ ହୁଏ । ଆଗକୁ ଦିଶୁଥିଲା ସହରୀ ସଭ୍ୟତା, ନଭଶ୍ଚୁମ୍ବୀ ଅଟ୍ଟାଳିକା, ପରିଷ୍କାର ମେଟ୍ରୋ ରାସ୍ତାଘାଟ, ଚିରହରିତ ପେନାଙ୍ଗର ମନୁଷ୍ୟକୃତ ସାଜସଜା । ପେନାଙ୍ଗ: ଏସୀୟ ସଂସ୍କୃତିର ଏକ ରୋମାଞ୍ଚକର ଉଦାହରଣ । ଏହା ଦୀର୍ଘ ସମୟ ଧରି ଏସିଆର ମହାନ ରାଜ୍ୟ ଏବଂ ୟୁରୋପ, ପଶ୍ଚିମ ଏସିଆର ବଜାର ପାଇଁ ଏକ ଗୁରୁତ୍ୱପୂର୍ଣ ଆଉଟଲେଟ୍ ଭାବେ ଦୃଷ୍ଟି ଆକର୍ଷଣ କରେ । ଏଠାରେ ବିବିଧ ଦର୍ଶକ ଓ ଭ୍ରମଣକାରୀଙ୍କ ଭିଡ ଦେଖାଯାଏ । ଜର୍ଜ ଟାଉନ ପେନାଙ୍ଗ ଦ୍ୱୀପର ମୁଖ୍ୟ ସହର । ଏହି ସହରାଞ୍ଚଳ କେନ୍ଦ୍ର ତା ଛାତିରେ ଏକ ପୁରାତନ ବିଶ୍ୱ ଠାରୁ ଆରମ୍ଭ କରି ଆଧୁନିକ ସଂସ୍କୃତିର ଦୃଶ୍ୟକୁ ମୁକ୍ତ ଭାବରେ ଜାହିର କରିଛି । ପେନାଙ୍ଗ ଦ୍ୱୀପ ୨୮୫ ବର୍ଗ ମିଟର ସ୍ଥାନ ଅକ୍ତିଆର କରି ମାଲେସିଆର ଉତ୍ତର ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ । ଅନେକ ଦର୍ଶନୀୟ ସ୍ଥାନ ସହିତ ସମୁଦ୍ର କୂଳର ଆନନ୍ଦ ଉଠାଇବା ପାଇଁ ଏ ସ୍ଥାନଟି ସୁପ୍ରସିଦ୍ଧ । ଜନସଂଖ୍ୟାରେ ଚାଇନିଜ୍ ଅଧିକ ହେଲେ ବି ମାଳୟ ଓ ଭାରତୀୟଙ୍କ ସଂଖ୍ୟା କମ୍ ନୁହଁ । ଏହି ସ୍ଥାନର ଇତିହାସ ଏହି ବିବିଧତାର କାରଣ ବୋଲି ସ୍ପଷ୍ଟ ସୂଚିତ କରେ । ଏଠାକାର ଅନ୍ୟ ଏକ ଆକର୍ଷଣ ଚମତ୍କାର ସ୍ଥାନୀୟ ଖାଦ୍ୟ ଯାହା ପାଇଁ ଏହାକୁ ମାଲେସିଆର 'ଖାଦ୍ୟ ରାଜଧାନୀ' କୁହାଯାଏ ।

ସାଙ୍ଗମାନଙ୍କ ସହ ଭ୍ରମଣ ସବୁବେଳେ ସୁଖପ୍ରଦ ହୋଇଥାଏ । ହସଖୁସିରେ ଶ୍ରମ ଲାଘବ ହୋଇଥାଏ । ନୂଆ ନୂଆ ତଥ୍ୟର ବି ଆଦାନ ପ୍ରଦାନ ଚାଲିଥାଏ । ରାସ୍ତାରେ ଆସିବା ବେଳେ ଗାଡି ଅଟକେଇ ଘରୁ ଆଣିଥିବା ବିରିୟାନୀ ଖାଇଥିଲୁ । ଏଠାକାର ରାସ୍ତାରେ ଆମ ଦେଶ ପରି ଚା' ଜଳଖିଆର ସୁବିଧା ନଥାଏ, ହାଇୱେରେ ଗଲା ବେଳେ ପେଟ୍ରୋଲ ଭର୍ତ୍ତି କରିବା ଜାଗା ମାନଙ୍କରେ ଏହି ସୁବିଧା ରଖା ଯାଇଥାଏ ନହଲେ ରାସ୍ତା ମଝିରେ ମଝିରେ କରାଯାଇଥିବା ଶୌଚାଳୟ ବ୍ୟବସ୍ଥା ସହ ସଂଯୁକ୍ତ କିଛି ରେଷ୍ଟୋରାଁ ଦେଖିବାକୁ ମିଳେ । ତେଣୁ ଏଠାକାର ଦୀର୍ଘ ରାସ୍ତା ଗୁଡିକ ନିର୍ଜନ ଓ ଦୋକାନ ବଜାର ବିହୀନ । ତେଣୁ ରାସ୍ତାରେ ଯେଉଁଠି ସୁବିଧା ମିଳେ ସେଠାରୁ ଖାଇବା ଜିନିଷ ସଂଗ୍ରହ କରିବାକୁ ପଡେ । ରାସ୍ତାରେ ପାଇଥିବା ଫଳ ଦୋକାନରୁ କିଛି ଫଳ ସଂଗ୍ରହ କରିଥିଲୁ । ଡ୍ରାଗନ ଫ୍ରୁଟ୍, ରାମ୍ବୁତନ, ମଙ୍ଗୋଷ୍ଟିନ ପରି ସ୍ୱାଦିଷ୍ଟ ଫଳ ଏଠାରେ ପ୍ରାୟତଃ ସବୁ ସ୍ଥାନରେ ଉପଲବ୍ଧ ଥାଏ । ବର୍ଷସାରା ଆମ୍ବ ମିଳୁଥିବା ଓ ଫଳୁଥିବା ଏ ବିଚିତ୍ର ଦେଶର ଫଳଗୁଡିକ ବେଶ୍ ଉତ୍ସାହପ୍ରଦ ମନେହୁଏ ।

ପେନାଙ୍ଗ ପହଞ୍ଚି ଆମେ ଦ୍ୱିତଳ ବଙ୍ଗଳାରେ ରହଣି ବ୍ୟବସ୍ଥା କଲୁ । ଏହା ସମୁଦ୍ର କୂଳର ପାଖାପାଖି ଥିଲା । ଏହାର ବୁକିଂ ଆମେ ଆଗରୁ ସାରିଥିଲୁ । ଏମିତି ଘରସବୁ ଏଠାରେ ଭଡାରେ ମିଳିଯାଏ । ଯେଉଁଠି ସବୁ ପ୍ରକାର ସୁବିଧା ଥାଏ । ଗାଧୁଆ ଘର ଗରମ ପାଣି ଠାରୁ ରୋଷେଇ ପାଇଁ ମଧ୍ୟ ସବୁ ବ୍ୟବସ୍ଥା ଥାଏ । ଦୁଇ ତିନୋଟି ପରିବାର ଏକାଠି ରହି ପାରିବା ଭଳି ସୁବିଧା ଥାଏ । ଏହି ଘର ସବୁ ହୋଟେଲ୍ ଅପେକ୍ଷା ଆମକୁ ଆରାମ ଦାୟକ ଲାଗିଲା । ଚାହା ପିଇ ଆଖ ପାଖ ଜାଗା ବୁଲିବାକୁ ଇଚ୍ଛା କଲୁ । ବର୍ଷାଭିଜା ଦିନଟି କ୍ରମଶଃ ରୂପ ବଦଳାଇ ଅସ୍ତଗାମୀ ସୂର୍ଯ୍ୟଙ୍କ ଶେଷ ରଶ୍ମି ଭେଟି ଦେଉଥିଲା । ସେ ସୂର୍ଯ୍ୟଙ୍କ ଆଲୁଅର ସମ୍ମୋହନରେ ଆମେ ସମୁଦ୍ର ମୁହାଁ ହେଲୁ । ସମୁଦ୍ରବେଳାର ଓଦା ବାଲି





ଉପରେ ଯେମିତି ଶୋଇଥିଲା ଶେଷ ଟାଣ ଖରା ଟିକକ । ଅନ୍ୟପଟେ ସମୁଦ୍ରର ଦିଗ୍‌ବଳୟକୁ ଘୋଡ଼େଇଥିଲା ସୂର୍ଯ୍ୟାସ୍ତର ଲାଲ ଲୋହିତ ଆକାଶ, ମୁଣ୍ଡ ଉପରେ ଏବେବି କିଛି ଧୂସର ଖଣ୍ଡ ମେଘ, ପ୍ରକୃତିର ଏ ଅପୂର୍ବ ଦୃଶ୍ୟ ଅତି ମନୋରମ ଲାଗୁଥିଲା । ଆମେ ସମୁଦ୍ରମନସ୍କ ହୋଇ ଛୋଟ ବଡ଼ ଢେଉ ସାଥେ ଏ କମନୀୟ ରୁପକୁ ଫଟୋରେ ତୋଳି ଧରିଲୁ । ସନ୍ଧ୍ୟା ସେଇଠି ବିତିଲା । ପରେ ରୁମ୍‌କୁ ଫେରିଲୁ । ରାସ୍ତା ସାରା ବିଜୁଳିବତୀର ରୋଷଣି । ପକ୍କା ରାସ୍ତା ଧାରେ ଧାରେ ସୁନ୍ଦର ଗୃହଗୁଡ଼ିକ ଭିନ୍ନ ଭିନ୍ନ ରୂପ ରଙ୍ଗରେ ତିଆରି ବୋଲି ଏବେ ସ୍ପଷ୍ଟ ବାରି ହେଉଥିଲା । ଏକ ସମୁଦ୍ରକୂଳିଆ ସହରୀ ଜୀବନର କାହାଣୀ କହୁଥିଲା ଏ ଘରଗୁଡ଼ିକ । ଅନେକ ପର୍ଯ୍ୟଟକ ସମୁଦ୍ର ସ୍ନାନ ସାରି ପ୍ରଫୁଲ୍ଲିତ ଦିଶୁଥାନ୍ତି ପେନାଙ୍ଗର ଗଳିକନ୍ଦିରେ । ରେସ୍ତୋରାଁର ଆଲୋକ ଗୁଡ଼ିକ ସକ୍ରିୟ ଦିଶୁଥାନ୍ତି ଦୂରରୁ ପେନାଙ୍ଗ ସନ୍ଧ୍ୟାର ନୀଳ ପଣତରେ । ରାତିରେ ଆମେ ବାରବେକ୍ୟୁ କରିବା ବ୍ୟବସ୍ଥାରେ ବ୍ୟସ୍ତ ଥିଲୁ । ଘର ବାହାରେ କୋଇଲା ଚୁଲା ଉପରେ ଏ ବ୍ୟବସ୍ଥା ହେଲା । ଅକ୍ଷୟ ମହାନ୍ତିଙ୍କ ପୁରୁଣା ଗୀତ ସହ ଆମେ ସମସ୍ତେ ହଜିଲୁ । ରେଡ଼ିଓରୁ ଶୁଭୁଥିଲା: ଚନ୍ଦ୍ରମା ଆଗୋ ଚନ୍ଦ୍ରମା .... ଧାରେ ଜହ୍ନ ଆମକୁ ଆକାଶରୁ ଚାହିଁଥିଲେ ଠିକ୍ ଏତିକି ବେଳେ ।

## ନାଇଟ୍ ମାର୍କେଟ୍

ଖାଇବା ସାରିବା ପରେ ଆମେ ନାଇଟ୍ ମାର୍କେଟ୍ ଦେଖିବାକୁ ବାହାରି ପଡ଼ିଲୁ । ମଧ୍ୟରାତ୍ରି ଯାଏଁ ପ୍ରାୟତଃ ଖୋଲା ରହେ ଏହି ବଜାରଗୁଡ଼ିକ । ଦିନ ଶେଷ କରିବାର ସବୁଠୁ ଭଲ ଉପାୟ ଏଇଟା । ମାଲେସିଆର କୁଟୀର ଶିଳ୍ପର ଛୋଟ ଛୋଟ ସାମଗ୍ରୀମାନଙ୍କ ଭିଡ ଲାଗି ରହିଥାଏ ଏହି ବଜାର ଗୁଡ଼ିକରେ । ଏଠି ସର୍ବୋତ୍ତମ ସ୍ଥାନୀୟ ସୁସ୍ୱାଦୁ ଖାଦ୍ୟ ମଧ୍ୟ ଦେଖିବାକୁ ମିଳେ । ଦ୍ୱୀପପୁଞ୍ଜର ଖୋଲା ମେଲା ଆକାଶ ତଳେ ପେନାଙ୍ଗ ସଂସ୍କୃତି ଓ ଐତିହକୁ ଦେଖିବା ଆକର୍ଷଣୀୟ ମନେହୁଏ । ଏହି ନାଇଟ୍ ମାର୍କେଟ୍‌କୁ ମାଳୟ ଭାଷାରେ 'ପାସର ମାଲମ' କୁହାଯାଏ । ବତୁ ଫେରିଙ୍ଗିରୁ ମାକଲମ ଷ୍ଟ୍ରିଟ୍ ଯାଏଁ ପ୍ରତ୍ୟେକ ରାତିର ଏ ବଜାରଗୁଡ଼ିକ ଏକ ସ୍ୱତନ୍ତ୍ର ବାତାବରଣ ଓ ବିଶେଷତାକୁ ଦର୍ଶାଏ । ସ୍ଥାନୀୟ ଖାଦ୍ୟଗୁଡ଼ିକର ସ୍ୱତନ୍ତ୍ରତା ପାଇଁ ବିଶ୍ୱବ୍ୟାପୀ ଖ୍ୟାତି ଅର୍ଜନ କରିଛି ପେନାଙ୍ଗ । ପେନାଙ୍ଗର ରାତ୍ରି କୋଳରେ ମୁଣ୍ଡରଖି ଆମେ ସେଦିନ ଆରାମରେ ଶୋଇ ଯାଇଥିଲୁ ।

## ଜର୍ଜଟାଉନ୍

ସକାଳ ଜଳଖିଆ ସାରି ଆମେ ଜର୍ଜଟାଉନ୍ ଅଭିମୁଖେ ଆଗେଇଥିଲୁ । ଜର୍ଜ ଟାଉନ୍ ଦକ୍ଷିଣ ପୂର୍ବ ଏସିଆର ପ୍ରଥମ ବ୍ରିଟିଶ୍ ବସତି ଥିଲା ଏବଂ ଏହା ଷ୍ଟ୍ରେଟ୍ ଅଫ୍ ମାଲେକା ସାମୁଦ୍ରିକ ମାର୍ଗ ଠାରୁ ନିକଟତର । ସେଥିପାଇଁ ଏସିଆର ବିଭିନ୍ନ ପ୍ରାନ୍ତରୁ ପ୍ରବାସୀ ଭାରତୀୟଙ୍କୁ ଆକର୍ଷିତ କରୁଥିଲା । ୧୯୫୭ରେ ମାଳୟ ବ୍ରିଟେନରୁ ସ୍ୱାଧୀନତା ହାସଲ କରିବାର କିଛି ସମୟ ପୂର୍ବରୁ ରାଣୀ ଏଲିଜେବେଥ ଦ ଜର୍ଜଙ୍କ ଦ୍ୱାରା ଏହି ସହର ଜର୍ଜ ଟାଉନ ଭାବେ ଘୋଷିତ ହେଲା । ଏହା ଥିଲା ମାଲେସିଆ ଇତିହାସରେ ପ୍ରଥମ ସହର । ଏହା ପରେ ପରେ ଏହାର ସ୍ଥିତି ପୁଣି ସନ୍ଦେହରେ ପକାଇଲା । ପରବର୍ତ୍ତୀ ସମୟରେ ଏହା ସମଗ୍ର ଦ୍ୱୀପପୁଞ୍ଜକୁ ବିସ୍ତାର କରି ପୁନଃସ୍ଥାପିତ ହେଲା । ସହରଟି ଏକ ଅନନ୍ୟ ସ୍ଥାପତ୍ୟ ଶୈଳୀ ପାଇଁ ପ୍ରସିଦ୍ଧ ଯାହା ବିଭିନ୍ନ ସଂସ୍କୃତି ଧର୍ମ ମଧ୍ୟରେ ଗଢ଼ି ଉଠିଛି । ଏହି ସଂସ୍କୃତିର ସଂରକ୍ଷଣ ପାଇଁ ୨୦୦୮ରେ ୟୁନେସ୍କୋ ବିଶ୍ୱ ଐତିହ୍ୟ ଶୈଳୀ ଭାବେ ପରିଚିତି ଦେଇଛି । ରଙ୍ଗୀନ ଷ୍ଟ୍ରିଟ୍ ଆର୍ଟର ଦୃଷ୍ଟାନ୍ତ ଅନେକ ଜାଗାରେ ଦେଖିବାକୁ ମିଳେ । ଏଗୁଡ଼ିକ ୩ଡି ଆର୍ଟ ପରି ପ୍ରତୀତ ହୁଏ । ଜର୍ଜ ଟାଉନ୍‌ରେ ଏହି କଳା ଦେଖିବା ପାଇଁ ବହୁ ସଂଖ୍ୟାରେ ଭିଡ଼ ଜମେ । ଜର୍ଜ ଟାଉନ ବୁଲାବୁଲି ପରେ ଆମେ ଏକ ପୁରୁଣା ରେଲୱେ ଦେଖିବାକୁ ଯାଇଥିଲୁ ।


## ପେନାଙ୍ଗ ହିଲ୍ ଫନିକୁଲାର୍ ରେଲୱେ (Penang Hills Funicular Railway)

ଏହା ଏକ ବହୁ ପୁରାତନ ପାହାଡ଼ୀ ଷ୍ଟେସନ । ଏହି ପେନାଙ୍ଗ ହିଲ୍ ସମୁଦ୍ର ପତ୍ତନ ଠାରୁ ପ୍ରାୟ ୨୭୩୩ ଫୁଟ୍ ଉପରେ ରହିଛି । ୧୯୨୪ ମସିହାରୁ ଆରମ୍ଭ ହୋଇଥିବା ପେନାଙ୍ଗ୍ ହିଲ୍ ରେଲୱେଟି ଏକ ସ୍ୱତନ୍ତ୍ର ଶୈଳୀରେ ତିଆରି । ଏହାର ଟ୍ରେନ୍ ଓ ଟ୍ରକ ଆଧୁନିକ ହୋଇଥିବା ବେଳେ ଜଙ୍ଗଲ ଓ ବ୍ରିଜ୍ ଦେଇ ପାହାଡ଼ର ଶିଖର ଓ ପାଦଦେଶକୁ ଚମତ୍କାର ଭାବେ ଯିବା ଆସିବା କରେ । ପାହାଡ଼ର ଶୀର୍ଷ ଭାଗକୁ ଗଲେ ଦ୍ୱୀପର ଦୁନିଆ ପରିସ୍କାର ଆକଳନ କରିହୁଏ । ପାହାଡ଼ ଉପର କୋହଲା ପାଗ, ମେଘଙ୍କ ଶୀତଳ ଛୁଆଁରେ ଜାତିଜାତିକା ଉଦ୍ୟାନ ମାନ ଶୋଭା ପାଉଥାନ୍ତି । ପେନାଙ୍ଗର ପୂର୍ଣ୍ଣ ଦୃଶ୍ୟପଟ ସହ ସମୁଦ୍ର ସହ ସଂଲଗ୍ନତା ଏଠାରୁ ସୁନ୍ଦର ଭାବେ ଦେଖିହୁଏ । ଏହି ଆକର୍ଷଣୀୟ ପେନାଙ୍ଗ ହିଲ୍ ରେଲୱେ ପ୍ରଥମେ ବ୍ରିଟିଶ ଉପନିବେଶ ସମ୍ପ୍ରଦାୟ ପାଇଁ ପେନାଙ୍ଗ ହିଲ୍‌ର ଶୀତଳ ପବନକୁ ଉପଭୋଗ କରିବା ପାଇଁ ନିର୍ମାଣ କରା ଯାଇଥିଲା ।

## ଖାଦ୍ୟପେୟ

ପେନାଙ୍ଗର ବିଭିନ୍ନ ରୋଷେଇ ସ୍ୱାଦ ପାଇଁ ଏହା ସ୍ୱର୍ଗ ପାଲଟିଛି । ଚାଇନିଜ, ମାଲେସିଆ, ଭାରତୀୟ ସହିତ ପାଶ୍ଚାତ୍ୟ ଖାଦ୍ୟର ଅପୂର୍ବ ମିଶ୍ରଣ ଦେଖାଯାଏ । ପ୍ରତ୍ୟେକ ଚିରାଚରିତ ଖାଦ୍ୟ ଉପରେ ଗବେଷଣାତ୍ମକ ଭିନ୍ନ ସ୍ୱାଦ ଦିଆଯାଇ ଅନନ୍ୟ ଭାବେ ପରିବେଷଣ କରାଯାଇଥାଏ ।





ଯାହାକୁ ଏକ ଅଭିନବ ଫ୍ୟୁଜନ୍ ବୋଲି କୁହାଯାଇପାରେ । oyester omelatte, curry mee, crispy duck with rice ପରି ଅନେକ ତାଲିକା ଏଥିରେ ଅନ୍ତର୍ଭୁକ୍ତ । ଆମେ ମଧ୍ୟ ଦୁଇ ତିନୋଟି ପରଖିଥିଲୁ । tomyum soup ଆଉ curry mee ଆମକୁ ଖାଦ୍ୟର ନୂଆ ରୂପ ପରି ଲାଗିଲା । ଜର୍ଜ ଟାଉନ ଖରାରେ ବୁଲା ସମୟର ଆଇଁସିକ୍ରିମ ମୁଁ ଏଯାଏଁ ଭୁଲି ପାରେନି । ଅପରାହ୍ନ ସମୟ ହୋଇ ଆସୁଥିଲା ଆମକୁ ଫେରିବାର ସମୟ ପାଖେଇ ଆସୁଥିଲା । ରାସ୍ତାରେ ଫେରିବା ସମୟରେ ଆମେ ଜାଣିବାକୁ ପାଇଲୁ ଏକ ବୁଦ୍ଧ ମନ୍ଦିର ସମ୍ପର୍କରେ । ଯାହାର ଶୀର୍ଷ ଦେଶ ଟାଉନ ମଝିରୁ ଦିଶେ ।


## କେକ୍ ଲୋକ୍ ସି ମନ୍ଦିର (Kek Lok Si Temple )

ଝିପି ଝିପି ବର୍ଷା ଆରମ୍ଭ ହୋଇଯାଇଥିଲା । ପାହାଡ଼ର ସର୍ପିଳ ରାସ୍ତା ଦେଇ ଆମେ ପୁଣି ଏହି ମନ୍ଦିର ଆଡକୁ ଯାଉଥିଲୁ, ଯାହା ପାହାଡ଼ର ଶୀର୍ଷ ଦେଶରେ ଅବସ୍ଥିତ । ଅଙ୍କା ବଙ୍କା ଘାଟି ରାସ୍ତା ସହ ବର୍ଷା ପାଗ ଆମକୁ ଡରାଉଥାଏ । ରାସ୍ତାଗୁଡ଼ିକ ପ୍ରଶସ୍ତ ଓ ପକ୍କା ଯୋଗୁଁ ଗାଡିଗୁଡ଼ିକ ଅନାୟାସରେ ଉପର ଭାଗକୁ ଉଠି ଯାଇଥାଏ । ବର୍ଷାରେ ଏକ ବିଶାଳ ଚାଇନିଜ୍ ବୁଦ୍ଧଙ୍କୁ ଦେଖି ଆମେ ହତବାକ୍ ହୋଇଗଲୁ । ଆଖପାଖରେ ସବୁଜିମା ଭରପୁର, ତା ଭିତରେ ଅପୂର୍ବ ପ୍ରଶାନ୍ତି ରେ ଅର୍ଦ୍ଧ ନିମୀଳିତ ନୟନରେ ସେ ଧ୍ୟାନସ୍ଥ । ପାଖରେ ଅନ୍ୟ ଗ୍ରାନାଇଟି ପଥର ମୂର୍ତ୍ତିମାନ ଫୁଲ ବର୍ଷାରେ ସତେକି ମୁକ୍ତିର ମନ୍ତ୍ର ଉଚ୍ଚାରୁଥାନ୍ତି । ସମସ୍ତ ମୂର୍ତ୍ତି ମଗ୍ନ ଓ ବିଭୋର ଜୀବନର ଗୂଢତଥ୍ୟର ସନ୍ଧାନରେ । ମନ୍ଦିର ଅନ୍ତପୁର ସୂକ୍ଷ୍ମ କାରୁକାର୍ଯ୍ୟରେ ପରିପୂର୍ଣ୍ଣ । ମହାମବତୀର ଧିମା ଆଲୋକରେ ଭକ୍ତଙ୍କ ଅଳ୍ପ ଭିଡ଼ । ତାରି ଭିତରେ ଆସ୍ଥାନ ଜମାଇ ବସିଥାନ୍ତି ଅପୂର୍ବ ପ୍ରଶାନ୍ତିରେ ବୁଦ୍ଧ । ଧୂପର ଅଳ୍ପ ଧୂଆଁ ସତ୍ତ୍ୱେ ତାଙ୍କ ମୁଖମଣ୍ଡଳ ଦିଶୁଥାଏ ଉଜ୍ଜ୍ୱଳ । ମନ୍ଦିର ପ୍ରାଙ୍ଗଣ ଏତେ ପରିଷ୍କାର ଓ ଶାନ୍ତ ସଂଯତ ଯେ ତାହା ଲୁମ୍ବିନୀ ଉଦ୍ୟାନର ଭ୍ରମ ସୃଷ୍ଟି କରିପାରେ । ଧୀର ଓଦା ପବନରେ ଧୂପ ଧୂଆଁ ମିଳେଇ ଯିବା ପରି ଆମେ ମଧ୍ୟ ମିଳେଇ ଯାଉଥିଲୁ ବୁଦ୍ଧଙ୍କ ବିଶାଳତାରେ । ଏହି ମନ୍ଦିରଟି ଜଣେ ଚାଇନିଜ୍ ବୌଦ୍ଧଧର୍ମୀ Beow Leanଙ୍କ ଦ୍ୱାରା ନିର୍ମିତ । ଏଠାରେ ହଂକଂ, ଫିଲିପାଇନ୍ସ ଓ ସିଙ୍ଗାପୁରର ବୌଦ୍ଧଧର୍ମୀଙ୍କ ସମାଗମ ଦେଖିହୁଏ । ମନ୍ଦିରର ମୁଖ୍ୟ ଆକର୍ଷଣ Kuan Yinଙ୍କ ସେହି ୩୬ ମିଟର ଉଚ୍ଚ ପିତ୍ତଳ ମୂର୍ତ୍ତି । Kuan Yin ଜଣେ ବୋଧିସତ୍ୱ ଯେ ଦୟା ଏବଂ କ୍ଷମାର ପ୍ରତିନିଧିତ୍ୱ କରନ୍ତି । ଏହି ମୂର୍ତ୍ତି ଦେଶର ଅନେକ ବୌଦ୍ଧ ମନ୍ଦିରରେ ଦେଖିବାକୁ ମିଳେ ।



## ଇତିହାସ

୧୫୦୦ ଶତାବ୍ଦୀରେ ଚାଇନା ବଣିକମାନେ ପେନାଙ୍ଗ ଆବିଷ୍କୃତ କରିଥିଲେ । ପରେ ଏହା ଏକ ବାଣିଜ୍ୟିକ କେନ୍ଦ୍ରରେ ପରିଣତ ହେଲା । ଚାଇନିଜ୍ ମାଲେସିଆ ସାମଗ୍ରୀ ପ୍ରତି ଆଗ୍ରହୀ ଥିଲେ । ପ୍ରତି ବଦଳରେ ଚାଇନିଜ୍ ମାନେ ନିଜର ସାମଗ୍ରୀ ଓ କୌଶଳକୁ ପେନାଙ୍ଗ ଉପଦ୍ୱୀପକୁ ଆଣିଥିଲେ । ପେନାଙ୍ଗ୍ ନିଜ ସରକାର ପାଇବା ପୂର୍ବରୁ ଏହି ଦ୍ୱୀପ କେଦା ରାଜ୍ୟର ଏକ ଅଂଶ ଥିଲା । କେଦା ରାଜ୍ୟ ଭାରତୀୟଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବାଣିଜ୍ୟ କେନ୍ଦ୍ର ଥିଲା । ଭାରତୀୟ ବ୍ୟବସାୟୀ ମାନେ ପ୍ରଥମ ଶତାବ୍ଦୀ ପୂର୍ବରୁ ପେନସୁଲାର ମାଲେସିଆକୁ ଆସିଥିଲେ । ଔଷଧ, ମସଲା ଓ ସୁନା ଭଳି ସାମଗ୍ରୀ ସଂଗ୍ରହ କରିବା ସହ ଭାରତୀୟ ଧର୍ମସଂସ୍କୃତିକୁ ପ୍ରଚାର କରିଥିଲେ । ବୌଦ୍ଧ ଧର୍ମ ଓ ହିନ୍ଦୁ ଧର୍ମ ଏହିପରି ଭାବେ ପରିଚିତ ହୋଇଥିଲା । ପ୍ରାୟ ନବମ ଶତାବ୍ଦୀରେ ମୁସଲମାନ ବ୍ୟବସାୟୀମାନେ ପେନାଙ୍ଗ ଆସିଲେ । ଚତୁର୍ଦ୍ଦଶ ଶତାବ୍ଦୀରେ ୟୁରୋପୀୟ ବଣିକ ମାନେ ପାଦ ରଖିଲେ । ପର୍ତ୍ତୁଗୀଜ ମାନେ ଗୁପ୍ତ ଭାବରେ ରହି ରାଜ୍ କଲେ । ପରେ ଇଂରେଜ ମାନେ ପହଁଚିଲେ । ପେନାଙ୍ଗ ଷ୍ଟ୍ରାଇଟ୍ସ ସେଟେଲମେଣ୍ଟର ଏକ ଅଂଶ ହୋଇଗଲା, ଯାହା ବ୍ରିଟିଶ କଲୋନୀଙ୍କ ଦ୍ୱାରା ମାଲାକା ଏବଂ ସିଙ୍ଗାପୁରକୁ ନେଇ ଗଠିତ ଥିଲା । ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଜାପାନ ପେନାଙ୍ଗକୁ ଦଖଲ କରିଥିଲା, କିନ୍ତୁ ବ୍ରିଟିଶମାନେ ୧୯୪୫ରେ ପୁନଃ ନିୟନ୍ତ୍ରଣକୁ ଫେରି ଆସିଥିଲେ । ଆଜି ପେନାଙ୍ଗ ମାଲେସିଆର ଏକ ରାଜ୍ୟ । ପେନାଙ୍ଗ ସରକାର କେଦାର ସୁଲତାନଙ୍କୁ ବାର୍ଷିକ ପ୍ରାୟ ୭,୫୦୦ ଆମେରିକୀୟ ଡଲାର ଭଡ଼ା ପ୍ରଦାନ କରୁଛନ୍ତି ।


HIGHLAND
A Highland Group Entity
A one stop solution for Aquaculture
Vannamei Seeds
Shrimp Feed
Health Care Process (Probiotics)
Quality Control Checks
Consultancy Services
Aquaculture Equipments
Buy & Sell Shrimp
HIGHLAND MARINE
Alupur, O.T Road, Balasore, Odisha, India - 756001
Contact no : +91 - 9990251362, Email: info@highlandgroups.com
www.highlandgroups.com



# ରାଜଭୂମି ରାଜଶାହୀ

## ଅନେକ ରାଜାଙ୍କ ଶାସିତ ରାଜ୍ୟ: ବଙ୍ଗଳାଦେଶର ରାଜଶାହୀ

**ପ୍ରଫେସର ଦାଶରଥି ଭୂୟାଁ**
ନାଗାଲାଣ୍ଡ ବିଶ୍ୱବିଦ୍ୟାଳୟ, ଲୁମାମୀ, ଜିଲ୍ଲା- ଜୁନ୍‌ହେବୋଟୋ, ନାଗାଲାଣ୍ଡ-୭୯୮୬୨୭
ଫୋନ:୭୦୦୮୧୩୨୧୩୪
ଫଟୋ ସୌଜନ୍ୟ : ଲେଖକ


▲ ଲେଖକ ପ୍ରଫେସର ଦାଶରଥି ଭୂୟାଁ

କୋଲ୍‌କାତା ନଗରୀର ଆକାଶ ଆଲୋକିତ ହେବାକୁ ଯାଉଥିଲା । ପଡ଼ୋଶୀ ବିଦେଶୀ ରାଷ୍ଟ୍ରକୁ ଯାଉଥିବା ଏକ ଯାତ୍ରୀବାହୀ ବସ୍ ନିକଟରେ ମୋର ସହଯାତ୍ରୀମାନଙ୍କ ଯାତ୍ରା ଜନିତ ସମ୍ଭାବ୍ୟ ବ୍ୟଗ୍ରତାକୁ ମୁଁ ସହଜରେ ବୁଝି ପାରୁଥିଲି । ଏକ ଅଜଣା ସ୍ଥାନକୁ ଯାତ୍ରା ଯୋଜନା ମୋ ମାନସିକ ଚାପକୁ ବଢ଼ାଉଥିଲା । ଏକ ଅପରିଚିତ ସ୍ଥାନ ପରିଦର୍ଶନର ଭୟ ମୋ ମନ ଭିତରେ ଆସ୍ତେ ଆସ୍ତେ ବସା ବାନ୍ଧୁଥିଲା । ମନକୁ ସାନ୍ତ୍ୱନା ଦେଉଥିଲି- କିନ୍ତୁ ପୂର୍ବ ନିର୍ଦ୍ଧାରିତ ସ୍ଥାନକୁ ଯିବାକୁ ତ ପଡିବ ।

ବଙ୍ଗଳାଦେଶର ରାଜଶାହୀ ବିଶ୍ୱବିଦ୍ୟାଳୟର ସାଧାରଣ ପ୍ରଶାସନ ବିଭାଗର ପ୍ରଫେସର୍ ପାର୍ଭାଜ ଅଜରୁଲ ହକ୍‌ଙ୍କ ଠାରୁ ନିମନ୍ତ୍ରଣ ପତ୍ର ପାଇ ଏକ ଶୈକ୍ଷଣିକ କାର୍ଯ୍ୟରେ ମୁଁ ଯାତ୍ରା ଆରମ୍ଭ କରିଥିଲି କୋଲ୍‌କାତାରୁ । ଭାରତର କୋଲକାତା ନଗରୀରୁ ବଙ୍ଗଳାଦେଶର ଢାକା ଏବଂ ଢ଼ାକାରୁ ରାଜଶାହୀ ଏକ ଦୀର୍ଘ ଯାତ୍ରାର ସମ୍ଭାବ୍ୟ ଅଜଣା ଭୟରେ ମୋ ମନ ଭାରାକ୍ରାନ୍ତ ଥିଲା । କୋଲକାତାରୁ ଢାକା ଯାତ୍ରା କରିବାକୁ ହେଲେ ସାଧାରଣତଃ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଥିବା ସୀମା ଅତିକ୍ରମ କରିବାକୁ ହୋଇଥାଏ । ସୀମା ଅତିକ୍ରମ କରିବା ପାଇଁ ଇମିଗ୍ରେସନ୍ ଏବଂ କଷ୍ଟମ୍ସ ପ୍ରଣାଳୀ ଦେଇ ଯିବାକୁ ହୁଏ । ଆବଶ୍ୟକୀୟ ଭ୍ରମଣ ଡକ୍ୟୁମେଣ୍ଟ, ବୈଧ ପାସ୍‌ପୋର୍ଟ ଏବଂ ଉପଯୁକ୍ତ ଭିସାର ଯାଞ୍ଚ ଭାରତ-ବଙ୍ଗଳାଦେଶ ସୀମାର ବେନାପୋଲ ଠାରେ ହୋଇଥାଏ ।

କଲିକତାରୁ ଗୋବରଡ଼ଙ୍ଗା, ଚାନ୍ଦପଡ଼ା, କାଲୁପୁର ଓ ବନଗାଁ ରାସ୍ତାରେ ୮୦ କିଲୋମିଟର ଯାତ୍ରା କଲା ପରେ ପେଟ୍ରାପୋଲ-ବେନାପୋଲ ସୀମାରେ ପ୍ରବେଶ କଲୁ । ବେନାପୋଲ ହେଉଛି ବାଂଲାଦେଶର ଜେସୋର ଜିଲ୍ଲାର ଶର୍ଶା ଉପଜିଲ୍ଲାର ଏକ ସହର । ପେଟ୍ରାପୋଲ ଇମିଗ୍ରେସନ



ଏବଂ କଷ୍ଟମ୍ସ ଅଫିସ୍ ଭାରତ ସୀମା ପାର୍ଶ୍ୱରେ ଏବଂ ଅପର ପାର୍ଶ୍ୱରେ ବଙ୍ଗଳାଦେଶର ବେନାପୋଲ ଇମିଗ୍ରେସନ ଏବଂ କଷ୍ଟମ୍ସ ଅଫିସ୍ ଅବସ୍ଥିତ । ଉଭୟ ପାର୍ଶ୍ୱରୁ ଦୈନିକ ହଜାର ହଜାର ଲୋକ ପେଟ୍ରାପୋଲ-ବେନାପୋଲ ଦେଇ ବଙ୍ଗଳାଦେଶ ଏବଂ ଭାରତକୁ ଯିବା ଆସିବା କରନ୍ତି । ୧୯୭୧ରେ ବଙ୍ଗଳାଦେଶର ମୁକ୍ତି ସଂଗ୍ରାମ ଯୁଦ୍ଧ ବେଳେ ମୁକ୍ତି ବାହିନୀର ଅନ୍ୟ ଏକ ମୁଖ୍ୟାଳୟ ଭାବରେ ବେନାପୋଲ କାର୍ଯ୍ୟ କରିଥିଲା । ଭାରତରୁ ଆମଦାନୀ ହୋଇଥିବା ସାମଗ୍ରୀର ପ୍ରାୟ ୯୦ ପ୍ରତିଶତ ବେନାପୋଲ ଦେଇ ଆସିଥାଏ । ବେନାପୋଲ-ପେଟ୍ରାପୋଲ ସୀମା ଦେଇ ବଙ୍ଗଳାଦେଶର ରପ୍ତାନି ପାଇଁ ଭାରତ ସରକାର ପ୍ରାଥମିକତା ଦେଇଛନ୍ତି । ଭାରତର ଅନ୍ୟତମ ବାଣିଜ୍ୟିକ ହବ୍ କୋଲକାତା ଠାରୁ ପେଟ୍ରାପୋଲ୍-ବେନାପୋଲ୍ ସୀମା ମାତ୍ର ୮୦ କିଲୋମିଟର ଦୂରରେ ଅବସ୍ଥିତ । ଏହା ଆନ୍ତର୍ଜାତୀୟ ସୀମା ରେଡକ୍ଲିଫ୍ ଲାଇନ ଭାବରେ ଜଣାଶୁଣା । ପେଟ୍ରାପୋଲ-ବେନାପୋଲ ସୀମା 'ୱାଘା ଅଫ୍ ଦି ଇଷ୍ଟ' ନାମରେ ମଧ୍ୟ ପରିଚିତ । ବଙ୍ଗଳାଦେଶ ପାର୍ଶ୍ୱରେ ସେ ଦେଶର ପ୍ରତିଷ୍ଠାତା ମୁଜିବୁର ରହମାନଙ୍କ ୨୦ ଫୁଟ୍‌ର ମୂର୍ତ୍ତି ଚିତ୍ର ରହିଛି । କିନ୍ତୁ ଭାରତୀୟ ପାର୍ଶ୍ୱରେ କେବଳ ଏକ ବଡ଼ ଗଛ ଅଛି ।

କୋଲକାତା-ଢାକା ବସ୍ ପଶ୍ଚିମବଙ୍ଗ ସର୍ଫେସ୍ ଟ୍ରାନ୍ସପୋର୍ଟ କର୍ପୋରେସନ୍ ଏବଂ ବାଂଲାଦେଶ ସଡକ ପରିବହନ ନିଗମ ଦ୍ୱାରା ମିଳିତ ଭାବରେ ପରିଚାଳିତ । ଏହି ଯାତ୍ରାରେ ଭାରତର ୮୦ କିଲୋମିଟର ଏବଂ ବଙ୍ଗଳାଦେଶର ୩୦୦ କିଲୋମିଟର ଅତିକ୍ରମ କରିବାକୁ ହୁଏ । ଏହି ୩୮୦ କିଲୋମିଟରକୁ ୧୨ ଘଣ୍ଟାରୁ ଅଧିକ ସମୟ ଲାଗେ । ମୁଁ ପେଟ୍ରାପୋଲ-ବେନାପୋଲ ସୀମାରେ ଓହ୍ଲାଇ କାଜି ନାଜରୁଲ ଇସଲାମ ଏବଂ ରବୀନ୍ଦ୍ରନାଥ ଟାଗୋରଙ୍କ ଚିତ୍ର ଥିବା କାନ୍ଥ ପାଖରେ ଜଣେ ଦୋକାନୀଙ୍କ ଠାରୁ ପଇଡ଼ ପିଇଲି । ସେଠାରେ ଜୀବନ ବ୍ୟସ୍ତ ମନେ ହେଉଥିଲା । ନିର୍ଦ୍ଦିଷ୍ଟ ଅଫିସ୍‌ରୁ ମୁଁ ଭାରତୀୟ ଟଙ୍କା ବଦଳାଇ ବଙ୍ଗଳାଦେଶ ଟାକା ଆଣିଲି । ହଜାର ହଜାର ଯାତ୍ରୀ ସୀମା ଅତିକ୍ରମ ପାଇଁ ଧାଡ଼ିବାନ୍ଧି ଠିଆ ହୋଇଥାନ୍ତି । ମୁଁ ସେଇ ଧାଡ଼ିରେ ସାମିଲ ହୋଇଗଲି । କୌତୁହଳର ସହିତ ମୁଁ କେତେକ ବଙ୍ଗଳାଦେଶୀ ଯାତ୍ରୀଙ୍କୁ ପଚାରିଲି ଯେ ତୁମେ ଏତେ ସଂଖ୍ୟାରେ ଭାରତକୁ କାହିଁକି ଯାଉଛ ? ସେ ଉତ୍ତର ଦେଲେ- ବାଙ୍ଗାଲୋର, ଚେନ୍ନାଇ, ଭେଲୋର ଆଦି ସ୍ଥାନକୁ ସ୍ୱାସ୍ଥ୍ୟ ସେବା ପାଇଁ ପ୍ରତିଦିନ ବଙ୍ଗଳାଦେଶରୁ ଭାରତକୁ ହଜାର ହଜାର ଲୋକେ ଆସନ୍ତି । ଏହା ବ୍ୟତୀତ ନିଜର ବନ୍ଧୁବାନ୍ଧବ, ବ୍ୟବସାୟ ଇତ୍ୟାଦି କାରଣରୁ ମଧ୍ୟ ଆସନ୍ତି ।

ସୀମା ପାର ହେବା ପରେ ଆମ ବସ୍ ଉଭୟ ପାର୍ଶ୍ୱରେ ସବୁଜ ଚାଷ ଜମି ସହିତ ବଙ୍ଗଳାଦେଶର ସୁନ୍ଦର ସୁନ୍ଦର ଗ୍ରାମ ଦେଇ ଗଲା । ବଙ୍ଗଳାଦେଶର ଅନେକ ଗ୍ରାମୀଣ ଗୌରବ ଏବେ ମଧ୍ୟ ଅକ୍ଷୁର୍ଣ୍ଣ ରହିଥିଲା । ମୋର ସହଯାତ୍ରୀଟି କୌଣସି କାମରେ ବଙ୍ଗଳାଦେଶ ଯାଉଥାନ୍ତି । ସେ ଇତିହାସକୁ ମାନେ ପକାଇ ତାଙ୍କ ପରିବାର ଛାଡିଥିବା ଜମି ବିଷୟରେ ହସି ହସି କହିଲେ । ଇତିହାସ ଏକ ଅଦ୍ଭୁତ ମୁକସାକ୍ଷୀ । ମନ ଫେରିଗଲା ୧୯୭୧ ମସିହାର ଶୈଶବକୁ । ମୁଁ ସେତିକି ବେଳେ ଦ୍ୱିତୀୟ କିମ୍ବା ତୃତୀୟ ଶ୍ରେଣୀର ଛାତ୍ର । ବାପାଙ୍କ ସାଇକଲ ପଛରେ ବସି ହିଞ୍ଜିଳିକାଟୁ ସହରକୁ ଗଲାବେଳେ ଆମ ଗାଁ ଶ୍ୟାମଳାଇ ମନ୍ଦିର ଆଖପାଖରେ ଶହ ଶହ ଯାଯାବର ଲୋକେ ଭୋକେ ଭୋକ ଉପାସରେ ଖୋଲା ଜମିରେ ପଡି ରହିଥିବାର ଦୃଶ୍ୟ ଦେଖିଥିଲି । ସେଦିନର ଦୃଶ୍ୟକୁ ମନେ ପକାଇଲି । ୧୯୭୧ ମସିହାର ବଙ୍ଗଳାଦେଶ ମୁକ୍ତି ସଂଗ୍ରାମ ସମୟରେ ଲକ୍ଷ ଲକ୍ଷ ବଙ୍ଗଳାଦେଶୀ ଶରଣାର୍ଥୀ ମାଲକାନଗିରି ଜିଲ୍ଲା ଯିବା ରାସ୍ତାରେ ବ୍ରହ୍ମପୁର ସହର ଓ ଷ୍ଟେସନରେ ରୁଣ୍ଡ ହୋଇଥିଲେ । ଭୋକ ବିକଳରେ ଆଖପାଖ ଅଂଚଳର ଗ୍ରାମ ମାନଙ୍କୁ ଯାଇ ଭିକ୍ଷା ବୃତ୍ତି କରୁଥିଲେ । ମୋ ଭଳି ଆମ ଗ୍ରାମର ଛୋଟ ଛୋଟ ପିଲାମାନେ ସେମାନଙ୍କୁ ପିଲାଚୋର ଓ ପାଗଳ ଭାବି ସେମାନଙ୍କ ଉପରକୁ ଟେକା ଫିଙ୍ଗୁ ଥିଲେ ଏବଂ ବଡମାନେ ଆମକୁ ସେଥିରୁ ବାରଣ କରୁଥିଲେ । ପରେ ସେମାନଙ୍କୁ ମାଲକାନଗିରି ଜିଲ୍ଲାର ମୋଟୁ, କାଲିମେଲା, ବାଲିମେଲା, ଓ ଏମ୍. ଭି.- ୭୯ ଗ୍ରାମ ମାନଙ୍କରେ ଥଇଥାନ କରାଯାଇଥିଲା । ପିଲାଦିନର ଶରଣାର୍ଥୀଙ୍କ ସେଇ କରୁଣ ଦୃଶ୍ୟ ମନେ ପକାଇ ଆଖି ଛଳ ଛଳ ହୋଇଗଲା ।

## ବେନାପୋଲ ସୀମା ପରେ ଦୌଲତଦିଆ

ପତୁରିଆ ଘାଟ, ଯେଉଁଠାରେ ପଦ୍ମା(ଗଙ୍ଗା) ଏବଂ ଜମୁନା (ବ୍ରହ୍ମପୁତ୍ର) ନଦୀ ମିଳିତ ହୋଇଥିଲା । ପୋଲ ଅଭାବରେ ଜଳଯାନରେ ପାରିହେବାକୁ ପଡିଥିଲା ଆମକୁ । ସେତିକିବେଳକୁ ସନ୍ଧ୍ୟା ଆଗତ ପ୍ରାୟ । ନଦୀ ତଥା ଏହାର ଆଖପାଖର ସୁନ୍ଦର ଦୃଶ୍ୟ ମନକୁ ଶାନ୍ତି ପ୍ରଦାନ କରୁଥିଲା ଦୃଶ୍ୟକୁ ଉପଭୋଗ କରିବା ବେଳକୁ ଖୁବ୍ ଶୀଘ୍ର ଅନ୍ଧକାର ହୋଇଗଲା । ଗୋଟିଏ ପରେ ଗୋଟିଏ ବସ୍, ଟ୍ରକ୍ ଏବଂ ଅନ୍ୟାନ୍ୟ ଯାନ ଜାହାଜର ନିମ୍ନ ଡେକ୍ କୁ ଆସିଲା । ଅନେକ ବସ୍, ଟ୍ରକ୍, କାର୍ ଏବଂ ବିଭିନ୍ନ ପ୍ରକାରର ଯାନ ଲୋଡ୍ ହୋଇଥିଲା ଆମ ଜଳଯାନ । ଏହି ଜାହାଜଗୁଡ଼ିକର ଦ୍ୱିତୀୟ ଡେକ୍‌ରେ ଯାତ୍ରୀମାନଙ୍କ ପାଇଁ ବସିବାର ବ୍ୟବସ୍ଥା ଥିଲା ଏବଂ ଉପର ତୃତୀୟ ଡେକ୍ ରେ ହୋଟେଲ ଥିଲା । ଥଣ୍ଡା ପବନକୁ ଉପଭୋଗ କରିବା ପାଇଁ ମୁଁ ଜାହାଜର ଶୀର୍ଷରେ ଠିଆ ହୋଇ ରହିବାକୁ ସ୍ଥିର କଲି । ଘଂଟାଏ କାଳ ଜଳଯାତ୍ରା ପରେ ପ୍ରାୟ ଅନ୍ୟ ଏକ ଏକ ଅଧା ଘଣ୍ଟା ଧରି ଏକ ମନ୍ଥର ପ୍ରକ୍ରିୟାରେ ବସ୍, ଟ୍ରକ୍ ଏବଂ ଅନ୍ୟାନ୍ୟ ଯାନ କୂଳରେ ଲାଗିଲା । ଖୁବ୍ ଶୀଘ୍ର ଆମର ବସ୍ ନଦୀ ଆରପାରିକୁ ଆସି ସଡ଼କ ଧରିଲା । ଢାକା ଆଖପାଖ ଅଂଚଳରେ ଟ୍ରାଫିକ୍ ଭିଡ଼ କାରଣରୁ ବସ୍‌ର ଗତି ମନ୍ଥର ହୋଇଗଲା । ଢାକାରେ ପହଁଚିଲା ବେଳକୁ ରାତି ଦଶ ।

## ରାଜଶାହୀରେ ପଦ୍ମା ନଦୀର ମାଝୀକୁ ଖୋଜିଲି

ଆଗାମୀ ଦିନମାନଙ୍କରେ ବଙ୍ଗଳାଦେଶର ସଂସଦ ଭବନ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଭ୍ରମଣ ପରେ ମୁଁ ପ୍ରସ୍ତୁତ ହୋଇ ରହିଥିଲି ରାଜଶାହୀ ବିଶ୍ୱବିଦ୍ୟାଳୟ ଯିବା ପାଇଁ । ବିଶ୍ୱବିଦ୍ୟାଳୟ ତରଫରୁ ଯୋଗାଇ ଦିଆ ଯାଇଥିବା ଯାନରେ ଆମ୍ଭେ ପହଞ୍ଚିଲୁ ରାଜଶାହୀ ବିଶ୍ୱବିଦ୍ୟାଳୟ ପରିସରରେ । ମାଣିକ ବନ୍ଦୋପାଧ୍ୟାୟଙ୍କ ଉପନ୍ୟାସ 'ପଦ୍ମା ନଦୀର ମାଝୀ' ମନେ ପଡିଲା । ମୁଁ ରାଜଶାହୀରେ ପହଂଚି ମନେ ମନେ 'ପଦ୍ମା ନଦୀର ମାଝୀ'କୁ ଖୋଜିଲି । ପଦ୍ମା ନଦୀର ମତ୍ସ୍ୟଜୀବୀଙ୍କ ଜୀବନ ଉପରେ ଆଧାରିତ ଏହି ଉପନ୍ୟାସ । ଏହି ଉପନ୍ୟାସକୁ ନେଇ ୧୯୮୦ ଦଶକରେ ଏକ ଟି. ଭି. ସିରିଆଲ କାହାଣୀ ଦେଖିଥିଲି । ଭାରତ-ବାଂଲାଦେଶର ମିଳିତ ପ୍ରଡକ୍ସନ୍‌ରେ ଏହି ଉପନ୍ୟାସ ଉପରେ ୧୯୯୩ରେ ଏକ ଚଳଚ୍ଚିତ୍ର ନିର୍ମିତ ହୋଇଥିଲା । ପଦ୍ମା ନଦୀ ହେଉଛି ବଙ୍ଗଳାଦେଶର ଏକ ପ୍ରମୁଖ ନଦୀ । ଏହା ଗଙ୍ଗାର ମୁଖ୍ୟ ବିତରଣକାରୀ । ସାଧାରଣତଃ ଦକ୍ଷିଣ-ପୂର୍ବରେ ୩୫୬ କିଲୋମିଟର ପର୍ଯ୍ୟନ୍ତ ବଙ୍ଗୋପସାଗର ନିକଟ ମେଘନା ନଦୀ ସହିତ ମିଳନ ସ୍ଥଳକୁ ଏହା ପ୍ରବାହିତ ହୁଏ ।

ରାଜଶାହୀ ବଙ୍ଗଳାଦେଶର ଏକ ପ୍ରମୁଖ ମହାନଗର, ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ, ଶିକ୍ଷାଗତ, ସାଂସ୍କୃତିକ ଏବଂ ବାଣିଜ୍ୟିକ-ବ୍ୟବସାୟ କେନ୍ଦ୍ର ଅଟେ । ପଦ୍ମା (ଭାରତରେ ଗଙ୍ଗା) ନଦୀର ଉତ୍ତର କୂଳରେ, ବଙ୍ଗଳାଦେଶ-ଭାରତ ସୀମା ନିକଟରେ ଅବସ୍ଥିତ ଏହି ସହରର ଜନସଂଖ୍ୟା ପ୍ରାୟ ଏକ ନିୟୁତ । ଅଙ୍ଗ, ବଙ୍ଗ ପୁଣ୍ଡ୍ର, ସୁହ୍ମ, ଏବଂ କଳିଙ୍ଗ ରାଜ୍ୟ ପ୍ରାଚୀନ ଭାରତର ପୂର୍ବ



ଭାଗରେ ଅବସ୍ଥିତ ଥିଲା । ସେଥି ମଧ୍ୟରୁ ଆଧୁନିକ ରାଜଶାହୀ ପ୍ରାଚୀନ ପୁଣ୍ଡ୍ର ରାଜ୍ୟ/ପୁଣ୍ଡ୍ରବର୍ଦ୍ଧନ ଅଞ୍ଚଳରେ ଅବସ୍ଥିତ । ଭାରତରେ ବୈଦିକ ଯୁଗ ସାଧାରଣତଃ- ଆର୍ଯ୍ୟମାନଙ୍କ ଆଗମନ ଏବଂ ବେଦ ରଚନା ସହିତ ଜଡିତ, ଯାହା ହିନ୍ଦୁ ଧର୍ମର ପୁରାତନ ପବିତ୍ର ଗ୍ରନ୍ଥଗୁଡ଼ିକ ମଧ୍ୟରେ ଅଛି । ଏହି ରାଜ୍ୟଗୁଡ଼ିକର ବୈଦିକ / ଆର୍ଯ୍ୟ ପରମ୍ପରା ସହିତ ଐତିହାସିକ ଏବଂ ସାଂସ୍କୃତିକ ସମ୍ବନ୍ଧ ବହୁମୁଖୀ । ପୁଣ୍ଡ୍ର ବା ପୁଣ୍ଡ୍ରବର୍ଦ୍ଧନ ଲୌହ ଯୁଗର ଦକ୍ଷିଣ ଏସିଆର ଏକ ପ୍ରାଚୀନ ରାଜ୍ୟ ଥିଲା, ଯାହାକି ଭାରତୀୟ ଉପମହାଦେଶର ପୂର୍ବବଙ୍ଗ ଅଞ୍ଚଳରେ ଅବସ୍ଥିତ ଏବଂ ବର୍ତ୍ତମାନର ରାଜଶାହୀ ଅଂଚଳକୁ ଅନ୍ତର୍ଭୁକ୍ତ କରିଥିଲା ।

ଏଠାକାର ରାଜକୁମାର ଶ୍ରୀବିଜୟ ଶ୍ରୀଲଙ୍କା ଏବଂ ଦକ୍ଷିଣ ପୂର୍ବ ଏସିଆରେ ସାମରିକ ଅଭିଯାନ ଚଳାଇଥିଲେ । ସୁଫି ସାଧୁ ଶାହ ମଖଦୁମଙ୍କ କବରରେ ଥିବା ଏପିଗ୍ରାଫିକ୍ ବା ଐତିହାସିକ ରେକର୍ଡ ଅନୁଯାୟୀ ସହରର ମୂଳଦୁଆ ୧୬୪୩ ମସିହାରୁ ହୋଇଥିଲା । ଏହା ମଧ୍ୟ ରେଶମ ଉତ୍ପାଦନର ଏକ ଐତିହାସିକ କେନ୍ଦ୍ର । ଏହି ସହରରେ ବଙ୍ଗଳାଦେଶର ବହୁ ନାମୀଦାମୀ ଶିକ୍ଷାନୁଷ୍ଠାନ ରହିଛି । ରାଜଶାହୀ ବଙ୍ଗଳାଦେଶର ସବୁଠାରୁ ପରିଷ୍କାର ସହର ଅଟେ । ରାଜଶାହୀ ବିଭିନ୍ନ ମହାରାଜା, ରାଜା ଏବଂ ଜମିଦାରଙ୍କ ଦ୍ୱାରା ଶାସିତ ହୋଇ ଆସିଛି । ଦେଓ ରାଜାଙ୍କ ସମୟରେ ଏହି ଅଞ୍ଚଳ 'ମହାକାଳଗଡ଼' ନାମରେ ପରିଚିତ ଥିଲା । ୧୨୮୮ -୮୯ ରେ ଦେଓ ରାଜା ଶାହା ମଖଦୁମ ରୁପୋସଙ୍କ ଦ୍ୱାରା ପରାସ୍ତ ହୋଇଥିଲେ । ୧୮୨୫ ମସିହାରେ ଏକ ପ୍ରଶାସନିକ କାର୍ଯ୍ୟାଳୟ ପ୍ରତିଷ୍ଠା ପରେ ଏହି ଅଞ୍ଚଳ 'ରାମପୁର ବୋଆଲିଆ' ଭାବରେ ପରିଚିତ ହେଲା । 'ରାଜଶାହୀ'ର ବର୍ତ୍ତମାନର ନାମର ଉତ୍ପତ୍ତି ସମ୍ପର୍କରେ ବିଦ୍ୱାନ ମାନଙ୍କ ମଧ୍ୟରେ ଅନେକ ମତ ପାର୍ଥକ୍ୟ ରହିଛି । ଅଧିକାଂଶ ବିଦ୍ୱାନ କୁହନ୍ତି ଯେ ଏହା ହିନ୍ଦୁ ରାଜାମାନଙ୍କ ଦ୍ୱାରା ଶାସିତ ଅଂଚଳ ହୋଇଥିବାରୁ ଏହାର ନାମ ରାଜ ଏବଂ ରାଜ ସହିତ ପାର୍ସି ଶବ୍ଦ ଶାହୀ(ଶାସନ) ମିଶ୍ରଣ ଫଳରେ ଏହା ରାଜଶାହୀ ନାମରେ ପରିଚିତ ହେଲା । 'ରାଜଶାହୀ'ର ଅର୍ଥ ହେଉଛି 'ରାଜକୀୟ' ବା 'ରାଜାଙ୍କ ଦ୍ୱାରା ଶାସିତ' ରାଜ୍ୟ ।

ରାଜଶାହୀ ପୂର୍ବ ବଙ୍ଗର ପ୍ରଶାସନିକ ମୁଖ୍ୟାଳୟ ଥିଲା । ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଗଙ୍ଗା (ବଙ୍ଗଳାଦେଶରେ ପଦ୍ମା) ନଦୀ ଉପରେ ନୌ ସେବା ଆରମ୍ଭ ହୋଇ ବିଭିନ୍ନ ରେଳ-ହେଡ୍ ସହିତ ସଂଯୋଗ ହୋଇଥିଲା । ୧୯୬୭ ରୁ ୧୯୭୧ ପର୍ଯ୍ୟନ୍ତ ପୂର୍ବ ପାକିସ୍ତାନର ପ୍ରତିରକ୍ଷା ପାଇଁ ପାକିସ୍ତାନୀ ଇଷ୍ଟର୍ନ କମାଣ୍ଡ ଏଠାରେ ଆରମ୍ଭ ହୋଇଥିଲା । ୧୯୭୨ ମସିହାରେ ପାକିସ୍ତାନୀ ସେନାଙ୍କ ଦ୍ୱାରା ଅତ୍ୟାଧିକ ଅତ୍ୟାଚାରର ଶିକାର ହୋଇଥିଲା ରାଜଶାହୀ । ଯାହା 'ରାଜଶାହୀ ହତ୍ୟାକାଣ୍ଡ' ନାମରେ ଇତିହାସରେ ଜଣାଶୁଣା ।

ପଦ୍ମା ନଦୀ ସହରର ଦକ୍ଷିଣ ପାର୍ଶ୍ୱ ଦେଇ ପ୍ରବାହିତ । ଦକ୍ଷିଣ ପାର୍ଶ୍ୱ ଦେଇ ପ୍ରବାହିତ ପଦ୍ମା ନଦୀର ସମତଳ ଭୂମିରେ ସହର ଅବସ୍ଥିତ । ପଦ୍ମା ନଦୀର କୂଳ ଦକ୍ଷିଣ ଏସିଆର ବୃହତ୍ତମ ନଦୀ ମଧ୍ୟରୁ ଗୋଟିଏ । ପଦ୍ମା ନଦୀ କୂଳ ମଧ୍ୟ ମନୋରଞ୍ଜନ ପାଇଁ ଏକ ଗନ୍ତବ୍ୟସ୍ଥଳ । ପଦ୍ମା ନଦୀର ପଶ୍ଚିମ କୂଳ ଭାରତ-ବଙ୍ଗଳାଦେଶକୁ ବିଭାଜନ କରୁଛି । ମାତ୍ର ଏକ/ ଦୁଇ କିଲୋମିଟର ବ୍ୟବଧାନରେ ଭାରତ ଅବସ୍ଥିତ ଥିଲେ ମଧ୍ୟ ଆମକୁ କୋଲ୍‌କାତା ବାଟ ଦେଇ ହଜାର କିଲୋମିଟର ଅତିକ୍ରମ କରିବାକୁ ପଡିଥିଲା । ରାଜଶାହୀ ସହରର ଲୋକପ୍ରିୟ ସର୍ବସାଧାରଣ ସ୍ଥାନ ମଧ୍ୟରୁ ସହିଦ କାମାରୁଜାମାନ୍ ସେଣ୍ଟ୍ରାଲ ପାର୍କ ଏବଂ ପ୍ରାଣୀ ଉଦ୍ୟାନ ଅନ୍ୟତମ । ଏହା ପଦ୍ମା ନଦୀ କୂଳରେ ଅବସ୍ଥିତ । ସହରର ଅନ୍ୟ ପାର୍କଗୁଡ଼ିକ ହେଉଛି ଭୁବନ୍ ମୋହନ୍ ପାର୍କ ଏବଂ କ୍ୟାପଟେନ୍ ମନସୁର ଅଲି ପାର୍କ । ସହିଦ ଜିଆ ଉର ରହମାନ ଶିଶୁ ଉଦ୍ୟାନ ପିଲାମାନଙ୍କ ମନୋରଞ୍ଜନ ପାଇଁ ସ୍ୱତନ୍ତ୍ର ଭାବରେ ପରିକଳ୍ପିତ ।

ବଙ୍ଗଳାଦେଶର ସର୍ବ ପୁରାତନ ବରେନ୍ଦ୍ର ଅନୁସନ୍ଧାନ ସଂଗ୍ରହାଳୟ ଏଠାରେ ଅବସ୍ଥିତ । ୧୯୧୦ ମସିହାରେ ପ୍ରତିଷ୍ଠିତ ବରେନ୍ଦ୍ର ଅନୁସନ୍ଧାନ ସଂଗ୍ରହାଳୟ ପ୍ରାଚୀନ ଇତିହାସ ଏବଂ ସଂସ୍କୃତି ପାଇଁ ଉତ୍ସର୍ଗୀକୃତ । ଏଥିରେ ହିନ୍ଦୁ, ବୌଦ୍ଧ ଏବଂ ମୁସଲମାନ ଐତିହ ସମ୍ବନ୍ଧୀୟ କଳାକୃତି ରହିଛି । ରାଜଶାହୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଏହାର ରକ୍ଷଣାବେକ୍ଷଣ କରାଯାଏ । ୧୬୩୫ ମସିହାରେ ଶାହ ମଖଦୁମ ରୁପୋସ ଏହି ଅଞ୍ଚଳରେ ଇସଲାମର ପ୍ରଥମ ପ୍ରଚାରକ ଥିଲେ । ରାଜଶାହୀ ବିଶ୍ୱବିଦ୍ୟାଳୟ ବଙ୍ଗଳାଦେଶର ଦ୍ୱିତୀୟ ବୃହତ୍ତମ ବିଶ୍ୱବିଦ୍ୟାଳୟ । ରାଜଶାହୀ ବିଶ୍ୱବିଦ୍ୟାଳୟ ମୋତିହାର ଅଞ୍ଚଳରେ ଆମ୍ବଗଛ ଦ୍ୱାରା ଘେରି ରହିଥିବା ଏକ ବଡ଼ କ୍ୟାମ୍ପସ । ସାହେବ ବଜାର ହେଉଛି ସହରର କେନ୍ଦ୍ର, ଯେଉଁଠାରେ ଅଧିକାଂଶ ସପିଂ ମଲ୍ ଏବଂ ବାଣିଜ୍ୟିକ କୋଠା ଅବସ୍ଥିତ । ଘୋରାମରା ହେଉଛି ରାଜଶାହୀ ସହରର ପୁରାତନ ଅଂଶ, ଏଠାରେ ଅଧିକାଂଶ ପୁରାତନ ଅଟ୍ଟାଳିକା ଅବସ୍ଥିତ । ରାଜାମାନଙ୍କ ଶାସନ ସମୟରେ ଏଠାରେ ଅନେକ ଘୋଡା ମାରିଥିଲେ, ତେଣୁ ଏହାର ନାମ ଗୋଡ଼ାମରା । ସାନ୍ତାଳପଡ଼ା ମହିଷ-ବାଥାନ୍ ଅଞ୍ଚଳରେ ଅବସ୍ଥିତ । ସାନ୍ତାଳ ଜନଜାତିର ଲୋକେ ଏଠାରେ ବାସ କରନ୍ତି । ବଙ୍ଗବନ୍ଧୁ ନବ ଥିଏଟର, ଯାହା ଶେଖ ମୁଜିବୁର ରହମାନଙ୍କ ନାମରେ ନାମିତ ତାହା ସହରର ପ୍ରମୁଖ ରଙ୍ଗମଞ୍ଚ ।

ବ୍ରିଟିଶ ସମୟରୁ ରାଜଶାହୀ ଏହାର ରେଶମ ବସ୍ତ୍ର ପାଇଁ ପ୍ରସିଦ୍ଧ ଥିଲା । ଏହି ସହରର ରେଶମ ପୋଷାକ ସାମଗ୍ରୀ ଭାବରେ ଏକ ସ୍ୱତନ୍ତ୍ର ମାନ୍ୟତା ରହିଛି । ରାଜଶାହୀରେ ଅନେକ ଝୋଟକଳ ଏବଂ କାଚ କାରଖାନା ଅଛି । ବଙ୍ଗଳା କ୍ୟାଲେଣ୍ଡର୍ ଅନୁସାରେ ଫାଲଗୁନ୍ ମାସର ପ୍ରଥମ ଦିନକୁ ପୋହେଲା ବୈଶାଖ ବା ବଙ୍ଗଳା ନୂଆ ବର୍ଷ ଉତ୍ସବ ଭାବରେ ପାଳନ କରାଯାଏ । ସରକାରଙ୍କ ଦ୍ୱାରା ପରିଚାଳିତ ବଙ୍ଗଳାଦେଶ ଟେଲିଭିଜନ ଏବଂ ବାଂଲାଦେଶ ବେତାର କେନ୍ଦ୍ର ରାଜଶାହୀରେ ରହିଛି ।

ଷଷ୍ଠତମ ଜାତୀୟ ରାଜପଥ ଦେଇ ରାଜଶାହୀ ଦେଶର ଅନ୍ୟାନ୍ୟ ଅଂଶ

ସହିତ ସଂଯୁକ୍ତ । ବଙ୍ଗଳାଦେଶ ରେଳବାଇ ଦ୍ୱାରା ସିଲ୍କ ସିଟି ଏକ୍ସପ୍ରେସ, ପଦ୍ମା ଏକ୍ସପ୍ରେସ, ଧୁମକେତୁ ଏକ୍ସପ୍ରେସ ଏବଂ ବନଲତା ଏକ୍ସପ୍ରେସ୍ ରାଜଶାହୀ ଓ ଢ଼ାକା ମଧ୍ୟରେ ଚଳାଚଳ କରୁଛି । ରାଜଧାନୀ ଢ଼ାକାରେ ପହଞ୍ଚିବା ପାଇଁ ପ୍ରାୟ ୫ ରୁ ୬ ଘଣ୍ଟା ସମୟ ଲାଗିଥାଏ । ଅନ୍ୟାନ୍ୟ ପ୍ରମୁଖ ସହର ଏବଂ ଜିଲ୍ଲାର ମୁଖ୍ୟାଳୟକୁ ବସ୍ ସେବା ମଧ୍ୟ ରାଜଶାହୀରୁ ଉପଲବ୍ଧ । ଇସଲାମିକ୍ ପ୍ରଚାରକ ଶାହା ମଖଦମ୍ ରୁପୋସଙ୍କ ନାମରେ ନାମିତ ଶାହ



ମଖଦମ୍ ବିମାନବନ୍ଦର ଦ୍ୱାରା ବାୟୁସେବା ପ୍ରଦାନ କରାଯାଇଥାଏ । ସହରରେ ସାଇକେଲ ରିକ୍ସା ଏବଂ ଅଟୋ ରିକ୍ସା ହେଉଛି ପରିବହନର ମୁଖ୍ୟ ଧାରା । ସହରରେ ଘୋଡାଗାଡି ମଧ୍ୟ ଏପର୍ଯ୍ୟନ୍ତ ଉପଲବ୍ଧ । ସହରର ରାଜଶାହୀ ମେଡିକାଲ କଲେଜ ଓ ହସ୍ପିଟାଲ୍ ହେଉଛି ବଙ୍ଗଳାଦେଶର ତୃତୀୟ ସରକାରୀ ଡାକ୍ତରଖାନା, ଯାହା ସ୍ନାତକ ଏବଂ ସ୍ନାତକୋତ୍ତର ଡାକ୍ତରୀ ଶିକ୍ଷା ପାଇଁ ଏକ ଶିକ୍ଷାଦାନ ଅନୁଷ୍ଠାନ ଅଟେ ।

ଜନସଂଖ୍ୟା ଅନୁସାରେ ରାଜଶାହୀ ସହରର ଶତକଡା ୯୩ .୮୬ % ଇସଲାମ, ୫ .୩୮ % ହିନ୍ଦୁ ଧର୍ମ, ୦ .୪୪ %, ଖ୍ରୀଷ୍ଟିଆନ ଧର୍ମ ଏବଂ ୦ .୩୨ % ଅନ୍ୟ ଧର୍ମର ଅଟନ୍ତି । ସହରର ନାଗରିକମାନଙ୍କ ପାଇଁ ବଙ୍ଗାଳୀ ହେଉଛି ମୁଖ୍ୟ ଭାଷା । ଅନେକ ଭିନ୍ନ ବଙ୍ଗୀୟ ଉପଭାଷା ଏବଂ ଆଞ୍ଚଳିକ ଭାଷା ମଧ୍ୟ କୁହାଯାଏ । ସେଠାରେ ଏକ ସଂଖ୍ୟାଲଘୁ ଉର୍ଦ୍ଦୁ ଭାଷାଭାଷୀ ଜନସଂଖ୍ୟା ଅଛି, ଯେଉଁମାନେ ୧୯୪୭ ମସିହାରେ ଭାରତ ଏବଂ ପାକିସ୍ତାନ ପୃଥକ ହେବା ସମୟରେ ବିହାରରୁ ଆସି ଆଶ୍ରୟ ନେଇଥିଲେ । ଏହି ବିହାରୀ ସମ୍ପ୍ରଦାୟକୁ ମୁହାଜିର କୁହାଯାଏ । ରାଜଶାହୀ ବିଶ୍ୱବିଦ୍ୟାଳୟ 'ଶବାଶ ବଙ୍ଗଳାଦେଶ'ର ପ୍ରଶାସନିକ ଭବନ, ୧୯୭୧ ମୁକ୍ତି ଯୁଦ୍ଧକୁ ସ୍ମରଣ କରୁଥିବା ଏକ ମୂର୍ତ୍ତି ଯାହା ରାଜଶାହୀ କଲେଜର ପ୍ରଶାସନିକ ଭବନ ସମ୍ମୁଖରେ ଦଣ୍ଡାୟମାନ । କିନ୍ତୁ, ଆଖପାଖ ଅଂଚଳରେ ଅନେକ ଭଗ୍ନ ହିନ୍ଦୁ ମନ୍ଦିର ଦେଖି ମନ ଦୁଃଖ ହୋଇଥିଲା, ଏହା ଉପରେ ବଙ୍ଗଳାଦେଶ ପ୍ରଶାସନର ନଜର ନଥିଲା ।

ରାଜଶାହୀର ଉଲ୍ଲେଖନୀୟ ବାସିନ୍ଦାମାନଙ୍କ ମଧ୍ୟରୁ ରଜନୀକାନ୍ତ ସେନ୍ ଥିଲେ ଅନ୍ୟତମ । ସେ ବଙ୍ଗଳାଦେଶର କାନ୍ତକବି ନାମରେ ଜଣାଶୁଣା, ସେ ଭକ୍ତି କବିତା ତଥା ଦେଶପ୍ରେମୀ ଗୀତ ରଚନା ପାଇଁ ଲୋକପ୍ରିୟ ଥିଲେ । ରଜନୀକାନ୍ତ ବଙ୍ଗଳାଦେଶରେ ପାବନା ଜିଲ୍ଲାର ସିରାଜଗଞ୍ଜ ଭଙ୍ଗାବରୀ ଗାଁର ଏକ ବୈଦ୍ୟ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ଗୁରୁପ୍ରସାଦ ସେନ୍ ଏବଂ ମନୋମୋହିନୀ ଦେବୀଙ୍କ ତୃତୀୟ ସନ୍ତାନ ଥିଲେ । ରଜନୀକାନ୍ତଙ୍କ ଭଉଣୀ ଅମ୍ବୁଜା ସୁନ୍ଦର ଦାସଗୁପ୍ତ ମଧ୍ୟ ଜଣେ ପ୍ରଖ୍ୟାତ କବୀ ଥିଲେ । ରଜନୀକାନ୍ତ ବୋଆଲିଆ ଜିଲ୍ଲା ସ୍କୁଲ (ବର୍ତ୍ତମାନ ରାଜଶାହୀ କଲେଜିଏଟ୍ ସ୍କୁଲ) ରେ ତାଙ୍କର ପଢ଼ା ଆରମ୍ଭ କରିଥିଲେ ।

ବିଶିଷ୍ଟ ଭାରତୀୟ ଇତିହାସକାର ଯଦୁନାଥ ସରକାର ୧୦ ଡିସେମ୍ବର ୧୮୭୦ରେ ନାଟୋରର କରାଚମାରିଆ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । ୧୮୯୮ ପ୍ରାଦେଶିକ ଶିକ୍ଷା ସେବାରେ ମନୋନୀତ ହେବା ପରେ କଲିକତାର ପ୍ରେସିଡେନ୍ସି କଲେଜରେ ନିଯୁକ୍ତ ହୋଇଥିଲେ । ୧୯୧୭ ରୁ ୧୯୧୯ ମଧ୍ୟରେ ସେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ଆଧୁନିକ ଭାରତୀୟ ଇତିହାସ ଏବଂ ୧୯୧୯ ରୁ ୧୯୨୩ ପର୍ଯ୍ୟନ୍ତ କଟକ ରେଭେନ୍ସା କଲେଜରେ ଉଭୟ ଇଂରାଜୀ ଏବଂ ଇତିହାସ ବିଭାଗରେ ଅଧ୍ୟାପନା କରିଥିଲେ । ୧୯୨୩ ମସିହାରେ, ସେ ଲଣ୍ଡନର ରୟାଲ ଏସିଆଟିକ୍ ସୋସାଇଟିର ସମ୍ମାନିତ ସଦସ୍ୟ ହୋଇଥିଲେ । ଅଗଷ୍ଟ



୧୯୨୬ ରେ ସେ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ଭାବରେ ନିଯୁକ୍ତ ହୋଇଥିଲେ । ୧୯୨୮ ମସିହାରେ, ସେ ମାଡ୍ରାସ ବିଶ୍ୱବିଦ୍ୟାଳୟରେ ସାର୍ ଡବ୍ଲୁ ମେୟର ଚେୟାରର ଅଧ୍ୟାପକ ଭାବରେ ଯୋଗଦାନ କରିଥିଲେ ।

ମଳୟ ଭୌମିକ ରାଜଶାହୀ ବିଶ୍ୱବିଦ୍ୟାଳୟର ପରିଚାଳନା ଏବଂ ବ୍ୟବସାୟ ପ୍ରଶାସନ ବିଭାଗର ପ୍ରଫେସର ଥିଲେ । ସେ ଜଣେ ବାଙ୍ଗଲାଦେଶୀ ନାଟ୍ୟକାର, ଅଭିନେତା, ନିର୍ଦ୍ଦେଶକ ଏବଂ ଶିକ୍ଷାବିତ୍ । ମଳୟ ଭୌମିକ ରାଜଶାହୀରେ ଥିଏଟର ଏବଂ ସଙ୍ଗୀତ ବିଭାଗର ଅଧକ୍ଷ ଭାବରେ ମଧ୍ୟ କାର୍ଯ୍ୟ କରିଛନ୍ତି । ସେ ବଙ୍ଗଳା ଏକାଡେମୀ ସାହିତ୍ୟ ପୁରସ୍କାର ପାଇଛନ୍ତି । ହିନ୍ଦୀ ସିନେମାର ଚଳଚ୍ଚିତ୍ର ନିର୍ମାତା ରିତିକ୍ ଘଟକ ମଧ୍ୟ ଏହି ଅଂଚଳ ସହିତ ଜଡିତ ।

## ମୁସଲମାନଙ୍କ ଭୂୟାଁ ସାଙ୍ଗିଆ:ଏକ ସର୍ବେକ୍ଷଣ

ବିଶ୍ୱବିଦ୍ୟାଳୟର ପରିସରରେ ବୁଲିଲା ବେଳେ ସାମାଜିକ କାର୍ଯ୍ୟ (ସୋସିଆଲ ୱାର୍କ) ବିଭାଗର ପ୍ରଫେସର ସିଦ୍ଦିକ ଭୂୟାଁଙ୍କ ନାମ ଫଳକ ମୋ ନଜରକୁ ଆସିଲା । ମୁଁ କୌତୂହଳ ସହିତ ସାଧାରଣ ପ୍ରଶାସନ ବିଭାଗର ପ୍ରଫେସର ଡ଼ଃ ପ୍ରଣବ କୁମାର ପଣ୍ଡାଙ୍କୁ ଏସମ୍ପର୍କରେ ପଚାରିଲି । ସେ ତାଙ୍କ ପୂର୍ବ ପୁରୁଷ ଓଡିଶାରୁ ଆସିଥିବା କଥା କହି ମୁସଲମାନଙ୍କ ଭୂୟାଁ ସାଙ୍ଗିଆ ସମ୍ପର୍କରେ କହିବାକୁ ଆରମ୍ଭ କଲେ । ବଙ୍ଗଳାଦେଶର ପୂର୍ବତନ ମନ୍ତ୍ରୀ ମହମଦ ଅହମ୍ମଦ ଭୂୟାଁ, ଅବଦୁସ ସତ୍ତାର ଭୂୟାଁ, ହବିବୁଲ ଇସଲାମ ଭୂୟାଁ, ଏବଂ ବାଂଲାଦେଶ ସେନାର ପ୍ରମୁଖ ଜେନେରାଲ କାମ୍ରୁଲ ହାସନ ଭୂୟାଁ, ଇକବାଲ କରିମ ଭୂୟାଁ, ମହମ୍ମଦ ଶୁବିଦ ଅଲି ଭୂୟାଁ ଇତ୍ୟାଦିଙ୍କ ଏକ ଲମ୍ବା ତାଲିକା ଦେଲେ । ଅଥଚ ମୁଁ ପୂର୍ବରୁ ଜାଣିଥିଲି ଯେ ଆସାମର କେତେକ ମୁସଲମାନ ବଡଭୂୟାଁ, ମଜାରଭୂୟାଁ ଆଦି ସାଙ୍ଗିଆ ବ୍ୟବହାର କରନ୍ତି । ସେଇ ମୁହୂର୍ତ୍ତରେ ମୁସଲମାନ ଭୂୟାଁ ସମ୍ପର୍କରେ ମୋର ଐତିହାସିକ ଓ ସାମାଜିକ ସର୍ବେକ୍ଷଣ ଆରମ୍ଭ ହେଲା ।

ସର୍ବେକ୍ଷଣରୁ ମୁଁ ଜାଣିବାକୁ ପାଇଲି ଯେ, ମଧ୍ୟଯୁଗର ଶେଷ ଭାଗରେ ପୂର୍ବ ଭାରତର ଆସାମ, ବଙ୍ଗ ଏବଂ ଓଡ଼ିଶାରେ ବାର ଜଣ ଭୂୟାଁ କ୍ଷତ୍ରିୟ ଜମିଦାର ମାନଙ୍କ ରାଜୁତି ଥିଲା । ସେମାନଙ୍କ ନେତୃତ୍ୱରେ ମୋଟ ବାରଟି ଜମିଦାର ବା ରାଜ୍ୟ ଥିଲା, ତେଣୁ ସେମାନେ ବାରଭୂୟାଁ ନାମରେ ପରିଚିତ ଥିଲେ । ଏହି ବାରଭୂୟାଁ ପରମ୍ପରା ଉଭୟ ଆସାମ ଏବଂ ବଙ୍ଗଳା ପାଇଁ ଅତୁଳନୀୟ କିନ୍ତୁ, ଉତ୍ତରପ୍ରଦେଶ ଏବଂ ବିହାରର ଭୂମିହାର ଓ ଓଡିଶା-ଛତିଶଗଡ଼-ଝାଡ଼ଖଣ୍ଡର ଭୂୟାଁ ଆଦିବାସୀ ପରମ୍ପରା ଠାରୁ ଭିନ୍ନ । ପୂର୍ବ ଭାରତକୁ ବାହ୍ୟଶକ୍ତି ଦ୍ୱାରା ଆକ୍ରମଣ ସମୟରେ, ଭୂୟାଁ କ୍ଷତ୍ରିୟମାନେ ସାଧାରଣତଃ ଆକ୍ରମଣକାରୀଙ୍କୁ ପ୍ରତିରୋଧ କରିଥିଲେ । ବିଶେଷତଃ ବ୍ରହ୍ମପୁତ୍ର ଉପତ୍ୟକାରେ ବାରଭୂୟାଁ ରାଜା ମାନେ ବିଦେଶୀ ଆକ୍ରମଣକୁ ପ୍ରତିରୋଧ କରିଥିଲେ । ସେମାନେ ଶକ୍ତିଶାଳୀ ଜମିଦାର ଥିଲେ ଯେଉଁମାନେ ମୋଗଲ ସାମ୍ରାଜ୍ୟର ବଙ୍ଗଳାକୁ ବିସ୍ତାର ଓ ମୋଗଲ କର୍ତ୍ତୃପକ୍ଷଙ୍କୁ ବିରୋଧ କରିଥିଲେ ଏବଂ ନିଜର ସ୍ୱାଧୀନତା ବଜାୟ ରଖିବାକୁ ଏବଂ ନିଜ ଅଞ୍ଚଳ ଉପରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ, ବାରଭୂୟାଁ ଶାସକ ମାନେ ଧୀରେ ଧୀରେ ମୋଗଲଙ୍କ ଆଧିପତ୍ୟର ଶିକାର ହୋଇଥିଲେ ।

ଇସା ଖାନଙ୍କ ନେତୃତ୍ୱରେ ପୂର୍ବ ବଙ୍ଗ (ବର୍ତ୍ତମାନର ବଙ୍ଗଳାଦେଶ)ର ଭୂୟାଁ ରାଜାମାନେ ବଙ୍ଗର ପଶ୍ଚିମ ଅଂଚଳ, ଆସାମ, ଓଡିଶା ପରମ୍ପରାରୁ ଅଲଗା ହୋଇ ଇସ୍ଲାମ ଧର୍ମକୁ ଗ୍ରହଣ କରି ସ୍ୱତନ୍ତ୍ର ବାରଭୂୟାଁ ରାଜ୍ୟ ପ୍ରତିଷ୍ଠା କରିଥିଲେ । ଇସା ଖାନ ଷୋଡଶ ଶତାବ୍ଦୀରେ ବଙ୍ଗଳାର ସୁଲତାନର ଭାଟି ଅଞ୍ଚଳରେ ସାରାଇଲର



ଦେଓ୍ୱାନ ଭାବରେ ଜଣାଶୁଣା ଥିଲେ । ସେ ଏକ ଜମିଦାର ପରିବାରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ଜେଜେବାପା ଦେଓ୍ୱାନ ଭାଗୀରଥ ରାଜପୁତ ବଂଶର ଥିଲେ ଏବଂ ବଙ୍ଗଳାର ସୁଲତାନ ଗିଆସୁଦ୍ଦିନ ମହମ୍ମୁଦ ଶାହାଙ୍କ ଦେଓ୍ୱାନ ଭାବରେ ନିଯୁକ୍ତ ହେବା ପରେ ସେ ସାରାଇଲର ବସବାସ କରିଥିଲେ । ତାଙ୍କ ପିତା ଦେଓ୍ୱାନ ସୁଲେମାନ ଖାନଙ୍କ ପୂର୍ବ ନାମ ଥିଲା କାଳିଦାସ ଗଜଦାନୀ । ସେ ସୋନାରଗାଓଁର ଇସଲାମ ପଣ୍ଡିତ ଇବ୍ରାହିମ ଦାନିଶମଣ୍ଡଙ୍କ ନିର୍ଦ୍ଦେଶନାରେ ସୁନ୍ନି ଇସଲାମ ଧର୍ମ ଗ୍ରହଣ କରିଥିଲେ । ଇସା ଖାନଙ୍କ ମା ସୟଦା ମୋମେନା ଖାତୁନ ସୁଲତାନ ମହମୁଦ ଶାହାଙ୍କ ଝିଅ ଥିଲେ । ସୁଲତାନ ମହମୁଦ ଶାହାଙ୍କ ମୃତ୍ୟୁ ପରେ ଇସାଙ୍କ ପିତା ନିଜକୁ ଭୂୟାଁ ରାଜାମାନଙ୍କ ଆଇନଗତ ଉତ୍ତରାଧିକାରୀ ଭାବରେ ଘୋଷଣା କରିଥିଲେ ଏବଂ ସୁର ସାମ୍ରାଜ୍ୟ ବିରୁଦ୍ଧରେ ବିଦ୍ରୋହ କରିଥିଲେ । ସୁର ସାମ୍ରାଜ୍ୟ, ଆଫଗାନିସ୍ତାନ ସୁର ରାଜବଂଶ ଦ୍ୱାରା ପରିଚାଳିତ ଥିଲା । ପ୍ରାୟ ୧୬ ରୁ ୧୮ ବର୍ଷ ପର୍ଯ୍ୟନ୍ତ ସୁର ସାମ୍ରାଜ୍ୟ ଭାରତରେ ପ୍ରାଧାନ୍ୟ ବିସ୍ତାର କରି ୧୫୩୮/୧୫୪୦ ରୁ ୧୫୫୬ ପର୍ଯ୍ୟନ୍ତ ବ୍ୟାପିଥିଲା । ବର୍ତ୍ତମାନର ବିହାରରେ ଅବସ୍ଥିତ ସାସରାମ ଏହାର ରାଜଧାନୀ ଥିଲା ଏବଂ ଶେର ଶାହ ସୁରୀ ଏହାର ପ୍ରତିଷ୍ଠାତା ଭାବରେ କାର୍ଯ୍ୟ କରିଥିଲେ । ସୁରଙ୍କ ସହିତ ଯୁଦ୍ଧରେ ସୁଲେମାନ ଖାନ ନିହତ ହୋଇଥିଲେ । ତାଙ୍କ ପୁତ୍ର ଇସା ଖାନ୍ ବଙ୍ଗରେ ୧୫୨୯ ରୁ ୧୫୯୯ ପର୍ଯ୍ୟନ୍ତ ବାରଭୂୟାଁଙ୍କ ଅଧିନାୟକ ଥିଲେ । ଆକବରନାମାର ଲେଖକ ଅବୁଲ ଫଜଲ ଏବଂ ବାହରିସ୍ତାନ-ଇ-ଘାଇବି (ବାହରିସ୍ତାନ-ଇ-ଘାଇବି ସମସାମୟିକ ବଙ୍ଗଳାର ଇତିହାସର ଏକ ଅନନ୍ୟ ଦସ୍ତାବିଜ ଓ ଇତିହାସର ଉତ୍ସ) ଅନୁସାରେ ଇସା ଖାନ ଏବଂ ତାଙ୍କର ବାର ଜଣ ଜମିଦାର ସହଯୋଗୀଙ୍କ ନାମ ତାଲିକା ହେଲା- - (i) ଇସା ଖାନ୍ ମସନାଦ-ଇ-ଆଲା,(ii) ଇବ୍ରାହିମ୍ ନାରାଲ, (iii) କରିମଦାଦ ମୁସାଜାଇ, (iv) ମଜଲିସ୍ ଦିଲଓ୍ୱାର,(ଙ୍ଗ) ମଜଲିସ୍ ପ୍ରତାପ, (ଙ୍ଗସ) କେଦାର ରାୟ, (vii) ଶେର୍ ଖାନ୍,(ଙ୍ଗସସସ) ଭଦୁର ଗାଜୀ,(ସଙ୍ଘ) ତିଲା ଗାଜୀ, (x) ଚାନ୍ଦ ଗାଜୀ, (xi) ସୁଲତାନ ଗାଜୀ, (xii) ସେଲିମ୍ ଗାଜି, (xiii) କାସୀମ ଗାଜୀ । ଏମାନେ ସମସ୍ତ ଭୂୟାଁ କ୍ଷତ୍ରିୟ ହିନ୍ଦୁ ଧର୍ମକୁ ପରିତ୍ୟାଗ କରି ଇସ୍ଲାମ ଧର୍ମକୁ ଗ୍ରହଣ କରିଥିଲେ । ଇସା ଖାନ୍ଙ୍କ ଶାସନ କାଳରେ, ସେ ସଫଳତାର ସହିତ ପୂର୍ବ ବଙ୍ଗଳାର ବାରଭୂୟାଁ ମାନଙ୍କୁ ଏକତ୍ରିତ କରି ବଙ୍ଗଳାର ମୋଗଲ ଆକ୍ରମଣକୁ ପ୍ରତିରୋଧ କରିଥିଲେ । ସ୍ଥାନୀୟ ବାରଟି ଆଞ୍ଚଳିକ ଜମିଦାରର ମାଲିକ ହିସାବରେ ସେମାନେ ମୋଗଲ ସମ୍ରାଟ ଆକବର ଏବଂ ଜାହାଙ୍ଗୀରଙ୍କ ସାମ୍ରାଜ୍ୟବାଦକୁ ପ୍ରତିରୋଧ କରିଥିଲେ । ସେମାନେ ମିଳିତ ଭାବରେ ମୁଗଲ ବିସ୍ତାରକୁ ପ୍ରତିରୋଧ କରିଥିଲେ । କୁହାଯାଏ ଯେ ମୋଗଲ ସମ୍ରାଟ ଆକବର ଏବଂ ଜାହାଙ୍ଗୀର ଦ୍ୱାରା ବଙ୍ଗଳା ଦଖଲ ସମୟରେ ବାରଭୂୟାଁଙ୍କ ସଂଖ୍ୟା ବୃଦ୍ଧି ପାଇଥିଲା । ସେମାନେ ଭାଗୀରଥୀ ନଦୀ ଠାରୁ ମେଘନା ନଦୀ ପର୍ଯ୍ୟନ୍ତ 'ଭାଟି' ଅଂଚଳର ଶାସକ ଥିଲେ । ବାରଭୂୟାଁ ମାନେ ଏହି ଅଞ୍ଚଳରେ କ୍ଷମତାକୁ ଆସି ମୋଗଲମାନଙ୍କ ପ୍ରତିରୋଧ କରିଥିଲେ । ଇସା ଖାନ୍ଙ୍କ ମୃତ୍ୟୁ ପରେ ସମଗ୍ର ପୂର୍ବବଙ୍ଗ ଅଞ୍ଚଳ ସମ୍ପୂର୍ଣ୍ଣ ଭାବେ ମୋଗଲଙ୍କ ଅଧୀନକୁ ଯାଇଥିଲା । ଜଣେ ବିଦ୍ରୋହୀ, ଦେଶପ୍ରେମୀ ଏବଂ ଏକତାର ପ୍ରତୀକ ଭାବରେ ସେ ବଙ୍ଗଳାଦେଶରେ ଏକ ପରିଚିତ ବ୍ୟକ୍ତିତ୍ୱ ଅଟନ୍ତି । ଭୂୟାଁ ଜମିଦାର ମାନଙ୍କ ଦ୍ୱାରା ନିର୍ମିତ ଅନେକ ମସଜିଦ ଏବେ ମଧ୍ୟ ବଙ୍ଗଳାଦେଶରେ ଅଛି । ସେମାନଙ୍କ ମଧ୍ୟରୁ ଚାନ୍ଦ ଗାଜି ଭୂୟାଁ ମସଜିଦ ଅନ୍ୟତମ ଯାହା ଚାନ୍ଦ ଖାନ ମସଜିଦ ଭାବରେ ମଧ୍ୟ ଜଣାଶୁଣା । ଏହି ଭୂୟାଁ ଜମିଦାର ମାନଙ୍କ ଦାୟାଦ ଇକବାଲ କରିମ ଭୂୟାଁ ୨୦୧୨ ରୁ ୨୦୧୫ ପର୍ଯ୍ୟନ୍ତ ବାଂଲାଦେଶ ସେନାର ମୁଖ୍ୟ ଭାବରେ କାର୍ଯ୍ୟ କରିଥିଲେ ।

କିନ୍ତୁ ଆସାମ ଓ ପଶ୍ଚିମ ବଙ୍ଗ ଓ ଓଡ଼ିଶାର ଭୂୟାଁ କ୍ଷତ୍ରିୟମାନେ ସେମାନଙ୍କ ପୂର୍ବ ହିନ୍ଦୁ ପରମ୍ପରାକୁ ବଜାୟ ରଖିଆସିଛନ୍ତି । ଓଡିଶାର ଖଲ୍ଲିକୋଟ ରାଜପରିବାର ଭୂୟାଁ କ୍ଷତ୍ରିୟ ନାମରେ ପରିଚିତ । ସେମାନେ ରାମ ଭୂୟାଁଙ୍କ ଦାୟାଦ ଅଟନ୍ତି ଓ ରାମ ଭୂୟାଁ ମରହଟ୍ଟା ଆକ୍ରମଣରୁ ନିଜରାଜ୍ୟକୁ ସୁରକ୍ଷିତ ରଖିଥିବାରୁ ଓଡ଼ିଶାର ତତ୍କାଳୀନ ଗଜପତି ରାଜା ପୁରୁଷୋତ୍ତମ ଦେବ ତାଙ୍କୁ ମର୍ଦ୍ଦରାଜ ଆଖ୍ୟା ପ୍ରଦାନ କରିଥିଲେ ଓ ଆସାମର ସାଧୁ-ପଣ୍ଡିତ, କବି, ନାଟ୍ୟକାର, ନୃତ୍ୟଶିଳ୍ପୀ, ସଂଗୀତଜ୍ଞ, ସାମାଜିକ-ଧାର୍ମିକ ସଂସ୍କାରକ ଶ୍ରୀମନ୍ତ ଶଙ୍କର ଦେବ ଜଣେ ସାଂସ୍କୃତିକ ତଥା ଧାର୍ମିକ ବ୍ୟକ୍ତିତ୍ୱ । ସେ ଆରମ୍ଭ କରିଥିବା ଭାଗବତ ଧର୍ମ ଆନ୍ଦୋଳନ, ଏକଶ୍ୱରନାମା ଧର୍ମକୁ ନବ-ବୈଷ୍ଣବ ଆନ୍ଦୋଳନ ମଧ୍ୟ କୁହାଯାଉଥିଲା । ତାଙ୍କର ଧର୍ମ ପ୍ରଚାର ମଧ୍ୟଯୁଗୀୟ ଅହୋମ ରାଜ୍ୟକୁ ପ୍ରଭାବିତ କରିଥିଲା । ଉତ୍ତର ବଙ୍ଗ



ଓ ଆସାମର ଗୁରୁତ୍ୱପୂର୍ଣ୍ଣ ସାମାଜିକ-ଧାର୍ମିକ ଅନୁଷ୍ଠାନ ତାଙ୍କର ଭକ୍ତି ଆନ୍ଦୋଳନ ଦ୍ୱାରା ପ୍ରଭାବିତ ହୋଇଥିଲା । ସେ ଆସାମର ନାଗାଓଁ ଜିଲ୍ଲାର ବୋର୍ଡୋଓ୍ୱା ନିକଟ ଆଲିପୁଖୁରୀରେ ବଡଭୂୟାଁ ଶିରୋମଣି (ମୁଖିଆ) ପରିବାରରେ ୧୪୪୯ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଥିଲା କୁସୁମବର୍ ଭୂୟାଁଏବଂ ମାତାଙ୍କ ନାମ ଥିଲା ସତ୍ୟସନ୍ଧ୍ୟା ଦେବୀ ।

## ବୋଧୋ ଭୂମି ଓ ସାବାସ ବଙ୍ଗଳାଦେଶ: ସ୍ୱାଧୀନତା ସଂଗ୍ରାମୀମାନଙ୍କର ଶ୍ମଶାନର ସ୍ମାରକ

୧୯୪୮ ମସିହାରେ, ପାକିସ୍ତାନ ସୃଷ୍ଟି ହେବାର କିଛି ମାସ ପରେ, ଗଭର୍ଣ୍ଣର ଜେନେରାଲ ମହମ୍ମଦ ଅଲି ଜିନ୍ନା ଉର୍ଦ୍ଦୁକୁ ନୂତନ ପାକିସ୍ତାନର ଜାତୀୟ ଭାଷା ଭାବରେ ଘୋଷଣା କରିଥିଲେ, ଯଦିଓ ସେହି ସମୟରେ ପୂର୍ବ ପାକିସ୍ତାନ (ବଙ୍ଗଳାଦେଶ )ର ଜନସଂଖ୍ୟାର ଚାରି ପ୍ରତିଶତ ଲୋକ ଉର୍ଦ୍ଦୁ ଭାଷା ଜାଣିଥିଲେ । ଉର୍ଦ୍ଦୁ ବ୍ୟବହାରକୁ ବିରୋଧ କରୁଥିବା ଲୋକଙ୍କୁ ପୂର୍ବ ପାକିସ୍ତାନରେ ଦେଶଦ୍ରୋହୀ ତଥା ଶତ୍ରୁ ଭାବରେ ବିବେଚନା କରାଗଲା । ବଙ୍ଗୀୟ ଭାଷାକୁ ଦ୍ୱିତୀୟ ଜାତୀୟ ଭାଷା ଭାବରେ ମାନ୍ୟତା ଦେବା ପାଇଁ ପୂର୍ବ ପାକିସ୍ତାନରେ ବଙ୍ଗଳା ଭାଷା ଆନ୍ଦୋଳନ ଆରମ୍ଭ ହୋଇଥିଲା ସୈନ୍ୟ ବାହିନୀ ଏବଂ ସରକାରୀ ଚାକିରୀରେ ନବେ ଭାଗ ଲୋକ ପଶ୍ଚିମ ପାକିସ୍ତାନର ଥିଲେ । ପାକିସ୍ତାନ ସୈନ୍ୟ ବାହିନୀରେ ପଶ୍ଚିମ ପାକିସ୍ତାନର ଅଧିକାଂଶ ଲୋକ ଥିବାରୁ ୧୯୬୫ ର ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ଭାରତୀୟ ଆକ୍ରମଣ ମାମଲାରେ ନିଜ ଦେଶକୁ ବଙ୍ଗାଳୀମାନେ


ଅସୁରକ୍ଷିତ ମନେ କରୁଥିଲେ । ୧୨ ନଭେମ୍ବର ୧୯୭୦ରେ ହୋଇଥିବା ଭୋଲା ଘୂର୍ଣ୍ଣିବାତ୍ୟା ସମୟରେ ପୂର୍ବ ପାକିସ୍ତାନର ସରକାରୀ କର୍ମଚାରୀ ମାନେ ବଙ୍ଗାଳୀଙ୍କ ଦୁଃଖ ପ୍ରତି ସହାନୁଭୂତି ଦେଖାଇ ନଥିଲେ ଏବଂ ରିଲିଫ୍ ବଣ୍ଟନରେ ଅବହେଳା କରିଥିଲେ । ପଶ୍ଚିମ ପାକିସ୍ତାନର ମୁସଲିମ ଲିଗ୍‌ର ବିକଳ୍ପ ଭାବରେ ପୂର୍ବ ପାକିସ୍ତାନରେ ପ୍ରତିଷ୍ଠିତ ନୂତନ ଆୱାମୀ ଲିଗ୍ ପାଇଁ ଦୃଢ ସମର୍ଥନ ମିଳିଲା । ୧୯୭୦ରେ ଶେଖ ମୁଜିବୁର ରହମାନଙ୍କ ନେତୃତ୍ୱରେ ଆୱାମୀ ଲିଗ୍ (ପୂର୍ବ ପାକିସ୍ତାନରେ ଅବସ୍ଥିତ ଏକ ଦଳ) ଜାତୀୟ ନିର୍ବାଚନରେ ୧୬୯ଟି ଆସନ ମଧ୍ୟରୁ ୧୬୭ଟି ଏବଂ ପାକିସ୍ତାନର ଜାତୀୟ ବିଧାନସଭାରେ ମୋଟ ୩୨୩ଟି ଆସନ ମଧ୍ୟରୁ ଅଧିକାଂଶ ଜିତିଥିଲା । ପୂର୍ବ ପାକିସ୍ଥାନରେ ଆୱାମୀ ଲିଗ୍ ଜାତୀୟ ସ୍ତରରେ ସଂଖ୍ୟା ଗରିଷ୍ଠତା ହାସଲ କରି ପୂର୍ବ ପାକିସ୍ଥାନକୁ ଧକ୍କା ଦେଇଥିଲା । ଗଣତାନ୍ତ୍ରିକ ଆଦର୍ଶ ଦୃଷ୍ଟିରୁ ଏହା ଆୱାମୀ ଲିଗ୍‌କୁ ସରକାର ଗଠନ କରିବାର ଅଧିକାର ଦେଇଥିଲା । ତେବେ ପାକିସ୍ତାନ ପିପୁଲ୍ସ ପାର୍ଟିର ନେତା ଜୁଲଫିକର ଅଲି ଭୁଟ୍ଟୋ ଶେଖ ମୁଜିବୁର ରହମାନଙ୍କୁ ପାକିସ୍ତାନର ପ୍ରଧାନମନ୍ତ୍ରୀ ହେବାକୁ ମନା କରିଥିଲେ । ପାକିସ୍ତାନ ପ୍ରଧାନମନ୍ତ୍ରୀ ଯାହିୟା ଖାନ ଜୁଲଫିକର ଅଲି ଭୁଟ୍ଟୋଙ୍କ ଚାପରେ ପାକିସ୍ତାନର ରାଷ୍ଟ୍ରପତି ଜାତୀୟ ବିଧାନସଭା ଅଧିବେଶନକୁ ସ୍ଥଗିତ ରଖିଥିଲେ । ରାଷ୍ଟ୍ରପତି ଯାହିୟା ଖାନ, ଜୁଲଫିକର ଅଲି ଭୁଟ୍ଟୋଙ୍କ ଦ୍ୱାରା ପ୍ରେରିତ ହୋଇ ଆୱାମୀ ଲିଗକୁ ନିଷିଦ୍ଧ କରି ସାମରିକ ଆଇନ ଘୋଷଣା କରିଥିଲେ । ମୁଜିବୁରଙ୍କୁ ୨୬ ମାର୍ଚ୍ଚ ୧୯୭୧ରେ ଗିରଫ କରାଯାଇଥିଲା । ପାକିସ୍ତାନୀ ଶାସକ ଶ୍ରେଣୀ, ବଙ୍ଗୀୟ ବୁଦ୍ଧିଜୀବୀ ଏବଂ ଛାତ୍ରମାନଙ୍କୁ ପୂର୍ବ ପାକିସ୍ଥାନରେ ବଙ୍ଗାଳୀ ଜାତୀୟତାର ଉତ୍‌ଥାନର ମୁଖ୍ୟ ପ୍ରୋତ୍ସାହକ ଭାବରେ ଦେଖୁଥିଲା । ଏହି ସବୁ ଆନ୍ଦୋଳନ ପାଇଁ ହିନ୍ଦୁ ବୁଦ୍ଧିଜୀବୀ ଏବଂ ହିନ୍ଦୁ ଛାତ୍ର ମାନେ ଦାୟୀ ବୋଲି ପାକିସ୍ତାନ ସେନାର ହୃଦବୋଧ ହୋଇଥିଲା । ଏମାନଙ୍କୁ ଦମନ ପାଇଁ ୨୫ ମାର୍ଚ୍ଚ ୧୯୭୧ରେ 'ଅପରେସନ୍ ସର୍ଚ୍ଚ ଲାଇଟ୍' ଆରମ୍ଭ ହୋଇଥିଲା, ଯଦ୍ଦ୍ୱାରା ହିନ୍ଦୁମାନଙ୍କ ବିରୋଧରେ ବ୍ୟାପକ ହତ୍ୟା, ଅତ୍ୟାଚାର ଏବଂ ମାନବିକ ଅଧିକାରର ଉଲ୍ଲଂଘନ ହୋଇଥିଲା ।

୧୯୭୧ ମସିହା ମାର୍ଚ୍ଚ ୨୫ ତାରିଖ ରାତି ୧୨ଟା ପରେ ସେନା ଢାକା ବିଶ୍ୱବିଦ୍ୟାଳୟର ଜଗନ୍ନାଥ ହଲ୍‌ରେ ପ୍ରବେଶ କଲା ଏବଂ ପ୍ରଥମେ ମୋର୍ଟାର ସାହାଯ୍ୟରେ ହଲ୍ ଉପରେ ଆକ୍ରମଣ କଲେ । ସେମାନେ ଉତ୍ତର ଏବଂ ଦକ୍ଷିଣ ଫାଟକ ଦେଇ ପ୍ରବେଶ କରି ୩୪ ଜଣ ଛାତ୍ରଙ୍କୁ ହତ୍ୟା କରିଥିଲେ । ଜଗନ୍ନାଥ ହଲର କିଛି ଛାତ୍ର କାଳୀ ମନ୍ଦିର ସାହିର ବାସିନ୍ଦା ଥିଲେ । ସେମାନଙ୍କ ମଧ୍ୟରେ ରମଣୀ ମୋହନ ଭଟ୍ଟାଚାର୍ଜୀଙ୍କ ନାମ ଛାତ୍ର ନେତା ହିସାବରେ ଜଣାଶୁଣା । ସାମରିକ କାର୍ଯ୍ୟାନୁଷ୍ଠାନ ଫଳରେ ମୋଟ ୩୦୦ ଛାତ୍ରଙ୍କ ମୃତ୍ୟୁ ଆକଳନ କରାଯାଇଥିଲା । ମୁକ୍ତିବାହିନୀ ପଛରେ ହିନ୍ଦୁ ପ୍ରଫେସର୍‌ମାନଙ୍କ ହାତ ଥିବା ଦର୍ଶାଯାଇ ବିଶ୍ୱବିଦ୍ୟାଳୟର ଦର୍ଶନଶାସ୍ତ୍ରର ପ୍ରଫେସର ଡକ୍ଟର ଗୋବିନ୍ଦ୍ର ଚନ୍ଦ୍ର ଦେବ, ତାଙ୍କ ଜ୍ୱାଇଁ ଏବଂ ପ୍ରଫେସର ଜ୍ୟୋତିର୍ମୟ ଗୁହାଙ୍କୁ ହତ୍ୟା କରିଥିଲେ ।

୧୯୭୧ ମସିହା ମାର୍ଚ୍ଚ ୨୫ ରୁ ୨୭ ମାର୍ଚ୍ଚ ମଧ୍ୟରେ ପାକିସ୍ତାନ ସେନା ତିନୋଟି ମନ୍ଦିରକୁ ଧ୍ୱଂସ କଲା । ଏହାକୁ ଭାଙ୍ଗିବା ପୂର୍ବରୁ ରାମନା କାଳୀ ମନ୍ଦିରରେ ଅତି କମରେ ୮୫ ଜଣଙ୍କୁ ଉଦ୍ଦେଶ୍ୟମୂଳକ ଭାବେ ହତ୍ୟା କରାଯାଇଥିଲା । ସେହି ଦିନ ରାତିରେ ଦର୍ଶନ ବିଭାଗର କର୍ମଚାରୀ ଖାଗେନ ଦେ, ତାଙ୍କ ପୁଅ ମୋତିଲାଲ ଦେ, ବିଶ୍ୱବିଦ୍ୟାଳୟର କର୍ମଚାରୀ ଶୁଶିଲ ଚନ୍ଦ୍ର ଦେ, ବୋଧିରାମ, ଡାକୁରାମ, ଭିମ ରାୟ, ମଣିରାମ, ଜହରଲାଲା ରାଜଭର, ମୋନଭରଣ ରାୟ, ପାଇପ କର୍ମଚାରୀ ରାଜଭର ଏବଂ ଶଙ୍କର କୁରିଙ୍କୁ ହତ୍ୟା କରା ଯାଇଥିଲା । ଏହାପରେ ବିଶ୍ୱବିଦ୍ୟାଳୟର ମଧୁର କ୍ୟାଣ୍ଟିନର ମାଲିକ ମଧୁସୂଦନ ଦେଙ୍କୁ ମଧ୍ୟ ହତ୍ୟା କରାଯାଇଥିଲା ।

ମୁକ୍ତି ଯୁଦ୍ଧରେ ସହିଦ ହୋଇଥିବା ରାଜଶାହୀ ବିଶ୍ୱବିଦ୍ୟାଳୟର ତିନିଜଣ ଶିକ୍ଷକ ହେଉଛନ୍ତି ହବିବୁର ରହମାନ, ସୁଖରଂଜନ ସମଦ୍ଦାର ଏବଂ ମୀର ଅବଦୁଲ କାୟୁମ । ପ୍ରଫେସର ସୁଖରଂଜନ ସମଦ୍ଦାର ୧୪ ଏପ୍ରିଲ ୧୯୭୧ ରେ ରାଜଶାହୀ ବିଶ୍ୱବିଦ୍ୟାଳୟରେ ପ୍ରଥମ ସହିଦ ହୋଇଥିଲେ । ସେ ଭାଷା ବିଭାଗ ଅଧୀନରେ ସଂସ୍କୃତର ପ୍ରଫେସର ଥିଲେ । ସେଦିନ ସକାଳେ ପାକ୍ ସେନା ତାଙ୍କୁ ପାଶିମପାରାସ୍ଥିତ ଶିକ୍ଷକ କ୍ୱାର୍ଟରରୁ କାବୁ କରି ହତ୍ୟା କରିଥିଲା । ୧୯୭୧ ମସିହା ଜୁଲାଇରେ ତାଙ୍କର ବ୍ୟବହୃତ ଚପଲ ଏବଂ ଭଙ୍ଗା ଚଷମା ଉଦ୍ଧାର କରା ଯାଇଥିଲା । ସ୍ୱାଧୀନତା ପରେ ତାଙ୍କ ମୃତଦେହ ଉଦ୍ଧାର କରାଯାଇ ବିଶ୍ୱବିଦ୍ୟାଳୟର କେନ୍ଦ୍ରୀୟ ଲାଇବ୍ରେରୀ ସମ୍ମୁଖରେ ପୋତି ଦିଆ ଯାଇଥିଲା । ମୁକ୍ତି ଯୁଦ୍ଧ ସମୟରେ ପାକ୍ ସେନା ବିଶ୍ୱବିଦ୍ୟାଳୟର ଛାତ୍ର, ଶିକ୍ଷକ ଏବଂ କର୍ମଚାରୀଙ୍କୁ ହତ୍ୟା କରି ଜୋହା ହଲ୍ ପଛରେ ଲୋକଙ୍କୁ ପୋତି ଦେଇଥିଲା । ବିଶ୍ୱବିଦ୍ୟାଳୟର ମୁଖ୍ୟ ଫାଟକରେ କଳାକାର ନିତୁନ କୁଣ୍ଡୁଙ୍କ ଦ୍ୱାରା ନିର୍ମିତ ମୂର୍ତ୍ତି 'ସାବାସ ବଙ୍ଗଳାଦେଶ' ଏହି ସବୁ ହତ୍ୟାକାଣ୍ଡର ପ୍ରତୀକ ବହନ କରେ । 'ବୋଧୋ ଭୂମି' ରାଜଶାହୀ ବିଶ୍ୱବିଦ୍ୟାଳୟର ପୂର୍ବ ପାର୍ଶ୍ୱରେ ଅବସ୍ଥିତ । ଏହା ଏକ ଯୁଦ୍ଧ ଶ୍ମଶାନ । ୧୯୭୧ ମସିହାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଏହା ଏକ ଶ୍ମଶାନ ସ୍ମାରକୀ ।

୧୯୭୧ର ବାଂଲାଦେଶ ମୁକ୍ତି ଯୁଦ୍ଧ ସମୟରେ ପାକିସ୍ତାନୀ ସୈନ୍ୟ ଏବଂ ରଜାକର ସାମରିକ ବାହିନୀର ସଦସ୍ୟମାନେ ୨୦୦,୦୦୦ ରୁ ୪୦୦,୦୦୦ ବଙ୍ଗୀୟ ମହିଳା ଓ ବାଳିକାଙ୍କୁ ବଳାତ୍କାର କରିଥିଲେ । ପାକିସ୍ତାନୀ ସେନା ଏବଂ ଏହାର ସହଯୋଗୀମାନଙ୍କ ଦ୍ୱାରା ଅଧିକାଂଶ ବଳାତ୍କାରର ଶିକାର ହୋଇଥିଲେ ହିନ୍ଦୁ ମହିଳା । ଏହି ମହିଳାମାନଙ୍କ ମଧ୍ୟରୁ କେତେକ ବନ୍ଦୀ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ କିମ୍ବା ଆତ୍ମହତ୍ୟା କରିଥିବାବେଳେ ଅନ୍ୟମାନେ ବଙ୍ଗଳା ଦେଶରୁ ଭାରତକୁ ପଳାଇ






ଆସିଥିଲେ । ପାକିସ୍ତାନୀ ଶାସକ ଶ୍ରେଣୀ ବିଶ୍ୱାସ କରୁଥିଲେ ଯେ ବଙ୍ଗାଳୀଙ୍କ ବିଦ୍ରୋହ ପଛରେ ହିନ୍ଦୁମାନେ ଅଛନ୍ତି ଏବଂ ହିନ୍ଦୁ ମାନଙ୍କ ନିପାତ ହେବା ମାତ୍ରେ ବିବାଦର ସମାଧାନ ହେବ । ପାକିସ୍ତାନୀମାନଙ୍କ ପାଇଁ ହିନ୍ଦୁମାନଙ୍କପ୍ରତି ହିଂସା ଏକ ରଣନୀତିକ ନୀତି ଥିଲା । ପାକିସ୍ତାନ ସୈନ୍ୟଙ୍କ ଅତ୍ୟାଚାରରୁ ବର୍ତ୍ତିବା ବଙ୍ଗଳାଦେଶରୁ ଅଧିକାଂଶ ହିନ୍ଦୁ ଶରଣାର୍ଥୀ ଭାବେ ଭାରତକୁ ପଳାଇଥିଲେ । ଶରଣାର୍ଥୀଙ୍କ ବୋଝ ବଳି ପଡ଼ିବାରୁ ଭାରତ ପାକିସ୍ତାନ ବିରୋଧରେ ଯୁଦ୍ଧ ଘୋଷଣା କରିଥିଲା । ବଙ୍ଗଳାଦେଶର ସ୍ୱାଧୀନତା ପାଇଁ ମୁକ୍ତି ବାହିନୀଙ୍କ ସଂଗ୍ରାମକୁ ଭାରତୀୟ ସେନା ସମର୍ଥନ କରିଥିଲା । ଭାରତର ସମର୍ଥନରେ ଡିସେମ୍ବର ୬, ୧୯୭୧ରେ ଭାରତୀୟ ସଂସଦ ବଙ୍ଗଳାଦେଶକୁ ଏକ ସ୍ୱାଧୀନ ଦେଶ ଭାବରେ ସ୍ୱୀକୃତି ଦେଇଥିଲା । ୧୬ ଡିସେମ୍ବର ୧୯୭୧ ରେ ପାକିସ୍ତାନୀ ସୈନ୍ୟଙ୍କ ପରାଜୟ ପରେ ଶେଖ ମୁଜିବୁର ରହମାନଙ୍କୁ ପାକିସ୍ତାନ ଜେଲରୁ ମୁକ୍ତ କରା ଯାଇଥିଲା । ମୁଜିବୁର ବଙ୍ଗଳାଦେଶର ପ୍ରଧାନମନ୍ତ୍ରୀ ଭାବରେ ସରକାରଙ୍କ ନେତୃତ୍ୱ ନେଇଥିଲେ । ଡିସେମ୍ବର ୧୯୭୧ରେ ପାକିସ୍ତାନୀ ସୈନ୍ୟ ବାହିନୀ ଆତ୍ମସମର୍ପଣ କରିବା ଏବଂ ରଜାକର ମିଲିସିଆ ମାନେ ଭୟରେ ପାକିସ୍ତାନ ପଳାୟନ ପରେ ଏହି ଅତ୍ୟାଚାର ଶେଷ ହୋଇଥିଲା । ୧୫ ଅଗଷ୍ଟ ୧୯୭୫ ରେ ବଙ୍ଗବନ୍ଧୁ ମୁଜିବୁରଙ୍କୁ ହତ୍ୟା କରା ଯାଇଥିଲା । ମୁଜିବୁରଙ୍କ ହତ୍ୟା ସମୟରେ ତାଙ୍କ ବଡ଼ଝିଅ ଶେଖ ହସିନା ପଶ୍ଚିମ ଜର୍ମାନୀରେ ଥିଲେ । ଶେଖ ହସିନା ୧୭ ମଇ ୧୯୮୧ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ରହୁଥିଲେ । ମୁଜିବୁରଙ୍କୁ ହତ୍ୟା ପରେ ଜିଆ ଉର୍ ରହମାନ ଯିଏ କି ସେନାବାହିନୀର ମୁଖ୍ୟ ଥିଲେ ୧୯୭୭ ରୁ ୧୯୮୧ ପର୍ଯ୍ୟନ୍ତ ବଙ୍ଗଳାଦେଶର ରାଷ୍ଟ୍ରପତି ଭାବରେ କାର୍ଯ୍ୟ କରିଥିଲେ । ଜିଆଉର କୋଲକାତାର ହେରେ ସ୍କୁଲର ଛାତ୍ର ଥିଲେ । ଅଗଷ୍ଟ ୧୯୪୭ ରେ ବିଭାଜନ ସମୟରେ ସେ କରାଚି ଯାଇ ପାକିସ୍ତାନୀ ସେନାରେ ଯୋଗ ଦେଇଥିଲେ । ସେ ୧୯୬୫ ଏବଂ ୧୯୭୧ର ଭାରତ-ପାକିସ୍ତାନ ଯୁଦ୍ଧରେ ଭାରତ ବିରୁଦ୍ଧରେ ଲଢ଼ିଥିଲେ । ଯୁଦ୍ଧ ସମୟରେ ତାଙ୍କର ଭାରତ ବିରୋଧୀ ମନୋଭାବ ପ୍ରବଳ ହୋଇଥିଲା । ବଙ୍ଗଳାଦେଶର ରାଷ୍ଟ୍ରପତି ହେବା ପରେ ସେ ପାକିସ୍ତାନ, ଆମେରିକା ଏବଂ ଚୀନ୍ ସହ ସମ୍ପର୍କକୁ ସୁଦୃଢ଼ କରି ଭାରତ ଏବଂ ସୋଭିଏତ୍ ୟୁନିଅନ୍ ସହିତ ସମ୍ପର୍କକୁ ଶେଷ କରିଥିଲେ । ୧୯୭୮ ରେ ରହମାନ ବଙ୍ଗଳାଦେଶରେ ଭାରତୀୟ ଆଧିପତ୍ୟକୁ ବିରୋଧ କରି ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି (ବିଏନପି) ପ୍ରତିଷ୍ଠା କରିଥିଲେ । ଯେଉଁମାନେ ଭାରତକୁ ଦୃଢ ବିରୋଧ କରୁଥିଲେ ସେମାନଙ୍କୁ କେବଳ ତାଙ୍କ ଦଳରେ ସାମିଲ କରାଯାଇଥିଲା । ତାଙ୍କ ଦଳର ମୁଖ୍ୟ ଆଭିମୁଖ୍ୟ ଥିଲା ଭାରତ ବିରୋଧୀ ରାଜନୀତି ।

## ଉର୍ଦ୍ଦୁ ଭାଷୀ ବିହାରୀ ମୁସଲମାନ ଟି. ଟି. ଇ.ଙ୍କ ଦୁଃଖ

ରାଜଶାହୀରୁ ବିଦାୟ ଦିନ ଢାକା ଯିବା ନିମନ୍ତେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଜଣେ କର୍ମଚାରୀ ମୋ ହାତରେ ସିଲିକ ସିଟି ଏକ୍ସପ୍ରେସରେ ଟିକଟ ଧରାଇ ଦେଲେ । ସିଲିକ ସିଟି ନାମ ଶୁଣି ମୁଁ ଖୁସି ହୋଇଗଲି । ମୁଁ ଓଡ଼ିଶାର ଯେଉଁ ସହରରୁ ଆସିଥିଲି ତାହାର ନାମ ମଧ୍ୟ -'ସିଲ୍କ ସିଟି ବ୍ରହ୍ମପୁର' । ବଙ୍ଗଳାଦେଶରେ ଆଉ ଗୋଟେ ସିଲିକ ସିଟି ଥିବା ଜାଣି ମୁଁ ଖୁସି ହେଲି । ଏହା ଏକ ସଂଯୋଗ ମାତ୍ର । ଅଥଚ ତା ପୂର୍ବ ଦିନ ଆମ୍ଭେ ରାଜଶାହୀର ଟସର ଓ ରେଶମ ଉତ୍ପାଦନ କେନ୍ଦ୍ରକୁ ବୁଲିବାକୁ ଯାଇଥିଲୁ । କିନ୍ତୁ ମୁଁ ଜାଣି ନଥିଲି ଯେ ଏହି ସହରର ଅନ୍ୟ ନାମ ରେଶମ ସହର । ରାଜଶାହୀ ଶ୍ୱବିଦ୍ୟାଳୟର ପରିସରରେ ପ୍ରବେଶ, ସେଠାରେ ରହଣି ଏବଂ ରାଜଶାହୀ ରେଳ ଷ୍ଟେସନକୁ ଫେରିବା ପର୍ଯ୍ୟନ୍ତ ବଙ୍ଗଳାଦେଶ ପୋଲିସ ମୋ ପାଇଁ ଏକ ସୁରକ୍ଷା ବଳୟ ସୃଷ୍ଟି କରିଥାନ୍ତି । ରେଳ ଷ୍ଟେସନରେ ବିଦାୟ ବେଳରେ ସେମାନଙ୍କୁ ଧନ୍ୟବାଦ ଜଣାଇଲି ।

ଜଣେ ଉର୍ଦ୍ଦୁ ଭାଷାଭାଷୀ ବିହାରୀ ମୁସଲମାନ ଟି. ଟି. ଇ.ଙ୍କୁ ଭେଟ ହୋଇଥିଲା ସିଲିକ ସିଟି ଏକ୍ସପ୍ରେସ୍‌ରେ । ରେଳ ଯାତ୍ରା ସମୟରେ ସେ ତାଙ୍କର ଦୁଃଖ କଥା ବଖାଣିଲେ । ୧୯୭୧ ମସିହାର ବଙ୍ଗଳାଦେଶର ମୁକ୍ତି ସଂଗ୍ରାମ ବେଳେ ପାକିସ୍ତାନୀ ସେନା ବିଶେଷ କରି ଉର୍ଦ୍ଦ୍ୱଭାଷୀ ମୁସଲମାନଙ୍କ ଉପରେ ବିଶ୍ୱାସ ରଖୁଥିଲେ । କାରଣ ପଶ୍ଚିମ ପାକିସ୍ଥାନର ସେନାବାହିନୀ ଏବଂ ଅମଲାତନ୍ତ୍ରୀମାନେବଙ୍ଗଳା ଭାଷା ଜାଣିନଥିଲେ । ପାକିସ୍ଥାନର ସେନା ଏହି ଉର୍ଦ୍ଦ୍ୱଭାଷୀ ମୁସଲମାନଙ୍କ ଠାରୁ ଗୁପ୍ତ ତଥ୍ୟ ସଂଗ୍ରହ କରୁଥିଲେ । ପାକିସ୍ତାନ ସୈନ୍ୟଙ୍କ ବଙ୍ଗଳା ଭାଷୀ ଏବଂ ହିନ୍ଦୁ ଜନସାଧାରଣଙ୍କ ଉପରେ ଆକ୍ରମଣ ସମୟରେ ଏହାକୁ ତୀବ୍ର କରିବା ପାଇଁ ରଜାକର, ଅଲ-ବଦର ଏବଂ ଅଲ-ଶାମ ନାମକ ଅର୍ଦ୍ଧସାମରିକ ବା ପାରାମିଲିଟାରି ସେନା ସୃଷ୍ଟିକରିଥିଲା । ଏମାନଙ୍କ ସାହାଯ୍ୟରେ ପାକିସ୍ତାନୀ ସୈନ୍ୟ ଜାତୀୟତାବାଦୀ ବଙ୍ଗୀୟ ନାଗରିକ, ଛାତ୍ର, ବୁଦ୍ଧିଜୀବୀ, ଧାର୍ମିକ ସଂଖ୍ୟାଲଘୁ ହିନ୍ଦୁ ଏବଂ ସଶସ୍ତ୍ର ପୋଲିସ ବିରୋଧରେ ବିନାଶର ଏକ ନିୟମିତ ଅଭିଯାନ ଚଳାଇଥିଲେ । ପାକିସ୍ତାନ ସୈନ୍ୟଙ୍କ କଠୋର ହିନ୍ଦୁ ବିରୋଧୀ ନୀତି କାରଣରୁ ପ୍ରାୟ ୧୦ ନିୟୁତ ବଙ୍ଗାଳୀ ଶରଣାର୍ଥୀ ପଡୋଶୀ ଭାରତକୁ ପଳାଇଥିବା ବେଳେ ୩୦ ନିୟୁତ ଆଭ୍ୟନ୍ତରୀଣ ବିସ୍ଥାପିତ ହୋଇଥିଲେ । ଫଳରେ ବଙ୍ଗୀୟ ଭାଷୀ ଏବଂ ଉର୍ଦ୍ଦୁ ଭାଷାଭାଷୀ ବିହାରୀଙ୍କ ମଧ୍ୟରେ ସାମ୍ପ୍ରଦାୟିକ ହିଂସା ଆରମ୍ଭ ହୋଇଥିଲା । ୧୬ ଡିସେମ୍ବର ୧୯୭୧ରେ ପୂର୍ବ ପାକିସ୍ତାନୀ ସୈନ୍ୟଙ୍କ ଆତ୍ମସମର୍ପଣ ଏବଂ ବଙ୍ଗଳାଦେଶର ସ୍ୱାଧୀନତା ଘୋଷଣା ପରେ



ଅଧିକାଂଶ ରଜାକର ମାନେ ପାକିସ୍ତାନକୁ ପଳାଇଯାଇଥିଲେ । ଏମାନଙ୍କ ସମର୍ଥନରେ ସ୍ୱାଧୀନତାକୁ ବିରୋଧ କରୁଥିବାରୁ 'ଜମାତ ଦଳ' ଉପରେ ମଧ୍ୟ ପ୍ରତିବନ୍ଧକ ଲଗା ଯାଇଥିଲା । ଢାକା ରେଳ ଷ୍ଟେସନରେ ଓହ୍ଲାଇଲା ବେଳେ ତାଙ୍କ ମୁହଁରୁ ଅବଶୋଷର କେବଳ ଗୋଟିଏ କଥା ଶୁଣିଲି: 'ପୁଣି ଥରେ ଭାରତ-ପାକିସ୍ତାନ-ବଙ୍ଗଳାଦେଶର ଏକତ୍ରୀକରଣ ହୁଆନ୍ତାକି ?'

ଭ୍ରମଣ-୨

# ନିଆରା ନେପାଳ



# ନେପାଳରେ କେତୋଟି ଦିନ


## ଅଜିତ୍ ପାତ୍ର

ମାର୍ଫତ୍: ଡାକ୍ତର ସୁନୀତା ରାୟ,
ଓମ୍ ଡେଣ୍ଟାଲ୍ କ୍ଲିନିକ୍, ବଡ଼ ବଜାର,
ବାରିପଦା, ମୟୂରଭଞ୍ଜ-୭୫୭୦୦୧
ଫୋନ: ୯୮୬୧୬୨୯୭୦୨


ଫଟୋ ସୌଜନ୍ୟ: ଲେଖକ


**କୌଣସି ଦେଶକୁ ଭ୍ରମଣ କରିବା କଥା ଆସିଲେ ମୁଁ ବିଭୋର ହୋଇଯାଏ । ତାହା ପୁଣି ଯଦି ସାହିତ୍ୟଭିତ୍ତିକ ହୋଇଥିଲେ ତ କଥା ଅଲଗା । ସୁତରାଂ ନେପାଳ ଯିବାର ସୁଯୋଗ ଆସନ୍ତେ ମୋ ଠାରୁ ବେଶି ଖୁସି କିଏ ହେବ ! ଏମିତି ଏକ ସାହିତ୍ୟ ସେମିନାର୍‌ରେ ଯୋଗ ଦେବା ପାଇଁ ନେପାଳର ଅଗ୍ରଣୀ ଶିଶୁ ସାହିତ୍ୟ ସଂସ୍ଥା ବାଲ୍ ବାଙ୍ମୟ ତଥା ଅନୁସନ୍ଧାନ କେନ୍ଦ୍ର କାଠମାଣ୍ଡୁରୁ ଗୋଟିଏ ମେଲ୍ ଆସିଥିଲା । ସେଥିରେ ସେମାନେ ମୋ'ର ସମ୍ମତି ଲୋଡ଼ିଥିଲେ । ଏଥିରେ ପୁଣି ଅସମ୍ମତର କ'ଣ ଅଛି ! ତିନୋଟି ଦେଶ- ନେପାଳ, ଭାରତ ଓ ବାଂଲାଦେଶ ଅଂଶଗ୍ରହଣ କରିବେ । ଯିବାଆସିବା, ରହିବା ଏବଂ ତା ସାଙ୍ଗକୁ ଭ୍ରମଣ କରାଇବା ସେମାନଙ୍କର ଦାୟିତ୍ୱ । ଭାରତରୁ ଆମେ ଦୁଇଜଣ, ମୁଁ ଓ ପଶ୍ଚିମବଙ୍ଗରୁ ଆଉ ଜଣେ । କଲିକତା ଦେଇ କାଠମାଣ୍ଡୁ ଯିବାକୁ ହେଲେ ବାଟ ଦୁଇଟି । ଗୋଟିଏ ଆକାଶମାର୍ଗ ଓ ଆଉ ଗୋଟିଏ ସ୍ଥଳ-ପଥ । ଆମେ କିନ୍ତୁ ବାଛିନେଲୁ ସ୍ଥଳ-ପଥ । ନେପାଳର ଭ୍ରମଣାନୁଭୂତି, ଆମର ନିୟମିତ ଲେଖକ ଅଜିତ ପାତ୍ରଙ୍କ ଉପସ୍ଥାପନା ।**




ଲେଖକ ଅଜିତ ପାତ୍ର

ପଡ଼ୋଶୀ ଦେଶମାନଙ୍କରେ ଭ୍ରମଣ କରିବାକୁ ବହୁତ ଭଲଲାଗେ ତାହା ପୁଣି ଯଦି ସାହିତ୍ୟଭିତ୍ତିକ ଯାତ୍ରା ହୋଇଥାଏ ତା'ହେଲେ ମୋ ଠାରୁ ଅଧିକ ଖୁସି ବା ଆଉ କିଏ ହେବ ! ଏମିତି ଏକ ସାହିତ୍ୟ ସେମିନାର୍‌ରେ ଯୋଗ ଦେବା ପାଇଁ ନେପାଳର ଅଗ୍ରଣୀ ଶିଶୁ ସାହିତ୍ୟ ସଂସ୍ଥା ବାଲ୍ ବାଙ୍ମୟ ତଥା ଅନୁସନ୍ଧାନ କେନ୍ଦ୍ର (Children's Literature and Research Centre (CLRC), କାଠମାଣ୍ଡୁ, ନେପାଳରୁ ଗୋଟିଏ ମେଲ୍ ଆସିଥିଲା । ସେଥିରେ ସେମାନେ ମୋ'ର ସମ୍ମତି ଲୋଡ଼ିଥିଲେ । ଏଥିରେ ପୁଣି ସମ୍ମତିର କ'ଣ ଥାଏ! ତିନୋଟି ଦେଶ- ନେପାଳ, ଭାରତ ଓ ବାଂଲାଦେଶ ଅଂଶଗ୍ରହଣ କରିବେ । ଯିବାଆସିବା, ରହିବା ଏବଂ ତା ସାଙ୍ଗକୁ ଭ୍ରମଣ କରାଇବା ସେମାନଙ୍କର ଦାୟିତ୍ୱ । ଭାରତରୁ ଆମେ ଦୁଇଜଣ, ମୁଁ ଓ ପଶ୍ଚିମବଙ୍ଗରୁ ଆଉ ଜଣେ । କଲିକତା ଦେଇ କାଠମାଣ୍ଡୁ ଯିବାକୁ ହେଲେ ବାଟ ଦୁଇଟି । ଗୋଟିଏ ଆକାଶମାର୍ଗ ଓ ଆଉ ଗୋଟିଏ ସ୍ଥଳ-ପଥ । ଆମେ କିନ୍ତୁ ବାଛିନେଲୁ ସ୍ଥଳ-ପଥ । ନିର୍ଦ୍ଧାରିତ ଦିନ ୮ମାର୍ଚ୍ଚ ୨୦୨୩ର ରାତି ୬:୪୫ରେ ମୁଁ କଲିକତାର ଶିୟାଲଦା ଷ୍ଟେସନରେ ପହଞ୍ଚିଲା ବେଳକୁ ମାନିକ୍ ଦା' ଆସି ପହଞ୍ଚି ଯାଇଥିଲେ ପ୍ଲାଟଫର୍ମରେ । ଶୀତତାପ ନିୟନ୍ତ୍ରିତ ସିଟ୍‌ରେ ଶୋଇଶୋଇ, ଗପ କରୁକରୁ ଆମେ ତା'ପରଦିନ ସକାଳ ୯:୦୧ରେ ପହଞ୍ଚିଲୁ ଶିଲିଗୁଡ଼ିରେ । ପଶ୍ଚିମବଙ୍ଗର ଉତ୍ତର ଦିଗରେ ଶିଲିଗୁଡ଼ି, ଦାର୍ଜିଲିଂ ଓ ନିଉଜଲପାଇଗୁଡ଼ି ଦୁଇଟି ଜିଲ୍ଲାର ଅଂଶକୁ ନେଇ ଅବସ୍ଥିତ ଓ ଏହା ଗୋଟିଏ ବୃହତ ଶୈଳ ସହର । ଶିଲିଗୁଡ଼ିରୁ ଦାର୍ଜିଲିଂ, କଲିମ୍ପଂ ପୁଣି ସିକିମ୍‌ର ଗ୍ୟାଙ୍ଗଟକ୍, ପେଲିଂ ଯିବା ପାଇଁ ଏହାହିଁ ହେଉଛି କେନ୍ଦ୍ରସ୍ଥଳ । ଏହାକୁ ଉତ୍ତର-ପୂର୍ବ ଭାରତର ପ୍ରବେଶ ଦ୍ୱାର ବି କୁହାଯାଏ । ବହୁ ପୁରାତନ ବାଷ୍ପଚାଳିତ ଟୟଟ୍ରେନ୍‌ରେ ଚଢ଼ି କାଞ୍ଚନଜଙ୍ଘାର ବରଫାବୃତ ଶୃଙ୍ଗ ସାଙ୍ଗକୁ ଚାହା ବଗିଚା ଦେଖୁଦେଖୁ ଉପରତଳ ପାର୍ବତ୍ୟପଥର ଆନନ୍ଦ ନେଉନେଉ ପହଞ୍ଚି ପାରିବେ ଦାର୍ଜିଲିଂରେ । ଶେୟାର ବସ୍ ବା ମାଇକ୍ରୋ ଗାଡ଼ିଗୁଡ଼ିକ କୁହାଟ ମାରୁଥାନ୍ତି ସେହିସବୁ ସ୍ଥାନର ନାଁ ନେଇ । ନିର୍ଦ୍ଧାରିତ ମାଇକ୍ରୋଗାଡ଼ିରେ ଚାଲିଲୁ ପାନିଟାଙ୍କି ବା ନେପାଳର ବୋର୍ଡର୍‌କୁ । ଶିଲିଗୁଡ଼ି ସହର ଛାଡ଼ିବା ପରେ ରାସ୍ତା ଦୁଇକଡ଼ରେ ଚାହା ବଗିଚା ଦେଖା ଯାଉଛି । ମାର୍ଚ୍ଚ ମାସର ନୀଳ ଆକାଶ ସାଙ୍ଗକୁ ଆକାଶ ତଳେ ଝଙ୍କାଝଙ୍କା ସବୁଜିମା । ସେହି ଦିଗନ୍ତବିସ୍ତାରିତ ସବୁଜିମା ଭିତରେ ଗୋଟିଏ ଗୋଟିଏ ଅଜଣା ଡେଙ୍ଗାଡେଙ୍ଗା ଗଛ ସିଧା ବଢ଼ିଚାଲିଛି ନୀଳ-ଲିପା ଆକାଶ ଦିଶାରେ । ମୁଁ ଚାହିଁଲେ ବି ପବନ ସାଥିରେ ସେହି ସବୁଜିମା ପ୍ରାନ୍ତରେ ହଜିଯାଇ ପାରିବି ନାହିଁ, କାହିଁକି ନା ବୋର୍ଡର୍‌ରେ ଆମ ପାଇଁ ଇୟକିନା ଅଗାଧ ଅପେକ୍ଷା କରୁଛନ୍ତି । ଆମକୁ ବୋର୍ଡର ସେପାରି ନେଇଯିବା ପାଇଁ । ମଝିରେ ମଝିରେ ସାନସାନ ବଜାର ଇଲାକା ପଡୁଛି । ଏହା ହେଉଛି ପଶ୍ଚିମବଙ୍ଗର ଶେଷ ପ୍ରାନ୍ତର । ହଠାତ୍ ଆଖିରେ ପଡ଼ିଲା ରାସ୍ତା କଡ଼ରେ ରହିଛି ବିର୍ସା ମୁଣ୍ଡା ମହାବିଦ୍ୟାଳୟ, ଯାହାହେଉ ବିର୍ସା ମୁଣ୍ଡା ଏଠାରେ ସମ୍ମାନ ପାଉଛନ୍ତି । ଶିଲିଗୁଡ଼ିରୁ ପାନିଟାଙ୍କି ବା ନେପାଳ ବୋର୍ଡର ଦୂରତ୍ୱ ପ୍ରାୟ ୨୭ କିଲୋମିଟର । ଆମେ ଯେ କେତେବେଳେ ଇୟକିନା ଅଗାଧ ପାଖରେ ପହଞ୍ଚି ଯାଇଥିଲୁ, ଜାଣିପାରିଲୁ ନାହିଁ । ତାଙ୍କର ଉଷ୍ମ ଅଭ୍ୟର୍ଥନା ସହିତ ବ୍ୟସ୍ତତା, ଆମେ କ'ଣ ଖାଇଛୁ-ନଖାଇଛୁ ତାକୁ ନେଇ ।

ଯେତେ ମିତ୍ରଦେଶ ହେଲେ ବି ଦୁଇଟି ଦେଶର ସୀମାରେଖା ଅର୍ଥାତ୍ ବୋର୍ଡର ମନରେ ରୋମାଞ୍ଚ ସୃଷ୍ଟି କରେ । ଆମେ ସ୍ୱାଭାବିକ ରୋମାଞ୍ଚିତ ହୋଇଉଠୁଥିଲୁ । ସାମ୍ନାରେ ମେଚୀ ନଦୀ । ମେଚୀ ନଦୀ ନେପାଳର ମହାଭାରତ ପର୍ବତମାଳାରୁ ବାହାରି ନେପାଳ ଓ କେତେବେଳେ ନେପାଳ ଓ ଭାରତର ସୀମାରେଖାରେ ପ୍ରବାହିତ ହେଉହେଉ ବିହାରର କିଷନଗଞ୍ଜରେ ମହାନନ୍ଦା ନଦୀ ସହିତ ମିଶିଛି । ସେହି ମେଚୀ ନଦୀ ଉପରେ ଥିବା ଦୀର୍ଘ ସେତୁ ମଝିରେ ଆମକୁ ଭାରତର ଗାଡ଼ି ଓହ୍ଲାଇ ଦେଲା । ପୁଣି ଯାଇ ନେପାଳର ଗୋଟିଏ ଟଟୋ-ଗାଡ଼ିରେ ବସିଲୁ । ଅବଶ୍ୟ ଭାରତରୁ ନେଇ ଯାଇଥିବା ଗାଡ଼ି ନିର୍ଦ୍ଧାରିତ ଦିନ ପାଇଁ ଧାର୍ଯ୍ୟ ଟଙ୍କା ଦେଇ ବୋର୍ଡର୍‌ରେ କାଗଜପତ୍ର ତିଆରି କରି ନେପାଳକୁ ଯାଇ ପାରିବେ । ବୋର୍ଡର ସିକ୍ୟୁରିଟି ପୋଲିସ ଆମର ଭୋଟର୍ ପରିଚୟପତ୍ର ଦେଖିଲେ ନାଆଁକୁ ମାତ୍ର । ଆମ ଲଗେଜ୍ ଉପରେ ସେମାନଙ୍କ କୌଣସି ସନ୍ଦେହ ନାହିଁ । ସାମ୍ନାରେ ଇୟକିନାଙ୍କ ବୃହଦାକାର ବାଇକ୍ ରହିଛି ।

ପୋଲ ସେପାରି ନେପାଳର କାକରଭିଟାରେ ପହଞ୍ଚିଲୁ ପ୍ରାୟ ଦଶଟା ବେଳେ । ନେପାଳ ଦେଶଟି ସାତଟି ପ୍ରଦେଶରେ ବିଭକ୍ତ । ଏହା ନେପାଳର ପ୍ରଦେଶ-୧ର ଝାପା ଜିଲ୍ଲାରେ ଅବସ୍ଥିତ । ଆମକୁ ଯେଉଁ ହୋଟେଲରେ ରଖାଗଲା ମୁଁ ଦେଖିଲି ସେଠାରୁ ଭାରତର ମୋବାଇଲ୍ ନମ୍ବର କାମ କରୁଛି । ଘରକୁ ଖବର ଦେଇ ୱାଶ୍‌ରୁମ୍‌ରେ ପଶିଲି । ବିଶ୍ରାମ ନନେଇ ପ୍ରାୟ ଆମ ଦେଶ ପରି ଖାଦ୍ୟ ଯାହା ବେଶ୍ ସ୍ୱାଦିଷ୍ଟ ତାହା ଖାଇ ବାହାରିଲୁ । ଇୟକିନା ଓ ତାଙ୍କ ବନ୍ଧୁ ଆମକୁ କାକରଭିଟାର ଆଖପାଖ ଅଞ୍ଚଳକୁ ବୁଲେଇ ନେଇଯିବାକୁ ଚାହୁଁଛନ୍ତି । ହୋଟେଲ୍ ପାଖରେ ରହିଛି ଗୋଟିଏ ବେଶ୍



▶ ପ୍ରଶଂସା ରାଇ, ଲେଖକ ଅଜିତ ପାତ୍ର ଓ ଗେଷ୍ଟହାଉସ ଚଳାଉଥିବା ମହିଳା



▶ ସ୍କୁଲର ଶିକ୍ଷୟିତ୍ରୀମାନଙ୍କ ସହିତ ଲେଖକ ଅଜିତ ପାତ୍ର



▶ ଲେଖକ ଅଜିତ ପାତ୍ର, ସାରା ଓ ବିଶିଷ୍ଟ ଚିତ୍ରଶିଳ୍ପୀ ମୁକେଶ ଶ୍ରେଷ୍ଠ

ବଡ଼ ଶିବମନ୍ଦିର ଯେଉଁଠାରେ ଭକ୍ତଙ୍କ ସମାଗମରେ ଭିଡ଼ ଲାଗି ରହିଛି । ପୁଣି ଅଳ୍ପ ଦୂରରେ ରହିଛି ଭଦ୍ରକାଳୀ ମନ୍ଦିର । ନେପାଳି ଭାଷାର ଲିପି ହେଉଛି ଦେବନାଗରୀ ଲିପି, ସେଥିପାଇଁ ମତେ ପଢ଼ିବା ପାଇଁ ଏତେ ସହଜ ହେଉଛି ଆଉ ଏଠାରେ ସମସ୍ତେ କମ୍ ବେଶୀ ହିନ୍ଦୀ ଭାଷା ବୁଝନ୍ତି । ମଜାର କଥା ଦେଇଛି, ସୀମା ସେପାରିରେ ପଶ୍ଚିମବଙ୍ଗ କିନ୍ତୁ ଏଠାରେ କେହିହେଲେ ବଙ୍ଗଳା ଭାଷା ବୁଝନ୍ତି ନାହିଁ । ଆମେ ପୁଣି ଫେରୁଥିଲୁ ସେହି ଏସିଆ ହାଇୱେ ଦେଇ । ଦୂରରୁ ଦେଖିଲୁ ଏସିଆ ମହାଦେଶର ଗୋଟିଏ ବଡ଼ ଧରଣର କେସିନ୍‌କୁ । ଯେଉଁଠି ରହିଛି ଆଧୁନିକ ହୋଟେଲ୍ ସହିତ ମନୋରଞ୍ଜନ ପାଇଁ ସବୁ ବ୍ୟବସ୍ଥା । ମେଚୀ ସେତୁ ଉପରୁ ଦେଖିଲୁ ନଦୀ କଡ଼ରେ ଥିବା ସୀମା ଖୁଣ୍ଟଗୁଡ଼ିକୁ । ତା'ର ମାନେ ମେଚୀ ନଦୀ କେତେବେଳେ ଭାରତରେ ତ କେତେବେଳେ ନେପାଳର ସୀମାରେଖା ଦେଇ ପ୍ରବାହିତ ହେଉଛି ।

ଇୟକିନା ଆମ ପାଇଁ ଶୀତତାପ ନିୟନ୍ତ୍ରିତ ସବୁଠାରୁ ଭଲ ବସ୍‌ରେ ଆଗରୁ ଟିକେଟ କରି ରଖିଥିଲେ । ଦୁଇଜଣଙ୍କ ଭଡ଼ା ନେପାଳି ଟଙ୍କାରେ ୪୪୦୦ ଶହ । ମୁଁ ଇୟକିନାଙ୍କୁ ବହୁତ ଅନୁରୋଧ କଲି ଯେ- ଦିନସାରା ଯାହା ହେଲା, ହେଲା । କିନ୍ତୁ ବସ୍ ପାଇଁ ଟିକେଟ୍‌ର ଟଙ୍କା ଗ୍ରହଣ କରିବା ପାଇଁ । କିନ୍ତୁ ସିଏ କହିଲେ, "ଅଜିତ୍ ଜୀ ମୁଝେ ଇତ୍‌ନା କରନେ ଦିଜିଏ । ଇତ୍‌ନା କରନେ କେ ଲିଏ ମେରେ ପାସ୍ ସାମର୍ଥ୍ୟ ହୈ, ନହିଁ ରହତା ତ ନହିଁ କରତା ।" ଆଉ କହିବାର କିଛି ନଥିଲା । ଆମର ବସ୍ ସଞ୍ଜ ୫ଟା ବେଳେ ଚାଲିଲା କାଠମାଣ୍ଡୁ ଆଡ଼େ । ପଛରେ ରହିଗଲେ ଇୟକିନା ।

ଦେଖୁଦେଖୁ ଅନ୍ଧାର ଓହ୍ଲେଇ ଆସିଲା ପର୍ବତ, ଜଙ୍ଗଲରେ । ବସ୍ ଚାଲିଛି ଗୋଟିଏ ପରେ ଗୋଟିଏ ପର୍ବତଶ୍ରେଣୀ ପାରିହୋଇ ସଂକୀର୍ଣ୍ଣ ପଥରେ । ଉଚ୍ଚଉଚ୍ଚ ଗଛର ଘଞ୍ଚ ଜଙ୍ଗଲର ମଥାଣିରୁ କେତେବେଳେ କେତେବେଳେ ଛାଣି ହେଇ ଆସୁଥିବା ଚନ୍ଦ୍ରକିରଣରେ ଗୋଟିଏ ଗମ୍ଭୀରତା ଫୁଟି ଉଠୁଥିବା କ୍ଷଣରେ, ବସ୍‌ଟି ଯେତେବେଳେ ତା'ର ଗତିପଥକୁ ଆହୁରି ଆହୁରି ଉପରକୁ ନେଉନେଉ ଆକାଶ ଛୁଇଁବାକୁ ଚେଷ୍ଟା କରୁଥାଏ ସେତେବେଳେ ସ୍ୱାଭାବିକ ଭାବରେ ଇଞ୍ଜିନର ଗର୍ଜନରେ ସେହି ଗମ୍ଭୀରତା ବାଧାପ୍ରାପ୍ତ ହେଉଥିଲା । ଏମିତି ବସ୍‌ଟି ରାତିସାରା ଚାଲୁଥିବା ବେଳେ ମଝିରେ ମଝିରେ ବସ୍‌ଟି କୌଣସି ପର୍ବତର କୋଳରେ ଠିଆ ହୋଇଥିଲା ଯାତ୍ରୀମାନଙ୍କ ଖାଇବାପିଇବା ଓ ପରିଶ୍ରା ଯିବା ପାଇଁ । ଆମ ପରି ନେପାଳରେ ଯେଉଁଠି-ସେଇଠି ପରିଶ୍ରା ଯାଇ ପାରିବେ ନାହିଁ, କେବଳ ହୋଟେଲ୍‌ର ଟୟଲେଟ୍‌ରେ ହେଉ କିମ୍ବା ଅନ୍ୟ କେଉଁ ଟୟଲେଟ୍‌ବାଲାଙ୍କ ଟୟଲେଟ୍‌ରେ ଟଙ୍କା ଦେଇ କରିହେବ । କାକରଭିଟ୍ଟାରୁ କାଠମାଣ୍ଡୁର ଦୂରତା ପ୍ରାୟ ୪୭୦ କିଲୋମିଟର । ପାର୍ବତୀୟ ଅଙ୍କାବଙ୍କା ଓ କେତେବେଳେ ଘୂର୍ଣ୍ଣୀୟ ପଥ । ଆମେ ଯେତେବେଳେ କାଠମାଣ୍ଡୁ ଛୁଇଁଲୁ ସେତେବେଳେ ଆକାଶରୁ ନରମ ଖରା ଆସି ପଡ଼ିଥାଏ ମାଟିରେ । ଇୟକିନା ମୋ ମୋବାଇଲ୍‌ରେ ନେପାଳର ସିମ ଲଗେଇ ଦେଇଥିଲେ । ବିଜୟରାଜ ଆଚାର୍ଯ୍ୟଙ୍କ ଫୋନ୍ ଆସୁଥାଏ । ସିଏ ଠିଆ ହୋଇଛନ୍ତି ଆମକୁ ନେବା ପାଇଁ କାଠମାଣ୍ଡୁର କଲଙ୍କି ବସ୍‌ଷ୍ଟାଣ୍ଡରେ । ଆମକୁ ଯେଉଁ ଶିଶୁ ସାହିତ୍ୟ ସଂସ୍ଥା 'ବାଲ ବାଙ୍ମୟ ତଥା ଅନୁସନ୍ଧାନ କେନ୍ଦ୍ର **(CLRA)** ନେପାଳ ତରଫରୁ ଡକା ଯାଇଛି ତା'ର ଭାଇସ୍ ପ୍ରେସିଡେଣ୍ଟ ହେଉଛନ୍ତି ବିଜୟରାଜ ଆଚାର୍ଯ୍ୟ ଓ ସିଏ ନେପାଳର ଜଣେ ବିଖ୍ୟାତ ଶିଶୁ-ସାହିତ୍ୟିକ । ଅଭ୍ୟର୍ଥନା ସହିତ ଆମକୁ ଆଣି ପହଞ୍ଚାଇଲେ ଗୋଟିଏ ଆନ୍ତର୍ଜାତିକ ମାନର ହୋଟେଲ 'ପେନ୍‌ସନ୍ ୱାସ୍‌ନା (Pension Vasana, Dillibazar, Kathmandu)ରେ । ଅଳ୍ପ କିଛି ଖିଆପିଆ ସାରି ଶିଘ୍ର ପ୍ରସ୍ତୁତ ହୋଇ ବିଜୟରାଜଙ୍କ ସାଙ୍ଗରେ ଚାଲିଲୁ 'ନେପାଳ ଲଳିତକଳା ପ୍ରଜ୍ଞା-ପ୍ରତିଷ୍ଠାନ, କାଠମାଣ୍ଡୁ (Nepal Academy of Fine Arts, Kathmandu)କୁ । ସେଠାରେ ରହିଥିଲା ବଡ଼ ଧରଣର ଗୋଟିଏ ବିସ୍ମୟଟିଏ ! ଉପସ୍ଥିତ ଥାଆନ୍ତି ବାଲ ବାଙ୍ମୟ ତଥା ଅନୁସନ୍ଧାନ କେନ୍ଦ୍ରର ସଭାପତି, କବି ଓ ଶିଶୁ-ସାହିତ୍ୟିକ ପ୍ରମୋଦ ପ୍ରଧାନ, ନେପାଳ ଲଳିତକଳା ଏକାଡେମୀର ପୂର୍ବ କୁଳପତି କେ. କେ. କର୍ମଚାର୍ଯ୍ୟ, ବର୍ତ୍ତମାନର କୁଳପତି, ବ୍ୟଙ୍ଗ ଚିତ୍ରଶିଳ୍ପୀ ରବୀନ୍ଦ୍ର ମାନନ୍ଧର ଆଦି । ସେମାନେ ମତେ ଅଙ୍ଗବସ୍ତ୍ର ପ୍ରଦାନ କରି ପାଛୋଟି ନେଲେ । ପ୍ରଦର୍ଶନୀ ହଲ୍‌ରେ ଫିତାକାଟି ଆରମ୍ଭ ହେଲା ଜଣେ କୁନି ଝିଅର ଚିତ୍ର ପ୍ରଦର୍ଶନୀ, ସେ ହେଉଛନ୍ତି ଆଶ୍ୱିନୀ ମାନନ୍ଧର । ସେ ସାଙ୍ଗରେ ତାଙ୍କ

ରଚିତ ଗୋଟିଏ ଶିଶୁ ଗପ ବହି 'ପିରାମିଡମା ପାଣ୍ଡା' ବି ଉନ୍ମୋଚିତ ହେଲା । ସେ ଝିଅର ବୟସ ବା କେତେ ହେବ ଦଶ କି ଏଗାର ବର୍ଷ । ଏମିତି ବୟସରେ ବି ଏତେ ବଡ଼ବଡ଼ ବ୍ୟକ୍ତିଙ୍କ ଗହଣରେ ମଞ୍ଚରେ ବସି ପୁଣି ମାଇକ୍ରୋଫୋନ ଧରି ଭାଷଣ ଦେଇପାରିବା କିଛି କମ୍ କଥା ନୁହେଁ । ତାଙ୍କ ବାପା ରବୀନ୍ଦ୍ର ମାନନ୍ଧର ସେ ଦେଶର ଜଣେ ବିଖ୍ୟାତ କାର୍ଟୁନିଷ୍ଟ୍ । ଝିଅକୁ ଆଜିରୁ ତିଆରି କରିଛନ୍ତି । ଏହି ପରିସରରେ ବୁଲାବୁଲି କରି ଦେଖିବାର ବହୁତ କିଛି ରହିଛି । ଏଠାରେ ନେପାଳର ଉତ୍କୃଷ୍ଟ ମୂର୍ତ୍ତି-ଶିଳ୍ପ ଦେଖିଲେ ମନଭରି ଯିବ । ଲାଇବ୍ରେରୀରେ ରହିଛି ବିଶ୍ୱର ଚିତ୍ରକଳା, ମୂର୍ତ୍ତିକଳା ଛଡ଼ା ଶିଳ୍ପ ବିଷୟକ ବହୁ ଉପାଦେୟ ଓ ଦୁର୍ଲଭ ପୁସ୍ତକ । ଏହି 'ଲଳିତକଳା ପ୍ରଜ୍ଞା ପ୍ରତିଷ୍ଠାନ' ମଧ୍ୟ ବହୁ ଉପାଦେୟ ଚିତ୍ରକଳା ଓ ଚିତ୍ରଶିଳ୍ପୀ ଉପରେ ବହି ପ୍ରକାଶିତ କରିଛି । ଦୁଇଜଣ ମହିଳା ଯେଉଁମାନେ ଉଖଜଇର ସଦସ୍ୟ ସହିତ ବ୍ୟକ୍ତିଗତ ଜୀବନରେ ବିଭିନ୍ନ ପଦପଦବୀରେ ରହିଛନ୍ତି ଓ ଶିଶୁ ସାହିତ୍ୟିକା, ସେମାନେ ଆମକୁ ନେଇ ବାହାରିଲେ ପଶୁପତିନାଥ ମନ୍ଦିର ଦର୍ଶନ ପାଇଁ ।

ପଶୁପତିନାଥ ମନ୍ଦିରଟି କାଠମାଣ୍ଡୁର ବାଗମତୀ ନଦୀ ତଟରେ ଅବସ୍ଥିତ । ଏହା ଏକ ବହୁ ପ୍ରାଚୀନ ଶୈବପୀଠ । ଗର୍ଭଗୃହରେ ଜ୍ୟୋତିର୍ଲିଙ୍ଗ ପୂଜା ପାଇ ଆସୁଛନ୍ତି । ଭାରତବାସୀମାନେ ଏହି ମନ୍ଦିର ଦର୍ଶନ ପାଇଁ ହଜାର ହଜାର ସଂଖ୍ୟାରେ ପ୍ରତିବର୍ଷ ନେପାଳର କାଠମାଣ୍ଡୁକୁ ଯାଆନ୍ତି । ନେପାଳର ଏହି ପ୍ରାଚୀନତମ ହିନ୍ଦୁ ମନ୍ଦିରଟି କେବେ ନିର୍ମାଣ ହୋଇଥିଲା ତାହା ଠିକ୍ ଭାବରେ ଜଣା ନପଡ଼ିଲେ ମଧ୍ୟ ୪୦୦ ମସିହାର ପ୍ରଥମ ଦିଗରେ ଏହାର ଅସ୍ତିତ୍ୱର କଥା ଲିପିବଦ୍ଧ ହୋଇଛି । କିମ୍ବଦନ୍ତୀ ଅନୁସାରେ ସୋମଦେବ ରାଜବଂଶର ପଶୁପ୍ରେକ୍ଷ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ଏହି ମନ୍ଦିର ନିର୍ମାଣ କରିଥିଲେ । କିନ୍ତୁ ଆଜି ଆମେ ମନ୍ଦିରର ଯେଉଁ ପାରମ୍ପରିକ ପରମ୍ପରା ଦେଖୁଛେ ଏହା ୧୫ଶ ଶତାବ୍ଦୀରେ ରାଜା ପ୍ରତାପ ମଲ୍ଲ ଆରମ୍ଭ କରିଥିଲେ । ଏହି ପରମ୍ପରା ଅନୁସାରେ ମନ୍ଦିରର ଚାରିଜଣ ପୂଜାରୀ ଓ ଜଣେ ମୁଖ୍ୟ ପୂଜାରୀ ଦକ୍ଷିଣ ଭାରତର ବ୍ରାହ୍ମଣମାନଙ୍କ ଭିତରୁ ରଖା ଯାଇ ଆସୁଛି । ୟୁନେସ୍କୋ ଦ୍ୱାରା ଏହି ମନ୍ଦିରକୁ ଏକ ଐତିହ୍ୟସ୍ଥଳୀର ମାନ୍ୟତା ମିଳିଛି । ମନ୍ଦିରରେ ପ୍ରବେଶ ପାଇଁ ଚାରିଟି ଦ୍ୱାର ରହିଛି ଓ ଏହା ୨୪୬ ହେକ୍ଟର ଜାଗା ଉପରେ ରହିଥିବା ବେଳେ ଏଠାରେ ପ୍ରାୟ ସାନ ବଡ଼ ୫୧୮ଟି ମନ୍ଦିର ରହିଛି । ଆମେ ପଶ୍ଚିମ ଦିଗର ମୁଖ୍ୟ ଦ୍ୱାର ଦେଇ ଭିତରକୁ ଗଲୁ । ମନ୍ଦିରଟି ନେପାଳି ପ୍ୟାଗୋଡା ସ୍ଥାପତ୍ୟ ଶୈଳୀରେ ନିର୍ମିତ । ଯାହା ଆମ ପାଇଁ ଗୋଟିଏ ନିଆରା ଶୈଳୀ । ଉଚ୍ଚତା ପ୍ରାୟ ୨୭ ମିଟର । ଗୋଟିଏ ଚୂଡ଼ା ସ୍ୱର୍ଣ୍ଣରେ ନିର୍ମିତ ଓ ଏହାର ଚାରୋଟି ପ୍ରଧାନ କବାଟ ରୂପାର ପାତ ଦ୍ୱାରା ଆଚ୍ଛାଦିତ । ଯେଉଁ ଦୁଇଜଣ ମହିଳା ଆମକୁ ବୁଲେଇବା ପାଇଁ ଆଣିଛନ୍ତି ସେମାନେ ହେଲେ ଶାନ୍ତି ସାପକୋଟା ଓ ମଞ୍ଜୁଓ୍ୱାଲୀ । ଆମେ ଆସିଲୁ ଯେଉଁଠି ସହସ୍ରାଧିକ ଶିବଲିଙ୍ଗ ରହିଛି ଓ ସେଠାରେ ବହୁସଂଖ୍ୟାରେ ଦୀପ ପ୍ରଜ୍ୱଳିତ ହେଉଛି । ଆମେ ପ୍ରବେଶ କଲୁ ସେହିସବୁ ଶିବଲିଙ୍ଗକୁ ପ୍ରଦକ୍ଷିଣ କରିବା ପାଇଁ ନିର୍ଦ୍ଧାରିତ ରାସ୍ତା ଦେଇ । ନିର୍ଦ୍ଧାରିତ ରାସ୍ତା ଦେଇ ପ୍ରଦକ୍ଷିଣ ନକରିଲେ ବାହାରକୁ ବାହାରି ପାରିବେ ନାହିଁ । ଏହା ବହୁତ ମଜାଦାର ।

କାରଟି ତଳେ ଅପେକ୍ଷା କରୁଥିଲା । ଏବେ ଆଉ ଖାଇବାକୁ ମୋ'ର ଇଚ୍ଛା ନଥାଏ । କିନ୍ତୁ ମାନିକ ଦା' ସେମିତି ମନା କରନ୍ତି ନାହିଁ । ବାଧ୍ୟ ହେଲି ମୁଁ ବି । ସେମାନେ ଆମକୁ ନେଇଗଲେ ଗୋଟିଏ ଖୁବ୍ ସୁନ୍ଦର ରେଷ୍ଟୁରାଣ୍ଟ୍ । ମୁଁ ଚାହିଁଲି ସେମାନଙ୍କ ପସନ୍ଦର ଖାଦ୍ୟ ଖାଇବା ପାଇଁ । ନେଓ୍ୱାରୀ ଖାଦ୍ୟ ଆସିଲା ଏଥିରେ ମଧ୍ୟ ଭଜା ଚୁଡ଼ା, ନାଡୁକା ମଞ୍ଜି ଭଜା ଓ ମୋଟାମୋଟା ଗୋଲଗୋଲ ଆଳୁ ଭଜା ରହିଛି । ବେଶ୍ ମଜା ଲାଗୁଥାଏ । ତା ସାଙ୍ଗକୁ ଏକ ଅପୂର୍ବ ଶୀତଳ ପାନୀୟ ଯାହା ରେଷ୍ଟୁରାଣ୍ଟରେ ତିଆରି ଓ ତା'ର ବଡ଼ ଆକାରର ଗ୍ଲାସ୍‌ଟି ବେଶ୍ ସୁସଜ୍ଜିତ । ତାପରେ ଆମେ ଆସିଲୁ ପାଟନ ଦରବାର । କାଠମାଣ୍ଡୁ ଉପତ୍ୟକାରେ ଥିବା ତିନିଟି ଦରବାର ଭିତରରୁ ଏହା ଅନ୍ୟତମ ଓ ପ୍ରାଚୀନ । ଏହା କାଠମାଣ୍ଡୁକୁ ଲାଗି ରହିଥିବା ଲଳିତପୁର ଜିଲ୍ଲା ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ । ପାଟନ ଦରବାରର ପ୍ରାଚୀନ ଇତିହାସ ସେମିତି ସ୍ପଷ୍ଟ ନୁହେଁ । ତେବେ ବି ଲଳିତପୁରର ମଲ୍ଲ ରାଜାଙ୍କୁ ଏହାର ଶ୍ରେୟ ଦିଆଯାଏ । ପ୍ରାଚୀନ କାଳରେ ଏହା ଏକ ସମୃଦ୍ଧଶାଳୀ ସହର ଥିଲା ବୋଲି ବିଶ୍ୱାସ କରାଯାଏ । ବର୍ତ୍ତମାନ ଆମେ ଯେଉଁ ବାସ୍ତୁକଳା ଦେଖିବାକୁ ପାଉ ତାହାର ଅଧିକାଂଶ ୧୬୦୦ ଦଶକରେ ନିର୍ମାଣ କରିଛନ୍ତି ରାଜା ସିଦ୍ଧି ନରସିଂହ ମଲ୍ଲ ଓ ତାଙ୍କ ପୁତ୍ର ଶ୍ରୀନିବାସ ସୁକୃତିଙ୍କ ଶାସନ କାଳରେ । ମହଲର ତିନୋଟି ମୁଖ୍ୟ ପ୍ରାଙ୍ଗଣ ଛଡ଼ା ପରିସର ଭିତରେ ସୁନ୍ଦର ଧାର୍ମିକ ମନ୍ଦିର ଓ ଐତିହାସିକ ସ୍ଥାନ ରହିଛି । ଏହା ନେଓ୍ୱାରୀ ବାସ୍ତୁକଳାର ଏକ ସୁନ୍ଦର ନିଦର୍ଶନ । ୧୯୩୪ ମସିହାରେ ଯେଉଁ ଭୂମିକମ୍ପ ହୋଇଥିଲା ସେଥିରେ ଏହି ପାଟନ ଦରବାରର ବହୁତ କ୍ଷତି ହୋଇଥିଲା । ଆଗ ଏଠାରେ ୯୯ଟି ପ୍ରାଙ୍ଗଣ ରହିଥିବା ବେଳେ ଏବେ ମାତ୍ର ଆଉ ୬ଟି ଅବଶିଷ୍ଟ ରହିଛି । ପୁଣି ୨୫ ଏପ୍ରିଲ ୨୦୧୫ରେ ଯେଉଁ ଭୟଙ୍କର ଭୂମିକମ୍ପ ଆସିଥିଲା ସେଥିରେ ମଧ୍ୟ ଆହୁରି କ୍ଷତିଗ୍ରସ୍ତ ହେଲା । ଏହି ଦରବାରକୁ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟ (ଓ୍ୱାର୍ଲଡ୍ ହେରିଟେଜ୍)ର ମାନ୍ୟତା ଦିଆଯାଇଛି ।

୧୧ମାର୍ଚ୍ଚ ୨୦୨୩ ମସିହା । ହୋଟେଲ୍‌ରୁ ଆମେ ବାହାରିଲୁ ସ୍ୱୟଂଭୂ ବୌଦ୍ଧ ସ୍ତୁପ ଦର୍ଶନ ପାଇଁ । ବିଜୟରାଜ ଓ ନେତ୍ର ତାମାଙ୍ଗ ଆସିଛନ୍ତି ଆମକୁ ନେବା ପାଇଁ । ଏହା ଏକ ପ୍ରାଚୀନ ପବିତ୍ର ବୌଦ୍ଧ ସ୍ଥଳୀ । ଏହାକୁ ବି ୟୁନେସ୍କୋ ବିଶ୍ୱ ହେରିଟେଜ୍‌ର ମାନ୍ୟତା ଦେଇଛି । କାଠମାଣ୍ଡୁରୁ ଏହା ତିନି କିଲୋମିଟର ଦୂର ପଶ୍ଚିମ ପାହାଡ଼ରେ ୭୭ ମିଟର ଉଚ୍ଚତାରେ ଅବସ୍ଥିତ । ଏହି ସ୍ତୁପ ପରିସରରେ ଅନେକ ମଠ-ମନ୍ଦିର ରହିଛି । ୪୬୦ ଖ୍ରୀଷ୍ଟପୂର୍ବରେ ଏହାକୁ ରାଜା ମନଦେବ ନିର୍ମାଣ କରିଛନ୍ତି ବୋଲି କଥିତ ଅଛି । ୧୩ଶ ଶତାବ୍ଦୀ ପର୍ଯ୍ୟନ୍ତ ଏହାକୁ ବୌଦ୍ଧ ଧର୍ମର ଗୋଟିଏ ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ର ହିସାବରେ ଗଣନା କରା ଯାଉଥିଲା । ଏହି ଭବ୍ୟ ଧଳାରଙ୍ଗର ଗମ୍ବୁଜାକାର ସ୍ତୁପର ଚାରିଆଡ଼େ ଯେଉଁ ସ୍ୱୟଂଭୂଙ୍କ ଆଖି ରହିଛି ଏହାକୁ ମନେ କରାହୁଏ ଯେ ଗୌତମ ବୁଦ୍ଧ ଚାରି ଦିଶାରୁ ଦେଖୁଛନ୍ତି ବୋଲି । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରେ ସମ୍ରାଟ ଅଶୋକ ଏହି ସ୍ତୁପ ଦର୍ଶନ କରିବା ପାଇଁ ଆସିଥିଲେ । ବେଶ୍ ପାହାଚ ପରେ ପାହାଚ ଚଢ଼ି ଆମେ ଉପରକୁ ଉଠିଲୁ ତଳ ଦୃଶ୍ୟ ଦେଖୁ ଦେଖୁ । ଏହି ମନ୍ଦିର ସାମ୍ନାକୁ ଆସିଲେ ଆଖିରେ ପଡ଼ିବ ବଡ଼ବଡ଼ ଦୁଇଟି ଆଖି ଓ ଆଖି ମଝିରେ ଯଦିଓ ନେପାଳି ସଂଖ୍ୟା ଏକ ଲେଖା ରହିଛି ବୋଲି ଜାଣିଲି କିନ୍ତୁ ଏହା ପ୍ରଶ୍ନବାଚୀ



ପ୍ରମୋଦ ପ୍ରଧାନ, ବିଜୟରାଜ ଆଚାର୍ଯ୍ୟ, ଲେଖକ ଅଜିତ ପାତ୍ର ଓ କେଶରୀ ଓମାଙ୍ଗ

ଚିହ୍ନ ଯେମିତି ବା ଦୁଇ ଆଖି ମଝିରେ ନାକ ସଦୃଶ୍ୟ ମନେହେଉଛି । ଚାରିଆଡ଼େ ଆକାଶ ଉଚ୍ଚରେ ରଙ୍ଗବେରଙ୍ଗର କପଡ଼ା ନିର୍ମିତ ତ୍ରିଭୁଜାକାର ପତାକାମାନ ଧାଡ଼ିଧାଡ଼ି ପବନରେ ଉଡୁଛି । ଯେମିତି ସେମାନେ ସ୍ୱୟଂଭୂଙ୍କ ପ୍ରାର୍ଥନାରେ ନିମଗ୍ନ । ଏହା ନେପାଳର ପ୍ରାୟ ସବୁ ଜାଗାରେ ଦେଖିବାକୁ ମିଳେ ଏହା ହେଉଛି ନେଓ୍ୱାରୀ ସଂସ୍କୃତିର ଅଙ୍ଗ । ଆମେ ବି ବୌଦ୍ଧ ଦେବଙ୍କର ସ୍ମରଣରେ ରହିଥିବା ପ୍ରେୟାର ହୁଇଲ୍‌କୁ ଗଡ଼େଇବାକୁ ଲାଗିଲୁ । ସେଥିରୁ ଯେଉଁ ସଙ୍ଗୀତ ଉତ୍ପତ୍ତି ହେଉଥିଲା ତାହା ଶରୀରରେ ଶିହରଣ ଆଣିଦେଉଥିଲା । ସେ ଶୃଙ୍ଗରେ ଥିବା ଅନେକଗୁଡିଏ ମଠ-ମନ୍ଦିରକୁ ବହୁ ସମୟ ଧରି ଦେଖୁଦେଖୁ ପୁଣି ଅପର ପାଖରେ ଥିବା ଆଉ ଗୋଟିଏ ଶୃଙ୍ଗରେ ଚଢ଼ିଲୁ । ଏଠାରୁ ତଳକୁ ଦେଖିଲେ ସମ୍ପୂର୍ଣ୍ଣ କାଠମାଣ୍ଡୁ ଉପତ୍ୟକା ଦିଶି ଯାଉଛି; ଦିଶୁଛି ଗହନ ଜଙ୍ଗଲ । ଗୋଟିଏ ଜାଗା ରହିଛି ସୁସାଇଡ୍ ପଏଣ୍ଟ । ପ୍ରେମରେ ପରାଜିତ ବହୁ ପ୍ରେମିକ ଏଠାରୁ ଡେଇଁ ପଡ଼ି ମୃତ୍ୟୁବରଣ କରିଛନ୍ତି । ମୋ ସାମ୍ନାରେ ଦିଶି ଯାଉଛି ସେହି ସବୁ ପ୍ରମିକମାନଙ୍କର ମୁହଁ ଓ ସେମାନଙ୍କ କାହାଣୀ । ଗୋଟିଏ ପ୍ରାଚୀନ ମନ୍ଦିରର ଗେଟ୍ ଦୁଇପାଖରେ ପ୍ରାୟ ଦେବନାଗରୀ ଲିପି ପରି ଯଦିଓ ଏହା ହୁଏତ ବହୁ ପ୍ରାଚୀନ ଆଉ କୌଣସି ଲିପି ହେଇଥିବ, କିନ୍ତୁ ମୁଁ ପଢ଼ିପାରୁଛି, ଲେଖା ଅଛି – 'ମହା ମଞ୍ଜୁଶ୍ରୀ' । ମଞ୍ଜୁଶ୍ରୀ ଜଣେ ବୋଧିସତ୍ୱ ଥିଲେ । ସ୍ୱୟଂଭୂ ପୁରାଣ ଅନୁସାରେ ଏହି କାଠମାଣ୍ଡୁ ଉପତ୍ୟକାଟି ଥିଲା ଗୋଟିଏ ବୃହତ୍ ଜଳାଶୟ ଓ ଏଠାରେ ଗୋଟିଏ ଦିବ୍ୟ ପଦ୍ମଫୁଲ ଫୁଟୁଥିଲା । ଏହାକୁ ଦେଖିବା ପାଇଁ ମହା ମଞ୍ଜୁଶ୍ରୀ ଆସି ଏହି ଘାଟିରୁ ଦେଖିଲେ ଯେ, ଏଠାରେ ଗୋଟିଏ ଜନପଦ ଗଢ଼ି ଉଠି ପାରେ । ସିଏ ତାଙ୍କର ଜ୍ଞାନ ବଳରେ ଏହି ଉପତ୍ୟକାର ଗୋଟିଏ ଦିଗ କାଟି ଜଳ ନିଷ୍କାସନ କଲେ । ପାଣି ଶୁଖିଯାଇଥିବା ଯୋଗୁଁ ପଦ୍ମଫୁଲଟି ଏହି ସ୍ୱୟଂଭୂର ସ୍ତୁପରେ ପରିଣତ ହେଲା । ପ୍ରତ୍ୟେକ ଜାଗାର କିଛି ନା କିଛି କିମ୍ବଦନ୍ତୀ ରହିଛି ।

ଉପର ତଳ ହେଉଛୁ ଆମେ, ଅଥଚ୍ ଜମାରୁ କଷ୍ଟ ହେଉନାହିଁ; ପାଦରେ ଯେମିତି ଚକ ଲାଗି ରହିଛି । ଏହା ହେଉଛି ଆନନ୍ଦର ଓ ଆଧ୍ୟାତ୍ମିକତାର ଗୋଟିଏ ବିଶ୍ୱାସ ଓ ତାରି ଆକର୍ଷଣର ଟାଣ । ଏହିସବୁ ସ୍ଥାନ ଦର୍ଶନ ପାଇଁ ପ୍ରଚୁର ସମୟ ଦରକାର । ଆମେ ଫେରିଲୁ । ଫେରୁଫେରୁ ବେଶ୍ ବେଳ ହୋଇ ଯାଇଥାଏ । ଆସି ଗୋଟିଏ ରେଷ୍ଟୁରାଣ୍ଟରେ ଖାଇ ଆମେ ବିଜୟରାଜଙ୍କ ସହିତ ପୁଣି ଗୋଟିଏ ସାହିତ୍ୟ ସଭାରେ ଯୋଗଦେଲୁ ।

ଯଦିଚ କାଠମାଣ୍ଡୁରେ ସେତିକି ଥଣ୍ଡା ନାହିଁ, ତଥାପି ଭୋର୍‌ବେଳା ବେଶ୍ ଥଣ୍ଡା ଲାଗୁଥିଲା । ମାନିକ ଦା'ଙ୍କୁ କହି ରଖିଛି, ଯେମିତି କେହି ନଭାବନ୍ତି ଆମ ପାଇଁ ଡେରି ହେଲା ବୋଲି । ବାଂଲାଦେଶରୁ ଯେଉଁମାନଙ୍କର ଆସିବା କଥା ସେମାନେ ଏବେ ବି ପହଞ୍ଚି ପାରିନାହାନ୍ତି । ତା'ର କାରଣ ହେଉଛି ହୁମାୟୁନ କବୀର ଢାଲୀ (ବାଂଲାଦେଶର ବିଖ୍ୟାତ ଶିଶୁ-ସାହିତ୍ୟିକ) ତାଙ୍କର ପାସ୍‌ପୋର୍ଟ ଭାରତୀୟ ଦୂତାବାସରେ ଜମା ଦେଇଥିଲେ ଭାରତୀୟ ଭିସା ପାଇଁ କିନ୍ତୁ କୌଣସି ଅନିର୍ଦ୍ଦିଷ୍ଟ କାରଣରୁ ତାହା ପାଇ ପାରିନାହାନ୍ତି । ସେ ଦେଶରୁ ଆଉ ତିନିଜଣ ଆସିବେ । ଡାକ୍ତର ମିଜାନୁର ରହମାନ କଲ୍ଲୋଳ ଓ ଡାକ୍ତର ଓ୍ୱାନିଜା ରହମାନ । ଦୁହେଁ ଡାକ୍ତର, ଶିଶୁ-ସାହିତ୍ୟିକ ଓ ସ୍ୱାମୀ-ସ୍ତ୍ରୀ । ଆଉ ଜଣେ ହେଉଛନ୍ତି ସୁଜନ ବଡୁୟା ଯିଏ ସେ ଦେଶର ଜଣେ ବିଖ୍ୟାତ ଶିଶୁ-ସାହିତ୍ୟିକ ଓ ବାଂଲା ଏକାଡେମୀ ପୁରସ୍କାର ପ୍ରାପ୍ତ ଲେଖକ । ସେମାନେ ଏବେ ବି ଢାଲୀଙ୍କ ଅପେକ୍ଷାରେ । ନହେଲେ ସେମାନେ କାଠମାଣ୍ଡୁ ଆସି ପହଞ୍ଚିବେ ଉପରଓଳି । ଆମକୁ ନେବା ପାଇଁ କେ. କେ. କର୍ମଚାର୍ଯ୍ୟ ସାର୍ ତାଙ୍କ କାର୍ ନେଇ ହୋଟେଲ ପରିସରରେ ଅପେକ୍ଷା କରିଛନ୍ତି । ଆମେ କୌଣସି ଗୋଟିଏ ପାର୍ବତ୍ୟ ଇଲାକାକୁ ଯାଉଛେ । ସେଥିପାଇଁ ହୋଟେଲ୍‌ରେ କିଛି ଲଗେଜ୍ ଛାଡ଼ିଗଲୁ ଆଉ ଜ୍ୟାକେଟ୍ ଓ ଗରମ ଟୋପି ନେବାକୁ ଭୁଲିଲୁ ନାହିଁ ।

ସହର ବାହାରେ ଆମ ପାଇଁ ଦୁଇଟି ଟାଟା ସୁମୋ ଗାଡ଼ି ଠିଆହୋଇଥାଏ । ବିଜୟରାଜ ଆଚାର୍ଯ୍ୟ ଯଦିଓ ଏଠାରେ ଏବେ ଅଛନ୍ତି କିନ୍ତୁ ସିଏ ଓ ଆଉ କେତେଜଣ ବାଂଲାଦେଶର ଅତିଥିମାନେ ଆସିଲେ ସେମାନଙ୍କୁ ନେଇ ରାତି ଅଧରେ ପହଞ୍ଚିବେ ଆଉ ଗୋଟିଏ ଗାଡ଼ିରେ । ମାନିକ ଦା' ଓ ମୁଁ ଯିବୁ ଅଲଗା ଅଲଗା ଗାଡ଼ିରେ ଏହା ବିଜୟରାଜ ଠିକ୍ କରିଛନ୍ତି । ଏହି ପ୍ରଥମ ସକାଳଟି ବେଶ୍ ଥଣ୍ଡା । ଜଣେ ଦୁଇଜଣ ଛଡ଼ା ମୋ ପାଇଁ ସମସ୍ତେ ଅଜଣା । ଇଆଡ଼େ ହାଲୁକା ଅନ୍ଧାର ଭେଦ କରି ସୂର୍ଯ୍ୟଦେବ ଦର୍ଶନ ଦେଉଛନ୍ତି । ପାର୍ବତ୍ୟ ପ୍ରଦେଶରେ ଯିଏ ଏ ଦୃଶ୍ୟ ଦେଖିଛି ସିଏ ଜାଣେ କେତେ ମାୟାମୟ ଏ ଦୃଶ୍ୟ । ସୂର୍ଯ୍ୟଦେବଙ୍କ ସାଙ୍ଗକୁ ଆମର କଫିମଗ୍- ଏହା ଫଟୋଗ୍ରାଫିରେ ଧରାପଡ଼ିବ ନାହିଁ । ଦରକାର ଜଣେ ଆର୍ଟିଷ୍ଟଙ୍କୁ ଯିଏ ଏହି ପରିବେଶ ଓ ଏହି ଆଲୋକକୁ ଧରି ପାରିବେ ରଙ୍ଗତୂଳୀରେ । ଏ କଫି ପିଇବାର ଅଫର୍ ବିଭିନ୍ନ ଲୋକଙ୍କ ତରଫରୁ । ଆମେ ହେଉଛୁ ଅତିଥି-ଦେବ । ଏହି କାଠମାଣ୍ଡୁ ଉପତ୍ୟକାରେ ଯେତେବେଳେ ସୂର୍ଯ୍ୟ ରଙ୍ଗବେରଙ୍ଗର ଘରଦ୍ୱାର, ଗଛପତ୍ର, ଉଠାଣ-ଓହ୍ଲାଣ ରାସ୍ତା, ସାମ୍ନାରେ ଦେଖା ଯାଉଥିବା ଉଚ୍ଚଉଚ୍ଚ ଶୃଙ୍ଗରେ ଆଲୋକପାତ କରୁଥିଲେ ସେତେବେଳେ ସମସ୍ତେ ଆସି ଏକାଠି ହେଉଥିଲୁ ଆଉ ବାକି ଯେଉଁମାନେ ସେମାନେ ବାଟରେ ଉଠିବେ ।

ଗୋଟିଏ ଗାଡ଼ିର ମଝି





ସିଟ୍‌ରେ ଆଗରୁ ଜଣେ ଫଟୋଗ୍ରାଫର୍ ବସିଥାନ୍ତି । ତା'ପରେ ମତେ ଉଠିବା ପାଇଁ ଶାନ୍ତି ସାପକୋଟା କହିଲେ । ଠିକ୍ ସେତିକିବେଳେ ଗୋଟିଏ ଝିଅ ଦୌଡ଼ିଦୌଡ଼ି ଆସି ସେ ମଧ୍ୟ ସେହି ମଝି ସିଟ୍‌ରେ ଉଠି ବସିଲେ ଓ ତା'ପରେ ଶାନ୍ତି ଜୀ । ଗାଡ଼ି ଏବେ ଆଗକୁ ବଢ଼ି ଚାଲୁଥାଏ । ଏହି ଗାଡ଼ିରେ ମୋ ଛଡ଼ା ସମସ୍ତେ ନେପାଳି । ସମସ୍ତଙ୍କ ଭାଷା ମଧ୍ୟ ନେପାଳି । ଆମ ଗାଡ଼ିରେ ତିନିଜଣ ଝିଅ ଥାନ୍ତି ବାକି ସମସ୍ତେ ପୁଅ । ସେମାନେ ପ୍ରାୟ କମ ବେଶୀ ସମସ୍ତେ ସମସ୍ତଙ୍କର ପୂର୍ବ ଜଣାଶୁଣା । ସେମାନଙ୍କ ଭିତରେ ଆଳାପ ଜମି ଉଠିଥାଏ, ଏହା ସ୍ୱାଭାବିକ । ଯେହେତୁ ଶାନ୍ତିଜୀ ଏହି ସାହିତ୍ୟ ସଂସ୍ଥାର ଜଣେ ସଦସ୍ୟ ଓ ଆମକୁ ବୁଲେଇବା ପାଇଁ ନେଇ ଯାଉଥିଲେ ସେଥିପାଇଁ ସିଏ ମତେ ସଖ୍ୟ ଦେବା ପାଇଁ ଚେଷ୍ଟା କରୁଥାଆନ୍ତି । କିନ୍ତୁ ସିଏ ଭଲ ହିନ୍ଦୀ କହିପାରନ୍ତି ନାହିଁ । ଠିକ୍ ସେମିତି ମୋ ବାମ ପଟେ ଝର୍କା ଦଖଲ କରି ବସିଥିବା ଫଟୋଗ୍ରାଫର ଜମାରୁ ହିନ୍ଦୀ କହିପାରନ୍ତି ନାହିଁ । ତେବେ ବି କିଛିକିଛି ବାର୍ତ୍ତା ବିନିମୟ ସମସ୍ତଙ୍କ ସହିତ ମୋ'ର ଚାଲୁଥାଏ । ମୁଁ ସେମାନଙ୍କ କଥୋପକଥନ ବୁଝି ପାରୁଥାଏ । ଏକ୍‌ରେ ତ ମୁଁ ହିନ୍ଦୀଟା ଭଲରେ ଜାଣିଛି ତା'ପରେ ଅନେକଗୁଡ଼ିଏ ଭାଷା ଜାଣିଥିବା ଯୋଗୁ ନେପାଳି ଭାଷା ବୁଝିବା ପାଇଁ ମତେ ସେମିତି ଅସୁବିଧା ହେଉନଥିଲା । ସେମାନଙ୍କ ପ୍ରତି କଥାରେ ଶିଷ୍ଟାଚାର ମୂଳକ ଶବ୍ଦ 'ହଜୁର୍' ମତେ ବହୁତ ଭଲ ଲାଗୁଥାଏ ।

ମଝିରେ ମଝିରେ ଗାଡ଼ି ଛିଡ଼ା ହେଉଥାଏ ଖାଇବାପିଇବା ପାଇଁ । ନେପାଳିମାନେ ସାଧାରଣତଃ ଭାତ ଟିକିଏ ଶୀଘ୍ର ଖାଇନିଅନ୍ତି । ରାସ୍ତାରେ ଥିବା 'ହୋଟେଲ ବ୍ଲୁ ସ୍କାଇ' ଯାହା ମନ୍ଥଲୀ ନଗରପାଳିକା-୨ରେ ପଡୁଥିବା କଠଜୋର ଖୋଲା ସ୍ଥାନରେ ରହିଛି, ଆମେ ସେଇଠି ଭାତ ଖାଇଲୁ । ପାର୍ବତ୍ୟପ୍ରଦେଶର ହୋଟେଲ ଦେଖିବାକୁ ବହୁତ ସାନ କିନ୍ତୁ ସେମାନେ ଯେଉଁ ଆତ୍ମୀୟତା ସହିତ ଭେଜାଲ ମୁକ୍ତ ଖାଦ୍ୟ ଖୁଆନ୍ତି ତାହା ଅମୃତ ତୁଲ୍ୟ । ଖାଇବାରେ ଭାତ, ଡାଲି, କୌଣସି ଏକ ଅଜଣା ପତ୍ରର ଖଟା, ଆଳୁଭଜା, ଖାଇବାକୁ ଚାହିଁଲେ ଚିକେନ୍‌ର ସାନସାନ ଟୁକୁଡ଼ା, ଅଣ୍ଡା ପାଇବେ । ତେବେ ଏଠାରେ ଶାଗ କହିଲେ କେବଳ ଗୋଟିଏ ପ୍ରକାରର ଶାଗ ମିଳେ ଯାହାହେଉଛି ରାଇ ଶାଗ । ଏମିତିରେ ରାଇ ଶାଗ କହିଲେ ସୋରିଷ ଶାଗକୁ ବୁଝାଉଥିଲେ ମଧ୍ୟ ଏହା ସୋରିଷ ନୁହେଁ ଏହା ଏହି ସବୁ ପାର୍ବତ୍ୟ ଅଞ୍ଚଳରେ ହୋଇଥାଏ । ନେପାଳସାରା ଖାଇବା ପାଇଁ ଏହି ଶାଗ । ଏହା ଖାଇବାକୁ ପ୍ରଚୁର ମାତ୍ରାରେ ହାଳି ହାଳି ଲାଗେ । ଭାତ ପରେ ଇୟାକ(Yak)ର ଘନ ଦହି । ସାରା ସହିତ ରାସ୍ତାରେ ଆର୍ଟ ଏଣ୍ଡ କଲଚର ନେଇ ଗପ କରୁକରୁ ଏତେଟା ମିଶି ଯାଇଛି ଯେ ଆମେ ପ୍ରାୟ ସବୁସମୟରେ ଗୋଟିଏ ଟେବୁଲରେ ବସି ଖାଉଥିଲୁ । ହୋଟେଲର ତଳେ ସେହି ଶୀର୍ଣ୍ଣକାୟ ସୁନକୋସୀ ନଦୀ ବୋହି ଚାଲିଛି । ଆମେ କଫିର କପ୍ ଧରି ସେହି ନଦୀରେ ଓହ୍ଲେଇଲୁ । ହୋଟେଲ, ନଦୀ ଓ ନଦୀ ସେପାରି ପର୍ବତ । ଯଦିଓ ଏଇଠି ପର୍ବତମାଳାକୁ ସେତିକି ଉଚ୍ଚ ଲାଗୁନାହିଁ କାରଣ ଆମେ ବି ତ ଉଚ୍ଚରେ ରହିଛୁ ଆଉ ଏହା ହେଉଛି ହିମାଳୟର ଅଞ୍ଚଳ ବିଶେଷ ।

ଆମେ ପୁଣି ଚାଲିଲୁ । ପିଚୁ ରାସ୍ତା କେବେଠାରୁ ଶେଷ ହେଇଗଲାଣି । ଏବେ ରାସ୍ତାରେ କେବଳ ପଥର । ସେହି ପଥର ରାସ୍ତାରେ ଡ୍ରାଇଭର ମନ୍ଥର ଗତିରେ ବେଶ୍ କସରତ କରି ଗାଡ଼ିକୁ ଚଳାଉଛନ୍ତି । ଏଠି ଟାୟାର, ଇଞ୍ଜିନ ଓ ତେଲର କଥା ଚିନ୍ତା ନକରିବା ଭଲ । ସପ୍ତାହରେ ଦିନେଅଧେ ଏହି ଅଞ୍ଚଳରୁ ବସ୍ ଚଳାଚଳ କରେ ବୋଲି ଜାଣିଲି, ନହେଲେ କାଁଭାଁ ବିଦେଶୀ ପର୍ବତାରୋହୀଙ୍କ ପାଇଁ ଏହି ସବୁ ମାଇକ୍ରୋ ଗାଡ଼ି ଚଳାଚଳ କରେ ।

ବାହାରିଥିଲୁ ପ୍ରଥମ ସକାଳରେ । ଦେଖୁଦେଖୁ ସଞ୍ଜ ନଇଁବାକୁ ଲାଗିଛି । ସେହି ସଞ୍ଜ ସମୟରେ ଆମ ଗାଡ଼ି ରାସ୍ତା ଛାଡ଼ି ବାଆଁ ଆଡ଼କୁ ମୋଡ଼ ନେଲା ଓ ସାଙ୍ଗେ ସାଙ୍ଗେ ଯାଇ ଛିଡ଼ାହେଲା ଗୋଟିଏ ଢିପ ଉପରେ । ଆମକୁ ଏହି ଇଲାକାରେ ଯିଏ ମ୍ୟାନେଜ କରୁଛନ୍ତି ଦେବ କୁମାର ସୁନୁୱାର (Board of Trustees, UN Voluntary fund for Indigenous Population at United Nations.) ଏହି ରେଡ଼ିଓ ଷ୍ଟେସନଟି ତାଙ୍କର । 'ରେଡ଼ିଓ କୈରନ ୯୬.୪ ମେଗାହର୍ଜ' । ଟିଣ ଛାଉଣୀରେ ନିର୍ମିତ ଘରେ ଏହି ପାର୍ବତ୍ୟ ପ୍ରଦେଶର ଉଚ୍ଚ ଜାଗାଟିରେ ଟାୱାର୍ ଉପରେ ରହିଛି ଆଣ୍ଟେନାଗୁଡ଼ିକ । ଧୀରେଧୀରେ ଅନ୍ଧାର ମାଡ଼ି ଆସୁଛି ତା ସାଙ୍ଗକୁ ଥଣ୍ଡାର ଲହରୀ; ଯଦିଓ ମାର୍ଚ୍ଚ ମାସ ଅର୍ଦ୍ଧେକ ସରିଲାଣି । ଜାଣିଲି ଏଠାରେ ଜାନୁଆରୀ ମାସରେ ଦୁଇ ଫୁଟ ଉଚ୍ଚ ବରଫ ପଡ଼େ । ଏବେ ବି ଏଠାରୁ ଦେଖା ଯାଉଥିବା ପର୍ବତ ଶୃଙ୍ଗମାନ ବରଫରେ ଆଚ୍ଛାଦିତ । ବହୁତ ଉଚ୍ଚ ଗୋଟିଏ ଢିପ ଉପରେ ଚେୟାର୍ ଟେବୁଲ୍ ପକା ଯାଇଛି ଆମ ପାଇଁ । ସିଝା ଆଳୁ ଓ ତା ସାଙ୍ଗକୁ କଫି ଆମକୁ ପରିବେଷଣ କରାଗଲା । ଆଳୁ ମୋ ପାଇଁ ନିଷିଦ୍ଧ । କିନ୍ତୁ ଏମାନେ କହୁଛନ୍ତି ଏହି

▼ ଚିତ୍ରଶିଳ୍ପୀ ସାରାଙ୍କ ସହିତ ଲେଖକ ଅଜିତ ପାତ୍ର



ପାର୍ବତ୍ୟଅଞ୍ଚଳର ଆଳୁରେ ସୁଗାର୍ ନାହିଁ । ଠିକ୍ ଅଛି ମୁଁ ବି ଗୋଟିଏ ଦୁଇଟି ଆଳୁ ଖାଇଲି ଓ ଦୁଇକପ୍ ବ୍ଲାକ୍ କଫି ।

ପୁଣି ଗାଡ଼ି ଚାଲିଲା ଘନଅନ୍ଧାର ଭିତରେ ।

ମୁଁ ସାରାକୁ ପଚାରିଲି, "ଔର କିତ୍‌ନା ଦୂର ?" ସିଏ କହିଲେ, "ଔର୍ ଯାଦା ଦୂର୍ ତ ନହିଁ ହୈ, ପର ସମୟ ତ ଲଗେଗା ।"

ସମୟ ଲାଗିଲା । ସେହି ପ୍ରଥମ ସକାଳରୁ ଏବେ ରାତି ନଅଟା । ଦୁଇଟି ଗାଡ଼ି ଆସି ଯେଉଁଠି ଥମିଲା ସେଇଠି କିଛିଜଣ ଓହ୍ଲେଇ ଗଲେ । ସେମାନେ ରାତି ଓ ଭୋର୍‌ରୁ କାମ କରିବେ କାଲିର ପ୍ରୋଗ୍ରାମ ପାଇଁ । ମୁଁ ଆଉ ଅଳ୍ପ



କିଛିଜଣ ଉପରକୁ ଚାଲିଲୁ । ‘ଭାଣ୍ଡାର ଗେଷ୍ଟ ହାଉସ ଏଣ୍ଡ୍ ହୋଟେଲ’ ସାମ୍ନାରେ ଆସି ଦୁଇଟିଯାକ ଗାଡ଼ି ଅଟକିଲା । ଆଜିକା ପାଇଁ ଯାତ୍ରା ସମାପ୍ତି ଘୋଷଣା ହେଲା । ଏହି ଗେଷ୍ଟ୍ ହାଉସ୍‌ଟି ଉମାକୁଣ୍ଡ-୨, ବାମତିଭଣ୍ଡାର, ରାମେଛାପ ଜିଲ୍ଲାରେ ଅବସ୍ଥିତ । ଉମାକୁଣ୍ଡ ହେଉଛି ନେପାଳର ଗୋଟିଏ ଗ୍ରାମପାଳିକା, ବାମତିଭଣ୍ଡାର ସେହି ଗ୍ରାମପାଳିକାର ଗୋଟିଏ ୱାର୍ଡ ଓ ରାମେଛାପ ହେଉଛି ଗୋଟିଏ ଜିଲ୍ଲା । ଏହି ଉମାକୁଣ୍ଡର ସଦର ବା କାର୍ଯ୍ୟାଳୟ ହେଇଛି ପ୍ରୀତି । ଆଗକୁ ଯେଉଁଠି ଆମର ପ୍ରୋଗ୍ରାମ ରହିଛି । ଏହି ଉମାକୁଣ୍ଡକୁ ଜଡ଼ିବୁଟିର ଭାଣ୍ଡାର କହିଲେ ବି ଅତ୍ୟୁକ୍ତି ହେବ ନାହିଁ ।

ଦୁଇ ମହଲା ବିଶିଷ୍ଟ ପକ୍କାଘର ଥିଲେ ବି ମୁଁ ବାଛିନେଲି ଗୋଟିଏ କୋଣରେ ଥିବା କାଠନିର୍ମିତ ନଡ଼ନଡ଼ ବାକ୍ସ ପରି ଗୋଟିଏ କୋଠରୀକୁ । ବାଉଣ୍ଡାରୀର ଚିହ୍ନବର୍ଣ୍ଣ ନାହିଁ । କିନ୍ତୁ ସାମ୍ନାରେ ଗୋଟିଏ ବେଶ୍ ମନଲୋଭା ଗେଟ୍ ରହିଛି । ଯେଉଁମାନେ ଜୋର୍ କରି ମତେ ଉପର ରୁମ୍‌ରେ ରଖିଥାନ୍ତେ ସେମାନେ ଏଇଠି ନାହାଁନ୍ତି ସେମାନେ ଘାଟିର ତଳରେ ଓହ୍ଲେଇ ଯାଇଛନ୍ତି । ମୁଁ ଏଠାକୁ ଆସିଛି ସାହିତ୍ୟ ସମାରୋହରେ ଭାଗ ନେବାକୁ ଯେତିକି ନୁହେଁ, ଆସିଛି ଗୋଟିଏ ରୋମାଞ୍ଚକର ପର୍ଯ୍ୟଟକ ଭାବେ ବେଶି । ଗେଷ୍ଟ୍‌ହାଉସ୍‌ର କିଚେନ୍‌ଟି ଅଳ୍ପ ଟିକେ ଦୂରରେ ରହିଛି । ତଳୁଆ ଟିଣ ଛାଉଣୀ ଘର, କାଠ ଚୁଲି, ଚୁଲି ଉପରେ ରହିଛି ଚିମିନି, ତା କଡ଼କୁ ଖାଇବା ପାଇଁ ଗୋଟିଏ ଲମ୍ବା କୋଠରୀ । ସମ୍ପୂର୍ଣ୍ଣ ଗେଷ୍ଟ୍‌ହାଉସ୍‌ଟି ତିନିଜଣ ମହିଳା ଦ୍ୱାରା ପରିଚାଳିତ ହେଉଛି ଓ ସେମାନେ ଏଇଠି ଅଲଗା କୋଠରୀରେ ସାନସାନ ପିଲାମାନଙ୍କୁ ନେଇ ରହୁଛନ୍ତି । ରାତି ବଢ଼ିବଢ଼ି ଚାଲିଛି । ମୁଁ ବିଜୟରାଜଙ୍କୁ ଫୋନ୍ କଲି, ସେ କହିଲେ ସେମାନଙ୍କୁ ପହଞ୍ଚିବା ପାଇଁ ରାତି ଗୋଟିଏ କି ଦୁଇଟା ବାଜି ଯିବ, ସେଥିପାଇଁ ମୁଁ ଯେମିତି ଆଉ ଅପେକ୍ଷା ନକରେ ।

ରାତି ଅଧ । ହିମାଳୟ ପର୍ବତମାଳାର ଗୌରୀଶଙ୍କର ଶୃଙ୍ଗରୁ ବରଫ ପବନ ବୋହି ଚାଲିଛି ମୋ କୋଠରୀକୁ ଧକ୍କା ଦେଇ । ନଡ଼ବଡ଼ କାଠର କୋଠରୀ । ଶୃଗାଳ ବି ଧକ୍କା ଦେଲେ ଭୁଷୁଡି ପଡ଼ିବ । ଗୌରୀଶଙ୍କର ପର୍ବତକୁ ଶେରପାମାନେ କହନ୍ତି ଜେମୋ ସେରିଂଗମା । ଏହା ୭,୧୩୪ ମିଟର ବା ୨୩,୪୦୬ ଫୁଟ ଉଚ୍ଚ । ଏଠାରେ ଯେଉଁ ଦୁଇଟି ବରଫାଚ୍ଛାଦିତ ଧବଳଶୃଙ୍ଗ ରହିଛି ତା ଭିତରେ ଉତ୍ତର ଦିଗର ଉଚ୍ଚଶୃଙ୍ଗଟି ହେଉଛି ଶଙ୍କର ଆଉ ଦକ୍ଷିଣଦିଗର ଶୃଙ୍ଗଟି ହେଉଛି ଗୌରୀ । ମୁଁ ଶୋଇବି ବା ଆଉ କେତେବେଳେ । ଏହା ଭିତରେ ଦୁଇଥର ବାହାରକୁ ବାହାରିଲିଣି । ଆଖିରେ ନିଦ ନାହିଁ । କେତେ କ’ଣ ଦେଖିବାର ଅଛି । ଭାଗ୍ୟରେ ଥିଲେ ସକାଳୁ ସକାଳୁ ବରଫାବୃତ ଶୃଙ୍ଗଗୁଡ଼ିକ ଦେଖିବାକୁ ମିଳିବ । ବରଫ ପବନ ବୋହି ଚାଲିଛି ହୁ ହୁ କରି ।

ସକାଳୁ ସକାଳୁ ସମସ୍ତେ ତିଆରି । ବାଂଲାଦେଶର ଅତିଥି ସୃଜନ ବଡୁୟା ଦାଦା, କଲ୍ଲୋଳ ଦାଦା, ୱାନିଜା ଜୀ, ବିଜୟରାଜ ଓ ଆହୁରି କେତେଜଣ ପହଞ୍ଚି ଯାଇଛନ୍ତି । ପ୍ରଥମ କରି ଏଠାରେ ମୁଁ ଗ୍ୟାସ୍‌ଚାଳିତ ଗିଜର୍ ଦେଖିଲି । ଗରମ ବିନା ପାଣିକୁ ଛୁଇଁଲେ ରକ୍ତ ନିହାତି ଜମି ଯିବ । ପ୍ରଥମ ସକାଳରେ କିଛିଜଣଙ୍କ ସହିତ ବୁଲାବୁଲି । ଏଠାରେ ସେମିତି ଘଞ୍ଚ ଜଙ୍ଗଲ ନାହିଁ । ଚାରିଆଡ଼େ ଶୁଖିଲା ଉଚ୍ଚନୀଚ ଭୂମି । କିଛିଟା ନଦୀକୂଳର ପାଳ ଜମି ଧରଣର ଓ ଖୋଲାମେଲା । ଗେଷ୍ଟହାଉସ ପାଖରେ ଦୁଇଚାରିଟା ଘର ରହିଛି । ଯେଉଁସବୁ ଘର ଏହି ସୌନ୍ଦର୍ଯ୍ୟମଣ୍ଡିତ ପ୍ରାକୃତିକ କୋଳରେ ଚିତ୍ରପଟ ପରି ଦିଶୁଛି । ସକାଳୁ ଗୋଟିଏ ସାନ ଗଛରେ ରଡୋଡେନଡ୍ରନ ଗଛ ଓ ଅଳ୍ପ ଫୁଲ ଦେଖିବାକୁ ପାଇଲି । ପ୍ରଶଂସା ରାଈ ଏହି ଫୁଲ ମତେ ଦେଖାଇ ଥିଲେ । ସିଏ କୌଣସି ଏକ ଚାଇଲ୍ଡ ଡେଭଲପମେଣ୍ଟ୍ ସଂସ୍ଥାରେ କାମ କରନ୍ତି ଓ ପଢ଼ନ୍ତି । ପ୍ରାୟ ସମସ୍ତେ ଗାଡ଼ିରେ ଯିବାବେଳେ ଆମେ କିଛିଜଣ ଗୋଟିଏ ଡୁଙ୍ଗୁରି ପରି ପାହାଡ଼ ଚଢ଼ି ଚାଲିଲୁ । ବିଜୟରାଜଙ୍କର ବିଶ୍ୱାସ ନାହିଁ ମୁଁ ପହଞ୍ଚି ପାରିବି ବୋଲି । ପହଞ୍ଚିଲା ବେଳକୁ ସାମ୍ନାରେ ବିସ୍ମୟ ! ଶ୍ରୀସିଦ୍ଧେଶ୍ୱର ମାଧ୍ୟମିକ ବିଦ୍ୟାଳୟର ବଡ଼ ଗେଟ୍‌ଟିରେ ଲାଗି ରହିଥିବା ବ୍ୟାନର୍ କହୁଛି ଆଜିର କାର୍ଯ୍ୟକ୍ରମର କଥା- ‘ଚତୁର୍ଥ ଉମାକୁଣ୍ଡ ବାଲ୍ କଳା ସାହିତ୍ୟ ମହୋତ୍ସବ’ । ଭିତରରେ ଅଗଣିତ ପିଲା ଯେଉଁମାନେ ବିଭିନ୍ନ ସ୍କୁଲ୍‌ରୁ ଆସିଛନ୍ତି ସେମାନଙ୍କ ଶିକ୍ଷକଙ୍କ ସହିତ ଓ ଜନସାଧାରଣଙ୍କ ଠାରୁ ଆରମ୍ଭ କରି ଜନପ୍ରତିନିଧିମାନେ ମଧ୍ୟ । ଆମେ ତିନୋଟି ଗାଡ଼ିରେ ଆସିଥିବା ସମସ୍ତେ ଏଇଠି ରହିଛୁ । ମୁଁ ଅବାକ୍ ହୋଉଥିଲି ! ଏମିତି ଏକ ପାର୍ବତ୍ୟ ପ୍ରଦେଶରେ ଏତେ ବଡ଼ ବିଦ୍ୟାଳୟ ଓ ଏତେ ସଂଖ୍ୟକ ସାନବଡ଼ ପିଲାମାନେ କେତେ ଶୃଙ୍ଖଳାବଦ୍ଧ । ଅନବରତ ପ୍ରବାହିତ ପବନ ସାଙ୍ଗକୁ ମିଉଜିକ୍ ସିଷ୍ଟମରେ ନେପାଳର ପାର୍ବତ୍ୟ ପ୍ରଦେଶୀୟ ଗୀତ ଭାସି ବୁଲୁଛି ବିଦ୍ୟାଳୟ ପ୍ରାଙ୍ଗଣ ଠାରୁ ପାର୍ବତ୍ୟ ପ୍ରଦେଶର ଦିଗ୍‌ବିଦିଗ । ଆମେ କାଠମାଣ୍ଡୁ ବା ବିଦେଶରୁ ଯେତିକି ଏଠାରେ ଆସିଛୁ ସମସ୍ତେ ଲେଖକ କିମ୍ବା ଶିଶୁମାନଙ୍କର ବିକାଶ ପାଇଁ କୌଣସି ନା କୌଣସି ଭାବରେ ଜଡ଼ିତ । ବିଦ୍ୟାଳୟ ପ୍ରାଙ୍ଗଣଟି ବହୁତ ବଡ଼ । ଚାରିଆଡ଼େ ଦୂର ଆଉ ପାଖରେ ଘେରି ରହିଛି ମାଳମାଳ ପର୍ବତ । ସାରା ଆଜି ପୁରାପୁରି ନୀଳ ପରି । ଦେହସାରା ନୀଳ ରଙ୍ଗର ପରିଧାନ । ସିଏ ପିଲାମାନଙ୍କର ଚିତ୍ର ପ୍ରଦର୍ଶନୀ ସମ୍ଭାଳିବା ସହିତ ପିଲାମାନଙ୍କୁ ଚିତ୍ର ଅଙ୍କା କୌଶଳ ଶିଖିବାର ଶିକ୍ଷକ ଦାୟିତ୍ୱରେ ଅଛନ୍ତି । ସ୍ଥାନୀୟ ଜନନେତାମାନେ, ପ୍ରମୋଦ ପ୍ରଧାନ, କେ. କେ. କର୍ମଚାର୍ଯ୍ୟ ସାରଙ୍କ ସହିତ ମୁଁ ଓ ଆଉ କେତେଜଣ ଆମେ ମଞ୍ଚାସୀନ । ମୋ’ର ଆଜି ଦୁଇଟି ଦାୟିତ୍ୱ- ଉଦ୍‌ବୋଧନ ଅଭିଭାଷଣ ସହିତ ଗୋଟିଏ ଟକ୍ ଶୋରେ ଭାଗ ନେବା । ବିଦ୍ୟାଳୟର ବିଭିନ୍ନ ଜାଗାରେ ଆମ ଅତିଥିମାନଙ୍କ ଚିତ୍ର-ବ୍ୟାନର ଲାଗି ରହିଛି । ନେପାଳର ଜାତୀୟ ସଂଗୀତ, ପିଲାମାନଙ୍କର ପ୍ୟାରେଡ୍, ପିଲାମାନଙ୍କର ଦ୍ୱାରା ବିଭିନ୍ନ ଜାତିର ଲୋକନୃତ୍ୟ ମଞ୍ଚ ସାମ୍ନାରେ ଗୋଟିଏ ପରେ ଗୋଟିଏ ଚାଲିଛି । ମୋ’ର ଅଭିଭାଷଣ ଶେଷ ହୋଇଯାଇଥାଏ । ମୁଁ ଆଉ କାହିଁକି ଏଠାରେ ବସି ରହିବି ଯେ । ବିଜୟରାଜ ମଞ୍ଚ ସଂଚାଳନର ଦାୟିତ୍ୱରେ । ମୁଁ ତାଙ୍କୁ କହି ମଞ୍ଚ ତଳକୁ ଆସି ହଜି ଯିବାକୁ ଲାଗିଲି ପିଲାମାନଙ୍କର ଗହଣରେ । ସେମାନଙ୍କ ଚେହେରାରେ ଭିନ୍ନତା ଓ ପରିଧାନରେ ମଧ୍ୟ ଭିନ୍ନତା । ଚାରିଆଡ଼େ ଯେମିତି ରଙ୍ଗ ଛିଟିକି ଯାଇଛି । ଅଲଗା ଅଲଗା ଶ୍ରେଣୀକକ୍ଷରେ ଅଲଗା ଅଲଗା ବିଷୟରେ ପ୍ରଶିକ୍ଷଣ ଚାଲିଛି । ଯେମିତି- ଗପ ଲେଖିବା, ଚିତ୍ର ଆଙ୍କିବା, କବିତା ଲେଖିବା ଏମିତି ଅନେକ କିଛି । ମୁଁ ମନା କରିଦେଇଥିଲି ଶିକ୍ଷକ ସାଜିବା ପାଇଁ । କୁନିକୁନି ପିଲାମାନଙ୍କ ସହିତ କଥା କହିବା ଓ ମିଶିବାକୁ ମତେ ଭାରି ଭଲ ଲାଗୁଥିଲା । ତା ସହିତ କିଛିକିଛି ଖାଇବାପିଇବା । ଶ୍ରୀ ଜନତା ମାଧ୍ୟମିକ ବିଦ୍ୟାଳୟ ତରଫରୁ ପିଲାମାନଙ୍କର ଯେଉଁ ଦଳଟି ଗେଟ୍ ଦେଇ ପ୍ରବେଶ କରୁଥିଲା ସେମାନଙ୍କର

ବିଶେଷ ଧରଣର ମାଦଳ, ବଡ଼ବଡ଼ କରତାଳିର ବାଜଣା ସହିତ ଉତ୍ସାହ ଓ ଉଦ୍ଦୀପନା ସାଙ୍ଗକୁ ସେମାନଙ୍କର ସାଂସ୍କୃତିକ ପରିଧାନ ଓ ନାଚଗୀତ ମତେ ମୋହିତ ଓ ଆଚ୍ଛନ୍ନ କରି ପକେଇଥିଲା । ଏହି କ୍ଷୀପ୍ରଗତିର ଦଳଟିକୁ ପରିଚାଳନା କରୁଥିଲେ ତାଙ୍କ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୁଶ୍ରୀ ପ୍ରବୀଣା ସନୁୱାର ଓ ଅନ୍ୟାନ୍ୟ ଶିକ୍ଷକ । ପ୍ରବୀଣାଙ୍କୁ ଦେଖିଲେ ସୀତାଙ୍କ କଥା ମନେ ପଡ଼ିଯାଏ । ସୀତା ମଧ୍ୟ ଏହି ପାର୍ବତ୍ୟ ପ୍ରଦେଶର ଝିଅ ଯିଏ ଜନକପୁର, ନେପାଳରେ ଜନ୍ମଗ୍ରହଣ କରିଥିଲେ । ପ୍ରବୀଣା ବେଶ୍ ଲମ୍ବା, ପତଳା, ବଡ଼ବଡ଼ ଟାଣୁଆ ଲମ୍ବା ଆଖି । ଏହି ସୁନୁୱାର ଜାତିର ଲୋକଙ୍କ ତଳ ଆଖିପତାରେ ଲୋମ ନଥାଏ । ଦେଖିବାକୁ ଆମ ପାଇଁ କଣ୍ଢେଇ ପରି । ବହୁତ ଭଦ୍ର, ମେଳାପି ଓ ଯେ କୌଣସି କାମରେ ଦକ୍ଷ ରହିଛି ତାଙ୍କର । ମୁଁ ଯେଉଁଠି ଫଟୋ ଉତ୍ତୋଳନ କରୁଥାଏ ଓ୍ୱନିକା ରହମାନ ଆସି କହନ୍ତି, "ଦାଦା, ଆମି ଛବି ତୁଲ୍‌ବୋ ନା ?" କାହିଁକି ନୁହେଁ । ସିଏ ବି ମୋ ସହିତ ସେଠାକାର ପିଲାମାନଙ୍କ ଗହଣରେ ବହୁତ ଫଟୋ ଉଠେଇଛନ୍ତି ।


▼ ସୁନକୋସୀ ନଦୀ ଯାହା କୋସୀ ନଦୀ ସହିତ ଆସି ମିଶିଛି

ହଠାତ୍ ଏମିତି କଳାମେଘ କୋଉଠି ଥିଲା ଯେ ଘୋଟି ଆସିଲା । ପାର୍ବତ୍ୟ ଅଞ୍ଚଳର ମେଘ, ତୋଫାନ ଯିଏ ଦେଖିନାହିଁ ସିଏ ବୁଝି ପାରିବ ନାହିଁ । ସମୟ ନାହିଁ ଆଶ୍ରୟ ନେବାକୁ । ଭାଗ୍ୟରେ ଏତେବଡ଼ ସ୍କୁଲ୍‌ଟି ଥିଲା ବୋଲି । ଦୁଃଖ ଲାଗିଲା ଆମେ ଯଦି ବିତର୍କ ସଭା, ଭାଷଣବାଜି ନକରି ପିଲାମାନଙ୍କର କାର୍ଯ୍ୟକ୍ରମକୁ ଆଗୁଆ ରଖିଥାନ୍ତୁ; ଜାଣେନା ଆହୁରି କେତେକେତେ ବିଦ୍ୟାଳୟର ପିଲାମାନେ ବଞ୍ଚିତ ହେଲେ । ଝଡ଼ତୋଫାନ ଶାନ୍ତ ହେବା ବେଳକୁ ସଞ୍ଜ ନଇଁ ଆସିଛି । ଆମେ ପୁଣି ଆମର ନିର୍ଦ୍ଧାରିତ ଗାଡ଼ି ଓ ନିର୍ଦ୍ଧାରିତ ସିଟ୍‌ରେ ବସି ଚାଲିଲୁ ପ୍ରୀତି ଉଦ୍ଦେଶ୍ୟରେ । ପର୍ବତର ଶୀର୍ଷରୁ ପାଦଦେଶ ଯାଏଁ ଆଲୁଅର ମାଳ । ଏହି ସବୁ ମାଳମାଳ ତାରା ସଦୃଶ ଗୋଟିଏ ଗୋଟିଏ ଘର ଓ ଗୋଟିଏ ଗୋଟିଏ ପରିବାର । ଏତେ ଗହଳ ପର୍ବତ ଭିତରେ ବି ନେପାଳ ସରକାର କରେଣ୍ଟ ଓ ପାଣି ପାଇପ୍ ଯୋଗେ ସରବରାହ କରୁଛନ୍ତି, ବଡ଼କଥା । ବାମତିଭଣ୍ଡାର ଠାରୁ ପ୍ରତି ପ୍ରାୟ ୨୦ କିଲୋମିଟର ଦୂର କିନ୍ତୁ ପାର୍ବତ୍ୟ ପ୍ରଦେଶର ରାସ୍ତା ସାଙ୍ଗକୁ ଘନଅନ୍ଧାର । କେତେବେଳେ ଗାଡ଼ି ତଳକୁ ଓହ୍ଲାଉଛି ତ ପରେ ତା'ର ଚାରିଗୁଣ ଉପରକୁ ଉଠୁଛି । ଆମର ଡ୍ରାଇଭର ମଝିରେ ମଝିରେ ପ୍ରୀତିର ଉଜ୍ଜ୍ୱଳତମ ସେହି ଦୁଇଟି ଆଲୋକକୁ ଦେଖାଉଛନ୍ତି ଯାହା କେତେବେଳେ ଆକାଶରେ ତ କେତେବେଳେ ପାତାଳରେ ପରିଲକ୍ଷିତ ହେଉଛି ଆଉ ଯେମିତି ଲାଗୁଛି ଆମ ପାଇଁ ତାହା ଅପହଞ୍ଚ । କିନ୍ତୁ ଡ୍ରାଇଭର ବିଷ୍ଣୁ ଛାଡ଼ିବେ କାହିଁକି ଦୁଇ-ଅଢେଇ ଘଣ୍ଟା କସରତ କରି ରାତି ସାଢ଼େ ଆଠଟାରେ ଘନ ଆଣି ଛାଡ଼ିଲେ 'ପ୍ରୀତି ଭିଲେଜ ରିସୋର୍ଟ'ରେ । ଆମେ ସମସ୍ତେ ଯେ ଯାହାର ଲଗେଜ୍ ଧରି ରୁମ୍‌କୁ ଗଲୁ ।


▲ ବାମତିଭଣ୍ଡାରରେ ରାତ୍ରିଯାପନ କରିଥିବା ଚିତ୍ର ସଦୃଶ ଗେଷ୍ଟହଉସ୍

ବଡ଼ିଭୋର୍‌ରେ ମୁଁ ଯେତେବେଳେ ବାହାରକୁ ଆସିଲି ସେତେବେଳକୁ ସୁଜନ ବଡୁୟା ଦାଦା ପର୍ବତ ଆଡ଼କୁ ଅନେଇ ରହିଛନ୍ତି । ତାଙ୍କ ବୟସ ଯଥେଷ୍ଟ ହୋଇଛି । ପବନରେ ଯେମିତି ବରଫ ମିଶି ରହିଛି । ତେବେ ବି ତାଙ୍କର ବରଫାଚ୍ଛାଦିତ ଗୌରୀଶଙ୍କର ଶୃଙ୍ଗ ଦେଖିବା ପ୍ରୀତି ମତେ ଅଭିଭୂତ କଲା । ଏଠାରୁ ଖୁବ୍ ସ୍ପଷ୍ଟ ଭାବରେ ବରଫାବୃତ ଶୃଙ୍ଗଗୁଡ଼ିକ ଦୃଷ୍ଟିଗୋଚର ହେଉଛି ଓ ସୂର୍ଯ୍ୟ କିରଣର ପ୍ରଥମ ଆଲୁଅରେ ବରଫାଚ୍ଛାଦିତ ଶୃଙ୍ଗଗୁଡ଼ିକ ପ୍ରଥମେ ଲାଲ, ତା'ପରେ ଧବଳ ଦେଖାଗଲା ଓ ପରେପରେ ସୂର୍ଯ୍ୟ କିରଣ ବଢ଼ିବାରୁ ବରଫ ତରଳିବାକୁ ଲାଗି ଧୂଆଁଳିଆ ହେବାକୁ ଲାଗିଲା । ଏ ଗୋଟିଏ ଅବାକ୍ ସୌନ୍ଦର୍ଯ୍ୟ ଓ ଏହା ଦେଖିବା ସୌଭାଗ୍ୟର କଥା । ଏହି ରିସୋର୍ଟଟି ବେଶ୍ ବଡ଼ ଓ ଚାରି ମହଲା ବିଶିଷ୍ଟ । ପ୍ରାୟ ସମସ୍ତେ ବାହାରିଛନ୍ତି ବୁଲାବୁଲି ପାଇଁ । ନିକଟରେ ଗୋଟିଏ ଉଚ୍ଚନୀଚ ବିସ୍ତୃତ ଫାଙ୍କା ପଡ଼ିଆରେ ଗୋଟିଏ କୁନି ଶିବମନ୍ଦିରକୁ ଦେଖି ମତେ ଲାଗିଲା ଯେମିତି ଦୂର ଆକାଶରେ ଗୋଟିଏ ଏକୁଟିଆ କଳା ବିନ୍ଦୁ ପରି ପକ୍ଷୀ ଉଡୁଛି ଏକୁଟିଆ । ଶାନ୍ତିଜୀ ଅଛନ୍ତି ଆମ ସହିତ ଆଉ ସିଏ ସ୍ୱାସ୍ଥ୍ୟବାନ ହେଲେ ମଧ୍ୟ ଡିଆଁଡେଇଁରେ କମ୍ ନୁହନ୍ତି । ଯେଉଁ ଆଡ଼କୁ ଅନେଇଲେ ଆଖିରେ ତୃପ୍ତି ଭରିଯାଉଛି । ମୁଁ ଠିକ୍ କଲି ଥରେ ଆସି ବାମତିଭଣ୍ଡାରରେ ମାସେ କାଳ ରହିବି । ଏହି ଉମାକୁଣ୍ଡ ଗ୍ରାମପାଳିକାରେ ୨୦୧୧ ମସିହାର ଜନଗଣନା ରିପୋର୍ଟ ଅନୁଯାଇ ୪୫୧.୯୯ ବର୍ଗ କିମି କ୍ଷେତ୍ରଫଳ ଅଞ୍ଚଳରେ ମାତ୍ର ୧୭,୬୦୧ ଜଣ ମଣିଷଙ୍କ ବସବାସ । ଏମିତି ଗୋଟିଏ ନିର୍ଜନ ସ୍ଥାନ, ମାର୍ଚ୍ଚ ମାସରେ ବି ଥଣ୍ଡାଥଣ୍ଡା ପବନ ଅଥଚ ଚାରିଆଡ଼େ ଶୁଖିଲା ଓ ବିସ୍ତୃତ ଖୋଲାମେଲା ଫାଙ୍କା ଅଞ୍ଚଳ । ଏଠାରେ କାଁଭାଁ ବିଦେଶୀ ପର୍ବତାରୋହୀ ଛଡ଼ା ଆଉ ସେମିତି କେହି ଆସନ୍ତି ନାହିଁ । ଗତକାଲି ପରି ଆଜି ବି ସେମିତି 'ଶିଶୁ କଳା-ସାହିତ୍ୟ-ଉତ୍ସବ' ରହିଛି ଶ୍ରୀ ଚଣ୍ଡେଶ୍ୱରୀ ମାଧ୍ୟମିକ ବିଦ୍ୟାଳୟ, ଉମାକୁଣ୍ଡ ଗ୍ରାମପାଳିକା-୪, ପ୍ରିତି, ରାମେଛାପରେ । ଏହି ବିଦ୍ୟାଳୟର ପରିସରରେ ଆଜି ଖୋଲାମେଲା ମଞ୍ଚଟି ଫୁଲ ଓ ବେଲୁନରେ ସୁସଜ୍ଜିତ । ଆମ ପାଇଁ ପିଲାମାନେ ଯେଉଁସବୁ ଫୁଲମାଳ ଆଣି ଗୋଟିଏ ଟେବୁଲରେ ସଜାଡ଼ି ରଖିଛନ୍ତି ତାହା ଦେଖିଲେ ଲୋଭ ବଢ଼ିଯିବ ଯେମିତି ସବୁଯାକ ମାଳ ନିଜ ଗଳାରେ ଝୁଲେଇ ରଖିବା ପାଇଁ । ଏଇଠି ମଧ୍ୟ ଉଦ୍‌ଘାଟନ ମନ୍ତବ୍ୟ ରଖିଥିବାକୁ ବାଧ୍ୟ ହେଲି ଆଉ

ବିଜୟରାଜ ବାଧ୍ୟ କଲେ ପିଲାମାନଙ୍କୁ ଶିଶୁଗପ ଲେଖିବା କୌଶଳ ଶିଖାଇବା ପାଇଁ । ଗୋଟିଏ କ୍ଲାସ୍ ନେବା ପାଇଁ ବାଧ୍ୟ କରିଲେ ବୋଲି ମୁଁ ନିଜେ ସମୃଦ୍ଧ ହେଲି ଯେ ଏତେ ସୁଶୃଙ୍ଖଳ, ଶାନ୍ତ ନେପାଳି ପିଲାମାନଙ୍କ ସହିତ ଗପ କରି । ନେପାଳର ବୟସ୍କମାନେ ହିନ୍ଦୀ ଭଲ ଭାବରେ କହି ନପାରିଲେ ମଧ୍ୟ ପିଲାମାନେ ଭଲ ହିନ୍ଦୀ ଜାଣନ୍ତି, ହିନ୍ଦୀ ସିନେମାର ଦୌଲତରେ । ସେମାନେ ମତେ ପାଇ ଏତେ ଆନନ୍ଦିତ ଯେ ଛାଡ଼ିବାକୁ ରାଜି ନୁହଁନ୍ତି । ତା ପଛରେ ଅବଶ୍ୟ କାରଣ ମୁଁ ଭାରତରୁ ଯାଇଛି ଓ ସେମାନଙ୍କୁ ଶିଖାଇଲି ଆଗରୁ କୌଣସି କିଛି ନ ଭାବି ମନକୁ ଯାହା ଆସୁଛି, ସାମ୍ନାରେ ଯାହା ଘଟୁଛି ତାକୁ ଲେଖି ଚାଲିବାକୁ ଆଉ ଏମିତି ଲେଖୁଲେଖୁ ଦିନେ ସେମାନେ ବି ଲେଖକ ବନିଯିବେ ବୋଲି । ଏଇଠି କାର୍ଯ୍ୟକ୍ରମ ଟିକିଏ ଶୀଘ୍ର ଶେଷ ହେବାରୁ ଆମେ ଆମର ରିସୋର୍ଟକୁ ଫେରିଆସି ବାହାରିଲୁ ଗାଁ ବୁଲିଯିବା ପାଇଁ । ଦଳଟି ସଂକ୍ଷିପ୍ତ । ସମସ୍ତେ ଜାଣି ପାରିନାହାନ୍ତି । ନେତ୍ର ତାମାଙ୍ଗ (ଲେଖକ ଓ ସାମ୍ବାଦିକ), ବିଟି ମହର (ନାଟ୍ୟକର୍ମୀ ଓ ସିନେମା ଆର୍ଟିଷ୍ଟ), ଅନନ୍ତ ୱାଗଲେ (ଶିଶୁସାହିତ୍ୟିକ), ସୁମନ କେ. ସି. (ଶିଶୁସାହିତ୍ୟିକ), ରବୀନ୍ଦ୍ର ମାନନ୍ଧର (ବିଶିଷ୍ଟକାର୍ଟୁନିସ୍ଟ), ଶାନ୍ତି ସାପକୋଟା (ଶିଶୁସାହିତ୍ୟିକ) ଓ ମୁଁ । କେତେବେଳେ ଗଭୀର ଖାଲ ତ କେତେବେଳେ ଉଠାଣି ରାସ୍ତାରେ ଆମେ । ସମସ୍ତେ ଏତେ ଖୁସି



ଯେ ହଠାତ୍ ଗୀତ ଆଉ ନାଚ । ଶାନ୍ତିଜୀ କମ୍ ନୁହନ୍ତି । ବହୁତ ହସଖୁସିର ଜଣେ ମହିଳା । ତାଙ୍କର ନାଚିବାର ଉତ୍ସାହ ବେଶୀ । ମୁଁ ଆଉ କ'ଣ ରହିପାରେ ! ଜୀବନରେ ମନେହୁଏ ପ୍ରଥମ ପାଦର ଉଠପଡ଼ । ଯେମିତି ଲାଗୁଥାଏ ପଡ଼ିଯିବି କି ! ସେମିତି ଅବସ୍ଥାରେ ଚାଲିଛି ଗାଁ ବୁଲା । ଗାଁ କହିଲେ ଅଳ୍ପକିଛି ଘର । ଦୁଇଚାରିଟା ଦୋକାନ ଆଉ ଏଠାରେ ଉମାକୁଣ୍ଡ ଗ୍ରାମପାଳିକାର ମୁଖ୍ୟାଳୟର ଅଫିସ୍ ଘର ରହିଛି । ଯିଏ ଗଭୀର ପାର୍ବତ୍ୟ ଇଲାକାର ସହର, ବଜାର, ମୁଖ୍ୟାଳୟ, ଅଫିସ୍ ନଦେଖିଛି ସିଏ ବୁଝି ପାରିବ ନାହିଁ କେତେ କ୍ଷୁଦ୍ର କେତେ ସୀମିତ ହୋଇପାରେ ବୋଲି । ଏଠାକାର ଜନଜୀବନର ଚାହିଦା ମଧ୍ୟ ସୀମିତ କିନ୍ତୁ ଉତ୍ସାହ, ଉତ୍ସବ, ନାଚଗୀତ, ହସଖୁସିର ଜୀବନ ବହୁତ ଜୀବନ୍ତ ଓ ସଜୀବ । ହଠାତ ସେହି ପାର୍ବତ୍ୟ ସଞ୍ଜ ଓହ୍ଲେଇ ଆସିବାକୁ ଲାଗିଲା ।

ରାତି କଟିଲା । ସକାଳ ହେଲା । ଆମେ ସମସ୍ତେ ପୁଣି ତିଆର୍ । ଏ ହିମାଳୟ ବାସ ଏଇଠି ସମାପ୍ତି । ସମାପ୍ତି ଆଜି ହେଲେ ମଧ୍ୟ ଆଗକୁ ପୁଣି ସମ୍ଭାବନା ଥାଏ । ଅନ୍ତରରେ ଯିଏ ଯାହା ଭଲପାଏ ତାହା ପୁଣି ଫେରିଫେରି ଆସେ, କେବଳ ତାହାକୁ ଗ୍ରହଣ କରିପାରିଲେ ହେଲା- ଏହା ମୋ'ର ଦୃଢ଼ ବିଶ୍ୱାସ ।

ଏବେ ଆମେ ଆଉ ଗୋଟିଏ ଅନ୍ୟ ରାସ୍ତା ଦେଇ କାଠମାଣ୍ଡୁ ଆଡ଼େ ଚାଲିଛୁ । ନେପାଳର ଜାତୀୟ ଫୁଲ ରଡୋଡେନଡ୍ରନ ବା ନେପାଳିମାନେ ଯାହାକୁ କହନ୍ତି ଲାଲିଗୁରାସ୍ ସେହି ଫୁଲ ବାମତିଭଣ୍ଡାରରେ ଦେଖିଲେ ମଧ୍ୟ ସେ ଗଛରେ ବହୁତ ଅଳ୍ପ ଫୁଲ ଥିଲା । ରଡୋଡେନଡ୍ରନ ଫୁଲଗଛଗୁଡ଼ିକ ହିମାଳୟ ଅଞ୍ଚଳ ଛଡ଼ା ପୃଥିବୀର ବିଭିନ୍ନ ବରଫାବୃତ ପାର୍ବତ୍ୟ ଅଞ୍ଚଳରେ ୪୦୦ରୁ ଅଧିକ ପ୍ରଜାତିର ଦେଖିବାକୁ ମିଳେ । ସାରା ମତେ କହୁଥିଲେ ଏହି ରାସ୍ତାରେ ବହୁତ ପରିମାଣରେ ଦେଖିବାକୁ ମିଳିବ । ଆମେ କାଠମାଣ୍ଡୁ ଆଡ଼େ ଫେରି ଚାଲିଛୁ ଆଉ ଧିରେଧିରେ ପଛରେ ରହି ଯାଉଛି କେତେକେତେ ସୁଖଦ-ସ୍ମୃତି । ତା ଭିତରେ ବି ନିଜସ୍ୱ କିଛି କଥା କିଛି ଭାବନା ଆମେ ଶେୟାର କରି ଚାଲିଥାଉ । ଚାଲୁଚାଲୁ ଗୋଟିଏ ଉଠାଣି ରାସ୍ତା ଆଉ ସେହି ରାସ୍ତାରୁ ଆମ ସାମ୍ନାରେ ପରିଷ୍କାର ଭାବରେ ଉଦ୍‌ଭାସିତ ହେଇଉଠୁଛି ଗୌରୀଶଙ୍କର ଶୃଙ୍ଗ । ସୂର୍ଯ୍ୟର କିରଣରେ ସେତେବେଳକୁ ବରଫ ଧୂଆଁ-ଧୂଆଁ ଧୂଆଁଳିଆ ହେବାକୁ ଲାଗିଛି । ଗାଡ଼ି ଚାଲୁଚାଲୁ ଆମର ଡ୍ରାଇଭର ବିଷ୍ଣୁ ହଠାତ୍ ଗାଡ଼ିକୁ ବାମପଟେ ନେଇଗଲେ ଆଉ ଆମ ସାମ୍ନାରେ ଲାଲିଗୁରାସ ଗଛ । ଗଛରେ ଝଙ୍କାଝଙ୍କା ଲାଲି ଲାଲିକା ଫୁଲ ଝାଙ୍କି ରହିଛି ଓ ତା ପଛରେ ଗୌରୀଶଙ୍କର ଶୃଙ୍ଗ । ଏହି କ୍ୟାନ୍‌ଭାସ୍‌ଟି ଶିଳ୍ପୀ ହୁଏତ ଭାବି ପାରେ କିନ୍ତୁ ମୁଁ କେବେ ନୁହେଁ । ଆମେ ସମସ୍ତେ ଗାଡ଼ିରୁ ଡେଇଁ ଓହ୍ଲେଇଗଲୁ । ଫଟୋ, ଫଟୋ କେବଳ ଫଟୋ ଆଉ ଏହା ଫଟୋ ନୁହେଁ ଏହା ଶିଳ୍ପୀଙ୍କ ତୂଳୀରେ ଚିତ୍ରାୟିତ ଗୋଟିଏ ଗୋଟିଏ ଚିତ୍ରପଟ ।

ସନ୍ଧ୍ୟା ପୂର୍ବରୁ ଆମେ କାଠମାଣ୍ଡୁରେ ପହଞ୍ଚି ଯାଇଥିଲୁ । ସେହିସବୁ ହୋଟେଲରେ ଖାଇପିଇ ପ୍ରସ୍ତୁତ । ଏବେ କେବଳ ପ୍ରତିଶ୍ରୁତି ପୁଣି ଦେଖା ହେବାର । ଏମିତି ପୁଣି କେବେ ଆଉ ଏକାଠି ହେଇ ପାରିବା ମୁଁ ସେକଥା ଜାଣେ ନାହିଁ । ତେବେ ବି ବିଦାୟ ତ ନେବାକୁ ପଡ଼ିବ ।

ସକାଳରୁ ଉଠିଲେ ବି ମନଟା ଆଜି ସେମିତି ଭଲ ନାହିଁ । ଆଜି ଆମେ ଫେରିଯିବୁ । ବିଜୟରାଜ ଆମକୁ ମାର୍କେଟ୍‌କୁ ନେଇଯିବେ । ମୋ'ର କୌଣସି କିଛି କିଣାକିଣିର ଇଚ୍ଛା ନାହିଁ । ଉମାକୁଣ୍ଡରୁ ଫେରିବା ପରେ ସାରା ସହିତ ଆଉ ଦେଖା ହୋଇନାହିଁ । ଫେରିବା ସମୟରେ ମୁଁ କଥା ଦେଇଛି ଆର୍ଟ ଗ୍ୟାଲେରୀ ବୁଲିଯିବି ବୋଲି । କାଠମାଣ୍ଡୁରେ ଅନେକଗୁଡ଼ିଏ ଆର୍ଟ ଗ୍ୟାଲେରୀ ରହିଛି । ସେଥିରେ ବର୍ଷସାରା ସାରାଙ୍କର ଆର୍ଟ ପ୍ରାୟ ପ୍ରଦର୍ଶନ ହୁଏ । ସାରାଙ୍କ କହିଥିବା ନିର୍ଦ୍ଦିଷ୍ଟ ଜାଗାରେ ପହଞ୍ଚି ମୁଁ ଅପେକ୍ଷା କରୁଥିଲି । ଡ୍ରାଇଭର ମତେ ଟିକିଏ ଆଗରୁ ଓହ୍ଲେଇ ଦେଇଛନ୍ତି । ସେପଟରୁ ସାରା ଚାଲିଚାଲି ଆସୁଥିଲେ ।

ବିଦାୟ ସମୟରେ ପୁଣି ପ୍ରମୋଦ ପ୍ରଧାନ, ବିଜୟରାଜ ଆଚାର୍ଯ୍ୟ ଆସିଛନ୍ତି । ଭାବବିହ୍ୱଳ ଏ ବିଦାୟ ବେଳାରେ ବି ପୁଣି ମତେ ଆହୁରି ଅଙ୍ଗବସ୍ତ୍ର ସହିତ ବିଭିନ୍ନ ଉପହାର ଦେଲେ ଘରଲୋକଙ୍କ ପାଇଁ । ଟ୍ୟାକ୍ସି ଆମକୁ ନେଇ ଆଗକୁ ଆଗକୁ ବଢ଼ିବାକୁ ଲାଗିଲା ତ ନେପାଳର ସାହିତ୍ୟିକ-ବନ୍ଧୁମାନେ ପଛରେ ରହିଗଲେ ।



# ଅଙ୍ଗେ ଅଙ୍ଗେ ଅଙ୍ଗୁର

## ନାପା ଭ୍ୟାଲି ୱାଇନ୍

### ରାସ୍ତା ଦୁଇ ପାଖେ ନାପା ଭ୍ୟାଲିର ଦୃଶ୍ୟ

ଆକାଶରେ କେଇ ଖଣ୍ଡ ଜଳଭାରହୀନ ଭସା ମେଘର ପଇଁତରା । ତଳେ ମାଇଲ୍ ମାଇଲ୍ ବ୍ୟାପି ଅଙ୍ଗୁର ବଗିଚାର ଶାନ୍ତ ସୁନ୍ଦର ସମାରୋହ । ଚାରିଫୁଟ୍ ଉଚ୍ଚତାର ପତ୍ରଝରା ଗ୍ରେପ୍ ଭାଇନ୍ ସବୁ ଦିଶୁଥିଲେ ସତେକି ବାଳକ ବୌଦ୍ଧଭିକ୍ଷୁମାନେ ଶୃଙ୍ଖଳିତ ଭାବରେ ଧାଡ଼ି ବାନ୍ଧି ଠିଆ ହୋଇଛନ୍ତି କେଉଁ ଅନାଦି କାଳରୁ !

ନାପା ଭ୍ୟାଲି, ଅଙ୍ଗୁର ବଗିଚା ଓ ୱାଇନ୍ ଏକ ସ୍ୱର୍ଗୀୟ ବନ୍ଧନରେ ବନ୍ଧା । ଏଠା ମାଟିରେ ପାଦ ଦେଲେ ଯେ କେହି ହୃଦୟରୁ ଅନୁଭବ କରିବ । ନର୍ଥ କାଲିଫର୍ଣ୍ଣିଆରେ, ସାନ୍ ଫ୍ରାନସିସ୍କୋ ଉତ୍ତରକୁ ପାହାଡ଼ ଘେରା ଅଞ୍ଚଳ ନାପା, କାର୍ ଯୋଗେ ଘଣ୍ଟାକର ରାସ୍ତା ।

୧୮୬୧ ମସିହାରେ ଚାର୍ଲସ୍ କ୍ରୁଗ୍ ନାପା ଭ୍ୟାଲି ଇତିହାସରେ ପ୍ରଥମେ କମର୍ସିଆଲ୍ ୱାଇନାରି ପ୍ରତିଷ୍ଠା କରିଥିଲେ । ଆଜି ଦିନରେ ଏଠାରେ ସ୍ୱତନ୍ତ୍ର ଜଳବାୟୁ ଓ ମୃତ୍ତିକାରେ ନାପା ଭ୍ୟାଲି ଅଞ୍ଚଳରେ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ୱାଇନାରି ପୃଥିବୀର ସବୁଠୁଁ ଉନ୍ନତମାନର ୱାଇନ୍ ଲାଗି ବିଖ୍ୟାତ । ଆମେରିକାର ନବେ ଭାଗ ୱାଇନ୍ କାଲିଫର୍ଣ୍ଣିଆରୁ ଆସୁଥିଲା ବେଳେ ସେଥିରୁ ୪% କେବଳ ନାପା ଭ୍ୟାଲିର ଅବଦାନ ।

ୱାଇନାରି ଗୁଡ଼ିକ ନିଉ ବ୍ରାଣ୍ଡ୍ ୱାଇନ୍ ପ୍ରଦର୍ଶନ କରିବାର ଶୈଳୀ ସ୍ୱତନ୍ତ୍ର । ଫୁଲ ଓ ଚାରାଗଛର ବଗିଚା ମଧ୍ୟରେ ଭିଜିଟର ସେଣ୍ଟର, ୱାଇନ୍ ଟେଷ୍ଟିଙ୍ଗ ରୁମ୍ ଏବଂ ଗିଫ୍ଟ ସପ୍ ମାନ ଆର୍ଟ ଗ୍ୟାଲେରି ଓ ମ୍ୟୁଜିୟମ୍ ପରି ସେହି ୱାଇନାରିର ଫଟୋଗ୍ରାଫ୍, ପେଣ୍ଟିଙ୍ଗ୍, ଆର୍ଟିଫ୍ୟାକ୍ଟ ଦ୍ୱାରା ସୁସଜ୍ଜିତ ଓ ସମୃଦ୍ଧ । ୱାଇନ୍ ବୋତଲ ଲୋଗୋରେ କେହି କେହି ପିକାସୋ, ଭ୍ୟାନଗଗ୍ଙ୍କ ପରି ବିଖ୍ୟାତ ଚିତ୍ରକରଙ୍କ ଚିତ୍ରର ନକଲ ବ୍ୟବହାର କରିଥାନ୍ତି । ଭିଣ୍ଟେଜ୍ ମୋଟର୍ କାର୍, ବାଇସାଇକଲ୍, ଆଦି ମଧ୍ୟ ଦେଖିବାକୁ ମିଳେ । ଏହି ଲୋଗ ଗୁଡ଼ିକ ବାହାର କରି କୌଣସି କାନ୍‌ଭାସ୍‌ରେ ଅଠା ଲଗାଇ ମଡ଼ାଇଦେଲେ ଯେଉଁ ଆଧୁନିକ ଆର୍ଟ ହେବ ମୁଁ ତାହାକୁ ମୋ ଡ୍ରଇଂରୁମ୍‌ରେ ଲଗାଇବାକୁ କୁଣ୍ଠାବୋଧ କରିବି ନାହିଁ । ନାପା, ସୋନୋମା ଓ ଆଖପାଖ ଅଞ୍ଚଳରେ ଅନେକ ଲୋକାଲ୍ ଆର୍ଟିଷ୍ଟଙ୍କ ଆର୍ଟ ଷ୍ଟୁଡ଼ିଓରେ ୱାଇନ୍ ବଟଲ୍‌ର ଆର୍ଟମାନ ବିକ୍ରି ହୁଏ । ସେମାନେ ରେସ୍ତୋରାଁରୁ ନାନା ରଙ୍ଗର ୱାଇନ୍ ବଟଲ୍ ସଂଗ୍ରହ କରି, ସେଗୁଡ଼ିକୁ ତରଳାଇ, କିମ୍ବା ଘୋରି ମହମବତୀ ଷ୍ଟାଣ୍ଡ, ଲ୍ୟାମ୍ପ୍ ସେଡ୍ ଆଦି ଗୃହସଜ୍ଜା ଉପକରଣମାନ ବନାଇଥା'ନ୍ତି ।





◀ ଲେଖିକା ଲିପିକା ମହାପାତ୍ର


## ଲିପିକା ମହାପାତ୍ର

**୧୨୧୦ ଲୟୋଲା ୱେ, ବଲେହୋ,**
**କାଲିଫର୍ଣ୍ଣିଆ, ଯୁକ୍ତରାଷ୍ଟ୍ର ଆମେରିକା**


**ଫଟୋ ସୌଜନ୍ୟ : ଲେଖିକା**

### ଅଙ୍ଗୁର ବଗିଚାର ଇମିଗ୍ରାଣ୍ଟ୍ ଶ୍ରମିକ


ଗତ ରାତିରେ ନ୍ୟୁଜ୍‌ରେ ଦେଖିଲି ଆମେରିକା-ମେକ୍‌ସିକୋ ସୀମାର ବିଶାଳ ପ୍ରାଚୀର ନିକଟରେ ଇମିଗ୍ରାଣ୍ଟ୍‌ଙ୍କ ଅସମ୍ଭାଳ ଭିଡ଼ । ଗୋଟିଏ ପଟେ ଆମେରିକାର ଐଶ୍ୱର୍ଯ୍ୟ ଆରପଟେ ଶୀତ କାକରରେ ଛୁଆ କାଖେଇ ଅଗଣିତ ପରିବାରଙ୍କ ମାସମାସ ବ୍ୟାପି ଲକ୍ଷ୍ମୀଛଡ଼ା ଲମ୍ବା ଧାଡ଼ି । ଶୀତରୁ ବଞ୍ଚିବାକୁ ଠାଏ ଠାଏ କାଠି କୁଟା ଜମା କରି ନିଆଁ ଜାଳିଥାନ୍ତି । ହାତରେ ପାଣି ବୋତଲ ଧରି, ସ୍ୱେଚ୍ଛାସେବୀଙ୍କ ଭରଷାରେ ବିଷର୍ଣ୍ଣ ମୁହଁ ଗୁଡ଼ିକ ଚାହିଁ ରହିଥା'ନ୍ତି । କେହି କେହି ସୁଯୋଗ ପାଇ ନିଜ ଶିଶୁକୁ ଗଳାଇ ଦିଅନ୍ତି ପାଚିରି ସେପାଖକୁ, ଆରପାଖେ ଅପେକ୍ଷା କରିଥିବା ଆତ୍ମୀୟ ଅନ୍ତତଃ ଶିଶୁକୁ ଉଦ୍ଧାର କରିବ । ବିଶ୍ୱାସ- ଆମେରିକା ମାଟିରେ ପଡ଼ିଗଲେ ସବୁ ଆପଣାଛାଏଁ ସୁଧୁରିଯିବ ।

ଆମେରିକା ଏବଂ ମେକ୍‌ସିକୋ ସୀମାରେ ଯେଉଁ ମାଇଲ୍ ମାଇଲ୍ ଲମ୍ବ ବିଶାଳ ପ୍ରାଚୀର ନିର୍ମାଣ ହୋଇଛି ତାହା କେବଳ ଇଲିଗାଲ୍ ବର୍ଡ଼ର୍ କ୍ରସିଙ୍ଗ୍‌କୁ ରୋକିବା ଲାଗି । ଅବଶ୍ୟ ଅନେକେ ଆସନ୍ତି ଉପଯୁକ୍ତ ଏଜେନ୍ସି ମାଧ୍ୟମରେ । କିନ୍ତୁ କ୍ଷୁଧା, ଦରିଦ୍ର୍ୟନିପୀଡ଼ିତ, ବେକାରୀ ଦ୍ୱାରା ଜୀବନ ସଂଗ୍ରାମରେ ହାରୁଥିବା ଲୋକଙ୍କ ପାଇଁ ବର୍ଡ଼ର୍ କ୍ରସିଙ୍ଗ ଶେଷ ଅସ୍ତ୍ର । ସୀମାରେ ପୋଲିସ୍ ଓ ଇମିଗ୍ରାଣ୍ଟ୍‌ଙ୍କ ମଧ୍ୟରେ ଯେ ଖେଳ ଲାଗି ରହିଥାଏ ବର୍ଷ ତମାମ୍ । ବର୍ଡ଼ର ସମସ୍ୟାକୁ ନେଇ ଆମେରିକାନ୍ ପଲିଟିକ୍ସ ମଧ୍ୟ ଗରମ୍ ଥାଏ ଇଲେକ୍‌ସନ୍ ସମୟ ହେଉ ବା ନହେଉ । ସୀମା ଦେଇ ମାରାତ୍ମକ ଡ୍ରଗ୍ ଚାଲାଣ ମଧ୍ୟ ପୋଲିସ୍ ଲାଗି ମୁଣ୍ଡ ବିନ୍ଧାର ଆଉ ଏକ କାରଣ ।

ପୃଥିବୀର ଯେକୌଣସି ଅଞ୍ଚଳର ବିକାଶ ଦିଗରେ ଶ୍ରମିକଙ୍କ ଭୂମିକା ଓ ଅବଦାନ ଗୁରୁତ୍ୱପୂର୍ଣ୍ଣ ଏଥିରେ ସନ୍ଦେହ ନାହିଁ । ଭ୍ୟାନିୟାର୍ଡ଼୍‌ରେ ଅଙ୍ଗୁର ଅମଳ ଠୁଁ ଆରମ୍ଭ କରି ୱାଇନ୍ ପ୍ରଡକ୍ସନର ସଫଳତା ପଛରେ ଶ୍ରମିକଙ୍କ ଭୂମିକା ଅନନ୍ୟ । ଅଗଷ୍ଟ-ସେପ୍ଟେମ୍ବର ମଧ୍ୟରେ ଅଙ୍ଗୁର ତୋଳା ହୁଏ । ମେକ୍ସିକୋ ଏବଂ ଆଖପାଖ ଦେଶରୁ ଇମିଗ୍ରାଣ୍ଟ୍ ଶ୍ରମିକ ଦେଶ ସୀମା ପାରହୋଇ ଛୁଟି ଆସନ୍ତି ପିମ୍ପୁଡ଼ି ଧାଡ଼ି ବାନ୍ଧି ଆସିଲା ପରି । ଉଦ୍ଦେଶ୍ୟ- ଆମେରିକାର ସ୍ୱଚ୍ଛଳ ଜୀବନ !

ଯେଉଁଠି ଶ୍ରମିକ ସେଇଠି ଶୋଷଣ । ଆଜିର ଆଧୁନିକ ସମାଜରେ କେବେ କେମିତି ଇତିହାସର କ୍ରୀତଦାସ ପ୍ରଥାର ପୁନରାବୃତ୍ତି ଦେଖାଯାଏ ଉନ୍ନତ ଏବଂ ଲିଗାଲ୍ ଗାଇଡଲ ଇନ୍ ଆଢୁଆଳରେ । କେବେ କେବେ ଶ୍ରମିକ ଆନ୍ଦୋଳନ ଜରିଆରେ, କଦବା କ୍ୱଚିତ୍ କାଲିଫର୍ଣ୍ଣିଆ ମେକ୍ସିକାନ୍ ଇମିଗ୍ରାଣ୍ଟ୍ ଡକୁମେଣ୍ଟାରି ମାଧ୍ୟମରେ ଲୋକଲୋଚନକୁ ଆସିଥାଏ ଶ୍ରମିକଙ୍କ ସମସ୍ୟା । ମେଡ଼ିକାଲ ଇନସୁରାନ୍ସ କିମ୍ବା ସିକ୍ ଲିଭ୍ ଆଦି ଦୁର୍ଲଭ ଅନେକ ମାଇଗ୍ରେଟୋରି ୱାର୍କରଙ୍କ ଲାଗି ।

ତଥାପି ସେମାନେ ଆସନ୍ତି । ପୁଣିଥରେ ପେନ୍ଥା ପେନ୍ଥା ଅଙ୍ଗୁର୍ ଲଟାରେ ଝୁଲି ଝୁଲି ଅପେକ୍ଷା କରନ୍ତି ଇମିଗ୍ରାଣ୍ଟ୍‌ଙ୍କ ହାତ ସ୍ପର୍ଶକୁ ।



ଆଜିକାଲି ଆଧୁନିକ ନାପା ଭ୍ୟାଲିରେ ଇମିଗ୍ରାଣ୍ଟ୍ ୱାର୍କର୍ ୟାର୍ଡ୍ କ୍ରୟ କରି ୱାଇନ୍ ବନାଇବାର ସଫଳ ଉଦାହରଣ ମାନ ଦେଖିବାକୁ ମିଳୁଛି । ଏପରିକି କିଛି ଭ୍ୟାନିୟାର୍ଡ୍ ୱାର୍କର୍ ସେହି ଫାର୍ମର ବଳକା ଜମିରେ ନିଜ ପରିବାର ପାଇଁ ପନିପରିବା ଚାଷ କରୁଛନ୍ତି, ଅବଶ୍ୟ ଜମି ମାଲିକଙ୍କଠୁ ଅନୁମତି ନେଇ ।

## ନାପାକୁ ରାସ୍ତା

ରବିବାର ସକାଳ । କୁହୁଡ଼ିର ପତଳା ଚାଦରରେ ଆକାଶ ଢାଙ୍କି ହୋଇ ଯାଇଥାଏ । ଆମ ଘର ବଲେହୋ ସହରର ଉତ୍ତରରେ କାର୍ ଯୋଗେ ନାପା ୨୦ମିନିଟ୍ ଲାଗିବ । ଅନେକ ବାର ମୁଁ ସେ ରାସ୍ତାରେ ଯାଇଛି, ପ୍ରତିଥର ରାସ୍ତା କଡ଼ ସାରା ଢେଉ ପରି ଉଠାଣି ଗଡ଼ାଣି ଭୂଇଁରେ ଆସାମ୍‌ର ଚା-ବଗିଚା ଭଳି ଅଙ୍ଗୁର ବଗିଚାର ମନୋରମ ଦୃଶ୍ୟରୁ ମୋର ଆଖି ହଟେନି । ଚିଲିକାର ପ୍ରାକୃତିକ ଦୃଶ୍ୟରେ ବିଭୋର ହୋଇ କବିବର ରାଧାନାଥ ରାୟଙ୍କର କବିତାରୁ ଧାଡ଼ିଟିଏ ମନେପଡ଼ିଗଲା: “ସୁନ୍ଦର ତୃପ୍ତିର ଅବସାଦ ନାହିଁ ଯେତେ ଦେଖୁଥିଲେ ନୂଆ ଦିଶୁଥାଇ ।”

ଆମେ ନାପା ଭ୍ୟାଲିରେ ପହଞ୍ଚିଲା ବେଳକୁ ଦିନ ନଅଟା । ଦୀପକ ଏକ ରେସ୍ତୋରାଁରେ ପାନ୍ କେକ୍ ବ୍ରେକ୍‌ଫାଷ୍ଟ ନେଲେ । ମୁଁ କେବଳ ଅରେଞ୍ଜ୍ ଜୁସ୍ ସହିତ ଶୀଘ୍ର ଆମ ଗନ୍ତବ୍ୟ ପଥରେ ବାହାରିଗଲୁ । ମୁଁ ରାସ୍ତାକୁ ଚାହିଁ ନାପାର ଜନଜୀବନକୁ ଦେଖୁଥାଏ । ରେସ୍ତୋରାଁ ପୋର୍ଟିକୋରେ ଶୀତରୁ ରକ୍ଷା ଲାଗି ହିଟିଙ୍ଗ୍‌ର ବ୍ୟବସ୍ଥା ଥାଏ । ଲୋକେ ଖାଦ୍ୟ ଖାଉଥାନ୍ତି, ଗପୁଥାନ୍ତି । କେହି କେହି ଏକୁଟିଆ ରାସ୍ତାକୁ ଚାହିଁ ବ୍ରେକ୍‌ଫାଷ୍ଟ୍‌କୁ ଅପେକ୍ଷା କରିଥାନ୍ତି । ରାସ୍ତାରେ ଗହଳ ଚହଳ କମ୍, ଜୀବନଯାତ୍ରା ମନ୍ଥର କିନ୍ତୁ ୱାଇନାରି ଠାରୁ ଆରମ୍ଭ କରି ଡାଉନ୍‌ଟାଉନ୍‌ରେ ଛୋଟିଆ ମୋଟିଆ ଦୋକାନ ଏବଂ ମଡ଼ର୍ଣ୍ଣ ମଲ୍ ପର୍ଯ୍ୟନ୍ତ ସବୁଠି ଆଭିଜାତ୍ୟର ଛାପ ସ୍ୱଷ୍ଟ, ତାହା ନାପାର ବିଶେଷତ୍ୱ ।

୧୮୮୫ ମସିହାରେ, ଇଟାଲିଆନ୍ ଇମିଗ୍ରାଣ୍ଟ୍ ଭିଟୋରିଓ ସାଟିଲିଙ୍କର ପରିଶ୍ରମର ସଫଳ ଉଦାହରଣ ଭି.ସାଟିଲି ୱାଇନାରିରେ ଆମେ ପହଞ୍ଚିଲା ବେଳକୁ ଦିନ ଦଶଟା ବାଜିଲାଣି । ସବୁଜ ଉଦ୍ୟାନ ଶୋଭିତ, ପିକ୍‌ନିକ୍, ଗ୍ରାଉଣ୍ଡ୍, ଭିଜିଟର୍ ସେଣ୍ଟର୍ ସାମ୍ନାରେ ବିରାଟ ଜଳ ଫୁଆରକୁ ନେଇ ଏହି ୱାଇନାରିଟି ଇଟାଲିଆନ୍ ସ୍ଥାପତ୍ୟରେ ନିର୍ମିତ ଏବଂ ବେଶ୍ ଆକର୍ଷଣୀୟ । ଠାଏ ଠାଏ କାଠ ୱାଇନ୍ ବ୍ୟାରେଲ୍‌ରେ ଫୁଲ ବୋଝେଇ ଗଛ ମାନ ମନେହେଉଥାଏ ସତେକି ଫୁଲ ଭର୍ତ୍ତି ଚାଙ୍ଗୁଡ଼ି ସବୁ ରଖା ହୋଇଛି ।

ନାପାର ରେଡ୍ ୱାଇନ୍ Cabernet Sauvignon ୱାଇନ୍ ପ୍ରିୟ ଲୋକଙ୍କ ପ୍ରଥମ ପସନ୍ଦ । ଅନେକ ୱାଇନାରିରେ ୱାଇନ୍ ଟେଷ୍ଟିଙ୍ଗ୍ ମୂଲ୍ୟ ଦୁଇ ଜଣଙ୍କ ଲାଗି ପ୍ରାୟ ଶହେ ଡଲାରରୁ ଆରମ୍ଭ । ଭାରତୀୟ ମୁଦ୍ରାରେ ଆଠ ହଜାର ଟଙ୍କା । କେହି କେହି ଇଟାଲିଆନ୍ ରାନ୍ଧଣାରେ ୱାଇନ୍ ବ୍ୟବହାର ପସନ୍ଦ କରନ୍ତି । ମୁଁ ପାସ୍ତା କିମ୍ବା ରିସୋଟ୍‌ରେ ରେଡ୍ ୱାଇନ୍ ବ୍ୟବହାର କରେ ।

ସେଦିନ ଆମେ ଫେରିଲା ବେଳକୁ ଦ୍ୱିପ୍ରହରର ଖରାରେ ଝଲମଲ ନାପା ନଦୀ ରାସ୍ତାରୁ ଦିଶୁଥାଏ ସତେକି ରୂପା ଟଙ୍କା ସବୁ ବିଛାଇ ହୋଇଛି । ନାପା ଭ୍ୟାଲିର ପ୍ରାକୃତିକ ସୌନ୍ଦର୍ଯ୍ୟ, ଗ୍ରେପ୍ ଭାଇନର ଛନ୍ଦାଛନ୍ଦି ଅସ୍ତିତ୍ୱ ଓ କୋଳାହଳ ମୁକ୍ତ ଉପତ୍ୟକାକୁ ଛାଡ଼ି ଆସିଲା ବେଳେ ଭାବୁଥାଏଁ ପୁଣି କେବେ ଆସିବି, ହେଉପଛେ ସ୍ୱଳ୍ପ ସମୟର ଲଙ୍ଗ୍ ଡ୍ରାଇଭ୍, ସେମାନେ ମୋତେ ଚିହ୍ନିବେ ନିଶ୍ଚୟ !







HIGHLAND
A Highland Group Entity
HIGHLAND
Highland Ajisen
Highland Oishii
Highland De La Mer Pvt. Ltd, founded and promoted by Mr. Pratik Jena is making a mark in the export market of frozen shrimp with good and world class quality materials.
HIGHLAND DE LA MER PVT. LTD
Alupur, O.T Road, Balasore, Odisha, India - 756001
sales@highlanddelamer.in, + 91 - 9861201752
www.highlanddelamer.in


ଦ୍ୱି-ପ୍ରଚ୍ଛଦ
ଆମ ମାଟିର ସ୍ୱର
ପ୍ରଚ୍ଛଦ କଳ୍ପନା : କୃଷ୍ଣ କୁମାର ମହାନ୍ତି
ପ୍ରଚ୍ଛଦ ମଡେଲ୍ : ସିମୁନ୍ ଲେଙ୍କା,ବାରିପଦା
ଉଚ୍ଚତା : ୫ ଫୁଟ୍
ବୃତ୍ତି : ମଡେଲ୍
ଶିକ୍ଷା : କଳାରେ ସ୍ନାତକୋତ୍ତର
ରୁଚି : କଳା ଓ ହସ୍ତଶିଳ୍ପ
ପ୍ରଚ୍ଛଦ ଫଟୋଗ୍ରାଫି : ଚନ୍ଦନ ପ୍ରଧାନ, ସିପି ଫଟୋଗ୍ରାଫି, ବାରିପଦା
ପ୍ରଚ୍ଛଦ ଡିଜାଇନ୍ : ଶିବରାଜ କର୍ମ, ସୋନପୁର
ମେକ୍ଅପ୍/ କଷ୍ଟ୍ୟୁମ: ସୁନିତା ମହାପାତ୍ର,ବାରିପଦା
ସ୍ଥାନ : ଜ୍ୱାଳାମୁଖୀ ମନ୍ଦିର ପାଖ, ବାରିପଦା

ଲେଣ୍ଡର

# ୨୦୨୪ ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୩୧ | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

୦୮/୦୩/୨୦୨୪ : ମହାଶିବରାତ୍ରି
୨୫/୦୩/୨୦୨୪ : ଦୋଳପୂର୍ଣ୍ଣିମା
୨୬/୦୩/୨୦୨୪ : ହୋଲି ଉତ୍ସବ
୨୯/୦୩/୨୦୨୪ : ଗୁଡ୍‌ଫ୍ରାଇଡେ

### ୨୦୨୪ ଜାନୁଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ୨୦୨୪ ଫେବୃଆରୀ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | | |

### ୨୦୨୪ ମାର୍ଚ୍ଚ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |
| ୩୧ | | | | | | |

### ୨୦୨୪ ଅପ୍ରେଲ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | | | | |

### ୨୦୨୪ ମଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | ୧ | ୨ | ୩ | ୪ |
| ୫ | ୬ | ୭ | ୮ | ୯ | ୧୦ | ୧୧ |
| ୧୨ | ୧୩ | ୧୪ | ୧୫ | ୧୬ | ୧୭ | ୧୮ |
| ୧୯ | ୨୦ | ୨୧ | ୨୨ | ୨୩ | ୨୪ | ୨୫ |
| ୨୬ | ୨୭ | ୨୮ | ୨୯ | ୩୦ | ୩୧ | |

### ୨୦୨୪ ଜୁନ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | | ୧ |
| ୨ | ୩ | ୪ | ୫ | ୬ | ୭ | ୮ |
| ୯ | ୧୦ | ୧୧ | ୧୨ | ୧୩ | ୧୪ | ୧୫ |
| ୧୬ | ୧୭ | ୧୮ | ୧୯ | ୨୦ | ୨୧ | ୨୨ |
| ୨୩ | ୨୪ | ୨୫ | ୨୬ | ୨୭ | ୨୮ | ୨୯ |
| ୩୦ | | | | | | |

### ୨୦୨୪ ଜୁଲାଇ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | ୧ | ୨ | ୩ | ୪ | ୫ | ୬ |
| ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| ୧୪ | ୧୫ | ୧୬ | ୧୭ | ୧୮ | ୧୯ | ୨୦ |
| ୨୧ | ୨୨ | ୨୩ | ୨୪ | ୨୫ | ୨୬ | ୨୭ |
| ୨୮ | ୨୯ | ୩୦ | ୩୧ | | | |

### ୨୦୨୪ ଅଗଷ୍ଟ

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | ୧ | ୨ | ୩ |
| ୪ | ୫ | ୬ | ୭ | ୮ | ୯ | ୧୦ |
| ୧୧ | ୧୨ | ୧୩ | ୧୪ | ୧୫ | ୧୬ | ୧୭ |
| ୧୮ | ୧୯ | ୨୦ | ୨୧ | ୨୨ | ୨୩ | ୨୪ |
| ୨୫ | ୨୬ | ୨୭ | ୨୮ | ୨୯ | ୩୦ | ୩୧ |

### ୨୦୨୪ ସେପ୍ଟେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୭ | ୨୮ |
| ୨୯ | ୩୦ | | | | | |

### ୨୦୨୪ ଅକ୍ଟୋବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | ୧ | ୨ | ୩ | ୪ | ୫ |
| ୬ | ୭ | ୮ | ୯ | ୧୦ | ୧୧ | ୧୨ |
| ୧୩ | ୧୪ | ୧୫ | ୧୬ | ୧୭ | ୧୮ | ୧୯ |
| ୨୦ | ୨୧ | ୨୨ | ୨୩ | ୨୪ | ୨୫ | ୨୬ |
| ୨୭ | ୨୮ | ୨୯ | ୩୦ | ୩୧ | | |

### ୨୦୨୪ ନଭେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| | | | | | ୧ | ୨ |
| ୩ | ୪ | ୫ | ୬ | ୭ | ୮ | ୯ |
| ୧୦ | ୧୧ | ୧୨ | ୧୩ | ୧୪ | ୧୫ | ୧୬ |
| ୧୭ | ୧୮ | ୧୯ | ୨୦ | ୨୧ | ୨୨ | ୨୩ |
| ୨୪ | ୨୫ | ୨୬ | ୨୭ | ୨୮ | ୨୯ | ୩୦ |

### ୨୦୨୪ ଡିସେମ୍ବର

| ରବି | ସୋମ | ମଙ୍ଗଳ | ବୁଧ | ଗୁରୁ | ଶୁକ୍ର | ଶନି |
|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ |
| ୮ | ୯ | ୧୦ | ୧୧ | ୧୨ | ୧୩ | ୧୪ |
| ୧୫ | ୧୬ | ୧୭ | ୧୮ | ୧୯ | ୨୦ | ୨୧ |
| ୨୨ | ୨୩ | ୨୪ | ୨୫ | ୨୬ | ୨୮ | ୨୮ |
| ୨୯ | ୩୦ | ୩୧ | | | | |

ଧାରାବାହିକ କାବ୍ୟ

# ଦ୍ରୌପଦୀ-୩୭



## ପ୍ରଫୁଲ୍ଲ କୁମାର ମହାନ୍ତି


**(ରାଜସୂୟ ଯଜ୍ଞ ପ୍ରସ୍ତୁତି)**

ହର୍ଷ ଆନନ୍ଦର କୋଳାହଳ ଥମିଗଲା ପରେ
କର୍ତ୍ତବ୍ୟ ସଚେତନ ହେଲେ ଉଦ୍‌ଯୋଗୀ ଜନତା
ଆରମ୍ଭିଲା ପୁରା ଦମ୍ଭରେ ଯଜ୍ଞ ପ୍ରସ୍ତୁତି
ସଭା କଲେ ଯୁଧିଷ୍ଠିର ବନ୍ଧୁ ପରିଜନ
ମନ୍ତ୍ରୀ ପାରିଷଦ କୁଳ ପୁରୋହିତ ଋଷିମୁନି ଡାକି
କୃଷ୍ଣ ବାସୁଦେବ ଥିଲେ ସମସ୍ତଙ୍କ ଆଖିର ପିତୁଳି ।

ପଚାରିଲେ ଯୁଧିଷ୍ଠିର କି ଭାଷାରେ ଯିବ ନିମନ୍ତ୍ରଣ
ଭାରତର ବିଜ୍ଞପ୍ରାଜ୍ଞ ବିଜ୍ଞାନୀ ପ୍ରବର
ରାଜା ବିଦୂଷକ ବୀର କଳାକାର
ଆଶ୍ରମ ବିଭୂତି କବି ଗାୟକ ନର୍ତ୍ତକୀ
ଶିଳ୍ପୀ ନିର୍ମାତା ଆଉ ସୁଧୀ ନଗ୍ରବାସୀ
କିପରି ସୁରକ୍ଷା ହେବ ଭାରତର ରାଜଗଣଙ୍କର
କିପରି ଆସିବ ଖାଦ୍ୟ ପରିବା ସଉଦା
କେଉଁଠି ରଖାଯିବ ଉପହାର ଧାତୁଧନ
କୁହନ୍ତୁ ବନ୍ଧୁଗଣ କିଏ ନେବ କେଉଁ କାର୍ଯ୍ୟଭାର ?

ଧୀର ଗମ୍ଭୀର ହୋଇ କହିଲେ ବାସୁଦେବ
ସବୁଠୁ ଗୁରୁତର କାମ ହେଲା ରାଜାଙ୍କର
ସ୍ୱାଗତ ସମ୍ବର୍ଦ୍ଧନା ସୁରକ୍ଷିତ ବାସ
ଅଭ୍ୟସ୍ତ ବିଳାସର ଆୟୋଜନ ବିନମ୍ର ପ୍ରୟାସ:
ଆହେ ବିଜ୍ଞ ଯୁଧିଷ୍ଠିର ଜାଣନ୍ତି ଆପଣ
ବିନୀତ ସ୍ୱାଗତର ଆନ୍ତରିକ ହସ
ରାଜାଙ୍କର ଅହଂକାର ଦର୍ପ କରେ ହ୍ରାସ
ବଶୀଭୂତ କରେ ଐଶ୍ୱର୍ଯ୍ୟର ଉଗ୍ର ବ୍ୟବହାର
ତେଣୁ କେବେ ଭୁଲ ନାହିଁ ପାଛୋଟି ନେବାକୁ
ନିଜେ ରହି ଉପସ୍ଥିତ ପଦବନ୍ଦନାର ।
ସେମାନେ ଆସିବେ ଦୂର ଦୁର୍ଗମ ପଥ ମାଡ଼ି
ନିମନ୍ତ୍ରଣ ରକ୍ଷା କରି ଭାଗ ନେବା ପାଇଁ
ତୁମ ରାଜସୂୟ ମଙ୍ଗଳ କର୍ମରେ-
ହଁ ବାସୁଦେବ ଠିକ୍ କହୁଛ ତମେ



ପ୍ରଫୁଲ୍ଲ କୁମାର ମହାନ୍ତି

ତେଣୁ ତୁମକୁ ମୁଁ ସମର୍ପୁଛି
ସ୍ୱାଗତ ଆତିଥ୍ୟ ଆଉ ଅନ୍ୟ ବ୍ୟବସ୍ଥାର
ସବୁ ଅଧିକାର, ମୁଁ ରହିବି ତୁମ ପାଖେ
ନିର୍ଦ୍ଦେଶ ପାଳନ ପାଇଁ ସବୁ କର୍ତ୍ତବ୍ୟର
ହସିଲେ ସମସ୍ତେ ରହିଲା ତେବେ କଣ
ଅନ୍ୟ ଲୋକ ପାଇଁ କର୍ମ ଅଧିକାର
ସବୁ ତ କରିବେ କୃଷ୍ଣ ଆଦି ଅନ୍ତ ମଧ୍ୟର ବେଭାର !
ଆଉରି ଅନେକ କାମ ଖାଦ୍ୟ ଆମ ଦାବୀ
ତା'ର ସମୟକ୍ରମ ପରିମାଣ ବିବିଧତା
ଅତିଥିଙ୍କ ରୁଚି ତୃପ୍ତି ପାଇଁ ସ୍ୱାଦର ପ୍ରକାର
କେଉଁ ପାତ୍ର କିପରି ସଜାହେବ କେମିତ ପରଷା ହେବ
ତାହା ମଧ୍ୟ ହେବ କଳାତ୍ମକ
ଅତିଥିର ମାଗିବା ପୂର୍ବରୁ ଭରିଯିବ ଥାଳୀ
ସୁଗନ୍ଧ ହାତରୁ ହସମୁଖୀ ସ୍ନେହ ଉପଚାର

ହଁ ସଖା ଏସବୁ ଆବଶ୍ୟକ ନିପୁଣ ଭଙ୍ଗୀରେ
କହିଲେ ଦ୍ରୌପଦୀ ମୁହଁ ଖୋଲି ନମ୍ରତାରେ
ସଭିଙ୍କ ହୃଦୟରେ ଜାଗିଲା ସମଭାବ ଆନନ୍ଦର
ସଭିଏଁ କହିଲେ ତୁମ ଠାରୁ କିଏ ଆଉ ବେଶୀ
ବୁଝିବ ପେଟମନ କଥା ମର୍ଯ୍ୟାଦାର
ତୁମେ ହିଁ ବଢ଼ାଇବ ଅତିଥିଙ୍କ ଲୋଭ
ରୋଷେଇ କଳାରେ ଭରି ସ୍ନିଗ୍ଧ ଅନୁଭବ ।

ଯୋଗାଣ ବ୍ୟବସ୍ଥାର ଭାର ନେଲେ ଭୀମ
ଆମଦାନୀ ବଣ୍ଟନ ରୋଷଘର ଭଣ୍ଡାର
ନିରନ୍ତର ଯୋଗାଣର ପୂର୍ଣ୍ଣ ଅଧିକାର ।
ଅର୍ଜ୍ଜୁନଙ୍କୁ ଦିଆଗଲା ରୋଚକ ବିଭାଗ
ନାଟ୍ୟଶାଳା ମଞ୍ଚର କଳ୍ପନା ମନୋରଞ୍ଜନର
କଳାକାର ସମ୍ବର୍ଦ୍ଧନା ଭାରତର ମାନୀଗୁଣୀ
ଅତିଥିଙ୍କ ସଂସ୍କୃତି ରଞ୍ଜନ ପାଇଁ
ଇନ୍ଦ୍ରପ୍ରସ୍ଥ ମଣ୍ଡପରେ ଭାରତ ଭାବନା ।
ନକୁଳ ଦାୟିତ୍ୱ ନେଲେ ନଦୀପଥ ସ୍ଥଳପଥ
ନଉକା ଶଗଡ଼ରେ ଆସୁଥିବା ମାଲପତ୍ର
କର୍ମୀ ସୁରକ୍ଷା ଆଦି ଖଟଣିର କାମ
ସହଦେବ ହେଲେ ହିସାବ ରକ୍ଷକ ଅର୍ଥ ବିତରକ
ପରିଚାଳନାର ପ୍ରମୁଖ ନାୟକ ।

ଯୁଧିଷ୍ଠିର ପଚାରିଲେ କିଏ ହେବ
ଭଣ୍ଡାର ରକ୍ଷକ ଆସୁଥିବା ଉପହାର
ବିଦାକି ସନ୍ତକ ତଥା ଦାନ ଧର୍ମ ପାଇଁ
ଗଚ୍ଛିତ ଧନରତ୍ନ ମୁଖ୍ୟ ସଞ୍ଚାଳକ ?
ଆଶୁ ଉତ୍ତର ଦେଲେ କୃଷ୍ଣ ବାସୁଦେବ
ଦୁର୍ଯ୍ୟୋଧନ ଉପଯୁକ୍ତ ଏକାନ୍ତ ପ୍ରଭୁତ୍ୱ
ଦିଅ ତାକୁ ବିନା ସଙ୍କୋଚରେ
ନିରବିଲା ରାଜସଭା ମହା ଆଶ୍ଚର୍ଯ୍ୟରେ

କିଏ ! ଦୁର୍ଯ୍ୟୋଧନ ! ସେ ତ ଅଜାଡ଼ି ଦେବ
ଦୁଇ ଜାଗାରେ ପାଞ୍ଚ ମୁଠାଏ ଜାଗାରେ ବସ୍ତାଏ
ଖାଲି କରିଦେବ ଭଣ୍ଡାର ଗୋଟିଏ ଦିନରେ !

ସେଇଠି ତ ମଜା କହିଲେ ଶ୍ରୀକୃଷ୍ଣ
ପାଣ୍ଡବ ପାଇବେ ପ୍ରଶଂସା ଭାର ଭାର
ଖାଲି କେବେ ହେବ ନାହିଁ ତୁମର ଭଣ୍ଡାର
ଦୁର୍ଯ୍ୟୋଧନ କାନ୍ଧରେ ଲକ୍ଷ୍ମୀ ବିରାଜିତ
ଗୋଟିଏ ଦେଲେ ବଢ଼ିଯିବ ପାଞ୍ଚ୍
ଖାଲି କିଛି ହେବ ନାହିଁ ଧନରତ୍ନ ଶସ୍ୟ ଉପହାର ।
ହିଂସାରେ ଦୁର୍ଯ୍ୟୋଧନ ଯେତେ ଫୋପାଡ଼ିବ
ତା'ଠାରୁ ଅଧିକ ଆସି ଭଣ୍ଡାର ପୂରିବ
ଦୁର୍ଯ୍ୟୋଧନ ଈର୍ଷା ହେବ ପାଣ୍ଡବ ପ୍ରଶଂସା ।

ଦୂତ ଆସି ବେଗେ ଜଣାଇଲା ମହାରାଜ
ଦଶ ହଜାର ବ୍ରାହ୍ମଣ ପଣ୍ଡିତ ନେଇ
ମହାଯୋଗୀ ବ୍ୟାସଦେବ ରାଜବାଟୀ ସମ୍ମୁଖରେ
ଅପେକ୍ଷା କରିଛନ୍ତି ଆପଣଙ୍କ ପାଇଁ
ସ୍ୱାଗତ ବିଳମ୍ବ ହେଲେ- ନା ନା
ଉଠିଲେ ଯୁଧିଷ୍ଠିର ସଭାଜନ ଆଗେଇଲେ
ବ୍ୟାସଦେବ ବ୍ରାହ୍ମଣ ପଣ୍ଡିତଙ୍କ ସମ୍ବର୍ଦ୍ଧନା ପାଇଁ
କୃଷ୍ଣ ଦ୍ରୌପଦୀ ମଧ୍ୟ ଦଉଡ଼ିଲେ ମଥା ଟେକିବାକୁ
କବି ସାଧକ ଦ୍ରଷ୍ଟା କୁରୁକୁଳ ପିତା
ବ୍ୟାସଙ୍କ ପାଦ ତଳେ ନିବେଦିବା ପାଇଁ
ସମୟର ଆସନ୍ତା ପାଦର ଶୁଭଭୂମି
ଗଢ଼ିଦେବା ପାଇଁ ପ୍ରେମ କବିତାରେ

ଆଶୀଷ ଜଳଛିଞ୍ଚ ସବୁରି ମଥାରେ
ମହାତ୍ମା ବ୍ୟାସଦେବ କଲ୍ୟାଣ ବୃଷ୍ଟି କଲେ
ଯୁଧିଷ୍ଠିର ସଭାଜନ ଦ୍ରୌପଦୀ ଉପରେ ।
କୃଷ୍ଣଙ୍କୁ କୁଣ୍ଢେଇ ନେଲେ ହସିଲା ଆଖିରେ
କହିଲେ- ଦେଖୁଚି ମୁଁ ତୁମ ଲୀଳା
ଆଉ ଯାହା ଦେଖୁଚି ଆଣୁଚି ବିଷାଦ
ମଣିଷର ମହିମା ବିବର୍ଜିତ ଅବସାଦ:
କୃଷ୍ଣ ଓଳଗି ହେଲେ ପୁଣିଥରେ କହିଲେ ଧିମାସ୍ୱରେ
ଗୁରୁଦେବ ଆପଣଙ୍କ ବାକ୍ୟ
ନିର୍ଭୁଲ୍ ଭବିଷ୍ୟବାଣୀ ଆପଣ ଦେଖି ପାରନ୍ତି
ମୋର କଳ୍ପନାର ରୂପରେଖ ଆଉ ଯାହା ନଦେଖନ୍ତି
ସେ ଦୃଶ୍ୟ ମୋ ପାଇଁ ମଧ୍ୟ ଅବୁଝା ଝାପ୍‌ସା
ସେଥିପାଇଁ ପୂଜ୍ୟ ନମସ୍ୟ ଗୁରୁବର
ଆସନ୍ତୁ ବିର୍ଭିଯିବା ଯେମିତି ଆସନ୍ତାକାଲି
ଆମର ଆଜିକୁ ନକରେ ଅବାସ୍ତବ ।


'ଚିତ୍ରକାବ୍ୟ', ଶିଶୁ ବିହାର
ଭୁବନେଶ୍ୱର-୭୫୧୦୨୪
ଫୋନ:୯୪୩୮୦୩୭୬୨୩

# ଘଟ ଛୁଟିଲେ

## ବିଜୟ ମହାପାତ୍ର

ଇଉରିଆ ପରି ସୂର୍ଯ୍ୟାଲୋକ ଖରା
ବଉଳିଲା ତୋଫା ଜହ୍ନରାତି
ମାଟିକୁ ତାକତ ଦେଉଥିବା ବଢ଼ିପାଣି ଆଉ ନାଇଁ,
ଏବେ ଆମ ଆଖିରେ ଖରା କି ତରା
ଶ୍ରାବଣରେ ବାଉଳା ହୋଇ ଗାଁ ଦାଣ୍ଡକୁ
ଖେଳି ଖେଳି ଉଠି ଆସୁଥିବା କଉ କି ମାଗୁର
ଫଟାକାନ୍ଥରେ ଜକ ଜକ କରୁଥିବା ନାଗସାପର ଫଁ
ସବୁ ଏକାକଥା !

ଯାରଦାସ୍ତ ଲିଜ୍‌ଫ୍ଲୁଟ୍ ଓ ଘରର ଯାବତୀୟ
ବଥମାନେ ଆଉ ବ୍ୟସ୍ତ କରନ୍ତିନି
ଖାଁ ଖାଁ ଆଖିର ଦେହକୁ ଓ
ନଇମାନେ ଉଚ୍ଛୁର ହେଲାଣି ବୋଲି
ଲେଉଟାଣି ଜୁଆର ଭଟ୍ଟାକୁ
ଆଉ କେଉଁ ପ୍ରକାରରେ
ଶବ୍ଦହୀନ କାଙ୍ଗାଳ
ବର୍ଣ୍ଣବୋଧ ସ୍ୱରବର୍ଣ୍ଣ ପ୍ରଶ୍ନହୀନ ଛଳଛଳ ଜଳ !

ବ୍ୟଥାରେ ଦରଦ ଦେଉଥିବା ବଥ ଭଳି ଟାପୁ
ନଇମଝିରେ ଅଚାନକ ଖରାରେ ଫାଟିଯାଏ
ଶୃଂଖଳ ଫିଟିଯିବା ପରି ଓ
ତୁମ ଦାଣ୍ଡରେ ବିଞ୍ଚିହୋଇ ପଡ଼ିଥିବା
ଧଳାଧଳା କଣ୍ଟା ପରି ଖଇ ଓ କଉଡ଼ି
ପଡୁଥିବ ସବୁଦିନ ପରି ।

ଫୁଟିଯିବା ଫୁଲ ଓ ଫାଟିଯିବା ଗାଲ କି ଓଠ
ଶୀତରେ ଏକା କଥା !

ଶ୍ୟାମପୁର, ଦୁର୍ଗାମାଧବ ନଗର ଲେନ୍-୩,
ଆୟୁର୍ବେଦିକ୍ ହସ୍‌ପିଟାଲ୍ ନିକଟ,
ଭୁବନେଶ୍ୱର-୭୫୧୦୨୯,
ଫୋନ: ୮୨୪୯୦୭୯୮୫୩





▲ ଚିତ୍ର : ଶିଳ୍ପୀ ଦିଶିତା ପାତ୍ର

# ନୀଳ ନିବିଡ଼

## ଅନ୍ନପୂର୍ଣ୍ଣା ମହାନ୍ତି

ମୋତେ ପଚାରନା
ତା' ସହ ନିବିଡ଼ ହେଲି
କେଉଁଦିନ ।
ସେ ତ, ଜନ୍ମରୁ
ଜାତକ ପରି
ଶୈଶବରୁ କାଠ କଣ୍ଢେଇ ହୋଇ,
ମା ପାଟିରେ, ଖେଳରେ
ମନୋରଞ୍ଜନରେ
ଏ ହାତ ସେ ହାତ ହୋଇ
ନାଚୁଥିଲା ।

ଅଛି ଏ ଯାଏଁ
ଠିକ୍ ଥିଲା ଆରମ୍ଭରୁ ଯେମିତି ।
ତା ପାଇଁ ସବୁ ସମୟ
ସବୁ କଳା କୌଶଳ
ଭକ୍ତି ନଜାଣି
ଭାବ, ଆବେଗ ମୋହରେ
ଗୋଟା ପଣେ ମୋର ।
ସେ ପ୍ରସନ୍ନ, ପ୍ରଶାନ୍ତ
ସେ ବିଶ୍ୱାସ, ବିଶ୍ୱସ୍ତ
ସେ ମୋ ନୀଳମଣି
ନୀଳକାନ୍ତ,
ଦେହ, ଭାବ ନାହିଁ
ମନରେ ନିବିଡ଼ ଏକାନ୍ତ ।
ଦୀପ୍ତ ଅଭିମାନର
ସ୍ପର୍ଦ୍ଧିତ ଲାବଣ୍ୟ

ଯେତିକି ନୀଳ
ସେତିକି ନିବିଡ଼
ସ୍ମିତହାସ୍ୟ
ଅନୁରାଗର ପଞ୍ଚମ ସ୍ୱର
ବେଣୁ ତାନ
ମଧୁର ଝଙ୍କାରରେ
ରାଧାରାଧା ମୋହ ଗ୍ରସ୍ତ
ଚିର ଚଞ୍ଚଳ, ବିଚଳିତ ।

ସାରା ଆୟୁଷ
ସମର୍ପିତ ନୀଳମଣି
ବ୍ୟର୍ଥ ନଯାଉ
ମୋର ଏ ଆଶା
ଅଭୀପ୍ସା
ନୀଳ ଆକାଶ ପରି
ଘେରି ରହିଥା
ଭିତର ବାହାର
ବାସ୍,
ତାହା ମୋର ଏକାନ୍ତ ପ୍ରାପ୍ତି
ଚରମ ପ୍ରାପ୍ତି
ନୀଳକାନ୍ତ ମୋର ।

ସେ ଶାନ୍ତ ସମାଧିସ୍ଥ
ମୁଁ ନିର୍ଲିପ୍ତ ନିରାସକ୍ତ
ନିବିଡ଼ ଛୁଆଁ ମୋହରେ
ସାରା ଆୟୁଷ
ଛଟପଟ ।
ମୋର ପ୍ରିୟ ପ୍ରାର୍ଥନାରେ
ସମାହିତ
ନୀଳ ନିବିଡ଼
ଛୁଆଁରେ
ମୁଁ ଭୋଗିବି, ଲଭିବି
ପରମାର୍ଥ
ହଁ, କେବଳ ପରମାର୍ଥ ।

ମାଧପୁର, କେନ୍ଦ୍ରାପଡ଼ା,
ଫୋନ:୯୪୩୮୮୦୫୩୪୪



# ବସନ୍ତ ଋତୁରେ

## ଯଶୋଧାରା ଦାସ

କୁହୁଡ଼ି ଭିତରୁ ଯେବେ ଦିଶିଯାଏ
ପଳାଶର ଫୁଲ
ଆମ୍ବ ବଉଳରେ ଯେବେ ଭରିଯାଏ ଗଛ
ରାସ୍ତାକଡ଼ ଶିମୁଳି ଗଛରେ
ଫୁଟିଯାଏ ଯେବେ ନାଲିଫୁଲ
ପୃଥିବୀରେ ଆସିଯାଏ ପ୍ରେମଋତୁ
ଋତୁ ଏ ବସନ୍ତ ।

ମୋତେ ପୁଣି ଦିଶିଯାଏ ଛାଇ କା'ର
ବଳଙ୍ଗର ଜଳେ
ଯିଏ ଦିନେ ହାତେ ଧରି ପଳାଶର ଗୁଛ
ଆସିଥିଲା ପାଶେ
ଚୁପିଚୁପି କହିଥିଲା କାନେ:
'ଏ ପଳାଶ ଫୁଲ ପରି ହେବ ଆମ ପ୍ରେମ
ଅଧା ରଙ୍ଗ ତା ନାରଙ୍ଗୀ
ଅଧା କଳାରଙ୍ଗ
ସ୍ୱପ୍ନସବୁ ହେବ ତ ନାରଙ୍ଗୀ
ତା' ସାଥେ ଆସିବ ଧୀରେ କଳଙ୍କ ଯେତିକି
ଡରିବନି କଳାରଙ୍ଗ କଳଙ୍କର
ଚାଲୁଥିବ ହାତେ ଧରି ହାତ ।'

ମୁଁ କହିଲି ହସି ହସି:
'ପ୍ରେମର କଳଙ୍କ ସବୁ ମାରିଦେବି
କପାଳରେ ମୋର
ସେ ବସନ୍ତେ
ରାତିରେ ମୁଁ ଦେଖୁଥିଲି ଇନ୍ଦ୍ରଧନୁ
ଦିନରେ ମୁଁ ଦେଖୁଥିଲି
ମୋ ପଢ଼ାବହିରେ ତୁମରି ବଦନ ।'

ଆଉ ଏକ ବସନ୍ତରେ
ସବୁକିଛି ଓଲଟପାଲଟ
'ଭିନ୍ନ ଭିନ୍ନ ଦୁଇଟି ଦ୍ୱୀପରେ
ରହିଗଲୁ ବନ୍ଦୀ ବର୍ଷବର୍ଷ'
ତଥାପି କାହିଁକି କୁହ
ଆଜି ଯେବେ ଝରକା ଫାଙ୍କରୁ
ଦେଖିଲି ମୁଁ ପଳାଶର ଫୁଲ
ମନରେ ମୋ ଜାଗେ ଆଶା
ହୁଏ ତ ଆସିବ ଫେରି
ଆମରି ସହରେ
ହାତେ ଧରି ରଙ୍ଗ ପିଚକାରୀ
ଏମିତି ରଙ୍ଗରେ ମୋତେ
ଦେବ ସେ ରଙ୍ଗାଇ
ଯେଉଁ ରଙ୍ଗ ଆଉ କେବେ
ନିଷ୍ଠୁର ସମୟ
ପାରିବନି ପୋଛି ।
ଆଜି ବସନ୍ତରେ ।

♥ ଗୋପାଳଗାଁ, ବାଲେଶ୍ୱର-୭୫୬୦୦୧
ଫୋନ: ୯୯୩୭୮୧୯୧୮୭



▲ ଚିତ୍ର : ଶିଳ୍ପୀ ସୁବ୍ରତା ସୁଦର୍ଶିନୀ ବେହେରା



▲ ଛବି ଯଶୋଧାରା ଦାସ

# ପଦ୍ମବନ

## ଛବିରାଣୀ ପତି

ଦିନେ ଦେଖିଲି ...
ଈଶ୍ୱରଙ୍କ ଭିତରେ ତୁମକୁ
ଅଳପ ହସୁଛ, ପାଖକୁ ଡାକୁଛ ।

ଛଳନାବିଦ୍ଧ ଏ ଛାତିରେ
ପତ୍ର କଅଁଳିଲା, ଶିଶିର ପଡ଼ିଲା
ସକାଳକୁ ଚାଲିଲା କନକ କିରଣ ଗାଧୁଆ ।

ବାହାରିଲି ଗୋପନ ଉଲ୍ଲାସେ
ଝାଡ଼ିଝୁଡ଼ି ଦେଇ କ୍ଷଣିକ ମୋହ ର ଧୂଳି ।

ମୋ ଅଠାଳିଆ ଓଠରେ
ତୁମ କଥା, ତୁମ ଗୀତ
ଅଧୀର ଆଖିରେ ଦିଶିଲାଣି ଇନ୍ଦ୍ରଧନୁ
ଦେହ ମୋର ନାଗରୀ ବସନା କୃଷ୍ଣଚୂଡ଼ା,
ପାଦରେ ହାତୀ ବଳ, ଏବେ...
ପାଶୋରିଛି ପ୍ରତୀକ୍ଷାର ଅୟୁତ ବେଦନା ।

ମୋତେ ତ ଲାଗିଲା ତୁମେ ଡାକୁଛ !
କେତେ ମୋର ମିଳନ ସଞ୍ଜକୁ
ଅସରାଏ ବର୍ଷାରେ ଧୋଇ ବି ଦେଇଛ
ପାତକୀକୁ ପୁଣି ଏକ ପ୍ରେମେ ।

କୁହ, କେତେ ଦୂର ଆଉ ଯିବ !
ତୁମେ ଆସିଲଣି ବୋଧେ ଏଇଠିକୁ ...
ମୋ ଅଭିସାରିକା ନୀରବନୀଳ ପଦ୍ମବନକୁ ।

♥ ମଧୁଶାସନ,ବିରିଡ଼ି, ଜଗତସିଂହପୁର
ଫୋନ୍:୯୩୩୭୯୬୦୦୬୦



▲ ଛବି ଛବିରାଣୀ ପତି

# ଦୁଃଖ-ମହାମେରୁ

## କିଶୋର ପାଣିଗ୍ରାହୀ

ଦୁଃଖ ମୋର
ଅଗୁରୁ, ଚନ୍ଦନ,
ସୁନା ଦୂବରେ ଚଇନି ଚିକ୍କଣ ।
ମୁଁ ସିନା ହଲୁଆପିଠିଆ,
ଖୁଦକୁଣ୍ଡାକୁ ହଣହଣ;
ଦୁଃଖ ମୋର ଛେନାମଣ୍ଡାଖିଆ;
ସେ ତ ଗୋଟେ ପ୍ରବଳ-ମତ୍ତ-ବାରଣ ।

ଦୁଃଖ ମୋର ମହାମେରୁ ଛାଇ-କୋଳ
ମୁଁ ଡହଡହ ଖରାଖିଆ ଖରଶ୍ୱାସ
ଧଇଁସଇଁ ଧାଇଁଧାଇଁ ଡହଳବିକଳ
ସିଏ ମୋର ବାଟ ଶେଷ ସିଜୁମୋଟା ମୂଳ,

ଗୋଟେ ବୋଲି ନିର୍ଧାର୍ଯ୍ୟ ଠିକଣା
ଦୁଃଖ-କୋଳ ଜହ୍ନର ଅଗଣା
ଜହ୍ନିଫୁଲ, ରଙ୍ଗଣିଫୁଲର ସଂଜ;
ନୀଡ଼ଫେରା ପକ୍ଷୀଙ୍କ ପାଲଟା ଡାକ;

ଦୁଃଖର ଓଠରେ ଖଣ୍ଡେ ଆଡ଼ବଇଁଶୀ ମୁଁ
ପଞ୍ଜରା ଥରେଇ ଗୁମୁରି ଉଠୁଚି ଦେଖ,
ରହିରହି ସୁଲୁକାଏ ଦରଜ-ଲହର ।

ବାରବାର ଭାଙ୍ଗି ପଡୁଥିବା
ଭରସାର ଡଙ୍ଗିରାମାନଙ୍କୁ ଗୋଟିଗୋଟି ଯୋଡ଼ି
ବିଶ୍ୱାସର ଗଣ୍ଡିରେ ଗୋଟେ ପରେ ଗୋଟେ ଭିଡ଼ି
ଚାରମାଳ କରି ଉଠୁଥିବି ଏଇମିତି



▲ ଚିତ୍ର : ଶିଳ୍ପୀ ଅନନ୍ୟା ମଙ୍ଗରାଜ

ମହାକାଳର ରଥ ଉପରକୁ
ଛାତି-ନିଗିଡ଼ା ଦରଜର ଚନ୍ଦନ ଉଦକ ଛିଂଚି
ଛେରାପହଁରା ସାରିବାକୁ,
ମଝିଦାଣ୍ଡରେ ଠିଆ କରି ଆସିବାକୁ
ମୁହାଁମୁହିଁ ଦୁଃଖୀ ଆଉ ଦୁଃଖ-ଦିଅଁଙ୍କୁ
ଯା'ର ହାତ ଖୋଜିଲେ ଗୋଡ଼ ନାହିଁ
ଗୋଡ଼ ଖୋଜିଲେ ହାତ ଦିଶେ ନାହିଁ,
ରୂପକୁ, ଭେକକୁ
ନା ତୂଳୀ
ନା ରଂଗ
ନା ରେଖ
ନା ଲେଖ
ନା ଶେଷ
ନା ଆରମ୍ଭ !

ମସ୍ତ ବଡ଼ ଶୂନ ପରି ଗୋଟେ '୦' ନୁହେଁ ତ
ଆଉ କ'ଣ ?
ଅଜସ୍ର ଆର୍ତ୍ତିରେ ଅଂକା ଚକା ଚଇତନ ?

♥ ବିରୁହାଁ, ଜାହାଙ୍ଗୀର, ଭଦ୍ରକ
ଫୋନ୍: ୭୦୦୮୧୧୭୯୬୪



▲ ଫଟୋ: କିଶୋର ପାଣିଗ୍ରାହୀ

# କେହି ବି

## ଯାଦବେନ୍ଦ୍ର ସାହା

କେହି ବି ତ'
ଶୁଣିଲେ ନାହିଁ ବେଘର ହୋଇଥିବା
ମଣିଷମାନଙ୍କ ଗୀତ

କେହି ବି ତ'
ସାମିଲ ହେଲେ ନାହିଁ
ଶବ୍ଦ ସହ ଶବ୍ଦ ଯୋଡି ଦେବାରେ

କେହି ବି ଉଠିଲେ ନାହିଁ
ଆଣ୍ଠୁମାଡ଼ି ବସିଥିବା ସ୍ଥାନରୁ
ବାଘ ହେବା ପାଇଁ

ଜଣେ କେହି ବି କହିଲେ ନାହିଁ,
ମୁଁ, ତୋ ସହ ହେବି ପଥର
ମୁଁ, ମିଶିବି ତୋ ରକ୍ତରେ ରକ୍ତ ହୋଇ
ମୁଁ, ଦେବି ତୋ କାନ୍ଧରେ କାନ୍ଧ ମିଶାଇ
ନତୁବା ଆକାଶ ପରି ଢାଙ୍କି ହେବି
ତୋ ଉପରେ

ହଁ, ସମସ୍ତେ ଦେଖିଲେ ଖାଲି
ମୋର ନିରୀହତା
ମୋର ଅସହାୟପଣକୁ ଓ
ଯେଝା' ବାଟେ ଫେରିଗଲେ
ନିଜ ମୁହଁକୁ ଲୁଚାଇ !

♥ ବୋରିଙ୍ଗପଦର, କେସିଙ୍ଗା, କଳାହାଣ୍ଡି,
ଫୋନ: ୯୯୩୮୭୧୧୭୦୫



▲ ଫଟୋ: ଯାଦବେନ୍ଦ୍ର ସାହା

# ମୁଁ ଯେ ତୁମ ପ୍ରେୟସୀ

## ସ୍ମୃତିସୁଧା ସାହୁ

ଚନ୍ଦ୍ର ଶୀତଳତା ପରଶେ
ଆଜି ଲାଜେଇ ବେଶୀ
କାହିଁ ଫୁଟୁଛି ମୋ ଓଠରେ
ଫୁଲ ହସି ହସିକି
ଘରର ଝରକା ପାଖରେ
ମୁହିଁ ଭାବୁଛି ବସି
ତୁମେ ହେଲେ ମୋର ପ୍ରେମିକ
ମୁଁ ଯେ ତୁମ ପ୍ରେୟସୀ ।

ତୁମ ହାତ ଧରି ସାଥିରେ
ଯିବି ଘରୁ ବାହାରି
ତୁମ ଓଠ ମୋର ଓଠରେ ରହୁ
ଉଷ୍ମତା ଭରି
ସବୁ ଦୁଃଖ ମୁଁ ଯେ ଭୁଲିକି
ଏଠି ଭାବୁଛି ବସି
ତୁମେ ହେଲେ ମୋର ପ୍ରେମିକ
ମୁଁ ଯେ ତୁମ ପ୍ରେୟସୀ ।

ତୁମ ଆଖିର ସେ ଚମକ ନିଏ
ମନକୁ ଟାଣି
ଝୁରି ଝୁରି ମୁଁ ଯେ ମଲିଣି
ତୁମ ବାଙ୍କ ଚାହାଣି
କାହିଁ ଗଲ ତୁମେ କୁଆଡେ
ମୁହିଁ ଭାବୁଛି ବସି
ତୁମେ ହେଲେ ମୋର ପ୍ରେମିକ
ମୁଁ ଯେ ତୁମ ପ୍ରେୟସୀ ।

ନିଜ କଥାରେ ମୋ ମନକୁ
ତୁମେ ଦେଇଛ ଛନ୍ଦି
ତୁମ ପ୍ରେମ ଫାଶେ ପଡିକି
ମୁଁ ହୋଇଛି ବନ୍ଦୀ
କେବେ ଆସିବ ଗୋ ମୋ ପାଶେ
ମୁହିଁ ଭାବୁଛି ବସି
ତୁମେ ହେଲେ ମୋର ପ୍ରେମିକ
ମୁଁ ଯେ ତୁମ ପ୍ରେୟସୀ ।

ତୁମେ ହେଲ ମୋର ଜୀବନେ
ଏକ ତପନ ପରି
ତୁମ ପରି ଏହି ଭୁବନେ
କେହି ହେବେନି ସରି
ତୁମ ବିନା ଦୁଃଖ ହୃଦୟେ
ଏଠି ଭାବୁଛି ବସି
ତୁମେ ହେଲେ ମୋର ପ୍ରେମିକ
ମୁଁ ଯେ ତୁମ ପ୍ରେୟସୀ ।

ମୋର ଜୀବନର ପୂର୍ଣ୍ଣତା
ତୁମେ ଅଟ ତ ସତ
ତୁମ ବିନା ମୋର ପରାଣେ
ଆଉ ସବୁ ତ ମିଛ
ତୁମ ଫେରିବାର ବାଟକୁ
ମୁଁ ଯେ ଚାହିଁଛି ବସି
ତୁମେ ହେଲେ ମୋର ପ୍ରେମିକ
ମୁଁ ଯେ ତୁମ ପ୍ରେୟସୀ ।
ତୁମେ ହେଲେ ମୋର ପ୍ରେମିକ
ମୁଁ ଯେ ତୁମ ପ୍ରେୟସୀ ।

♥ ୧୫୩୫, ଚିନ୍ତାମଣିଶ୍ୱର, ଲେନ୍ ନଂ: ୯,
ଭୁବନେଶ୍ୱର-୭୫୧୦୦୬,
ଫୋନ: ୮୬୫୮୫୨୮୫୭୭



▲ ଫଟୋ ସ୍ମୃତିସୁଧା ସାହୁ



▲ ଚିତ୍ର : ଶିଳ୍ପୀ ମନୋଜ କୁମାର ସାହୁ

# ଖରା

## ଶ୍ରୀଗୋବିନ୍ଦ

ଖରାକୁ ପିଠିରେ ପକାଇ
ଝାଳେଇ ଦେଇଛି ଭୋକର ଦେହ ।

ମୁଣ୍ଡରେ ହେଉ କି ତୁଣ୍ଡରେ
ବ୍ରିଟିଶ ଲୁଣଠୁଁ ମହଙ୍ଗା କରି
ଲିପି ଦେଇଛି କପାଳରେ ।

ଭୟମାନଙ୍କ ଠାରୁ ଆତୁରତା ମାଗି ନେଇଛି
ତମ ସର୍କାରୀ ଠାଣି ଇଛାରେ ।

ହସର କୃଷ୍ଣଚୂଡ଼ା ଓଠରୁ
କ୍ଷତ ନିଭେଇ
ସଂଜ ଆଡ଼େଇ
ଛିଡ଼ା ହୋଇଛି ଯେଉଁ ଛକରେ,
ସେଇଠି ମୋ ପ୍ରେମିକପଣକୁ
ଫଟୋ କରି
ମୁଦି ଦେଇଛି
ମୋ ଖୋଲାପର୍ଶରେ ।

ଏ ଖରା ଆଜିର ନା କାଲିର
ସବୁଦିନ ଦାଉ ସାଧି ସାମିଆନା ପାତିଛି
ପୋଡ଼ା ଭାଗ୍ୟର ।

ମୁଁ ଖରାକୁ ଏମିତି କାନ୍ଧେଇ ଚାଲୁଥାଏ ଯେ
ହେଲେ ଖରା ବି ବେଳେବେଳେ
ଝୁଲିପଡ଼େ ମୋ କାନ୍ଧରେ ।

♥ ସାନମଛୁଆଘାଇ, ରାଜଘର ପୋଖରୀ, ଭଦ୍ରକ
ଫୋନ:୭୦୦୮୯୧୩୫୮୯



▲ ଫଟୋ ଶ୍ରୀଗୋବିନ୍ଦ

# ସମୟ କିନ୍ତୁ ସରିଗଲା

## ରଞ୍ଜନ ବାଗ

ଏଠି ସ୍ୱପ୍ନ ଆସୁ ଆସୁ
ମୁଦି ହୋଇଯାଏ ଆଖି
ସ୍ୱପ୍ନ ନ ସରୁଣୁ
ପାହିଯାଏ ରାତି ।

ଏଠି ବାଟ ଚାଲୁ ଚାଲୁ
ସରିଯାଏ ସମୟ
ଶେଷ ହୁଏ ନାହିଁ ବାଟ ।

ଅନେକ ଆଗକୁ
ଯିବାର ଥିଲା
କେତେ ନଦୀ, ସମୁଦ୍ର,
ପାହାଡ଼, ଜଙ୍ଗଲ
ଆଉ ଧଳାରଙ୍ଗର
ଜହ୍ନରାତିକୁ
ଛୁଇଁବାର ଆଶା ବି ଥିଲା ।

ହଠାତ୍ ବାଜି ଉଠିଲା ଘଣ୍ଟା,
କିଛି କ୍ଷଣ ପାଇଁ
ସବୁ କିଛି ସ୍ଥିର ହୋଇଗଲା
କୋଳାହଳ ନୀରବି ଗଲା ।

କେହି ଜଣେ ଘୋଷଣା
କରିସାରି ଥିଲା,
ସମୟ ଶେଷ ହୋଇଗଲା ।
ଅନେକ କାର୍ଯ୍ୟ
ଅଧା ରହିଗଲା
କଥା ସବୁ ବାକି ରହିଗଲା
ପକ୍ଷୀମାନେ ଅବେଳରେ
ଚୁପ୍‌ଚାପ୍ ଫେରି ଆସିଲେ
ଯିଏ ଯାହା ନୀଡ଼କୁ ।



▲ ଚିତ୍ର : ଶିଳ୍ପୀ ପ୍ରତ୍ୟୁଷିନୀ ଜେନା

ସମୟ ସରିଗଲା ବୋଲି
ଡାଇରୀରେ ଅନେକ ପୃଷ୍ଠା
ସେମିତି ଶୂନ୍ୟ ରହିଗଲା ।

ସମୟ ସରିବା ପୂର୍ବରୁ
ତୁମ ପାଇଁ ଲେଖା ସରିଥିବା
କବିତାଟି କିନ୍ତୁ,
ଅପ୍ରକାଶିତ ରହିଗଲା ।

ଏପ୍ରିଲ୍ ଖରାରେ
ଝାଉଁଳି ଯାଇଥିବା
ଗୋଲାପ ଗଛରେ
ପାଣି ମୁନ୍ଦେ ଦେଇ ହେଲାନି
ଫୁଲ ଗଛଟି ମରିଗଲା ।

କଥା ସରି ନ ଥିଲେ ବି
ସମୟ କିନ୍ତୁ ସରି ଯାଇଥିଲା ।

♥ ମଲ୍ଲିକାଶପୁର, ବାଲେଶ୍ୱର-୭୫୬୦୦୧
ଫୋନ: ୯୪୩୭୨୬୪୩୩୬



# ମହମବତୀ

## ଶିବ ଶଙ୍କର ଦାସ

ତୁମେ ବୋଧହୁଏ ଜାଣିନ...
ଏବେ,
ଖୁବ୍ ନୀରବି ଯାଇଛି
ମୋ ଜୀବନର
ଏ ଅବଶ ଅପରାହ୍ନ,
ନୀରବି ଯାଇଛି,
ଏ ଉଁଆସୀ ରାତ୍ରିର
ଅଭିଶପ୍ତ ଜହ୍ନ... !

ଏବେ, ମୋ ଭିତରେ
ଧିରେ ଧିରେ
କଡ଼ ଲେଉଟାଉଛି
ଅନେକ ନୀରବତା...
ମୋ ହାତ ମୁଠାରେ ଏବେ
କେବଳ, ମୁଠାଏ ଶୂନ୍ୟତା... !

ସତରେ-
ମୋର ଏବେ ବି ମନେଅଛି...
ତୁମେ ଦିନେ କହୁଥିଲ ନା,
ଜାଣି ଜାଣି ଭାଙ୍ଗିଯିବାରେ ହିଁ
ଖୁବ୍ ମଜାଥାଏ,
ଜଳି ଜଳି ସରିଯିବାରେ ହିଁ
ଅସଲ ମଜା ଥାଏ... !


ହିଁ,
ଏବେ, ପାରିବ ଯଦି
ଦେଖିବାକୁ ଆସ,
ମୁଁ କେମିତି ଜଳୁଛି
ଗୋଟେ ମହମବତୀ ପରି
ପ୍ରତ୍ୟେକ ଦିନ ରାତିରେ,
ଆଉ ତରଳି ତରଳି
ସରି ସରି ଯାଉଛି
କେମିତି, ମୋ ଅନାଥ ଆୟୁଷ... ।

♥ ହିନ୍ଦୋଳ ମହାବିଦ୍ୟାଳୟ, ଢେଙ୍କାନାଳ-୨୦,
ଫୋନ:୯୯୩୮୦୪୬୪୪୬



# ସ୍ମୃତିର ବିନ୍ଦୁବିସର୍ଗ

## ଶବ୍‌ନମ୍ ଆଦେନି



▶ ଚିତ୍ର : ଟିଙ୍କୀ ପ୍ରତିଷ୍ଠା ପାଣ୍ଡା

ଡାଏରୀର କାନ୍ଥରେ କେତେ ବାଟ ଭଙ୍ଗା ସ୍ମୃତି ସବୁ
ଏକା ଏକା ଅପେକ୍ଷା କରନ୍ତି
କେବେ କିଏ ମୋବାଇଲ୍‌ର ଜାଲରୁ ବାହାରି ସେମାନଙ୍କୁ ଉଙ୍କି ଦେଇଯାନ୍ତାନି !
ଏଇ ଅପେକ୍ଷାରେ ସମୟକୁ ବାନ୍ଧି ରଖନ୍ତି
ଖୋଲି ଦେଲେ ମେଞ୍ଚେ ସ୍ମୃତି
ଟାଇମ୍ ମେସିନ୍‌ରେ ବସେଇ ନେଇ ଯାଆନ୍ତି
ଘଣ୍ଟାକଣ୍ଟାର ବାଡ ଭାଙ୍ଗି
ସେ ଅଫେରନ୍ତା ରାଇଜକୁ ଭ୍ରମଣରେ !

ଯୋଉଠି ଜୀବନ୍ତ କିଛି ମୁହୂର୍ତ୍ତ ହସି ଉଠେ,
କାଗଜର ଫର୍ଦ୍ଦରେ
ସାଙ୍ଗସାଥି, କଲେଜ, ସାର୍ଟିଫିକେଟ୍, ପ୍ରେମ, ଲାଇବ୍ରେରୀ, କ୍ଲାସ୍‌ରୁମ୍,ଖେଳ,
ଝଗଡ଼ା, ରୁଷିବା-ମନେଇବାର ଲହୁ-ଲୁହର
କେତେ କାହାଣୀ ଅତୀତର
ବ୍ଲାକ୍, ବ୍ଲୁ ଆଣ୍ଡ୍ ହ୍ୱାଇଟ୍‌ର ଶୁଖି ଯାଇଥିବା ସ୍ୟାହିକୁ ଜୀବନ ଦେଇ ଦିଏ !

ମନ ଘୁରି ବୁଲେ ସାଇତି ରଖିଥିବା
ଇତିହାସର ଇତି ହୋଇଯାଇଥିବା ଘଟଣା ବଳୟରେ
ଟାଇମ୍ ମେସିନ୍‌ରେ ବସି
ବର୍ତ୍ତମାନର ଜଞ୍ଜାଳରୁ ଟିକେ ଅବସର ନେଇ ଦେଖି ଆସିବାକୁ ନିଜକୁ
ନିଜର ପୁରୁଣା ରୂପ ରଙ୍ଗ ସମୟକୁ !
+ + +
ଡାଏରୀ
ମଇଳା ମଲାଟରେ, ମାଟିଆ କାଗଜର ଚିରାଫଟା ପୃଷ୍ଠାରେ ଜାବୁଡ଼ି ଧରି ରଖେ
ଉଜ୍ଜ୍ୱଳ ଭବିଷ୍ୟତର ରୋମାଞ୍ଚକୁ

କେବେ ଯଦି କୋଉ ସ୍ମୃତି ଗଳିରୁ
ମଉଳା ଫୁଲର ବେରଙ୍ଗୀ କଳା ବାଦଲ ଝଡି ପଡେ
ତେବେ ସ୍ମୃତିରେ ପ୍ରଥମ ପ୍ରେମର
ନୂଆ ଉନ୍ମାଦନା ବୟସର
ଏରୁଣ୍ଡି ଡେଇଁ ଚଟ୍ କରି ଆଖିରେ ଫୁଟେଇ ଦିଏ ସେଇ ହସ ।

ବୟସର ପରିବର୍ତ୍ତନକୁ ପ୍ରେମ ଭାବି ମନ ବେଶ୍ ହସେ
ଡାଏରୀର ପ୍ରତିଟି ପୃଷ୍ଠାରେ ମିଳିଯାଏ ହଜି ଯାଇଥିବା ବୟସ, ବଞ୍ଚିଥିବା ସ୍ମୃତି
ଆଉ ସମୟର କେତେ ଛାପ !

ଆଜି ଯେତେବେଳେ ଡାଏରୀ
ଆଲମୀରାର ଗୋଟେ କୋଣରେ
ଧୂଳି ମଳି ଲାଗି ପଡ଼ି ରହେ
ସେ ବେଶ୍ ଖୋଜେ !
ସେଇ ନିଜର ମଣିଷକୁ
ଯିଏ କେତେ ଆପଣାର କରି ଛାତିରେ ଯାକି କେତେ କଣ ଗପୁଥିଲା

କେବେ କେମିତି ଯଦି କେହି ଟାଇମ୍ ମେସିନ୍‌ରେ
ବସିଯିବାକୁ ଚାହେଁ
ସେ, ନିଜକୁ ଝାଡିଝୁଡ଼ି ନେଇଯାଏ ସୁନେଲି ସମୟର ଯାତ୍ରାରେ !

ମିଶେଇ ଦିଏ ଆଜିକୁ କାଲି ସହିତ
ଅକ୍ଷରର ବିନ୍ଦୁ ବିସର୍ଗରେ
କାଳିର ରଙ୍ଗବେରଙ୍ଗ ଗାରରେ
ସ୍ମୃତିର କାନ୍ଥରେ
ଭୁଲି ଯାଇଥିବା ବାସ୍ନାରେ
ଡାଏରୀର ବାକ୍ସ ଖୋଲି ଦେଲେ ଆଖି ଦେଖେ ଅତୀତର
କଳାଧଳା ରଙ୍ଗୀନ ଛାୟାଛବି !



▶ ଫଟୋ ଶବ୍‌ନମ୍ ଆଦେନି

♥ ଆର୍ -୪୧, ଖିର୍‌କି ଏକ୍ସଟେନ୍‌ସନ୍, ମାଲବୀୟ ନଗର, ସାଉଥ୍ ଦିଲ୍ଲୀ,
ଦିଲ୍ଲୀ-୧୧୦୦୧୭, ଫୋନ: ୯୫୯୯୨୨୮୭୮୯

# ଟାଣ ଖରା

## ରଜନୀ ଶତପଥୀ

ଖରା ବଢ଼ିଲେ
ସକାଳୁଆ ସ୍କୁଲ୍ ଛୁଟି କରି
ତାତିଲା ନଈ ବାଲିରେ
ସେପାରିରୁ ଏପାରି
ନିତି ଖରା ପହଁରି
ଘରକୁ ଫେରୁଥିବା ମଣିଷଟି
ଛାଇ ନ ଲେଉଟିବା ଯାଏଁ
ମତେ ଓହ୍ଲେଇ ଦେଉନଥିଲେ ପିଣ୍ଡା ତଳକୁ;
ବର୍ଷ ବର୍ଷ ଧରି ନିଜେ ସବୁ ଖରାକୁ ମୁଣ୍ଡେଇ
ଯିଏ ମତେ ବଡ କଲେ ଛାଇରେ
ସିଏ ବାପା......
ଗାଁ ଲୋକେ ତାଙ୍କୁ ଡାକୁଥିଲେ ମାଷ୍ଟ୍ରେ ।

ଖପରା ପରି ପାଦ ଦୁଇଟିରେ
ଖରାରେ ଚାଲି ଚାଲି ଦିନେ ସେ
ପହଞ୍ଚିଗଲେ ତାରା ପାଖରେ ;
ଯିବା ଆଗରୁ ମୋ କାନ୍ଧରେ ଲଦି ଦେଇଗଲେ
ଗୋଟେ ବସନ୍ତର ବୋଝ
ଯାହା ଥିଲା ଫୁଲ ପରି ହାଲୁକା
ଖିଆଲି ପ୍ରଜାପତି ପରି ମୁଁ
ଉଡି ବୁଲିଲି ସହରରୁ ସହର ।

ମୁଁ ବି ଦିନେ ବାପା ହେଲି
ଖରା ପହଁରି ନଜାଣି
ଖରାକୁ ଗୋଡ଼ ନ କାଢି
ମୋ ସଂସାର ବୋହି ପାରିବାରେ
ମୁଁ ବୋଧେ ଗୋଟେ ବ୍ୟତିକ୍ରମ ।

ଆଜିକାଲି ମୁଁ ଖରା ଖୋଜେ
ଖରାକୁ ମନେ ପକାଏ ମୋ ଶୀତଳ କୋଠରୀରେ
ଖରାରେ ଦୌଡେ ଦି'ପହର ନିଦରେ;
ବାପାଙ୍କ ଝାଳରେ ଓଦା ଗାମୁଛା ଗନ୍ଧରେ
ନିଦ ଭାଙ୍ଗିଗଲେ
ପୁଣି ସେଇ ବୈଶାଖକୁ ଖୋଜେ
ପୁଅ କିଣି ଦେଇଥିବା କଳା ଚଷମା ପିନ୍ଧି
ଖରାରେ ବୁଲି ବାହାରେ ।

କେବେ ମୋ ଫେରିବା ରାସ୍ତାରେ
ଗଛ ଛାଇରେ
ବାପାଙ୍କ ପରି ଡେଙ୍ଗା ଲୋକଟି ପାଖରେ
ଠିଆ ସାନ ପିଲାଟିଏ
ଟାଣ ଖରାକୁ ଅନାଇ ଆଇସକ୍ରିମ ଖାଉଥାଏ ।

♥ ଆକ୍ରୋପଲିସ, ଗୋଠପାଟଣା,
ଭୁବନେଶ୍ୱର-୨୯, ଫୋନ:୯୦୪୦୦୮୯୬୯୭


ଫଟୋ ରଜନୀ ଶତପଥୀ

# ରାଜଜେମାର ମୃତ୍ୟୁ

## ଆରତୀ ସାହୁ


ଫଟୋ ଆରତୀ ସାହୁ

ସେ ତ ଜାଣିଥିଲା,
ଆଈମା , ବୁଢ଼ୀମା
ସମସ୍ତଙ୍କ ଠଉଁ ଶୁଣିଥିଲା ଗପ ।
ଜାଣିଥିଲା କୁହୁକ ଘୋଡ଼ାର କଥା ।

ଜାଣିଥିଲା ,
ପକ୍ଷୀରାଜ ଘୋଡ଼ା ଉପରେ ବସି ଆସିଥିବା
ସପନଦେଶ ରାଜକୁମାର କଥା ।
ଟିପ ଚିହ୍ନ ବାଜିନଥିବା ନହୁଲି ବୟସୀ
ରାଜକୁମାରୀ ସହିତ ରଜାପୁଅର
ଗନ୍ଧର୍ବ ବିବାହ କଥା ।
କଥା ଦିଆନିଆ,
ମନ ଭଙ୍ଗାଗଢ଼ା ।

ଶେଷକୁ,
ଦଗା ଦେଇ କୋଉ ସପ୍ତଦ୍ୱୀପ ଆଡ଼କୁ
ରଜାପୁଅର ଉଡ଼ି ଯିବାର କଥା,
ଆଉ କେବେ ଫେରି ନ ଆସିବା ପାଇଁ ।
ପଢ଼ିଥିଲା,
ରାମାୟଣ, ମହାଭାରତ, ଅଭିଜ୍ଞାନ ଶକୁନ୍ତଳା ।
ବିଶ୍ୱାସ କରିଥିଲା,
ଜାଣିଥିଲା ପୁରୁଷର ଚଞ୍ଚଳତା,
ସ୍ୱାର୍ଥପରତା ଆଉ ବିଶ୍ୱାସରେ ବିଷ ଦେବାର
କଥା ।

ଆଶ୍ଚର୍ଯ୍ୟ ନା,
ତଥାପି ରାଜଜେମା କେମିତି ମରି ପାରିଲା ?
ଚାଲିଛି କେତେ ତନାଘନା,
ଖୋଜା ହେଉଛି ରାଜଜେମାର ଆବର୍ଜନା ।

ସତୀତ୍ୱର ହଳିକାଠରେ
ଆଜି ମୃତା ରାଜଜେମା ।
ଜୀବନର ରାଜରାସ୍ତାରେ,
ବିଚ୍ ସଡ଼କରେ
ପଡ଼ିଛି ରାଜଜେମାର ଖଣ୍ଡିତ ଅବୟବ ।

କବାଟ ଫାଙ୍କରୁ ଗଳି ଦେଖୁଛନ୍ତି
ତାରି କୁଟୁମ୍ବ ସୋଦର,
ବିବସ୍ତ୍ର ଶରୀରରେ
ନାହିଁ ବି ଚାଖଣ୍ଡେ କନା,
ଚିହ୍ନଟ କରିବାକୁ
ଇଏ କେଉଁ ଦେଶର ରାଜଜେମା !
କୋଉ ଅଗଣାର ଅଫୁଟା ଫୁଲ !
କେଉଁ ବାପାର ପାହାନ୍ତି ସ୍ୱପ୍ନ !
କୋଉ ମାଆର ଗଳାର ମାଳି !

ଚାଲିଛି ତ ଚାଲିଛି,
କେବଳ ତନାଘନା ।

♥ ବସନ୍ତ ବିହାର, ନୂଆଦିଲ୍ଲୀ
ଫୋନ: ୯୮୬୮୪୬୩୪୫୮

# ବିଦ୍ରୋହ

## ଦେବଯାନୀ ରାୟ

ଗଲା ରାତିର ଛାଇନିଦରେ ସେମାନଙ୍କର
ଆଉ ଏକ ବିକଟ ରୂପ ଦେଖି
ମୁଁ ଅମୋଘ ସ୍ତବ୍ଧତା ମଧ୍ୟରେ
ଭୟଙ୍କର ଭାବେ ଅଚଳ
ଆତୁରତାରେ ଭାବୁଛି ଛିନ୍‌ଭିନ୍ ହୋଇଯିବ କି
ଅତି ଯତ୍ନରେ ସଜେଇଥିବା
ସବୁଜ ଉଦ୍ୟାନଟି ମୋର !

ଆଜିକାଲି ନିଦ ଆସେନି ଆଖିକୁ
ଲାଗୁଛି ଯେମିତି ସବୁ ଅସ୍ଥିରତାର ଭୂତ
ମୋ ଉପରେ ହୋଇଛି ସବାର୍ ।

ଯଦିଓ ଚାରିକଡର ଅବସ୍ଥା ପ୍ରାୟତଃ
ସେମିତି ହିଁ ଅଛି
ଠିକ୍ ସମୟରେ ରାତି ଅପସରି
ସକାଳ ବି ହେଉଛି
କିନ୍ତୁ କାହିଁକି କେଜାଣି
କିଛି ଯନ୍ତ୍ରଣାଦାୟକ କ୍ଷତରୁ ଏଯାବତ୍
କବିତା ଝରୁଛି
ଆଉ କିଛି କଅଁଳ ସ୍ୱପ୍ନ
ଛାତିରେ ପାଦ ଥାପିବା ପରେ ବି ଗୁମୁରିଛନ୍ତି ।

ଅବଶ୍ୟ, ଗତି ବଦଳୁଛି ପବନର
ଆମ୍ବ ବଉଳର ବାସ୍ନା ଚହଟୁଛି
ଦକ୍ଷିଣରୁ ଉତ୍ତର
ତଥାପି, ମତେ ଲାଗେ ରୌଦ୍ରତାର କ୍ରୂରତା
ପୋଡ଼ି ଦେଉଛି କି
ଯେତେସବୁ ଚିତ୍ରିତ ସ୍ୱପ୍ନ
ସେଦିନର ସେଇ ଜିଦ୍‌ଖୋର୍ ଦ୍ୱିପ୍ରହର ।

ହଁ..., ବୋଧହୁଏ ସେଥିପାଇଁ
ଲେଲିହାନ୍ ଅଗ୍ନିଶିଖା ପରି ଉର୍ଦ୍ଧ୍ୱମୁଖୀ ହୋଇଉଠେ
ଏକ ଭୟଙ୍କର ପ୍ରତିଜ୍ଞା
ମୋ ପରିପୂର୍ଣ୍ଣ ସ୍ୱାଧୀନତାର ।

♥ଜଟଣୀ, ଖୋର୍ଦ୍ଧା, ଫୋନ: ୯୪୩୭୪୧୩୩୧୪



▲ଫଟୋ ଦେବଯାନୀ ରାୟ



▲ ଚିତ୍ର : ଶିଳ୍ପୀ ମାନମୟୀ ରଥ

# ବେଶ୍ୟା

## କିରଣ ମନୀଷା ମହାନ୍ତି

ସମାଜର ପୃଷ୍ଠାରେ ରଙ୍ଗହୀନ ଜୀବନ ମୋର,
ରାସ୍ତା କଡେ ଛିଡା ମୋର ସ୍ୱାଭିମାନ..
ନାଁ ମୋର ବେଶ୍ୟା ।

ଇଜ୍ଜତ ବିକି ଜୀବନ ସାଇତେ,
ପେଟ ଭୋକ ପୋଷେ,
ଉଫ୍.. !
କଳଙ୍କର ଶବ୍ଦ ଏ
ବାସହୀନ, ରଙ୍ଗହୀନ
ତୁମ ସଭ୍ୟତାର ଏକ ଅଛିଣ୍ଡା ଅଂଶ ।

ରାତି ପାଇଁ ପୁରୁଷର
ଭୋକ ମେଣ୍ଟେଇ
ନିର୍ଲିପ୍ତ ଦେହ ବିକିବାରେ
କଳଙ୍କ ଭରା ଶରୀର ତଥାପି
ତୁମେ ଆସ ନିତି ନିତି
ଝୁଣି ଖାଇବାକୁ ଏ ଯୌବନ,
ଛାତିର କୋମଳ ମାଂସ ପିଣ୍ଡୁଳାକୁ ।

ଖିନ୍‌ଭିନ୍ କରି ଚାଲିଯାଅ
ମୋ ଉଲଗ୍ନ ଦେହରେ ତୁମ
ଅସତ୍ ପଣକୁ ପୋଛି
ବେଶ୍ୟା ମୁଁ ଭୋଗ ବିଳାସର ପାତ୍ରୀ...

ମୁଁ ନଷ୍ଟ ଚରିତ୍ରା
ନୁହେଁ ମୁଁ କାହା ହୃଦୟର ମଣି
ବିଟପୀ, ବାରଙ୍ଗନା, ଗଣିକା ମୁଁ
ନୁହେଁ ସତୀ !

ଦେହରେ କ୍ଷତ ବାର ପୁରୁଷର,
ସମୟ ସହ ଘୋରି ହୋଇ ମୁଁ
ଆଜି ଖୁବ୍ ଅସହାୟ,
ନିଜର ପରିସ୍ଥିତିକୁ ଆଲିଙ୍ଗନ କରି
ଡେଇଁଛି ଏଗୁଣ୍ଡି ବନ୍ଧ,
ରାଜରାସ୍ତାକୁ ଓହ୍ଲେଇ ଆସିଛି
ମୋ ସ୍ୱାଭିମାନ...

ବେଶ୍ୟା ମୁଁ
ନିତି ଭିଜେ ଲୁହରେ ଲହୁରେ,
ହେ ! ମୋର ପ୍ରିୟ ପୁରୁଷ,
ମୋ ଦେହର ଖୋଲା ଅଙ୍ଗର ସ୍ପର୍ଶରେ
ଅସୀମ ଖୁସି ତୁମର,
ମୋ ପ୍ରୀତିର ମହମହ ବାସ୍ନା
ଟାଣି ଆଣେ ତୁମକୁ
ବେଶ୍ୟାଳୟର ଅଗଣା ମଧ୍ୟକୁ

ହେ ମୋର ଦେହ ଭକ୍ଷକ
ଆସ, ଉଖୁରେଇ ନିଅ
ତୁମ ଦେହ ଭୋକ,
ତୁମ ପାଗଳପଣରେ ଲୁଟି ନିଅ
ମୋର ଇଜ୍ଜତ,
ମୋ ଥରିଲା ଓଠରେ
ଓଠକୁ ମିଶେଇ
ବାନ୍ଧି ନିଅ ତୁମ ବାହୁରେ ।

ହଁ ! ମୁଁ ବିବସ ହତଭାଗିନୀ
ପେଟ ପାଇଁ ଯୋଉଠି ପାଦ ଥାପିଲି
ସେଠି ଦେହଦାହର ଦୁନିଆ ।

ଦେହରେ କ୍ଷତ ଦରଜକୁ ମୁଁ ସହିଯିବି
ମୁହଁରେ ମୁଠାଏ ହସ ନେସି
ହଁ ମୁଁ ବେଶ୍ୟା
ରାତିର ପୁରୁଷ ଗଣ ମୋର
ଆପଣାଠୁ ଆହୁରି ଆପଣାର ।

♥ରେଞ୍ଜ, ଡେଲାଙ୍ଗ, ପୁରୀ-୭୫୨୦୧୬
ଫୋନ:୯୦୪୦୧୦୫୦୯୧



▲ଫଟୋ କିରଣ ମନୀଷା ମହାନ୍ତି



▲ ଚିତ୍ର : ଶିଳ୍ପୀ ସୁବ୍ରତା ସୁଦର୍ଶିନୀ ବେହେରା

# ପଳାତକ

## ଡକ୍ଟର କଲ୍ୟାଣ ସୌରଭ ଦାଶ

ସେ ଫେରିବ କହିଥିଲା ।

କହି ଯାଇଥିଲା ସଞ୍ଜରେ ସେଦିନ
ଫେରିବ ସେବେ, ଯେବେ କେହି ଆଉ
ଅପେକ୍ଷା କରୁନଥିବେ ତା’ ଫେରିବାକୁ
ହୁଏତ ମନେ ନଥିବ ତା’ ନାଁ, ଚେହେରା, ପରିଚୟ
ବଦଳି ସାରିଥିବ ଚିତ୍ର, ଚରିତ୍ର, ଚଉହଦ
ତା’ ପ୍ରିୟ ପୃଥିବୀରେ !

ସେ କହିଥିଲା ଆଉ ବକଟେ ଛୁଆକୁ ବିଷ ଦେଇ ଅଥବା
କାଠଯୋଡ଼ିରୁ କାଖେଇ ଡେଉଁ ନଥିବ
ମାଆଟେ ସେବେ, କି ବଡ଼ସାହେବର
ଦଫ୍‌ତରରେ ବଢ଼ିଲା ପୁଅ ଆଗରେ କାନ୍ଦି, ଗୋଡ଼ ଭାଙ୍ଗି,
ହାତ ପତଉ ନଥିବ ନିଃସ୍ୱ ବାପାଟେ ଘର ଖଣ୍ଡେ ପାଇଁ
ଆଷାଢ଼ରେ ଆଁ ମେଲୁ ନଥିବ ମାଣ ମାଣ ବିଲ,
ବାଳ ଉପୁଡ଼ି ଟାଙ୍ଗରା ହେଉ ନଥିବ ମଝି ସିନ୍ଥାଣି
ସିନ୍ଦୂରର ଅପେକ୍ଷାରେ
ବୟସ ଗଡ଼ି ସାରିଥିବା କାଳିଝିଅର
ଘଞ୍ଚ ଜଙ୍ଗଲକୁ ଜାଳ ପାଇଁ ଯାଇ ନିଖୋଜ ହେଉ ନଥିବେ କେହି
ଯେଉଁଠି କଲରାପତରିଆ ବାଘଟା ଆସୁଥିଲା
ପାଣି ପିଇବାକୁ ନିଇତି ।

ଯେବେ ଶୀତକୁ ଡରି ଇଟାଭାଟିରେ
ଶୋଇ, ସେକି ହେଉଥିବା ପରିବାର ଅଣନିଃଶ୍ୱାସୀ ହେଉନଥିବେ ପାହାନ୍ତାରେ
ଯେବେ ଓଲଟି ପଡୁଥିବା ଟ୍ରେନ୍ ବଗି ତଳେ
ଚାପି ହେଉନଥିବ ଶେଷ ଚୁମ୍ବନ ଲିପା ଡାଇରୀର ଇତଃସ୍ତତ ପୃଷ୍ଠା ସବୁ
ଯେବେ ଡ୍ରେନ୍ ପାଇପ୍ ଭିତରୁ ମିଳୁ ନଥିବେ
ପରିତ୍ୟକ୍ତ ଦେଶର ଭବିଷ୍ୟ
ଯେବେ ନାରଙ୍ଗୀ ଓ ସବୁଜ ନିଜ ନିଜ ଯୁଦ୍ଧ ଛାଡ଼ି
ଏକାଠି ଏ ଦେଶ ଗଢୁଥିବେ
ସଫେଦ୍ ରଙ୍ଗର ଦୁଇ ପାଖେ ମିଶି !

ସେବେ ଫେରିବ କହିଥିଲା ସେ
ଉଛୁଳା ନଈ କୂଳରେ ଛଳ ଛଳ ବଂଶୀ ତୋଳିବାକୁ
ଲେଖିବାକୁ ବାକିଥିବା ଯେତେକ କବିତା ସମୁଦ୍ର ବାଲିରେ
ଗଣିବାକୁ ଉତ୍ତର ଦିଗର ତାରାପୁଞ୍ଜ ଯେତେ
ମାମୁଁଘର ଛାତ ପରେ ମଶିଣା ପାରି
ଖରାସିଝା ତତଲା ଅଗଣାରେ ପହିଲି ବର୍ଷା ଛିଟା
ସେଁ କଲାବେଳେ ବିଭୋର ହେବାକୁ ମାଟିର ବାସ୍ନାରେ
କୋଳାହଳରୁ ଦୂରେଇ ଯାଇଥିବା ସେ
ରହସ୍ୟମୟ ପଳାତକର ଆଉ ନଥିବ ନାଁ, ଚେହେରା, ପରିଚୟ

ସେ ଫେରିଲେ ଆମ ସମସ୍ତଙ୍କୁ ଫେଣ୍ଟିଫାଣ୍ଟି
କିଛି ଗୋଟେ ରୂପ ନେଇଯିବ ଓ
ପୁଣି ହୁଏତ ହଜିଯିବ, ପୁଣି ଫେରୁଥିବ ...


♥ ଓଡ଼ିଶା ପ୍ରଶାସନିକ ସେବା, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଭୁବନ,
ଢେଙ୍କାନାଳ-୭୫୯୦୦୧, ଫୋନ: ୯୯୩୭୧୭୬୭୧୪



▲ ଫଟୋ କଲ୍ୟାଣ ସୌରଭ ଦାଶ

କଥା-କାହାଣୀ- ୧

# ବାଇ ଚଢ଼େଇ



# ବାଇ ଚଢେଇ

**ମନୋଜ କୁମାର ମହାପାତ୍ର**
ପ୍ଲଟ ନଂ. ୩୭୧/୨୪୭୬
ଶିଶୁବିହାର,ପଟିଆ ଛକ,ପୋଷ୍ଟ-କିଟ୍
ଭୁବନେଶ୍ୱର-୭୫୧୦୨୪
ଫୋନ: ୯୯୩୭୨୯୭୦୩୯

ଚିତ୍ର/ଅଳଂକରଣ :ସୁସ୍ମିତା ମିଶ୍ର

**ସମୟର ଗତି ମୋତେ କ୍ରମଶଃ ଆଗକୁ ନେଲା । ପିଲାକାଳର ସଢେଇ ଓ ଧୂଳିଖେଳ ଅନେକ ପଛରେ ପଡିଗଲା । ହାଇସ୍କୁଲ୍‌ରେ ପଢିବା ସମୟରେ ପ୍ରାୟ ପ୍ରତିଦିନ ବୁଧି ମାଉସୀ ସହିତ ମୋର ବାଟରେ ଦେଖାହୁଏ । କାହିଁକି ନା ଶରଦା ନାଳ ପାଖରେ ସେ ପ୍ରତିଦିନ ଛେଳି ଚରାଏ । ମୋତେ ଦେଖିଲା କ୍ଷଣି ମୋ ମୁଣ୍ଡକୁ ଆଉଁସି ଦେଇ ମୋ ଗାଲରେ ଚୁମା ଦେଇ କହିବ - ଯା ଝଅଟ ଯା, ଘରେ ଗଣ୍ଡେ ଖାଇ ଦେବୁ । ତୋ ମା' ଚାହିଁ ବସିଥିବ ଯେ ।**

ସ୍ୱାମୀଙ୍କ ଦେହାନ୍ତ ଉତ୍ତାରୁ ଅଶୀତିପର ବର୍ଷିଆନ ସୁଲକ୍ଷଣା ଦେବୀ ଶେଷରେ ଚାଲି ଆସିଲେ ଗାଁକୁ । କଠୋର ନିଷ୍ପତ୍ତିରେ ସେ ଅଟଳ, ଆଉ ମୁମ୍ବାଇ ଯିବେନି ବରଂ ଏଇଠି ସେ ଗାଁ ଶ୍ମଶାନରେ ମୁଠାଏ ପାଉଁଶ ହେବେ । ଏତେ ବଡ଼ ନିଶୂନ ଚାଳଛପର ଖାଁଖାଁ ଘରେ ଏକଲା ହେଲେ ବି, ସେ ଆଜିକାଲି ନିଃସଙ୍ଗ ଅନୁଭବ କରନ୍ତିନି । ଏଠି ତ ସମସ୍ତେ ଚିହ୍ନା, ତା'ବାଦେ ଦାଣ୍ଡ ସେପଟେ ବେହେରା ଘର ନାତୁଣୀ ବୋହୂ ରୋଜି ଫୁଲର ତେଣ୍ଡ ଭଳି ତାଙ୍କର ଦେଖାଶୁଣା ଦିନରାତି କରେ ।

ଖରା ଦିନ, ସେ ଥରେ ଦାଣ୍ଡପିଣ୍ଡାରେ ଲମ୍ବା ନଡ଼ିଆ ବାହୁଙ୍ଗା ଚଟେଇରେ ଗଡ଼ପଡ଼ ହେଉଥିବା ବେଳେ ମଝିରେ ମଝିରେ ଚାହୁଁଥିଲେ ସାମାନ୍ୟ ଦୂରରୁ ଦିଶୁଥିବା ଡେଙ୍ଗା ତାଳଗଛ ଆଡକୁ । କାହିଁ ତ ଗୋଟିଏ ବି ବାଇ ଚଢେଇ ବସା ଡାଳରେ ଦୋହଲୁନି । ଆଗକୁ ତ ବର୍ଷାଦିନ । କ'ଣ ସେମାନେ ବସା କରିବେନି କି ଏଥର ! ଏମିତି ଭାବୁ ଭାବୁ ଛାଇନିଦ ଇଲାକା ଭିତରୁ ପଶି ଗଲେଣି କେତେବେଳୁ ତାଙ୍କୁ ଜଣା ନାହିଁ । ତଥାପି ଡାହାଣ ହାତରେ ଧରିଥିବା ବରଡ଼ାପତ୍ର ବିଞ୍ଚଣାଟା ଘୂରୁଥିଲା ମନ୍ଥର ଗତିରେ । କିଛି ମୁହୂର୍ତ୍ତ ପରେ ସେଟା ବି ହାତରୁ ଖସି ପଡିଲା ।

ନିଘୋଡ଼ ନିଦରେ ଶୋଇଲା ଭଳି ଲାଗୁଥିଲେ ବି ଓଠରେ ଲହରିତ ହସର ନିଃଶବ୍ଦ ମୃଦୁ ପ୍ଲାବନ । କିନ୍ତୁ ପାଟିରୁ ନିଃସୃତ ହେଉଥିଲା ଅନୁଚ୍ଚ ସ୍ୱରରେ – "ବାଇଚଢେଇରେ ବାଇଚଢେଇ, ତୋ ମା' ଯାଇଛି ଗାଈ ଚରେଇ । ଗାଈରୁ ଆଣିବ ଗଜରା ଦୁଧ, ଢ଼ୋକିଏ ପିଇଲେ ମାଡ଼ିବ ନିଦ ।"

ଏମନ୍ତ ସମୟେ ରୋଜି ପହଞ୍ଚି ତାଙ୍କ ଦେହକୁ ଧୀରେ ହଲାଇ ଦେଇ କହିଲେ - "ଗୋସମା' କ'ଣ ସ୍ୱପ୍ନ ଦେଖୁଛ କି, ପୁଣି ଏଇ ଖରା ବେଳରେ ?" ସୁଲକ୍ଷଣା ଦେବୀ ଧଡ଼ପଡ଼ ହେଇ ଉଠି, କାନ୍ଥକୁ ଆଉଜି ବସି କହିଲେ- "ହଁ ମଃ, ତାଳଗଛଟାକୁ ଅନେଇ ବାଇଚଢେଇ ବସା କଥା ଭାବୁଥିଲି, ଆଖିଟା କେତେବେଳେ ଲାଗି ଯାଇଛି ଜାଣେନି ।"

ରୋଜି ବିଞ୍ଚଣାରେ ଗୋସାମା'ଙ୍କୁ ବିଞ୍ଚୁ ବିଞ୍ଚୁ ପଚାରିଲେ- "ତୁମେ ତ ବିଦେଶରେ ରହିଥିଲ, ବାଇଚଢେଇ ଖବର ଜାଣିବ କେମିତି ? ଅନେଶତ ମସିହା ବାତ୍ୟା ପରେ ବାଇଚଢେଇର ଆଉ ଦେଖା ନାହିଁ । କୁଆଡେ ମରିହଜି ଗଲେଣି ।"

ଆଲୋ ମା' ମୁଁ ମରି ଯାଉଥାଏ । ମୋ ମାମୁଁଘର ଗାଁରେ ପିଲାଦିନେ କେତେ ତାଳଗଛରେ ଝୁଲନ୍ତ ବାଇଚଢେଇ ବସା ନ ଦେଖିଛି ସତେ !

ଅଳସଭରା ହାଇଟିଏ ମାରି ପାକୁଆ ପାଟିରେ ଗୋସମା' କହିଲେ- "ହଁ ପରା ଆଜିକାଲି ଗାଁ ହେଉ କି ସହର, ଚାରିଆଡେ ବିକାଶ ଓ ପରିବର୍ତ୍ତନର ସୁଅ । ମୋ ପୁଅର ନବୀ ମୁମ୍ବାଇରେ ଗୋଟିଏ ଆପାର୍ଟମେଣ୍ଟର ତିରିଶ୍ ତାଲା ଘରେ ରହୁଥିଲି । ତଳକୁ ଚାହିଁଲେ ହାଉଯାଉ ମଣିଷ ଓ ଗାଡିର ପିମ୍ପୁଡି ଧାର, ଉପରେ ତ ଉଡ଼ନ୍ତା ଏରୋପ୍ଲେନ୍‌ର ତୁହାକୁତୁହା କାନଫଟା ଶବ୍ଦ ।"

ରୋଜି ପଚାରିଲା- "ତମ ପୁଅ ବୋହୂ ତ ରିଟାୟାର୍ଡ଼ ହେଇ ସାରିବେଣି ?"

ହଁ ହଁ ସେ ଦୁହେଁ ବି ବୁଢ଼ା ବୁଢ଼ୀ ହେଲେଣି । ମୁମ୍ବାଇରେ ଛଅ ମାସ ରହିଲେ ଜର୍ମାନରେ ତାଙ୍କ ପୁଅ ବୋହୂ ପାଖରେ ପୁଣି ଛଅ ମାସ ରହନ୍ତି । ତୋ ଗୋସାପ ସ୍ୱର୍ଗବାସୀ ହେବା ପରେ ଏଇ ଛଅ ମାସ ମୁଁ ଆପାର୍ଟମେଣ୍ଟରେ ରହେ । ଅବଶ୍ୟ ଗୋଟେ ସ୍ତ୍ରୀଲୋକ ପ୍ରତିଦିନ ଆସି ଘର ସଫାସଫି ସହିତ ମୋର ଖାଇବା ପିଇବା କଥା ବୁଝେ ।

ଏତେ ବଡ଼ ଘରଟାରେ କେହି ନାହିଁ, ନିଜେ ନିଜ ସହ କଥା ହୁଏ, କେତେବେଳେ ନିଜର ଛାଇକୁ ବି ଡରେ । ଅବଶ୍ୟ ପୁଅ ବୋହୂ ଅନେକ ସମୟରେ ଫୋନ୍‌ରେ ମୋ ସହିତ କଥା ହୁଅନ୍ତି କିନ୍ତୁ ମୋତେ



▶ଗାଳ୍ପିକ ମନୋଜ କୁମାର ମହାପାତ୍ର

**କାହାଣୀ ପଛର କାହାଣୀ**

ସ୍ୱାଧୀନୋତ୍ତର ଆଧୁନିକ ଗ୍ରାମ୍ୟ ଜୀବନ ପ୍ରବାହରେ ଅନେକ ଚରିତ୍ର ଆମ ପାଖରୁ ଅପସରି ଗଲେଣି, ଯେଉଁମାନେ ଏକଦା ସମାଜରେ ପୁରୁଷାନୁକ୍ରମେ ଲୋକଙ୍କର ସେବା କରୁଥିଲେ । ଆଜିର ପିଢି ନିକଟରେ ସେମାନଙ୍କର ନାମ ନିଶାନ ନାହିଁ କି ସେମାନଙ୍କର ସାମାଜିକ ମୂଲ୍ୟବୋଧକୁ କେହି ଆଜି ବୁଝି ପାରିବେନି । ତନ୍ମଧ୍ୟରୁ ଶୁଲୁଣୀ ଯିଏ ଦେବ-ରମଣୀ ସଦୃଶ ସ୍ତ୍ରୀଲୋକଙ୍କର ଗର୍ଭଯନ୍ତ୍ରଣା ସମୟରେ ପାଖେ ପାଖେ ରହି ଅତି ଯତ୍ନ ସହକାରେ ପ୍ରସବ କରାଇବାରେ ସାହାଯ୍ୟ କରୁଥିଲେ ଏବଂ ପ୍ରଥମେ ନବଜାତ ଶିଶୁର ମୁଖ ଦେଖି ଉଲ୍ଲସିତ ହେଉଥିଲେ । 'ବାଇଚଢେଇ' ଗପରେ ବୁଧିମାଉସୀ ସେହି ପରମ୍ପରାର ଜଣେ ବିସ୍ମୃତ ଚରିତ୍ର ଯାହାର ସ୍ମୃତିକୁ ମୁଁ ପାଠକ ସମ୍ମୁଖରେ ଗଳ୍ପ ମାଧ୍ୟମରେ ଉପସ୍ଥାପନ କରିଛି ।

ଲାଗେ ମୁଁ ଯେମିତି ଦର୍ପଣରେ ପ୍ରତିଫଳିତ ଛବିମାନଙ୍କ ସହିତ କଥା ହେଉଛି ! କିମ୍ବା ମର୍ତ୍ତ୍ୟମଣ୍ଡଳରେ ନାହିଁ, ସତେକି କେଉଁ ଏକ ପରପାରିର ନିଶୂନ ଅପନ୍ତରା ରାଜ୍ୟର ବାସିନ୍ଦା । କହନା ଲୋ ମା' ଏଭଳି ଏକଲାପଣର ଯନ୍ତ୍ରଣା ସହିବା ଭାରି କଷ୍ଟ ।

ବୁଝିଲୁ ବୋହୂ, ପିଲା ବୟସ କି ଯୁବା ବୟସ ହେଉ ସବୁଥିରେ କିଛି ନା କିଛି ଦୁଃଖ ସୁଖ ଅଛି କନ୍ତୁ ବୃଦ୍ଧା ବୟସରେ ପୁଅ-ବୋହୂ, ନାତି-ନାତୁଣୀ-ବୋହୂ ଓ ଅଣନାତି,ନାତୁଣୀ ସମସ୍ତେ ଥାଇ ବି ନଥିଲା ପରି ଲାଗେ ।"

ରୋଜି ହଠାତ କହି ଉଠିଲା- "ପରିପୂର୍ଣ୍ଣ ପରିବାରରେ ଏହା କେମିତି ସମ୍ଭବ ?"

"ଆଲୋ ତୁ ମୋ କଥା ବୁଝି ପାରିଲୁନି କି ? ମାନେ ସେମାନେ ଯିଏ ଯାହାର କାମରେ ବ୍ୟସ୍ତ । ଏ ବୁଢ଼ୀଟା ପାଇଁ କାହାର ସମୟ ନାହିଁ ।

ଦେଖୁନୁ ମୋ ମା'ର ଆମେ ଭାଇ ଭଉଣୀ ମିଶି ଦଶଜଣ, ପିଲାଦିନ ମନପବନ ଡଙ୍ଗାରେ ବସି ଖୁସି ମିଞ୍ଜାସ୍‌ରେ ସମୟ ବିତିଲା । ଯୁବା ବୟସ ବି ସାତରଙ୍ଗିଆ ଇନ୍ଦ୍ରଧନୁ ସହ ଫଗୁ ଖେଳି ଖେଳି ବିତିଲା । ପ୍ରୌଢ଼ ଜୀବନଟା ଭାରବାହି ଗଧ ସହିତ ପ୍ରତିଯୋଗିତା କରି ବିତିଲା । ଆଉ ଏଇନେ ନିଜ ଛାଇ ସହିତ ସଙ୍ଗାତ ବସି ଜୀବନ ବାହୁଛି । ଓହଃ କି ଯନ୍ତ୍ରଣା ସତେ ଏକଲାପଣର !"

ରୋଜି ହାଉଳି ଖାଇ କହି ଉଠିଲା- "ହେ ମା', ତୁମେ ଦଶଜଣ ପିଲା କ'ଣ ଗୋଟିଏ ମା'ପେଟରୁ ?"

ଗୋସମା'ର ଦାନ୍ତବିହୀନ ନାଲି ଟୁକୁଟୁକୁ ପାନଖିଆ ପାଟିରୁ ବାଡ଼ବତା ନ ମାନିଲା ଭଳି ଗୋଟିଏ ଜବରଦସ୍ତ ହସ ଉଛୁଳି ପଡିଲା- "ନା କ'ଣ ଦଶଟା ମା ପେଟରୁ ? ଆଲୋ ଆଗ କାଳରେ ମା'ଟିଏ ଦଶବାରଟା ପିଲା ଜନ୍ମ କରି ସନ୍ତାନଙ୍କୁ ଠିକ୍ ଭାବେ ମଣିଷ କରୁଥିଲା । ଗର୍ଭଯନ୍ତ୍ରଣା କ'ଣ ସେମାନଙ୍କୁ ଜଣା ଥିଲା ? ଆଜିକାଲିର ମା' ଗୋଟିଏ ପିଲା ଜନ୍ମ କରି ଗର୍ଭବେଦନା କେମିତି ଜାଣିବେ ? ପୁଣି ସେଥିରେ ସିଜରିନ୍ । ଆମ ସମୟରେ ନା ଡାକ୍ତରଖାନା ଥିଲା ନା ନର୍ସ । ଛାଡ଼ ସେ କଥା ।


ଏଇ ଆମ ବୁଧି ମାଉସୀ ମଃ, ସେ କହୁଥିଲା – ଗର୍ଭଧାରଣ ଯନ୍ତ୍ରଣା ସେଇ ଜାଣେ ଯିଏ ଗର୍ଭରେ ଶିଶୁକୁ ଧରିଛି ।"

"ବୁଧି ମାଉସୀ ଫେରେ କିଏ ?"

"ତୁମେମାନେ ତ ଏବେକାର ପିଲା, ତାକୁ କେମିତି ଜାଣିବ ! ସାଆନ୍ତାଣୀଶ୍ୱରୀ ଠାକୁରାଣୀ ମନ୍ଦିର ପାଖରେ ତା' ଘର । ପ୍ରସବବିଦ୍ୟାରେ ସିଦ୍ଧହସ୍ତା । ଆମ ଗାଁ ସହିତ ଆଖପାଖ ଗାଁର ଗର୍ଭବତୀ ମହିଳାଙ୍କର ପ୍ରସବ ବେଶ୍ ସୁରୁଖୁରୁରେ କରାଇ ଦିଏ । ସ୍ୱାଧୀନତା ପୂର୍ବରୁ ଆମ ଗାଁରେ ଏମିତି ଜଣେ ଶୁଳୁଣୀ ନାହିଁ ଯିଏ ବୁଧି ମାଉସୀର ସାହାଯ୍ୟ ପ୍ରସବ ସମୟରେ ନ ନେଇଛି ।

ବୁଝିଲୁ ଲୋ ମା', ମୋ ମା'ର ଦଶଟି ପିଲାକୁ ସେ ଜନ୍ମ କରାଇଥିଲା । ଆମେ ସବୁ ପିଲା ତାକୁ ମାଉସୀ ବୋଲି ଡାକୁ । ଯେହେତୁ ମୁଁ ମା'ର ପ୍ରଥମ ଝିଅ, ସେ ମୋତେ ଭାରି ଭଲ ପାଏ । ସେ ମୋତେ କାଖେଇ ମଝିରେ ମଝିରେ ତା' ଘରକୁ ନେଇଯାଏ । ମୁଁ କାନ୍ଦିଲେ ମୋତେ ବାଇ ଚଢେଇ ଗୀତ ଗାଇ ଶୁଆଇ ପକାଏ ।

ପିଲାଦିନର ଗୋଟିଏ ଘଟଣା ଏବେ ବି ମୋର ମନେ ଅଛି । ମୋ ବୟସ ସେତେବେଳେ ଚାରି କି ପାଞ୍ଚବର୍ଷ ହେବ । ମୋତେ କାଖେଇ ଥରେ ମୋ ମାମୁଘର ଗାଁର ଝାଡ଼ପଟା ଫଗୁ ମେଳଣକୁ ନେଇଥିଲା । ସେଠାରେ ସେ ଅନେକ ତାଳ ଗଛ ବାହୁଙ୍ଗାରେ ଝୁଲୁଥିବା ବାଇ ଚଢେଇ ବସା ଦେଖାଇ କହିଲା – ହେଇ ଦେଖ ବାଇ ଚଢେଇ ବସାରେ ତା'ର ଝିଅ ପୁଅମାନେ କେମିତି



ଝୁଲଣରେ ଝୁଲୁଛନ୍ତି ।

ମୁଁ ପଚାରିଲି – ସେମାନଙ୍କର ମା ?

ସେ ପରା ଗାଇ ଚରେଇ ଯାଇଛି,ସେଠୁ ଗଜରା ଦୁଧ ନେଇ ବସାକୁ ଫେରିବ ।

ବୁଧି ମାଉସୀ କାଖରୁ ଓହ୍ଲାଇ ତଳେ ଠିଆ ହେଇ ଏକ ଲୟରେ ଡୋଳାୟିତ ବାଇଚଢେଇ ବସାକୁ ଚାହିଁ ଥିବାବେଳେ ହଠାତ ଦେଖିଲି ଯେ ଗୋଟିଏ ବାଇ ଚଢେଇ ବସାଟିଏ ତଳେ ପଡିଛି ଏବଂ ସଦ୍ୟଜାତ କୁନି ନାଲି ଟୁକୁଟୁକୁ ଚଢେଇଟିଏ ଚେଁ ଚେଁ ହଉଛି । ଖୁସିରେ କୁରୁଳି ଉଠି ବସାକୁ ଧରି ପକାଇବାରୁ ବୁଧି ମାଉସୀ ମୋ ହାତକୁ ଛିଞ୍ଚାଡି ଦେଇ କହିଲା- ବସାକୁ ଛୁଁନା । ମୁଁ କହିଲି କାହିଁକି ? ସେ କହିଲା- ଛୁଇଁଲେ ଜର ହେବ ।

ଘରେ ପହଞ୍ଚିଲା ପରେ ସତକୁ ସତ ରାତିରେ ମୋତେ ଜର ହେଲା । ବୁଧି ମାଉସୀ ମୋ ଦେହର ତାତି ଦେଖି ତା'ର ହଂସା ଉଡିଗଲା । ଖଣ୍ଡିଏ ଘଷି ଉପରେ ପୁଳାଏ ଲୁଣ ରଖି ଗୁଣୁଗୁଣୁ ହେଇ କହୁଥାଏ – ଛାଡ଼ ଛାଡ଼ ମୋ ଝିଅ ଦେହରୁ....... ଈଶ୍ୱର ପାର୍ବତୀଙ୍କର ଆଜ୍ଞା....... ପୁଣି ସେଥିରୁ ଟିକେ ଲୁଣ ଆଣି ମୋ ପାଟିରେ ଖୁଆଇ ଦେଲା ଓ ଛାଞ୍ଚୁଣିରେ ମୋ ଦେହକୁ ବାରମ୍ବାର ଝାଡ଼ି ଦେଲା ।

ସକାଳୁ ମୋ ଦେହରେ ଜ୍ୱର ନ ଥିଲା । ପରେ ମୋ ମା' ପାଖରୁ ଜାଣିଲି ଯେ ସେ ଝଡାଫୁଙ୍କାରେ ସିଦ୍ଧି ଲାଭ କରିଛି ।

ସମୟର ଗତି ମୋତେ କ୍ରମଶଃ ଆଗକୁ ନେଲା । ପିଲାକାଳର ସଢେଇ ଓ ଧୂଳିଖେଳ ଅନେକ ପଛରେ ପଡିଗଲା । ହାଇସ୍କୁଲ୍‌ରେ ପଢିବା ସମୟରେ ପ୍ରାୟ ପ୍ରତିଦିନ ବୁଧି ମାଉସୀ ସହିତ ମୋର ବାଟରେ ଦେଖାହୁଏ । କାହିଁକି ନା ଶରଦା ନାଳ ପାଖରେ ସେ ପ୍ରତିଦିନ ଛେଳି ଚରାଏ । ମୋତେ ଦେଖିଲା କ୍ଷଣି ମୋ ମୁଣ୍ଡକୁ ଆଉଁସି ଦେଇ ମୋ ଗାଲରେ ଚୁମା ଦେଇ କହିବ – ଯା ଝଅଟ ଯା, ଘରେ ଗଣ୍ଡେ ଖାଇ ଦେବୁ । ତୋ ମା' ଚାହିଁ ବସିଥିବ ଯେ । ଖରାଦିନେ ରାସ୍ତା ପାଖରୁ ବଇଁଚ କୋଳି ତୋଳି ମୋତେ ଖୁଆଇ ଦିଏ ଓ ବର୍ଷା ଋତୁରେ ଜାମୁ କୋଳି ତୋଳି ଗୋଟିଏ ସାରୁପତ୍ରରେ ବାନ୍ଧି ମୋତେ ନିଶ୍ଚିତ ଦେବ ଘରେ ଖାଇବା ପାଇଁ ।

ପୁଣି ସମୟ ବଦଳି ଯାଏ । ମୁଁ ଯେଉଁ ଦିନ ବାହା ହେଇ ବୋହୂ ବେଶରେ ସବାରୀ ପାଖକୁ ଯାଉଥିଲି, ସମସ୍ତେ କାନ୍ଦୁଥାନ୍ତି, ମୁଁ ବି କାନ୍ଦି ବାରମ୍ବାର ବେହୋସ ହେଉଥିଲି, ସେତେବେଳେ ବୁଧି ମାଉସୀର ରାହାଛାଡ଼ କାନ୍ଦ ସମସ୍ତଙ୍କ ଆଖିରେ ଲୁହ ଭରି ଦେଉଥିଲା । କେତେ ପ୍ରକାର ଝିଅବିଦା ବେଳର ଗାଉଁଲି ଗୀତ ଗାଇ ମୋତେ କୁଣ୍ଢାଇ ଧରୁଥାଏ । ସେ ଦୃଶ୍ୟ କେବେ ଭୁଲି ହେବନି । ମୋ ସ୍ୱାମୀ ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ବେଳେବେଳେ ବୁଧି ମାଉସୀର ପଦେଅଧେ ଗୀତ ଗାଇ ମୋତେ ଚିଡାଉ ଥିଲେ ପରା ।

ଯେହେତୁ ମୋ ସ୍ୱାମୀଙ୍କର ଚାକିରି ମୁମ୍ବାଇରେ, ମୋତେ ସେଠାରେ ରହିବାକୁ ପଡିଲା । ମଝିରେ

କେବେ କେମିତି ଗାଁକୁ ଆସିଲେ ମୁଁ ବୁଧି ମାଉସୀ ଘରକୁ ଯାଇ ତାକୁ ଦେଖା କରେ, ଭଲ ଶାଢ଼ିଟିଏ ତାକୁ ଦିଏ । ସେ କେତେ ଖୁସି ହୁଏ, ଯେଉଁ ଖୁସି କାହା ପାଖରୁ ମୁଁ ଏ ପର୍ଯ୍ୟନ୍ତ ପାଇନି । ମୋ ମୁଣ୍ଡକୁ ଆଉଁସି ଦେଇ କହିବ ମୋ ସୁଲୁସୁଲିଆ ବାଇ ଚଢେଇ ଭଳି କେହି ହେବନି ଏହି ଇଲାକାରେ ଲୋ ମା' । କେତେ ଖାନଦାନୀ ଘରର ପାଠପଢ଼ା ଝିଅ ଓ ବୋହୂ ବିଦେଶରେ ଥାଇ ବି ଏଇ ଗାଉଁଲି ଶୁଳୁଣୀକୁ ଭୁଲିନି !

ଦିନେ ବୁଧି ମାଉସୀ ମୋତେ କହିଥିଲା ନିଜ ଜୀବନର ଅଙ୍ଗେନିଭା ନିଆରା ଅନୁଭୂତି । ତା'ର ଅନୁଭୂତି କେଉଁ ଦାର୍ଶନିକର ଅନୁଭୂତି ଠାରୁ କମ୍ ନୁହେଁ । ଗୋଡ ଲମ୍ୱେଇ ବସି ପାଟିରେ ଟିକେ ଦୋକ୍ତାର ନାଶ ଜିଭ ତଳେ ଜାକି କହିଲା – ବୁଝିଲୁ ଲୋ ସୁଲି, ଗୋଟିଏ ମାତ୍ର ଝିଅ ମୋର । ଝିଅଟିକୁ ପାଞ୍ଚବର୍ଷ ହେଇଥିବା ବେଳେ ମୋ ଗେରସ୍ତ ହଇଜାରେ ମଲା । ସତରେ ମୋତେ ସେତେବେଳେ କିଟିମିଟି ଅନ୍ଧାର ଭିତରକୁ କିଏ ଠେଲିଦେଲା । କୁନି ଝିଅଟିକୁ ନେଇ କେମିତି ବଞ୍ଚିବି ? ଥଳକୂଳ ପାଉନଥିବା ସମୟରେ ତୋ ମା' ମୋର ସାହା ହେଲା । ଦୁଃଖ ସୁଖରେ ତୋ ମା'ର ହାତଖୋଲା ସାହାଯ୍ୟ ଯୋଗୁ ଆମେ ମା ଝିଅ ବଞ୍ଚିଗଲୁ ।"

ରୋଜି ଖୁବ୍ ଉତ୍ସୁକ ହେଇ ପଚାରିଲା – "ତୁମକୁ କ'ଣ ବୁଧି ମାଉସୀ ସୁଲି ବୋଲି ଡାକନ୍ତି ?"

"ଆଲୋ ମୋତେ କେବଳ ନୁହେଁ, ପ୍ରସବ ସମୟରେ ଯେଉଁ ଶିଶୁଟିକୁ ମା ପେଟରୁ ବାହାର କରେ, ତାର ନାଁଟିଏ ସେ ମମତାବିଷ୍ଟ ହେଇ ଦେଇଥାଏ । ମୁଁ ଜନ୍ମ ବେଳେ ତା' ଦୃଷ୍ଟିରେ କାଳେ ସୋଲ ଭଳି ହାଲୁକା ହେଇଥିଲି, ସେ ମୋ ନାଁ ଦେଇଥିଲା ସୁଲି । ମୋ ବାପା ତା'ର ନାଁକୁ ସମ୍ମାନ ଦେଇ ମୋ ନାଁ ରଖିଥିଲେ ସୁଲକ୍ଷଣା ।

ସେ କହୁଥିଲା – ପିଲାଙ୍କୁ ମୁଁ ଜନ୍ମ କରାଏ ସତ କିନ୍ତୁ ମା' ଗର୍ଭରୁ ବାହାରି ଶିଶୁ ଯେତେବେଳେ ମୋ ହାତରେ ପ୍ରଥମେ ପଡ଼ି କୁଆଁ କୁଆଁ କାନ୍ଦେ, ମୋ ଛାତି ଭିତର ଶୂନ୍ୟ ପୋଖରୀରେ ଧୋବ ଫରଫର କଇଁଫୁଲର ସମ୍ଭାର ପାଖୁଡ଼ା ମେଲାଇ ଫୁଟି ଉଠେ । ସେତେବେଳେ ଉଲ୍ଲାସଦୀପ୍ତ ମମତାର ଢେଉ ମୋତେ ଏମିତି ବୁଡାଇ ଦିଏ ମୁଁ କଥା କହି ପାରେନି କିନ୍ତୁ ମୋ ଛାତି ଭିତରର କଇଁଫୁଲମାନେ ବେଶ ନବଜାତକକୁ ସ୍ୱାଗତ କରନ୍ତି । ପ୍ରଥମ ଆଲୋକ ସ୍ପର୍ଶରେ ଲାଜକୁଳି ଲତା ପରି ତା'ର ଆଖିବୁଜା ମୁହଁରେ ମୁଁ ଦେଖେ ଭବିଷ୍ୟତର ଅନେକ ସମ୍ଭାବନା ଏବଂ ତା'ର ଲାଲ ସଢ଼ ସଢ଼ ଦେହକୁ ଲୁଗାରେ ସଫା କରୁଥିବା ବେଳେ ଠାକୁରାଣୀଙ୍କୁ ପ୍ରାର୍ଥନା କରି କହେ – ମା' ଗୋ ଯାକୁ ତୋର ପଣତ କାନିରେ ସଦା ଘଣ୍ଟ ଘୋଡାଇ ରଖିବୁ । ଶିଶୁର ସ୍ପର୍ଶ ମୋ ଦେହରେ ଖେଳାଏ ମୁହୂର୍ମୁହୂ ପୁଲକ, ସବୁ ଦୁଃଖ ପାସୋରି ଯାଏ ନିମିଷରେ ।

ଆହାଃ କି ଚମତ୍କାର ତା'ର ଜୀବନର ଦର୍ଶନ ! ଆଜି ବୁଧି ମାଉସୀ ନାହିଁ, କେଉଁ କାଳରୁ ସେ ଆରପାରିକୁ ଗଲେଣି କିନ୍ତୁ ତା'ର ଏଇ କେଇପଦ ହୃଦୟ ଛୁଆଁ କଥା ମନେପଡିଲେ ମୋ ଛାତି ଭିତରଟା ମମତାରେ ଭରି ଉଠେ ।"

ରୋଜି ପଚାରିଲା– "ତୁମେ କ'ଣ ତାଙ୍କୁ ଶେଷ ସମୟରେ ଦେଖିଛ ?"

ଆଖି ଛଳଛଳ କରି ସୁଲକ୍ଷଣା ଦେବୀ କହିଲେ – "ହଁ ଲୋ ମା' । ଥରେ ରଜକୁ ଗାଁକୁ ଆସିଥିଲି, ତା' ପାଇଁ ଆଣିଥିଲି ବଉଳପାଟ ଶାଢିଟିଏ । ତା' ଘରକୁ ଯାଇ ଦେଖିଲି ଯେ ସେ ଖଟିଆରେ ଶୋଇଛି । ମୁଁ ତାକୁ ମାଉସୀ ମାଉସୀ ବୋଲି ଡାକିବାରୁ ସେ ଧଡକିନା ଉଠି ବସିଲା । ବଉଳପାଟ ଶାଢ଼ିକି ଧରି କାନ୍ଦି କହିଲା – ମୋ ସୁଲି ପରି କେହି ହେବନି ଏ ଖଣ୍ଡ ମଣ୍ଡଳରେ । ଆଉ ମୋତେ କୁଣ୍ଢାଇ ବହୁତ କାନ୍ଦିଲା । ନିଜ ହାତରେ ମୁଁ ଶେଷ ଥର ପାଇଁ ମୁଆଁଇ ଲଡୁ ତାକୁ ଖୁଆଇ ଦେଇଥିଲି ।

ବାସ୍ ତା'ର କିଛି ଦିନ ଅନ୍ତେ ସ୍ୱର୍ଗବାସୀ ହେଲା ବୁଧି ମାଉସୀ,ତା'ସହିତ ଶୁଳୁଣୀ ଶବ୍ଦର ବି ମୃତ୍ୟୁ ଘଟିଲା ବିକଶିତ ଗାଁ ଓ ସହରରେ । ଏତକ କହି ସୁଲକ୍ଷଣା ଦେବୀ କାନ୍ଦି କାନ୍ଦି କହିଲେ– ବୁଧି ମାଉସୀର ବାଇଚଢେଇ ଗୀତର ସ୍ୱରରେ ଭରିଥିଲା ସୁମଧୁର ଲାଳିତ୍ୟ ଓ ଅପୂର୍ବ ତନ୍ମୟତା ଯାହାକୁ ଶୁଣି ଶିଶୁ ଶୋଇପଡେ ନିଗୋଢ ନିଦରେ । ଆଜି ବି କେବେ କେମିତି ତାର ସ୍ୱର ଶୁଭେ ମୋ କାନରେ ।"

ରୋଜିର ନିଷ୍କାମ ସେବା ଓ ଶୁଶ୍ରୂଷା ପାଇ ସୁଲକ୍ଷଣା ଦେବୀ ମାତ୍ର ବର୍ଷଟିଏ ସୁସ୍ଥ ରହିବା ଉତ୍ତାରୁ ବାର୍ଦ୍ଧକ୍ୟ ଜନିତ ରୋଗ ଦିନକୁ ଦିନ ତାଙ୍କୁ କ୍ଷୀଣ କଲା । ରାତିରେ ଭଲ ନିଦ ହେଲାନି ସ୍ଲିପିଂ ଟାବ୍‌ଲେଟ୍ ଖାଇବା ପରେ ବି ।

ଦିନେ ରାତି ବାରଟା ସୁଦ୍ଧା ନିଦ ନ ମାଡିବାରୁ ସେ ଏଣୁତେଣୁ ପ୍ରଳାପ କରିବାକୁ ଲାଗିଲେ । ରୋଜି ପାଖରେ ବସି ତାଙ୍କ ମୁଣ୍ଡ ଆଉଁସି ଦେଉଥିଲା । ଏବଂ ଧୀରେ ଧୀରେ 'ବାଇ ଚଢେଇରେ ବାଇ ଚଢେଇ ତୋ ମା' ଯାଇଛି ଗାଇ ଚରେଇ'.... ଗୀତଟିକୁ ଗାଇବାର କିଛି କ୍ଷଣ ଉତ୍ତାରୁ ଦେଖିଲା ଯେ ଗୋସମା' ଶୋଇ ପଡିଲେଣି ।

ସକାଳୁ ସକାଳୁ ଯେମିତି ରୋଜି ତାଙ୍କ ପାଖକୁ ପୁଣି ଆସିଛି, ସେ ଖୁସିରେ ଆତ୍ମହରା ହେଇ କହି ଉଠିଲେ – "ଆଲୋ ମା', ତୋ ସ୍ୱରଟା ଠିକ୍ ମୋ ବୁଧି ମାଉସୀ ସ୍ୱର ଭଳି ?"

ରୋଜି ମୁରୁକି ମୁରୁକି ହସି କହିଲା – "ମୋତେ ପରା ସେ ଏଇ ବାଇଚଢେଇ ଗୀତ ଗାଇ ଶୁଆଇ ପକାଉଥିଲା ପିଲାଦିନେ ।

ସୁଲକ୍ଷଣା ଦେବୀ ହତବମ୍ବ ହେଇ ତାକୁ ଚାହିଁଲେ, ପାଟିରୁ ପଦଟିଏ କଥା ବାହାରିଲାନି ।

ରୋଜି କହିଲା – "ତୁମ ବୁଧି ମାଉସୀର ମୁଁ ପରା ନାତୁଣୀ ।"

ଏତେବେଳକେ ସୁଲକ୍ଷଣା ଦେବୀଙ୍କ ମୁହଁରୁ ପଦେ ବାକ୍ୟ ସ୍ଫୁରିଲା– "ତା' ଝିଅ ହୀରା ଯିଏ କେଶପୁର ଗାଁରେ ବାହା ହେଇଥିଲା ତା'ର ଝିଅ ତୁ ?"

ରୋଜି ମୁଣ୍ଡକୁ ତଳକୁ କରି କହିଲା– "ହଁ ହଁ ହଁ । ତୁମେ ତ ବାହାରେ ରହୁଥିଲ, କେମିତି ଜାଣିବ ମୋ ବାହାଘର କଥା । ତୁମେ ଯେଉଁ ସୁନା ହାର ମୋ ମା'ର ବାହାଘରକୁ ଦେଇଥିଲ,ହେଇ ଦେଖୁନ ମୋ ବେକରେ କେମିତି ଝୁଲୁଛି ।"

ସୁଲକ୍ଷଣା ଦେବୀ ଖୁସିରେ ଗଦଗଦ ହେଇ ତାକୁ କୁଣ୍ଢାଇ କହି ଉଠିଲେ – ଯାହାହେଉ ମୋର ଜନ୍ମ ବୁଧି ମାଉସୀ ହାତରେ ହେଇଥିଲା, ଏବେ ମୋ ମରଣ ବୁଧି ମାଉସୀ-ନାତୁଣୀ କୋଳରେ ହେବ । ସତେ କି ଭାଗ୍ୟ ମୋର !!!

ମୃତ୍ୟୁ ପୂର୍ବରୁ ଦଶଲକ୍ଷ ଟଙ୍କାର ଚେକ୍‌ଟିଏ ରୋଜି ହାତରେ ଦେଇ ତାହାରି କୋଳରେ ମୁଣ୍ଡ ରଖି ସୁଲକ୍ଷଣା ଦେବୀ ଆରପାରିକୁ ଚାଲିଗଲେ ।

**ସେ କହୁଥିଲା – ପିଲାଙ୍କୁ ମୁଁ ଜନ୍ମ କରାଏ ସତ କିନ୍ତୁ ମା' ଗର୍ଭରୁ ବାହାରି ଶିଶୁ ଯେତେବେଳେ ମୋ ହାତରେ ପ୍ରଥମେ ପଡ଼ି କୁଆଁ କୁଆଁ କାନ୍ଦେ, ମୋ ଛାତି ଭିତର ଶୂନ୍ୟ ପୋଖରୀରେ ଧୋବ ଫରଫର କଇଁଫୁଲର ସମ୍ଭାର ପାଖୁଡ଼ା ମେଲାଇ ଫୁଟି ଉଠେ । ସେତେବେଳେ ଉଲ୍ଲାସଦୀପ୍ତ ମମତାର ଢେଉ ମୋତେ ଏମିତି ବୁଡାଇ ଦିଏ ମୁଁ କଥା କହି ପାରେନି କିନ୍ତୁ ମୋ ଛାତି ଭିତରର କଇଁଫୁଲମାନେ ବେଶ୍ ନବଜାତକକୁ ସ୍ୱାଗତ କରନ୍ତି । ପ୍ରଥମ ଆଲୋକ ସ୍ପର୍ଶରେ ଲାଜକୁଳି ଲତା ପରି ତା'ର ଆଖିବୁଜା ମୁହଁରେ ମୁଁ ଦେଖେ ଭବିଷ୍ୟତର ଅନେକ ସମ୍ଭାବନା ଏବଂ ତା'ର ଲାଲ ସଢ଼ ସଢ଼ ଦେହକୁ ଲୁଗାରେ ସଫା କରୁଥିବା ବେଳେ ଠାକୁରାଣୀଙ୍କୁ ପ୍ରାର୍ଥନା କରି କହେ – ମା' ଗୋ ଯାକୁ ତୋର ପଣତ କାନିରେ ସଦା ଘଣ୍ଟ ଘୋଡାଇ ରଖିବୁ ।**



# ଗୋଟିଏ ଫୁଲର ପ୍ରଶ୍ନ

# ଗୋଟିଏ ଫୁଲର ପ୍ରଶ୍ନ

**ସ୍ୱାଗତିକା ବେହେରା**
ପ୍ଲଟ୍ ନଂ-୨୫୯, ରୋଡ୍ ନଂ-୫,
ଲେନ୍ ନଂ-୨, ମହାଦେବ ନଗର,
ଝାରପଡ଼ା, ଭୁବନେଶ୍ୱ-୭୫୧୦୦୨୫
ଫୋନ: ୬୩୭୦୮୬୭୧୦୯

ଚିତ୍ର/ଅଳଂକରଣ: ସୁସ୍ମିତା ମିଶ୍ର

**ନିକଟରେ ଘଟି ଯାଇଥିବା ମଣିପୁର ଘଟଣା ମୋ ଭିତରେ ମାନବିକତାକୁ ନେଇ ପ୍ରଶ୍ନ ପଚାରି ଚାଲିଥିଲା । ସତରେ କ'ଣ ଏ ଧର୍ମ ସବୁର ଉର୍ଦ୍ଧ୍ୱରେ ! ଧର୍ମ ଯଦି ବଡ଼ ତେବେ ତାକୁ ମାନୁଥିବା ମଣିଷର ଜାଗା କୋଉଠି ? ଏ ଭଳି ପ୍ରଶ୍ନ ସବୁର ଉତ୍ତର ଦେବାକୁ ଯାଇ ମୋର ଏ କ୍ଷୁଦ୍ର ରଚନା କହି ପାରନ୍ତି ନିଜ ଭିତରର କଥା ଯାହାର ଶୀର୍ଷକ 'ଗୋଟିଏ ଫୁଲର ପ୍ରଶ୍ନ' । ପିଢ଼ି ପରେ ପିଢ଼ି ବଦଳି ଚାଲିବ । 'ଆମେ ଆଉ କ'ଣ କରି ପାରିବା,ଯାହା ସବୁ ଆଗରୁ ଅଛି ନା!' ଏଭଳି ଧାଡ଼ି ସମାଜ ମୁହଁକୁ ଫୋପାଡି ଆମେ ସବୁ ଆମ ଆସନ୍ତା କାଲିର ପିଢ଼ି ପାଇଁ ପ୍ରହେଳିକା ସୃଷ୍ଟି କରୁଥିବା । ଏ ସବୁ କଥାର ପ୍ରତିକ୍ରିୟା ହିଁ ଏ ଗଳ୍ପ ।**



▶ ଲେଖିକା ସ୍ୱାଗତିକା ବେହେରା

"ପୃଥିବୀ ଏକ
ସୂର୍ଯ୍ୟ ଏକ
ଚନ୍ଦ୍ର ଏକ
ମଣିଷ ଏକ
ଈଶ୍ୱର ଏକ
ଏକ ଏକ ସବୁ ଏକ
ଆମେ ସମସ୍ତେ ଏକ ।"

ଶ୍ରୀରାମ ବାବୁଙ୍କ ଡାଏରୀକୁ ଧରି ସୁନ୍ଦର୍ ଭାବରେ ଗୀତଟା ଗାଉଥାଏ ପୁଅ ଚାନୁ । ଶ୍ରୀରାମ ବାବୁ ଆରାମ୍‌ରେ ବସି ଚାନୁକୁ ଶୁଣୁଥାନ୍ତି । ଏବେ ଏବେ ଚାନୁର କ୍ଲାସ୍ ଥ୍ରୀ ହେଲା । ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ର ସେ । ଓଡ଼ିଆ ଠିକ୍‌ରେ ଜାଣେ ନାହିଁ । କେମିତି ବା ଜାଣିବ ? ପାଠ ସବୁ ବିଦେଶୀ ଭାଷାରେ,ସମ୍ପର୍କର ନାଁ ଗୁଡ଼ା ବି ଆନ୍ତର୍ଜାତୀୟ ଭାଷାରେ, ଆଉ ସାଙ୍ଗସାଥୀ, ପଡୋଶୀ, ପରିବାର ଯାହା ରହିଲେ ସେମାନେ ଓଡ଼ିଆ, ସହ ହିନ୍ଦୀ ଇଂରାଜୀ ମିଶେଇ କଥା କୁହନ୍ତି । କିନ୍ତୁ ସବୁ ପରେ ବି ନିଜ ଭାଷାକୁ କ'ଣ ପର କରି ବଞ୍ଚି ହୁଏ ଯେ ! !

ବିବେକ ବାଧା ଦିଏ
ଆପଣା ପଣ ଗୋଡ଼ାଏ
ମାଟି ମା ଭିଡ଼ି ଧରେ
ଭିତର ଓଡ଼ିଆଟା ପ୍ରଶ୍ନ କରେ ।

ଖାସ୍ ସେଇଥି ପାଇଁ ଶ୍ରୀରାମ ବାବୁ ନିଜେ ଚାନୁ ପାଇଁ ଓଡ଼ିଆ କବିତା ଲେଖୁଛନ୍ତି, ତାକୁ ଓଡ଼ିଆ ଗପ ଶୁଣାଉଛନ୍ତି । ଚାନୁ ଭାଷା ଜାଣିବ, ଓଡ଼ିଆକୁ ଭଲ ପାଇବ, ଭାଷାକୁ ନେଇ ଗର୍ବ କରିବ । ଚାନୁ ବି ବେଶ୍ ଆଗ୍ରହୀ ଓଡ଼ିଆ ଶିଖିବାରେ ।

ଘର ଭିତରକୁ ପଶି ଆସିଲେ ଚାନୁର ମାମା ସୀମା ଦେବୀ । ଆଉ କହିଲେ, "ଦେଖୁଛ ! ! ପୁଅ ତୁମର କେତେ ଭଲ ଓଡ଼ିଆ ପଢୁଛି ! ! ଯଦି ସେତିକି ଭଲ ନିଜ ବିଷୟ ଗୁଡ଼ା ପଢ଼ନ୍ତା, ମନ ରଖନ୍ତା ହୁଏତ ମତେ ଆଉ ଏତେ ଚିନ୍ତା କରିବାକୁ ହୁଅନ୍ତାନି । କେତେ ହଇରାଣ ନ କରୁଛି ସେ ମତେ ! ! ଗୋଟିଏ ଛୋଟିଆ 'ଟ୍ୟୁଙ୍କିଲ୍ ଟ୍ୟୁଙ୍କିଲ୍ ଲିଟିଲ୍ ଷ୍ଟାର' ରାଇମ୍ ଶିଖିବାକୁ ମତେ ଅତି କମ୍‌ରେ ଦଶ ଦିନ ଲାଗିଗଲା । ତାକୁ ଶିଖେଇବାରେ ଏତେ ଲାଗି ପଡ଼ିଲି ଯେ, କାହାର ଗୋଟେ କଲ୍ ଆସିବାର ପାଞ୍ଚ ମିନିଟ୍ କଥା ହେବା ମଧ୍ୟରେ ମୁଁ ବି କହିଦିଏ ମଝିରେ ମଝିରେ 'ଅପ୍ ଏବଭ ଇନ୍ ଦ ସ୍କାଏ' ସେଇଥି ପାଇଁ ସମସ୍ତେ ହସିଛନ୍ତି ମୋ ଉପରେ । ହେଲେ କେମିତି ବୁଝିବେ ସେମାନେ ଯେ ଚାନୁ ଖୁବ୍ ଭଲ ପାଠ ପଢ଼ି ଡାକ୍ତରଟିଏ କି ବୈଜ୍ଞାନିକଟିଏ ହେଉ- ଏହା ହିଁ ତ ମୋ ଇଚ୍ଛା ଆଉ ସ୍ୱପ୍ନ ।"

"ଆଉ ଚାନୁର ସ୍ୱପ୍ନ କ'ଣ ସୀମା ?" ପଚାରିଲେ ଶ୍ରୀରାମ ବାବୁ । ଟିକେ ରାଗିଗଲେ ସୀମା ଦେବୀ । "ସେ କ'ଣ ସ୍ୱପ୍ନ ଦେଖିବ ? ତାର ବୁଝିବା, ଶୁଝିବାର ବୟସ ହେଇନି । ପିଲାର ଭବିଷ୍ୟତ ବାପା ମା ନିର୍ଦ୍ଧାରଣ କରନ୍ତି । ସେ କ'ଣ ଜାଣେ ଯେ!

**ଲେଖନୀ ପଛର ଲେଖନୀ**

ପ୍ରଶ୍ନ ପଚାରିବାର ଅଭ୍ୟାସ ମୋର ପିଲାଦିନରୁ ରହି ଆସିଛି । ନୂଆ ନୂଆ କରି ସ୍କୁଲ୍ ଯିବା ସମୟରେ ମୁଁ ଗୋଟିଏ ଶବ୍ଦ ସହ ପରିଚିତ ହେଇଥିଲି । ସେଇଟି ଥିଲା 'ଜାତି' । ପଛରେ ବସୁଥିବା ପିଲା ଯେ ପଛୁଆ ସେମାନେ ପଛ ଜାତିର । ଘରକୁ ଆସି ପ୍ରଶ୍ନ କଲି ଆଉ ଉତ୍ତରରେ ଯାହା ମିଳିଲା ସେଥିରେ ମୁଁ ସନ୍ତୁଷ୍ଟ ନଥିଲି । ପରେ ପରେ ଲୋକମାନଙ୍କୁ ଦେଖି ବୁଝିଲି ଏ ଜାତି ଉପରେ ବି ଆଉ ଜଣେ କିଏ ଅଛି, ସେ ହେଉଛି 'ଧର୍ମ' । ଅଡୁଆ ଲାଗୁଥିଲା ମତେ । ଚାରିଆଡ଼େ ଦେଖୁଥାଏ ଆଉ ନିଜକୁ ପଚାରୁଥାଏ: ଏ ଗଛ, ପତ୍ର, ନଦୀ, ଝରଣା, ସମୁଦ୍ର, ପଶୁ, ପକ୍ଷୀ ଏମାନେ ବି କ'ଣ ନିଜ ଭିତରେ ବିବିଧତା ସୃଷ୍ଟି କରୁଥିବେ? ସମୁଦ୍ର କ'ଣ ନଦୀକୁ କହୁଥିବ ତୁ ମୋ ଠୁ ସାନଟେ ତୁ ଛୋଟ ଜାତିର ? ଗାଈ ଗୋଠରେ ଗାଈମାନେ ବି କ'ଣ ପରସ୍ପର ଭିତରେ କଳି କରୁଥିବେ ଜାତିକୁ ନେଇ ! ଏ ଭଳି ଅନେକ ପ୍ରଶ୍ନ ମୋ ଭିତରେ ଘରୋଇ ଯୁଦ୍ଧ କରନ୍ତି ।

ନିକଟରେ ଘଟି ଯାଇଥିବା ମଣିପୁର ଘଟଣା ମୋ ଭିତର ମାନବିକତାକୁ ପ୍ରଶ୍ନ ପଚାରି ଚାଲିଥିଲା । ସତରେ କ'ଣ ଏ ଧର୍ମ ସବୁର ଉର୍ଦ୍ଧ୍ୱରେ! ଧର୍ମ ଯଦି ବଡ଼ ତେବେ ତାକୁ ମାନୁଥିବା ମଣିଷର ଜାଗା କୋଉଠି? ଏ ଭଳି ପ୍ରଶ୍ନ ସବୁର ଉତ୍ତର ଦେବାକୁ ଯାଇ ମୋର ଏ କ୍ଷୁଦ୍ର ରଚନା କହି ପାରନ୍ତି ନିଜ ଭିତରର କଥା ଯାହାର ଶୀର୍ଷକ 'ଗୋଟିଏ ଫୁଲର ପ୍ରଶ୍ନ' । ପିଢ଼ି ପରେ ପିଢ଼ି ବଦଳି ଚାଲିବ । 'ଆମେ ଆଉ କ'ଣ କରି ପାରିବା,ଯାହା ସବୁ ଆଗରୁ ଅଛି ନା!' ଏଭଳି ଧାଡ଼ି ସମାଜ ମୁହଁକୁ ଫୋପାଡି ଆମେ ସବୁ ଆମ ଆସନ୍ତା କାଲିର ପିଢ଼ି ପାଇଁ ପ୍ରହେଳିକା ସୃଷ୍ଟି କରୁଥିବା । ସତରେ ଆସନ୍ତା କାଲିର ସେ ନିରୀହ ଫୁଲଟାକୁ ଭିଡ଼ି ନେଇ ଜୋର୍ କରି ସେଇ କଣ୍ଟା ବଗିଚାରେ ଫିଙ୍ଗି ଦେବା କେତେ ଯୁକ୍ତିଯୁକ୍ତ ! ଏ ସବୁ କଥାର ପ୍ରତିକ୍ରିୟା ହିଁ ଏ ଗଳ୍ପ ।

ସ୍ୱାଗତିକା ବେହେରା

ସେ ତ ଗୋଟିଏ ଛୋଟିଆ ଫୁଲ..." କହୁ କହୁ ଚାନୁର ମୁଣ୍ଡରେ ଦୁଇ ଥର ହାତ ବୁଲାଇ ଆଣିଲେ ସୀମା ଦେବୀ ।

କିନ୍ତୁ ଏ ସବୁକୁ କ'ଣ କୁହାଯିବ ସ୍ନେହ ନା ଲୋଭ ? ପ୍ରେମ କ'ଣ ସ୍ୱପ୍ନ ଦେଖେଇବାର ଅଧିକାର ଛଡ଼ାଇ ନିଏ ? ନିଜ ଭିତରେ ପ୍ରଶ୍ନ ଆଣୁଥିଲେ ଶ୍ରୀରାମ ବାବୁ । ଚାନୁ ଆଡ଼କୁ ନଜର ବୁଲାଇ ଦେଖିଲେ ସେ ଆରାମରେ ତାଙ୍କ ଡାଏରୀକୁ ଲେଉଟେଉଛି, ପଢୁଛି, ଅଟକୁଛି ପୁଣି ଗୋଟିଏ ଧାଡ଼ି ପଢ଼ି ପ୍ରଶ୍ନ କରୁଛି । ଚାନୁଟା ମୋଟେ ଖରାପ ଛାତ୍ର ନୁହେଁ ମ !! ଯେତିକି ଚାନୁର ମାମା ତା ପାଇଁ ଚିନ୍ତା କରନ୍ତି । ବାସ୍ ଏ ଯେଉଁ ପ୍ରତିଯୋଗୀ ମନୋଭାବ ନେଇ ମଣିଷ ଗତି କରୁଛି ସେଇ ହିସାବରେ ଚାନୁ ପଡିଶା ଘର ଆୟାନ ଠାରୁ ତିନି ମାର୍କ ପଛରେ । ସେ ସେଇ ତିନି ମାର୍କ ନେଇ ଆସିବା ପରେ ହୋଇଯିବ ଶ୍ରେଣୀରେ ପ୍ରଥମ । ସେଇଥି ପାଇଁ ତ ସୀମା ଦେବୀ ଆଲମଣ୍ଡରୁ ମୁଠା ମୁଠା ଦୈନିକ ଚାନୁ ପେଟରେ ଭର୍ତ୍ତି କରନ୍ତି । କିନ୍ତୁ ଶ୍ରୀରାମ ବାବୁଙ୍କୁ ନିଜ ପୁଅ ଖୁବ୍ ପସନ୍ଦ । ଚାନୁ ଅନ୍ୟ ଛୋଟ ପିଲାଙ୍କ ପରି ଚଞ୍ଚଳ,ନିରୀହ କୋମଳ । ଆଉ ସବୁଠୁ ତା'ର ବଡ ଦକ୍ଷତା ହେଲା ସେ ନିଜେ ଗୋଟେ ପ୍ରଶ୍ନର ବ୍ୟାଙ୍କ୍ । ଯାହା ତା' ମନକୁ ଆସିଲା ପଚାରିବ । ଆଉ ଉତ୍ତର ବି ତା' ମନକୁ ନ ପାଇଲା ଯାଏଁ ପିଠି ଖେଞ୍ଚି ଚାଲିଥିବ ।

ଏଇ କିଛି ଦିନ ତଳେ ଶିବ ମନ୍ଦିର ନେଇଥିଲୁ ଯେ ସେ ପ୍ରଶ୍ନ କଲା ।

"ପାପା, ଶିବ କାହାନ୍ତି ?"

ମୋବାଇଲ୍‌ରେ ଦେଖିଛି ଶିବଙ୍କର ଲମ୍ବା ଚୁଟି, ବନ୍ଦ ଆଖି, ଧୂସର ଦେହ, ହାତରେ ତ୍ରିଶୁଳ ହେଲେ ଏଠି କ'ଣ ଖାଲି ଗୋଟିଏ ଲମ୍ବା ପଥର ଯେ? ଶିବ ମନ୍ଦିର ପରିସରରେ ଥିବା ହନୁମାନଙ୍କୁ ବି ଦେଖିଲା ଆଉ ପଚାରିଲା: "ପାପା ହନୁମାନ ତ ଅଛନ୍ତି, ହେଲେ ତାଙ୍କ ଲାଙ୍ଗୁଡ କାହିଁ ?"

ତା' ପ୍ରଶ୍ନ ଶୁଣି ଶ୍ରୀରାମ ବାବୁ ହସନ୍ତି ଆଉ ତା ପ୍ରଶ୍ନ ହିସାବରେ ଉତ୍ତର ବି ଦିଅନ୍ତି । କିନ୍ତୁ ବିରକ୍ତ ହୁଅନ୍ତି ସୀମା ଦେବୀ । ମନରେ ଡର ଥାଏ ଯେ ଚାନୁଟା ଇଆଡୁ ସିଆଡୁ ପ୍ରଶ୍ନ କରି ଆଉ ନିଜ ସ୍ମରଣ ଶକ୍ତି କମ୍ କରିଦେବନି ତ ! ଯଦି ସେ ଶ୍ରେଣୀରେ ପଛୁଆ ରହିଯିବ !!

ଚାନୁର ମାମା ସୀମା ଦେବୀ ଜଣେ ଉଚ୍ଚ ଶିକ୍ଷିତା ମହିଳା । ଇଂରାଜୀରେ ସ୍ନାତକୋତ୍ତର ହାସଲ କରିଛନ୍ତି । ସେଇଥି ପାଇଁ ତ ସେ ଚାନୁକୁ ଶିଖାନ୍ତି ପ୍ରଯୁକ୍ତିବିଦ୍ୟା । ଆମେରିକାନ ଢଙ୍ଗରେ କେମିତି କଥା କହିବ, କେମିତି ସଠିକ୍ ଶବ୍ଦ ଉଚ୍ଚାରଣ କରିବ ଯେମିତି ଆଗ 'ଆପୁଲୁ' ନ ପଢି ସିଧା ପଢ଼ିବ 'ଆପଲ୍' । କାହା ସହ କେମିତି ବସିବ,ବସିବା ବେଳେ ଗୋଡ କେମିତି ରଖିବ, ହସିଲା ବେଳେ ଦାନ୍ତ କେତିକି ଦେଖାଯିବ, କାନ୍ଦିବ ତ ଟିସୁ ଧରି ଲୁହ କେମିତି ପୋଛିବ- ସେ ସବୁରେ ସୀମା ଦେବୀ ପୁରା ସଚେତନ ଥାଆନ୍ତି ।

ହେଲେ ଶ୍ରୀରାମ ବାବୁ ପୁରା ଓଲଟା । ପେସାରେ ରସାୟନ ବିଜ୍ଞାନ ଅଧ୍ୟାପକ, ଗରିବ ଗୋଷ୍ଠୀରେ ସେ ଗୋପବନ୍ଧୁ, ଚାନୁ ପାଖେ ତା'ର ଅତି ଆପଣାର ବନ୍ଧୁ ଆଉ ସବୁ ପରେ ସ୍ତ୍ରୀ ପାଖେ ଜଣେ ଆଜ୍ଞାଧୀନ ସ୍ୱାମୀ । ଏମିତିରେ ଶିକ୍ଷକ ମାନେ ସହଜେ ତ ଶାନ୍ତି ପ୍ରିୟ !!

ପାପା କଲେଜରୁ ଫେରିବା କ୍ଷଣି ଚାନୁ ଧାଇଁ ଯାଏ ବାପାଙ୍କ ପାଖକୁ । ଏକଦମ୍ ଭିଡ଼ି ନିଏ, ଯେମିତି ଇଚ୍ଛା ସେମିତି ଡ୍ରେସ୍‌କୁ ଜାବୁଡ଼ି ଧରେ, ତା ପାପାଙ୍କ ଦେହର ତମାମ ଉଷ୍ମତାକୁ ନିଜ ଦେହରେ ବୋଳି ଦେଇ ଖୁବ୍ ଗେଲ ହୁଏ । ପଚାରି ନିଏ ଦିନ ଯାକର ପ୍ରଶ୍ନ ସବୁ ଗୋଟି ଗୋଟି କରି ।

ରାତି ପାହିଲେ ସ୍ୱାଧୀନତା ଦିବସ । ଚାନୁ କାଲି ଭାଷଣ ଦେବ । ତା ମାଆ ତାକୁ ପ୍ରସ୍ତୁତ କରେଇଛନ୍ତି । ପ୍ରସ୍ତୁତ ପୁଣି କେମିତି ମ ? ତାକୁ ତ ପୁରା ଘୋଷେଇ ଘୋଷେଇ ମନେ ରଖେଇଛନ୍ତି । ଶ୍ରୀରାମ ବାବୁ ଉଠେଇ ନେଲେ ଚାନୁ ଧରିଥିବା ପେପର୍ ଯେଉଁଥିରେ ଲେଖା ହୋଇଛି:India is a secular country, we all are Indian.... We live in a democratic country....etc etc.. Jay Bharat. ଲେଖା ଉପରେ ଆଖି ବୁଲେଇ ସାରି ପଚାରିଲେ, "ଚାନୁ, ଯାହା ଲେଖା ଯାଇଛି ତୁ ତା' ଅର୍ଥ ସବୁ ବୁଝିଛୁ ?" ମୁଣ୍ଡ ହଲେଇ ଦେଇ ଚାନୁ ନା କହି ସେଠୁ ଚାଲିଗଲା ।

ସୀମା ବଡ଼ ଚିନ୍ତାରେ ଥାଆନ୍ତି କେମିତି କାଲି ଚାନୁ କହିବ । ଏମିତି କହିବା ଦରକାର ଯେମିତି ତା' ପ୍ରଶଂସା ସହ ଲେଖିଥିବା ଲୋକର ପ୍ରଶଂସା ଘର ଯାଏଁ ଆସିବ ।

ଆରଦିନ ସକାଳୁ ସୀମା ଚାନୁକୁ ବିଦ୍ୟାଳୟ ନିମନ୍ତେ ପ୍ରସ୍ତୁତ କରେଇଲେ । ବାର୍ ବାର୍ ତାଗିଦ୍ କରି କହୁଥାନ୍ତି ; ଅଯଥାରେ ହାତ ଗୋଡ ହଲେଇବୁ ନାହିଁ, ଆରାମରେ କହିବୁ । ଚାନୁ ବି ସେଇ ସମାନ କଥା ଗୁଡ଼ା ବାରମ୍ବାର ଶୁଣି ଶୁଣି ବିରକ୍ତି ହେଉଥାଏ ।

ଶ୍ରୀରାମ ବାବୁ ଗାଡ଼ି ବାହାର କରି ଗେଟ୍ ଆଗରେ ଦୁଇ ଥର ପେଁ ପେଁ କରିବାରୁ ଘର ଭିତରୁ ଯାଇଁ ବାହାରିଲା ଚାନୁ । ବାଟରେ ବାପା କହୁଥାନ୍ତି ଗୋଟି ଗୋଟି କରି ବୀର ସ୍ୱାଧୀନତା ସଂଗ୍ରାମୀଙ୍କ ନାଁ ସବୁ । ହେଲେ କଥା ଭିତରେ ହଠାତ୍ ଗାଡ଼ିଟାକୁ ବନ୍ଦ କରି ଛିଡା ହୋଇଗଲେ ଶ୍ରୀରାମ ବାବୁ । ଆଗରେ ଏତେ ଗହଳି ଯେ ! ଘଟଣା କ'ଣ ଜାଣିବାକୁ ଚାନୁ ହାତ ଧରି ଆଗକୁ ବଢ଼ିଲେ ।

ଟିକେ ଆଗରେ ଯାଇ ଦେଖିଲେ କଂକ୍ରିଟ୍ ରାସ୍ତାଟା ଈଷତ୍ ଲାଲ ବର୍ଣ୍ଣ ରକ୍ତରେ ଜୁଡୁଜୁଡୁ । ସୂର୍ଯ୍ୟଙ୍କ ହାଲକା କିରଣ ରକ୍ତ ଉପରେ ପଡୁଛି । ରାସ୍ତାଟା ଆଗରୁ ଧୂଳିର ସ୍ୱାଦ ଚାଖିଥିବ, ଝାଳର ବି ସ୍ୱାଦ ଚାଖିଥିବ ହେଲେ ଆଜି ପ୍ରଥମ କରି ବୋଧହୁଏ ମଣିଷ ରକ୍ତ ଚାଖୁଚି ସେଇଥିପାଇଁ ଜିଭଟାକୁ ଲାଲ କରି ସବୁ ଚାଟି ନେବାର ଚେଷ୍ଟା କରୁଛି । ରାସ୍ତାରେ ଗାଡିରେ ପିଟି ହୋଇ କୁକୁରଟା ମରିଯିବା ପରେ ହୃଦୟହୀନ ଚାଳକଟା ତାକୁ ମଝି ରାସ୍ତାରେ ଛାଡ଼ି ଚାଲିଯିବା ପରେ କୁକୁରଟି ଯେମିତି ହତାଦର ହୋଇ ପଡ଼ିଥାଏ ଠିକ୍ ସେମିତି ଦୁଇ ଅଧା ବୟସିଆ ମଣିଷ ଦି'ଟା ପେଟରୁ ଅଧେ ଅଧେ ମାଂସ କାଢି ମଝି ରାସ୍ତାରେ ପଡିଥାନ୍ତି । କେଜାଣି କେତେବେଳୁ ମରିବେଣି ଅଳ୍ପଅଳ୍ପ ଗନ୍ଧ ଆସୁଥାଏ । ଆଖିଗୁଡ଼ା ବଡ଼ ବଡ଼ ହୋଇ ଯାଇଛି ହେଲେ ବି ଲୋକ ଦି'ଟା ଦୁହିଁଙ୍କ ମୁଁହକୁ ଚାହିଁ ମରି ପଡିଛନ୍ତି । ଦୁହିଁଙ୍କ ବେଶ ପୋଷାକରୁ ବାରି ହୋଇ ପଡୁଥାଏ ଯେ ଜଣେ ହିନ୍ଦୁ ଆଉ ଜଣେ ମୁସଲମାନ ବୋଲି । ରାସ୍ତାର ଗହଳି ବଢୁଥାଏ । ତା ସହ ପରିସ୍ଥିତି ହିଂସାତ୍ମକର ରୂପ ନେଉଥାଏ ।

ଶ୍ରୀରାମ ବାବୁ ସେଇଠି ଉପସ୍ଥିତ ଥିବା ମଣ୍ଡଳୀଙ୍କ ମଧ୍ୟରୁ ଜଣଙ୍କୁ ପଚାରିଲେ:

"ଏ ସବୁ କେମିତି ହେଲା ? କେତେବେଳେ ଘଟିଲା ?"

ଲୋକଟା ଭୟଙ୍କର ଭାବରେ ଚିତ୍କାର କରି ଉତ୍ତର ଦେଲା, "କ'ଣ ସାର୍ ଜାଣି ପାରୁ ନାହାଁନ୍ତି ଯେ ! ଦେଖୁଛନ୍ତି ବା ଏ ମିଆଁଟା ଆମ ଭାଇକୁ ମାରିଛି ।"

ସେପଟୁ ଜଣେ ମୁସଲମାନ ଲୋକଟାଟା କାନ୍ଦି କାନ୍ଦି ବଡ଼ ପାଟି କରି କହିଲା, "ତୁମ୍ ଲୋଗୋ ନେ ମାରେ ହୋ ହମାରେ ଭାଇ କୋ ।"

କୋଳାହଳ ଭିତରେ ଦୁହେଁ ପରଷ୍ପର ପ୍ରତି ଦୋଷାରୋପ କରିବା ସହ ଦୁହେଁ ଦୁହିଁଙ୍କ ଧର୍ମକୁ ନେଇ ଝଗଡ଼ା କରିବା ଆରମ୍ଭ କରିଦେଇଥିଲେ । ଇତି ମଧ୍ୟରେ ଶ୍ରୀରାମ ବାବୁ ଅନୁଭବ କଲେ ଚାନୁ ଗୋଟେ ଅଜଣା ଆତଙ୍କରେ ଥରୁଛି, ତା'ର ସବୁ ବଳ ଲଗେଇ ତାଙ୍କ ହାତକୁ ଜୋର୍ କରି ଭିଡ଼ି ଧରିଛି ।

ଶ୍ରୀରାମ ବାବୁ ପୋଲିସ୍‌କୁ ଫୋନ୍ କରି ଘଟଣା ବିଷୟରେ ଜଣାଇଲେ ଓ ଚାନୁକୁ ଧରି ସେଠୁ ଫେରି ଆସିଲେ । କିନ୍ତୁ ତାଙ୍କ ମନରେ ଥିଲା ହଜାରେ ପ୍ରଶ୍ନ ।

ଦୁହେଁ ତ ମରିଛନ୍ତି । ଏମିତି ନୁହେଁ ତ କେହି ତାଙ୍କୁ ମାରି ଫିଙ୍ଗି ଦେଇଛି ?

ଏମିତି ବି ହୋଇଥିବ କାହାର କିଛି ବ୍ୟକ୍ତିଗତ ଶତ୍ରୁତା ଥିବ ?

କି ଲୋକ ଦୁହେଁ କିଛି ସତ ଦେଖି ନେଇଥିବେ ଯାହା ତାଙ୍କୁ ଦେଖିବାର ନଥିଲା !!

ହୋଇ ପାରେ କିଛି ମଦ୍ୟପଙ୍କ ଗୋଷ୍ଠୀରେ ଥିବେ । ଗିଲାସେ ଅଧିକ ମଦ ପାଇଁ ଝଗଡ଼ା କରିଥିବେ ଯାହାର କରୁଣ ପରିସ୍ଥିତି ଏମିତି ହୋଇଛି । ନିଶା ତ ଏମିତିରେ କିଛି ବି କରେଇ ଦେଇ ପାରେ !

କାରଣ ତ କିଛି ବି ହୋଇ ପାରେ । ହେଲେ

ଦୋଷ ଗୁଡ଼ା ଧର୍ମ ଉପରେ କାହିଁକି ଲଦି ଦିଆ ଯାଉଛି ବୋଲି ବିରକ୍ତି ହେଉଥାନ୍ତି ଶ୍ରୀରାମ ବାବୁ । ପିଠି ପଟୁ ଓଦା ଓଦା ଲାଗିଲା ତାଙ୍କୁ ପଛରେ ଚାନୁ ବସି ଭୋ ଭୋ କରି କାନ୍ଦି ତାଙ୍କ ପିଠିକୁ ଜାବୁଡ଼ି ଧରିଥିଲା । ଯଥାସମ୍ଭବ ଦ୍ରୁତ ଗତିରେ ଗାଡି ନେଇ ଘରେ ପହଞ୍ଚିଲେ ଶ୍ରୀରାମ ବାବୁ ।

ସୀମା ଦେବୀ ତ ଅପେକ୍ଷାରେ ଥିଲେ ଚାନୁ ଠୁ ତା ଜିତିଥିବା କପ୍‌ଟା ଛଡେଇ ନେବାକୁ । ଗାଡ଼ି ଶବ୍ଦ ଶୁଣି ଘରୁ ଦଉଡ଼ି ଆସିଲେ । ଶ୍ରୀରାମ ବାବୁଙ୍କ ମୁହଁ ଓ ଚାନୁର କାନ୍ଦ ତାଙ୍କୁ ବ୍ୟତିବ୍ୟସ୍ତ କରିଦେଲା । କ'ଣ ହେଲା ବୋଲି ପାଦ ଠୁ ନେଇ ମୁଣ୍ଡ ଯାଏଁ ଆଖି ଘୁରେଇ ଆଣିଲେ । କାଇଁ କୋଉଠି ତ କିଛି ନାହିଁ, ଚାନୁକୁ କୋଳାଇ ଭିତରକୁ ନେଇଗଲେ ।

ତାଙ୍କ ସ୍ୱାମୀଙ୍କୁ ପଚାରିଲେ, "ହୋଇଛି କ'ଣ ?" ଶ୍ରୀରାମ ବାବୁ କିଛି ନ କହି ଟିଭି ଖୋଲିଦେଲେ । ଖବର ଦେଉଥିଲା... ରାଜଧାନୀର ଛାତି ଉପରେ ହତ୍ୟା । କାରଣ ଅସ୍ପଷ୍ଟ । ଦୁଇ ଗୋଷ୍ଠୀ ମଧ୍ୟରେ ଦେଖା ଯାଇଛି କନ୍ଦଳ । ସୁରକ୍ଷା ଯୋଗାଇ ଦେବା ପାଇଁ ପୋଲିସ୍ ଟିମ୍‌ଙ୍କୁ ନିର୍ଦ୍ଦେଶ । ସୀମା ଦେବୀ ଏତିକି ଦେଖି ଟିଭି ବନ୍ଦ କରିଦେଲେ,ଦଉଡ଼ି ଗଲେ ଚାନୁ ରୁମ୍ ଭିତରକୁ । ଚାନୁ ନିଜକୁ ପୁରା ଜାକି ଦେଇଥାଏ ଖଟ କଡ଼କୁ । ମୁହଁ ବନ୍ଦ ଥିଲେ ବି ତା ମନରେ ଥିଲା ଆଜି ଅନେକ ପ୍ରଶ୍ନ । ପ୍ରଥମ କରି ତାକୁ ଏତେ ଡରି ଯାଇଥିବାର ଦେଖିଲେ ସୀମା ଦେବୀ । କିଛି ନ କହି ତା ପାଖେ ଶୋଇଗଲେ । ଚାନୁ ଭୋ ଭୋ କରି କାନ୍ଦିବାକୁ ଲାଗିଲା । ସୀମା ଦେବୀ ତାକୁ ଚୁପ୍ କରିବା ପାଇଁ ତାକୁ ତାଙ୍କ କୋଳକୁ ନେଇଗଲେ । ପୁରା ଦିନ ଚାନୁ ଚୁପ୍ ଥିଲା ଆଉ ତା ସହ ପୁରା ପରିବାର ବି ।

ଆରଦିନ ସକାଳେ ଶ୍ରୀରାମ ବାବୁ ବସି ଖବର କାଗଜ ପଢୁଥାନ୍ତି । ଖବର କାଗଜର ପ୍ରଥମ ପୃଷ୍ଠାର ପ୍ରଥମ ଧାଡି ଥିଲା: 'ପୁଣି ଧର୍ମ ପରିବର୍ତ୍ତନ ପାଇଁ କୁଚକ୍ରାନ୍ତ, ନିରୀହ ଅପାଠୁଆ ଲୋକଙ୍କୁ ପ୍ରବର୍ତ୍ତାଉଛନ୍ତି ପ୍ରଚାରକ ।' ପେପରଟାକୁ ସେଇଠି ଥୋଇ ଦେଇ ମୁଣ୍ଡରେ ହାତ ଦେଇ ଚେୟାର୍ ଉପରକୁ ଆଉଜି ପଡ଼ିଲେ ଶ୍ରୀରାମ ବାବୁ । ବାହାରକୁ ଆସିଲା ଚାନୁ । ସବୁଦିନ ତା ପାପାଙ୍କୁ ପେପର୍ ପଢ଼ିବା ସମୟରେ ହଇରାଣ କରେ । ତେଣୁ ଆଜି ବି ଉଠେଇ ନେଲା ପେପରଟା । ସେ ବି ପଢିଲା ସେଇ ପ୍ରଥମ ଧାଡ଼ି । ପାପାଙ୍କୁ ଏମିତି ଚୁପ୍ ରହିଥିବାର ଦେଖି ସେ ପ୍ରଶ୍ନ କଲା, "ଏ ଧର୍ମ କ'ଣ ପାପା ? ହିନ୍ଦୁ କ'ଣ ? ପୁଣି ମୁସଲମାନ କ'ଣ ?"

କାଲି ବି ଗୋଟିଏ ପ୍ରଶ୍ନ ପଚାରିବି ଭାବିଥିଲି ହେଲେ ପଚାରିନି । ତୁମେ ତ କୁହ ରାସ୍ତାରେ କେଉଁ ଆହତ ଲୋକଙ୍କୁ ଦେଖିଲେ ତୁରନ୍ତ ଆମ୍ବୁଲାନ୍ସକୁ କଲ୍ କରିବା ଉଚିତ୍ । ତୁମେ ଦେଖିଛ ନା ପାପା ସେ ଦୁଇ ଅଙ୍କଲ୍ କେମିତି ରକ୍ତରେ ପଡ଼ିଥିଲେ, ସେଠି ତ ବହୁତ୍ ଲୋକ ଥିଲେ ତେବେ ତାଙ୍କୁ ମେଡ଼ିକାଲ୍ ନେଲେନି କାହିଁକି ଯେ ?"

ଶ୍ରୀରାମ ବାବୁ ଚୁପ୍ ହୋଇ ଶୁଣୁଥିଲେ ଜଣେ କୁନି ଫୁଲର ପ୍ରଶ୍ନ । ଦୁନିଆର ସର୍କସ ଭିତରେ ସେ ଯେ ଏବେ ନୂଆ ନୂଆ । କେମିତି ବୁଝେଇବି ତାକୁ । ଫୁଲ ଯେ କେବଳ ହିଁ ଫୁଲ । ତାକୁ ମନ୍ଦିରକୁ ନେଲେ ସେ ଦେବତାଙ୍କର, ଚାଦର ଉପରେ ଚଢ଼େଇଲେ ସେ ଅଲ୍ଲାଙ୍କର, ଚର୍ଚ୍ଚରେ ଥୋଇ ଦେଲେ ସେ ଯୀଶୁଙ୍କର । ସବୁ ପରେ କ'ଣ ଫୁଲର ବାସ୍ନାରେ ପରିବର୍ତ୍ତନ ଆସେ ନା ଗୁଣରେ ? ସେ ସେମିତି ସତେଜ ଆଉ ସୁନ୍ଦର ଚୀରଦିନ । ତା'ର ଜନ୍ମ କେବଳ ଆଉ କେବଳ ପ୍ରେମ ବାଣ୍ଟିବାକୁ, ଚତୁର୍ଦ୍ଦିଗ ମହକେଇବାକୁ । ହେଲେ ସେ ଅଧିକାର ତ ମଣିଷ ତା ଠୁ ଛଡେଇ ନେଇଛି । ପଶୁ ଠୁ ନେଇ ଫୁଲ, ନଦୀ ସବୁ ଉପରେ ତାର ପ୍ରଭୁତ୍ୱ ବିସ୍ତାର କରିଛି । ନିଜେ ଗୋଟେ ଅଦୃଶ୍ୟ ଶକ୍ତିର ହାତ ଗଢା ହୋଇ ବି ନିଜକୁ ପ୍ରଭୁ ବୋଲାଏ ! ଧିକ୍ କହିବ ତାଙ୍କ ପ୍ରଭୁତ୍ୱକୁ ! ଶ୍ରୀରାମ ବାବୁଙ୍କ ହାତଟାକୁ ଜୋରେ ହଲେଇ ଦେଲା ଚାନୁ: "କୁହନା ପାପା ଏ ଧର୍ମ କ'ଣ ?"

ଶ୍ରୀରାମ ବାବୁ କୋଳେଇ ନେଲେ ଚାନୁକୁ । କୋଳରେ ବସେଇ କହିଲେ– "ଚାନୁ ଧର୍ମ କହିଲେ କେବଳ ଯାହା ସତ୍ ଉପାୟରେ କରିବା ଉଚିତ୍ ।"

ଚାନୁ କିଛି ବୁଝି ପାରିଲାନି । ଶ୍ରୀରାମ ବାବୁ ତାକୁ କହିଲେ– "ଆରେ ଯେମିତି ପାଠ ପଢ଼ିବା, ସ୍କୁଲ ଯିବା, ବଡ଼ମାନଙ୍କ କଥା ମାନିବା ଏ ସବୁ ହେଉଛି ତୋ ଧର୍ମ । ସେମିତି ମୁଁ ସବୁଦିନ କଲେଜ ଯିବି ପାଠ ପଢେଇବି, ଲୋକଙ୍କୁ ସାହାଯ୍ୟ କରିବି, ତୁମ ମାନଙ୍କ କଥା ବୁଝିବି– ସେଇଟା ମୋ ଧର୍ମ । ତୋ ମା ଆମ ମାନଙ୍କ ଦେଖା ଶୁଣା କରିବେ– ସେଇଟା ତାଙ୍କ ଧର୍ମ । ଚାଷୀ ଭାଇମାନେ ଚାଷ କରିବେ, ସୈନିକ ମାନେ ଦେଶକୁ ସୁରକ୍ଷା ଦେବେ ସେଇ ସବୁ ହେଉଛି ତାଙ୍କ ଧର୍ମ ।"

ଏତେ ସବୁ ବୁଝେଇବା ପରେ ବି ଚାନୁ ତା ପାପାଙ୍କ ପିଠିକୁ ଖେଞ୍ଚି ଚାଲିଥାଏ । ପାପା ବୁଝି ପାରିଲିନି । ଶ୍ରୀରାମ ବାବୁ ପୁଣି ତାକୁ ବୁଝେଇବା ଯାଇ ପଚାରିଲେ, "ତୁ କ'ଣ ?"

ଚାନୁ: "ମୁଁ ତ ଚାନୁ ।"

ଶ୍ରୀରାମ ବାବୁ: "ଓଃ ! ! ହଁ ଯେ । ଆଚ୍ଛା କହ ତ ଗାଇ, ମଇଁଷି, ମେଣ୍ଢା, ଛେଳି ଏମାନେ ସବୁ କ'ଣ ?"

ଚାନୁ: "ସେମାନେ ସବୁ ଆନିମଲ୍ ମାନେ ସବୁ ସେମାନେ ପଶୁ ।"

ଶ୍ରୀରାମ ବାବୁ:"ଆଉ ମୟୂର,ହଂସ, ବତକ ?"

ଚାନୁ: "ସେମାନେ ତ ସବୁ ବାର୍ଡ ନା !"

ଶ୍ରୀରାମ ବାବୁ: "ଗୋଲାପ, ମନ୍ଦାର, କୁସୁମ ସେ ସବୁ ?"

ଚାନୁ: "ପାପା ସେ ସବୁ ତ ଫୁଲର ନାଁ ।"

ଶ୍ରୀରାମ ବାବୁ: "ଏବେ କହ । ତୋ ମାମା, ମୁଁ, ତୁ, ତୋ ଫ୍ରେଣ୍ଡ, ତୋ ଟିଚର, କ୍ଷୀର ବାଲା ଅଙ୍କଲ୍ ଏମାନେ ସବୁ କ'ଣ ?"

ଚାନୁ: "ଟିକେ ହସି କହିଲା, ପାପା ଆମେ ସବୁ ମଣିଷ ।"

ଚାନୁର ସେ ମିଠା ହସରେ ଶ୍ରୀରାମ ବାବୁ ନିଜ ହସ ମିଶେଇ କହିଲେ, "ବାଃ ! ! ମୋ ପୁଅ ବଡ଼ ଚାଲାକ୍ ତ ! ! ! ତେବେ ତୁ ମାନୁଛୁ ଯେ ଆମର ହାତ,ଗୋଡ଼,ମୁହଁ ନାକ ସବୁ ସମାନ ।

ଚାନୁ: "ହଁ, ପାପା ସବୁ ସମାନ ତ ।"

ଶ୍ରୀରାମ ବାବୁ ପଚାରିଲେ, "ଏବେ କହ ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ ସବୁ କେତେଟା ?"

ଚାନୁ: "ସବୁ ଗୋଟିଏ, ଗୋଟିଏ ପାପା ।"

ଶ୍ରୀରାମ ବାବୁ, "ଆମେ କେଉଁ ଦେଶର ନାଗରିକ ?"

ଚାନୁ: "ଭାରତର ପାପା ।"

"ତେବେ ଏବେ ତୁ ନିଜେ କହ ତୁ କ'ଣ ବୁଝିଲୁ ?"


ଚାନୁ ହସି କରି କହିଲା, "ମୁଁ ବୁଝିଲି ଯେ' ଆମେ ସବୁ ସମାନ, ମାନେ ଆମେ ସବୁ ଏକ । ଗୋଟିଏ ଦେଶର ଲୋକ । ଗୋଟିଏ ପୃଥିବୀରେ ରହୁଥିବା ଲୋକ । ଆମେ ସମସ୍ତେ ଗୋଟିଏ ପରିବାରର ।" ଚାନୁ ଏବେ ଏକାଥରକେ କୋଳରୁ ଉଠି ଖୁସି ମନରେ ପଢ଼ିବାକୁ ଚାଲିଗଲା ।

ଚାନୁ ଚାଲି ଯାଇଥିଲା ହେଲେ ସୀମା ଦେବୀ ସ୍ୱାମୀଙ୍କ ଆଗରେ ଛିଡା ହୋଇଥିଲେ । ଆଉ ଗୋଟିଏ ଅଲଗା ଆଶ୍ଚର୍ଯ୍ୟ ପୂର୍ଣ୍ଣ ନଜରରେ ଦେଖୁଥିଲେ ନିଜ ସ୍ୱାମୀଙ୍କୁ । ଶ୍ରୀରାମ ବାବୁ ତାଙ୍କ ପତ୍ନୀଙ୍କୁ ଚାହିଁ କହିଲେ, "ତୁମେ କୁହ କେମିତି ବୁଝେଇ ଥାଆନ୍ତି ଏତେ ବଡ ଗ୍ରନ୍ଥକୁ ।" ଆଜିର ଏ ସୁବିଧାବାଦୀ ମଣିଷ ଯେ ନିଜ ସ୍ୱାର୍ଥ ପାଇଁ ଧର୍ମ କିଣେ, ବିକେ, ଆପଣାଏ, ପର କରେ ପୁଣି ସ୍ୱେଚ୍ଛାଚାରିତା ନାଁରେ ଧର୍ମକୁ ଫୁଙ୍ଗୁଳା କରେ । ନହେଲେ ତ 'ଧର୍ମ' ମା ପରି ଯିଏ ସ୍ନେହ, ପ୍ରେମ, ସେବା, ତ୍ୟାଗ କରିବା ଶିଖାଏ । ସୀମା ତୁମେ ତୁମ ପୁଅକୁ ଆଲ୍‌ମଣ୍ଡ ବଦଳରେ ମାନବବାଦର ମଞ୍ଜି ଖୁଆଅ । ତାକୁ ଉଡ଼ିବାକୁ ଦିଅ ଶାନ୍ତିର ଚାଦର ଧରି । ଚାନୁ ହେଉ ଆମର ଜଣେ ବିବେକୀ ମଣିଷ, କର୍ତ୍ତବ୍ୟନିଷ୍ଠ ମଣିଷ, ପରକୁ ଆପଣାର କହି ଏକତା ସୂତ୍ରରେ ବାନ୍ଧି ପାରୁଥିବା ମଣିଷ ।"

ସୀମା ପ୍ରଥମ କରି ଶବ୍ଦହୀନ ହୋଇ ଯାଇଥିଲେ, ସେ କିଛି ନ କହି ଲୁହ ମିଶା ଆଖିରେ ଦେଖୁଥିଲେ ଶ୍ରୀରାମ ବାବୁଙ୍କୁ । ଆଉ ଘର ଭିତରୁ ଚାନୁ ମିଠା ସ୍ୱରରେ ଗାଉଥିଲା ସେ ସମାନ ଗୀତ:

'ପୃଥିବୀ ଏକ
ସୂର୍ଯ୍ୟ ଏକ
ଚନ୍ଦ୍ର ଏକ
ମଣିଷ ଏକ
ଈଶ୍ୱର ଏକ
ଏକ ଏକ ସବୁ ଏକ
ଆମେ ସମସ୍ତେ ଏକ ।'

# ଅତୁଲ୍ୟ ତୱାଙ୍ଗ୍



# ଅରୁଣାଚଳର ତୱାଙ୍ଗ୍


## ଲକ୍ଷ୍ମୀପ୍ରିୟା ଓଝା

ଟାୱାର- ବି/୪୦୧, ଦ ଆଟ୍‌ଲାଣ୍ଟିକ୍, ଏସ୍‌ଆପି ଗ୍ରାଉଣ୍ଡ-୯ ପାଖ, ମକରପୁରା ରୋଡ୍, ବରୋଦା-୩୯୦୦୧୦, ଗୁଜରାଟ
ଫୋନ: ୭୪୯୦୯୯୬୮୬୫


ଫଟୋ ସୌଜନ୍ୟ: ଲେଖିକା



▶ଲେଖିକା ଲକ୍ଷ୍ମୀପ୍ରିୟା ଓଝା

ଅନ୍ଧାରର ଚାଦର ତଳେ ନିଘୋଡ଼ ନିଦରେ ଯେତେବେଳେ ଥାଏ ସାରା ଭାରତ ସେବେ ଅରୁଣ ଘଞ୍ଚ ବାଦଲ ଚିରି ତୁଷାରାଚ୍ଛନ୍ନ ହିମାଳୟର ଶିଖର ଉପରେ ନିଜର ଆଧିପତ୍ୟ ବିସ୍ତାର କରିବାର ପ୍ରସ୍ତୁତି ପର୍ବରେ ଥାଆନ୍ତି । ଉଷାର ମଙ୍ଗଳ ଧ୍ୱନି ଶୁଣାଇବା ପାଇଁ ତତ୍ପର ହେଇ ଉଠନ୍ତି ସବୁଜ ଘଞ୍ଚ ବନାନୀ ଭିତର ନିଦ୍ରାରତ ବିହଙ୍ଗମ । ହିମାଚ୍ଛାଦିତ ଉତ୍ତୁଙ୍ଗ ହିମାଳୟ ଶିଖରରେ ଅରୁଣଙ୍କ ରଶ୍ମି ବିଚ୍ଛୁରିତ ହେଇ ସୃଷ୍ଟି କରେ ମନମୋହକ ଦୃଶ୍ୟ । ସେଥିପାଇଁ ତ ନାମ ତାର ଅରୁଣାଚଳ ପ୍ରଦେଶ । ଯେଉଁଠି ସୂର୍ଯ୍ୟଙ୍କ ପ୍ରଥମ କିରଣ ଧରିତ୍ରୀର ଦେହକୁ ଛୁଏଁ । (ପୃଥିବୀର ପ୍ରଥମ ସକାଳ ଏଇଠି ହୁଏ ସତ କିନ୍ତୁ ଅନେକ ସମୟରେ ଘଞ୍ଚ ବାଦଲ ଯୋଗୁ ସୂର୍ଯ୍ୟ ଦିଶନ୍ତି ନାହିଁ । ଏକଥା ମଧ୍ୟ ସତ ।)ସେଇ ଅରୁଣାଚଳ ପ୍ରଦେଶର ୨୬ଟି ଜିଲ୍ଲା ମଧ୍ୟରୁ ତୱାଙ୍ଗ୍ ଗୋଟିଏ । ଯାହା ଦେଶର ସବୁଠୁ କମ ଜନସଂଖ୍ୟା ବିଶିଷ୍ଟ ଜିଲ୍ଲା ଭାବରେ ଷଷ୍ଠ ସ୍ଥାନରେ ରହିଛି । ଯାହାକୁ ଚୀନ ତିବ୍‌ବତର ଅଂଶ ବୋଲି ଦାବି କରୁଛି । ପୁଣି ୧୯୬୨ ମସିହା ଭାରତ ଚୀନ ଯୁଦ୍ଧରେ ଚୀନ ଅରୁଣାଚଳ ପ୍ରଦେଶର ଅଧିକାଂଶ ଅଂଶ ଅଧିକାର କରି ବିନା ସର୍ତ୍ତରେ କିଛି ମାସ ପରେ ସୈନ୍ୟ ପ୍ରତ୍ୟାହାର କରିନେବା ଆଶ୍ଚର୍ଯ୍ୟର ବିଷୟ ବି ।

ଇଂରେଜ ଶାସନ ସମୟରେ ବ୍ରିଟିଶ ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ତିବ୍‌ବତର କିଛି ଅଂଶ ଅଧିକାର କରି 'ନର୍ଥ ଇଷ୍ଟ୍ ଫ୍ରଣ୍ଟିୟର୍ସ ଏଜେନ୍‌ସି' ନାମ ଦେଇଥିଲା । ସ୍ୱାଧୀନତା ପରେ ୧୯୭୨ ମସିହାରେ ସ୍ୱର୍ଗତ ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ନେତୃତ୍ୱରେ ବିଭା ବସୁ ଦାସ ଶାସ୍ତ୍ରୀ, ଦୟା କ୍ରିଷ୍ଣ ଗୋସ୍ୱାମୀ, ଓ. ପି. ଉପାଧ୍ୟାୟ ମିଳିତ ଭାବରେ 'ନର୍ଥ ଇଷ୍ଟ୍ ଫ୍ରଣ୍ଟିୟର୍ସ ଏଜେନ୍ସି' ନାମକୁ ପରିବର୍ତ୍ତନ କରି 'ଅରୁଣାଚଳ ପ୍ରଦେଶ' ଭାବରେ ନାମିତ କରିଥିଲେ । ପ୍ରଥମେ ଏହା କେନ୍ଦ୍ରଶାସିତ ରାଜ୍ୟ ଏବଂ ପରେ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କ ସମୟରେ ୧୯୮୬ ମସିହାରେ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇ ଭାରତର ଗୌରବ ବୃଦ୍ଧି କଲା । ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର, ହିମାଳୟ ପର୍ବତରେ ଘେରା ଏକ ପାର୍ବତ୍ୟ ପ୍ରଦେଶ: ଅରୁଣାଚଳ । ଶିମଳା, କୁଲୁ ମନାଲି, କାଶ୍ମୀର, ମସୌରୀ, ଦାର୍ଜିଲିଂ ପରି ତୱାଙ୍ଗ୍ ହୁଏତ ଏକ ଖୁବ୍ ସୁନ୍ଦର ପର୍ଯ୍ୟଟନ ସ୍ଥଳ ହେବା ସତ୍ତ୍ୱେ ପର୍ଯ୍ୟଟକଙ୍କ ପାଇଁ ଏତେ ପରିଚିତ ନାମ ନୁହେଁ । କିନ୍ତୁ ପ୍ରକୃତି ପ୍ରେମୀଙ୍କ ପାଇଁ ଭୂସ୍ୱର୍ଗ ନିଶ୍ଚୟ । ଯିଏ ଥରେ ଯାଇଛି ସେ ତୱାଙ୍ଗ୍‌କୁ ଜୀବନକାଳ ଭିତରେ କେବେ ଭୁଲିବ ନାହିଁ ।

ଆମର ଆସାମ ଜୋରହାଟ ପୋଷ୍ଟିଂ ସମୟରେ ତୱାଙ୍ଗ୍ ସମ୍ପର୍କରେ ଶୁଣି ଯିବାର ଯୋଗାଡ଼ରେ ଲାଗି ପଡ଼ିଲୁ । ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର ଏବଂ ମାର୍ଚ୍ଚ, ଏପ୍ରିଲ, ମେ ମାସରେ ତୱାଙ୍ଗ ପର୍ଯ୍ୟଟନ ପାଇଁ ଉପଯୋଗୀ ସମୟ । ସେପ୍ଟେମ୍ବର, ଅକ୍ଟୋବର, ନଭେମ୍ବର ବରଫ ପଡ଼ି ଏବଂ ମାର୍ଚ୍ଚ, ଏପ୍ରିଲ, ମେ ଫୁଲରେ ସୁସଜ୍ଜିତ ହେଇଯାଏ ଘାଟି । ବାକି ସମୟ ବର୍ଷା, ପ୍ରବଳ ଥଣ୍ଡା ଏବଂ ଲ୍ୟାଣ୍ଡ ସ୍ଲାଇଡ୍ ଯୋଗୁ ଯିବା ବିପଦ ସଙ୍କୁଳ ଜାଣି ଅକ୍ଟୋବର ମାସରେ ଯିବାର ପ୍ଲାନ୍ କଲୁ ବରଫ ଦେଖିବାର ଲୋଭ ସମ୍ବରଣ କରିନପାରି । ଆମ ସହ ଯୋଗ ଦେଲେ ଦଳେଇ ଭାଇ ଓ ଡଲି ଭାଉଜ, ମହାରଣା ଭାଇ ଓ କୁନି । ଶୁଣିଲୁ ପ୍ରବଳ ଥଣ୍ଡା ପଡ଼ିବ ସେଠି । ଆମ ପାଖରେ ଥିବା ଶୀତବସ୍ତ୍ର ସେଠି କାମ କରିବନି ଜାଣି ନାଗା କପଡାର ମେଖଳା ଚାଦର କିଣି ସିଲେଇ କଲୁ ସଲ୍‌ୱାର୍ କମିଜ୍ । ଯାହା ଶୀତ ରୋକିବାକୁ ସକ୍ଷମ । ସେତିକି ପର୍ଯ୍ୟାପ୍ତ ନୁହେଁ ଶୁଣି କିଣିଲୁ ରୂପା ଥର୍ମୋକୋଟ୍ । ସେ ସମୟରେ ତୱାଙ୍ଗ୍ ପାଇଁ ହେଲିକ୍ୟାପ୍‌ଟର୍ ସୁବିଧା ନଥିଲା । ଏକମାତ୍ର ସୁବିଧାଜନକ ଉପାୟ ପ୍ରାଇଭେଟ୍ ଗାଡ଼ି । ଟ୍ରାଭେଲାର୍‌ରୁ ଗାଡି ବୁକ୍ କରି ନିର୍ଦ୍ଧାରିତ ସମୟରେ ବାହାରି ପଡ଼ିଲୁ । ଆମ ସହ ଆମ କୁନୁମୁନୁ ପିଲା ଚାରୋଟି । ଭୋର ଚାରିଟାରୁ ବାହାରି ପରିଚିତ ଆସାମ ରାସ୍ତାରେ ଯାଇ ତେଜପୁରରେ ପହଞ୍ଚିଲୁ । ସେଠି ଜଳଖିଆ ଆଦି ଖାଇ ଗାଡ଼ି ଆମର ଦୌଡ଼ିଲା ଭାଲୁପୁଙ୍ଗ ଅଭିମୁଖେ । ଅରୁଣାଚଳ ପ୍ରଦେଶରେ ପ୍ରବେଶ ପାଇଁ ଏଇଠୁ ନେବାକୁ ପଡେ ପରମିଟ୍ । ବିନା ପରମିଟ୍‌ରେ ଅରୁଣାଚଳ ପ୍ରଦେଶରେ ପ୍ରବେଶ ନିଷେଧ ଥିଲା ସେବେ । ଆମ ଅଭିଜ୍ଞ ଡ୍ରାଇଭର୍ ତେଞ୍ଜିଂ ପର୍ମିଟ ଆଣିବାରେ ଆମକୁ ସାହାଯ୍ୟ କଲା । ତୱାଙ୍ଗ୍ ଯିବାକୁ ହେଲେ ଆସାମ ପ୍ରବେଶ ଦ୍ୱାର । ତେଣୁ ଏଠିକାର ଟୁର୍ ଅପରେଟର୍ ତୱାଙ୍ଗର ରାସ୍ତା ଏବଂ ନିୟମ କାନୁନ ସହ ପରିଚିତ ।

ଭାଲୁପୁଙ୍ଗରେ ପରମିଟ୍ ପରେ ଆମର ଗନ୍ତବ୍ୟ ଥିଲା ବୋମଡିଲା । ଆଗୁଆ ହୋଟେଲ ମଧ୍ୟ ବୁକ୍ ଥିଲା । ଅଙ୍କା ବଙ୍କା ଘାଟି ରାସ୍ତା । ସନ୍ଧ୍ୟା ପୂର୍ବରୁ ସେଠି ଆମର ପହଞ୍ଚିବାର ଥିଲା । ସନ୍ଧ୍ୟା ପରେ ଗାଡ଼ି ଚଳାଇବା ବିପଦ ସଙ୍କୁଳ । ତେଣୁ ଆମେ ଆଉ ସମୟ ନଷ୍ଟ ନକରି ପ୍ରକୃତିର ଦୃଶ୍ୟକୁ ଗାଡ଼ି ଭିତରୁ ଉପଭୋଗ କରି କରି ସନ୍ଧ୍ୟା ସୁଦ୍ଧା ବୋମଡିଲାରେ ପହଞ୍ଚିଗଲୁ । ଓଡ଼ିଶାର ଲୋକ ଆମେ । ପୁଣି ଗୁଜୁରାଟରେ ପୋଷ୍ଟିଙ୍ଗ ଥିଲା ଏହା ପୂର୍ବରୁ । ପ୍ରଥମ ଥର ପାଇଁ ଆସାମ



ଶୀତକୁ ଭୋଗିଥିଲୁ । କିନ୍ତୁ ବୋମଡିଲାର ଏଭଳି ହାଡ଼ ଥରା ଶୀତକୁ ଆଗରୁ କେବେ ସାମ୍ନା କରିନଥିଲୁ । ହୋଟେଲ ରୁମ୍ ଖୁବ୍ ବଡ, ପରିଷ୍କାର । ଏମିତିରେ ନର୍ଥ ଇଷ୍ଟ ଲୋକ ଖୁବ୍ ପରିଷ୍କାର ପରିଚ୍ଛନ୍ନ ରହିବାକୁ ପସନ୍ଦ କରନ୍ତି । ଝିଅଟିଏ ଆସି ରୁମ୍ ଭିତରେ ଚିମିନିରେ ନିଆଁ ଲଗେଇ ଦେଇଗଲା । ଏତେ ଥଣ୍ଡା ଯେ ରୁମ୍ ହିଟର୍ କିଛି କାମ ଦେବନି । ତେଣୁ ଏ ବ୍ୟବସ୍ଥା । ରୁମ୍ ଭିତରେ ଚିମିନି, ସିନେମାରେ ଯାହା ଦେଖିଥିଲୁ । ପ୍ରଥମଥର ପାଇଁ ଆଖିରେ ଦେଖିଲୁ । ଆମେ ସମସ୍ତେ ନିଜ ନିଜ ରୁମ୍‌ର ଚିମିନି ପାଖରେ ବସି ରହିଲୁ । ଆଗ ପଟ ଗରମ ଲାଗୁଥାଏ ସିନା ପଛପଟ ଶୀତରେ ଥରୁଥାଏ । କାହା ସହ କଥା ହେବାକୁ, ହସ ମଜ୍ଜା କରିବାକୁ ରୁମ୍‌ରୁ ବାହାରିବାକୁ ଆଉ ସାହସ ନଥିଲା । ବାଧ ହେଇ କେବଳ ଖାଇବାକୁ ଗଲୁ ଆଉ ଆସି ରେଜେଇ ଭିତରେ ପଶିଲୁ । ସକାଳୁ ଉଠି ଗାଧୁଆପାଧୁଆ ତ ଦୂର କଥା ଗରମ ପାଣିରେ ମୁଁହ ଧୋଇବାକୁ ବି ସାହସ ହେଉନଥିଲା । ଗରମ ପାଣି ମୁଁହ ପାଖକୁ ନେଉ ନେଉ ହେମାଳ । ଯାହା ହେଉ ନିତ୍ୟକର୍ମ ସାରି ବାହାରକୁ ଆସି ଦେଖୁ ତ ନା ଗାଡ଼ି ଅଛି ନା ଡ୍ରାଇଭର୍ । ଆମେ ଡରି ଛାନିଆ । ଭାବିଲୁ ଡ୍ରାଇଭର୍ ଆମକୁ ଛାଡି ପଳେଇଛି । ଆମେ ବ୍ୟସ୍ତ ବିବ୍ରତ ହେଇ ଦରଓ୍ୱାନ୍‌କୁ ପଚାରିଲାରୁ ସେ ହସି ହସି କହିଲା, "କେହି କୁଆଡେ ଯାଇ ନାହାନ୍ତି ଆଜ୍ଞା । ଏଇ ଦେଖନ୍ତୁ ଆପଣଙ୍କ ଗାଡ଼ି ସେଠି ଅଛି । ଡ୍ରାଇଭର୍ ନିଆଁ ଆଣିବା ପାଇଁ ଯାଇଛି । ନିଆଁ ଲଗାଇ ପେଟ୍ରୋଲକୁ ତରଳେଇଲେ ଯାଇ ଆପଣଙ୍କ ଗାଡ଼ି ଷ୍ଟାର୍ଟ ହେବ ।" ପେଟ୍ରୋଲକୁ ବି ନିଆଁ ଜାଳି ତରଳେଇବାକୁ ପଡେ ? ଆମେ ଶୁଣି ଆଶ୍ଚର୍ଯ୍ୟ । ହାତ ଦେଖାଇ ଆମକୁ ଆମ ଗାଡ଼ି ଦେଖାଇ ଦେଲା । ଗାଡି ତ ଦିଶୁନି । ଦିଶୁଛି ବରଫର ଛୋଟ ପାହାଡଟିଏ । ବରଫ ଭିତରେ ଆମ ଗାଡ଼ି ଘୋଡ଼େଇ ହେଇ ପଡ଼ିଛି । ଆମେ ଜଳଖିଆ ଖାଇସାରିଲା ବେଳକୁ ଡ୍ରାଇଭର୍ ଗାଡ଼ି ଉପରୁ ବରଫ ହଟେଇ, ପେଟ୍ରୋଲ ତରଳେଇ ଗାଡ଼ି ଷ୍ଟାର୍ଟ କରି ରଖିଛି । ଗାଡି ଥରେ ଷ୍ଟାର୍ଟ ବନ୍ଦ ହେଲେ ଆଉଥରେ ଷ୍ଟାର୍ଟ କରିବାକୁ ଅସୁବିଧା ହୁଏ ଏଠି ପ୍ରବଳ ଥଣ୍ଡା ଯୋଗୁଁ । ତେଣୁ ସେ ଷ୍ଟାର୍ଟ ବନ୍ଦ କରୁନଥିଲା ଅଧିକାଂଶ ସ୍ଥାନରେ । ଏଥର ଆମର ଯାତ୍ରା ଆରମ୍ଭ ହେଲା ତଓ୍ୱାଙ୍ଗ୍ ଅଭିମୁଖେ ।

ରାସ୍ତା ଯେତିକି ବିପଦ ସଙ୍କୁଳ ସେତିକି ରୋମାଞ୍ଚକର । ଅଙ୍କା ବଙ୍କା ରାସ୍ତା । ସାର୍ପ ଟର୍ଣ୍ଣିଂ । ଅଧିକାଂଶ ସ୍ଥାନରେ ବାଦଲର ଘନ ଆସ୍ତରଣ ଯୋଗୁଁ ରାସ୍ତା ଦିଶୁ ନଥାଏ । ଜମା ହାତେ ପୂର୍ବରୁ ଜଣାପଡେ ରାସ୍ତାରେ ମୋଡ ଅଛି କି ସାମ୍ନାରେ ପାହାଡ କି ଖାଇ । ଅଭ୍ୟସ୍ତ ଡ୍ରାଇଭର୍ ଏବଂ ପାହାଡ଼ରେ ଯିବା ଭଳି ଗାଡ଼ି ନହେଲେ ଏଭଳି ରାସ୍ତାରେ ଯିବା ବିପଦକୁ ନିମନ୍ତ୍ରଣ କରିବା ସହ ସମାନ । ମନର ଭୟକୁ କାଟିବାକୁ ଯାଇ ଆମେ ଅନ୍ତାକ୍ଷରୀ ଖେଳିବା ଆରମ୍ଭ କରିଦେଲୁ । ଡ୍ରାଇଭର୍ ମଧ ଯୋଗ ଦେଲା ଆମ ସହ । କିଛି ସମୟ ହସ ଖୁସିରେ ବିତୁ ବିତୁ ହଠାତ୍ ଡ୍ରାଇଭର୍ ବ୍ରେକ୍ ମାରିଲ । ଏକଦମ୍ ଖାଇ ପାଖରେ ଆମେ । ଜଣା ପଡିଲା ସେ ଆମ କଥା ଶୁଣୁ ଶୁଣୁ ସାମାନ୍ୟ ଅନ୍ୟମନସ୍କ ହୋଇଯାଇଥିଲା । ଘନ ବାଦଲ ଯୋଗୁଁ ଦିଶୁନଥିଲା ରାସ୍ତା । ସିଧା ରାସ୍ତାରେ ଆସୁ ଆସୁ ଆମ ସାମ୍ନାରେ ଥିଲା ପାହାଡ । ଜମା ଚାଖଣ୍ଡେ ଥିଲା ପାହାଡ଼ରେ ପିଟି ହେବାକୁ ଆମ ଗାଡ଼ି । ପିଟି ହେଇଥିଲେ କୁଆଡେ ଖାଇରେ ଯାଇ ପଡିଥାନ୍ତା ତାହାର ପତ୍ତା ବି ମିଳିନଥାଆନ୍ତା କାହାକୁ । ଅଳ୍ପକେ ବର୍ତ୍ତିଲୁ । ଏକ୍‌ଦମ୍ ଚୁପ୍ ହେଇଗଲୁ ସମସ୍ତେ । ପ୍ରାୟ ସମସ୍ତେ ସେଇ ଗୋଟିଏ କଥା ଭାବିଲୁ ,'ଏମିତି ଜାଗାକୁ ଆମର ଆସିବାର ନଥିଲା ।' ଗାଡି ଆଗକୁ ବଢିଲା । ଗ୍ଳୁପ୍‌ରେ ଥିଲୁ । ପୁଣି ସାହସ ବାନ୍ଧିଲୁ । ଧିରେ ଧିରେ ପରସ୍ପରକୁ ସାହସ ଦେଇ ଟିକେ ପ୍ରକୃସ୍ଥିତ ହେଲୁ । ତଥାପି ଡର ମନରୁ ଯାଉନଥାଏ । ଡରି ଡରି ରାସ୍ତାର ସୌନ୍ଦର୍ଯ୍ୟକୁ ଉପଭୋଗ କରି କରି ଆମେ ଆଗେଇ ଚାଲିଥାଉ । ମଝିରେ ମଝିରେ ବାଦଲ ନଥିଲେ ଟିକେ ସମତଳ ଜାଗାମାନଙ୍କରେ ରାସ୍ତା କଡ଼ରେ ଓହ୍ଲାଇ ବରଫ ଉପରେ ଅଳ୍ପ ସମୟ ଖେଳି ପୁଣି ଗାଡ଼ିରେ ବସୁଥାଉ । ରାସ୍ତା କଡ଼ରେ ଦୁଇ ତିନୋଟି ଘର ଥିବା ଗୋଟେ ଜାଗାରେ ଗାଡ଼ି ରଖି ଡ୍ରାଇଭର କହିଲା, 'ଏଇଠି ଖାଇ ଦିଅନ୍ତୁ । ଆଗକୁ ଅନେକ ବାଟ ଯାଏଁ କିଛି ମିଳିବନି ।' ସେଇଟି ଗୋଟିଏ ଗାଁ ଥିଲା । ଆଠ ଦଶଟା ପରିବାରକୁ ନେଇ ଏଠିକାର ଗାଁ ସବୁ । ଖୁବ୍ ଛୋଟ ଛୋଟ ଗାଁ । ଆଧୁନିକ ସଭ୍ୟତା ଠାରୁ ଖୁବ୍ ଦୂରରେ ଥାଇ ବି ବେଶପୋଷାକ ଚଳଣୀରେ ଖୁବ୍ ଆଧୁନିକ, ଭଦ୍ର ଓ ମାର୍ଜିତ ଏମାନେ । ଇଂରାଜୀ ଏମାନଙ୍କର ଅଫିସିଆଲ୍ (ଦପ୍ତରି) ଭାଷା । ତେଣୁ ଅଧିକାଂଶ ଲୋକଙ୍କୁ ଅଳ୍ପ ବହୁତ ଇଂରାଜୀ ଆସେ ଏଠି । ହଁ ଗୋଟେ ଘର ଭିତରେ ତିଆରି ହୋଟେଲରେ ଖାଇବା କଥା ପଚାରିଲା ପରେ ସ୍ତ୍ରୀ ଲୋକଟି କହିଲା ଭାତ, ଡାଲି, ମାଛ ଭଜା ଏତିକି ମିଳିବ ଖାଇବାକୁ । କହିଲେ ସେ ରାନ୍ଧି ଦେବ । ଆମେ ହଁ କହି ଆଖ ପାଖ ସୌନ୍ଦର୍ଯ୍ୟକୁ ଉପଭୋଗ କରିବାରେ




ଲାଗିଲୁ । ସେ ରୋଷେଇ ଆରମ୍ଭ କଲା । ରାସ୍ତାର ଗୋଟିଏ ପଟେ ଉଚ୍ଚ ପାହାଡ ଉପରୁ ଝରଣାଟିଏ ଧାରେ ପାଣି ଧରି ରାସ୍ତା ଉପରୁ ବୋହି ଆସୁଥାଏ । ରାସ୍ତାର ଆର ପାଖର ଖାଇ ଦେହରେ ଥାକ ଥାକ ଧାନର କ୍ଷେତ ମନୋରମ ଦୃଶ୍ୟ ସୃଷ୍ଟି କରୁଥାଏ । ଅଳ୍ପ ଅଳ୍ପ ଖରା ପଡ଼ିଥାଏ । ଦେହକୁ ଖୁବ୍ ଆରାମ ଲାଗୁଥାଏ ସେ ଖରା । ପଥରମାନଙ୍କ ଉପରେ ବସି ପ୍ରକୃତିକୁ ଉପଭୋଗ କରିବା ସହ ଖରା ପୋଇଁବା ଭିତରେ ରୋଷେଇ ସାରି ସ୍ତ୍ରୀ ଲୋକଟି ଖାଇବାକୁ ଡାକିଲା । ଖାଇବା ସ୍ୱାଦିଷ୍ଟ ଥିଲା । ଖାଇସାରି ପୁଣି ଆରମ୍ଭ କଲୁ ଯାତ୍ରା ।

ପ୍ରକୃତରେ ଭାଲୁପୁଙ୍ଗ ଠାରୁ ତୱାଙ୍ଗ୍ ପର୍ଯ୍ୟନ୍ତ ରାସ୍ତାର ଅପରୂପ ସୌନ୍ଦର୍ଯ୍ୟ ହିଁ ଯଥେଷ୍ଟ ପର୍ଯ୍ୟଟକକୁ ଅଭିଭୂତ କରିବା ପାଇଁ । ପର୍ଯ୍ୟଟନ ସ୍ଥଳୀକୁ ଯିବା ପାଇଁ ଉତ୍କଣ୍ଠାର ଆବଶ୍ୟକତା ନାହିଁ ଏଠି । ପ୍ରତି ମୁହୂର୍ତ୍ତ ହିଁ ଅବିସ୍ମରଣୀୟ ଏ ଯାତ୍ରାର । ପ୍ରକୃତିକୁ ଉପଭୋଗ କରି କରି ଆମେ ପହଞ୍ଚି ଯାଇଥିଲୁ ଶେଲା ପାସ୍‌ରେ ।

ହାଡ଼ଥରା ଥଣ୍ଡା ଏଠି । ଆମ ଭାରତୀୟ ସୈନ୍ୟଙ୍କ ପକ୍ଷରୁ ଚା, କଫି ଫ୍ରିରେ ଦିଆ ଯାଉଥିଲା । ଯିଏ ଯେତେ ପି ପାରିଲା । ମୁହଁ ପାଖକୁ ନେଉ ନେଉ ଚା' ଥଣ୍ଡା ପାଣି ପରି ଲାଗୁଥାଏ । ତଥାପି ଦୁଇ ଦୁଇ କପ୍ ପିଇ ଶେଲାଲେକ୍‌କୁ ଓହ୍ଲାଇଲୁ ଦେଖିବା ପାଇଁ । ଲେକ୍ ଅଧାରୁ ଅଧିକ ବରଫ ପାଲଟି ଯାଇଥିଲା । ପ୍ରବଳ ଥଣ୍ଡା ଯୋଗୁଁ କିଛି ସମୟ ଭିତରେ ଆସି ଗାଡ଼ି ଭିତରେ ବସିବାକୁ ମନ ହେଲା । ଥଣ୍ଡା ସହି ହେଲାନି । ସମୁଦ୍ର ପତ୍ତନ ଠାରୁ ଶେଲାପାସ୍ ୧୪ ହଜାର ଫୁଟ୍ ଉଚ୍ଚରେ । ଶୀତ ଦିନେ ୧୫ ଡିଗ୍ରୀ ପର୍ଯ୍ୟନ୍ତ ତାପମାନ ଖସିଯାଏ । ସେଥିପାଇଁ ଶେଲା ପାସ୍‌କୁ 'ଆଇସ୍ ବକ୍ସ ଅଫ୍ ଇଣ୍ଡିଆ' କୁହାଯାଏ । ପ୍ରାୟ ବର୍ଷ ସାରା ଏଠି ବରଫ ପଡୁଥାଏ ।

ଶେଲା ପାସ୍‌ର କାହାଣୀ ଅତ୍ୟନ୍ତ ରୋଚକ । ଭାରତ ସହ ତୱାଙ୍ଗ୍‌କୁ କେବଳ ଗୋଟିଏ ରାସ୍ତା ହିଁ ସଂଯୋଗ କରେ । ତାହା ଶେଲା ପାସ୍ । ତେଣୁ ଏହାକୁ ତୱାଙ୍ଗ୍‌ର ନେକ୍ ବା ବେକ କୁହାଯାଏ । ୧୯୬୨ ଭାରତ ଚୀନ ଯୁଦ୍ଧ ସମୟରେ ଚୀନର ଶତାଧିକ ସୈନ୍ୟ ଅନ୍ୟ ରାସ୍ତାରେ ଆସି ଶେଲା ପାସ୍‌କୁ ଅଧିକାର କରି ତୱାଙ୍ଗ୍‌କୁ ଭାରତ ଠାରୁ ଅଲଗା କରିବା ପ୍ରଚେଷ୍ଟାରେ ଭାରତୀୟ ସୈନ୍ୟଙ୍କ ଉପରେ ଅତର୍କିତ ଆକ୍ରମଣ କଲେ ଏବଂ ଅଧିକାଂଶ ଭାରତୀୟ ସୈନ୍ୟ ସହୀଦ ହେଲେ । ଜସ୍ ୱ୍ୱନ୍ତ ସିଂ ରାଠୋର, ତ୍ରିଲୋକ୍ୟ ସିଂ ନେଗି ଏବଂ ଗୋପାଳ ସିଂ ଗୋସାଇଁ ଅଦମ୍ୟ ସାହସର ସହ ଚୀନ ଆର୍ମି ଭେହିକିଲକୁ ନଷ୍ଟ କରି ଫେରିବା ବାଟରେ ତ୍ରିଲୋକ୍ୟ ସିଂ ଏବଂ ଗୋପାଳ ସିଂ ସହୀଦ ହେଲେ । ଜସ୍ ୱ୍ୱନ୍ତ୍ ସିଂ ଆହତ ହେଇ ମଧ୍ୟ ସାହସ ହରାଇ ନଥିଲେ । ସେ ଖାଲି ପାଦରେ ପାହାଡ଼ରେ ଦୌଡ଼ି ଦୌଡ଼ି ନିଜ ପୋଜିସନ୍ ବଦଳାଇ ବଦଳାଇ ଗୁଳି ଚଳାଇ ଏକୁଟିଆ ଚୀନ ସୈନିକଙ୍କୁ ବାସ୍ତରି ଘଣ୍ଟା ଯାଏଁ ଅଟକେଇ ଦେଲେ । ତାଙ୍କୁ ଗୁଳି, ବାରୁଦ ଓ ଖାଦ୍ୟ ଯୋଗାଇ ଦେଉଥିଲେ ଶେଲା ଓ ନୁରା ନାମରେ ସ୍ଥାନୀୟ ଦୁଇ ଭଉଣୀ । ପାହାଡ଼ର ବିଭିନ୍ନ ସ୍ଥାନରୁ ଗୁଳି ଚଳା ଯାଉଥିବାରୁ ଚୀନ ସୈନିକ ଭାବୁଥିଲେ ଭାରତ ପକ୍ଷରୁ ବହୁତ ସୈନିକ ଲଢୁଛନ୍ତି । ବାସ୍ତରୀ ଘଣ୍ଟା ପରେ ଯେବେ ଜଣେ ଭାରତୀୟ ଖବରି ଦ୍ୱାରା ଜାଣି ପାରିଲେ ଯେ କେବଳ ଏକୁଟିଆ ଜସୱନ୍ତ ସିଂ ଲଢୁଛନ୍ତି ଏବଂ ତାଙ୍କୁ ନୁରା ଏବଂ ଶେଲା ନାମରେ ଦୁଇ ଭଉଣୀ ସାହାଯ୍ୟ କରୁଛନ୍ତି ସେମାନେ ଧୀରେ ଧୀରେ ଆଗକୁ ବଢ଼ିଲେ ଏବଂ ଚୀନ ସୈନିକଙ୍କ ଗୁଳିରେ ଶେଲା ପ୍ରାଣ ହରାଇଲେ । ଜସୱନ୍ତ ସିଂ ନିଜ ପାଖରେ ଥିବା ଶେଷ ଗୁଳିରେ ନିଜକୁ ଗୁଳି କରି ମାରିଦେଲେ ଏବଂ ନୁରା ଚୀନ ସୈନିକଙ୍କ ଦ୍ୱାରା ବନ୍ଦୀ ହେଇ ମୃତ୍ୟ ବରଣ କଲେ । ଜସୱନ୍ତ ସିଂ ଭାରତ ସରକାରଙ୍କ ଦ୍ୱାରା ମରଣୋପରାନ୍ତ ମହାବୀର ଚକ୍ରରେ ସମ୍ମାନିତ ହେବା ସହ ଶେଷ ଯୁଦ୍ଧ କରୁଥିବା ସ୍ଥାନରେ ଜସୱନ୍ତ ଗଡ ୱାର୍ ମେମୋରିଆଲ ନିର୍ମାଣ କରାଯାଇଛି । ଅଦମ୍ୟ ସାହସର ଏବଂ ଜାତୀୟତାର ପରିଚୟ ଦେଇ ଦୁଇ ଭଉଣୀ ଜସବନ୍ତ୍ ସିଂଙ୍କୁ ସାହାଯ୍ୟ କରିଥିବା ଯୋଗୁ ନୁରାଙ୍କ ନାମରେ ନୁରାନଙ୍ଗ ଫଲ୍ସ ଓ ଶେଲାଙ୍କ ନାମରେ ଶେଲା ପାସ୍, ଶେଲା ଲେକ୍ ଆଦି ନାମିତ କରାଯାଇଛି । ଏଠି ଥିବା ଆର୍ମି କ୍ୟାଣ୍ଟିନ୍‌ରୁ ନିଜ ଆବଶ୍ୟକ ଜିନିଷ ମଧ୍ୟ କିଣି ହେବ ।



ତୱାଙ୍ଗ୍ ପହଞ୍ଚୁ ପହଞ୍ଚୁ ରାତି ହେଇ ଆସିଲାଣି । ପୂର୍ବ ନିର୍ଦ୍ଦିଷ୍ଟ ହୋଟେଲରେ ପହଞ୍ଚି ଫ୍ରେସ୍ ହେଇ ଖାଇବାକୁ ଗଲୁ । ଝିଅଟି ଆସି କହିଲା ଏଠିକାର ଖାଦ୍ୟ ଜ୍ୟାନ୍ (zan) ଟ୍ରାଏ କରିବେ କି ? ତାହା କଣ ବୋଲି ପଚାରିଲାରୁ କହିଲା ବ୍ରେଡ୍ ସହ ମାଂସ ତରକାରୀ । ନର୍ଥ ଇଷ୍ଟ ଲୋକ ସବୁ ପ୍ରକାର ମାଂସ ଖାଆନ୍ତି ବୋଲି ଶୁଣିଥିଲୁ । ପୁଣି ନୂଆ ଜିନିଷଟେ ଭଲ ଲାଗିବ କି ନାହିଁ ଭାବି ଭୋକ ବେଳେ ଟ୍ରାଏ ନକରି ଭାତ ମାଛ ତରକାରି ଓ ଡାଲି ମଗାଇ ଖାଇଲୁ । ଶୀତ ପ୍ରବଳ ଥିଲେ ବି ଶେଲା ପାସ୍‌ର ଶୀତ ଠାରୁ କମ୍ ଥିବା ଅନୁଭବ କରି ଆଶ୍ୱସ୍ତ ହେଲୁ । ତାପରେ ସମସ୍ତେ ଗୋଟିଏ ରୁମ୍‌ରେ ବସି କାଲି ପାଇଁ ଯୋଜନା କଲୁ ।

ତୱାଙ୍ଗ୍‌ର ମୂଳ ଅଧିବାସୀ ମୋରପା ଅଧିବାସୀ । ତେବେ କିଛି ନେପାଳି ଏବଂ ତିବ୍ବତ ଅଧିବାସୀ ମଧ୍ୟ ଏଠି ମିଳିବେ । ସକାଳ ହେଲା ଆମର ବୁଲିବାର ଥିଲା ତୱାଙ୍ଗ୍ ମୋନେଷ୍ଟ୍ରି ବା ବୌଦ୍ଧ ମଠ, ଭାରତର ଶେଷ ଗାଁ ଏବଂ ଚାଇନା ଭାରତ ବର୍ଡର୍ ଜିରୋ । ପୁଣି ତୱାଙ୍ଗ୍ ବଜାର ମଧ୍ୟ ଏବଂ ଅନ୍ୟାନ୍ୟ କିଛି ସ୍ଥାନ । ସ୍ଥାନୀୟ ଖାଦ୍ୟ ଥେନ୍ତୁକ୍, ଥୁକପା( ନୁଡୁଲ୍ସ ପରି) ମୋମୋ ଖାଇବାର ମଧ୍ୟ ଥିଲା । କାଳେ ଭଲ ଲାଗିବ କି ନ ଲାଗିବ ଭାବି ସକାଳୁ ସକାଳୁ ଜଳଖିଆ ପୁରୀ ଆଳୁ ତରକାରି ହିଁ ଖାଇଲୁ । ସେସବୁ ଖାଦ୍ୟ ଦିନରେ ଆଉ କେଉଁଠି ଖାଇବୁ ଭାବି । ଜଳଖିଆ ସାରି ସମୟ ନଷ୍ଟ ନକରି ଆମେ ଚାଲିଲୁ ପୃଥିବୀର ଦ୍ୱିତୀୟ, ଏସିଆର ବୃହତ୍ତମ ଏବଂ ସର୍ବ ପ୍ରାଚୀନ ବୌଦ୍ଧ ମଠ ବା ତୱାଙ୍ଗ ମୋନେଷ୍ଟ୍ରି ଦେଖିବାକୁ । ଖୁବ୍ ଦୂରରୁ



ଦିଶି ଯାଉଥିଲା ମୋନେଷ୍ଟ୍ରି ପାହାଡ ଉପରେ ଗୋଟେ କିଲ୍ଲା ପରି । ତୱାଙ୍ଗ ସହରର ସବୁଠୁ ଉଚ୍ଚ ପାହାଡ ଏ । ସମୁଦ୍ର ପତ୍ତନ ଠାରୁ ୧୦୦୦୦ ଫୁଟ ଉପରେ । ଏଇଠୁ ଦିଶେ ସମଗ୍ର ତୱାଙ୍ଗ୍ ସହର । ଏହାକୁ ସ୍ଥାପନ କରିଥିଲେ ମେରକ ଲାମା ଲୋଦ୍ରୋ ଗ୍ୟାସ୍ତ୍‌ତୋ । ୧୬୮୦ ମସିହାରେ । ପଞ୍ଚମ ଦଲାଇ ଲାମାଙ୍କ ଜନ୍ମ ମଧ୍ୟ ଏଇଠାରେ । ତେଣୁ ଏ ସ୍ଥାନର ମହତ୍ତ୍ୱ ଅଧିକ । କୁହାଯାଏ ବୌଦ୍ଧ ମଠ ସ୍ଥାପନ ଲାଗି ସ୍ଥାନ ନିରୂପଣ କରିବା ପାଇଁ ଖୋଜି ଖୋଜି ଉପଯୁକ୍ତ ସ୍ଥାନ ନ ପାଇ ମନ ଦୁଃଖରେ ଗୋଟେ ଗୁମ୍ଫାରେ ଧ୍ୟାନମଗ୍ନ ହେଇ ମେରୋକ ଲାମା ଭଗବାନଙ୍କୁ ସ୍ମରଣ କରୁଥିଲେ । ଧ୍ୟାନରୁ ଉଠିଲା ପରେ ନିଜ ଘୋଡାକୁ ନପାଇ ଖୋଜି ଖୋଜି ଶେଷରେ ଏକ ଉଚ୍ଚ ପାହାଡ ଉପରେ ଘୋଡଟି ଘାସ ଚରୁଥିବାର ଦେଖିଲେ । ଏବଂ ଭଗବାନ ବୁଦ୍ଧଙ୍କ ଏହା ସଂକେତ ଭାବି ଏଇଠାରେ ମଠ ପ୍ରତିଷ୍ଠା କଲେ । ବର୍ତ୍ତମାନ ଏହି ମଠରେ ପ୍ରାୟ ୬୫ ବୌଦ୍ଧ ପରିବାର ରହିବା ସହ ପାଖାପାଖି ୬୦୦ ଉପରେ ବୌଦ୍ଧ ସନ୍ଥ ରହୁଛନ୍ତି ଏବଂ ଗୋଟେ ପ୍ରାଥମିକ ବିଦ୍ୟାଳୟରେ ବୌଦ୍ଧ ପିଲାମାନଙ୍କୁ ଆଧ୍ୟାତ୍ମିକ ଶିକ୍ଷା ସହ ପ୍ରାଥମିକ ଶିକ୍ଷା ମଧ୍ୟ ଦିଆ ଯାଉଛି । ତତ୍ ସହ ଏକ ମ୍ୟୁଜିୟମ ଏବଂ ଏକ ଲାଇବ୍ରେରୀ ଅଛି ଯେଉଁଠି ବୌଦ୍ଧ ଧର୍ମ ସମ୍ବଳିତ ଅନେକ ଦୃଷ୍ପ୍ରାପ୍ୟ ଧର୍ମଗ୍ରନ୍ଥମାନ ଅଛି । ମଠ ଭିତରେ ଗୋଟେ ରୁମ୍‌ରେ ବଟର କ୍ୟାଣ୍ଡଲ ଜଳାଯାଏ । ପାଖାପାଖି ଆଠ ଫୁଟ୍‌ର ସୁସଜ୍ଜିତ ବୁଦ୍ଧଙ୍କ ସୁନାରଙ୍ଗର ପ୍ରତିମା । କାନ୍ଥ ସବୁ ବିଭିନ୍ନ ବୌଦ୍ଧ ଚିତ୍ରକଳାରେ ସୁସଜ୍ଜିତ । ଗାଢ଼ ଲାଲ ରଙ୍ଗର ପୋଷାକରେ ବୌଦ୍ଧ ସନ୍ଥ ଏବଂ ପିଲାମାନଙ୍କୁ ଦେଖି ଲାଗେ ଯେମିତି ଅନ୍ୟ ଏକ ଦୁନିଆରେ ପ୍ରବେଶ କରିଗଲୁଁ ଆମେ । ଖୁବ୍ ଶାନ୍ତ ଏବଂ ଆଧ୍ୟାତ୍ମିକ ବାତାବରଣ । ତେବେ ମୋତେ କାହିଁ ଲାଗିଲା ଅନ୍ୟ ଧର୍ମ ପୀଠ ପରି ଏହାର ପ୍ରଚାର ପ୍ରସାର ଅଧିକ ହେବାର ଆବଶ୍ୟକତା ଅଛି । ଭିତ୍ତିଭୂମି ଆହୁରି ଭବ୍ୟ ଏବଂ ଉନ୍ନତ ହେବା ଆବଶ୍ୟକ ଇନ୍‌ଫ୍ରାଷ୍ଟ୍ରକ୍‌ଚର୍ ଦୃଷ୍ଟିରୁ ଉନ୍ନତ ହେବା କଥା । କିନ୍ତୁ ବ୍ୟବସାୟିକ ଦୃଷ୍ଟିରୁ ନିଶ୍ଚିତ ନୁହେଁ । ସୁନା ରଙ୍ଗର ବୌଦ୍ଧ ପ୍ରେୟାର୍ ହ୍ୱିଲ ଥଙ୍କାସ୍ ଅଛି । ଯାହାକୁ ବୁଲେଇ ବୁଲେଇ ନିଜର ମନକଥା କୁହାଯାଏ ବା ମାନସିକ କରାଯାଏ । ଆମେ ମଧ୍ୟ କଲୁ । ବହୁତ ଭଲ ଲାଗିଲା ଏ ସ୍ଥାନଟି । ବୁଦ୍ଧଙ୍କର ଏକ ସୁନ୍ଦର ବିଶାଳ ମୂର୍ତ୍ତି ଅଛି ଯାହା ତୱାଙ୍ଗ୍ ସହରର ସବୁ କୋଣରୁ ଦେଖାଯାଏ ।

ତାପରେ ଗଲୁ ତୱାଙ୍ଗ୍ ୱାର୍ ମେମୋରିଆଲ । ୧୯୬୨ ମସିହାରେ ସହୀଦ ହେଇଥିବା ଭାରତୀୟ ଯୋଦ୍ଧାଙ୍କୁ ନେଇ ୱାର୍ ମେମୋରିଆଲ୍ । ଯେଉଁଠି ଅଛି ଭାରତ ଚୀନ ଯୁଦ୍ଧରେ ବ୍ୟବହୃତ ହତିଆର, ସୈନ୍ୟଙ୍କ ପୋଷାକ ଆଦି । ମେମୋରିଆଲରେ ବୌଦ୍ଧ ମୋନେଷ୍ଟ୍ରି, ନେପାଳ ଏବଂ ତିବେତୀୟାନ୍ ଶୈଳୀର ଛାପ ଦେଖିବାକୁ ମିଳେ । ଏହା ଏକ ଧାର୍ମିକ ପୀଠ ପରି ଲାଗେ । ଯୁଦ୍ଧରେ ସହୀଦ ହେଇଥିବା ସମସ୍ତ ସୈନ୍ୟଙ୍କ ନାମ ଫଳକରେ ଲିପିବଦ୍ଧ ଅଛି । ସେମାନଙ୍କ ଘର ଲୋକ ଦେଖି ଖୁବ୍ ଗର୍ବ ଅନୁଭବ କରୁଥିବେ ନିଶ୍ଚୟ । କିଛି ଓଡ଼ିଆ ସୈନ୍ୟଙ୍କ ନାମ ଲିପିବଦ୍ଧ ଦେଖି ଦୁଃଖ ଓ ଗର୍ବ ଲାଗିଲା । କିନ୍ତୁ ନୋଟ୍ କରିନଥିବାରୁ ସେ ନାମ ମୁଁ ଭୁଲିଯିବା ଯୋଗୁଁ ମନସ୍ତାପ କଲି । ଯେଉଁମାନେ ଆମ ପାଇଁ ସହୀଦ ହେଲେ ସେମାନଙ୍କ ନାମ ମଧ୍ୟ ଆମେ କିଛି ସମୟ ପାଇଁ ମନେରଖି ପାରୁନୁ, କେତେ ଜଲ୍‌ଦି ଆମେ ସେମାନଙ୍କୁ ଭୁଲି ଯାଉଛୁ ଭାବି ନିଜକୁ ଧିକ୍କାର୍ କଲି ।

ଭାରତ ଚୀନ ବର୍ଡର ଜିରୋ ଅଭିମୁଖେ ଆମେ ଆଗେଇଲୁ । ଯେତେ ଯେତେ ଆଗକୁ ବଢ଼ିଲୁ ସେତେ ସେତେ ଅଜଣା ପୁଲକରେ ମନ ଭରି ଉଠୁଥାଏ । ରାସ୍ତା ଶୁନ୍‌ଶାନ୍ । ଲାଗୁଥାଏ ଯେମିତି ଆମେ ପହଞ୍ଚି ଯାଇଛୁ ସ୍ୱର୍ଗରେ । ରାସ୍ତା ଉପରେ ଯଦିଓ ବରଫ ନଥିଲା ଆର୍ମି ଦ୍ୱାରା ରେଗୁଲାର୍ ବରଫ ସଫା କରା ଯାଉଥିଲା । ତେବେ ରାସ୍ତାର ଉଭୟ ପଟେ କେବଳ ବରଫ ଓ ବରଫ । ଆମେ ଗାଡ଼ି ରଖି ଖୁବ୍ ଖେଳିଲୁ । ମୋ ଜୋତାରେ ଗ୍ରିପ୍ ନଥିବାରୁ ବାର ବାର ସ୍ଲିପ୍ କରି ମୁଁ ପଡୁଥାଏ । ଲୋକଟିଏ ପାଖରେ ଆସି କିଛି ପଇସା ବଦଳରେ ୟାକ୍ ଉପରେ ବସିବାକୁ କହିଲା । ମହାରଣା ଭାଇନା ୟାକ୍ ଉପରେ ବସି ଫଟୋ ଉଠାଇଲେ । ଭାଇନା ମୋଟାକୁ କଳା ଜ୍ୟାକେଟ୍ ପୁଣି ୟାକ୍ ବି କଳା ତେଣୁ ସିନେମାରେ ଦେଖିଥିବା ଯମରାଜ ପରି ଦିଶୁଥିଲେ । ବରଫ ଉପରେ ଅନେକ ସମୟ ଖେଳି ଆମେ ଜିରୋ ଅଭିମୁଖେ ଚାଲିଲୁ । କିନ୍ତୁ କିଛି ବାଟ ପରେ ଆମ ଗାଡ଼ି ଆଉ ଆଗକୁ ଯାଇପାରିଲା ନାହିଁ । ଖସିଲା । ସେଠିକୁ ଯିବା ପାଇଁ ସ୍ୱତନ୍ତ୍ର ଟାୟାର ଓ ଚେନ ଥିବା ଗାଡ଼ି ହିଁ ଯାଇପାରିବ ଜାଣିଲୁ । ଆମ ଗାଡ଼ି ଟାୟାର୍ ସେଭଳି ଜାଗାକୁ ଯିବା ପାଇଁ ଉପଯୁକ୍ତ ନୁହେଁ ଭାବି ଆଉ ରିସ୍କ ନେଇ ଆଗକୁ ଯିବାକୁ ଠିକ୍ ମନେକଲୁ ନାହିଁ । ଦୂରରୁ ପାହାଡକୁ ଦେଖାଇ ଡ୍ରାଇଭର କହିଲା, ସେଇଟି ଜିରୋ ଗାଁ ଓ ସେଇ ଗାଁ ନାମ ଅନୁସାରେ ସ୍ଥାନର ନାମ ଜିରୋ । ଦୂରରୁ ଭାରତ ଚୀନ ବର୍ଡର୍ ଦେଖି ଦୂର ପର୍ବତ ସୁନ୍ଦର ପରି ଦୂରରୁ ଜିରୋ ଦେଖି ମନ୍ତ୍ର ମୁଗ୍ଧ ହେଲୁ । ଜିରୋକୁ ଛୁଇଁବାର ସ୍ୱପ୍ନକୁ ସ୍ୱପ୍ନରେ ରଖି ଫେରିଲୁ ।

ଜିରୋ ନ ଯାଇ ପାରିବାର ଦୁଃଖ ରହିଗଲା । ଫେରିଲା ବେଳକୁ କିଛି ଖୁବ୍ ସୁନ୍ଦରୀ ସୁନ୍ଦରୀ ସ୍ତ୍ରୀ ଲୋକଙ୍କୁ ଦେଖିଲୁ । ଯେଉଁମାନେ ନାକରେ ମୋଟା କଳା ରଙ୍ଗର କିଛି ପିନ୍ଧିଥିବା ଏବଂ ହାତରେ, ମୁହଁରେ ଚିତା କୁଟେଇଥିବ । ଦେଖି ଡ୍ରାଇଭରକୁ ପଚାରିଲାରୁ ଜାଣିଲୁ ଏମାନେ ଅପ୍ତନି ଜନଜାତି ସମ୍ପ୍ରଦାୟର । ଯେଉଁମାନେ ଜିରୋର ଅଧିବାସୀ ଏବଂ ଧୀରେ ଧୀରେ ବିଲୁପ୍ତ ହେଉଥିବା ଜନଜାତି । ବାକି ଜନଜାତି ଅପେକ୍ଷା ଏମାନେ ସବୁଠୁ ସୁନ୍ଦର । ଅନ୍ୟ ଜନଜାତିର



ପୁରୁଷଙ୍କର କୁଦୃଷ୍ଟିରୁ ନିଜକୁ ବଞ୍ଚାଇବାକୁ ଯାଇ ନିଜକୁ କୁରୂପ କରିବା ପାଇଁ ଅପ୍ତାନି ଜନଜାତିର ଝିଅମାନେ ନିଜର ନାକରେ ମୋଟା ମୋଟା ବାଉଁଶ ପିନ୍ଧନ୍ତି । ଅନ୍ୟ ଜାତି ଠାରୁ ନିଜକୁ ଚିହ୍ନଟ କରିବା ପାଇଁ ମୁହଁରେ, ହାତରେ ଚିତା କୁଟେଇ ଥାଆନ୍ତି । ଦୁଃଖ ଲାଗିଲା ସାରା ଜଗତରେ ଝିଅଟି ପାଇଁ ତା ସୁନ୍ଦରତା ହିଁ କାଳ ହୁଏ । ନିଜ ସୁନ୍ଦର ଚେହେରାକୁ ଅସୁନ୍ଦର କରି ପୁରୁଷର କୁଦୃଷ୍ଟିରୁ ବଞ୍ଚାଇବାକୁ ଯାଇ ରାଜସ୍ଥାନୀ ଝିଅମାନେ ବି ଏମିତି ଚିତା କୁଟନ୍ତି ଦେହ, ମୁହଁ ସାରା । ଓଢଣା ପକେଇବା, ସତୀ ହେବା ଆଦି ଆଦି ଘଟଣା ତ ସାରା ଭାରତରେ ଅଛି ।

ଜିରୋରୁ ଫେରି ମାର୍କେଟ୍ ଭିତରେ ପଶିଲୁ । ଛୋଟ ଛୋଟ ଦୋକାନ ସବୁ । କିନ୍ତୁ ସୁନ୍ଦର ଭାବରେ ସଜ୍ଜିତ । ଅନେକ ନୂଆ ଜିନିଷ ଦେଖିଲୁ । ମୋରପା ଜନଜାତି ତୱାଙ୍ଗର ଆଦିମ ଅଧିବାସୀ । ପୁରୁଷ ପରି ସ୍ତ୍ରୀଲୋକ ମଧ୍ୟ ଏଠି ବହୁତ କର୍ମଠ । ସେମାନେ ଖୁବ୍ କଳାପ୍ରିୟ ଏବଂ ସୃଜନକ୍ଷମ ଏବଂ ନିର୍ଭୀକ । କାଠରେ ସୁନ୍ଦର ସୁନ୍ଦର କଳାକୃତି, ପିଲାଙ୍କ ପାଇଁ ବିଭିନ୍ନ ରକମର ଖେଳନା, ଢାଙ୍କୁଣି ଦିଆ ଚା କପ୍ ଅନେକ ୟୁନିକ୍ ଜିନିଷ ଯାହା କେବେ ଆମେ ଆଗରୁ ଦେଖିନଥିଲୁ କିଣିଲୁ । ଆମ ଘରେ ମୁଁ ରଥଯାତ୍ରା ଆରମ୍ଭ କରିଥିଲି । ଜଗନ୍ନାଥ ପୂଜା ହୁଅନ୍ତି । ମୋ ବାପା ମୋତେ ୟାକ୍ ଲାଞ୍ଜରେ ତିଆରି ଚାମର ଆଣିବାକୁ କହିଥିଲେ ପୂଜା ପାଇଁ । ଯାହା ଆମକୁ ସେଠି ସହଜରେ ମିଳିଗଲା ଏବଂ କିଣି ଆଣିଲୁ । ଶେଷରେ ସନ୍ଧ୍ୟାରେ ସେଠିକାର ସ୍ଥାନୀୟ ଖାଦ୍ୟ ଥେନ୍ତଥୁକ୍, ମୋମୋ, ଥୁକପା ଆଦି ଖାଇ ରାତି ସୁଦ୍ଧା ହୋଟେଲକୁ ଆସିଲୁ ।

ତା ପରଦିନ ଆମକୁ ଫେରନ୍ତି ରାସ୍ତାରେ ଜସ୍ୱନ୍ତ୍ ଗଡ ୱାର ମେମୋରିଆଲ ଏବଂ ନୁରାନାଙ୍ଗ ଫଲ୍ସ ଏବଂ ଆଉ କିଛି ସ୍ଥାନ ବୁଲିବାକୁ ଥିଲା । କାରଣ ଆସିଲା ବେଳେ ସମୟ ନଥିଲା ଦେଖିବା ପାଇଁ । ତେଣୁ ଫେରିନ୍ତି ରାସ୍ତାରେ ସେ ସବୁ ଶାନ୍ତିରେ ଦେଖି ବୋମଡିଲା ବୁଲି ସେଠି ରାତିରେ ରହି ତା ପରଦିନ ଜୋରହାଟ ଯିବୁ ବୋଲି ନିଷ୍ପତ୍ତି ନେଇଥିଲୁ । ଗୋଟିଏ ରୁମ୍‌ରେ ବସି ସମସ୍ତେ ବହୁତ ସମୟ ପର୍ଯ୍ୟନ୍ତ ଗପସପ କଲୁ । ସକାଳୁ ତୱାଙ୍ଗ ଛାଡିବାର ଥିଲା । ଆଉ ଦୁଇଦିନ ରହିଥିଲେ ଆଉ କିଛି ଦେଖିଥାନ୍ତୁ ଭାବି ମନ ଦୁଃଖ ହେଲା । ଶୋଇ ପଡ଼ିଲୁ । ସକାଳୁ ଉଠି ହୋଟେଲ ଛାଡିଲୁ ।

ତୱାଙ୍ଗରୁ ଫେରନ୍ତି ରାସ୍ତାରେ ପଡ଼ିଲା ନୁରାନଙ୍ଗ ଫଲ୍ । ୧୦୦ ମିଟର ଉପରୁ ପ୍ରପାତର ପାଣି ଭୀମ ଗର୍ଜନ କରି ତଳେ ଅଜାଡ଼ି ହେଇ ପଡ଼ି ଚାରିଆଡକୁ ଛିଟିକି ପଡୁଛି । ପାଣି ଚାରି ଆଡ଼କୁ ଛିରୁକୁ ଥିବା ଯୋଗୁ ଇନ୍ଦ୍ରଧନୁ ସୃଷ୍ଟି ହେଇ ମନକୁ ମୋହି ନେଉଥାଏ । ପ୍ରପାତକୁ ପାଖରୁ ଦେଖିବାକୁ ହେଲେ ପାଖାପାଖି ୨୦୦ ପାହାଚ ଓହ୍ଲାଇବାକୁ ପଡ଼ିବ । ତଳୁ ଠିଆ ହେଇ ପ୍ରପାତର ସୌନ୍ଦର୍ଯ୍ୟକୁ ଉପଭୋଗ କରିହେବ । ଖୁବ୍ ଭଲ ଲାଗିଲା ଏ ସ୍ଥାନ । ମାଧୁରୀ ଦୀକ୍ଷିତଙ୍କ 'କୋଇଲା' ପିକ୍‌ଚର୍‌ର ଗୀତ ଏଇ ପାଖରେ ସୁଟିଂ ହେଇଥିଲା । ଅରୁଣାଚଳ ପ୍ରଦେଶର ଏହା ପ୍ରଥମ ସିନେମା ସୁଟିଂ ବୋଲି ଆମ ଡ୍ରାଇଭର କହିଲା । ଏବଂ ବର୍ତ୍ତମାନ କେହି କେହି ଏହାକୁ ମାଧୁରୀ ଫଲ୍ସ ବୋଲି କହୁଛନ୍ତି ବୋଲି ମଧ୍ୟ କହିଲା । ଶୁଣି ଦୁଃଖ ଲାଗିଲା । ଭାବିଲି ନୁରାଙ୍କ ନାମ, ତାଙ୍କ ବଳିଦାନ ହଜି ନ ଯାଉ ଲୋକଙ୍କ ଅଜ୍ଞାନତା ଯୋଗୁ । ଶେଲା ପାସ୍‌ରୁ ଏହି ପାଣି ଆସୁଛି ଏବଂ ବୋହିଯାଇ ତୱାଙ୍ଗ୍ ନଦୀରେ ମିଶୁଛି ବୋଲି ଶୁଣିବାକୁ ପାଇଲୁ । ଏସିଆର ଦ୍ୱିତୀୟ ବୃହତ୍ ୱାଟର ଫଲ୍ ବୋଲି ଜାଣିଲୁ । ସତରେ ଆମ ଭାରତ କେତେ ବୈଚିତ୍ର୍ୟମୟ । କେତେ ପୌରାଣିକ, ଐତିହାସିକ, ରୋମାଞ୍ଚକର ସ୍ଥାନରେ ଭରପୂର । ସଂପୂର୍ଣ୍ଣ ଭାରତ ଦେଖିବା ମଧ୍ୟ ଆମ ଜୀବନ କାଳରେ ସମ୍ଭବ ନୁହେଁ । ତେବେ ଆମେ ବିଦେଶ ବୁଲି ଯିବାକୁ ମନ ବଳାଇବା କାହିଁକି ? ପ୍ରଥମେ ଭାରତ ଭ୍ରମଣ ତ ସରୁ ।

ନୁରାନାଙ୍ଗ ଫଲ୍ ପରେ ୱାର୍ ମେମୋରିଆଲ, ଜସ୍ୱନ୍ତ ସିଂଙ୍କ ଗଡ ଦେଖିଲା ବେଳେ ମନ ଭକ୍ତିଭାବରେ ପୂର୍ଣ୍ଣ ହେବା ବେଳେ ଆଖି ସ୍ୱତଃ ଓଦା ହେଇଗଲା । ଖାଲି ପାଦରେ ପାହାଡର ଏମୁଣ୍ଡ ସେମୁଣ୍ଡ ଦୌଡ଼ି ଦୌଡ଼ି ବିଭିନ୍ନ ସ୍ଥାନରୁ ଗୁଳି ଫୁଟାଇ ଚୀନ ସୈନିକଙ୍କୁ ଭୟଭୀତ କରି ଅଟକେଇ ଦେବା ସେ ପୁଣି ତିନିଦିନ ପର୍ଯ୍ୟନ୍ତ କଣ କମ୍ ବୁଦ୍ଧିମତ୍ତା, ସାହସ, ଧୈର୍ଯ୍ୟର କଥା । ତାଙ୍କ ମେମୋରିଆଲ ପାଖକୁ ଯାଉଥିବା ପ୍ରତ୍ୟେକ ଭାରତୀୟଙ୍କ ହୃଦୟରେ ସାରା ଜୀବନ ଯଦି ଜାତୀୟତାବୋଧ ଉଦ୍ରେକ ହୁଏ ତେବେ କୌଣସି ବିଦେଶୀ ଶତ୍ରୁ ଆମ ଦେଶର ଇଞ୍ଚେ ଜମି ଅକ୍ତିଆର କରିପାରିବ ନାହିଁ । ଏଠି ଜସ୍ୱନ୍ତ୍ ସିଂଙ୍କ ୟୁନିଫର୍ମ, କ୍ୟାପ୍, ଘଣ୍ଟା, ବେଲ୍ଟ ଏବଂ ତାଙ୍କର ପୋଟ୍ରେଟ୍ ମଧ୍ୟ ଅଛି । ଛୋଟ ପିଲାଟେ । ବଞ୍ଚିଥିଲେ ଘରସଂସାର କରି ହୁଏତ ଖୁସିରେ ଥାଆନ୍ତେ । କିନ୍ତୁ ସହୀଦ ହେଇ ଯେଉଁ ସମ୍ମାନ, ନାମ ଅର୍ଜନ କଲେ ହୁଏତ ପାଇନଥାନ୍ତେ । ସେଠି ସ୍ଥାନୀୟ ସୈନ୍ୟଙ୍କ ବିଶ୍ୱାସ ଏବେ ମଧ୍ୟ ଜସୱନ୍ତ ସିଂଙ୍କ ଆତ୍ମା ସେଠି ଘୁରି ବୁଲୁଛି । ମଝିରେ ମଝିରେ ତା'ର ସଂକେତ ସୈନ୍ୟମାନଙ୍କୁ ଦେଉଛି ।

ଶେଲା ପାସ୍‌ରେ ପୁଣି ଟିକେ ଓହ୍ଲାଇଲୁ । ଆର୍ମି କ୍ୟାଣ୍ଟିନରୁ ଅଳ୍ପ କିଛି ଜିନିଷ କିଣିଲୁ । ଚା ପିଇଲୁ ଏବଂ ଖୁସି ଖୁସି ବୋମଡିଲା ଅଭିମୁଖେ ପ୍ରକୃତିର ସୌନ୍ଦର୍ଯ୍ୟକୁ ଉପଭୋଗ କରି କରି ଫେରିଲୁ । ତୱାଙ୍ଗ୍ ବୁଲିବାକୁ ହେଲେ ଦୁଇ ଦିନ ଯିବା, ଦୁଇ ଦିନ ଆସିବା ଏବଂ ଅତି କମରେ ତିନି ଚାରି ଦିନ ରହିଲେ ହିଁ ସେଠିକାର ପ୍ରକୃତିକୁ ଭଲରେ ଉପଭୋଗ କରିହେବ । ଆମେ ଦୁଇ ଦିନ ରହିଲୁ । ତେଣୁ ଅନେକ କିଛି ଦେଖି ନ ପାରିବାର ଅବଶୋଷ ନେଇ ଫେରିଲୁ । କାହିଁକିନା ଏଭଳି ସ୍ଥାନକୁ ବାର ବାର ଆସିବା ମୁସ୍କିଲ । ଆମ ପରେ ଆମ କଲୋନୀରୁ ଯାଇଥିବା ଆଉ ଦୁଇଟି ପରିବାର ଦୁର୍ଘଟଣାର ଶିକାର ହେଇଥିଲେ । ଆମେ ଯିବା ସମୟରେ ମଧ୍ୟ ସ୍ଥାନେ ସ୍ଥାନେ ବସ୍ ଖାଇରେ ଓଲଟି ପଡ଼ିବାର ଦୃଶ୍ୟ ଦେଖିଥିଲୁ ।

ମୁଁ ବୁଲିଥିବା ହିଲ୍ ଷ୍ଟେସନ୍ ଭିତରୁ ସବୁଠୁ ବେଶୀ ମୋତେ ତୱାଙ୍ଗ୍ ହିଁ ଭଲ ଲାଗିଛି ଆଜିଯାଏ । ମୁଁ ଅନେକ ବର୍ଷ ତଳେ ଯାଇଥିଲି । ଏ ଭିତରେ ଅନେକ ପରିବର୍ତ୍ତନ ହେଇ ସାରିବଣି । ଶୁଣିଛି ଗୌହାଟୀରୁ ତୱାଙ୍ଗ୍ ହେଲିକପ୍ଟର ସେବା ଉପଲବ୍ଧ ହେଲାଣି । ପୃଥିବୀର ସବୁଠୁ ବଡ ଟନେଲ ତିଆରି ହେଇଛି ଶେଲାପାସ୍‌ରେ । ଆଗକୁ ଆଉ ଯାତାୟାତର ଅସୁବିଧା ହେବନି ପାଣି ପାଗ ଖରାପ ହେଲେ ବା ଲ୍ୟାଣ୍ଡ୍ ସ୍ଲାଇଡ୍ ଯୋଗୁ । ପରମିଟ୍ ବୋଧେ ଆଉ ନେବାକୁ ପଡୁନି ଅରୁଣାଚଳ ପ୍ରଦେଶକୁ ଯିବା ପାଇଁ । ତେବେ ଯିବା ପୂର୍ବରୁ ସମସ୍ତ ତଥ୍ୟ ଏକାଠି କରି ଗଲେ ବିଶେଷ ଅସୁବିଧାର ସମ୍ମୁଖିନ ହେବାକୁ ପଡିବ ନାହିଁ । ପ୍ରକୃତିକୁ ଭଲ ପାଉଥିବା, ନିକଟରୁ ଦେଖିବାକୁ ଚାହୁଁଥିବା ଲୋକଙ୍କୁ ତୱାଙ୍ଗ ଥରେ ନିଶ୍ଚୟ ଯିବା ଉଚିତ । ମୋତେ ଆଉ ଥରେ ତୱାଙ୍ଗ୍‌କୁ ପାଖରୁ ଦେଖିବାକୁ ଇଚ୍ଛା । ହେଲେ, ବୋଉଲୋ ଯୋଉ ଶୀତ !

ପର୍ଯ୍ୟଟନ-୯



# ମାର୍ବଲର ମାୟା

# କିଶନଗଡ଼ର କିମିଆ


## ଡକ୍ଟର ଫକୀର ମୋହନ ନାହାକ

ପ୍ରଫେସର ଏବଂ ବିଭାଗୀୟ ମୁଖ୍ୟ,
ସ୍କୁଲ ଅଫ୍ ମିଡିଆ ଏଣ୍ଡ କମ୍ୟୁନିକେସନ୍
ମଣିପାଲ ୟୁନିଭର୍ସିଟି ଜୟପୁର (ଏମ୍.ୟୁ.ଜେ)
ଜୟପୁର, ରାଜସ୍ଥାନ-୩୦୩୦୦୭
ଫୋନ: ୯୯୩୭୨୫୨୪୬୪

ଫଟୋ ସୌଜନ୍ୟ : ଲେଖକ


**କିଶନଗଡ଼: ଭାରତର ମାର୍ବଲ ସିଟି । ସ୍ୱିଜରଲ୍ୟାଣ୍ଡ ଅଫ୍ ରାଜସ୍ଥାନ । କେବଳ ଭାରତ ନୁହେଁ, ବିଦେଶରୁ ଆମଦାନି ହୋଇ ଏଇଠି ବିକ୍ରି ହେଉଛି ବିଦେଶୀ ମାର୍ବଲ । ପତଳାରୁ ଅତି ପତଳା ଏବଂ ମୋଟାରୁ ଅତି ମୋଟା ମାର୍ବଲ ଖଣ୍ଡ ଦେଖିବାକୁ ମିଳେ ଏଇଠି । ପୂରା ଦେଶକୁ ମାର୍ବଲ ଯୋଗାଏ ଏଇ କିଶନଗଡ଼ ।**



▲ ଲେଖକ ଡକ୍ଟର ଫକୀର ମୋହନ ନାହାକ

ସେଦିନ ସକାଳୁ ସକାଳୁ ମଣିପାଲ ବିଶ୍ୱବିଦ୍ୟାଳୟ ଜୟପୁରର ପ୍ରଫେସର କଲୋନିରୁ ଆମେ ବାହାରିଲୁ ଆଜ୍‌ମେର୍ ଅଭିମୁଖେ ବଢ଼ିଥିବା ଜାତୀୟ ରାଜପଥ ଧରି । ଗୋଟିଏ ବଢ଼ିଆ ଲକ୍‌ଜୁରି ବସ୍‌ରେ ବସି ଆରମ୍ଭ ହେଲା ଆମର ଯାତ୍ରା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର୍ ଗୋପାଳକୃଷ୍ଣ ପ୍ରଭୁ, କୁଳସଚିବଙ୍କ ସମେତ ଅନ୍ୟ ପ୍ରଫେସର୍, ସେମାନଙ୍କ ପରିବାର, ପିଲାମାନେ ଏମିତି ୪୫ ଜଣ ଥିଲୁ ଆମେ । ଆମ ଭିତରେ କେହି ବି ସ୍ଥାନୀୟ ବାସିନ୍ଦା ନୁହନ୍ତି । କିଏ ଝାଡ଼ଖଣ୍ଡର ତ ଆଉ କିଏ କର୍ଣ୍ଣାଟକର, କାହାର ଘର ପଶ୍ଚିମବଙ୍ଗରେ ତ ଅନ୍ୟ କିଏ ଆସିଛି ଆନ୍ଧ୍ର ପ୍ରଦେଶରୁ । ଆଉ ମୁଁ ଥିଲି ଏକମାତ୍ର ଓଡ଼ିଆ ଆମ୍ଭମାନଙ୍କ ଭିତରେ । କହିବାକୁ ଗଲେ ଆମ ସମସ୍ତଙ୍କ ଭିତରେ ଥିବା ବିଭେଦତାକୁ ଦେଖିଲେ ଲାଗୁଥିଲା ଏହି ଛୋଟିଆ ଅଭିଯାତ୍ରୀ ଦଳ ସମ୍ପୂର୍ଣ୍ଣ ଭାରତ ବର୍ଷର ଏକ କ୍ଷୁଦ୍ର ପ୍ରତିରୂପ । ଆମ କଲୋନି ତଥା ବିଶ୍ୱବିଦ୍ୟାଳୟର ପ୍ରବନ୍ଧନ ବ୍ୟବସ୍ଥା ବୁଝୁଥିବା ଦେଓଧର ବାବୁ ଉତ୍ତରପ୍ରଦେଶର ଲୋକ । ସେ ଆମକୁ କହିଲେ, "ଆପଣମାନେ କେବେ ଦେଖିନଥିବା ଏଭଳି ଏକ ସ୍ଥାନକୁ ଆଜି ଯିବା, ଯାହାକୁ ଦେଖିଲା ପରେ ଆପଣ ବିଶ୍ୱାସ କରିପାରିବେ ନାହିଁ ଯେ, ରାଜସ୍ଥାନ ଭଳି ଏକ ଐତିହ୍ୟସମ୍ପନ୍ନ ରାଜ୍ୟ, ଯେଉଁଠି ମାଳ ମାଳ ମନ୍ଦିର, ପ୍ରାଚୀର, ପ୍ରାସାଦ ଏବଂ ଦୁର୍ଗ, ସେଇଠି ବି ଏମିତି କିଛି ଗୋଟିଏ ପର୍ଯ୍ୟଟନ ସ୍ଥଳୀ ରହିଛି, ଯାହା ସମ୍ପର୍କରେ ଏଯାଏଁ ଆପଣମାନେ କେହି ଜାଣି ନାହାନ୍ତି ।" ଆମ ସମସ୍ତଙ୍କ ମନରେ ଉତ୍କଣ୍ଠା ବଢୁଥାଏ । ଆମେ ଭାବୁଥିଲୁ କୌଣସି ଅନାଲୋଚିତ ଐତିହାସିକ ସ୍ଥଳୀ ହୋଇଥିବ ବୋଧହୁଏ ।

ଏଣେ ଜୟପୁର-ଆଜ୍‌ମେର୍ ଆଠ ନମ୍ବର ଜାତୀୟ ରାଜପଥରେ ଆଗକୁ ଗଡୁଥାଏ ଆମ ବସ୍ । ବସ୍ ଭିତରେ ବିଭିନ୍ନ ଗୀତର ତାଳେ ତାଳେ ନାଚୁଥାନ୍ତି ଆମ ସାଙ୍ଗରେ ଥିବା ଛୋଟ ପିଲାମାନେ । ଆମ ଯିବା ବାଟରେ ପଡ଼ିଲା ଛୋଟିଆ ସହରଟିଏ- ବଗରୁ । ଜୟପୁର ଜିଲ୍ଲାରେ ଥିବା ଏହି ସ୍ଥାନଟି ପାରମ୍ପରିକ ଭାବେ ପ୍ରସ୍ତୁତ ହେଉଥିବା ବ୍ଲକ୍ ପ୍ରିଣ୍ଟିଂ କପଡ଼ା ପାଇଁ ପ୍ରସିଦ୍ଧ । ଏଠାକାର କପଡ଼ା ଦେଶ ବିଦେଶରେ ବଗରୁ ପ୍ରିଣ୍ଟ୍ ବା ବ୍ଲକ୍ ପ୍ରିଣ୍ଟ୍ ନାଁରେ ସୁଖ୍ୟାତି ଅର୍ଜିଛି । ଦେଓଧର ବାବୁ କହିଲେ, "ଆଗକୁ ଆହୁରି ଯିବାକୁ ପଡ଼ିବ ।" ମୁଁ ପଚାରିଲି, "କୁଆଡ଼େ ନେଉଛନ୍ତି ଆମକୁ ଆପଣ ?" ସେ କହିଲେ, "ଟିକିଏ ଧୈର୍ଯ୍ୟ ରଖନ୍ତୁ । କୌଣସି ଦୁର୍ଗ, ରାଜପ୍ରାସାଦ ବା ଅନ୍ୟ କୌଣସି ସ୍ଥାନକୁ ଯାଉନୁ ଆମେ ।" "ତା ହେଲେ ..", "ତାହେଲେ ଆଉ କଣ .. ଆମେ ଯାଉଛୁ ସ୍ୱିଜରଲ୍ୟାଣ୍ଡ୍ ।"

ଏଇ କଥା ଶୁଣି ଅତି ଜୋରରେ ହସି ଉଠିଲି ମୁଁ । ମୋ ପାଖରେ ବସିଥିବା କର୍ଣ୍ଣେଲ ଶେଖାୱତ୍ ବି ହସି ଉଠିଲେ । ମୁଁ ଭାବିଲି ଗୋଟିଏ ବଡ଼ ଧରଣର ମଜା କରୁଛନ୍ତି ଦେଓଧର ବାବୁ । ସେ କହିଲେ, "ଅପେକ୍ଷା କରନ୍ତୁ । ବ୍ୟସ୍ତ କାହିଁକି ହେଉଛନ୍ତି ।" ଜୟପୁର ସହର ଠୁ ପ୍ରାୟ ଶହେ କିଲୋମିଟର ଗଲା ପରେ ବାଟରେ ପଡ଼ିଲା ଗୋଟିଏ ଛୋଟିଆ ସହର – କିଶନଗଡ଼ । ଡ୍ରାଇଭର୍ ସେଇଠି ରାସ୍ତାର ବାମପଟରୁ ଡାହାଣକୁ ଗାଡ଼ି ବୁଲାଇଲେ । ମୋ ଆଖି ଆଗରେ କେବଳ ଶହ ଶହ ଦୋକାନ, ୱର୍କସପ୍, ଗୋଦାମ ତାହା ପୁଣି କେବଳ ଗୋଟିଏ ଜିନିଷର- ଶଙ୍ଖମଲମଲ ପଥର ବା ମାର୍ବଲ ପଥରର । ମତେ ଲାଗିଲା ବୋଧହୁଏ ଆଗ୍ରାରେ ତାଜ୍‌ମହଲ ନିର୍ମାଣ ପାଇଁ ଏଇଠୁ ହିଁ ସବୁ ମାର୍ବଲ ନିଆଯାଇଥିବ ।

ହଁ, କିଶନଗଡ଼ ... ଭାରତର ମାର୍ବଲ ସିଟି । କେବଳ ଭାରତୀୟ ନୁହେଁ, ବିଦେଶରୁ ଆମଦାନି ହୋଇ ଏଇଠି ବିକ୍ରି ହେଉଛି ବିଦେଶୀ ମାର୍ବଲ । ପତଳାରୁ ଅତି ପତଳା ଏବଂ ମୋଟାରୁ ଅତି ମୋଟା ମାର୍ବଲ ଖଣ୍ଡ ଦେଖିବାକୁ ମିଳୁଥିଲା ସେଇଠି । ପୂରା ଦେଶକୁ ମାର୍ବଲ ଯୋଗାଏ ଏଇ କିଶନଗଡ଼ ।

ଯେହେତୁ ବାଟସାରା ପ୍ରାୟ ୨ କିଲୋମିଟର ଅଞ୍ଚଳରେ କେବଳ ମାର୍ବଲ୍ ଦୋକାନ ଦେଖିବାକୁ ମିଳୁଥିଲା, ମୁଁ ଭାବିଲି ଭୁଲରେ ଏହାକୁ ସ୍ୱିଜରଲ୍ୟାଣ୍ଡ୍ ବୋଲି କହିଦେଲେ ଦେଓଧର ବାବୁ । କିନ୍ତୁ ସେହି ମାର୍ବଲ୍‌ର ଦୋକାନମାଳା ସରିଆସିଲା ବେଳକୁ ଆମ ଗାଡ଼ି ଗୋଟିଏ ନିଷିଦ୍ଧାଞ୍ଚଳ ଭିତରକୁ ପଶିଲା । ଯେଉଁଠି ଫାଟକ ମୁହଁରେ ଜଗି ରହିଥିଲେ କିଛି ସୁରକ୍ଷାକର୍ମୀ । ବସ୍, ଭିତରକୁ ଯାଇ ପ୍ରାୟ ଶହେ ମିଟର ପରେ ଷ୍ଟାର୍ଟ ବନ୍ଦ କଲା । ଡ୍ରାଇଭର୍ କହିଲେ, "ଏଇଠି ସମସ୍ତେ ଓହ୍ଲାଇ ଯାଆନ୍ତୁ ।" ଦେଓଧର ବାବୁ କହିଲେ, "ଆସିଗଲା ଆପଣମାନଙ୍କ ସ୍ୱିଜରଲ୍ୟାଣ୍ଡ୍ ।" ବଡ଼ ଉତ୍କଣ୍ଠାର ସହ ତଳକୁ ଓହ୍ଲାଇ ଆଖି ବୁଲାଇ ଆଣେ ତ, ମୁଁ ନିଜକୁ ନିଜେ ବିଶ୍ୱାସ କରିପାରିଲି ନାହିଁ । ହଁ ସତରେ ତ, ଏଇଠି ତ ଏକ ବିସ୍ତୀର୍ଣ୍ଣ ବରଫ ପ୍ରାନ୍ତର । ଆଖି ଯୁଆଡ଼େ ଯାଉଛି କେବଳ ଧଳା ଫର ଫର ବରଫର ଚାଦର ।

ମୋ ଭଳିଆ ଗାଁ ଗହଳିଆ ଲୋକ ପାଇଁ ସ୍ୱିଜରଲ୍ୟାଣ୍ଡ୍ ଯିବା କଥା ଚିନ୍ତା କରିବା ନିହାତି ଭାବରେ ଗୋଟିଏ ଦିବାସ୍ୱପ୍ନ ଭଳି । ଗାଁରୁ ବାହାରି ନିଜ ଜିଲ୍ଲା, ରାଜ୍ୟ ବା ନିଜ ଦେଶରେ ଥିବା ବିଭିନ୍ନ ପର୍ଯ୍ୟଟନ ସ୍ଥଳୀ ବୁଲିବାର ସୁଯୋଗ ଏ ଯାଏଁ ଆସିନି । ଏଭଳି ସ୍ଥଳେ ତା ଆଖିସାମ୍ନାରେ ସ୍ୱିଜରଲ୍ୟାଣ୍ଡ ଭଳି ଏହି ବିସ୍ତୀର୍ଣ୍ଣ ବରଫ ପ୍ରାନ୍ତର ନିଶ୍ଚିତ ଭାବେ ଅବିଶ୍ୱସନୀୟ ଏବଂ ଅକଳ୍ପନୀୟ । ଏହା କେବଳ





ସ୍ୱିଜରଲ୍ୟାଣ୍ଡ ଭଳି ନୁହେଁ ବରଂ ଆମେ କହିପାରିବା ଏହା ଆଲାସ୍କା, ଗ୍ରୀନ୍‌ଲ୍ୟାଣ୍ଡ କିମ୍ବା କୌଣସି ତୁନ୍ଦ୍ରାଞ୍ଚଳର ଭ୍ରମ, ଯେ କୌଣସି ମଣିଷର ମନରେ ସୃଷ୍ଟି କରିପାରେ । ମୁଁ ମନେ ମନେ ଭାବୁଥାଏ, ରାଜସ୍ଥାନ ଭଳି ଏକ ଉତ୍ତପ୍ତ ଅଞ୍ଚଳରେ ଏମିତି ବରଫର ଚଟାଣ କେମିତି ସମ୍ଭବ ? ହେଲେ ସେ ପ୍ରଶ୍ନର ଉତ୍ତର ମୁଁ କାହାରିକୁ ପଚାରି ପାରୁନଥିଲି । ମାଟି ଉପରେ ଏ ସଫେଦ ଚାଦର ଦେଖି, ସମସ୍ତେ ଦୌଡ଼ିଲେ ସେହି ଆଡ଼କୁ । ମୁଁ ବି ।

ପାଖରେ ପହଞ୍ଚି ଦେଖେ ତ, ଏହା ବରଫ ନୁହେଁ ଧଳା ମାର୍ବଲଗୁଣ୍ଡ । ତାମାନେ ଶହ ଶହ ହେକ୍ଟର ଜମିରେ ପାହାଡ଼ ଭଳି ଗଦା ହୋଇଥିବା ଏବଂ ବରଫ ଭଳି ପ୍ରତୀୟମାନ ହେଉଥିବା ଏହିସବୁ ମାର୍ବଲଗୁଣ୍ଡ ଏଇଠି ଆପେ ଆପେ ସୃଷ୍ଟି ହୋଇନି । ସିଧା ସିଧା କହିଲେ, ଏହା ଗୋଟିଏ ବିରାଟ ଅଳିଆ ଗଦା । ଦେଶର ଅନ୍ୟତମ ବୃହତ୍ ଅଳିଆ ଗଦା ।

ଶହ ଶହ ମାର୍ବଲ କମ୍ପାନି ପ୍ରତିଦିନ ବିଭିନ୍ନ ଯନ୍ତ୍ର ସାହାଯ୍ୟରେ କାଟୁଥିବା ମାର୍ବଲ ପଥରର ଯାହା ସବୁ ବର୍ଜ୍ୟବସ୍ତୁ, ଗୁଣ୍ଡ ଏବଂ କାଦୁଅ ବାହାରେ, ତାକୁ ଟ୍ରକ୍‌ରେ ଲଦି ଏହି ଅଳିଆଗଦାରେ ଆଣି ଢାଳି ଦିଆଯାଏ । ବର୍ଷ ପରେ ବର୍ଷ ଶହ ଶହ ଟ୍ରକ୍‌ରେ ଲଦାହୋଇ ଆସିଥିବା ମାର୍ବଲ ବର୍ଜ୍ୟବସ୍ତୁରୁ ସୃଷ୍ଟି ହୋଇଛି ଏହି କୃତ୍ରିମ ଭୂଖଣ୍ଡ । କିନ୍ତୁ ବରଫର ଭ୍ରମ ସୃଷ୍ଟି କରୁଥିବା ଏହି ଡମ୍ପିଙ୍ଗୟାର୍ଡ କାଳକ୍ରମେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିଛି ।


ମାର୍ବଲଗୁଣ୍ଡ ଓ ବର୍ଜ୍ୟବସ୍ତୁ ଉପରେ ବର୍ଷାପାଣି ପଡ଼ିବା ପରେ ଏଥିରେ ଥିବା ଜିପସମ୍ ତଳେ ଏକ ଆସ୍ତରଣ ସୃଷ୍ଟି କରିଛି । ଏବଂ ସେହି ସଫେଦ ଚାଦର ଉପରେ ପାଣି ଜମିଯାଇ ସୃଷ୍ଟି କରିଛି ଏକ ହ୍ରଦର ଭ୍ରମ । କାଚକେନ୍ଦୁ ଭଳି ପାଣିକୁ ଦେଖିଲେ ଯେ କେହି ବି ଆକର୍ଷିତ ହେବ । ଏହାର ଲାଭ ଉଠାଇବାକୁ ଯାଇ କିଛି ସ୍ଥାନୀୟ ଯୁବକ ଏଠାରେ ତିଆରି କରିଛନ୍ତି ଫଟୋଗ୍ରାଫି ପଏଣ୍ଟ । ଆଜିକାଲି ଚାଲିଥିବା ବିବାହ ପୂର୍ବବର୍ତ୍ତୀ ଫଟୋ ଶୁଟିଂ ବା ପ୍ରି-ୱେଡିଂ ଫଟୋ ଶୁଟିଂ ପାଇଁ ଏହି ସ୍ଥାନ ପାଲଟି ଯାଇଛି ଏକ ଆକର୍ଷଣର କେନ୍ଦ୍ର ।

କେବଳ ସେତିକି ନୁହେଁ, ଏଠାରେ ଜମି ହୋଇ ରହିଥିବା ପାଣିରେ ଗୋଟିଏ ଛୋଟିଆ ହୁଲିଡଙ୍ଗା ପକାଇ ପର୍ଯ୍ୟଟକଙ୍କୁ ଆକର୍ଷିତ କରାଉଛନ୍ତି ।

ଆମ ପୁରୀର ବେଳାଭୂମିରେ ରାଜସ୍ଥାନରୁ ଅଣାଯାଇଥିବା ଓଟକୁ ଯେମିତି ବୁଲାଯାଇ ପର୍ଯ୍ୟଟକଙ୍କୁ ଆକର୍ଷିତ କରାଯାଉଛି, ଠିକ୍ ସେମିତି ସେଇଠି ମୋ ନଜରକୁ ଆସିଥିଲେ ଦୁଇଜଣ ତରୁଣ ବୟସର ପିଲା । ଉଭୟ ଗୋଟିଏ ଘୋଡ଼ାକୁ ଆଣିଥାନ୍ତି ସେଠାକୁ । ପର୍ଯ୍ୟଟକଙ୍କୁ ଘୋଡ଼ା ପିଠିରେ ବସାଇ ସେଇଠି ବୁଲାଇ ଆଣିଲେ ତାଙ୍କ ମନ ଖୁସ୍ । ଏଣେ ଏମାନଙ୍କୁ ମିଳିଯାଉଛି କିଛି ପାରିଶ୍ରମିକ । ଅନୁରୂପ ଭାବରେ ଦିନକୁ ଦିନ ବଢ଼ୁଥିବା ପର୍ଯ୍ୟଟକଙ୍କ ସଂଖ୍ୟାକୁ ନଜରରେ ରଖି, ବିଭିନ୍ନ ସ୍ଥାନରେ କିଛି କିଛି ଉଦ୍ଭଟ ସ୍ଥାପତ୍ୟ, ପଥର ଖଣ୍ଡ, ଶୃଙ୍ଖଳା କାଠଗଣ୍ଡି ଆଦି ରଖାଯାଇଛି । ଯାହା ପାଲଟି ଯାଉଛି ବିଭିନ୍ନ ଫଟୋପ୍ରେମୀ ପର୍ଯ୍ୟଟକଙ୍କ ଫଟୋଫ୍ରେମ୍‌ରେ ଗୋଟିଏ ଗୋଟିଏ ଅବିଚ୍ଛେଦ୍ୟ ଅଂଶ ।

ଆମ ସାଙ୍ଗରେ ଥିବା ପିଲାମାନେ ଖୁସିରେ ଡେଉଁଥାନ୍ତି । କିଏ ମାର୍ବଲଗୁଣ୍ଡର ପାହାଡ଼ ଉପରେ ଚଢ଼ି ଯାଉଥାଏ ତ ଆଉ କିଏ ସେଠାରେ ସୃଷ୍ଟି ହୋଇଥିବା ପାଣି ଗୋହିରୀ ଭିତରେ ଖେଳୁଥାଏ । ଆମେ ସମସ୍ତେ ଗୋଟିଏ ଗ୍ରୁପ୍ ଫଟୋ ଉଠାଇଲୁ ସେଇଠି ।

ସ୍ଥାନୀୟ ଯୁବକଙ୍କ ସହିତ କଥାବାର୍ତ୍ତାରୁ ଜାଣିପାରିଲି ଯେ, ସ୍ୱିଜରଲ୍ୟାଣ୍ଡ ଓ ତାର ବରଫର ଭ୍ରମ ସୃଷ୍ଟି କରୁଥିବାରୁ, ଏଠାକୁ ବିଭିନ୍ନ ସିନେମା ନିର୍ଦ୍ଦେଶକ ଓ ପ୍ରଯୋଜକ ଆସି ନିଜ କମ୍ ବଜେଟ୍‌ର ଫିଲ୍ମ ଶୁଟିଂ କରିଛନ୍ତି । ପ୍ରଖ୍ୟାତ ହାସ୍ୟ ଅଭିନେତା କପିଲ ଶର୍ମାଙ୍କ ଫିଲ୍ମ 'କିସ୍ କିସ୍‌କୋ ପ୍ୟାର୍ କରୁଁ', ନୋରା ଫତେହିଙ୍କ ଆଲବମ୍ ଗୀତ 'ଛୋଡ଼ ଦେଙ୍ଗେ', ଟାଇଗର୍ ଶ୍ରଫ୍‌ଙ୍କ 'ବାଗୀ-୩'ର କିଛି ଗୀତ, ହନି ସିଂ ଓ ନୁସରତ ଭରୁଚ୍ଚାଙ୍କ ଗୀତ 'ସୈୟାଁ ଜୀ' ଏବଂ ସଲମାନ ଖାଁ ଓ ସୋନାକ୍ଷୀ ସିହ୍ନାଙ୍କ 'ଦବଙ୍ଗ' ଫିଲ୍ମର ଗୀତ 'ୟୁଁ କରକେ' ଏଠାରେ ଶୁଟିଂ ହୋଇଛି । ତେଣୁ ବଲିଉଡ୍ ପାଇଁ ଏଇ କିଶନଗଡ଼ର ଅଳିଆଗଦା





ପାଲଟିଛି ସ୍ୱିଜରଲ୍ୟାଣ୍ଡ । କେହି କେହି ଏହାକୁ କହନ୍ତି ସ୍ୱିଜରଲ୍ୟାଣ୍ଡ ଅଫ୍ ରାଜସ୍ଥାନ । ଆଉ କିଏ କହେ, ମୁନ୍ ଲ୍ୟାଣ୍ଡ ଅଫ୍ ରାଜସ୍ଥାନ । ଅଳିଆଗଦା ଯେ ଏତେ ଆକର୍ଷଣୀୟ ହୋଇପାରେ, ତାହା କେବଳ ଏଠାକୁ ଆସିଲା ପରେ ହିଁ ଜଣେ ଅନୁଭବ କରିପାରିବ ।

ଯଦି ଆପଣ କେବଳ ଏଠାକୁ ବୁଲିବା ପାଇଁ ଯିବାକୁ ଚାହାନ୍ତି, ତାହେଲେ ଯୋଜନା କରନ୍ତୁ ନାହିଁ । ହଁ, ଯଦି ଆପଣ ଜୟପୁର, ଆଜମେର୍ ଏବଂ ପୁଷ୍କର ଭ୍ରମଣର ଯୋଜନା ରଖିଛନ୍ତି, ତାହେଲେ ସେଥିରେ ଏହି ସ୍ଥାନକୁ ନିଶ୍ଚିତ ସାମିଲ କରନ୍ତୁ । ମାତ୍ର ଘଣ୍ଟାଏ ଦୁଇଘଣ୍ଟା ଭିତରେ ଆପଣ ଏଠାରେ ବୁଲାବୁଲି ସାରି ପୁଣି ଆଗକୁ ବଢ଼ି ପାରିବେ ।

ହଁ, ଆପଣ ଯଦି ସିନେମା ପ୍ରଯୋଜନା କରୁଛନ୍ତି ଏବଂ ବଜେଟ୍ କମ୍ ଅଛି, ତାହେଲେ ସ୍ୱିଜରଲ୍ୟାଣ୍ଡ ଯିବାର ଯୋଜନା ନକରି ଏଠାକୁ ଆସିପାରିବେ । ଯେଉଁ ସବୁ ସିନେମା ଓ ଆଲବମ୍ ଗୀତ କଥା ମୁଁ କହିଛି, ତାକୁ ଦେଖି ଦେଲେ ଆପଣ ନିଶ୍ଚିତ ଭାବେ ଜାଣି ପାରିବେ ଯେ ପ୍ରକୃତରେ ଏହା ଆପଣଙ୍କ କାମର କି ନୁହେଁ । ତେବେ ଯଦି ଏଠାକୁ ସିଧାସଳଖ ଯିବାକୁ ଚାହାନ୍ତି, ତାହେଲେ ଏହି କିଶନଗଡ଼ ପାଇଁ ଦିଲ୍ଲୀରୁ ଟ୍ରେନ୍, ବସ୍ ଏବଂ ବିମାନ ସେବାର ସୁବିଧା ରହିଛି । ମାର୍ବଲ ନଗରୀ କିଶନଗଡ଼ର ମାର୍ବଲ ଡମ୍ପିଙ୍ଗ୍ ୟାର୍ଡ ଯେ କେବଳ ଆକର୍ଷଣ ତା ନୁହେଁ । ରାଜସ୍ଥାନର ଆଜମେର୍ ଜିଲ୍ଲାରେ ଥିବା ରାଜପୁତାନାର ଏହି କ୍ଷୁଦ୍ର ରାଜ୍ୟର ଫୁଲମହଲ ରାଜପ୍ରାସାଦ, କିଶନଗଡ଼ ଦୁର୍ଗ ଏବଂ ଗୋଣ୍ଡୁଲାବ ହ୍ରଦ ବି ପର୍ଯ୍ୟଟକଙ୍କ ପାଇଁ ଗୋଟିଏ ଗୋଟିଏ ପ୍ରମୁଖ ଆକର୍ଷଣର କେନ୍ଦ୍ର ।


ଆମ ସାଙ୍ଗରେ ଥିବା ସମସ୍ତେ ମନ ଭରି ଏଠାରେ ଫଟୋ ଉଠାଇବା ପରେ ଆମେ ପୁଣି ବଢ଼ିଲୁ ଆଗକୁ । ଏଣେ ଧୀରେ ଧୀରେ ଭୋକ ବଢୁଥାଏ । ଏହା ସହ ଖରାରେ ମାର୍ବଲ ଗୁଣ୍ଡର ଚଟାଣ ଉପରେ ଅଧିକ ସମୟ ରହିଯିବା ପରେ ଶୋଷରେ ତଣ୍ଟି ବି ଶୁଖି ଯାଉଥାଏ । ତେବେ ଶୀତତାପ ନିୟନ୍ତ୍ରିତ ବସ୍‌ରେ ବସିଯିବା ପରେ ପୁଣି ସବୁ ଠିକ୍ ଠାକ୍ । ଆଗକୁ ବଢ଼ିଲୁ । ହେଲେ ଆଜ୍‌ମେର୍ ଶରିଫ୍ ଯିବାର କୌଣସି ଯୋଜନା ନଥିଲା । ଆମର ଉଦ୍ଦେଶ୍ୟ ଥିଲା କୌଣସି ଏକ ନୂଆ ସ୍ଥାନ ଦେଖିବା ପାଇଁ ।

କିଶନଗଡ଼ରୁ ପ୍ରାୟ ୨୦ କିଲୋମିଟର ଗଲା ପରେ ବାଟରେ ପଡ଼ିଲା ଏକ ମନମୁଗ୍ଧକର ଦର୍ଶନୀୟ ସ୍ଥାନ ଶ୍ରୀଜ୍ଞାନୋଦୟ ତୀର୍ଥକ୍ଷେତ୍ର ବା ନରେଲି ଜୈନ ମନ୍ଦିର । ଆଜ୍‌ମେର୍ ସିଟି ସେଣ୍ଟର ଠାରୁ ମାତ୍ର ୭ କିଲୋମିଟର ଦୂରରେ ଆରାବଳୀ ପର୍ବତମାଳାର ଏକ ପାହାଡ଼ ଉପରେ ପ୍ରତିଷ୍ଠା ହୋଇଛି ଏହି



ତୀର୍ଥକ୍ଷେତ୍ର । ଏହି ଦିଗମ୍ବର ଜୈନ ମନ୍ଦିରକୁ ପ୍ରତିଷ୍ଠା କରିଛନ୍ତି ଦିନନାଥ ଜୀ ଜୈନ ଏବଂ ତାଙ୍କ ପୁତ୍ର ଦୀପକ ଜୈନ । ପ୍ରାୟ ଶହେ କୋଟି ଟଙ୍କାରେ ନିର୍ମିତ ଏହି ମନ୍ଦିରକୁ ଜଣେ ସ୍ଥାନୀୟ ମାର୍ବଲ ବ୍ୟବସାୟୀ ଅଶୋକ ପାଟନୀ ନିର୍ମାଣ କରିଛନ୍ତି ।

ତେବେ ମନ୍ଦିର ବୁଲିବା ପୂର୍ବରୁ ପ୍ରଥମେ ଟିକିଏ ପେଟପୂଜା କରିବାର ଆବଶ୍ୟକତା ଥିଲା । ତେଣୁ ଆମେ ସମସ୍ତେ ପାହାଡ଼ ପାଦଦେଶରେ ଥିବା ଆଚାର୍ଯ୍ୟ ଗୁରୁ ଜ୍ଞାନସାଗର ଏବଂ ଆଚାର୍ଯ୍ୟ ଗୁରୁ ବିଦ୍ୟାସାଗର (ଉଭୟ ଜୈନ ଧର୍ମଗୁରୁ)ଙ୍କ ଆଶ୍ରମ ଭୋଜନାଳୟରେ ପହଞ୍ଚିଲୁ । ସେଇଠି ସମସ୍ତଙ୍କ ପାଇଁ ଖାଦ୍ୟ





କୁପନ୍ ବ୍ୟବସ୍ଥା କରାଯାଇଥିଲା । ଭୋଜନାଳୟରେ ମିଳିଲା ଜୈନ ଭୋଜନ । ବିନା ପିଆଜ ରସୁଣର ଶୁଦ୍ଧ ଶାକାହାର ଭୋଜନ । ରାଜସ୍ଥାନୀ ଜୈନ ଭୋଜନ ପେଟେ ଖାଇଦେଲା ପରେ ଆଉ ଦୁଇ ପାଦ ବି ଆଗକୁ ବଢ଼ିବାକୁ ସାହସ ହେଉନଥାଏ । କାରଣ ପାହାଡ଼ ଉପରେ ଥିବା ୨୪ଟି ଜୈନ ତୀର୍ଥଙ୍କର ମନ୍ଦିର ଦେଖିବା ପାଇଁ ପାହାଡ଼ ଚଢ଼ିବାକୁ ହେବ । ସୌଭାଗ୍ୟବଶତଃ ସେହି ପାହଡ଼ ଉପରକୁ ଚଢ଼ିବା ପାଇଁ ରହିଥିବା ଅତି ସୁନ୍ଦର ଭାବେ ଚିତ୍ରିତ ପ୍ରଶସ୍ତ ରାସ୍ତା ସମସ୍ତଙ୍କୁ ନିଶ୍ଚିତ ରୂପେ ଟାଣିନେବ । ଆମ ବସ୍ ସମସ୍ତଙ୍କୁ ନେଇ ନରେଲିର ପାହାଡ଼ ଚଢ଼ିଲା । ବସ୍ ଯେତେ ଉପରକୁ ଚଢୁଥାଏ, ମନେ ହେଉଥାଏ ସତେ ଯେମିତି ଆମେ ସ୍ୱର୍ଗାରୋହଣ କରୁଛୁ । ଉପରେ ପହଞ୍ଚିଲା ପରେ ନରେଲି ଓ ଆଜ୍‌ମେର୍ ସହରର ବିହଙ୍ଗାବଲୋକନ କରିପାରୁଥିଲୁ ଆମେ । ଅତ୍ୟନ୍ତ ମନୋରମ ସେ ଦୃଶ୍ୟ । ପାହାଡ଼ ପାଦଦେଶରୁ ଛୋଟ ଛୋଟ ଦେଖା ଯାଉଥିବା ମନ୍ଦିରମାଳା ଉପରକୁ ଆସିଲା ପରେ ଆହୁରି ଆକର୍ଷଣୀୟ ମନେ ହେଉଥିଲା । ଏହି ଜ୍ଞାନୋଦୟ ତୀର୍ଥକ୍ଷେତ୍ର ତଳୁ ଉପର ଯାଏଁ ଲମ୍ବିଛି । ପାହାଡ଼ ତଳେ ମୁଖ୍ୟ ଜ୍ଞାନୋଦୟ ଦିଗମ୍ବର ଜୈନ ମନ୍ଦିର ରହିଥିଲା ବେଳେ ଉପରେ ରହିଛି ଜୈନ ଧର୍ମର ୨୪ ତୀର୍ଥଙ୍କର ୨୪ଟି ମନ୍ଦିର । ତା ସାଙ୍ଗରେ ଉପରେ ବି ଗୋଟିଏ ମୁଖ୍ୟ ମନ୍ଦିରରେ ଜୈନ ଧର୍ମର ୨୩ ତମ ତୀର୍ଥଙ୍କର ପାର୍ଶ୍ୱନାଥ ପୂଜା ପାଉଛନ୍ତି । ତାଙ୍କ ସହିତ ଶେଷ ତୀର୍ଥଙ୍କର ମହାବୀର ଜୈନ ଏବଂ ଦଶମ ତୀର୍ଥଙ୍କର ଶୀତଳନାଥ ପୂଜିତ ହେଉଛନ୍ତି । ପାହାଡ଼ ଉପରୁ ମୁଖ୍ୟ ଜ୍ଞାନୋଦୟ ମନ୍ଦିରର ଦୃଶ୍ୟ ଅତି ସୁନ୍ଦର ଓ ମନୋମୁଗ୍ଧକର ।

ଆମେ ସମସ୍ତେ ପୁଣି ଗାଡ଼ିରେ ବସିଲୁ । ଧୀରେ ଧୀରେ ତଳକୁ ଗଡ଼ିଲା ଗାଡ଼ି । ଦେଓଧର ବାବୁ ଓ ଆଉ ଚାରିଜଣ ପ୍ରଫେସର ପାହଡ଼ରୁ ତଳକୁ ଲମ୍ବି ଆସିଥିବା ପାହାଚରେ ଖସିଲେ । ସେମାନେ ଆମ ବସ୍ ତଳକୁ ଆସିବା ବେଳର ଫଟୋ ଏବଂ ଭିଡିଓ ରେକର୍ଡିଂ କରିବାକୁ ଚାହୁଁଥିଲେ । ତଳେ ଆସି ଯେତେବେଳେ ମୁଖ୍ୟ ମନ୍ଦିରରେ ପହଞ୍ଚିଲୁ, ଲାଗିଲା ସତେ ଯେମିତି ଆମେ କେଉଁ ଏକ ସ୍ୱର୍ଗୀୟ ବାତାବରଣ ଭିତରେ ଅଛୁ । ଚାରିଆଡ଼େ ସୁନ୍ଦର ବଗିଚା । ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନଙ୍କ ବିଶ୍ରାମ ପାଇଁ ମଝିରେ ମଝିରେ ମାର୍ବଲର ବେଞ୍ଚ । ରଙ୍ଗ ବେରଙ୍ଗର ଫୁଲଙ୍କ ପସରା । ସୁନ୍ଦର ଘାସର ଗାଲିଚା । ମନ୍ଦିର ସମ୍ମୁଖରେ ଏକ ସୁନ୍ଦର ଦୀପସ୍ତମ୍ଭାକୃତିର ସ୍ତମ୍ଭ ।


ଅପରାହ୍ଣ ପ୍ରାୟ ତିନିଟା । ମୁଖ୍ୟ ମନ୍ଦିରର ପାହାଚ ଚଢ଼ିଲା ବେଳେ ମନେ ହେଉଥିଲା ଯେମିତି ଏକ ପ୍ରାଚୀନ କୀର୍ତ୍ତି ଭିତରକୁ ଆମେ ପ୍ରବେଶ କରୁଛୁ । ମନ୍ଦିରର ଗର୍ଭଗୃହରେ ମହାବୀରଙ୍କ ଏକ ବିଶାଳ ମୂର୍ତ୍ତି । ଲାଗୁଥିଲା ଯେମିତି ସହସ୍ରାଧିକ ବର୍ଷ ଧରି ସମଗ୍ର ବିଶ୍ୱର ଏବଂ ସକଳ ଜୀବଜଗତର ମଙ୍ଗଳକାମନା କରି ସେ ଧ୍ୟାନମଗ୍ନ । ସେହି ଧ୍ୟାନରତ ମହାବୀରଙ୍କ ସମ୍ମୁଖରେ ଚଟାଣରେ ବସିପଡ଼ିଲୁ ସମସ୍ତେ । କେହି କାହାକୁ କିଛି କହିନାହାନ୍ତି । ଦୁଇ ମିନିଟ୍ ଭିତରେ ସମସ୍ତେ ନୀରବ, ମୌନ ଏବଂ ଧ୍ୟାନମଗ୍ନ । ଆଖି ବନ୍ଦ କରି ପାଖାପାଖି ଦଶ ମିନିଟ୍ ଧ୍ୟାନ କରିଲା ବେଳେ ଏକ ଅଦ୍ଭୁତ ଅନୁଭୂତି ହେଉଥିଲା, ଯାହା ଅବର୍ଣ୍ଣନୀୟ ଏବଂ ଅବିସ୍ମରଣୀୟ ।

ମହାବୀରଙ୍କୁ ପ୍ରଣାମ କରି ବାହାରିଲୁ ଆମେ । ବାହାରେ ମନ୍ଦିରର କାରୁକାର୍ଯ୍ୟ ଦେଖିଲେ ଲାଗୁଥିଲା ଯେମିତି କି କେହି ଜଣେ ପଥର ଦେହରେ ଫୁଲ ଫୁଟାଇ ଦେଇଛି । ଉଭୟ ପ୍ରାଚୀନ ଓ ଆଧୁନିକ ସ୍ଥାପତ୍ୟକଳାର ମହାମିଳନ ଘଟିଛି ଏଇଠି । ମନ୍ଦିର ପାର୍ଶ୍ୱରେ ଥିବା ଗୋଟିଏ ସୁନ୍ଦର ପାର୍କରେ ଘାସ ଗାଲିଚା ଉପରେ ଯାଇ ବସିଲୁ ସମସ୍ତେ । ପିଲାମାନେ ସେହି ପାର୍କରେ ଖେଳିବାରେ ବ୍ୟସ୍ତ, ଆଉ ମୁଁ ଖୋଜି ବୁଲୁଥାଏ ଆଉ କିଛି ନୂଆ ତଥ୍ୟ କି ସୂଚନା ମିଳିବ କି । ପାର୍କ ଭିତରେ ପ୍ରତିଷ୍ଠା କରାଯାଇଛି ଦୁଇଟି ସୁନ୍ଦର କାରୁକାର୍ଯ୍ୟ ପୂର୍ଣ୍ଣ କୀର୍ତ୍ତିସ୍ତମ୍ଭ । ଦିଗମ୍ବର ଜୈନଗୁରୁ ଆଚାର୍ଯ୍ୟ ଜ୍ଞାନସାଗର ଏବଂ ଗୁରୁ ବିଦ୍ୟାସାଗରଙ୍କ ନାମ ଅନୁସାରେ ଏହି ଦୁଇଟି କୀର୍ତ୍ତିସ୍ତମ୍ଭକୁ ନାମିତ କରାଯାଇଛି ।

ବେଳ ନଇଁ ଆସୁଥାଏ, ସେହି ଜୈନ ଆଶ୍ରମ ପରିସରରେ କୁଲହଡ଼ ଚା’ ବା ମାଟି ଗିଲାସରେ ଚା’ ପିଇ ଦେଇ ବସ୍‌ରେ ବସିଲୁ ସମସ୍ତେ । ବାଟସାରା ଚାଲିଥାଏ ଅନ୍ତାକ୍ଷରୀ । ମଝିରେ ମଝିରେ କର୍ଣ୍ଣେଲ ଶେଖାୱତ୍ ନିଜ ବ୍ୟାଗ୍‌ରୁ ଡାଏରୀ ବାହାର କରି ପିଲାମାନଙ୍କ ଜ୍ଞାନପରୀକ୍ଷା କରିବାରେ ବ୍ୟସ୍ତ । ଏଣେ ପିଲାମାନେ ବି ଗୋଟିଏ ପରେ ଗୋଟିଏ ପ୍ରଶ୍ନକୁ ପରବର୍ତ୍ତୀ ପିଲା ପାଖକୁ ପାସ୍ କରିଦେଇ ନିଜ ଦୁନିଆରେ ମସ୍‌ଗୁଲ୍ । ଅନ୍ଧାର ହେଲା ବେଳକୁ କ୍ୟାମ୍ପସ୍ ଭିତରକୁ ପଶି ସାରିଥିଲା ଆମ ବସ୍ ।



# ନମସ୍ୟ ନିରାଳା




# ନିରାଲାଙ୍କ ନିକଟରେ ମୁହୂର୍ତ୍ତଟିଏ


**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ପୂର୍ବତନ ବିଭାଗ ମୁଖ୍ୟ: ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର-୭୫୬୦୮୯

ଫୋନ: ୯୯୩୭୩୬୫୬୯୮


ଫଟୋ ସୌଜନ୍ୟ : ଲେଖକ ଓ ଗୁଗୁଲ୍





◄ ଲେଖକ ପ୍ରଫେସର ମଣୀନ୍ଦ୍ର କୁମାର ମେହେର

୧୯୯୭ ମସିହାରେ ଯେତେବେଳେ ମିଳିଥିଲା ପ୍ରଥମ ସୁଯୋଗ ଶାନ୍ତି ନିକେତନ ଯିବା ପାଇଁ, ତାହାର ଶିହରଣ ଥିଲା ନିଶ୍ଚୟ ସ୍ୱତନ୍ତ୍ର । କୋଲ୍‌କାତାରୁ ପୂର୍ବାହ୍ନ ଦଶଟାରେ ଆମେ ଟ୍ରେନ୍‌ରେ ଯାତ୍ରାରମ୍ଭ କରିଥିଲୁ ଶାନ୍ତି ନିକେତନ ଉଦ୍ଦେଶ୍ୟରେ । ସେଠାରେ ପହଞ୍ଚିବା ବେଳକୁ ମଧ୍ୟାହ୍ନ ଗୋଟାଏ ଅତକ୍ରମ କରି ସାରିଥିଲା । ମୁଁ କଳ୍ପନାରେ ସୁଦ୍ଧା ଭାବିପାରି ନଥିଲି ଯେ ଶାନ୍ତି ନିକେତନ ପରିସରକୁ ପହଞ୍ଚିବା ମାତ୍ରକେ ଜଣେ ମହାନ ସାହିତ୍ୟ ସାଧକଙ୍କ ନିକଟ-ସାନ୍ନିଧ୍ୟ ଲାଭ କରିପାରିବି ।

ଯେଉଁମାନେ ପାର୍ଥିବ ଶରୀର ତ୍ୟାଗ କରି ଏ ମର୍ତ୍ତ୍ୟଭୂମିରୁ ବିଦାୟ ନେଇ ସାରିଛନ୍ତି, ସେମାନଙ୍କ ସନ୍ନିକଟବର୍ତ୍ତୀ ହେବା ସମ୍ଭବ ନୁହେଁ ବୋଲି ଯଦି ଭାବୁଥାନ୍ତି ମୁଁ, ତା'ହେଲେ ରବୀନ୍ଦ୍ରନାଥଙ୍କ କୋଳ ମଣ୍ଡନ କରିବା ସକାଶେ ଶାନ୍ତିନିକେତନକୁ ଆସିଥାନ୍ତି କାହିଁକି ? ସମସ୍ତ ଉଚ୍ଚକୋଟୀର ମାନବାତ୍ମା ଓ ସାହିତ୍ୟ ଶିଳ୍ପୀଙ୍କ ସୂକ୍ଷ୍ମ ଉପସ୍ଥିତି ଯେକୌଣସି ସମୟରେ ଲାଭ କରାଯାଇପାରେ- ଏହି ବିଶ୍ୱାସ ମଧ୍ୟରେ ବଞ୍ଚିଥିବା ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପରିବାରରେ ମୋର ଅର୍ଥପୂର୍ଣ୍ଣ ଆବିର୍ଭାବ ସମ୍ଭବ ହୋଇଛି ବୋଲି ମୋର ଦୃଢ଼ ଆତ୍ମପ୍ରତ୍ୟୟ । କେବେ ବି ଭାବି ନାହିଁ ମୁଁ ଯେ, ଗଙ୍ଗାଧରଙ୍କ ସ୍ନେହସିକ୍ତ ଆଶୀର୍ବାଦରୁ ବଞ୍ଚିତ ରହିଛି ବୋଲି । ଠିକ୍ ସେହିପରି ବିଶ୍ୱକବି ରବୀନ୍ଦ୍ରନାଥ, ମହାତ୍ମାଗାନ୍ଧୀ, ସ୍ୱାମୀ ବିବେକାନନ୍ଦ ପ୍ରମୁଖ ବ୍ୟକ୍ତିତ୍ୱଙ୍କ ଅବସାନ ଅସମ୍ଭବ ବୋଲି କେବେ ବି ଭାବିପାରି ନାହିଁ ।

ବର୍ତ୍ତମାନ ଯେଉଁ ମହାନ୍ ସାହିତ୍ୟ ଶିଳ୍ପୀଙ୍କ ସମ୍ପର୍କରେ ମୁଁ କହିବାକୁ ଯାଉଛି ସେ ହେଉଛନ୍ତି ହିନ୍ଦୀ ସାହିତ୍ୟର ସୁପ୍ରସିଦ୍ଧ କବି, ଔପନ୍ୟାସିକ, ପ୍ରାବନ୍ଧିକ, କ୍ଷୁଦ୍ରଗଳ୍ପ ଲେଖକ 'ନିରାଲା' । ଏହି ମହାନ୍ ଲେଖକ ନିରାଲାଙ୍କ ପ୍ରକୃତ ନାମ ହେଉଛି ସୂର୍ଯ୍ୟକାନ୍ତ ତ୍ରିପାଠୀ । ଫେବୃଆରୀ ୨୧ ତାରିଖ ୧୮୯୭ ମସିହାରେ ତାଙ୍କର ଆବିର୍ଭାବ ଓ ଅକ୍ଟୋବର ୧୩ ତାରିଖ ୧୯୬୧ ମସିହାରେ ତାଙ୍କର ଦେହାବସାନ । ୧୮୯୭ରେ ଜନ୍ମିତ ଏହି ଭାରତୀୟ କବି ଓ ଲେଖକ ନିରାଲାଙ୍କ ଜନ୍ମ ଶତବାର୍ଷିକୀ ଅନୁଷ୍ଠିତ ହେଉଥିଲା ୧୯୯୭ ମସିହାରେ ସର୍ବତ୍ର । ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ସ୍ଥିତ ହିନ୍ଦୀ ଭବନରେ ଠିକ୍ ଯେଉଁ ସମୟରେ ପାଳିତ ହେଉଥାଏ ତାଙ୍କର ଏହି ଶତବାର୍ଷିକୀ ଜୟନ୍ତୀ ଉତ୍ସବ ଠିକ୍ ସେହି ସମୟରେ ହିଁ ଆମେ ପହଞ୍ଚିଥିଲୁ ଶାନ୍ତି ନିକେତନର ହିନ୍ଦୀ ବିଭାଗରେ । ବରପାଲିରୁ ଯାଇ ଶାନ୍ତି ନିକେତନ ଠାରେ ନିଜକୁ ନମଜିତ କରି ଦେଇଥିବା ମୋର ପ୍ରିୟ ଛାତ୍ର ବର୍ତ୍ତମାନ ଓଡ଼ିଶାର ଜଣେ ବିଶିଷ୍ଟ କବି, ଗାଳ୍ପିକ ଓ ଗବେଷକ ଡକ୍ଟର ଲକ୍ଷ୍ମଣ କୁମାର ପଧାନ ଆମକୁ ଅର୍ଥାତ୍ ମୋତେ, ଡକ୍ଟର ଶୁକମୁନି ମେହେର ଓ ଆମର ପ୍ରିୟ ପୁତ୍ର ପ୍ରୀତିଶ, ପ୍ରତୀକଙ୍କୁ ନେଇ ବସିବାର ସୁବ୍ୟବସ୍ଥା କରିଦେଇଥିଲେ ଉକ୍ତ ଜୟନ୍ତୀ ସଭାରେ । ଆମ ସମ୍ମୁଖରେ ଯାହାଙ୍କର ସୁସଜ୍ଜିତ ପ୍ରତିଛବି ମନକୁ ଟାଣି ନେଉଥିଲା ଚୁମ୍ବକୀୟ ଆକର୍ଷଣରେ ତାହା ହେଲା ପୂଜ୍ୟ ନିରାଲାଙ୍କ ପ୍ରାଣବନ୍ତ ଉପସ୍ଥିତି । ହିନ୍ଦୀ ସାହିତ୍ୟର ବିଶିଷ୍ଟ ବିଜ୍ଞ ଅଧ୍ୟାପକ ଓ ପ୍ରଫେସର ବୃନ୍ଦ ନିରାଲାଙ୍କ ସମ୍ପର୍କରେ ପ୍ରଦାନ କରୁଥାନ୍ତି ପ୍ରାଣପୂର୍ଣ୍ଣ ଭାଷଣ । ସେହି ଭାଷଣରେ ନଥିଲା କୌଣସି କୃତ୍ରିମତା କିମ୍ବା ଜ୍ଞାନ ପ୍ରଦର୍ଶନର ମନୋବୃତ୍ତି । ଆଲୋଚକମାନେ ଏତେ ଧୀର ଶାନ୍ତ, ସ୍ଥିର ଚିତ୍ତରେ ନିରାଲାଙ୍କ ସାହିତ୍ୟ ସାଧନାର ସ୍ୱାତନ୍ତ୍ର ଉପରେ ଆଲୋକପାତ କରୁଥାନ୍ତି ଓ ନିରାଲାଙ୍କ ଉଦ୍ଦେଶ୍ୟରେ ଭକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଥାନ୍ତି ଯେ ମନେ ହେଉଥାଏ ସତେ ଯେପରି ବୃକ୍ଷ ଛାୟାର ଶୀତଳ ପରିବେଶ ମଧ୍ୟରେ ଆମେ ଉପବିଷ୍ଟ ।

ନିରାଲା ବଙ୍ଗଳା ପ୍ରେସିଡେନ୍‌ସୀର କାନ୍ୟକୁବ୍ଜ ବ୍ରାହ୍ମଣ ପରିବାରରେ ହୋଇଥିଲେ ଆବିର୍ଭୂତ । ଯେତେବେଳେ ସେ ଯୌବନରେ ପଦାର୍ପଣ କରିଥିଲେ ସେତେବେଳେ ହରାଇଥିଲେ ନିଜ ସ୍ନେହମୟୀ ଜନନୀଙ୍କୁ । ବଙ୍ଗଳା ମାଧ୍ୟମରେ ସେ ସ୍କୁଲ ଶିକ୍ଷା ସମାପ୍ତ କରିଥିଲେ । ଉଦ୍‌ବୋଧିତ



ହୋଇଥିଲେ ରାମକୃଷ୍ଣ ପରମହଂସ ସ୍ୱାମୀ ବିବେକାନନ୍ଦ ଓ ବିଶ୍ୱ କବି ରବୀନ୍ଦ୍ରନାଥଙ୍କ ବ୍ୟକ୍ତିତ୍ୱର ଆଭାରେ । ପରବର୍ତ୍ତୀ ସମୟରେ ତାଙ୍କ ସହଧର୍ମିଣୀ ମନୋହରା ଦେବୀଙ୍କ ପ୍ରେରଣାରେ ସେ ଲେଖିବାକୁ ଲାଗିଲେ ହିନ୍ଦୀ ଭାଷାର କବିତା ଓ ଗଳ୍ପଗୁଚ୍ଛ । ତାଙ୍କ ଜୀବନ ଥିଲା କାରୁଣ୍ୟମୟ । ସେ ଅକାଳରେ ହରାଇଥିଲେ ନିଜର ପତ୍ନୀ ଓ ସୁକନ୍ୟାଙ୍କୁ । ସେ ସାମାଜିକ ଅନ୍ୟାୟ ଓ ଶୋଷଣ ବିରୁଦ୍ଧରେ ଲେଖନୀ ଚାଳନା କରିଥିଲେ ସାରା ଜୀବନ । ତାଙ୍କର ସୁପ୍ରସିଦ୍ଧ ରଚନାବଳୀ ଅନୁବାଦ ମାଧ୍ୟମରେ ଇଂରାଜୀ ଓ ଭାରତୀୟ ଭାଷା ମାଧ୍ୟମରେ ପହଞ୍ଚିଥିଲା ସହୃଦୟ ପାଠକମାନଙ୍କ ନିକଟରେ । ତାଙ୍କ ସୁପ୍ରସିଦ୍ଧ ସାହିତ୍ୟ କୃତି ମଧ୍ୟରେ ରହିଛି 'ରାମ୍ କି ଶକ୍ତି ପୂଜା', 'ଧନୀ', 'ଅପରା', 'ସରୋଜ ସ୍ମୃତି', 'ପରିମଳ', 'ପ୍ରିୟତମ୍', 'ଅନାମିକା'ଏ 'ଗୀତିକା', 'ଅର୍ଚ୍ଚନା', 'ଆରାଧନା', 'ତୁଳସୀ ଦାସ', 'ଜନ୍ମଭୂମି', ଆଦି କବିତା ପୁସ୍ତକ । ସେହିପରି ତାଙ୍କଉପନ୍ୟାସ ମଧ୍ୟରେ ରହିଛି- 'ଅପସରା', 'ଅଳକା', 'ପ୍ରଭାବତୀ', 'ନିରୁପମା', 'ଇନ୍ଦୁଲେଖା', ଆଉ ଗଳ୍ପ ସଙ୍କଳନ ମଧ୍ୟରେ 'ଚତୁରୀ ଚମାର', 'ସାକ୍ଷୀ', 'ଲିଲି', ରହିଥିବା ବେଳେ ପ୍ରବନ୍ଧ ପୁସ୍ତକ ଆଉ ଅନୁବାଦ ଗ୍ରନ୍ଥଗୁଡ଼ିକ ମଧ୍ୟ ଲୋକପ୍ରିୟତା ଅର୍ଜନ କରିଛି । ଏସବୁ ତଥ୍ୟ ସେଦିନ ମୁଁ ପାଇପାରି ନଥିଲି ସଭାସ୍ଥଳରେ ଏହା ମୋର ପରବର୍ତ୍ତୀ ସମୟରେ ସଂଗ୍ରହ ଓ ପଠନ । ସଭାସ୍ଥଳରେ ନିରାଲାଙ୍କ ଭାବମୂର୍ତ୍ତି ଆଗରେ କେବଳ ଥିଲି ପ୍ରାର୍ଥନାରତ । ସେହି ଶାନ୍ତ, କାନ୍ତ ମହତ୍ତର ଭାବ ଜଗତ ମଧ୍ୟରେ ବସିଥିବା ବେଳେ ଏକ ଅପୂର୍ବ ତୃପ୍ତି ସଞ୍ଚରି ଆସୁଥିଲା ମୋ ଅନ୍ତରକୁ । ମନେ ହେଉଥିଲା ସତେ ଯେମିତି ନିରାଲାଙ୍କ ନିକଟରେ ବସି ରହିଛି ମୁଁ ଓ ସେ ଏକ ଭାବ ବଳୟରେ ରୂପାନ୍ତରିତ ହୋଇ ମୋତେ ଘେରି ରଖିଛନ୍ତି ତାଙ୍କ ସ୍ନେହ ପରିସର ମଧ୍ୟରେ ।



ନିରାଲାଙ୍କ ସ୍ମୃତି ରକ୍ଷା ନିମିତ୍ତ ବିଭିନ୍ନ ପ୍ରଚେଷ୍ଟା କରାଯାଇଛି । ତାଙ୍କ ନାମରେ ନାମିତ ହୋଇଛି ମହାବିଦ୍ୟାଳୟ, ପ୍ରେକ୍ଷାଗୃହ ଆଉ ନିର୍ମିତ ହୋଇଛି ପ୍ରାମାଣିକ ଚଳଚ୍ଚିତ୍ର ।

ସେତେବେଳେ ନୁହେଁ, ଆଜି ଅନୁଭବ କରୁଛି ବାସ୍ତବରେ ମୁଁ ବସି ରହିଥିଲି କେଉଁଠି । ନିରାଲାଙ୍କ ନାମରେ ପ୍ରତିଷ୍ଠିତ ହୋଇଛି ଏକ ସୁବିଶାଳ ଉଦ୍ୟାନ । ସେତେବେଳେ ଯେଉଁ ପରମ ଓ ସ୍ଥିରତା ମୋ ହୃଦୟକୁ ସଞ୍ଚରି ଆସୁଥିଲା ତାହାର ଅନ୍ତର୍ନିହିତ କାରଣ ଆବିଷ୍କାର କରିପାରୁଛି ସଂପ୍ରତି । ଶାନ୍ତି ନିକେତନର ହିନ୍ଦୀ ଭବନ ସତେ ଯେମିତି ପରିଣତ ହୋଇଯାଇଥିଲା ନିରାଲା ଉଦ୍ୟାନ ରୂପରେ । ଅଗଣିତ ଫୁଲର ବାସ୍ନା ଚହଟି ଆସୁଥିଲା ଅନ୍ତଃସ୍ଥଳରୁ । ଏତେବର୍ଷ ଅତିକ୍ରାନ୍ତ ହୋଇଗଲା ପରେ ମଧ୍ୟ ସେହି ମୁହୂର୍ତ୍ତକୁ ସ୍ମରଣ କଲେ ମୁଁ ସତକୁ ସତ ଅନୁଭବ କରୁଛି ଯେ ମୁଁ ବସି ରହିଛି ନିରାଲାଙ୍କ ନିକଟରେ ନିରାଲା ଉଦ୍ୟାନର ସୁଶୋଭିତ ବାତାବରଣ ମଧ୍ୟରେ । ଏଥିରୁ ମୁକୁଳି ଆସିବା ମୋ ପାଇଁ ନୁହେଁ ଆଉ ସମ୍ଭବ କାରଣ ନିରାଲା ମୋତେ କରିସାରିଛନ୍ତି ଅତ୍ୟନ୍ତ ଆପଣାର ।

ମହନୀୟ ସାହିତ୍ୟ ସ୍ରଷ୍ଟାମାନେ ସଶରୀରରେ ବିଦ୍ୟମାନ ରହିଥିଲେ ହେଁ ଯେ ତାଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ହୁଏ ସମ୍ଭବ- ଏହା ସୂକ୍ଷ୍ମ ଜଗତର ସତ୍ୟ-ପରିପନ୍ଥୀ । ଏବେବି ଭାବିପାରେ ନାହିଁ ମୁଁ ଯେ ନିରାଲାଙ୍କ ଉଦ୍ଦେଶ୍ୟରେ ଅନୁଷ୍ଠିତ ସଭାରେ ମୁଁ ଥିଲି କେବଳ ବିହ୍ୱଳ ଦର୍ଶକଟିଏ ମାତ୍ର । ନିରାଲାଙ୍କ ଆତ୍ମାର ଆହ୍ୱାନ ଯଦି ମୋ ହୃଦୟରେ ସୃଷ୍ଟି କରିପାରି ନଥାନ୍ତା ସ୍ୱାଗତ ସମ୍ଭାଷଣର ମାଧୁର୍ଯ୍ୟ ତା' ହେଲେ କଦାପି ସେହି ସ୍ଥଳରେ ପହଞ୍ଚିବା ସମ୍ଭବ ହୋଇ ନଥାନ୍ତା । ବାସ୍ତବିକ୍ ନିରାଲାଙ୍କ ମୂଳ ନାମ ହେଉଛି ସୂର୍ଯ୍ୟକୁମାର । ପରବର୍ତ୍ତୀ ସମୟରେ ସେ ନିଜକୁ 'ନିରାଲା' ଭାବରେ ହୋଇଛନ୍ତି ପରିଚିତ । ଏହାର ଅଥ ହେଉଛି ଅନାସକ୍ତ ବିଦ୍ରୋହୀ । ନିରାଲାଙ୍କ ଜୀବନ ସଂଗ୍ରାମ ଓ ସୃଜନ ସଂଗ୍ରାମରେ ଏହି ବିଦ୍ରୋହର ନାନାବିଧ ରୂପ ପ୍ରକଟିତ ହୋଇ ଉଠିଛି । ଗୋଟିଏ କବିତାରେ ସେ କହୁଛନ୍ତି- "ମୁଁ ଏକେଲା । ଦେଖୁଛି ପାଖେଇ ଆସୁଛି ମୋ ଦିବସର ସନ୍ଧ୍ୟା ବେଳା ।" କବି ତାଙ୍କ ଜୀବନର ସହାୟ ସମୟକୁ ଦେଖି ପାରୁଥିଲେ ନିଜସ୍ୱ ଅନ୍ତର୍ଚ୍ଚକ୍ଷୁ ନେଇ । ସେ ଜାଣନ୍ତି ଯେ ସଂସାର-ସାଗର ହଳାହଳର ପରିପୂର୍ଣ୍ଣ ମାତ୍ର । ଯିଏ ଆସିଛନ୍ତି ମୁକ୍ତିର ଓ ସୃଷ୍ଟିର ସଙ୍ଗୀତ ଗାନ କରିବାର ଅଦ୍ଭୁତ ବିଳାସ ନେଇ । ସେ ଜାଣନ୍ତି ଯେ ସଂସାର-ସାଗର ହଳାହଳରେ ପରିପୂର୍ଣ୍ଣ ମାତ୍ର ଯିଏ ଆସିଛନ୍ତି ମୁକ୍ତିର ଓ ସୃଷ୍ଟିର ସଙ୍ଗୀତ ଗାନ କରିବାର ଅଦ୍ଭୁତ ବିଳାସ ନେଇ ସେବା କାହିଁକି ସ୍ୱୀକାର କରିଥାନ୍ତେ ପରଜୟ ? ବାଧା, ବନ୍ଧନ, କ୍ଷୁଦ୍ର ପଥ, ତ୍ୟାଗ କରି ସିଏ ଫୁଟି ଉଠିଛନ୍ତି ପଦ୍ମପାଖୁଡ଼ା ସଦୃଶ । ଯେତେବେଳେ ଜଣେ ସ୍ରଷ୍ଟା ଅନୁଭବ କରେ ଯେ ତାର ଶାରୀରିକ ଅସ୍ତିତ୍ୱର ଅନୁପସ୍ଥିତିକୁ ମୃତ୍ୟୁ ବୋଲି କହିବା ଅସାର, ସେତେବେଳେ ତା' ପ୍ରାଣରୁ ଯେଉଁ ଭାଷା ବାହାରେ ତାହା ଶାନ୍ତି ନିକେତନ ହିନ୍ଦୀ ବିଭାଗର ଚତୁର୍ଦ୍ଦିଗରେ ଅନୁରଣିତ ହେଉଥିବା ଶୁଣି ପାରିଥିଲା ମୋର ଅନ୍ତଃକର୍ଣ୍ଣ । ନିରାଲା ଆସ୍ଥା ଓ ବିଶ୍ୱାସପୂର୍ଣ୍ଣ କଣ୍ଠରେ କହୁଛନ୍ତି-

"ଏବେ ମୋର ହେବ ନାହିଁ ଅନ୍ତ
ଏବେ ଏବେ ଆସିଛି ତ
ମୋ ପ୍ରାଣରେ ମଧୁର ବସନ୍ତ ।"

ଆମେ ସେହି ବସନ୍ତ ଋତୁରେ ହିଁ ଶାନ୍ତି ନିକେତନ ଅଭ୍ୟନ୍ତରକୁ ପ୍ରବେଶ କରିଥିବାରୁ ହୁଏତ ଏହି ବାସନ୍ତିକ ବାର୍ତ୍ତା ମୁଗ୍ଧ କରି ତୋଳୁଥିଲା ଚିତ୍ତକୁ ।



ଆଜି ମନେ ପଡୁଛି ସେ ସମୟରେ ଶାନ୍ତି ନିକେତନ ଯାତ୍ରା ସମୟରେ ମୋର ବ୍ୟକ୍ତିଗତ ଜୀବନ ଥିଲା କିପରି ଯନ୍ତ୍ରଣାକ୍ତ । ଅନୁଭୂତିକୁ ଲିଭାଇ ଦେବା ସକାଶେ ନିରାଲା ଟାଣି ନେଇଥିଲେ ତାଙ୍କ ପାଖକୁ ମୋତେ ସମସ୍ତଙ୍କ ଅଜାଣତରେ । ସେ ତାଙ୍କର ଏକ ଭାବଗର୍ଭକ କବିତାରେ ଉଲ୍ଲେଖ କରିଛନ୍ତି- "ଦିଅ ମୋତେ ଗାଇବାକୁ /ବେଦନାକୁ ଭୁଲିବାକୁ ।" ସଶରୀରରେ ବିଦ୍ୟମାନ ନଥିବା କବିମାନେ ବି ହୃଦୟର ବ୍ୟଥା ବୁଝିପାରନ୍ତି ଓ ତାକୁ ଲିଭାଇ ଦେଇ ପାରନ୍ତି ପୁଣି ତାଙ୍କ ସ୍ନେହାଶୀର୍ବାଦର ଧାରାରେ ତାହା ଦର୍ଶନ କରି ପାରୁଥିଲି ଯେଉଁ ଚକ୍ଷୁରେ ତାହାକୁ ସମସ୍ତଙ୍କ ସମ୍ମୁଖରେ ପ୍ରଦର୍ଶିତ କରିବା ପାଇଁ ମୁଁ ଅକ୍ଷମ ଆଜି । ନିରାଲା ସତେ ଯେମିତି କାଢ଼ି ଆଣୁଥିଲେ ମୋର ଅନ୍ତର୍ବ୍ୟଥା ମଧ୍ୟରୁ ପ୍ରକୃତ ଆତ୍ମାର ସ୍ୱରକୁ କହୁଥିଲେ- "ଭ୍ରାନ୍ତିର ଭିତରୁ ସେ ପାରକୁ ଯାଅ ।" ଏହି ଗୋଟିଏ ବାକ୍ୟ ଶବ୍ଦ ମାଧ୍ୟମରେ ନୁହେଁ ଭାବାକ୍ଷରରେ ଲେଖି ଦେଉଥିଲେ ସେ ମୋ ଛାତିର କାଗଜ ଉପରେ । କିଏ କହେ ଯେ କବିମାନେ କେବଳ କାଗଜ କଳରେ ନିର୍ମିତ ସୁଚିକ୍କଣ କାଗଜ ଉପରେ ଲେଖନ୍ତି କବିତା ? ନା, ତାହା କେବେ ହେଲେ ନୁହେଁ । ମୋ ଭଳି ବେଦନା ଜର୍ଜରିତ ବିବର୍ଣ୍ଣ ଓ କର୍କଶ ଛାତି ଉପରେ ବି ସେ ଚଳାଇ ପାରନ୍ତି ତାଙ୍କ କଲମ । ଆଖି ବନ୍ଦ ରଖି ଅନାଉଥିଲି ଥରକୁ ଥର ନିଜ ଅନ୍ତଃ ପ୍ରକୋଷ୍ଠକୁ । ସେଇଠି ନିରାଲା ରହିଛନ୍ତି ସାଧନାମଗ୍ନ । ମୋ ଭିତରେ ରହିଛି ଯେଉଁ ଖଦଡ଼ କାଗଜ ତାରି ଉପରେ ତାଙ୍କର କଲମର ମୁନ କିପରି ଛୁଇଁ ଛୁଇଁ ଯାଉଛି ତାହା କ'ଣ ବର୍ଣ୍ଣନା କରିବାର ସାମାନ୍ୟ ହେଲେ ସାମର୍ଥ୍ୟ ଅର୍ଜନ କରିପାରିଛି ଏ ପର୍ଯ୍ୟନ୍ତ ? ଚତୁର୍ଦ୍ଦିଗକୁ ମୁଗ୍ଧ ନୟନରେ ଅନାଇ ଦେଖୁଥିଲି । ନିରାଲା ତୁଳସୀ ଦାସଙ୍କ ଉପରେ କବିତା ସୃଷ୍ଟି କରିବାକୁ ଯାଇ ଯାହା ବର୍ଣ୍ଣନା କରିଛନ୍ତି ସେହି ପୃଷ୍ଠା ଉପରେ ଦୃଷ୍ଟି ନିବଦ୍ଧ କଲାବେଳକୁ ଉପଲବ୍ଧି କରି ପାରୁଛି ନିରାଲା ଏହାର ହିଁ ଭାବସଙ୍କେତ ପ୍ରଦାନ କରିଥିଲେ ସେବେଳେ ଏ ହତଭାଗାକୁ । ସେଥିପାଇଁ ଦୁର୍ଭାଗ୍ୟ ଉପରେ ପାଦ ପକାଇ ଚାଲିବାର ସୌଭାଗ୍ୟ ମିଳିଛି ମୋତେ । ନିରାଲା କହୁଛନ୍ତି-

"ତରୁଲତା ତୃଣରାଜି
କାହିଁକି ହସନ୍ତି ଆଜି
କିଛି ଦେଖି ପୁଲକିତ
ସତେ ପ୍ରାଣ ଋଣମୁକ୍ତ ।"

ଶାନ୍ତି ନିକେତନର କୁହୁକ ସାମ୍ରାଜ୍ୟ ମଧ୍ୟରେ ସକଳ ବ୍ୟର୍ଥତାକୁ ମୁକ୍ତ ହୋଇଥିଲି ବାସ୍ତବିକ୍ ଏଇପରି । ଯାହା କିଛି କହିହୁଏ ନାହିଁ ଅଥବା ବୁଝାଇ ହୁଏ ନାହିଁ କାହାକୁ ତାହାର ଉଚ୍ଚାରଣ ଓ ପୁନଃ ଉଚ୍ଚାରଣ କରିବାରେ ହିଁ ପ୍ରାପ୍ତ ହୋଇଥାଏ କାବ୍ୟିକ ପ୍ରଶାନ୍ତି । ନିରାଲାଙ୍କ ନିକଟରେ ମୁହୂର୍ତ୍ତଟିଏ ପାଇଁ ସେଦିନ ଯେ ବସିଥିଲି, ତାହାରି ପ୍ରେରଣା ଓ ଶକ୍ତି ସାହାଯ୍ୟରେ ସମସ୍ତ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଚାଲିଛି ଆଗକୁ ଆଗକୁ । ନିରାଲା ନିର୍ମାଣ କରି ଦେଇଛନ୍ତି ସୁପ୍ରଶସ୍ତ ପୁଷ୍ପିତ, ସୁଗନ୍ଧିତ ଏପରି ଏକ ଅନ୍ତଃପଥ ଯେ କଣ୍ଟକିତ ରାସ୍ତାରେ ଚାଲିବାର ସବୁ ରକ୍ତ ଏ ରାସ୍ତାରେ ଫୁଟି ଉଠେ ଲାଲ୍ ଗୋଲାପର ସ୍ୱର୍ଗୀୟ ସୌନ୍ଦର୍ଯ୍ୟ ନେଇ । ନିରାଲାଙ୍କ ଯେଉଁ ବିରାଟ ଫଟୋଚିତ୍ରଟି ସୁସଜ୍ଜିତ ହୋଇ ରହିଥିଲା ଉକ୍ତ ସଭାରେ, ସେ ସଭା ସରିନାହିଁ ମୋ ହୃଦୟରେ । ସେ ଫଟୋଚିତ୍ର ସ୍ଥାନାନ୍ତରିତ ହୋଇ ଯାଇ ନାହିଁ କେବେହେଲେ । କଣ୍ଟକିତ ପଥରେ ଚାଲିବାର ଅନୁଭୂତିରୁ ସୃଜନ ହୁଏ ଯେଉଁ ଗୋଲାପ ତାହାକୁ ହିଁ ନିରାଲାଙ୍କ ପ୍ରାଣବନ୍ତ ଛବି ତଳେ ଅର୍ପଣ କରୁଛି ଆଉ କରୁଛି ନିବେଦନ: ହେ ନିରାଲା ! ତୁମେ ଏହିପରି ଝଲସୁଥାଅ ମୋ ଅନ୍ତରରେ ଚିରଦିନ ।



# ଅନୁପମା ଅଇରି



# ଅଶ୍ରୁଜା ଅଇରି ଫୁଲ (ଭର୍ବେନା)

**ଶ୍ୱେତା ରାଉତ**

ପ୍ଲଟ୍ ନଂ. ୨୩୬, ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଲକ୍ଷ୍ମୀସାଗର, ଭୁବନେଶ୍ୱର-୭୫୧୦୦୬

ଫୋନ: ୯୪୩୯୭୨୬୦୬୦

ଫଟୋ ସୌଜନ୍ୟ : ଗୁଗୁଲ୍



◄ ଲେଖିକା ଶ୍ୱେତା ରାଉତ

## ଅଇରିର ପରିଚୟ :

ପ୍ରକୃତିର ଅନନ୍ୟ ସର୍ଜନା ଫୁଲକୁ ବ୍ରହ୍ମାଣ୍ଡର ସର୍ବୋତ୍ତମ ସୌନ୍ଦର୍ଯ୍ୟର ଅନୁପମା ଦେଲେ ଅତ୍ୟୁକ୍ତି ହେବ ନାହିଁ । ରଙ୍ଗ, ରୂପ, ମହକ, ଗୁଣ, ସୌନ୍ଦର୍ଯ୍ୟ, କୋମଳତା ସବୁକିଛି ଈଶ୍ୱର ଭରି ଦେଇଛନ୍ତି ଫୁଲ ଭିତରେ । ବିନା ଶବ୍ଦରେ ଭାବକୁ ପ୍ରକଟ କରି ଶ୍ରଦ୍ଧା, ସମ୍ମାନ, ଶୁଭେଚ୍ଛା, ସମର୍ପଣ, ଭକ୍ତି ଓ କୃତଜ୍ଞତା ଜଣାଇଥାଏ ଫୁଲ । କେବଳ ସୌନ୍ଦର୍ଯ୍ୟ ନୁହେଁ, ଖାଦ୍ୟ ଭାବେ, ମହୋଷଧି ଭାବେ ଫୁଲର ଉପକାର ଓ ଉପଯୋଗ ଅବର୍ଣ୍ଣନୀୟ । ଅନେକ ସଙ୍କର ପ୍ରଜାତି ଫୁଲକୁ ଆଜିକାଲି ଆମେ ଘରର ସୌନ୍ଦର୍ଯ୍ୟ ବଢାଇବା ପାଇଁ ବାଲକୋନୀରେ ଲଗାଉଛନ୍ତି । କିନ୍ତୁ ଗ୍ରାମୀଣ ଅଞ୍ଚଳ ହେଉ ବା ବଣ, ବୁଦା, ବିଲ, ନଦୀ ପଠା ମାନଙ୍କରେ ଅନେକ ପ୍ରାକୃତିକ ଫୁଲ ଦେଖିବାକୁ ମିଳେ ଯାହା ରୂପ, ରଙ୍ଗ, ମହକ ଓ ସତେଜତା ସବୁଥିରେ ଭରପୁର ଓ ତା'ର ଆକର୍ଷକ ରୂପ ଦେଖି ଯେ କେହିବି ଈଶ୍ୱରଙ୍କ ଦିବ୍ୟ ସର୍ଜନାକୁ ପ୍ରଶଂସା କରିବାକୁ ବାଧ ହେବ । ଘାସ ଭିତରେ ଫୁଟୁଥିବା ଚମତ୍କାର ଛୋଟ ଛୋଟ ଘାସ ଫୁଲଗୁଡ଼ିକ ସତେଯେମିତି ଫୁଲର ଗାଲିଚା ବିଛେଇ ପ୍ରକୃତି ମାତାକୁ ଅଭିବାଦନ କରନ୍ତି । ଏ ଘାସ ଫୁଲମାନଙ୍କ ଭିତରେ ଗୋଟେ ସୁନ୍ଦର ଫୁଲ ହେଉଛି ଅଇରି ଫୁଲ । ଯାହାକୁ 'ଭର୍ବେନା' ମଧ୍ୟ କହିଥାନ୍ତି । ଅଇରିକୁ ଏକ ଜଡ଼ିବୁଟି ଫୁଲ ଭାବେ ବିବେଚନା କରାଯାଏ, ତେବେ ଆସନ୍ତୁ ଜାଣିବା ଅଇରି ଫୁଲ ସମ୍ପର୍କରେ କିଛି ଜାଣିବା କଥା ।

ଅଇରି ଏକ ଔଷଧୀୟ ଉଦ୍ଭିଦ ଓ ଏହା 'ଭର୍ବେନେସିଆ' ପରିବାରର ହୋଇଥିବାରୁ ଏହାର ବନସ୍ପତିକ ନାମ ହେଉଛି ଭର୍ବେନା । ଅଇରି ଫୁଲର ବିଭିନ୍ନ ପ୍ରଜାତି ରହିଛି । କେତେଗୁଡ଼ିଏ ପ୍ରଜାତି ବର୍ଷକୁ ଥରେ ଫୁଲ ଫୁଟାଇଥାଏ ତ ଆଉ କେତେକ ବର୍ଷସାରା ଫୁଲ ଫୁଟେ, ଏହାର ପତ୍ରଗୁଡ଼ିକ ବିପରୀତକୁ ରହିଥାଏ, ସରଳ ଓ ଘନ ହୋଇଥାଏ । ଅନେକ ପ୍ରଜାତିରେ ପତ୍ରଗୁଡ଼ିକ ଲୋମଯୁକ୍ତ ହୋଇଥାଏ । ଫୁଲ ଗୁଡ଼ିକ ଛୋଟ ଛୋଟ, ପାଞ୍ଚ ପାଖୁଡା ବିଶିଷ୍ଟ, ଗହଳିଆ ବା ପେନ୍ଥା ପେନ୍ଥା ଓ କଣ୍ଟାକୁ ଲାଗି ରହିଥାଏ । ଅଇରି ଫୁଲର ବଂଶକୁ କିଛି ଦ୍ୱିଗୁଣିତ ଉତ୍ତର ଆମେରିକା ଓ ବହୁଗୁଣିତ ଦକ୍ଷିଣ ଆମେରିକା ବଂଶ ଭାବରେ ବିଭାଜନ କରାଯାଇଛି । ଅଇରି ବା ଭର୍ବେନା ସହିତ ସମାନ ଲାଗୁଥିବା ଆଉ ଏକ ପ୍ରଜାତି ଅଛି 'ବର୍ବେନ୍ସ' (ଗେଣ୍ଡୁଲେରିଆ) । ଉଭୟଙ୍କର ମୂଳ କ୍ରୋମଜମ୍ ସଂଖ୍ୟା ସାତ । ୟୁରୋପୀୟ ପ୍ରଜାତିଗୁଡ଼ିକ ଉତ୍ତର ଆମେରିକୀୟ ବଂଶରୁ ଉତ୍ପନ୍ନ ଭର୍ବେନା ଓ ଭର୍ବେନାନ୍ସ (ଗେଣ୍ଡୁଲେରିଆ) ଜୁନେଲିଆ ନାମରେ ଅସ୍ଥାୟୀ ଭାବରେ ଚିକିତ୍ସିତ ଏକ ମିଶ୍ରଣରୁ ବିକଶିତ ହୋଇଥିବାରୁ ଦେଖାଯାଏ । ଅନ୍ୟ ଦୁଇଟି ଜେନେରା ସାଧାରଣତଃ ୧୯୯୦ ଦଶକ ପର୍ଯ୍ୟନ୍ତ ଭର୍ବେନେସିଆରେ ଅନ୍ତର୍ଭୁକ୍ତ କରାଯାଇଥିଲା । ଏକ ନିର୍ଦ୍ଦିଷ୍ଟ ପ୍ରଣାଳୀ ଦ୍ୱାରା ଇଣ୍ଟର ଜେନେରିକ୍ କ୍ଲୋରୋପ୍ଲାଷ୍ଟ ଜିନ୍ ଯଦିଓ ବୋଧହୁଏ ସଙ୍କରୀକରଣ ନୁହେଁ, ଭର୍ବେନରୁ ଗେଣ୍ଡୁଲାରିଆ ପର୍ଯ୍ୟନ୍ତ ଅତି କମ୍‌ରେ ଦୁଇଥର ହୋଇଥାଏ । ଅଇରି ଫୁଲର ଅନେକ ଗୁଡାଏ ରଙ୍ଗ ଥାଏ, ଯଥା- ଲାଲ୍, ଗୋଲାପୀ, ହଳଦିଆ, ଧଳା, ବାଇଗଣୀ, କ୍ରିମ୍, ଲାଭେଣ୍ଡର, ମିକ୍ସ କଲର ବା ମିଶ୍ରିତ ରଙ୍ଗ ଇତ୍ୟାଦି । ଏଇ ଅଇରି ଫୁଲ ପେନ୍ଥା ପେନ୍ଥା ହୋଇ ଫୁଟିଥାଏ ଓ ଅତି ମନ ମୁଗ୍ଧକର ସୌନ୍ଦର୍ଯ୍ୟକରଣ ପାଇଁ ଭର୍ବେନା ବା ଅଇରି ଏକ ଆକର୍ଷଣୀୟ ଫୁଲ । ଯଦିଓ କୁଣ୍ଡରେ ଲଗାଯାଇଥିବା ଅଇରି ସଙ୍କରୀ ପ୍ରଜାତି ହୋଇଥିବାରୁ ଅଧିକ ଉଜ୍ଜ୍ୱଳ, ମସୃଣ, ଗାଢ ରଙ୍ଗର ଦେଖାଯାଏ, କିନ୍ତୁ ଗ୍ରାମୀଣ ଅଇରି ଅଧିକ ସତେଜ ଦିଶେ ଓ ରକ୍ଷଣାବେକ୍ଷଣରେ ଭଲ ବଢ଼ିଥାଏ ।

## ଅଇରି ଫୁଲର ବିଭିନ୍ନ ନାମ

ଆମେ ଯାହାକୁ ଅଇରି କହୁଛେ, ତା'ର ବନସ୍ପତିକ ନାମ ହେଉଛି 'ଭର୍ବେନା' । ଏହାକୁ କେହି କେହି ଭର୍ବେନା ଅଫିସିନେଲ୍ସ, ଭର୍ବେନା, ଇଞ୍ଚାର୍ଣ୍ଟର୍ସ ପ୍ଲାଣ୍ଟ, ହର୍ବ ଅଫ୍ ଦି କ୍ରସ୍, ଜୁନୋସ୍ ସିଅର, ପିଜନ୍ସ ଗ୍ରାସ୍, ପିଜନ୍ ଉଇଡ୍, ହର୍ବ ଅଫ୍ ଗ୍ରାସ୍, ୱାଇଲ୍ଡ ହାଇସୋପ୍, ଆଇରନ୍ ଉଇଡ୍, ଇଣ୍ଡିଆନ୍ ହାଇସୋପ୍ ଓ ଗାର୍ଡେନ ଉର୍ବେନ୍ କହିଥାନ୍ତି । ମାଲାୟଲମ୍‌ରେ ଏହାକୁ ପେରୁକୁ, ବଙ୍ଗଳାରେ – ଭାର୍ବେନା, ଇଜିପ୍ଟରେ ଟିଅର୍ସ ଅଫ୍ ଇସିସ୍, ହେରାସ୍ ଟିଅର, ନେପାଳରେ – ଦାମିନୀ, ମଖମଲ୍ଲି, ପିଉମାରି, ଭେକପାଦୀ, ଅନଢିକି, ତେଲୁଗୁରେ – କାଚିୟାକୁ, ଗ୍ରୀକ୍‌ରେ- ଲୁଇସା, ତାମିଲ୍- କୁମ୍ପଲ, ଇଂରାଜୀ ସିମ୍ପଲସ୍, ହୋଲି ହର୍ବ, ଲାଟିନ୍- ବାର୍ବେନାକା, ସାକ୍ରେଡ୍, ବଫ୍, ମରାଠୀ-ବଜଜାଇ, ମଣିପୁରୀ – ଥାରୋ ଫେଇଜୁପ୍, ଉର୍ଦ୍ଦୁ- କରେଣ୍ଟା, ପ୍ରମୁଖ, ସାଲ୍-ଉଲ୍-ହମାସ୍ ଚିନ୍‌ରେ – ଏରିଷ୍ଟୋରେନ୍ ଓ ଓଡ଼ିଆରେ 'ଅଇରି' କହିଥାନ୍ତି ।

## ଅଇରିର ପ୍ରଜାତି ଓ ପ୍ରକାର

ବନସ୍ପତି ବୈଜ୍ଞାନିକମାନଙ୍କ ମତରେ ଅଇରି ଫୁଲର ୫୬୭ଟି ପ୍ରଜାତି ରହିଛି । ସେଥିମଧ୍ୟରୁ ୧୨୪ଟି ପ୍ରଜାତିକୁ ଫୁଲ ଭାବେ ଗ୍ରହଣ କରାଯାଇଛି । ଅନ୍ୟ ଅଇରିଗୁଡ଼ିକ ସାଜସଜ୍ଜା ବା ଘାସ ଜାତୀୟ ବିବେଚନା କରାଯାଇଛି । ଅଇରି ଫୁଲର ଅନେକଗୁଡିଏ ପ୍ରଜାତି ଓ ପ୍ରକାର ରହିଛି ଯାହା ବର୍ଣ୍ଣନା କରିବା ଅସମ୍ଭବ, ତଥାପି କେତେଗୁଡିଏ ମୁଖ୍ୟ ପ୍ରଜାତି ରହିଛି, ଯଥା- କମନ୍, ଭର୍ବେନା, ଗାର୍ଡେନ ଭର୍ବେନା, ବ୍ଲୁ ଭର୍ବେନା, ଭର୍ବେନା ରିଗିଡା, ହ୍ୱାଇଟ୍ ଭର୍ବେନା, ଭର୍ବେନା କାଲିଫର୍ଣ୍ଣିକା, ଭର୍ବେନା ପେରୁ ଭାଇନା, ଭର୍ବେନା ଲିଣ୍ଡବେରିଗଲ, ଭର୍ବେନା ଇଣ୍ଟସ୍‌ମିଡ଼ିଆ, ଆଣ୍ଡାଲ୍ ଗ୍ୟାଲେନ୍ସିସ୍ଥ ଗ୍ରାସିଲେସେନ୍ସ, ଭାର୍ବେନା ହିସ୍‌ପିଡା,

ଭର୍ବେନା କାରୋଲିନା, କାରନିଆ, ସୁପିନା, ଫିଲିକାଉଲିସ୍, ଗ୍ଲାବ୍ରାଟା, କ୍ଲୋଭୋରାଏ, ଡେସିମା ପ୍ଲିକାଟା, ଆଲେନିଲ୍, କନେଫୋଲିଆ, ହିରଟା, କାନେସେନ୍ସ, ପିନେଟୋରମ୍, ବ୍ଲାନଚାରଡି, ବଙ୍ଗେନେସିସ୍, ଆଲାଟା, ମାକଡୋଭଗାଲି, ଲିଟୋରାଲିସ୍, ସିମ୍ପଲେକ୍ସ ଓ ଆହୁରି ଅନେକ । ଏସବୁ ପ୍ରଜାତି ବ୍ୟତୀତ ଆହୁରି ଅନେକ ସୁନ୍ଦର ପ୍ରଜାତି ରହିଛି ଯଥା-



## ପରପେଲ୍ ଟପ୍ ଭର୍ବେନା

ଭର୍ବେନାର ଏହା ଏକ ସଙ୍କରୀ ପ୍ରଜାତି । ଏହାକୁ ବି ବୋନାରିଏନ୍ସିସ୍ ମଧ୍ୟ କୁହାଯାଏ । ଏହା ସାଜସଜ୍ଜା ପାଇଁ ଏକ ଅଳଙ୍କରଣ ବୃକ୍ଷ ଭାବେ ବ୍ୟବହାର କରାଯାଏ । ଏହି ଅଇରି ଫୁଲ ୧୨ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ତାପମାନରେ ଜୀବିତ ରହିପାରେ, କିନ୍ତୁ ଏହାକୁ ସର୍ବଦା ଘାସ ଚେକା ଭିତରେ ସଂରକ୍ଷଣ କରାଯାଇଥାଏ । ଏହାର ଫୁଲ ଛୋଟରୁ ମଧ୍ୟମ ଆକାରର ହୋଇଥାଏ ଓ ଡାଳ ବା କେନା ବାହାରିଥାଏ ।

## କମନ୍ ଭର୍ବେନା

ଏହି ପ୍ରଜାତିର ଅଇରି ଫୁଲ ଛୋଟ ଛୋଟ ବାଇଗଣୀ ରଙ୍ଗର ହୋଇଥାଏ । ଲେନ୍ସ ଆକୃତିର ଏବଂ ସରଳ ଅଭିବୃଦ୍ଧି ସଦୃଶ ପତ୍ର ରହିଥାଏ । ଏହାର ଆଉ ଏକ ସୁନ୍ଦର ପ୍ରକାର ଅଇରି ହେଉଛି 'ପ୍ଲାଷ୍ଟୁରା' । ଏହାର ଉତ୍ପତ୍ତିସ୍ଥଳ ଆମେରିକା ଓ ଏସିଆ କୁହାଯାଏ । ଏଇ ଫୁଲ ଗ୍ରୀଷ୍ମ ଋତୁରେ ବି ଭଲ ଫୁଟିଥାଏ ଓ ଦୀର୍ଘ ସମୟ ଯାଏ ସତେଜ ହୋଇ ଗଛରେ ଶୋଭା ପାଇଥାଏ । ବର୍ଷ ସାରା ଫୁଟୁଥିବା ଏଇ ଅଇରିକୁ ଜାଣି ନପାରି ଲୋକମାନେ ଏହାକୁ ବାର୍ଷିକ ଫୁଲ ଭାବେ ବର୍ଷକୁ ଥରେ ଲଗାଇଥାନ୍ତି ।

## ଗାର୍ଡେନ ଭର୍ବେନା

କମନ୍ ଭାର୍ବେନା, ଗାର୍ଡେନ ଭାର୍ବେନା, ଗେଣ୍ଡୁଲେରିଆ, ହାଇବ୍ରିଡା, ପୂର୍ବରେ ବର୍ବେନା ହାଇବ୍ରିଡ୍ ମିଶ୍ରଣର ଏକ ସୁନ୍ଦର ବର୍ଗ- କ୍ଷେମେଡ୍ କ୍ରିପିଙ୍ଗ୍ ପ୍ଲାଣ୍ଟ୍ ଯାହା ଫୋକ୍ସ ପରି ଫୁଲର ଚେପଟା ବା ସମତଳ ଶୀର ଧାରଣ କରିଥାଏ । ଏହାର ରଙ୍ଗ ଉଜ୍ଜ୍ୱଳ ଓ ଜ୍ୱଳନ୍ତ ଅଗ୍ନି ପରି ହୋଇଥାଏ ।



## ବ୍ଲୁ ଭର୍ବେନା

ଏହି ପ୍ରଜାତିର ଅଇରିକୁ ଆମେରିକାନ୍ ଭର୍ବେନା ଓ ବ୍ଲୁ ଏକ ଜଡ଼ିବୁଟି ବାଲା ଗଛ । ୧.୫ ରୁ ୨ ମିଟର ପର୍ଯ୍ୟନ୍ତ ଲମ୍ବା ହୋଇଥାଏ । ଏହି ଭର୍ବେନା କୁହାଯାଏ । ଏହାର ଫୁଲଗୁଡ଼ିକ ବାଇଗଣୀ ରଙ୍ଗ ହୋଇଥାଏ । ଏହା ଏକ ଜଡ଼ିବୁଟି ବାଲା ଗଛ । ୧.୫ ରୁ ୨ ମିଟର ପର୍ଯ୍ୟନ୍ତ ଲମ୍ବା ହୋଇଥାଏ । ଏହି ଭର୍ବେନାର ୧୮ ପ୍ରକାର ଫୁଲ ରହିଛି ଯାହା ଖୁବ୍ ଛୋଟ ଛୋଟ ଓ ଆକର୍ଷଣୀୟ । ଏହାର ମୁଖ୍ୟ କେତୋଟି ପ୍ରକାର ଭର୍ବେନା ସ୍ୱେମ୍ପ ଭର୍ବେନା, ବ୍ଲୁ ଉର୍ବେନା, ହେଟ୍ଟଟବାଟୀ, ହିସ୍ପିଡା, ରୁଇଜ୍ ଏବଂ ପାଓ, ହରଟେରୀ - ମୋଲେଁକେ, ବର୍ବେନା ହିରଣ ସ୍ୱେଙ୍ଗ୍ ।

## ଭର୍ବେନା ପେରୁଭାଇନା

ଏହାକୁ ରେଡ୍ ଡେଭିଲ୍ ଭର୍ବେନା କୁହାଯାଏ । ଏହି ଫୁଲ ବର୍ଷସାରା ଫୁଟିଥାଏ । ଏହାର ଉଜ୍ଜଳ ଲାଲ ରଙ୍ଗ, ବର୍ବେନେସି ପରିବାରର ବିଶିଷ୍ଟତା ସହିତ ଯୋଡ଼ି ହୋଇଥାଏ । ପେରୁ ଓ ବ୍ରାଜିଲ୍ ଏହାର ଉତ୍ପତ୍ତିସ୍ଥଳ ହୋଇଥିବାରୁ ଏହାକୁ ପେରୁବିୟନ ବା ପେରୁଭାଇନା କୁହାଯାଏ । ବାରମାସୀ ଅଇରିଗୁଡ଼ିକ ଆମେରିକା କୃଷି ବିଭାଗର ବୃକ୍ଷଗୁଡ଼ିକ ମଧ୍ୟରୁ କଠିନ କ୍ଷେତ୍ରଗୁଡ଼ିକରେ ଭଲ ଉର୍ବର ହୋଇଥାଏ ।

## ଭର୍ବେନା ରିଗିଡ଼ା

ଏହି ଅଇରିକୁ ଭର୍ବେନା ରିଗିଡ଼ା ବା ସ୍ଲେଣ୍ଡର୍ ଭର୍ବେନ୍ (ପତଳା ଭର୍ବେନ୍) କୁହାଯାଏ । ଏହା ସ୍ୱଳ୍ପ ବଢୁଥିବା ବହୁବର୍ଷୀୟ ପ୍ରଜାତି ଯାହା ଗ୍ରୀଷ୍ମରୁ ଶରତ ପର୍ଯ୍ୟନ୍ତ ପ୍ରଚୁର ବାଇଗଣୀ ରଙ୍ଗର ଫୁଲ ଉତ୍ପାଦନ କରେ । ରିଗିଡ଼ା ପ୍ରଜାତିର ଅଇରି ଅଳ୍ପ ବଢୁଥିବା ଯୋଗୁଁ ପୁଷ୍ପପ୍ରେମୀମାନଙ୍କର ଖୁବ୍ ପ୍ରିୟ ହୋଇଥାଏ, ତେଣୁ ବହୁମାତ୍ରାରେ ଏହି ପ୍ରଜାତିକୁ ରୋପଣ କରିବାକୁ ପସନ୍ଦ କରନ୍ତି । ବଗିଚାର କଡେ କଡେ ବାଡ ଭଳି ରୋପଣ କଲେ ଏହା ଖୁବ୍ ଆକର୍ଷକ ଦେଖାଯାଏ ।

## ବିଭିନ୍ନ ସଂସ୍କୃତିରେ ଅଇରି ଫୁଲର ମାନ୍ୟତା


ଆମେ ଯାହାକୁ ଓଡ଼ିଆରେ ଅଇରି ଫୁଲ କହୁଛେ, ଇଂରାଜୀରେ ତାକୁ 'ଭର୍ବେନା' କୁହାଯାଏ । ଏହି ଫୁଲ ଏକ ସଜାବଟୀ ବା ଅଳଙ୍କରଣ ଉଦ୍ଭିଦ ଭାବେ ଖୁବ୍ ପ୍ରିୟ । ଦୀର୍ଘ ଦିନରୁ ଅଇରି ବିଭିନ୍ନ ଅଲୌକିକ ଓ ଐଶ୍ୱରୀୟ ଶକ୍ତି ସହିତ ଜଡ଼ିତ ରହିଛି ବୋଲି ଏହାକୁ ଏକ ଭବ୍ୟ ଫୁଲର ମାନ୍ୟତା ଦିଆଯାଇଛି । ବିଭିନ୍ନ ସଂସ୍କୃତିରେ ଅଇରି ଫୁଲର ଭିନ୍ନ ଭିନ୍ନ କାହାଣୀ ରହିଛି । ବିଶ୍ୱାସ କରାଯାଏ ଅଇରି ଏକ ଅଲୌକିକ ଜଡ଼ିବୁଟି ଫୁଲ ଯାହାକୁ ପ୍ରାଚୀନ ଇଜିପ୍ଟରେ 'ଆଇସିସିର ଲୁହ' (Tear of Isis) ଓ ପରେ 'ହେରାର ଲୁହ' (Tears of Hera) କହିଥାନ୍ତି । ହେରା ହେଉଛନ୍ତି ଜୁପିଟର ବା ବୃହସ୍ପତିଙ୍କ ପତ୍ନୀ, ତାଙ୍କୁ 'ଜୁନୋ' ମଧ୍ୟ କୁହାଯାଏ । ଦେବୀ ଜୁନୋଙ୍କୁ ରୋମାନମାନେ ସ୍ତ୍ରୀମାନଙ୍କ ଦେବୀ ଭାବେ ପୂଜା କରନ୍ତି । ଦେବୀ ଜୁନୋଙ୍କ ବିବାହ ବିଚ୍ଛେଦର କାହାଣୀରୁ ଜଣାଯାଏ ଜୁନୋଙ୍କ ଆଖି ଲୁହରେ ଏହି ଫୁଲ ଭର୍ବେନା (ଅଇରି)ର ସୃଷ୍ଟି । ଇଜିପ୍ଟ ଓ ରୋମାନ୍‌ମାନେ ଏହାକୁ 'ଜୁନୋସ୍‌ଟିଅର' କହିଥାନ୍ତି । ପ୍ଲିନ୍ ଦି ଏଲରଙ୍କ ମତରେ ରୋଗୀମାନେ ଉଦ୍ଭିଦ ସମ୍ପର୍କରେ ବିଭିନ୍ନ ଅଜବ ମତ ଦିଅନ୍ତି । ସେମାନେ କୁହନ୍ତି ଏହି ଅଇରି ଫୁଲ ଚାରିକଡ଼ରେ ଲୁହାକଣ୍ଟାର ବାଡ଼ ଦିଆଯିବା ଉଚିତ୍ । ସେଥିପାଇଁ ସେମାନେ ଅଇରିର ବିଭିନ୍ନ ନାମ ଏମିତି ରଖିଛନ୍ତି - ଡଚ୍ ଇଜିରେହାଡ (ଆଇରନ୍ ହାର୍ଡ), ଡେନିସ୍-ଲେଜି-ଜର୍ନର୍ଟ (ମେଡିକଲ ଆଇରନ୍‌ୱାର୍ଟ) ହଙ୍ଗେରିୟନ୍ ଓ୍ୱାସ୍କନ (ଲୁହାର ଘାସ) ସ୍ଲୋବାକ୍ ଜେନେଜେନିକ୍ ଲେକାର୍ସ୍କୀ (ମେଡିକଲ୍ ଆଇରନ୍ ହର୍ବ) । ଫୁଲ ଗଛ ଚାରିକଡ଼େ କଣ୍ଟା ପୋତିବାକୁ ଏମାନେ ଏକ ମାନ୍ୟତା ଭାବେ ଗ୍ରହଣ କରନ୍ତି । ଇଶାୟୀମାନଙ୍କ ଅନୁସାରେ ଯେତେବେଳେ ପ୍ରଭୁ ଯୀଶୁଙ୍କୁ କ୍ରୁଶବିଦ୍ଧ କରାଯାଇଥିଲା ଓ କ୍ରୁଶରୁ ବାହାର କରି ତଳେ ଶୁଆ ଯାଇଥିଲା, ଏହି ଅଇରି ଫୁଲକୁ ଏକ

ଦିବ୍ୟ ମହୌଷଧି ଭାବେ ଲେପ ଦିଆ ଯାଉଥିଲା । ତେଣୁ ଏହି ଜବା ମହୌଷଧି ଫୁଲକୁ କଣ୍ଠାରେ ଆବଦ୍ଧ ରଖି ସେମାନେ ପ୍ରଭୁ ଯୀଶୁଙ୍କ ସ୍ମରଣ କରୁଥିଲେ । ପ୍ରଭୁଙ୍କ ଉପଚାର ପାଇଁ ବ୍ୟବହୃତ ଏହି ଫୁଲ ସୈତାନମାନେ ଦେଇଥିବା 'ଘା' ବା କ୍ଷତରେ ଲାଗିଥିବାରୁ ଏହାକୁ ଇଶାୟୀମାନେ 'ସୈତାନ୍ କା ଅଭିଶାପ' ମଧ୍ୟ କହିଥାନ୍ତି । ବିକ୍ଟନର ଲେଖକ ଡୋରେନ୍ ଵେଲିଏଣ୍ଟଙ୍କ ଅନୁସାରେ ଅଇରି ଫୁଲ ଦେବୀ ଡାଏନାଙ୍କ ପ୍ରତୀକ । ଏହାକୁ ସାଧାରଣତଃ ପାରମ୍ପରିକ ତାବିଜ, ତେଉଁରିଆରେ ବନ୍ଧାଯାଏ । ଭିକ୍ଟୋରିଆମାନଙ୍କ ମତରେ ଅଇରି ଫୁଲ ଭିନ୍ନ ଏକ ମାନ୍ୟତା ରହିଛି । ଏହାକୁ ଆକର୍ଷଣ ଓ ସମ୍ବେଦନଶୀଳ ଫୁଲ ବୋଲି ସେମାନେ ବିବେଚନା କରନ୍ତି ।



## ଅଇରି ଫୁଲର ରୋପଣ ବିଧି

ସାଧାରଣତଃ ଅଇରିଫୁଲ ଗ୍ରାମୀଣ ସ୍ଥାନମାନଙ୍କରେ ଆପେ ଆପେ ବୁଦା ଭଳି ଉଠିଥାଏ । ଖୁବ୍ ଝଙ୍କାଳିଆ ହୋଇଥାଏ ଓ ଫୁଲଗୁଡ଼ିକ ଅଧିକ ଦିନ ସତେଜ ହୋଇ ଗଛରେ ପେନ୍ଥା ଆକାରରେ ରହିଥାଏ । କିନ୍ତୁ ଆମେ ଯଦି ଅଇରି ଫୁଲର ଶଙ୍କରୀ ପ୍ରଜାତି ବା ବିଭିନ୍ନ ରଙ୍ଗର ଅଇରି ରୋପଣ କରିବା, ତେବେ ଆମକୁ ଋତୁ ଉପରେ ଧ୍ୟାନ ଦେବାକୁ ପଡ଼ିବ । କାରଣ ଶଙ୍କରୀ ପ୍ରଜାତିଗୁଡ଼ିକ ପ୍ରାୟତଃ ବସନ୍ତର ମଧ୍ୟଭାଗରେ କିମ୍ବା ଗ୍ରୀଷ୍ମ ପ୍ରାରମ୍ଭରେ କୁହୁଡ଼ି, କାକର କମିଯିବା ପରେ ଲଗାଇବା ଉଚିତ୍ । ଯଦି ନର୍ସରୀରୁ ଆପଣ ଚାରା ପାଉଛନ୍ତି, ତେବେ ଚାରାକୁ କୁଣ୍ଡରେ ସିଧାସଳଖ ଲଗାଇ ପାରିବେ । ଯଦି ମଞ୍ଜିରୁ ଗଛ କରିବାକୁ ଚାହାନ୍ତି ତେବେ ମାଟି ସହିତ ଉର୍ବରକ ଲଗାଇବେ । ମଞ୍ଜି ବୁଣିସାରିବା ପରେ ମାଟିକୁ ହାଲୁକା ଖେଳେଇ ସେଥିରେ ଆବଶ୍ୟକ ଅନୁସାରେ ପାଣି ସିଞ୍ଚନ କରିବେ, ଯେମିତି ଅଧିକ୍ କାଦୁଅ ନହୁଏ । ମଇ ମାସରୁ ଅକ୍ଟୋବର ପର୍ଯ୍ୟନ୍ତ ରୋପଣ କରିବାର ଭଲ ସମୟ ହୋଇଥାଏ । ଯଦିଓ ଅଇରି ଅଧିକ ଶୁଷ୍କତା ସହନ କରିପାରେ, ତଥାପି ମଞ୍ଜିରୁ ଚାରା ହେବାଯାଏ ବା ମାଟି ଶୁଷ୍କ ହେବାଯାଏ ଘର ଭିତରେ ରଖିବାକୁ ପଡ଼ିଥାଏ । ଚାରା ହେବା ପରେ ଆପଣ ବଗିଚାରେ କିମ୍ବା କୁଣ୍ଡରେ ରୋପଣ କରିପାରିବେ ।ଅଇରି ଚାରିପାଖରେ ଉଠୁଥିବା ଅନାବନା ଘାସକୁ ମଝିରେ ମଝିରେ ସଫା କରିଦେଲେ ଏହା ଅଧିକ ଉର୍ବର ହୋଇଥାଏ ଓ ଭଲ ଫୁଲ ଫୁଟାଇଥାଏ । ଅଇରିର ବିଭିନ୍ନ ପ୍ରଜାତି ଅନୁସାରେ ତା'ର ରୋପଣ ପଦ୍ଧତି ଚୟନ କରାଯାଏ । ନର୍ସରୀରେ ଏବେ ବିଭିନ୍ନ ରଙ୍ଗ ଓ ପ୍ରଜାତିର ଅଇରି ଫୁଲର ଚାରା ଉପଲବ୍ଧ ହେଉଛି, ଯାହାକୁ ଆପଣ ସିଧାସଳଖ ନିଜ ବଗିଚାରେ କିମ୍ବା କୁଣ୍ଡରେ ଲଗାଇ ପାରିବେ ।



## ଔଷଧୀୟ ଉପଯୋଗରେ ଅଇରି

ଅଇରିରେ ଅନେକଗୁଡ଼ିଏ ପ୍ରଜାତି ରହିଛି ଶାକଜାତୀୟ ଓ ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକାରକ । ବ୍ଲୁ ଭର୍ବେନା ସେଥିରୁ ଗୋଟିଏ । ଏହାର ସ୍ୱାଦ ପିତା ହୋଇଥିବାରୁ ଏହାର ପତ୍ର ଓ ମଞ୍ଜିକୁ ଅଧିକ ସମୟ ଥଣ୍ଡା ପାଣିରେ ଭିଜାଇ ରଖାଯାଏ ପିତା କମ୍ ହେବାକୁ । ଏହାର ଚେରରେ ଉପଯୋଗ ଅନେକ ରୋଗ ଯଥା- ଥଣ୍ଡା, କାଶ, ଚିନ୍ତା, ଅବସାଦ, ଜ୍ୱର, ପେଟଦରଜ, ମୁଣ୍ଡବିନ୍ଧା, ପାଇଁ ବ୍ୟବହୃତ ହୋଇଥାଏ । ଅଇରି ଗଛ ମାଟି ଉପର ଭାଗକୁ ଔଷଧ ପାଇଁ ଉପଯୋଗ ହୋଇଥାଏ, ହାଲୁକା ଜ୍ୱର, ପେଟ ଦରଜ, ମୁଣ୍ଡବିନ୍ଧା ପାଇଁ ବ୍ୟବହୃତ ହୋଇଥାଏ । ଅଇରି ଗଛ ମାଟି ଉପର ଭାଗକୁ ଔଷଧ ପାଇଁ ଉପଯୋଗ ହୋଇଥାଏ, ହାଲୁକା ମାଢ଼ି ବା ପାଇରିଆ ରୋଗ, ନାକ ଗୁହା, ଫୁଲା, ଉଦାସୀନତା, ସାଇନୋସିନଇଡ୍ସରୁ ଉପଶମ ଦେଇଥାଏ । ଟେଷ୍ଟ୍ ଟ୍ୟୁବ୍ ଏବଂ ପଶୁ ଚିକିତ୍ସା ଅଧ୍ୟୟନରୁ ଜଣାଯାଏ, ଭର୍ବେନାରେ ଥିବା ଗ୍ଲାଇକୋସାଇଡ୍ସ, ଟ୍ରାଇଟୋରିପିନୋଇଡ୍ସ ଏବଂ ଆବଶ୍ୟକ ତେଲ ଟ୍ୟୁମରର ବୃଦ୍ଧି ହେବାରେ ରୋକିଥାଏ ଓ କ୍ୟାନ୍ସର ସୃଷ୍ଟି କରୁଥିବା କୋଷିକାଗୁଡ଼ିକୁ ନଷ୍ଟ କରିଥାଏ । ବନସ୍ପତି ଗବେଷକମାନେ ଏହାକୁ ଟ୍ୟୁମର ବିରୋଧି ଭାବେ ଭର୍ଜେନୋସାଇଡ୍ସ ଏ ଏବଂ ବି ଦୁଇପ୍ରକାର ଗ୍ଲାଇକୋସାଇଡ୍ସ ଏବଂ ଟ୍ରାଇଟର ପିନୋଇଡ୍ସକୁ ଶ୍ରେୟ ଦେଇଛନ୍ତି । ଅଇରି ସ୍ନାୟୁରୋଗ ପାଇଁ ମଧ୍ୟ ଉପକାରୀ । ମାଇଟ୍ରୋକଣ୍ଡିଆ ମସ୍ତିଷ୍କର କୋଷିକାଗୁଡ଼ିକରେ ଉର୍ଜା ଉତ୍ପାଦନ କରିଥାଏ ଓ ଏମିତି କରିବା ପାଇ ଅମ୍ଳଜାନର ଆବଶ୍ୟକତା ପଡ଼ିଥାଏ । ଅମ୍ଳଜାନ ବିନା ଉର୍ଜା ଉତ୍ପାଦନ କମ୍ ହୋଇଥାଏ, ଯେଉଁଥିପାଇଁ ନିୟମିତ ଭାବେ ରକ୍ତ ସଞ୍ଚାଳନର ଗତିବିଧିରେ ସମସ୍ୟା ଉତ୍ପନ୍ନ କରେ ଓ ସ୍ନାୟୁ ପ୍ରଣାଳୀର ଅନେକ ରୋଗ ବଢ଼ାଇଥାଏ । ମାଇଟ୍ରୋକଣ୍ଡିଆ ଏହାକୁ ସହଜ କରିଥାଏ । ମହିଳାମାନଙ୍କ ଋତୁ ଅନୀୟମିତତା ଓ ସ୍ତନପାନ କରାଇବାରେ ବାଧା ଉପୁଜିବା ଦୂର କରି ସଞ୍ଚାଳନ ବଢ଼ାଇଥାଏ । କେହି କେହି ଭର୍ବେନାକୁ ଶୁଖି ନଥିବା ଘା, କୁଣ୍ଡିଆ, ଜଳିଯାଇଥିବା ସ୍ଥାନରେ ଲେପ ଦେଇ ଉପଶମ ପାଇଥାନ୍ତି । ଆଣ୍ଠୁ ଗଣ୍ଠି ଦରଜ, ହାଡ ଦରଜ ପାଇଁ ଅଇରିପତ୍ରକୁ ବ୍ୟବହାର କରାଯାଏ । ମାଦକ ଦ୍ରବ୍ୟର ସ୍ୱାଦ ବଢ଼ାଇବା ପାଇଁ ମଧ୍ୟ ଭର୍ବେନାର ବ୍ୟବହାର ହୋଇଥାଏ, ଏହା ବ୍ୟତୀତ ଗଳା ଦରଜ, ଆସ୍ଥମା, ଛାତି ଦରଜ, ପୋଡା ଘା, ଥଣ୍ଡା, ବାତରୋଗ, କୁଣ୍ଡିଆ ଆଦି ଅନେକ ରୋଗରୁ ଉପଶମ ଦେଇଥାଏ । ଭର୍ବେନା ବ୍ୟବହାର କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ନିହାତି ଜରୁରୀ ।

ଭର୍ବେନା ପରି ଦେଖିବାକୁ ସେହି ପରିବାରର ଆଉ ଏକ ଫୁଲ ଅଛି 'ଲାଣ୍ଟେନା କ୍ୟାମେରା', ଯାହାକୁ ନାଗ ଅଇରି ବୋଲି ଆମ ଓଡ଼ିଆରେ ସମସ୍ତେ ଜାଣନ୍ତି । ଦେଖିବାକୁ ଠିକ୍ ନାଗ ପରି ଏହି ଭର୍ବେନା ଛୋଟ ଛୋଟ, ଖୁବ୍ ଆକର୍ଷକ ଓ ବିଭିନ୍ନ ରଙ୍ଗର ହୋଇଥାଏ । ନାଗ ଅଇରିର ପତ୍ର ଫୁଲ, ଚେର, ଆଦି ଅନେକ ରୋଗରୁ ଉପଶମ ଦେଇଥାଏ । ଏହା ଏକ ଜଙ୍ଗଲୀ ଫୁଲ ଓ ଝାଡ଼ି ଆକାରରେ ଗ୍ରାମୀଣ ଅଞ୍ଚଳରେ ଅଧିକ ଦେଖାଯାଏ ।



# ହସଖୁସିର ପରିବାର - ୪୨

**ହସଖୁସିରେ ଭରା ପରିବାରଟିଏ ଆମ ସମସ୍ତଙ୍କର ସ୍ୱପ୍ନ। ସମସ୍ତେ ଚାହାନ୍ତି, ପରିବାରରେ ସୁଖଶାନ୍ତି ଓ ସଫଳତା ବିରାଜୁ। କିନ୍ତୁ ହୁଏନା । କଳହ, ହିଂସା, ମତଭେଦ, ଗର୍ବ, ଅହଂକାର ଯୋଗୁଁ ଅନେକ ପରିବାର ଭାଙ୍ଗିଯାଏ ଅଥବା ଅଶାନ୍ତି ଓ ଦୁଃଖରେ ପେଷି ହେଉଥାଏ । ସେତେବେଳେ ପରିବାରର ସଦସ୍ୟମାନେ ସେସବୁ ସମସ୍ୟାର ସମାଧାନ ପାଇଁ ବାଟ ଖୋଜନ୍ତି । ସେପରି ନାନାଦି ପାରିବାରିକ ସମସ୍ୟାରେ ସଢୁଥିବା ପରିବାର ବା ପରିବାରର ଯେକୌଣସି ସଦସ୍ୟସଦସ୍ୟା ଏହି ବିଭାଗରେ ଆମକୁ ଜଣାଇ ପାରିବେ ସେମାନଙ୍କ ସମସ୍ୟା । ଆପଣମାନଙ୍କ ପାରିବାରିକ ତଥା ବ୍ୟକ୍ତିଗତ ସମସ୍ୟାର ସମାଧାନ ସୂତ୍ର ବତାଇବୁ ଆମେ ।**



**ଡକ୍ଟର ହରପ୍ରସନ୍ନ ଦାସ**
ମୁଖ୍ୟ କୋଚ୍
ମ୍ୟାକ୍ ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁସନ୍
ଭୁବନେଶ୍ୱର

ପ୍ରବୀଣ ପରାମର୍ଶଦାତା ହିସାବରେ ଡକ୍ଟର ହରପ୍ରସନ୍ନ ଦାସଙ୍କର ମାନବ ସମ୍ବଳ ବିକାଶ କ୍ଷେତ୍ରରେ ରହିଛି ୪୩ ବର୍ଷର ଅଭିଜ୍ଞତା । ମନସ୍ତାତ୍ୱିକ ପଦ୍ଧତିରେ ବ୍ୟକ୍ତିଗତ ତଥା ପାରିବାରିକ ସମସ୍ୟା ପାଇଁ ସମାଧାନର ସୂତ୍ର ଯୋଗାଇ ଦେବାରେ ସେ ଦେଶ ଭିତରେ ଓ ବାହାରେ ବେଶ୍ ପରିଚିତ । ଜଣେ ବକ୍ତା, ସୁଲେଖକ, ନାଟ୍ୟକାର, ଅଭିନେତା ତଥା ଟେଲିଭିଜନ୍ ଓ ରେଡିଓ କଳାକାର ହିସାବରେ ମଧ୍ୟ ସେ ବେଶ୍ ବିଖ୍ୟାତ । ଜୀବନ ଦକ୍ଷତାର ବିକାଶ ସମ୍ପର୍କୀୟ ତାଙ୍କର ଅନେକ ଇଂଲିଶ୍ ତଥା ଓଡିଆ ପୁସ୍ତକ ପ୍ରକାଶ ପାଇ ଆଦୃତ । ଏବେ ସେ ମ୍ୟାକ୍ ଗ୍ରୁପ୍‌ର ମୁଖ୍ୟ କୋଚ୍ । 'ରେବତୀ' ପୃଷ୍ଠାକୁ ଆମେ ତାଙ୍କୁ ନେଇ ଆସିଛୁ କେବଳ ଆପଣମାନଙ୍କ ପାଇଁ ।

www.drhpdas.com

**ସମସ୍ୟା ପଠାଇବାର ଠିକଣା**

ଡକ୍ଟର ହରପ୍ରସନ୍ନ ଦାସ
ମୁଖ୍ୟ କୋଚ୍, ମାନବ ଅଧ୍ୟୟନ କେନ୍ଦ୍ର
ପୋଖରୀପୁଟ, ଭୁବନେଶ୍ୱର
ଫୋନ : ୯୪୩୭୦୧୧୦୨୨
କିମ୍ବା
ସମ୍ପାଦକ
'ରେବତୀ ଆମ ମାଟିର ସ୍ୱର'
ଓ.ଟି. ରୋଡ୍
ଲକ୍ଷ୍ମୀନାରାୟଣ ମନ୍ଦିର ପାର୍ଶ୍ୱ, ଆଳୁପୁର
ବାଲେଶ୍ୱର-୭୫୬୦୦୧
ଫୋନ୍ : ୭୦୦୮୮୪୫୯୨୦

## ଆପଣଙ୍କ ସମସ୍ୟା : ସମାଧାନ ସୂତ୍ର ଆମର

### ସମସ୍ୟା: ୧

ମୋତେ ୬୨ ବର୍ଷ ବୟସ । ମୁଁ ସରକାରୀ ଚାକିରିରୁ ଅବସର ନେଇଛି । ମୋର ଦୁଇପୁଅ ଓ ଗୋଟିଏ ଝିଅ । ଦୁଇପୁଅ ବିବାହିତ । ବଡପୁଅ ତାର ପରିବାର ନେଇ ଆମେରିକାରେ ରହୁଛି । ସାନପୁଅ ଭଲପାଠ ପଢି ସରକାରୀ ଚାକିରି କରୁଛି । ତେଣୁ ତାର ବିଭିନ୍ନ ସ୍ଥାନକୁ ବଦଳି ଚାକିରିରେ ସେ କେବେହେଲେ ଆମ ପାଖରେ ରହିପାରେ ନାହିଁ । ତାର ଯେଉଁଆଡେ ବଦଳି ହୁଏ ସେ ତାର ସ୍ତ୍ରୀ ଓ ପିଲାମାନଙ୍କୁ ନେଇ ସେଠାକୁ ଚାଲିଯାଏ । ସେ କେବେହେଲେ ଆମମାନଙ୍କୁ ତା ପାଖକୁ ଡାକେନାହିଁ କି ଆମେ ଗଲେ ମଧ ତାର ସ୍ତ୍ରୀ ସେସବୁକୁ ପସନ୍ଦ କରେ ନାହିଁ । ଘରେ ଆମେ କେବଳ ତିନିପ୍ରାଣୀ । ମୁଁ ମୋର ପତ୍ନୀ, ଓ ଝିଅ । ଝିଅ ବହୁତ ସାନ । ପାଠପଢା ସାରି ଏକ ବେସରକାରୀ ସଂସ୍ଥାରେ ଚାକିରି କରୁଥିଲା । କିନ୍ତୁ କିଛି ଦିନ ପରେ ସେଇଟା ଛାଡି ଏବେ ଘରେ ବସିରହୁଛି । ବିବାହ କରିବା ପାଇଁ ମଧ ମନାକରୁଛି । କିନ୍ତୁ ଦୁଃଖର ବିଷୟ ଯେ ମୋର ପୁଅମାନେ ଏ ବିଷୟରେ କିଛି ବୁଝୁ ନ ଥିବାରୁ ମୁଁ ବହୁତ ବ୍ୟସ୍ତହେଇ ଅଶାନ୍ତିରେ ଦିନକାଟୁଛି । ପତ୍ନୀ ସବୁବେଳେ ମୋର ଦୋଷ ଦେଉଛି ଯେ ତୁମର ଅତିଶୟ ଗେହ୍ଲାପାଇଁ ଆଜି ଝିଅର ଏହି ଅବସ୍ଥା । ପତ୍ନୀ ଏଠାରୁ ଚାଲିଯାଇ ପୁଅମାନଙ୍କ ପାଖରେ ରହିବାକୁ ଚାହୁଁଛି । କିନ୍ତୁ ମୁଁ ଭାବିପାରୁନି ଝିଅକୁ ନେଇ ସେଠାକୁ

▼ବିରଜା ବଳଙ୍କ ହସଖୁସିର ପରିବାର





▼କ୍ଷୀରୋଦ ଦାସଙ୍କ ହସଖୁସିର ପରିବାର

ଗଲେ ଆମର ଭବିଷ୍ୟତ କଣ ହେବ । ଏହିପରି ଅନେକଗୁଡିଏ କଥାକୁ ନେଇ ମୁଁ ବହୁତ ମାନସିକ ଅଶାନ୍ତିରେ ରହୁଛି । ପୁଅମାନେ କେହିହେଲେ ଏ ବିଷୟରେ କିଛି ଭାବୁନାହାନ୍ତି । ଝିଅକୁ ଯେତେ ବୁଝାଇଲେ ବି ସେ ବୁଝୁନାହିଁ । ସେ କଣ କରିବାକୁ ଚାହୁଁଛି ତାହା ମଧ ମନଖୋଲି କହୁନାହିଁ । ଦୟାକରି ଏହାର ସମାଧାନର ବାଟ ବତାନ୍ତୁ ।

**◣ନିର୍ମଳ ଚନ୍ଦ୍ର ସାହୁ, କଟକ**

### ସମାଧାନର ସୂତ୍ର

ଆପଣଙ୍କର ପରିବାରରେ ଏବେ ଯାହା କିଛି ଘଟୁଛି ବୋଲି ଲେଖିଛନ୍ତି ସେଥିରେ ଆଦୌ ବିଚଳିତ ହୁଅନ୍ତୁନାହିଁ । କାରଣ ଏଭଳି ଘଟଣା ଅଧିକାଂଶ ପରିବାରରେ ଦେଖାଯାଉଛି ।  ଏଣୁ ଚିନ୍ତାଗ୍ରସ୍ଥ ନ ହେଇ ଥଣ୍ଡାମୁଣ୍ଡରେଏହାର ସମାଧାନର ବାଟ ବାହାର କରିବାକୁ ହେବ । ଆମେ ଯେପରି ଚାହିଁବା ସେପରି ଯେ ସବୁ କଥାର ସମାଧାନ ହେଇଯିବ ତାହା ଭାବିବା ଉଚିତନୁହେଁ । ପାରିବାରିକ ସମସ୍ୟା ସବୁବେଳେ ଲାଗିରହିବ । ଏଣୁ କୌଣସି ପରିସ୍ଥିତିରେ ବି ଆମେ ମାନସିକସ୍ତରରେ ଭାଙ୍ଗି ପଡିବା ଉଚିତ ନୁହେଁ । ଦେଖିବାକୁ ଗଲେ ଆପଣଙ୍କ ପାଖରେ ବର୍ତ୍ତମାନ ଚିନ୍ତାର ବିଷୟ ହେଉଛି ଝିଅର ବାହାଘର । ବାପାମାଆ ହିସାବରେ ତାହା ଆପଣଙ୍କର ଦାୟିତ୍ୱ ବୋଲି କହିଲେ ଠିକହେବ । କିନ୍ତୁ ଆପଣଙ୍କ ଝିଅ ଯଦି ବାହାହେବା ପାଇଁ ଚାହୁଁନି ତେବେ ଆପଣଙ୍କୁ ହିଁ ତାହାର ପ୍ରକୃତ କାରଣ ଖୋଜି ବାହାର କରିବାକୁହେବ । ଏଣୁ ଝିଅ ସହିତ କୌଣସି ଯୁକ୍ତି ନ କରି ମନଖୋଲି କଥାହେଲେ ହୁଏତ ଆପଣ ଜାଣିପାରିବେ । ଆପଣ ଚାକିରିରୁ ଅବସର ନେଇଛନ୍ତି । ପେନସନ ପାଉଥିବାରୁ ଘରେ ଚଳିବାରେ କିଛି ଅସୁବିଧା ହେଉ ନ ଥିବ । ଏଣୁ ଶାନ୍ତିମନରେ ଝିଅ ସହିତ ହସିଖୁସିରେ ଚଳିବାକୁ ଚେଷ୍ଟା କରନ୍ତୁ । ସିଏ ଆପଣଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି ବୋଲି କାହା ଆଗରେ କହିବେ ନାହିଁ । ଦୁଇପୁଅଙ୍କୁ ଏ ବିଷୟରେ ଦୋଷ ଦେବାର ଆବଶ୍ୟକତା ନାହିଁ । ଆପଣଙ୍କର ବନ୍ଧୁବାନ୍ଧବରେ ଯାହା ସହିତ ଝିଅର ଭଲ ସଂପର୍କ ଥିବ ତାଙ୍କ ମାଧ୍ୟମରେ ଝିଅର ମନକଥା ଜାଣିବାକୁ ଚେଷ୍ଟା କରନ୍ତୁ । ମୋର ବିଶ୍ୱାସ ବାପାମାଆ ହିସାବରେ ଝିଅ ସହିତ ହସିଖୁସିରେ ମନଖୋଲା କଥାହେଲେ ପ୍ରକୃତ କାରଣ ଜଣାପଡିବ । ଏ ସବୁ ପରିସ୍ଥିତି ପାଇଁ ଆପଣଙ୍କ ସ୍ତ୍ରୀ ଆପଣଙ୍କୁ ଦୋଷାରୋପ କରୁଥିଲେ ବି ଆପଣ ବିରକ୍ତ ହୁଅନ୍ତୁ ନାହିଁ । କମ୍ୱା ତାଙ୍କ ସହିତ ଯୁକ୍ତିତର୍କ କରନ୍ତୁ ନାହିଁ । ଘରର ମୁରବି ହିସାବରେ ଆପଣଙ୍କୁ ବହୁତ କିଛି ସହିବାକୁ ପଡିବ । ମାତ୍ର ତିନିଜଣଙ୍କୁ ନେଇ ଆପଣଙ୍କର ଛୋଟ ପରିବାର । ଏଣୁ ସୁଖଶାନ୍ତିରେ ରହିବାକୁ ଚେଷ୍ଟା କଲେ ସମାଧାନର ବାଟ ଆପେ ଆପେ ବାହାରିଯିବ । ପୁଅମାନଙ୍କର ମାନସିକତା ଜାଣିସାରିବା ପରେ ଆପଣ ସେମାନଙ୍କ ପାଖରୁ ଅଧିକ କିଛି ଆଶା କରିବା ଉଚିତ ନୁହେଁ । ମନରେ ଧୈର୍ଯ୍ୟରଖିବା ସହିତ ପ୍ରଭୁଙ୍କ ଉପରେ ବିଶ୍ୱାସ ରଖନ୍ତୁ । ଆମର କର୍ମ ଆମ ହାତରେ ଅଛି କିନ୍ତୁ ଫଳ ନୁହେଁ । ଏଣୁ ସକାରାତ୍ମକ ମନୋଭାବ ରଖି କର୍ମ କରିଚାଲନ୍ତୁ । ନିଶ୍ଚିତ ଭାବରେ ସମାଧାନର ବାଟ ବାହାରିବ । ଆମେ ଯେମିତି ଚାହୁଁଛୁ ଠିକ ସେହିପରି ନ ହେଲେ ବି ଯାହା ହେବ ତାହାକୁ ଖୁସି ମନରେ ଗ୍ରହଣ କରିଲେ ହିଁ ଆମେ ଶାନ୍ତିରେ ରହିପାରିବା ।

### ସମସ୍ୟା: ୨

ମୋର ବିବାହକୁ ମାତ୍ର ଏକ ବର୍ଷ ହେଇଛି । ଘରେ ଶାଶୁ, ଶ୍ୱଶୁର, ଦିଅର ଓ ନଣନ୍ଦ ସମସ୍ତେ ଏକାଠି ରହୁଛୁ । ଦିଅରମାନେ ବିବାହ କରିନାହାନ୍ତି । କିନ୍ତୁ ନଣନ୍ଦଙ୍କର ବିବାହ ପ୍ରାୟ ତିନିବର୍ଷ ତଳୁ ହେଇଯାଇଛି । କିନ୍ତୁ ଏବେ କିଛିଦିନ ହେବ ସେ ଶାଶୁଘରେ ଝଗଡା କରି ଆସି ଏଠାରେ ରହୁଛନ୍ତି । ତାଙ୍କ ସ୍ୱାମୀ ତାଙ୍କୁ ନେବାକୁ ଚାହିଁଲେ ବି ସେ ନିଜ ଜିଦରେ ଅଟଳ । ଆଉ ସେ ଘରକୁ ଯିବେ ନାହିଁ ବୋଲି କହୁଛନ୍ତି । ଆମ ବିବାହର ଆଠ/ନଅମାସ ଯାଏଁ ସବୁ ଠିକ୍‌ଠାକ ଚାଲିଥିଲା । କାହାରି ଭିତରେ କୌଣସି ମନାନ୍ତର ଅବା ମତାନ୍ତର ନ ଥିଲା । କିନ୍ତୁ ମୋର ନଣନ୍ଦ ଆସି ରହିବା ପର ଠାରୁ ସବୁ ଅଶାନ୍ତି ଆରମ୍ଭ ହେଲା । ଅନେକ ସମୟରେ ଆମ ସ୍ୱାମୀସ୍ତ୍ରୀ



▼ଶୁଭ୍ରାଂଶୁ ପଣ୍ଡାଙ୍କ ହସଖୁସିର ପରିବାର

ଭିତରେ ଅଯଥା କଥାରେ ଝଗଡା ଲାଗୁଛି । ବେଳେବେଳେ ଝଗଡା ଏତେ ବଢିଯାଉଛି ଯେ ଆମ ଭିତରେ ଦିନ ଦିନ ଧରି କଥାବାର୍ତ୍ତା ବନ୍ଦରହୁଛି । ଆଉ ମୋ ଶାଶୁ ନିଜ ପୁଅର ସପକ୍ଷ ନେଇ ମୋତେ ଗାଳିଗୁଲଜ କରୁଛନ୍ତି । ନଣନ୍ଦ କାମ ପରେ କାମ ବତାଉଛନ୍ତି । ନ କରିଲେ ଯାହା ମନ ତାହା କହିଯାଉଛନ୍ତି । ସ୍ୱାମୀଙ୍କ ଆଗରେ ମୋ ନାମରେ ମିଛକଥା କହୁଛନ୍ତି । ମୋ ସ୍ୱାମୀ ମଧ୍ୟ ମାଆ ଓ ବଡଭଉଣୀଙ୍କର କଥାକୁ ବିଶ୍ୱାସ କରି ମୋତେ ମାନସିକ ନିର୍ଯାତନା ସହିତ ଭାଷାଅଭାଷାରେ ଗାଳିଗୁଲଜ କରୁଛନ୍ତି । ଅନେକ ସମୟରେ ମୁଁ ଭାବୁଛି ମୋ ଘରେ ସବୁ କଥା କହିଦେବି । କିନ୍ତୁ ବାପା ହୃଦରୋଗୀ ଥିବାରୁ ଏ ସବୁ କହିବାକୁ ଡରଲାଗୁଛି । ଏଠାରେ ରହିବାକୁ ହେଲେ ତାଙ୍କ ଇଚ୍ଛାରେ ଚଳିବାକୁ ହେବ ନଚେତ ନିଜ ଘରକୁ ଚାଲିଯିବାକୁ ସ୍ୱାମୀ ଓ ନଣନ୍ଦ କଥା କଥାରେ ଧମକ ଦେଉଛନ୍ତି । ଅନେକ ସମୟରେ ସ୍ୱାମୀଙ୍କୁ ବୁଝାଇବାକୁ ଚେଷ୍ଟାକରି ବି ପାରୁନି । ମୋତେ ଚାକିରି କରିବାକୁ ମଧ୍ୟ ମନାକରିଛନ୍ତି । ଭାବିପାରୁନି ମୁଁ କଣକରିବି । ଦୟାକରି ଏହାର ସମାଧାନ ବତାନ୍ତୁ ।

**ମୋନାଲିସା ନାୟକ, ବରହମ୍ପୁର**

### ସମାଧାନର ସୂତ୍ର

ଆପଣ ଯାହା ଲେଖିଛନ୍ତି ସେଥିରୁ ଜଣାପଡୁଛି ଯେ ଆପଣଙ୍କ ଘରେ ଆପଣଙ୍କ ଶାଶୁ ଓ ନଣନ୍ଦ ହିଁ ସବୁ ଗଣ୍ଡଗୋଳର ମୂଳ କାରଣ । ଘରର ମାଆ ହିସାବରେ ସମସ୍ତଙ୍କ ପ୍ରତି ସୁବିଚାର କରିବା ଶାଶୁଙ୍କର ଦାୟିତ୍ୱ । ବିବାହିତ ଝିଅକୁ ଘରେ ରଖି ତାର ସଂସାରକୁ ମଧ୍ୟ ସେ ନଷ୍ଟ କରୁଛନ୍ତି । ଝିଅ ସହିତ ମିଶି ତୁମପ୍ରତି ଅବିଚାର କରୁଛନ୍ତି । ସେଥିରେ ତାଙ୍କ ପୁଅ ମଧ୍ୟ ସହଯୋଗ କରୁଛି । ଖୁସିର କଥା ଯେ ତୁମ ଶ୍ୱଶୁର କିମ୍ବା ଦିଅରମାନେ ସେଥିରେ ଭାଗୀଦାର ନୁହଁନ୍ତି । ଏଥିରୁ ବୁଝାପଡୁଛି ଯେ ତୁମ ଶ୍ୱଶୁର ଜଣେ ଭଲ ଲୋକ । କିନ୍ତୁ ଘରେ ତାଙ୍କ କଥାର କୌଣସି ଗୁରୁତ୍ୱ ନାହିଁ । ଏଣୁ ଶାଶୁ ସମସ୍ତଙ୍କ ଉପରେ ହାକିମ ଦେଖାଉଛନ୍ତି । ଦିଅରମାନେ କିଛି ମୁହଁଖୋଲି କହିବାକୁ ସାହସ କରୁନାହାନ୍ତି । ବିବାହିତା ଝିଅ ଆସି ବାପଘରେ ରହି ଘର ଶାସନରେ ମୁଣ୍ଡ ପୁରାଇଲେ ହିଁ ସବୁ ଗଣ୍ଡଗୋଳ ସୃଷ୍ଟି ହୁଏ । ଏଣୁ ଏଥିରେ ବିଚଳିତ ନ ହୋଇ ବୁଦ୍ଧି ଖଟାଇ ଓ ଧୈର୍ଯ୍ୟ ରଖି କାମ କରିବାକୁ ହେବ । ସ୍ୱାମୀଙ୍କ ସହିତ ତୁମର ସଂପର୍କ ଭଲ ଥିଲା । ଏବେ କିନ୍ତୁ ଝଗଡା ହେଉଛି । ତୁମେ ସ୍ୱାମୀଙ୍କର କୌଣସି ଦୋଷ ନ କାଢି ତାଙ୍କୁ ବୁଝିବାକୁ ଚେଷ୍ଟାକର । ତାଙ୍କୁ ପରିବର୍ତ୍ତନ କରିବାକୁ ଚେଷ୍ଟା ନ କରି ବରଂ ନିଜକୁ ପରିବର୍ତ୍ତନ କର । ସେଥିରେ ହିଁ ତୁମର ଉପକାର ହେବ । ସ୍ୱାମୀଙ୍କ ସହିତ ହସି ହସି ମନଖୋଲି କଥାହୁଅ । ଏବଂ ତାଙ୍କ କଥା ତୁମକୁ କଷ୍ଟ ଦେଲେ ବି ତାହା ପ୍ରକାଶ କରନାହିଁ । ତାଙ୍କ ପାଖରେ ଶାଶୁ କିମ୍ବା ନଣନ୍ଦଙ୍କ ବିରୁଦ୍ଧରେ କୁହନାହିଁ । ସେହିପରି ଶାଶୁ କିମ୍ବା ନଣନ୍ଦଙ୍କ ସହିତ ଯୁକ୍ତି କରନାହିଁ କିମ୍ବା ସେମାନଙ୍କ ବିଷୟରେ ଅନ୍ୟ କାହା ପାଖରେ ଆଲୋଚନା କରନାହିଁ । ଶ୍ୱଶୁର ଓ ଦିଅରମାନଙ୍କ ସହିତ ଖୁସି ମନରେ କଥାହୁଅ । ଯେପରିକି ତୁମର କିଛି ଅସୁବିଧା ହେଉନାହିଁ । ଦେଖିବ ଧୀରେ ଧୀରେ ପରିସ୍ଥିତି ବଦଳିବ । ମନଟାଣ କରି ପ୍ରଭୁଙ୍କ ଉପରେ ବିଶ୍ୱାସ ରଖ । ନିଶ୍ଚିତ ଭାବରେ ତୁମର ସ୍ୱାମୀଙ୍କର ମନ ପରିବର୍ତ୍ତନ ହେବ । ତାହା ହିଁ ତୁମ ପାଇଁ ବଡ ସମ୍ବଳ । ଦିଅରମାନେ ବାହାହେଲେ ପରିସ୍ଥିତି ଆହୁରି ଜଟିଳ ହେଇପାରେ । ଏଣୁ ତୁମେ ହାତେ ମାପି ଚାଖଣ୍ଡେ ଚାଲିବା ଉଚିତ ।


ଲୋପାମୁଦ୍ରା ପରିଡ଼ାଙ୍କ ହସଖୁସିର ପରିବାର

ଧାରାବାହିକ ଆତ୍ମଜୀବନୀ

# ସ୍ମୃତିର ପ୍ରଜ୍ଞାପୀଠ



**ଜୟନ୍ତୀ ରଥ**

'ସାଇସୁଧା', ୩୬୫/୩୦୨୫, ଶିଶୁ ବିହାର,
ପଟିଆ କିଟ୍, ଭୁବନେଶ୍ୱର-୭୫୧୦୨୪
ଫୋନ : ୮୮୯୫୬୧୭୯୫୬

ଫଟୋ ସୌଜନ୍ୟ :ଲେଖିକା

**'ପ୍ରଜ୍ଞାପୀଠରେ ତେତିଶ୍‌ବର୍ଷ': ଜୟନ୍ତୀ ରଥଙ୍କ ଏକ ଆତ୍ମଜୀବନୀ ମୂଳକ ଆଲେଖିକା । ଏଥିରେ ସେ ଧାରାବାହିକ ଭାବେ ଖୋଲିବେ ତାଙ୍କ ଜୀବନର ସେଇସବୁ ପାଖୁଡ଼ା, ଯେଉଁଥିରେ ପାଠକଙ୍କ ପାଇଁ ରହିବ ରାଶି ରାଶି ତଥ୍ୟ ଓ ଜୀବନ କାହାଣୀ, ପ୍ରାୟପୋନ୍ୟାସ ଶୈଳୀରେ । ଜୟନ୍ତୀ ରଥ ଆମ ସମୟର ଜଣେ ସୁଶୀଳ କଥାଶିଳ୍ପୀ । ଅସଂଖ୍ୟ ଗଳ୍ପ ଲେଖି ସେ ଓଡ଼ିଆ ପାଠକଙ୍କ ମନ ଜିଣି ପାରିଛନ୍ତି । ପାଖାପାଖି ୧୯ଟି ଗଳ୍ପ ସଂକଳନ, ୩ଟି ଉପନ୍ୟାସ, ୪ଟି କବିତା ସଂକଳନର ସେ ସ୍ରଷ୍ଟା । ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ପଦବୀରୁ ଅବସର ନେଇ ସେ ଏବେ ସାହିତ୍ୟ ସାଧନାରେ ମଗ୍ନ । 'ରେବତୀ'ର ପାଠକଙ୍କ ପାଇଁ ଏହି ଧାରାବାହିକଟି, ଅଧୁନା ତାଙ୍କ ସ୍ୱପ୍ନ ଓ ସଂକଳ୍ପ ।**



▶ ଲେଖିକା ଜୟନ୍ତୀ ରଥ

# ୨୮ ପ୍ରଜ୍ଞାପୀଠରେ ତେତିଶ ବର୍ଷ

ଓଡ଼ିଶା, ଭାରତ, ପୃଥିବୀର ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ସେ ଆରାଧ୍ୟ ଗୁରୁଦେବ । ବାରିପଦା ମାଟିର ଯୋଗ୍ୟତମ ସନ୍ତାନ । ଉତ୍ତରପ୍ରଦେଶ ସରକାରଙ୍କ ପୋଲିସ ମହାନିର୍ଦ୍ଦେଶକ ପଦରୁ ଅବସର ନେବା ପରେ ଓ ସଦ୍‌ଗୁରୁ ଶ୍ରୀ ସାଇନାଥଙ୍କ ବାଣୀ ଓ ମହିମା ପ୍ରଚାର କରିବାରେ ନିଜ ଜୀବନକୁ ସଂପୂର୍ଣ୍ଣ ରୂପେ ନିୟୋଜିତ କରିଛନ୍ତି । ସେ ହେଉଛନ୍ତି ପୂଜ୍ୟ ଗୁରୁଜୀ ଚନ୍ଦ୍ରଭାନୁ ଶତପଥୀ । ବହୁ ଭବ୍ୟ ସାଇମନ୍ଦିରର ନିର୍ମାଣ କର୍ତ୍ତା । ନିଉଜିଲାଣ୍ଡ ଠୁ ସମ୍ବଲପୁର । ଚେନ୍ନାଇ ଠୁ ବୋଷ୍ଟନ୍ । ଆସାମ୍ ଠୁ ୱାଶିଂଟନ । ସର୍ବତ୍ର କରୁଣାମୟ ସଦ୍‌ଗୁରୁ ସାଇନାଥଙ୍କ ନାମର ମହିମା ପ୍ରଚାର କରିଚାଲିଛନ୍ତି ଅକ୍ଲାନ୍ତ ଭାବରେ ଗୁରୁଜୀ ।

ଗତ ଶତାବ୍ଦୀର ନବେ ଦଶକର ଆଦ୍ୟ ଭାଗରେ ତା ଜୀବନରେ ଉଭା ହେଲେ ଗୁରୁଜୀ ସଖା, ସହୋଦର, ମାର୍ଗଦର୍ଶନ ଭାବରେ । ଜଗତ୍‌ଜନଙ୍କୁ ଶାନ୍ତିର, ମୈତ୍ରୀର କରୁଣାର ସନ୍ଦେଶ ଦେବାକୁ ଅବତୀର୍ଣ୍ଣ ଏଇ ମହାପୁରୁଷଙ୍କ ସାନ୍ନିଧ୍ୟ ଲାଭ କରିବାଟା ତା' ପାଇଁ ଥିଲା ପରମ ସୌଭାଗ୍ୟ । ଭୁବନେଶ୍ୱର ଟଙ୍କପାଣି ରୋଡ଼ର ସାଇ ମନ୍ଦିର ନିର୍ମାଣ କାର୍ଯ୍ୟ ତଦାରଖ କରିବା ପାଇଁ ଗୁରୁଜୀ ବରାବର ଆସୁଥିଲେ । ବେବିର ବଡ଼ଭାଇ ସୁରେଶ ଚନ୍ଦ୍ର ପଣ୍ଡାଙ୍କୁ ଏ ମନ୍ଦିର ନିର୍ମାଣ ଦାୟିତ୍ୱ ଅର୍ପଣ କରିଥିଲେ ଗୁରୁଜୀ । ସେଥିପାଇଁ ଗୁରୁଜୀଙ୍କ ସହିତ ସାକ୍ଷାତ ସହଜ ହେଉଥିଲା ବେବି ପକ୍ଷରେ । ଗୁରୁଜୀ ବହୁ ଲୋକଙ୍କ ଐହିକ କ୍ଳେଶ, ଦୈହିକ କଷ୍ଟ, ମାନସିକ ସନ୍ତାପ ଦୂର କରିବାର ଚାକ୍ଷୁଷ ପ୍ରମାଣ ସେ ପାଇଥିଲା ସେହି ସମୟରେ । ସେଇ ସମୟରେ ଆଖିରେ ଦାରୁଣ ଯନ୍ତ୍ରଣା ଅନୁଭବ କରୁଥିଲା । ବର୍ଷ ବର୍ଷ ଧରି ବଡ଼ବଡ଼ ବିଶେଷଜ୍ଞଙ୍କ ପାଖରେ ଚିକିତ୍ସା ଫଳପ୍ରଦ ହେଉନଥିଲା । ଆକୁଳ ହୋଇ ସେ ଅନୁନୟ କରିଥିଲା ଗୁରୁଜୀଙ୍କୁ ତା' ଆଖିର ଯନ୍ତ୍ରଣା ଦୂର କରିବା ପାଇଁ । ଗୁରୁଜୀ ଆଖି ଉପରେ ତାଙ୍କ ବରଦ ହସ୍ତ ତ ରଖିଥିଲେ । ତେବେ ତାଙ୍କ ନିଦାନର ଧାରା ଥିଲା ସ୍ୱତନ୍ତ୍ର ।

ଗୁରୁଜୀ ତାକୁ ତାଙ୍କର ସଦ୍ୟ ଲିଖିତ 'ଗୋପ୍ୟରୁ ଅଗୋପ୍ୟ' କାବ୍ୟରେ ବର୍ଣ୍ଣିତ କାଳ ତତ୍ତ୍ୱ, ବ୍ରହ୍ମାଣ୍ଡ ତତ୍ତ୍ୱ ଆଦିର ବ୍ୟାଖ୍ୟା କରୁଥିଲେ । ଶ୍ରୀ ଗୁରୁ ଭାଗବତ ଗ୍ରନ୍ଥର ଗୁରୁତତ୍ତ୍ୱ । ଜନ୍ମ-ଜନ୍ମାନ୍ତର ତତ୍ତ୍ୱ, ପ୍ରାରବ୍ଧ ତତ୍ତ୍ୱ ବୁଝାଉଥିଲେ । ଆଧ୍ୟାତ୍ମିକ ଅନ୍ୱେଷାର ନୂତନ ଦିଗ ଉନ୍ମୋଚନ କରୁଥିଲେ । ତା'ସହିତ ବଙ୍ଗଳା କବି ଜୀବନାନନ୍ଦ କାଜି ନଜରୁଲ ଇସଲାମ, ଓଡ଼ିଆ କବି ଗୁରୁପ୍ରସାଦ, ସୀତାକାନ୍ତ, ରମାକାନ୍ତଙ୍କ କବିତାର ପଂକ୍ତି ପରେ ପଂକ୍ତି ଆବୃତ୍ତି କରୁଥିଲେ । ପ୍ରଖର ତାଙ୍କର ସ୍ମରଣ ଶକ୍ତି । ଅନ୍ୟମାନଙ୍କୁ ଧର୍ମ, ମୋକ୍ଷର କଥା କହୁଥିବା ଗୁରୁଜୀ ତାକୁ କହୁଥିଲେ ଇଂରାଜୀ ସାହିତ୍ୟରେ ରେନାଁସା କଥା । କହୁଥିଲେ ସେ ସାଇତି ରଖିଥିବା ଆଲ୍ଲାଉଦ୍ଦନ୍ ଖିଲିଜୀ, ମହମ୍ମଦ ତୋଗଲୋକଙ୍କ ମୁଦ୍ରାର କଥା । ତା'ର ବୃତ୍ତି, ତା'ର ପ୍ରବୃତ୍ତିର ସବୁ ସ୍ତରକୁ ଛୁଇଁଥିଲେ ଗୁରୁଜୀ । ବିନା ସୂଚନାରେ ସଂଗ୍ରହାଳୟ ଆସି ପ୍ରତ୍ନତତ୍ତ୍ୱ ଗ୍ୟାଲେରୀ, ମୁଦ୍ରା ଗ୍ୟାଲେରୀ ଅସ୍ତ୍ରଶସ୍ତ୍ର ଗ୍ୟାଲେରୀ ତା ସହ ବୁଲିଲା ବେଳେ ମୂର୍ତ୍ତିତତ୍ତ୍ୱ ଉପରେ ତାକୁ ସମ୍ୟକ ଧାରଣା ଦେଇଥିଲେ । ପ୍ରକୃତ ଗୁରୁ ଶିଷ୍ୟର ଆଧ୍ୟାତ୍ମିକ ଚେତନାର ସ୍ଫୁରଣ ସହ ତା'ର ବ୍ୟକ୍ତିତ୍ୱର ବିକାଶ ସାଧନ, ତା'ର ଅଭିରୁଚିର ସଂଶୋଧନ ଦିଗରେ ଧ୍ୟାନ ଦେଇଥାନ୍ତି । ଗୁରୁଜୀଙ୍କ ସାନ୍ନିଧ୍ୟରେ ଆସି ଏହା ମର୍ମେ ମର୍ମେ ଅନୁଭବ କରିଥିଲା । ତା'ର ବୃତ୍ତିଗତ ଜୀବନରେ ବହୁ ପ୍ରତିବନ୍ଧକ ଥିଲା । ତା'ର ଜଟିଳ ସ୍ୱାସ୍ଥ୍ୟଗତ ସମସ୍ୟା ଥିଲା । ଗୁରୁଜୀ ସେ ଚାହିଁବା ପରି କିଛି ମ୍ୟାଜିକ୍ କଲେ ନାହିଁ ।


ତାକୁ 'ସାଇବାଣୀ' ପତ୍ରିକାର ସମ୍ପାଦନାର ଦାୟିତ୍ୱ ଦେଲେ । ଏହି ତ୍ରୈମାସିକ ପତ୍ରିକାରେ ସଦ୍‌ଗୁରୁ ସାଇନାଥଙ୍କ କରୁଣା ଲାଭ କରିଥିବା ବହୁ ଭକ୍ତ ସେମାନଙ୍କ ଜୀବନର ଅନନ୍ୟ ଅନୁଭୂତି ବର୍ଣ୍ଣନା କରି ଲେଖାମାନ ପଠଉଥିଲେ । ସେସବୁ ପଢ଼ି ଗୁରୁକୃପା, ଦୈବୀକୃପା ଉପରେ ଆସ୍ଥା ଦୃଢ଼ ହୋଇଥିଲା ବେବିର । ଓଃ କି ରୋମାଞ୍ଚକର ଅନୁଭୂତି ସବୁ!

ଶ୍ରୀ ସାଇନାଥ ! ଉପାସନୀ ମହାରାଜ, ତାଜୁଦ୍ଦିନ୍ ମହମ୍ମଦ, ଗଜାନନ ମହାରାଜ, ହଜରତ୍ ବାବାଜାନ୍, ଅକଲକୋଟ୍ ମହାରାଜ ଇତ୍ୟାଦି ସମର୍ଥ ସଦ୍‌ଗୁରୁମାନଙ୍କ ଜୀବନକୁ ନେଇ 'Shri Shirdi Sai Baba and other perfect masters' ଶୀର୍ଷକ ଏକ ଉଚ୍ଚମାନର ପୁସ୍ତକ ରଚନା କରିଥିଲେ ଗୁରୁଜୀ । ସେଇ ବହିଟିକୁ ଓଡ଼ିଆରେ ଅନୁବାଦ କରିବାକୁ ତାକୁ ଆଦେଶ ଦେଇଥିଲେ ।

ରାତି ରାତି ଅନିଦ୍ରା ରହି ସେଇ ବହିଟିର ଅନୁବାଦ କରିଥିଲା । ଏବେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ କେମିତି ସମ୍ଭବ ହେଲା ତା' ପକ୍ଷରେ । ସେ ତ ଠିକ୍‌ରେ ବସିପାରୁ ନଥିଲା ।

ଭାରତରୁ ଏବଂ ଭାରତ ବାହାରୁ ଜନ୍ମ ଜନ୍ମାନ୍ତର ବାଦ, ପ୍ରାରବ୍ଧ, କର୍ମଫଳ ଓ ଜୀବନର ବହୁବିଧ

ଦିଗ ଉପରେ ଭକ୍ତମାନଙ୍କର ଅର୍ଥପୂର୍ଣ୍ଣ ପ୍ରଶ୍ନର ଉତ୍ତର ରଖିଥିଲେ ଗୁରୁଜୀ BABA- May I Answer ବହିରେ । ସେଇ ବହିଟିର ଅନୁବାଦ କାମ ବି ଗୁରୁଜୀ ତା' ଉପରେ ନ୍ୟସ୍ତ କରିଥିଲେ ।


▼ ଆଧ୍ୟାତ୍ମିକ ଗୁରୁ ଚନ୍ଦ୍ରଭାନୁ ଶତପଥୀ

ପରେ ପରେ ସେ ଅନୁଭବ କରିଥିଲା ଯେ ତା'ର ଦୁଃଖ ହରଣ ପାଇଁ ଏହା ହିଁ ଥିଲା ଗୁରୁଜୀଙ୍କ ଉପଚାର । ଅନୁବାଦ କଲାବେଳେ ସେ ନିଜ ଜଗତରୁ ବିଚ୍ଛିନ୍ନ ହୋଇ ଏକ ବୃହତ୍ତର ଜଗତ, ଏକ ଆଲୋକିତ ଜଗତ ସହିତ ସଂଶ୍ଳିଷ୍ଟ ହୋଇ ଯାଉଥିଲା । ନିତିଦିନ ଜୀବନର ବ୍ୟଥା, ବେଦନା, ଅନ୍ୟ ମଣିଷର ପ୍ରତାରଣା, ପ୍ରବଂଚନା ଭୁଲି ଯାଉଥିଲା । ଗୁରୁଜୀଙ୍କର ସଙ୍ଗୀତ ଶାସ୍ତ୍ରରେ ଗଭୀର ପ୍ରବେଶ ଥିଲା । ନିଜେ ଭଜନ/ ଆଧ୍ୟାତ୍ମିକ ପ୍ରାର୍ଥନା ଲେଖୁଥିଲେ । ସ୍ୱର ଦେଉଥିଲେ । ବୋଲୁଥିଲେ, ପରେ ପରେ ତାଙ୍କ ଭଜନ ସୁରେଶ ୱାଡେକର, ଶଙ୍କର ମହାଦେବନ୍, ରେଖା ଭରଦ୍ୱାଜ ଏବଂ ଆହୁରି ବହୁ ସ୍ୱନାମଧନ୍ୟ ହିନ୍ଦୀ ଗାୟକ / ଗାୟିକା ଗାଇଲେ । ସେଇ ସାଇ ଭଜନର ସିଡ଼ି ଶୁଣିବା ବେବିର ଦୈନନ୍ଦିନ ଜୀବନର ଏକ ଅଂଶ ହୋଇଗଲା ।

ଗୁରୁଜୀ ତା'ର ବ୍ୟକ୍ତିଗତ ଜୀବନରେ, ବୃତ୍ତିଗତ ଜୀବନରେ ପଥ ପ୍ରଦର୍ଶକ ପାଲଟିଗଲେ । ଗୁରୁଜୀଙ୍କ ସହପାଠୀ ଓଡ଼ିଶାର ବିଶିଷ୍ଟ କଥାକାର ଉତ୍ତମ କୁମାର ପ୍ରଧାନ କଥା ପ୍ରସଙ୍ଗରେ କହୁଥିଲେ- "ମୋର ବହୁ ଜନ୍ମର ସୁକୃତ ଥିଲା- ଚନ୍ଦ୍ରଭାନୁଙ୍କ ପରି ବନ୍ଧୁ ପାଇଛି ।"


ସେ ଗୁରୁଜୀଙ୍କୁ ସ୍ମରଣ କରି ଲେଖିଥିବା- "ଆତ୍ମୋନ୍ନତିର ଶୀର୍ଷ ସୋପାନେ / ତମେ ହୋଇଅଛ ଠିଆ / ଶେଷ ପାହାଚରେ ବସିଚି ଗୁରୁହେ / ମତେ ଡାକୁଅଛ କିଆଁ ?"

ସରଳ ଭାବେ ବଞ୍ଚ । ସହଜ ଭାବେ ବଞ୍ଚ । ହଜାର ହଜାର ଶ୍ରୋତା ସମବେତ ହୋଇଥିବା ସଭାରେ ଗୁରୁଜୀ ତାଙ୍କର ବକ୍ତବ୍ୟ ରଖୁଥିଲେ ଅତି ସରଳ ଅଥଚ ମାର୍ମିକ ଢଙ୍ଗରେ । କହୁଥିଲେ ହାତୀ ଭିତରେ ନାରାୟଣ ମାହୁନ୍ତ ଭିତରେ ନାରାୟଣ- ସାମ୍ନାରେ ଆସୁଥିବା ବାଟୋଇଟି ନିଜ ଭିତରର ନାରାୟଣଙ୍କୁ ରକ୍ଷା କରିବ । ସେ ଦାୟିତ୍ୱ ତା'ର । ନହେଲେ ହାତୀ ଭିତରର ନାରାୟଣ ତାକୁ ଦଳି ଚକଟି ଦେବ । ଶୁଣିଲା ବେଳେ ଲୋକେ ହସନ୍ତି । ପରେ ବୁଝନ୍ତି ସେ କଥାର ମର୍ମ । ସଂସାର ତ୍ୟାଗ କରି ନୁହେଁ, ସଂସାର ଭିତରେ ରହି ଗୃହସ୍ଥର ସମସ୍ତ କର୍ତ୍ତବ୍ୟ ସମ୍ପାଦନ କରିବାକୁ ସେ ଉପଦେଶ ଦିଅନ୍ତି । ମୁକ୍ତ ହୃଦୟରେ ବାପା, ମା'ଙ୍କ ସେବା କରିବା ପାଇଁ ଉପଦେଶ ଦିଅନ୍ତି ।

୨୦୧୨ ମେ, ୧୪ରେ ବୋଉ ଶେଷ ନିଶ୍ୱାସ ତ୍ୟାଗ କଲା । ବୋଉ ଥିଲା ତା' ପାଇଁ ବଡ଼ ଦମ୍ଭ । ତା'ର ସାହାପକ୍ଷ, ଗୁରୁଜୀ ବୋଉକୁ ବହୁତ ଶ୍ରଦ୍ଧା କରୁଥିଲେ । ଫୋନ୍‌ରେ ତାକୁ ବରାବର ସାନ୍ତ୍ୱନା ଦେଉଥିଲେ । କହୁଥିଲେ, "ବାପା ଗଲେ ଯଶ ହାନି ହୁଏ । ମାଆ ଗଲେ ସୁଖ ହାନି ହୁଏ । ତୁ ଏଥର ଉଠ୍ । ଶୋକକୁ ଅତିକ୍ରମ କର୍ । ମାଆ, ବାପା କଣ ସବୁଦିନ ବଞ୍ଚନ୍ତି ?"

ବୋଉ ଯିବାର ଠିକ୍ ମାସେ ପରେ ଦିନେ ସକାଳୁ ସକାଳୁ ଫୋନ କଲେ, ଆଉ କିଛି ନପଚାରି ପଚାରିଲେ, "ଏବେ କ'ଣ ଲେଖା ଚାଲିଚି ?"

"ପରମାନନ୍ଦ ଆଚାର୍ଯ୍ୟଙ୍କ ଉପରେ ଗୋଟିଏ ମନୋଗ୍ରାଫ୍ ଲେଖୁଚି । ସାହିତ୍ୟ ଏକାଡେ଼ମୀ କାମ ଦେଇଚି ।" ସେ କହିଥିଲା ।




ବେଶ୍, ବେଶ୍ । ସେଇ କାମରେ ଆଗେଇବାକୁ ପଡ଼ିବ । ପରମାନନ୍ଦ ଆଚାର୍ଯ୍ୟ ମୋର ପିଉସା ଥିଲେ । ତାଙ୍କ ବିଷୟରେ ମୁଁ ବହୁତ କଥା ଜାଣେ । ତତେ କହିବି । ସେ ହିଁ ସୁରେନ୍ଦ୍ର ମହାନ୍ତିଙ୍କୁ କହି କହି ନୀଳାଦ୍ରି ବିଜୟ ଉପନ୍ୟାସ ଲେଖେଇଥିଲେ । 'ନୀଳଶୈଳ' ଉପନ୍ୟାସ ଲେଖିବା ପରେ ସୁରେନ୍ଦ୍ର ମହାନ୍ତି ଭାବୁଥିଲେ ଆଉ କିଛି ଲେଖି ପାରିବେନି । ପରମାନନ୍ଦ ତାଙ୍କୁ କହିଥିଲେ ତିନି ଠାକୁରଙ୍କୁ ବାହାରେ ଛାଡ଼ିଦେଲ । ତାଙ୍କୁ ରତ୍ନ ସିଂହାସନରେ ଆଣି ବିଜେ କରେଇବନି ? ପରମାନନ୍ଦଙ୍କ ବିଷୟରେ ଲେଖୁଚୁ । ଏଇ କଥାଟି ନିଶ୍ଚୟ ଲେଖିବୁ ।

ସନ୍ତାପ ଜର୍ଜରିତ ବେବିର ହୃଦୟରେ ଶୀତଳ ଚନ୍ଦନର ପ୍ରଲେପ ବୋଳିଦେଲେ ଗୁରୁଜୀ । ସେ ସୂଚେଇ ଦେଲେ ଯେ ମାତୃଶୋକ ଭୁଲିବା ପାଇଁ ହେଲେ ତାକୁ ଲେଖାଲେଖି ଭିତରକୁ ଯିବାକୁ ହେବ...ଚିନ୍ତାରେ, ଚେତନାରେ ଶ୍ରୀ ଜଗନ୍ନାଥଙ୍କୁ ଅବଲୋକନ କରିବାକୁ ହେବ ।

ଗୁରୁଜୀ ସବୁବେଳେ ଏମିତି । ସବୁ ସଙ୍କଟ ବେଳରେ, ସମସ୍ୟା ବେଳରେ ଉଭା ହୋଇ ସୂଚେଇ ଦେଇଛନ୍ତି ଆଲୋକର ପଥ ।

ଗୁରୁଜୀଙ୍କ ଠାରୁ କେବଳ ଶୁଣି ଶୁଣି ସେ କେତେ କ'ଣ ଜାଣିଥିଲା । ଜାଣିଥିଲା ଯେ ବରାହ ବାୟୁର ପ୍ରତୀକ । କାଳର ଦେବୀ ହେଉଛନ୍ତି କାଳୀ । ଶୂନ୍ୟର ଦେବୀ ହେଉଛନ୍ତି ତାରା । ଜୈନ ତୀର୍ଥଙ୍କର ମାନଙ୍କର କାୟୋତ୍‌ସର୍ଗ ମୁଦ୍ରାକୁ ସେ ବୁଝେଇ ଦେଇଥିଲେ କାୟା ଉତ୍ସର୍ଗ କରିବାର ଭଙ୍ଗୀ ବୋଲି କ୍ଷିତ୍, ବ୍ୟୋମ, ମରୁତ୍, ଆପ୍, ତେଜ...

ବେଦ, ଉପନିଷଦ, ସଂହିତା -

ସାହିତ୍ୟ, ସୁସ୍ଥ ଜୀବନର ନିୟମାବଳୀ...

ସଙ୍ଗୀତ....ସବୁ ତତ୍ତ୍ୱ

ସେ ଶୁଣି ଶୁଣି ମନେ ରଖୁଥିଲା ଗୁରୁଜୀଙ୍କ ଠାରୁ । ଗୁରୁଜୀ ତା' ଭିତରେ ଭରି ଦେଇଥିଲେ ଅପୂର୍ବ କର୍ମ ଉନ୍ମାଦନା, ବିପଦ ବିରୁଦ୍ଧରେ ଲଢ଼ିବା ପାଇଁ ସାହସ । ଆତ୍ମବଳ ।

୨୦୦୭ ଜୁନ୍‌ରୁ ୨୦୦୯ ମେ ପର୍ଯ୍ୟନ୍ତ ସେ ରାଜ୍ୟ ଅଭିଲେଖାଗାରରେ ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଉପରେ ତଥ୍ୟ ସଂଗ୍ରହ କାମ କଲା ।

ତାକୁ ସଂଗ୍ରହାଳୟରୁ ଅନ୍ତର କରିଦେବାର ଯୋଜନା ଚାଲିଥିଲା । ତାହା ଫଳପ୍ରଦ ହେଲା ନାହିଁ ।

୨୦୦୭ରେ ସେ କଳିଙ୍ଗ ପୁସ୍ତକମେଳା ପୁରସ୍କାର ପାଇଲା । ୨୦୦୮ରେ ସେ ରାଜଧାନୀ ପୁସ୍ତକମେଳା ପୁରସ୍କାର ପାଇଲା ।

ଗୁରୁଜୀଙ୍କ ପିତା ଓଡ଼ିଶାର ସ୍କୁଲ୍ ସମୂହର ପ୍ରାକ୍ତନ ନିର୍ଦ୍ଦେଶକ, ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳସଚିବ ବିଶିଷ୍ଟ ଶିକ୍ଷାବିତ୍ ଗୋକୁଳ ଚନ୍ଦ୍ର ଶତପଥୀଙ୍କ ରଚିତ କେତେଗୁଡ଼ିଏ ଉପାଦେୟ ପ୍ରବନ୍ଧ ସେ ଉତ୍କଳ ପ୍ରଦୀପ, ଉତ୍କଳ ମଧୁପ, ଆଶା, ସମ୍ବଲପୁର ହିତୈଷିଣୀ ଆଦି ପତ୍ରପତ୍ରିକାରୁ ପାଇଥିଲା ଏହି ସମୟରେ । ସେଗୁଡ଼ିକ ଏକାଠି କରି ଏକ ପ୍ରବନ୍ଧ ସଞ୍ଚୟନର ପାଣ୍ଡୁଲିପି ପ୍ରସ୍ତୁତ କରିଥିଲା ସେ । ଖୁବ୍ ଆଗ୍ରହ ଓ ଉତ୍ସାହର ସହ ଗୁରୁଜୀ ସଞ୍ଚୟନଟିର ପ୍ରକାଶ ଦାୟିତ୍ୱ ନେଲେ ।

ସୌନ୍ଦର୍ଯ୍ୟ-ଚର୍ଚ୍ଚା

# ବ୍ରଣ ସମସ୍ୟା ପାଇଁ ଚିନ୍ତିତ କି ?



**ଡକ୍ଟର ପ୍ରୀତିପଦ୍ମା ପଣ୍ଡା**
ବରିଷ୍ଠ ପ୍ରସାଧନ ଗବେଷଣା ବିଶେଷଜ୍ଞା,
ଆସ୍ଥେଟିକ୍ ଇନ୍‌ସାଇଟ୍, ହାଇଦ୍ରାବାଦ
ଫୋନ:୯୪୩୯୮୯୪୧୧୫

**କୈଶୋର ଅବସ୍ଥାର ଏ ଏକ ଗୁରୁତର ସମସ୍ୟା । ଯେତେବେଳେ ଶିଶୁଟି ଶୈଶବରୁ କୈଶୋର ଅବସ୍ଥାରେ ପାଦ ଥାପେ, ସେତେବେଳେ ତାର ମାନସିକ, ଶାରିରୀକ ଓ ବୌଦ୍ଧିକ ବିକାଶ ଘଟେ । ଯଦ୍ୱାରା ଶରୀରରେ ହର୍ମୋନ୍ ସନ୍ତୁଳନ ବାଧାପ୍ରାପ୍ତ ହୁଏ । ସ୍ୱର କର୍କଶ ହୁଏ ଏବଂ ତ୍ୱଚାରେ ଛୋଟ ଛୋଟ ବ୍ରଣ ସୃଷ୍ଟି ହେବା ଆରମ୍ଭ ହୁଏ । ଏହି ବ୍ରଣ ତ୍ୱଚାର ସୌନ୍ଦର୍ଯ୍ୟକୁ ନଷ୍ଟ କରିଥାଏ ।**



▶ ବିଶେଷଜ୍ଞା ପ୍ରୀତିପଦ୍ମା ପଣ୍ଡା

## ଉପକ୍ରମ

ଘରେ ଶିଶୁଟିଏ ଯେତେବେଳେ ଭୂମିଷ୍ଠ ହୁଏ, ତାର କୋମଳ ଉଜ୍ଜ୍ୱଳ ତ୍ୱଚା ଏବଂ ଗୋଲାପୀ ରଙ୍ଗର ଓଠର ଦରୋଟି ହସରେ ଆମେ ଉତ୍‌ଫୁଲ୍ଲିତ ହେଉ । ଧୀରେ ଧୀରେ ଶିଶୁଟି ବଡ଼ ହୋଇ କୈଶୋର ଅବସ୍ଥାରେ ପାଦ ଥାପେ । ଯେତେବେଳେ ଶିଶୁଟି ଶୈଶବରୁ କୈଶୋର ଅବସ୍ଥାରେ ପାଦ ଥାପେ, ସେତେବେଳେ ତାର ମାନସିକ, ଶାରିରୀକ ଓ ବୌଦ୍ଧିକ ବିକାଶ ଘଟେ । ଯଦ୍ୱାରା ଶରୀରରେ ହର୍ମୋନ୍ ସନ୍ତୁଳନରେ ବାଧାପ୍ରାପ୍ତ ହୁଏ, ସ୍ୱର କର୍କଶ ହୁଏ ଏବଂ ତ୍ୱଚାରେ ଛୋଟ ଛୋଟ ବ୍ରଣ ସୃଷ୍ଟି ହେବା ଆରମ୍ଭ ହୁଏ । ଏହି ବ୍ରଣ ବା acne ବା pimple ତ୍ୱଚାର ସୌନ୍ଦର୍ଯ୍ୟକୁ ନଷ୍ଟ କରିଥାଏ । ଯାହା ଦ୍ୱାରା କିଶୋର ବା କିଶୋରୀଟିଏ ମାନସିକ ସ୍ତରରେ ଦୁର୍ବଳ ହୋଇପଡେ । କେବଳ କିଶୋର କିଶୋରୀ ନୁହଁନ୍ତି, ହର୍ମୋନ୍‌ର ଅସନ୍ତୁଳନ, ରକ୍ତ ଅପରିଷ୍କାର, ତୈଳ ମସଲା ଯୁକ୍ତ ଖାଦ୍ୟ, ବ୍ୟସ୍ତ ବହୁଳ ଜୀବନ ଶୈଳୀ ଓ ରାତି ଅନିଦ୍ରା କାରଣରୁ ମଧ୍ୟ ବିଭିନ୍ନ ବୟସର ବ୍ୟକ୍ତି ବିଶେଷ ଓ ମହିଳା ଏହି ବ୍ରଣ ବା acne ବା pimple ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ଏହି ବ୍ରଣ ଆମର ଆତ୍ମସମ୍ମାନ ଓ ଆତ୍ମବିଶ୍ୱାସ ବୃଦ୍ଧିରେ ବାଧା ସୃଷ୍ଟି କରେ । ବେଳେବେଳେ କିଛି ବ୍ୟକ୍ତି ବିଶେଷ ଏବଂ ମହିଳା ଡିପ୍ରେସନ୍ ବା anxiety ସ୍ତରକୁ ଯିବାର ବି ନଜିର୍ ଦେଖାଯାଏ । କିନ୍ତୁ ଆଜିର ଅତ୍ୟା ଧୁନିକ ଡାକ୍ତରୀ ଚିକିତ୍ସା ପଦ୍ଧତିରେ ବ୍ରଣ ସମସ୍ୟା ସମାଧାନ କରିବା ଅତ୍ୟନ୍ତ ସହଜ ସାପେକ୍ଷ । ଆସନ୍ତୁ ବ୍ରଣ ସମସ୍ୟାର କାରଣ, ନିରାକରଣ, ଓ ପ୍ରତିକାର ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରିବା ।

## ବ୍ରଣର ବୈଜ୍ଞାନିକ କାରଣ: ଅତ୍ୟଧିକ ତୈଳ ଉତ୍ପାଦନ

କିଛି ତୈଳାକ୍ତ ତ୍ୱଚାରେ ଅତ୍ୟଧିକ ତୈଳ ଉତ୍ପାଦନ ହୋଇଥାଏ । ଏହି ତୈଳ ତ୍ୱଚାରେ ଥିବା ଲୋମ କୂପରେ ବୀଜାଣୁ, ଧୂଳି ଓ ମୃତ କୋଷ କଣିକା ଜମା କରାଏ । ଫଳରେ ତୈଳ ଗ୍ରନ୍ଥିରେ ବ୍ରଣ ସୃଷ୍ଟି ହେବା ଆରମ୍ଭ ହୁଏ ।

## ଲୋମ କୂପରେ ବୀଜାଣୁର ବୃଦ୍ଧି

ଯଦି ତ୍ୱଚାରେ କୌଣସି କାରଣରୁ inflammation ବା ପ୍ରଦାହ ହୋଇଥାଏ, ତେବେ ବୀଜାଣୁର ମାତ୍ରା ସେହି ସ୍ଥାନରେ ବୃଦ୍ଧି ପାଇଥାଏ ଏବଂ ଏହା ଶରୀରର ପ୍ରତିରକ୍ଷା ପ୍ରଣାଳୀରେ ବାଧା ସୃଷ୍ଟି କରେ । ଯଦ୍ୱାରା ପୂଜଯୁକ୍ତ ବ୍ରଣ ସୃଷ୍ଟି ହୋଇଥାଏ ।

## ହର୍ମୋନ୍‌ରେ ଅସନ୍ତୁଳନ

ମହିଳାମାନଙ୍କ ମାସିକ ଋତୁସ୍ରାବ ସମୟରେ ଏବଂ ଗର୍ଭାବସ୍ଥାରେ ମୁଖ୍ୟତଃ ହର୍ମୋନ୍‌ର ସନ୍ତୁଳନରେ ବାଧା ସୃଷ୍ଟି ହୁଏ । ଯଦ୍ୱାରା ଅସ୍ଥାୟୀ ବା ସାମୟିକ ଭାବରେ ବ୍ରଣ ସୃଷ୍ଟି ହୋଇଥାଏ । ଏହା କିଛି ଦିନ ପରେ ଆପେ ଆପେ ଚାଲି ଯାଇଥାଏ ।

## ଔଷଧର ପାର୍ଶ୍ୱ ପ୍ରତିକ୍ରିୟା

କେତେକ ଔଷଧ ବହୁଳ ମାତ୍ରାରେ ବ୍ୟବହାର ଫଳରେ ପାର୍ଶ୍ୱ ପ୍ରତିକ୍ରିୟା ସଦୃଶ ବ୍ରଣ ସୃଷ୍ଟି ହୋଇଥାଏ ।ଏହି ସମସ୍ୟା ଲାଗି ରହିଲେ ତୁରନ୍ତ ଡାକ୍ତରଙ୍କ ସାଥିରେ ପରାମର୍ଶ କରାଇ ନେବା ଉଚିତ୍ ।

## ପାରିବାରିକ ଇତିହାସ ବା ଜିନଗତ ସମସ୍ୟା

ପାରିବାରିକ ଇତିହାସରେ ଭାଇଭଉଣୀ, ପିତାମାତାଙ୍କର ତୈଳାକ୍ତ ତ୍ୱଚା ଥିଲେ, ଅନେକଙ୍କ କ୍ଷେତ୍ରରେ ବ୍ରଣ ସମସ୍ୟା ଦେଖାଯାଇଥାଏ ।

## କୈଶୋର ଅବସ୍ଥା

ମୁଖ୍ୟତଃ ୨୦ ପ୍ରତିଶତରୁ ଅଧିକ କିଶୋର କିଶୋରୀ ମାନେ ଶାରିରୀକ ବିକାଶ ଓ ହର୍ମୋନ୍‌ର

ଅସନ୍ତୁଳନ ଯୋଗୁଁ ବ୍ରଣ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି ଯାହା ସମୟ ସହିତ ଆପେ ଆପେ ଚାଲି ଯାଇଥାଏ ।



### ଖାଦ୍ୟ ପେୟ

ଅତ୍ୟଧିକ ତୈଳ, ମିଠା ଓ ଲବଣ ଯୁକ୍ତ ଖାଦ୍ୟ, ଫାଷ୍ଟଫୁଡ୍ ଏବଂ ଚିପ୍ସ୍ ଆଦି ଖାଇବା ଫଳରେ ବ୍ରଣର ମାତ୍ରା ବଢ଼ିଥାଏ ।

### ମାନସିକ ଚାପ ଓ ରାତି ଅନିଦ୍ରା

ଅତ୍ୟଧିକ ମାନସିକ ଚାପ, ବ୍ୟସ୍ତ ବହୁଳ ଜୀବନ ଶୈଳୀ ଏବଂ ରାତି ଅନିଦ୍ରା ବ୍ରଣ ସମସ୍ୟାକୁ ତ୍ୱରାନିତ୍ୱ କରିଥାଏ ।

### ପ୍ରଦୂଷଣ

ଅତ୍ୟଧିକ ପ୍ରଦୂଷଣ ଫଳରେ ବୀଜାଣୁ, ଧୂଳି, ଧୂଆଁର ପରିମାଣ ବୃଦ୍ଧି ଘଟିଥାଏ । ଏସବୁ ତ୍ୱଚାର ଲୋମ କୂପରେ ଲାଗି ରହି ବ୍ରଣର ପରିମାଣ ବଢ଼ାଇଥାଏ ।

### ବ୍ରଣର ପ୍ରକାର ଭେଦ

**ହ୍ୱାଇଟ୍ ହେଡ୍ ବା ଧଳା ବ୍ରଣ** : ଏହା ଏକ ପ୍ରକାରର ବ୍ରଣ ଯେଉଁଥିରେ କେବଳ ଚର୍ମର ବାହ୍ୟ ଅଂଶ ପ୍ରଭାବିତ ହୋଇଥାଏ । ଏହା ମୁହଁ, ଛାତି ଓ ପିଠିରେ ଧଳା ଧଳା ହୋଇ ମାଡ଼ିଥାଏ ଯେଉଁଥିରେ ଧଳା ରଙ୍ଗର ସିଷ୍ଟ୍ ଜମା ହୋଇଥାଏ ।

**ବ୍ଲାକ ହେଡ ବା କଳା ବ୍ରଣ** : ଯେବେବେଳେ ଆମ ତ୍ୱଚାରେ ସେବମ / ତୈଳ ଏବଂ ମୃତ ଚର୍ମ କୋଷ ଜମା ହୋଇଯାଏ, ଏହାକୁ ବ୍ଲାକ୍ ହେଡ୍ ବା କଳା ବ୍ରଣ କୁହାଯାଏ ।

**ପାପୁଲସ/papules** : ଏହା ଛୋଟ ନାଲି ରଙ୍ଗର ବ୍ରଣ ଯାହା inflammation ବା ପ୍ରଦାହ ଯୁକ୍ତ ହୋଇଥାଏ ।

**ପୁଷ୍ଟୁଲସ/pustules** : ଛୋଟ ନାଲି ରଙ୍ଗର ବ୍ରଣ ଯାହାକି ପୂଜ ଯୁକ୍ତ ହୋଇଥାଏ ।

**Cysts/ ସିଷ୍ଟ୍ସ୍** : ବୀଜାଣୁ, ସେବମ ଓ ମୃତ ଚର୍ମ କୋଷ ଗୁଡ଼ିକର ମିଶ୍ରଣରେ ଲୋମ କୂପ ବନ୍ଦ ହୋଇଗଲେ, ସିଷ୍ଟ୍ ବିକଶିତ ହୋଇଥାଏ । ଏହା ଅପେକ୍ଷାକୃତ ବଡ଼, ପୂଜଯୁକ୍ତ ଓ ଚର୍ମ ର ଆଭ୍ୟନ୍ତର ସ୍ତରକୁ ମାଡ଼ିଥାଏ । ଏହା ମଧ ଅତ୍ୟଧିକ ଯନ୍ତ୍ରଣାଦାୟକ ।

**ନୋଡୁଲସ/ nodules** : ଏହା କଠିନ, ଚକଡାଯୁକ୍ତ ଏବଂ ଅତ୍ୟଧିକ ଯନ୍ତ୍ରଣାଦାୟକ ହୋଇଥାଏ । ଏଗୁଡିକ ଫୁଲିଯାଏ, ଚର୍ମର ଆଭ୍ୟନ୍ତର ସ୍ତରକୁ ଯାଇ ମାଡ଼ି ଯାଇଥାଏ ଏବଂ ସହଜରେ ଭଲ ହୋଇନଥାଏ ।

### ବ୍ରଣର ଡାକ୍ତରୀ ଚିକିତ୍ସା ପଦ୍ଧତି

#### Mild acne/ ଗ୍ରେଡ୍ ୧ / ପ୍ରାଥମିକ ବ୍ରଣର ଚିକିତ୍ସା ପଦ୍ଧତି

ନୂଆ ଆରମ୍ଭ ହେଉଥିବା ବ୍ରଣକୁ ଭଲ କରିବା ପାଇଁ ଓଭର୍ ଦି କାଉଂଟର (OTC) ମେଡିକେଟେଡ୍ କ୍ରିମ, ଜେଲ, ସିରମ ବା ଫେସ୍ ୱାଶ୍ ବ୍ୟବହାର କରିପାରିବେ ।

ଗ୍ରେଡ ୧ ବ୍ରଣ ପାଇଁ ମୁଖ୍ୟତଃ ବେଞ୍ଜୋଇଲ ପେରଅକ୍ସାଇଡ ( benzoyl peroxide), ସାଲିସିଲିକ ଏସିଡ (salicylic acid), ଆଜେଲେଇକ ଏସିଡ (azealaic acid ) ଯୁକ୍ତ କ୍ରିମ, ଜେଲ ବା ସିରମ ବ୍ୟବହାର କରାଯାଇଥାଏ ।

#### Moderate acne / ଗ୍ରେଡ ୨/ ମଧ୍ୟମ ଧରଣର ବ୍ରଣର ଚିକିତ୍ସା ପଦ୍ଧତି

ମଧ୍ୟମ ଧରଣର ବ୍ରଣ ସମସ୍ୟା ପାଇଁ ଚର୍ମ ରୋଗ ବିଶେଷଜ୍ଞଙ୍କ ସାଥିରେ ପରାମର୍ଶ କରାଇ ନେବା ଉଚିତ ।

ଚର୍ମ ରୋଗ ବିଶେଷଜ୍ଞ ମୁଖ୍ୟତଃ ୧. ବେଞ୍ଜୋଇଲ ପେରଅକ୍ସାଇଡ (benzoyl peroxide), ସାଲିସିଲିକ ଏସିଡ (salicylic acid), ଆଜେଲେଇକ ଏସିଡ (azealaic acid)

୨. ଆଣ୍ଟିବାୟୋଟିକସ୍ (Antibiotics)

୩. ରେଟିନଏଡ (retinoid)



ତିନୋଟି ଔଷଧର ଟ୍ରିପଲ କମ୍ବିନେସନ୍ ଥେରାପି (triple combination therapy) କରିଥାଆନ୍ତି । ବେଳେବେଳେ ଓରାଲ୍ ଆଣ୍ଟିବାୟୋଟିକ୍ସ୍, ପିଲ୍ସ, ହୋର୍ମୋନାଲ ଥେରାପି ବା ଆଇଶୋ ଟ୍ରେଟିଓନେଇନ ବି ଦିଆ ଯାଇଥାଏ ।

#### Severe acne /ଗ୍ରେଡ ୩/ ଅତ୍ୟଧିକ ତୀବ୍ର ବ୍ରଣର ଚିକିତ୍ସା ପଦ୍ଧତି

ଯଦି ବ୍ରଣ ପୂଜଯୁକ୍ତ ହୋଇ ଅତ୍ୟନ୍ତ ତୀବ୍ର ରୂପ ଧାରଣ କରେ ଏବଂ ଯନ୍ତ୍ରଣାଦାୟକ ହୋଇଥାଏ, ତେବେ ଚର୍ମ ରୋଗ ବିଶେଷଜ୍ଞ ଷ୍ଟେରଏଡ୍ ଇଞ୍ଜେକ୍ସନ୍ ଦେଇଥାନ୍ତି । ବେଳେବେଳେ ବ୍ୟୟ ବହୁଳ ଓ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତିର ସାହାଯ୍ୟ ମଧ ନିଆଯାଇଥାଏ ।



୭. ସକାଳୁ ଉଠିଲା ପରେ ଲେମ୍ବୁ ମିଶ୍ରିତ ଉଷୁମ ପାଣି ବା ଗ୍ରୀନ୍-ଟି ପିଅନ୍ତୁ ।
୮. ପ୍ରତିଦିନ ତ୍ୱଚାକୁ ଦୁଇ ଥର ହାଲ୍‌କା ଉଷୁମ ପାଣିରେ ଧୋଇ ସାଲିସିଲିକ ଏସିଡ୍ ଫୋମ୍ ଫେସ୍ ୱାଶରେ ମୁହଁ ଧୁଅନ୍ତୁ ।
୯. ଦିନରେ କିଛି ଜଳଭିତ୍ତିକ (hydrating) ମଇଷ୍ଟରାଇଜର ଏବଂ ଜେଲ୍ ସନ୍‌ସ୍କ୍ରିନ୍ ବ୍ୟବହାର କରନ୍ତୁ ।
୧୦. ରାତିରେ ଶୋଇବା ପୂର୍ବରୁ ଭଲ ଭାବରେ ମୁହଁ ଧୋଇ acne ସିରମ୍ ବ୍ୟବହାର କରନ୍ତୁ ।

## Laser therapy/ ଲେଜର ଚିକିତ୍ସା ପଦ୍ଧତି

ଏହି ପଦ୍ଧତିରେ ବ୍ରଣର ମୃତ ଚର୍ମକୁ ବାହାର କରାଯାଇଥାଏ ଯାହା ବ୍ରଣ ଜନିତ କ୍ଷତ ଶୁଖେଇବାରେ ସାହାଯ୍ୟ କରିଥାଏ । ପରେ ନୂଆ ଭାବରେ କୋଲାଜେନ ଓ ଚର୍ମ ସୃଷ୍ଟି ହୋଇଥାଏ ।

## Chemical peels/କେମିକାଲ୍ ପିଲ୍‌ସ୍

କେମିକାଲ ପିଲ୍‌ସ୍ ତ୍ୱଚାର ଉପରି ଭାଗର ବ୍ରଣ ଜନିତ କଳା ମୃତ ଚର୍ମକୁ ବାହାର କରିଥାଏ ଯଦ୍ୱାରା ନୂତନ ଚର୍ମ ସୃଷ୍ଟି ହୋଇଥାଏ ।

## ବ୍ରଣ ପ୍ରତିରୋଧ କରିବାର ଉପାୟ

୧. ଜଳ ଆମ ରକ୍ତକୁ ପରିଷ୍କାର କରିଥାଏ । ତେଣୁ ପ୍ରତିଦିନ ୩-୪ ଲିଟର ବିଶୁଦ୍ଧ ଜଳ ପାନ କରିବା ଉଚିତ୍ ।
୨. ଆପଣଙ୍କର ବ୍ରଣ ହେଉଥିଲେ ଗରିଷ୍ଠ ଖାଦ୍ୟରୁ ଦୂରେଇ ରୁହନ୍ତୁ । ସହଜରେ ହଜମ ହେଉଥିବା ଖାଦ୍ୟ ଆପଣଙ୍କ ଖାଇବା ରୁଟିନରେ ସାମିଲ କରନ୍ତୁ ।
୩. ଅତ୍ୟଧିକ ମସଲା, ତୈଳ, ଲବଣ ଏବଂ ମିଠା ଯୁକ୍ତ ଖାଦ୍ୟରୁ ଦୂରେଇ ରୁହନ୍ତୁ ।
୪. ନିୟମିତ ୬ ରୁ ୮ ଘଣ୍ଟା ସୁଖ ନିଦ୍ରାରେ ଶୟନ କରିବା ପାଇଁ ଚେଷ୍ଟା କରନ୍ତୁ ।
୫. ମାନସିକ ଚାପରୁ ନିଜକୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ ।
୬. ବ୍ରଣ ହେଉଥିଲେ ଡାକ୍ତରଙ୍କ ବିନା ପରାମର୍ଶରେ କୌଣସି କେମିକାଲ ଯୁକ୍ତ ପ୍ରସାଧନ ସାମଗ୍ରୀ ବ୍ୟବହାର କରନ୍ତୁ ନାହିଁ ।



## ବ୍ରଣ ପ୍ରତିରୋଧ କରିବାର କିଛି ଘରୋଇ ଟିପ୍‌ସ୍

୧. ଆପଣ ନିୟମିତ ଭାବରେ ଆଲୋଭେରା ଜେଲ୍ ବ୍ୟବହାର କରିପାରିବେ ।
୨. ଟି ଟ୍ରୀ ବା ଗ୍ରୀନ୍ ଟି ତେଲକୁ ବ୍ରଣ ଦାଗରେ ବ୍ୟବହାର କରିପାରିବେ ।
୩. ହଳଦୀ, ଚନ୍ଦନ ଓ ଗୋଲାପ ଜଳର ମିଶ୍ରଣକୁ ମଧ୍ୟ ବ୍ରଣ ସ୍ଥାନରେ ବ୍ୟବହାର କରିପାରିବେ ।
୪. କିଛି ମହୁ ଏବଂ କେଇ ବୁନ୍ଦା ଲେମ୍ବୁ ରସକୁ ନେଇ ବ୍ରଣର ମୃତ ଚର୍ମ କୋଷରେ ଘଷିଲେ ବ୍ରଣ ଜନିତ କଳା ଦାଗ ଦୂର ହୋଇଥାଏ ।
୫. କିଛି ଆପଲ ସାଇଡର ଭିନେଗର୍‌କୁ ପାଣିରେ ମିଶାଇ ଲଗାଇ ପାରିବେ ।



# ସଙ୍ଗୀତାଙ୍କ ରାନ୍ଧଣା


## ସଙ୍ଗୀତା ଦାସ

ରବି ରାୟ ଲେନ୍, କଲ୍ୟାଣୀ ନଗର, ମଧୁପାଟଣା,
କଟକ-୭୫୩୦୧୦
ଫୋନ: ୯୩୪୮୪୬୮୬୭୭
ଫଟୋ ସୌଜନ୍ୟ : ଲେଖିକା


ମାଣ୍ଡିଆରେ ଲୁଣ ଓ ସୋଡ଼ା ଦେଇ ଗୋଳେଇ କିଛି ସମୟ ରଖି ଦିଅନ୍ତୁ । ତା ପରେ ଅନ୍ୟ ଏକ ପାତ୍ରରେ ଅଳ୍ପ ତେଲ ପକେଇ ସେଥିରେ ସେଥିରେ କଟା ପିଆଜ, ଅଦା,କଞ୍ଚା ଲଙ୍କା, ରସୁଣ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ ଓ ଗାଜର ପକେଇ ଭାଜନ୍ତୁ । ତାପରେ ସେଥିରେ ପନିର ପକେଇ ସ୍ୱାଦ ଅନୁସାରେ ଲୁଣ ଦେଇ କିଛି ଗରମ ମସଲା ପକେଇ ଭାଜନ୍ତୁ । ତାପରେ ପୁର ପ୍ରସ୍ତୁତ ହେଇଯିବ । ମାଣ୍ଡିଆ ଉପରେ ପୁର ପୁରେଇ ଆଉ ଥରେ ତା ଉପରେ ମାଣ୍ଡିଆ ପକେଇ ୧୫ ମିନିଟ ସିଝିବାକୁ ଛାଡି ଦିଅନ୍ତୁ ।



▲ ଲେଖିକା ସଙ୍ଗୀତା ଦାସ

## ନଡ଼ିଆ ରସ ଦିଅ ମାଂସ ପଲାଉ



**ଆବଶ୍ୟକ ସାମଗ୍ରୀ :** ଖାସି ମାଂସ ୨୫୦ ଗ୍ରାମ, ବାସୁମତୀ ଚାଉଳ ୫୦୦ଗ୍ରାମ, ନଡ଼ିଆ ରସ ୫୦୦ ଗ୍ରାମ, ପିଆଜ ୫୦୦ଗ୍ରାମ, ଅଦା ୨୦ଗ୍ରାମ, ରସୁଣ ୫୦ ଗ୍ରାମ, ଗୋଟା ଗରମ ମସଲା, କଞ୍ଚା ଲଙ୍କା, ଅଳ୍ପ କାଜୁ, କିସ୍‌ମିସ୍, ଗାଈ ଘିଅ, ଧନିଆ ପତ୍ର କିମ୍ବା ପୁଦିନା ପତ୍ର, ସ୍ୱାଦ ଅନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗୋଟିଏ ପ୍ରେସର କୁକର୍‌ରେ ଘିଅ ଗରମ କରିବେ । ସେଥିରେ କିଛି ଗୋଟା ଗରମ ମସଲା ଦେବେ । ମସଲା ଭାଜି ହେଲା ପରେ କଟା ପିଆଜ ଦେବେ । ପିଆଜର ରଙ୍ଗ ବାଦାମୀ ହେଲା ପରେ ସେଥିରେ ଅଦା ରସୁଣ ବଟା, କଞ୍ଚା ଲଙ୍କା ଦେବେ ଆଉ ଗୋଟିଏ ଛୋଟ ଚାମୁଚ ଜୀରା ଗୁଣ୍ଡ ଦେଇ କସିବେ । ତାପରେ ମାଂସ ଦେଇ ସ୍ୱାଦ ଅନୁସାରେ ଲୁଣ ପକେଇ ଭଲରେ କସିବେ, ଯେମିତି ମାଂସ ୭୦ ଭାଗ ସିଝିବ । ତାପରେ ସେଥିରେ ୫୦୦ ଗ୍ରାମ ନଡ଼ିଆ ରସ ପକେଇବେ ଏବଂ ବାସୁମତୀ ଚାଉଳ, କାଜୁ, କିସ୍‌ମିସ୍, ଧନିଆ ପତ୍ର ପକେଇ ଗୋଟିଏ ହୁଇସିଲ୍ ମାରିବେ । ତାପରେ ପ୍ରସ୍ତୁତ ହେଇଯିବ ନଡ଼ିଆ ରସ ମାଂସ ପଲାଉ ।

## ପୁର ଦିଆ ମାଣ୍ଡିଆ ଢ଼ୋକ୍‌ଲା

**ଆବଶ୍ୟକ ସାମଗ୍ରୀ :** ମାଣ୍ଡିଆ ୨୦୦ଗ୍ରାମ, କିଛି ଛୋଟ କଟା ହେଇଥିବା ପିଆଜ, ଗାଜର, ପନିର ୫୦ଗ୍ରାମ, ରିଫାଇନ ତେଲ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ, ଅଦା ରସୁଣ କଟା, କଟା ଅଦା ଅଳ୍ପ, ଖାଇବା ସୋଡ଼ା ଅଳ୍ପ,ଲୁଣ, ଚିନି, ନଡ଼ିଆ କୋରା ଅଳ୍ପ, ସୋରିଷ, ଭୃସଙ୍ଗ ପାତ୍ର, କଞ୍ଚା ଲଙ୍କା ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମାଣ୍ଡିଆରେ ଲୁଣ ଓ ସୋଡ଼ା ଦେଇ ଗୋଳେଇ କିଛି ସମୟ ରଖି ଦିଅନ୍ତୁ । ତା ପରେ ଅନ୍ୟ ଏକ ପାତ୍ରରେ ଅଳ୍ପ ତେଲ ପକେଇ ସେଥିରେ ସେଥିରେ କଟା ପିଆଜ, ଅଦା,କଞ୍ଚା ଲଙ୍କା, ରସୁଣ, ଲଙ୍କା ଗୁଣ୍ଡ, ହଳଦୀ ଗୁଣ୍ଡ ଓ ଗାଜର ପକେଇ ଭାଜନ୍ତୁ । ତାପରେ ସେଥିରେ ପନିର ପକେଇ ସ୍ୱାଦ ଅନୁସାରେ ଲୁଣ ଦେଇ କିଛି ଗରମ ମସଲା ପକେଇ ଭାଜନ୍ତୁ । ତାପରେ ପୁର ପ୍ରସ୍ତୁତ ହେଇଯିବ । ଅନ୍ୟ ଏକ ପାତ୍ରରେ ଗରମ ପାଣି ବସାନ୍ତୁ । ସେଥିରେ ଗୋଟିଏ କେକ୍ ଟିନ୍‌ରେ ଟିକେ ତେଲ ପକେଇ ସେଥିରେ ପୂର୍ବରୁ ଗୋଳା ହେଇଥିବା ମାଣ୍ଡିଆକୁ ଦିଅନ୍ତୁ ଆଉ ତା ଉପରେ ପୁର ପୁରେଇ ଆଉ ଥରେ ତା ଉପରେ ମାଣ୍ଡିଆ ପକେଇ ୧୫ ମିନିଟ ସିଝିବାକୁ ଛାଡି ଦିଅନ୍ତୁ । ତାପରେ ସେଇ ମାଡିଆ ଢ଼ୋକଲାକୁ ଥଣ୍ଡା କରି ଛୋଟ ଛୋଟ ଖଣ୍ଡ କରି କଟି ଦିଅନ୍ତୁ । ତା ପରେ ପୁଣି ଏକ ପାତ୍ରରେ ଅଳ୍ପ ତେଲ ଦେଇ ସେଥିରେ ସୋରିଷ, ଲଙ୍କା, ଭୃର୍ଷଙ୍ଗ ପତ୍ର ଓ ଅଳ୍ପ ଚିନି ଓ ନଡ଼ିଆ ପକେଇ ଛୁଙ୍କ ଦେଇ ପ୍ରସ୍ତୁତ ହେଇଥିବା ମାଣ୍ଡିଆ ଢ଼ୋକଲା ଉପରେ ପକେଇ ଦିଅନ୍ତୁ । ପ୍ରସ୍ତୁତ ହେଇଗଲା ପୁର ମାଣ୍ଡିଆ ଢ଼ୋକଲା । ଏହାକୁ ଗରମ ଗରମ ଚଟଣି ସହ ଖାଇଲେ ସ୍ୱାଦିଷ୍ଟ ଲାଗିଥାଏ ।



# ପ୍ରଣତିଙ୍କ ରେସିପି

**ପ୍ରଣତି ଆଚାର୍ଯ୍ୟ ମିଶ୍ର**
ଅରବିନ୍ଦ ନଗର, ପଣ୍ଡା କ୍ଲିନିକ୍ ପାଖ, ଲେଙ୍କୁଡ଼ିପଦା,
ନୟାଗଡ଼-୭୫୨୦୭୦
ଫୋନ : ୯୪୩୭୬୪୨୯୪୭

ଫଟୋ ସୌଜନ୍ୟ: ଲେଖିକା

**ପିଆଜ ଶଣ୍ଢାକୁ ଛୋଟଛୋଟ କାଟି ନେବେ । ସମସ୍ତ ସାମଗ୍ରୀକୁ ଚିକ୍ସ ପାଉଡର ଓ ଲୁଣ ମିଶାଇ ଭଲ ଭାବେ ଗୋଳେଇ ଦେବେ । କଢେଇରେ ତେଲ ଗରମ କରି ବ୍ରାଉନ କଲର ହେବା ପର୍ଯ୍ୟନ୍ତ ଛାଣିବେ । ଗରମ ଗରମ ଥିବା ସମୟରେ ଟମାଟୋ ସସ୍ ଦେଇ ଖାଆନ୍ତୁ ଓ ଖୁଆନ୍ତୁ । ଯଦି ଚାଉଳ ଚୁନା ମିଶାନ୍ତି ତାଓ୍ୱାରେ ତେଲ ଦେଇ ଛୋଟ ଛୋଟ ବରା ଆକାରରେ ଭାଜି ନେବେ ।**



▲ ଲେଖିକା ପ୍ରଣତି ଆଚାର୍ଯ୍ୟ ମିଶ୍ର





## ମଟର ଦଲିଆ

ବର୍ତ୍ତମାନ ସବୁଜ ମଟରର ଋତୁ, ଏହାକୁ ଯଥାସମ୍ଭବ ବ୍ୟଞ୍ଜନରେ ବ୍ୟବହାର କରିବା ଉଚିତ୍ । ଦଲିଆ ସହିତ ମଟରର ମିଶ୍ରଣ ବହୁତ ଭଲ । ଯଦି ଆପଣ ଏହାକୁ ଖିଚୁଡ଼ି ଭଳି ନକରି ବରଂ ପୋହା ଭଳି ତିଆରି କରି ଖାଇବେ ନିଶ୍ଚିତ ସ୍ୱାଦ ବଢ଼ିଯିବ ।

**ଆବଶ୍ୟକ ସାମଗ୍ରୀ :** ୧ କପ୍ ଦଲିଆ, ୧ କପ୍ ମଟର, ୧ ଚତୁର୍ଥାଂଶ କପ୍ କଟା ଗାଜର, ୨ରୁ ୩ ଚାମଚ ତେଲ ବା ଘିଅ, ସଜାଇବା ପାଇଁ: କଟା ଧନିଆ, ଅଦା ଓ ସବୁଜ ଲଙ୍କା ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ମଟର ମଞ୍ଜି ଓ କଟା ଗାଜରକୁ ଧୋଇ ଗୋଟିଏ ପ୍ଲେଟ୍‌ରେ ରଖନ୍ତୁ । ଏକ କଡ଼ାଇରେ ତେଲ ଗରମ କରନ୍ତୁ । ଏଥିରେ ଦଲିଆ ପକାଇ କିଛି ସମୟ ପର୍ଯ୍ୟନ୍ତ ମଧ୍ୟମ ଆଞ୍ଚରେ ଭାଜନ୍ତୁ । ତା'ପରେ ଏଥିରେ କଟା ପନିପରିବା ପକାଇ ଦୁଇ ମିନିଟ୍ ପର୍ଯ୍ୟନ୍ତ ସିଝାଇ ଗୋଳାଇ ଦିଅନ୍ତୁ । ଏବେ ସେଥିରେ ଲୁଣ ପକାଇ ଦୁଇ କପ୍ ପାଣି ମିଶାଇ ଦିଅନ୍ତୁ । ନିଶ୍ଚିତ କରନ୍ତୁ ଯେ ପାଣିର ପରିମାଣ ଯେପରି ସେଥିରେ ସମସ୍ତ ଉପାଦାନ ପାଇଁ ଉପଯୁକ୍ତ ହୋଇଛି । ଅଧିକ ପାଣି ରହିବା ଦ୍ୱାରା ଦଲିଆ ଦାନାଯୁକ୍ତ ହେବ ନାହିଁ । ଏବେ କଡ଼ାଇ (ପ୍ୟାନ୍)କୁ ଘୋଡାଇ ଗ୍ୟାସ୍ କୁ କମ୍ କରନ୍ତୁ । ପାଖାପାଖି ୧୦ ମିନିଟ୍ ପର୍ଯ୍ୟନ୍ତ ସିଝିବାକୁ ଦିଅନ୍ତୁ । ମଝିରେ ଏହାକୁ ଖୋଲିବାର ଆବଶ୍ୟକତା ନାହିଁ । ଏହା ଦ୍ୱାରା ଦଲିଆ ପାଣିଶୋଷଣ କରିବ ଏବଂ ଭଲ ଭାବରେ ଫୁଲିବ ଏବଂ ପ୍ରତ୍ୟେକ ଦାନା ଅଲଗା ଅଲଗା ହେବ । ଦଶ ମିନିଟ୍ ପରେ, ଗ୍ୟାସ୍ ବନ୍ଦ କରନ୍ତୁ, କିନ୍ତୁ ପ୍ୟାନ୍ ଉପରେ ଢାଙ୍କୁଣୀ ରଖିଥିବେ । କିଛି ସମୟ ପରେ ଢାଙ୍କୁଣୀ ଖୋଲି ସେଥିରେ ଧନିଆ-ଅଦାକଟା-ଲଙ୍କା ମିଶାଇ ଗୋଳାଇ ଦିଅନ୍ତୁ । ଦହି, ଛେନା କିମ୍ବା ରାଇତା ସହିତ ପରିବେଷଣ କରନ୍ତୁ । ଦାନେଦାର ଦଲିଆ ।

## ପିଆଜ ଶଣ୍ଢା ଭଜା(ଚିକ୍ସ)

**ଆବଶ୍ୟକ ସାମଗ୍ରୀ :** ପିଆଜ ଶଣ୍ଢା ୨୦୦ ଗ୍ରାମ, ଛୋଟ ଆଳୁ ଗୋଟେ( ଚୁନ୍ ଚୁନ୍ କଟା), ପିଆଜ ଚୁନ୍ ଚୁନ୍ କଟା ଗୋଟେ, ରସୁଣ ଚୁନ୍ ଚୁନ୍ କଟା ଅଳ୍ପ, ଅଦା ପେଷ୍ଟ ୧/୨ଚାମଚ, ହଳଦି ଗୁଣ୍ଡ ଚିମୁଟାଏ ମସଲା ଗୁଣ୍ଡ ଓ ଲଙ୍କା ଗୁଣ୍ଡ, ଚିକ୍ସ ପାଉଡର ନଚେତ୍ କନ୍‌ଫ୍ଲୋର୍ (ଚାହିଁଲେ ଚାଉଳ ଚୁନା ନେଇ ପାରିବେ) ଛାଣିବା ପାଇଁ ରିଫାଇନ ତେଲ, ସ୍ୱାଦ ଆନୁସାରେ ଲୁଣ ।

**ପ୍ରସ୍ତୁତି ପ୍ରଣାଳୀ:**ପ୍ରଥମେ ପିଆଜ ଶଣ୍ଢାକୁ ଛୋଟଛୋଟ କାଟି ନେବେ । ସମସ୍ତ ସାମଗ୍ରୀକୁ ଚିକ୍ସ ପାଉଡର ଓ ଲୁଣ ମିଶାଇ ଭଲ ଭାବେ ଗୋଳେଇ ଦେବେ ।

କଢେଇରେ ତେଲ ଗରମ କରି ବ୍ରାଉନ କଲର ହେବା ପର୍ଯ୍ୟନ୍ତ ଛାଣିବେ । ଗରମ ଗରମ ଥିବା ସମୟରେ ଟମାଟୋ ସସ୍ ଦେଇ ଖାଆନ୍ତୁ ଓ ଖୁଆନ୍ତୁ । ଯଦି ଚାଉଳ ଚୁନା ମିଶାନ୍ତି ତାଓ୍ୱାରେ ତେଲ ଦେଇ ଛୋଟ ଛୋଟ ବରା ଆକାରରେ ଭାଜି ନେବେ । (ଚାଉଳ ଚୁନା ଦେଇ ଛାଣିଲେ କୁଡୁକୁଡୁ ହୁଏନାହିଁ) ଭାଜିଲେ ବି ଭଲଲାଗେ । ତେଣୁ ତ କୁହାଯାଏ – 'ପିଆଜ ଶଣ୍ଢା ଭଜା, ଖାଇବାକୁ ଲାଗେ ଭାରି ମଜା ।'



# ରତିଙ୍କ ରାନ୍ଧଣା


## ରତିକାନ୍ତ ପାତ୍ର

ଫ୍ଲାଟ୍ ନଂ-୭, ତୃତୀୟ ମହଲା, ଡିଲାଇଟ୍ ଆପାର୍ଟମେଣ୍ଟ୍, ହ୍ୱାଇଟ୍ ଟାଉନ୍, ପୁଡୁଚେରୀ-୬୦୫୦୦୧, ଫୋନ:୯୯୦୨୭ ୭୪୩୯୧


ଫଟୋ ସୌଜନ୍ୟ: ଲେଖକ

**ଟମାଟୋକୁ ଭଲ ଭାବେ ଧୋଇ ଚାରି ଖଣ୍ଡ କରି କାଟି ନିଅନ୍ତୁ । ଏବେ କଢ଼ାଇ ଗରମ କରି ସେଥିରେ ତେଲ ଦେଇ ସମସ୍ତ ଗୋଟା ମସଲା, ଗୋଟା ଜୀରା, ଗୋଟା ସୋରିଷ, ଶୁଖିଲା ଲଙ୍କା, ମେଥି, ପାନ ମହୁରୀ, ଗୋଲ ମରିଚ, ତେଜପତ୍ରର ଛୁଙ୍କ ପ୍ରସ୍ତୁତ କରନ୍ତୁ । ସେଥିରେ କଟା ଟମାଟୋକୁ ପକାଇ ଭଲ ଭାବେ ମିଶେଇ ନିଅନ୍ତୁ ଏବଂ କିଛି ସମୟ କସି ନିଅନ୍ତୁ ।**



◄ ଲେଖକ ରତିକାନ୍ତ ପାତ୍ର



### ରୂପାଚାନ୍ଦି ମାଛ ଝୋଳ

**ଆବଶ୍ୟକ ସାମଗ୍ରୀ :** ରୂପାଚାନ୍ଦି ମାଛ (୫୦୦ ଗ୍ରାମ), ବଡ଼ ପିଆଜ (୨ -୩ ଟା); ଅଦା (୧ ଛୋଟ ଖଣ୍ଡ); ରସୁଣ (୮-୧୦ କୋଳ); ଗୋଟା ଜିରା; ଗୋଟା ଧଣିଆ; ଶୁଖିଲା ଲଙ୍କା; ଡାଲଚିନି; ଅଳେଇଚ; ଗୁଜରାତି; ତେଜ ପତ୍ର; ଗୋଲ ମରିଚ, ଜିରା ଗୁଣ୍ଡ; ଧଣିଆ ଗୁଣ୍ଡ; କାଶ୍ମିରୀ ଲଙ୍କା ଗୁଣ୍ଡ; ଲଙ୍କା ଗୁଣ୍ଡ; ଗରମ ମସଲା ଗୁଣ୍ଡ; ହଳଦୀ ଗୁଣ୍ଡ; କସ୍ତୁରୀ ମେଥି, ସୋରିଷ ତେଲ; ଲୁଣ; ଚିନି; ସଜ ଧଣିଆ ପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ରୂପାଚାନ୍ଦି ମାଛକୁ ପରିଷ୍କାର କରି ଧୋଇ ପାଣି ବାହାର କରି ରଖନ୍ତୁ । ସେଥିରେ ଲୁଣ, ହଳଦୀ, ତେଲ, ଓ ଲଙ୍କା ଗୁଣ୍ଡ ଭଲ ଭାବେ ଗୋଳେଇ ନିଅନ୍ତୁ ଓ କିଛି ସମୟ ରଖି ଦିଅନ୍ତୁ । ଏଥର ଏହି ମାଛକୁ ନେଇ ଗରମ ସୋରିଷ ତେଲରେ ଛାଣି ନିଅନ୍ତୁ ଅଥବା ଆପଣ ଚାହିଁଲେ ତାୱାରେ ଭଲ ଭାବେ ଭାଜି ବି ପାରିବେ । ଏଠାରେ ଗୋଟିଏ କଥା ମନେ ରଖିବେ, ଏହି ମାଛରୁ ଇଲିସି ମାଛ ଭଳିଆ ବହୁତ ପରିମାଣରେ ତେଲ ବାହାରେ । ତେଣୁ ଅଳ୍ପ ତେଲ ବ୍ୟବହାର କରିଲେ ବି ହେବ । ମାଛ ଭଜା ହେବା ଭିତରେ, ପିଆଜ, ଅଦା, ରସୁଣ, ଓ ଅନ୍ୟାନ୍ୟ ଗୋଟା ମସଲା ଭଲ କରି ବାଟି ଦିଅନ୍ତୁ । ବଟା ଯେମିତି ଚିକ୍କଣ ହେବ ସେଇଥି ପାଇଁ ଧ୍ୟାନ ଦେବେ । ବର୍ତ୍ତମାନ ଗୋଟେ କଢ଼ାଇ ନେଇ ସେଥିରେ କିଛି ସୋରିଷ ତେଲ (ଓ ମାଛରୁ ବାହାରି ଥିବା ତେଲ) ଗରମ କରି ନିଅନ୍ତୁ । ଗରମ ତେଲରେ ତେଜ ପତ୍ର, ଓ ଅନ୍ୟାନ୍ୟ ଗୋଟା ମସଲା ପକାଇ କିଛି ସମୟ ଭାଜନ୍ତୁ । ଏହା ପରେ ଏଥିରେ ପିଆଜକୁ ସରୁ ସରୁ କରି କାଟି ଖଇରିଆ ରଙ୍ଗ ହେଲା ପର୍ଯ୍ୟନ୍ତ ଭାଜନ୍ତୁ । ଏଥର ବଟା ହେଇଥିବା ମସଲାକୁ ପକାଇ ପାଣି ଛାଡ଼ିଲା ପର୍ଯ୍ୟନ୍ତ କସନ୍ତୁ । ଏହା ପରେ ସରୁ ସରୁ କଟା ହେଇଥିବା ଟମାଟୋକୁ କସା ମସଲାରେ ମିଶାଇ ଆଉ ଟିକିଏ କସନ୍ତୁ । ମସଲା ଟମାଟୋ ଭଲ କରି କସା ହେଇ ଗଲା ପରେ ସମସ୍ତ ଗୁଣ୍ଡ ମସଲା ଏବଂ ସ୍ୱାଦ ଅନୁସାରେ ଲୁଣ ଦେଇ ଭଲ ଭାବେ କସି ନିଅନ୍ତୁ । ଇତି ମଧ୍ୟରେ କିଛି କସ୍ତୁରୀ ମେଥି ଓ ଧଣିଆ ପତ୍ରକୁ ପକେଇବା ପାଇଁ ଭୁଲିବେନି । ଏ ସବୁ ଭଲ ଭାବେ ମିଶି ଗଲା ପରେ ବା କସି ହେଇଗଲା ପରେ ଆବଶ୍ୟକ ଅନୁଯାୟୀ ପାଣି ଦେଇ ଫୁଟେଇ ଦିଅନ୍ତୁ । ବର୍ତ୍ତମାନ ଝୋଳ ପ୍ରସ୍ତୁତ ହେଇ ଯାଇଛି । ଏଥର ଏହି ଝୋଳରେ ଭଜା ବା ଛଣା ମାଛ ପକେଇ ଢାଙ୍କୁଣୀ ଘୋଡ଼େଇ ଦିଅନ୍ତୁ । ୧୦-୧୨ ମିନିଟ କମ ଆଂଚରେ ଫୁଟିବା ପାଇଁ ଛାଡ଼ି ଦିଅନ୍ତୁ । ଢାଙ୍କୁଣୀ ଖୋଲା ହେଲା ପରେ ସେଥିରେ କିଛି ଅଳେଇଚ ଏବଂ ଡାଲଚିନିକୁ ଭାଜି ଓ ଗୁଣ୍ଡ କରି ବିଞ୍ଚି ନିଅନ୍ତୁ । ବର୍ତ୍ତମାନ ସଜ ଧଣିଆ ପତ୍ରକୁ ଟିକି ଟିକି କରି କାଟି ତରକାରୀ ଉପରେ ବିଞ୍ଚି ନିଅନ୍ତୁ । ଆପଣଙ୍କ ରୂପାଚାନ୍ଦି ମାଛ ଝୋଳ ପ୍ରସ୍ତୁତ । ଗରମ ଗରମ ଭାତ ସହ ପରଷି ଦିଅନ୍ତୁ ।

### ଟମାଟୋ ଖଟା

**ଆବଶ୍ୟକ ସାମଗ୍ରୀ :** ଟମାଟୋ -୫/୬ ମଧ୍ୟମ ଧରଣ; ପାଚିଲା କଦଳୀ- ୨ଟା; ଖଜୁରୀ-୮/୧୦ ଟା; କିସମିସ -୧୦/୧୫ ଟା, ଗୋଟା ଜୀରା; ଗୋଟା ସୋରିଷ; ଶୁଖିଲା ଲଙ୍କା; ମେଥି, ପାନ ମହୁରୀ; ଗୋଲ ମରିଚ; ତେଜ ପତ୍ର, ଗୁଣ୍ଡ ମସଲା: ଜିରା ଗୁଣ୍ଡ; ଲଙ୍କା ଗୁଣ୍ଡ; ହଳଦୀ ଗୁଣ୍ଡ; ଲୁଣ; ହିଙ୍ଗୁ । ଅନ୍ୟାନ୍ୟ ସାମଗ୍ରୀ: ସୋରିଷ ତେଲ; ଗୁଡ଼; ସଜ ଧଣିଆ ପତ୍ର; ଭୃସଙ୍ଗ ପତ୍ର ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ପାଚିଲା କଦଳୀକୁ ଗୋଲ ଗୋଲ କରି କାଟି ନିଅନ୍ତୁ ଏବଂ ତାହାକୁ ଗରମ ତେଲରେ ହାଲୁକା ଖଇରିଆ ରଙ୍ଗ ହେଲା ପର୍ଯ୍ୟନ୍ତ ଛାଣି ଦିଅନ୍ତୁ । ଏହା ପରେ କିସ୍‌ମିସ୍ ଓ ଖଜୁରୀକୁ ବି ହାଲୁକା ତେଲରେ ଭାଜି ବା ଛାଣି ନିଅନ୍ତୁ ଏବଂ ବାହାର କରି ଅନ୍ୟତ୍ର ରଖି ଦିଅନ୍ତୁ । ବର୍ତ୍ତମାନ ଟମାଟୋକୁ ଭଲ ଭାବେ ଧୋଇ ଚାରି ଖଣ୍ଡ କରି କାଟି ନିଅନ୍ତୁ । ଏବେ କଢ଼ାଇ ଗରମ କରି ସେଥିରେ ତେଲ ଦେଇ ସମସ୍ତ ଗୋଟା ମସଲା, ଗୋଟା ଜୀରା, ଗୋଟା ସୋରିଷ, ଶୁଖିଲା ଲଙ୍କା, ମେଥି, ପାନ ମହୁରୀ, ଗୋଲ ମରିଚ, ତେଜପତ୍ର ଇତ୍ୟାଦିର ଛୁଙ୍କ ପ୍ରସ୍ତୁତ କରନ୍ତୁ ଏବଂ ସେଥିରେ କଟା ଟମାଟୋକୁ ପକାଇ ଭଲ ଭାବେ ମିଶେଇ ନିଅନ୍ତୁ ଏବଂ କିଛି ସମୟ କସି ନିଅନ୍ତୁ । ହାଲୁକା ପାଣି ଶୁଖି ଗଲା ପରେ ସେଥିରେ ଆଗରୁ ଭଜା ହେଇଥିବା ପାଚିଲା କଦଳୀ, କିସ୍‌ମିସ୍, ଓ ଖଜୁରୀକୁ ମିଶାଇ ଆଉ କିଛି ସମୟ ରନ୍ଧା ହେବା ପାଇଁ ଛାଡ଼ି ଦିଅନ୍ତୁ । ଏଥର ଗୁଣ୍ଡ ମସଲା ଓ ଲୁଣ ଦେଇ ଭଲ ଭାବେ ମିଶେଇ ନିଅନ୍ତୁ । ଏ ସବୁ ମିଶ୍ରଣ ହାଲୁକା କସି ହେଲା ପରେ ଏଥିରେ ଗୁଡ଼ ସ୍ୱାଦ ଅନୁସାରେ ମିଶେଇ ଆଉ କିଛି ସମୟ ପାଇଁ ଚୁଲିରେ ଅଳ୍ପ ଆଞ୍ଚରେ ରାନ୍ଧନ୍ତୁ । ଗୁଡ଼ରୁ ପାଣି ଶୁଖିଲା ପର୍ଯ୍ୟନ୍ତ ଚୁଲିରେ ରଖନ୍ତୁ । ବର୍ତ୍ତମାନ ଶେଷ ଛୁଙ୍କ ପ୍ରସ୍ତୁତ କରିବା । ଅନ୍ୟ ଏକ ପାତ୍ରରେ କିଛି ସୋରିଷ ତେଲ ନିଅନ୍ତୁ ଏବଂ ସେଥିରେ ଶୁଖିଲା ଲଙ୍କା, ଭୃସଙ୍ଗ ପତ୍ର, ଜୀରା, ସୋରିଷ ଏବଂ ହିଙ୍ଗୁ ଦେଇ ଛୁଙ୍କ ପ୍ରସ୍ତୁତ କରନ୍ତୁ ଓ ଅବିଳମ୍ବେ ପୂର୍ବରୁ ପ୍ରସ୍ତୁତ ହେଇଥିବା ମିଶ୍ରଣରେ ପକେଇ ଢାଙ୍କୁଣୀ ବନ୍ଦ କରି ଦିଅନ୍ତୁ । ଆପଣଙ୍କ ଟମାଟୋ ଖଟା ପ୍ରସ୍ତୁତ ହେଇ ଯାଇଛି । ଉପରେ କିଛି କଟା ଧଣିଆ ପତ୍ର ଦେଇ ପରଷି ଦିଅନ୍ତୁ ।



# ସଚ୍ଚା ଆନନ୍ଦ ଓ ସୃଜନାନନ୍ଦ

ଲେଖାଲେଖି କରୁଥିବା ଆମେ ସମସ୍ତେ କେଉଁଠି ନା କେଉଁଠି ଆମର ସର୍ଜନାତ୍ମକ ଗୁଣର ପରିପ୍ରକାଶ ମାଧ୍ୟମରେ ଆନନ୍ଦ ବିତରି ଥାଉଁ ଏବଂ ଆନନ୍ଦ ପାଇଥାଉ ମଧ୍ୟ । ସର୍ଜନାତ୍ମକ ଗୁଣ ଆମ ପାଖରେ ରହିଥିବା ହେତୁ ଆମେ ଲେଖାଲେଖି ଦିଗରେ ମନୋନିବେଶ କରିବା ସହିତ ଆମର ଏକ ସ୍ୱତନ୍ତ୍ର ପାଠକବର୍ଗ ଗଢ଼ିଥାଉଁ । ବସ୍ତୁତଃ ଏମାନେ ହିଁ ଆମକୁ ଆନନ୍ଦ ପ୍ରଦାନ କରିଥାନ୍ତି । ପ୍ରତି ବଦଳରେ ଆମେ ଆମର ଲେଖା ମାଧ୍ୟମରେ ସେମାନଙ୍କୁ ଆନନ୍ଦ ଦେଇଥାଉଁ ।


ସାହିତ୍ୟର ମୂଳ ଲକ୍ଷ୍ୟ ହିଁ ଆନନ୍ଦ ଦେବା । ପାଠକଙ୍କୁ ଆନନ୍ଦ ଦେବା ସହିତ, ସେମାନଙ୍କୁ ଏକ ଭିନ୍ନ ଜଗତକୁ ଘେନିଯିବା । ଦୈନନ୍ଦିନ ଜୀବନଚର୍ଯ୍ୟା ଭିତରେ ହନ୍ତସନ୍ତ ହେଉଥିବାରୁ କିଛି ଲୋକ ପଠନାନନ୍ଦ ଲଭିବାକୁ ବହି ବା ପତ୍ରପତ୍ରିକା ପଢ଼ିବାର ଏକ ସତ୍ ମାର୍ଗ ଆପଣେଇଥାନ୍ତି । ଆଉ ଏଇ ବହି ବା ପତ୍ରପତ୍ରିକା ହିଁ ଲେଖକଲେଖିକାଙ୍କ ସୃଷ୍ଟିର ସମାହାର । ସୁତରାଂ ଲେଖକଟିଏ ତା'ର ଲେଖା ମାଧ୍ୟମରେ ଯେଉଁ ବ୍ୟକ୍ତିକୁ ଆନନ୍ଦ ବିତରି ପାରିଲା, ସେ ତା'ର ପାଠକ ହୋଇ ଆଜୀବନ ତା' ସହିତ ବାନ୍ଧି ହୋଇ ରହିଲା । ଏମିତି ହିଁ ଲେଖକଙ୍କର ଏକ ବୃହତ୍ ପାଠକ ସମାଜ ତିଆରି ହୁଏ ଏବଂ ଉକ୍ତ ଲେଖକ ସେଇ ବୃହତ୍ ପାଠକ ସମାଜ ବଳରେ ନିଜର ପ୍ରସିଦ୍ଧି ଅର୍ଜେଥାଏ । ପାଠକ ବିନା ଲେଖକର କୌଣସି ଅସ୍ତିତ୍ୱ ଥାଏ କି ? ଯେଉଁମାନେ କହନ୍ତି, ଆମେ କାହା ପାଇଁ ଲେଖୁନା, ନିଜ ପାଇଁ ଲେଖୁ- ସେମାନଙ୍କ ପରି ବଡ଼ ଛଳନାଶ୍ରୟୀ ଆଉ କିଏ ଥାଇପାରେ ! ଆପଣ ଯେତେ ଅସ୍ୱୀକାର କଲେ ମଧ୍ୟ, କେହି ନା କେହି ଆପଣଙ୍କ ଲେଖାଟିକୁ ପଢୁ ଏବଂ ଆପଣଙ୍କୁ କହୁ ଯେ, ଆପଣଙ୍କ ଲେଖା ପଢ଼ି ମୁଗ୍ଧ ହେଲି । ଏତିକି ପ୍ରତ୍ୟାଶା ତ ଆମ ଭିତରେ ରହିଛି ଓ ରହିଥିବ ଯେଯାଏଁ ଆମେ ଲେଖକ ବୋଲାଉଥିବା । ପାଠକଟିଏ ଆମ ଲେଖାରୁ ଯଦି ସେ ଚାହୁଁଥିବା କଥାଟିକୁ ଅକସ୍ମାତ ପାଇଯାଏ, ତେବେ ଚରମ ଆନନ୍ଦ ପାଇଥାଏ ଏବଂ ଏଇ ଆନନ୍ଦାନୁଭବକୁ ସେ ଜଣାଇବା ପାଇଁ ଲେଖକଟି ସହିତ କଥାହୁଏ । ଏଠି ଲେଖକ ବି ଆନନ୍ଦ ପାଏ, ପାଠକ ବି ଆନନ୍ଦ ପାଏ । ତେଣୁ ସାହିତ୍ୟ-ସର୍ଜନାର ମୂଳମନ୍ତ୍ର ଆନନ୍ଦ ପ୍ରଦାନ କରିବା ବୋଲି ଆମେ କହିପାରିବା ।

କିଛିଦିନ ତଳେ ବାଲେଶ୍ୱର ଅଞ୍ଚଳର ଜଣେ ଲେଖିକା କଥା ଛଳରେ ମୋତେ ଯାହା ବଖାଣିଲେ, ତା'ର ଅର୍ଥ ହେଲା, ତାଙ୍କର ଲେଖାଟିଏ (ଗପ/କବିତା) ପତ୍ରିକାରେ ପ୍ରକାଶିତ ହେଲେ କେହି ପାଠକ ତାଙ୍କୁ ଜଣାଉ ନାହାନ୍ତି । ଏପରିକି ସେ ଜାଣିଥିବା ଓ ଚିହ୍ନିଥିବା ଲେଖକମାନେ ମଧ୍ୟ ତାଙ୍କର ଲେଖାକୁ ପଢ଼ନ୍ତି ନାହିଁ କି ପଢ଼ିବା ପରର ପ୍ରତିକ୍ରିୟା ଜଣାନ୍ତି ନାହିଁ । ଅଥଚ ଉକ୍ତ ଲେଖିକା ଜଣକ ସେମାନଙ୍କ ଲେଖାକୁ ପଢ଼ିବା ମାତ୍ରେ ପାଠକୀୟ ପ୍ରତିକ୍ରିୟା ନିୟମିତ ଜଣାନ୍ତି । ଏପରି କାହିଁକି ହୁଏ ବୋଲି ତାଙ୍କର ପଶ୍ନଟି ଏବେ ମୋତେ ମଧ୍ୟ ଘାରିଛି । ମୁଁ ଆପଣମାନଙ୍କୁ ପଚାରିବାକୁ ଚାହେଁ ଯେ, ଯଦି ଆପଣ ଲେଖାଟିଏ ପଢ଼ିଲେ ଏବଂ ଲେଖାଟି ଆପଣଙ୍କୁ ଆନନ୍ଦ ପ୍ରଦାନ କଲା ବା ଭଲ ଅନୁଭବ ଦେଲା, ତେବେ ଆପଣ ସଂପୃକ୍ତ ଲେଖକଙ୍କୁ ସେ କଥା ଅବଗତ କରାଇ ଲେଖକଟିକୁ ସାମାନ୍ୟ ଆନନ୍ଦ ଦେଇପାରିବେ ନାହିଁ କାହିଁକି ? ଏହାର ମୂଳ କାରଣ କ'ଣ ?

ଅନେକଙ୍କ ସହ କଥାବାର୍ତ୍ତା କରି ଯାହା ଜାଣିବାକୁ ମିଳିଲା, ତାହା ହେଲା, ଆମର ଏଠି କିଛି ନିରୁତା ପାଠକ ଥାଆନ୍ତି । ସେମାନଙ୍କ ସଂଖ୍ୟା କମ୍, ବେଶି ଭାଗ ପାଠକ ହେଲେ ଲେଖକ ଶ୍ରେଣୀୟ । ତେଣୁ ଲେଖକଟିଏ ପାଠକର ଭୂମିକାରେ ଥିବା ବେଳେ ନିଜର ଲେଖକୀୟ ଅହଂକୁ ତ୍ୟାଗ ନକରିବା ହେତୁ ଆଉ ଜଣେ ଲେଖକର ଲେଖାକୁ ଭଲ କହିବା ସମ୍ଭବ ହୋଇ ନଥାଏ । କୁଣ୍ଠା ଥାଏ । ଅବଶ୍ୟ ସବୁ ଲେଖକ ଏ ଶ୍ରେଣୀରେ ଯିବେ ନାହିଁ । ଅନେକ ଲେଖକ ତା'ର ସହ-ଲେଖକ ବା ସମସାମୟିକ ଲେଖକ ବା ବରିଷ୍ଠ ଲେଖକର ଲେଖାଟିଏ ପଢ଼ି ଆନନ୍ଦ ଲାଭ କଲେ ବେଶ୍ ପ୍ରଶଂସା କରି ଚିଠି ଲେଖନ୍ତି ନତୁବା ଫୋନ୍ କରି ଶୁଭେଚ୍ଛା ଜଣାନ୍ତି । ଏ କ୍ଷେତ୍ରରେ ବିଶିଷ୍ଟ ଗାଳ୍ପିକ ରାମଚନ୍ଦ୍ର ବେହେରା ସର୍ବାଗ୍ରେ ରହିବେ । ତେବେ ଆଉ କିଛି ଶ୍ରେଣୀର ଲେଖକ ଅଛନ୍ତି, ସେମାନେ ମତାମତ ତ ଜଣାନ୍ତି, କିନ୍ତୁ ନିର୍ଦ୍ଦିଷ୍ଟ ଲେଖକଙ୍କୁ କେବଳ, ସମସ୍ତଙ୍କୁ ନୁହେଁ । ଏଇ ଲେଖକମାନେ ଗ୍ରୁପିଜିମ୍ ଭିତରେ ଥିବା କଥାକୁ ମଧ୍ୟ ଏଡ଼ାଇ ହେବ ନାହିଁ । ଆଉ ଏହି ଗ୍ରୁପିଜିମ୍ କଥାଟିକୁ ବେଶି ପ୍ରାଞ୍ଜଳ କରିଛି ଆଜିର ବହୁ ପ୍ରଚଳିତ ଫେସ୍‌ବୁକ୍ । ଆପଣ ଦେଖିବେ ଫେସ୍‌ବୁକ୍‌ରେ ପୋଷ୍ଟ୍ ହୋଇଥିବା କୌଣସି ନିର୍ଦ୍ଦିଷ୍ଟ ଲେଖକର ଲେଖାକୁ ବରାବର କିଛି ନିର୍ଦ୍ଦିଷ୍ଟ ଲେଖକ/ପାଠକ (ଫ୍ରେଣ୍ଡ) ହିଁ କମେଣ୍ଟ୍ କରିଥାନ୍ତି । ସେମାନେ ଅନ୍ୟ ଲେଖକର ପୋଷ୍ଟ୍ ଆଡ଼କୁ ଆଡ଼ ଆଖିରେ ସୁଦ୍ଧା ଅନାନ୍ତି ନାହିଁ । ତାହା ଯେତେ ଭଲ ହୋଇଥାଉ ନା କାହିଁକି ! ଏହା ଏକ ପ୍ରକାର ଅନୁଚିତ କାର୍ଯ୍ୟ ହୋଇଥିଲେ ହେଁ ଫେସ୍‌ବୁକ୍‌ରେ ଅନବରତ ଚାଲିଛି । ଫେସ୍‌ବୁକ୍ ବାହାରେ ମଧ୍ୟ ଏ ପ୍ରକାର ଗ୍ରୁପିଜିମ୍ ଚାଲିଛି । କୌଣସି ପତ୍ରିକାରେ ମୋର ଲେଖାଟିଏ ପ୍ରକାଶ ପାଇଗଲେ କିଛି ଲେଖକ ବନ୍ଧୁ ପଢ଼ି ମତାମତ ଦେବା ବଦଳରେ ଜିଜ୍ଞାସା କରିବେ: ଆପଣଙ୍କ ଲେଖାଟି ଝଙ୍କାରରେ କେମିତି ପ୍ରକାଶ ପାଇଲା ? ସେ ପତ୍ରିକାର ଇ-ମେଲ୍ ଆଇଡି ଅଛି କି ? ଆପଣ କାହା ପାଖକୁ ପଠାଇଥିଲେ ? ଏମିତି ଅନେକ ପ୍ରଶ୍ନବାଚୀ ଭିତରେ ବିଚରା ଆପଣ ଆପଣଙ୍କ ଲେଖା ପ୍ରକାଶନ ଜନିତ ଆନନ୍ଦଟିକୁ ସମାଧିସ୍ଥ କରି ସାରିଥିବେ ! ଲେଖକଟି ଭିତରେ କାହିଁକି ସର୍ବଦା ଥାଏ ଏକ ଅସହିଷ୍ଣୁ ପଣ ? କାହିଁକି ଗ୍ରହଣଶୀଳତା ନଥାଏ ? କାହିଁକି ଖୁସିଭାବ ନଥାଏ ଅନ୍ୟ ପାଇଁ ?

ସାହିତ୍ୟର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଆନନ୍ଦ ଦେବା ଏବଂ ଲୋକଙ୍କର ମନୋରଂଜନ କରିବା । ସାହିତ୍ୟ ଲୋକଙ୍କୁ କିଛି ବିଶେଷ ଶିଖାଏନା, ପରନ୍ତୁ ସେମାନଙ୍କ ଭାବନାକୁ ପ୍ରଭାବିତ କରିଥାଏ । ସାହିତ୍ୟର ଆନନ୍ଦ, ଐଶ୍ୱର୍ଯ୍ୟ ବା ଭୋଗବିଳାସର ଆନନ୍ଦ ଠାରୁ ଶ୍ରେଷ୍ଠ ଓ ପବିତ୍ର ହୋଇଥାଏ । ସାହିତ୍ୟର ଆନନ୍ଦ, ସୁନ୍ଦର ଓ ସତ୍ୟ ଉପରେ ଆଧାରିତ । ତେଣୁ ସାହିତ୍ୟ କର୍ମରେ ଲିପ୍ତ ଆମେ ମାନେ ଏହି ଆନନ୍ଦ ବିତରଣ କରିବା ବେଳେ ଏ କଥାକୁ ସ୍ମରଣରେ ରଖିଲେ, ଆମ ଭିତରକୁ ଈର୍ଷା, ଅସୂୟା ଭାବ ପ୍ରବେଶ କରି ପାରନ୍ତା ନାହିଁ ।

ସାହିତ୍ୟ, କଳ୍ପନାରେ ଡେଣା ଖଞ୍ଜେ । କଳ୍ପନାକୁ ମିଶାଇ ବାସ୍ତବ ଜୀବନର କିଛି ଅନୁଭବକୁ ଲେଖକ ତା'ର ଲେଖା ମାଧ୍ୟମରେ ଲୋକଙ୍କ ସାମ୍ନାରେ ପେଶ୍ କରେ । ଏହାର ଉଦ୍ଦେଶ୍ୟ ହିଁ ଆନନ୍ଦ ଦେବା । ସଚ୍ଚା ଆନନ୍ଦ ହେଉଛି ସତ୍ୟ ଆଉ ସୁନ୍ଦର । ସେହି ସତ୍ ଆନନ୍ଦଟିକକ ଉତ୍ପନ୍ନ କରିବା ହେଉଛି ସାହିତ୍ୟର ଲକ୍ଷ୍ୟ । ଆମେ ସାହିତ୍ୟ କରୁଥିବା ପ୍ରତିଟି ଲେଖକ ସତ୍ୟ ଓ ସୁନ୍ଦରକୁ ଆଧାର କରି ପାଠକଙ୍କୁ ଆନନ୍ଦ ବିତରଣ କରିବା ବିଧେୟ । ଏହାହିଁ ଆମର ସାମଗ୍ରିକ ଜୀବନକୁ କେବଳ ଆନନ୍ଦମୟ କରିବ ନାହିଁ । ଆମକୁ ଏକ ସତ୍ ମାର୍ଗ ଆଡ଼କୁ ଘେନିଯିବ ।





# FORM OF DECLARATION
## FORM-IV

I, **Subasini Jena,** declare that I am the printer and publisher of the Monthly Odia Magazine entitled "REBATI AMA MATIRA SWARA" Published from Mansingh Bazar, P.O. Motiganj, Dist. Balasore, Odisha and Printed at Print-Tech Offset Pvt. Ltd., F-66 /1 & F-66 / 2, Chandaka Industrial Area, P.O. KIIT, Bhubaneswar-751024, Odisha and the particulars in respect of the said magazine given under are true to the best of my knowledge and belief.

| | | |
|---|---|---|
| 1. | Title of the Magazine : | Rebati Ama Matira Swara |
| 2. | RNI Regd No. | ODIODI / 2018 / 78444 |
| 3. | Language in which it is to be published : | ODIA |
| 4. | Periodicity of its publication : | MONTHLY |
| 5. | Retail selling Price : | Rs. 50.00 (Per Copy) |
| 6. | Publisher's Name & Address : | SUBASINI JENA<br>Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001, |
| | Nationality : | INDIAN |
| 7. | Place of publication :<br>(please give complete postal address) | Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001, |
| 8. | Printer's Name & Address : | Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001, |
| 9. | Name of the printing press where printing is tobe conducted & true description of the premises on which the press is installed | Print-Tech Offset Pvt. Ltd., F-66/1 & F-66/2,<br>Chandaka Industrial Area<br>P.O. : KIIT, Bhubaneswar-751024, Odisha |
| 10. | Editor's Name :<br>Nationality :<br>Address : | SUBASINI JENA<br>INDIAN<br>Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001, |
| 11. | Owner's Name :<br>Please state the particulars of individual or of the firms, joint stock company, trust, Co-operative society or association which Owns the Magazine | SUBASINI JENA<br>Mansingh Bazar, P.O.: Motiganj<br>Dist : Balasore, Odisha, Pin : 756001<br>Rebati Media House Pvt. Ltd. |

Place : Balasore
Date : 01 / 03 / 2024

Sd/- **SUBASINI JENA**
Printer & Publisher



RUCHI
FOODLINE
Since 1976
Karlo Dosti Sehat Se...
ଫେଷ୍ଟିଭାଲ୍
ବୋନାଞ୍ଜା
ଅଫର୍
Kheer mix
Chaat Masala
Garam Masala
Fish Masala
Meat Masala
Dalma Powder
Curry Powder
Chicken Masala
ରୁଚି ମସଲା କିଣନ୍ତୁ, ଭାଗ୍ୟ ଚମକାନ୍ତୁ
*ଏହି ସ୍କିମ୍ 50 ଗ୍ରାମ୍ ଓ 100 ଗ୍ରାମ୍‌ର ରୁଚି କରି ପାଉଡ଼ର, ଚିକେନ୍ ମସଲା, ମିଟ୍ ମସଲା, 25 ଗ୍ରାମ୍ ଓ 50 ଗ୍ରାମ୍‌ର ଗରମ ମସଲା, 50 ଗ୍ରାମ୍‌ର ଚାଟ୍ ମସଲା, ଡାଲ୍‌ମା ପାଉଡ଼ର, ଫିସ୍ ମସଲା ଏବଂ 300 ଗ୍ରାମ୍‌ର କ୍ଷୀର୍‌ମିକ୍ସ ପ୍ୟାକ୍ ଉପରେ ବୈଧ ।
ଲକି ଡ୍ରରେ ଭାଗନେବା ପାଇଁ
ଷ୍ଟେପ୍-1
ରୁଚି ପ୍ୟାକ୍ ଭିତରେ ଥିବା "WINNING CODE" ଟିକୁ ଖୋଜନ୍ତୁ
ଷ୍ଟେପ୍-2
STATE NAME ଓ "WINNING CODE" କୁ ଲେଖି 72310 06006 ରେ SMS କରନ୍ତୁ
ବମ୍ପର ପୁରସ୍କାର
3ଟି କାର୍
30ଟି ଇ-ସ୍କୁଟର
ଦୈନିକ ପୁରସ୍କାର
ସୁନା କଏନ୍
ରୂପା କଏନ୍
ସ୍ମାର୍ଟ ୱାଚ୍*
ଗୁଣବତ୍ତା
ବିଶ୍ୱାସନୀୟତା
ଶୁଦ୍ଧତା
ଅନ୍‌ଲାଇନ୍‌ରେ କିଣନ୍ତୁ amazon | Flipkart ରୁ
www.ruchifoodline.com

The REBATI AMA MATIRA SWARA ● March 2024 Vol - 6 Issue - 05 ● R.N.I. REGD. No. : ODIODI/2018/78444 ● Postal Regn. No - Balasore (Orissa)/ 02/2023-2024 ● Rs. 50
Total Page : 108




Associate editor : **Krushna Kumar Mohanty**
Editor : **Subasini Jena**